# ଓଡ଼ିଆ ଚତୁର୍ଥ ପାଠ୍ୟ-ପୁସ୍ତକ।

ଜବଲପୁର ମେଲ ନର୍ମାଲ ସ୍କୁଲର
ସୁପରଣ୍ଟେଣ୍ଡେଣ୍ଟ ପଣ୍ଡିତ ଶ୍ରୀ ବନାୟକ ଗର୍ଦେଙ୍କ କୃତ ହିନ୍ଦୀ
ଚତୁର୍ଥ ପାଠ୍ୟ-ପୁସ୍ତକରୁ

ମଧ୍ୟପ୍ରଦେଶୀୟ ଶିକ୍ଷା-ବିଭାଗର ଇନସ୍ପେକ୍ଟର ଜେନେରାଲ
ଶ୍ରୀଯୁକ୍ତ [illegible] ଏଲେକଜାଣ୍ଡର ମନ୍‌ରୋ ଏମ୍.ଏ.,
ବି: ସି: ଏଲ୍; ବେରିଷ୍ଟର. ଏଟ୍-ଲଙ୍କ
ଆଜ୍ଞାନୁସାରେ ଉତ୍କଳ ଭାଷାରେ
ଭାଷାନ୍ତରିତ।

ମୁନସି ନେଉଲଚଶୋଭଙ୍କ ଦ୍ୱାରା ପ୍ରକାଶିତ।
୧୯୦୯

ପ୍ରଥମ ସଂସ୍କରଣ

କଟକ ମିଶନ ଯନ୍ତ୍ରାଳୟରେ ମୁଦ୍ରିତ।
୧୯୦୯

# ସୂଚୀପତ୍ର ।


| ପାଠ | ବିଷୟ | ପୃଷ୍ଠା |
|---|---|---|
| ୧ | ଈଶ୍ୱର ସ୍ତବ (ପଦ୍ୟ) .. .. .. | ୧ |
| ୨ | ଶ୍ରୀମତୀ ମହାରାଣୀ ଭିକ୍ଟୋରିୟା .. .. | ୪ |
| ୩ | ସିଂହ ଓ ଗଣ୍ଡା .. .. .. .. | ୭ |
| ୪ | ଗାଈ ବଳଦ .. .. .. .. | ୯ |
| ୫ | ଭୌଗୋଳିକ ବିଷୟ (୧) .. .. .. | ୧୧ |
| ୬ | ସ୍ୱାସ୍ଥ୍ୟରକ୍ଷା ୭ମ ଭାଗ .. .. .. | ୧୫ |
| ୭ | କୃଷିବିଦ୍ୟା ୭ମ ଭାଗ । ମୃତ୍ତି .. .. .. | ୧୭ |
| ୮ | ଗ୍ରୀଷ୍ମ, (ପଦ୍ୟ) .. .. .. .. | ୧୯ |
| ୯ | ସିକନ୍ଦର ଏବଂ ପୌରବଙ୍କ ଯୁଦ୍ଧ .. .. | ୨୦ |
| ୧୦ | ଜଣେ ବୃଦ୍ଧ ଲୋକ ଓ ତାହାର ବଳଦ .. .. | ୨୩ |
| ୧୧ | ନିମ୍ନଶ୍ରେଣୀସ୍ଥ ଲୋକମାନଙ୍କର ବସତିମାନ .. | ୨୫ |
| ୧୨ | ସ୍ୱାସ୍ଥ୍ୟରକ୍ଷା ୮ମ ଭାଗ । ବାୟୁ ପରିଷ୍କରଣ .. | ୨୮ |
| ୧୩ | କୃଷିବିଦ୍ୟା ୮ମ ଭାଗ । ଉତ୍ତମ ବୀଜ ବା ବିହନ .. | ୩୦ |
| ୧୪ | ସଦୁପଦେଶ (ପଦ୍ୟ) .. .. .. | ୩୩ |
| ୧୫ | ପବନ ଏବଂ ବୃଷ୍ଟି; ୧ମ ଭାଗ । ପବନ .. .. | ୩୫ |
| ୧୬ | ବାଲ୍ୟ ଶାସନ .. .. .. .. | ୩୯ |
| ୧୭ | ମୁଦ୍ରା .. .. .. .. | ୪୧ |
| ୧୮ | କଲିକତା, ବୋମ୍ବାଇ ଓ ମାନ୍ଦ୍ରାଜ (୧୧) .. | ୪୩ |
| ୧୯ | ସ୍ୱାସ୍ଥ୍ୟରକ୍ଷା ୯ମ ଭାଗ । ନିଦ୍ରା .. .. | ୪୬ |
| ୨୦ | କୃଷିବିଦ୍ୟା ୯ମ ଭାଗ । ବୃକ୍ଷର ଖାଦ୍ୟ .. .. | ୪୮ |

| ପାଠ | ବିଷୟ | ପୃଷ୍ଠା |
|---|---|---|
| ୨୧ | ନୀତି ଉପଦେଶ ୧ମ (ପଦ୍ୟ) .. .. | ୫୨ |
| ୨୨ | ଦୁର୍ଗାବତୀ ରାଣୀ .. .. .. .. | ୫୩ |
| ୨୩ | ଇଂରାଜ ରାଜ୍ୟରୁ ଭାରତବର୍ଷର ଲାଭ .. .. | ୫୫ |
| ୨୪ | ଅଶ୍ରୁ ବା ଲୁଣାଇ .. .. .. | ୫୭ |
| ୨୫ | ମାନ୍ଦ୍ରାଜ କର୍ଣ୍ଣାଟକ ଏବଂ ଦକ୍ଷିଣ ଦେଶାଧିକାର .. | ୫୯ |
| ୨୬ | ସ୍ୱାସ୍ଥ୍ୟରକ୍ଷା ୧୦ମ ଭାଗ । ଗୃହ ପରିଷ୍କରଣ .. | ୬୩ |
| ୨୭ | କୃଷିବିଦ୍ୟା ୧୦ମ ଭାଗ । ବୃକ୍ଷର ଖାଦ୍ୟ .. .. | ୬୫ |
| ୨୮ | ନୀତି ଉପଦେଶ ୨ୟ (ପଦ୍ୟ) .. .. .. | ୬୮ |
| ୨୯ | ଘୋଡ଼ା .. .. .. .. | ୬୯ |
| ୩୦ | ପବନ ଏବଂ ବୃଷ୍ଟି ; ୨ୟ ଭାଗ .. .. | ୭୨ |
| ୩୧ | କ୍ରୋଧ ଦମନ .. .. .. .. | ୭୭ |
| ୩୨ | ବଙ୍ଗ ଦେଶ .. .. .. .. | ୭୮ |
| ୩୩ | ସ୍ୱାସ୍ଥ୍ୟରକ୍ଷା ୧୧ଶ ଭାଗ । .. .. .. | ୮୨ |
| ୩୪ | କୃଷିବିଦ୍ୟା ୧୧ଶ ଭାଗ । ଶସ୍ୟର ପୁଷ୍ଟି-ରକ୍ଷା .. | ୮୭ |
| ୩୫ | ପାଠ ନୀତି ଉପଦେଶ ୩ୟ (ପଦ୍ୟ) .. .. | ୮୯ |
| ୩୬ | ଇନ୍ଦ୍ରଧନୁ .. .. .. .. | ୯୦ |
| ୩୭ | ସତ୍ୟତା .. .. .. .. | ୯୨ |
| ୩୮ | ଲବଙ୍ଗ ଓ ଏଲାଇଚ .. .. .. | ୯୫ |
| ୩୯ | ରାଜ୍ୟ ଶାସନ .. .. .. .. | ୯୭ |
| ୪୦ | ସ୍ୱାସ୍ଥ୍ୟରକ୍ଷା ୧୨ଶ ଭାଗ । ରୋଗ .. .. | ୧୦୧ |
| ୪୧ | କୃଷିବିଦ୍ୟା ୧୨ଶ ଭାଗ । କୃଷକର ଅସ୍ତ୍ରଶସ୍ତ୍ର .. | ୧୦୫ |
| ୪୨ | ନୀତି ଉପଦେଶ ୪ର୍ଥ (ପଦ୍ୟ) .. .. | ୧୧୧ |
| ୪୩ | ଚିଲ ଭାଇଁର ଦ୍ୱାର .. .. .. | ୧୧୨ |

| ପାଠ | ବିଷୟ | ପୃଷ୍ଠା |
|---|---|---|
| ୪୪ | ଧାତୁମଣ୍ଡଳ ବା ଧାତୁବାଦ ସମ୍ରାଜ୍ଞୀଙ୍କ ବିବର .. | ୧୧୪ |
| ୪୫ | ଏକେଶ୍ୱର ଉପାସନା .. .. .. | ୧୧୬ |
| ୪୬ | ଭୂ-ଏଲବସନ୍ .. .. .. .. | ୧୧୯ |
| ୪୭ | ସ୍ୱାସ୍ଥ୍ୟରକ୍ଷା ୧୩ଶ ଭାଗ । ହାଇଜା ବା ଓଲଉଠା .. | ୧୨୩ |
| ୪୮ | କୃଷିବିଦ୍ୟା ୧୫ଶ ଭାଗ । କୃଷକର ପଶୁରକ୍ଷା .. | ୧୨୬ |
| ୪୯ | ମଧ୍ୟପ୍ରଦେଶର ଆଦିମନିବାସୀ .. .. | ୧୨୯ |
| ୫୦ | ସୌର ଜଗତ .. .. .. .. | ୧୩୧ |
| ୫୧ | ଲର୍ଡ ଉଇଲିୟମ ବେଣ୍ଟିଙ୍କ ଓ ଲର୍ଡ ଡେଲହାଉସୀ .. | ୧୩୩ |
| ୫୨ | ସ୍ୱାସ୍ଥ୍ୟରକ୍ଷା ୧୪ଶ ଭାଗ । ମାଆ ବା ବସନ୍ତ ରୋଗ .. | ୧୩୮ |
| ୫୩ | କୃଷିବିଦ୍ୟା ୧୪ଶ ଭାଗ । ଜମିନ୍ଦାର ଓ ପ୍ରଜା ସମ୍ବନ୍ଧୀୟ ଆଇନ ବା ବ୍ୟବସ୍ଥା .. .. .. | ୧୪୦ |
| ୫୪ | ବିଦ୍ୟା (ପଦ୍ୟ) .. .. .. .. | ୧୪୯ |
| ୫୫ | ଜ୍ୱାଳାମୁଖ .. .. .. .. | ୧୫୨ |
| ୫୬ | ଆକସ୍ମିକ ଘଟଣା .. .. .. | ୧୫୫ |
| ୫୭ | କାଳି ଦାସ .. .. .. .. | ୧୫୮ |
| ୫୮ | ସନ ୧୮୫୭ ସାଲର ଯୁଦ୍ଧ ବା ସିପାହୀ ବିଦ୍ରୋହ .. | ୧୬୧ |
| ୫୯ | ଜପାନର ଫଳ ବଗାଣ .. .. .. | ୧୬୫ |
| ୬୦ | ଅଗ୍ନିବାଣ .. .. .. .. | ୧୬୬ |
| ୬୧ | ବଟ ବୃକ୍ଷ .. .. .. .. | ୧୭୦ |
| ୬୨ | ଭାରତବର୍ଷରେ ଇଂରାଜ ରାଜ୍ୟ ଶାସନ . .. | ୧୭୨ |
| ୬୩ | ପତ୍ର ଲେଖନ .. .. .. .. | ୧୭୫ |
| ୬୪ | ଆଦର୍ଶ ପ୍ରଧାନ ୧ମ .. .. .. | ୧୮୦ |
| ୬୫ | ପତ୍ର ଆଦିର ଆଦର୍ଶ ୨ୟ .. .. .. | ୧୮୩ |

| ପାଠ | ବିଷୟ | ପୃଷ୍ଠା |
|---|---|---|
| ୨୬ | ବେଦ ଏବଂ ଭାରତବର୍ଷ ଇତିହାସର ବୈଦିକ ସମୟ .. | ୧୮୬ |
| ୨୭ | ମିଶରଦେଶ । ଭୂମିକା .. .. .. | ୧୯୩ |
| ୨୮ | ମିଶରଦେଶ । ୧ମ ଯୁଗ । .. .. .. | ୧୯୫ |
| ୨୯ | ମିଶରଦେଶ । ୨ୟ ଯୁଗ । .. .. .. | ୧୯୮ |
| ୩୦ | ମିଶରଦେଶ । ୩ୟ ଯୁଗ । ଉପସଂହାର ଓ ସଭ୍ୟତାପ୍ରସାରଣ ନୀତି | ୨୦୨ |
| ୩୧ | ପ୍ରାଚୀନ ବୈଦିକ ଓ ବ୍ରାହ୍ମଣିକ ଯୁଗ .. .. | ୨୦୫ |
| ୩୨ | ବୌଦ୍ଧଧର୍ମ .. .. .. .. | ୨୧୨ |

# ଚତୁର୍ଥ ପାଠ୍ୟ-ପୁସ୍ତକ ।

## ପାଠ ୧ ।

### ଈଶ୍ୱର-ସ୍ତବ ।

ଧନ୍ୟ ୨ ପ୍ରଭୋ ! ଧନ୍ୟ ତୋ ମହିମା, ଧନ୍ୟ ତୁ ସୃଷ୍ଟି କାରଣ;
ଆମ୍ଭ ହିତ ଅର୍ଥେ, କୃପା କରି ନାଥ କଲୁ ବିଶ୍ୱ ସରଜନ । ୧ ।
ତୋହର ଆଦେଶରେ, କ୍ଷିତି, ଜଳ, ନଭ, ପବନ, ପାବକ ଆଦି;
ସୃଷ୍ଟି ହୋଇ ଯେତେ, ସୁଖ ଦେଉଛନ୍ତି, ନିଜ ୨ କାର୍ଯ୍ୟ ସାଧି । ୨ ।
ତୋହର କରୁଣାରେ, ଅକିଞ୍ଚନ ହୁଏ, କ୍ଷଣକେ ବିଭବବାନ;
ଦାସ ହୁଏ ନୃପ, ନୃପ ହୁଏ ଦାସ, ତୃଣ ହୁଅଇ ପାଷାଣ । ୩ ।
ତୋହର ପରସାଦେ, ଯେତେ ଚନ୍ଦ୍ର-ସୂର୍ଯ୍ୟ, କୋଟି ତାରା ବ୍ୟୋମଦେଶେ;
ଭ୍ରମି ୨ ନିତ, ସବୁ ବହାଣନ୍ତି, ବିରତ ନ ହୋଇ ଲେଶେ । ୪ ।
ହୋଇ ପାରେ ତୋର, ଆଦେଶ ମାତ୍ରକେ, ମହୋଦଧି କ୍ଷୀଣ ସର;
ଧନଦ କୃପଣ, କୃପଣ ଧନଦ, କ୍ଷୁଦ୍ରହିଁ ଦୟାଳୁ ବର । ୫ ।
ବୃଷ୍ଟି ବାରି ଥାଇ, ବ୍ୟୋମ-ଶକ୍ତି ତାକୁ, ଅତି ସୂକ୍ଷ୍ମ ଉତ୍ତୋଳିଣି;
ଢାଳି ପଂକ୍ତି ଗୁଛି, ପ୍ରାଣୀଙ୍କ ଉପରେ, ପାଳୁ ତୁ ଏ ବିଶ୍ୱ ଜାଣି । ୬ ।
ତୋହର ପ୍ରସାଦରେ, ଅଶେଷ ସମ୍ପଦ, ଚରଣ ତଳେ ଲୋଟଇ;
ତୋର କୃପା ବିନା, ଶତ ଉଦ୍ୟମରେ, କପର୍ଦ୍ଦକ ନ ମିଳଇ । ୭ ।
ଯେତେ ବୁଦ୍ଧିମନ୍ତ, ବିଦ୍ୟା କୁଳବନ୍ତ, ହେଉ ନା କାହିଁକି ନର;
ତୋ କୃପା ନୋହିଲେ, ନିଧି ଲକ୍ଷ ଥାଇ, ସବୁଠାରେ ଅନାଦର । ୮ ।
ଚରଣେ ତୋହର, ଭକ୍ତି ପଟଳରେ ମୁଗ୍ଧ ହୋଇ ପ୍ରୀତ ମନେ;
ପରଶଂସା ଗୀତ, ଗାଇ ନିତ୍ୟ ୨, ପ୍ରେମେ ବନ୍ଦେ ତୋ ଚରଣେ । ୯ ।

ତୋ ଲାଗି ଫୁଟଇ, ପଲ୍ଲବିତ ପୁଷ୍ପ ନିତ, ଗାଆନ୍ତି ମଧୁପ ଭାଷେ ;
ନଦୀ ଝର ସବୁ, କଳ ୨ ଶବ୍ଦେ, ମତ୍ତିଥାନ୍ତି ତୋର ଗାନେ । ୧୦ ।
ତୋ ଯଶଃ ଘୋଷିଉଛି, ମଳୟ ପବନ, ସର୍ବତ୍ରେ ବହୁ ବହନ ;
ଏ ବିଭୁ-ପ୍ରସାଦ, ତୋଳିଲି ଆନନ୍ଦରେ, କରେ ଜନେ ବିତରଣ । ୧୧ ।
ମାଳାକାରେ ଯତ୍ନ, ଗନ୍ଧରାଜ ଫୁଲେ, କରେ ତୋ ଲାଗି ଗନ୍ଥନ ;
ତରୁ, ଲତା, ପୁଷ୍ପ, ବର୍ତ୍ତି ଲାଗି ତୋ, କରୁଥାନ୍ତି ପ୍ରକଟନ । ୧୨ ।
ତୋ ଚିତ୍ର ଆରତି, ସ୍ତୁତି ୨ ନିତ, ପ୍ରେମ ଭକ୍ତି ହୃଦୟରେ ;
ଭକ୍ତ ଜନମାନେ, ଅବଗାହି ଥାନ୍ତି, ମହାନନ୍ଦ-ସରୋବରେ । ୧୩ ।
ତୋ ପ୍ରେମେ ଆପ୍ଳୁତ, ହୋଇ ଧରି ଦିଏ, ପୁଷ୍ପାଞ୍ଜଳି ଶ୍ରୀପଦରେ ;
ହେ କରୁଣା ନିଧେ !, ତୋ ପଦ ପଙ୍କଜରେ, ନମଇଁ ମୁଁ ଭକ୍ତିଭରେ । ୧୪ ।
ଭକ୍ତ ଚିତ୍ତଗଣ, ବିଭୁ ଶ୍ରୀଚରଣ, ଆଦର ପୂର୍ବ ସେବ ;
ସକଳ ଦୁଷ୍କୃତ, ନାଶନ କାରଣ, ସେହି ଏକମାତ୍ର ଦେବ । ୧୫ ।
କରି ସମର୍ପଣ, ଧନ ଏ ଜୀବନ, ତୋ ପଦେ ନିପଟ ଭାବେ ;
ଭକ୍ତ ବନ୍ଧୁ ! ଏ ଅଧମ ଜନେ, ପାପ ତାପରୁ ଉଦ୍ଧାର । ୧୬ ।

ଷାଠ ୨ ।



# ଶ୍ରୀମତୀ ମହାରାଣୀ ଭିକ୍ଟୋରିୟା ।

ଶ୍ରୀମତୀ ମହାରାଣୀ ଭିକ୍ଟୋରିୟା ଇଂଲଣ୍ଡ ରାଜ ତୃତୀୟ ଜର୍ଜଙ୍କ ଚତୁର୍ଥ ପୁତ୍ର ଡ୍ୟୁକ୍ ଅଫ୍ କେଣ୍ଟ ଏଡୱାର୍ଡଙ୍କ ଏକମାତ୍ର ଦୁହିତା ଅଟନ୍ତି । ସେ ସନ ୧୮୧୯ ସାଲର ତା ୨୪ ରିଖ ମଇ ମାସରେ ପୃଥିବୀରେ ଅବତୀର୍ଣ୍ଣା ହେଲେ ଏବଂ ତାଙ୍କ ପିତୃବ୍ୟ ଚତୁର୍ଥ ଉଇଲିୟମଙ୍କ ଅନ୍ତେ ସନ ୧୮୩୭ ଇସବୀରେ ଇଂଲଣ୍ଡର ରାଜସିଂହାସନୋପରି ବସାଇତା ହେଲେ । ତଦବଧି ପ୍ରତିବର୍ଷ ତା ୨୪ ରିଖ ମଇ ମାସରେ ତାଙ୍କ ଜନ୍ମୋପଲକ୍ଷେ "ଈଶ୍ୱର ମହାରାଣୀଙ୍କୁ ରକ୍ଷା କରନ୍ତୁ" ଏହି ପ୍ରାର୍ଥନା ସମସ୍ତ ଇଂରେଜ ରାଜ୍ୟରେ ଘୋଷିତ ହୋଇଥାଏ ।

ସନ ୧୮୪୦ ଇସବୀରେ ଗୁଣ ଓ ସ୍ୱଭାବରେ ପ୍ରଶଂସନୀୟ ଜର୍ମନୀ ଦେଶାନ୍ତର୍ଗତ ଗୋଟିଏ ରାଜ୍ୟର ରାଜକୁମାର "ପ୍ରିନ୍ସ ଆଲବର୍ଟ" ଏହି ମହାରାଣୀଙ୍କ ପାଣି ଗ୍ରହଣ କଲେ । ଉକ୍ତ ରାଜକୁମାର ସ୍ୱଳ୍ପ ଜୀବିତ କାଳରୁ ଅନ୍ତର ଥିଲେହେଁ ମହାରାଣୀଙ୍କୁ କଠିନ୍ କାର୍ଯ୍ୟ ସବୁରେ ସଦୁପଦେଶ ଦେବାରେ ତ୍ରୁଟି କରୁ ନ ଥିଲେ ।

ମହାରାଣୀଙ୍କ ନଅ ଗୋଟି ସନ୍ତାନ ମଧ୍ୟରୁ ୪ ଗୋଟି ପୁତ୍ର ଏବଂ ୫ ଗୋଟି ଦୁହିତା ଥିଲେ । ଜ୍ୟେଷ୍ଠ ଦୁହିତା ଭିକ୍ଟୋରିୟା ପ୍ରସିଆ ଯୁବରାଜଙ୍କ ପତ୍ନୀ ହୋଇଅଛନ୍ତି ; ଦ୍ୱିତୀୟ ଦୁହିତା ଏଲିସ୍ ଅକାଳରେ ଇହ ସଂସାର ପରିତ୍ୟାଗ କରି ସ୍ୱର୍ଗାରୋହଣ କରିଅଛନ୍ତି ; ଶେଷ ତିନି ଦୁହିତାଙ୍କ ନାମ କ୍ରମରେ ହେଲେନା, ଲୁଇସା, ଏବଂ ବିଟ୍ରିସ୍ ଅଟେ ।

ଓ୍ୱେଲ୍ସ ଯୁବରାଜ ଏଲବର୍ଟ ଏଡୱାର୍ଡ ସିଂହାସନର ଭାବୀ ଉତ୍ତରାଧିକାରୀ ଅଟନ୍ତି । ସେ ସନ ୧୮୪୧ ଇସବୀରେ ଜନ୍ମ ଗ୍ରହଣ କରି ସନ ୧୮୬୩ ଇସବୀରେ ଡେନ୍ମାର୍କର ରାଜକନ୍ୟା ଏଲେକଜେଣ୍ଡ୍ରାଙ୍କ ସହିତ ପରିଣୟ ସୂତ୍ରରେ ବଦ୍ଧ ହେଲେ । ଦ୍ୱିତୀୟ ପୁତ୍ରର ନାମ ଡ୍ୟୁକ୍ ଅଫ୍ ଏଡିନବର୍ଗ ଏବଂ

ଅବଶିଷ୍ଟ ଡ୍ୟୁକ୍ ଅଫ୍ ଆର୍ଥର ଓ ଲିଓପୋଲ୍ଡ ନାମରେ ପ୍ରସିଦ୍ଧ । କିନ୍ତୁ ସର୍ବକନିଷ୍ଠ ପୁତ୍ର ଲିଓପୋଲ୍ଡ ଖ୍ରୀ. ୧୮୮୪ ଈଶାବ୍ଦରେ ପରଲୋକ ଗମନ କଲେ । ବିଦ୍ୟମାନ ରାଜକୁମାର ଏଡ୍ୱାର୍ଡ ଭାରତବର୍ଷକୁ ଶୁଭାଗମନ କରି ଏହି ଦେଶବାସିଙ୍କୁ କୃତାର୍ଥ କରି ଦେଇଅଛନ୍ତି ।

ଲଣ୍ଡନରେ ମହାରାଣୀଙ୍କ ବାସସ୍ଥାନ ବକିଂହାମ ରାଜପ୍ରାସାଦ; ମାତ୍ର ଉଇଣ୍ଡସର ଓ ଅସବୋର୍ଣ୍ଣ ସ୍ଥାନ ଯେଣୁ ତେମନ୍ତ ବୋଲି ପ୍ରସିଦ୍ଧ । ତାଙ୍କ ସମସ୍ତ ପ୍ରାସାଦମାନଙ୍କ ମଧ୍ୟରୁ ଉଇଣ୍ଡସର ରାଜଭବନ ସର୍ବୋତ୍କୃଷ୍ଟ ବୋଲି ଗଣ୍ୟ ହୋଇଅଛି; ତାହା ଲଣ୍ଡନରୁ ୨୦ ମାଇଲ ଦୂରରେ ଅବସ୍ଥିତ । ସ୍କଟଲଣ୍ଡରେ ବାଲମୋରାଲ୍ ନାମକ ମହଲରେ ରାଜଦମ୍ପତି ମହାନନ୍ଦରେ କାଳାତିପାତ କରୁଥିଲେ । "ଉଚ୍ଚ ପ୍ରଦେଶରେ ଆମ୍ଭର ଜୀବନର ଦୈନନ୍ଦିନୀରୁ କେତେକ ପତ୍ର" ନାମକ ପୁସ୍ତକରେ ମହାରାଣୀ ଏହି ସ୍ଥାନକୁ ସୁଖକର ସ୍ଥାନ ବୋଲି ବର୍ଣ୍ଣନ କରିଅଛନ୍ତି । ଏହି ପୁସ୍ତକ ମୁଦ୍ରିତ ହେବା ବସ୍ତୁତଃ ସେ ଜଣେ ଇଂଲଣ୍ଡୀୟ ଗ୍ରନ୍ଥକାର ମଧ୍ୟରେ ଗଣନୀୟ ହୋଇଅଛନ୍ତି । ତାଙ୍କର ପତି ଖ୍ରୀ ୧୮୬୧ ଈଶାବ୍ଦରେ ମାନବଲୀଳା ସମ୍ବରଣ କଲେ ।

ଶ୍ରୀମତୀ ମହାରାଣୀ ଈଶ୍ୱରଙ୍କ କୃପାରୁ ଯେତେ କାଳ ରାଜ୍ୟଭୋଗ କରିଅଛନ୍ତି, ଏତେ ପୂର୍ବକାଳ କୌଣସି ଇଂରେଜ ରାଜା ବା ରାଣୀ ରାଜ୍ୟଭୋଗ କରି ନାହାନ୍ତି । ଜୁନ ଖ୍ରୀ ୧୮୯୭ ଈଶାବ୍ଦରେ ଏହାଙ୍କର ରାଜତ୍ୱର ୬୦ ବର୍ଷ ପୂର୍ଣ୍ଣ ହେଲା ।

ସେ କେବଳ କ୍ଷୁଦ୍ର ଇଂଲଣ୍ଡର ଅଧିକାରିଣୀ ଥିଲେ; କିନ୍ତୁ ବର୍ତ୍ତମାନ ତାଙ୍କର ରାଜ୍ୟ ଏତେ ବୃଦ୍ଧି ହୋଇଅଛି ଯେ ତାଙ୍କ ଅଧିକାର ମଧ୍ୟରେ ସୂର୍ଯ୍ୟ କେବେ ଅସ୍ତମିତ ହୁଅନ୍ତି ନାହିଁ । ଏହି ସବୁ ପ୍ରତାପ ଇଂରେଜମାନଙ୍କ ବୀରତା, ପ୍ରଖର ବୁଦ୍ଧି, ବିଦ୍ୟା, ବାଣିଜ୍ୟଶକ୍ତି ଏବଂ ରାଜ୍ୟ ଶାସନର ଯୋଗ୍ୟତାରୁ ଘଟିଅଛି । ବର୍ତ୍ତମାନ ପ୍ରାୟ ୩୩ କୋଟି ନରନାରୀ ମହାରାଣୀଙ୍କ

ଅଧିକାରରେ ଅଛନ୍ତି । ସେମାନେ ଯେ ଏପରି ସୁଖରେ କାଳଯାପନ କରୁଅଛନ୍ତି ତାହା, ଇତିହାସ ସାକ୍ଷ୍ୟ ପ୍ରଦାନ କରୁଅଛି । ଈଶ୍ୱର ଭାରତବାସିଙ୍କୁ ଏପରି ନ୍ୟାୟଶୀଳା ରାଜ୍ଞୀଙ୍କର ଅଧୀନ କରିଅଛନ୍ତି ଏହା ସେମାନଙ୍କର ସୌଭାଗ୍ୟର ବିଷୟ ବୋଲି ବୁଝିବାକୁ ହେବ । ଏଣୁକରି ଭାରତବାସିଙ୍କୁ ଶ୍ରୀମତୀ ମହାରାଣୀଙ୍କ ଆୟୁ ଏବଂ ରାଜ୍ୟ-ବୃଦ୍ଧି ନିମନ୍ତେ ଅହରହ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଉଚିତ । ଏହି ହିନ୍ଦୁସ୍ଥାନର ରାଜ୍ୟଶାସନ ପ୍ରଥମରେ କୋମ୍ପାନିମାନଙ୍କ ହସ୍ତରେ ନ୍ୟସ୍ତ ଥିଲା । ତତ୍ପରେ ସନ ୧୮୫୮ ଇସଵୀରେ ମହାରାଣୀ ନିଜ ହସ୍ତରେ ଗ୍ରହଣ କଲେ । ସନ ୧୮୭୭ ଇସଵୀରେ ଦିଲ୍ଲୀରେ ଗୋଟିଏ ବଡ଼ ଦରବାର ହୋଇଥିଲା, ସେହି ସମୟଠାରୁ ସେ ଭାରତବର୍ଷର ରାଜରାଜେଶ୍ୱରୀ ପଦ ଧାରଣ କଲେ ।

ସେ ଆମ୍ଭମାନଙ୍କ ଦେଶକୁ ଦୁର୍ଭିକ୍ଷରେ ତରାଉଥିବାରୁ ଆମ୍ଭମାନଙ୍କର ଯେ କି ଲାଭ ହୋଇଅଛି ତାହା, ଏହି ପୁସ୍ତକର ୨୪ ଓ ୭୯ ପାଠ ପଠନ କଲେ ସ୍ପଷ୍ଟରୂପେ ଜଣାପଡ଼ିବ ।

---

## ପାଠ ୩ ।


## ସିଂହ ଓ ଶଶା ।

ମନ୍ଦର ନାମକ ପର୍ବତରେ ଗୋଟିଏ ସିଂହ ବାସ କରୁଥିଲା । ସେ ସର୍ବଦା ପଶୁମାନଙ୍କୁ ମାରି ଭକ୍ଷଣ କରୁଥାଏ । ଏକ ସମୟରେ ସିଂହକୁ ପ୍ରବନ୍ଧ କରିବା ପାଇଁ ସମସ୍ତ ପଶୁ ଏକତ୍ର ହୋଇ ତାହା ପାଖକୁ ଯାଇ କହିଲେ; "ମହାରାଜ ! ଆପଣ ଆମ୍ଭମାନଙ୍କୁ ଏପରି କାହିଁକି ମାରି ପକାଉଅଛନ୍ତି ? ଯଦ୍ୟପି ଆପଣଙ୍କର ସମ୍ମତି ହୁଏ, ତେବେ ଆପଣଙ୍କର ଖାଦ୍ୟ ନିମନ୍ତେ ପ୍ରତିଦିନ ଗୋଟିଏ ଲେଖାଏଁ ପଶୁ ଦେବୁଁ ।" ସିଂହ ଏହା ଶୁଣି କହିଲା,

ଯେବେ ତୁମ୍ଭମାନଙ୍କର ଏପରି ଇଚ୍ଛା ଥାଏ, ତେବେ ଭଲ । ସେହି ଦିନଠାରୁ ଏହି ନିୟମ ଅନୁସାରେ ପ୍ରତ୍ୟହ ସିଂହର ଆହାର ପାଇଁ ଗୋଟିଏ ୨ ବୃଦ୍ଧ, ଦୁଃଖୀ ବା ସ୍ତ୍ରୀ ପୁତ୍ର ବର୍ଜିତ ପଶୁ ତାହା ନିକଟକୁ ପଠା ଯାଉଥିଲେ । ଦୈବଯୋଗରେ ଦିନେ ଗୋଟିଏ ବୃଦ୍ଧ ଶଶର ପାଳି ପଡ଼ିଲା । ସେ ଅତି ଦୁଃଖିତ ହୋଇ ଆପଣା ମନରେ ଏପରି ବିଚାର କଲା କି ଲୋକେ ପ୍ରାଣ ଭୟରେ ଅନ୍ୟର ଅଧୀନତା ସ୍ୱୀକାର କରି ତାହାଙ୍କର ମିଥ୍ୟା ପ୍ରଶଂସା ଓ ସେବା କରନ୍ତି; ମାତ୍ର ଯେଉଁମାନେ ମରଣକୁ ଶଙ୍କା କରନ୍ତି ନାହିଁ, ସେମାନେ କାହାକୁ ଭୟ ନ କରି ଆପଣା ୨ ଇଚ୍ଛାନୁସାରେ କାର୍ଯ୍ୟ କରନ୍ତି । ଏଣୁ ଯେବେ ସିଂହ ହସ୍ତରେ ମୋର ମରିବାର ନିଶ୍ଚୟ, ତେବେ ବିଳମ୍ବ କରି ଧୀରେ ୨ ତାହା ପାଖକୁ ନ ଯିବି ବା କାହିଁକି ? ସକାଳୁ ଗଲେ ସୁଦ୍ଧା ମୋହୋର ପ୍ରାଣ ରକ୍ଷା ହେବ ନାହିଁ । ଅବଶେଷରେ ଶଶ! ଏହି ବିଚାର ସ୍ଥିର କରି ବହୁତ ବିଳମ୍ବରେ ସିଂହ ନିକଟରେ ପ୍ରବେଶ ହୋଇ ଦେଖିଲା, ସେ ପଶୁରାଜ କ୍ଷୁଧାରେ ଅତି ବ୍ୟାକୁଳ । ସିଂହ ଶଶକୁ ଦେଖିବାକ୍ଷଣି କ୍ରୋଧଭରରେ କହିଲା, "ରେ ଶଶ ! ତୁ କାହିଁକି ଏତେ ବିଳମ୍ବ କଲୁ ? ମୁଁ ଅରଣ୍ୟର ରାଜା ଅଟେ; ଏହା କି ତୋତେ ଜଣା ନାହିଁ ?" ଶଶ କୃତାଞ୍ଜଳି-ପୁଟରେ ଉତ୍ତର କଲା, "ମହାରାଜ ! ଏଥିରେ ମୋର ତିଳେ ମାତ୍ର ଦୋଷ ନାହିଁ । ମୁଁ ବଡ଼ କଷ୍ଟରେ ଏତେକ ଦୂର ଆସିଅଛି, କାରଣ ଆସିବାବେଳେ ମାର୍ଗରେ ଆପଣଙ୍କ ଭଳି ଗୋଟିଏ ସିଂହ ସହିତରେ ସାକ୍ଷାତ ହେଲା; ସେ କହିଲା, 'ମୁଁ କେବଳ ଅରଣ୍ୟର ରାଜା ଅଟେ ।' ସେ ଏପରି କହିଲାରୁ ମୁଁ ତାହାଠାରେ ଏହା ସ୍ୱୀକାର କରି ଏଠାକୁ ଆସିଅଛି କି ଆପଣଙ୍କୁ ସକଳ ବୃତ୍ତାନ୍ତ କହି ତାହା ପାଖକୁ ପୁନଶ୍ଚ ଫେରିଯିବି । ଏ ବିଷୟରେ ଶପଥ କଲାରୁ ସେ ମୋତେ ଏଠାକୁ ଆସିବାକୁ ଦେଲା । ଏଣୁକରି ଏବେ ମୁଁ ଯାଉଅଛି, କାରଣ ମୋତେ ଆପଣାର ସତ୍ୟପାଳନ କରିବାକୁ ହେବ ।" ଏ କଥାରେ ସିଂହ ଅତ୍ୟନ୍ତ ସନ୍ଦିଗ୍ଧ ହୋଇ

କହିଲା, "ଶଶ, ମୋତେ ସେହି ସିଂହକୁ ଦେଖାଅ; ତାହାକୁ ଏପରି ଏକ ଚାପୁଡ଼ା ମାରିବି ଯେ ସେହିକ୍ଷଣି ତାହାର ପ୍ରାଣନାଶ ହେବ।" ଶଶ କହିଲା, "ସେହି ସିଂହ ଆପଣଙ୍କ ସଦୃଶ। ଅତଏବ ଆପଣ ବିଶେଷ ବିଚାର କରି ଯିବନ୍ତୁ।" ଏଥିରେ ସିଂହ ଘୃଣା କରି କହିଲା, "ଚିନ୍ତା କର ନାହିଁ।" ଶଶ ଏହା ଶୁଣି ସିଂହକୁ ଗୋଟିଏ ଗଭୀର କୂପ ପାଖକୁ ନେଇ ଯାଇ ଠିଆ କରି କହିଲା, ମହାରାଜ! ଆପଣଙ୍କୁ ଦେଖି ଏହି କୂପ ଭିତରେ ସେହି ସିଂହ ଚୋର ପରି ଲୁଚି ରହିଅଛି। ଏବେ ଆପଣ ଦେଖନ୍ତୁ, ମୁଁ ସତ୍ୟ କି ମିଥ୍ୟା କହୁଥିଲି। ସିଂହ କୂପ ଭିତରକୁ ଦୃଷ୍ଟି ନିକ୍ଷେପ କଲାକ୍ଷଣି ତାକୁ ତାହାର ପ୍ରତିବିମ୍ବ ସେହି କୂପ ପାଣିରେ ଦୃଶ୍ୟ ହେଲା। ଅନନ୍ତର ସିଂହ ଘୋର ନାଦରେ ତର୍ଜ୍ଜନ ଗର୍ଜ୍ଜନ କରିବାରୁ କୂପ ଭିତରେ ମଧ୍ୟ ସେହିପରି ଶବ୍ଦ ଶୁଣାଗଲା। ଏଥିରୁ ସିଂହ ଜାଣିଲା ଯେ ଅବଶ୍ୟ ଆଉ ଏକ ସିଂହ ଅଛି, ଏହାର ସହିତ ଯୁଦ୍ଧ କରିବା ଉଚିତ; ଏହି ଅଭି-ପ୍ରାୟରେ ମାନ ମଦରେ ଓ ବୀର୍ଯ୍ୟ ଶକ୍ତିର ଗର୍ବବଳେ କୂପକୁ ଡେଇଁ ପଡ଼ିଲା ଏବଂ ତତ୍କ୍ଷଣାତ୍ ପ୍ରାଣତ୍ୟାଗ କଲା। ଏହାର ତାତ୍ପର୍ଯ୍ୟ ଏହି କି ବୁଦ୍ଧି ସମକ୍ଷରେ ଶକ୍ତିର ଆବଶ୍ୟକ ହୁଏ ନାହିଁ। "ବୁଦ୍ଧି ଯାହାର ବଳ ତାହାର।"

# ପାଠ ୪ ।



## ଗାଈ ବଳଦ ।

ଏହି ପଶୁ ରୋମନ୍ଥକାରୀ ଜୀବମାନଙ୍କର ଶ୍ରେଣୀଭୁକ୍ତ ଅଟନ୍ତି । ଏମାନେ ଜଙ୍ଗଲରେ ସ୍ୱତନ୍ତ୍ର ଭାବରେ ଅଳ୍ପ ମିଳନ୍ତି । ୟୁରୋପ, ଆଫ୍ରିକା, ଆମେରିକା, ଦକ୍ଷିଣ ପର୍ବତ ଓ ଭାରତବର୍ଷର ଅରଣ୍ୟମାନଙ୍କରେ କେତେକ ପ୍ରକାର ଅରଣ୍ୟ ମହିଷ ମିଳନ୍ତି । ପାଳିତ ଗାଈ ବଳଦ ସବୁ ବହୁଧା ଶାନ୍ତସ୍ୱଭାବ ବିଶିଷ୍ଟ ଏବଂ ବିବିଧ ରଙ୍ଗର ଅଟନ୍ତି । ଏମାନଙ୍କର ଦୁଇ ଗୋଟି ସରଳ ବା ବକ୍ର ଶୃଙ୍ଗ ଥାଏ । ଏବଂ ଶୃଙ୍ଗର ପଶ୍ଚାଦ୍ଭାଗରେ ଦୁଇଗୋଟି ପ୍ରଶସ୍ତ କର୍ଣ୍ଣ ଥାଏ । ସେମାନଙ୍କର ଗଳଦେଶର ନିମ୍ନଭାଗରେ ଖଣ୍ଡିଏ ପାତଳ ଚର୍ମ ଝୁଲୁଥାଏ; ଏହାକୁ କମଳ କହନ୍ତି । ଏମାନଙ୍କର ପୁଚ୍ଛ ଦୀର୍ଘ ଓ ତାହାର ଶେଷରେ କେଶର ଗୋଟିଏ ଗୁଚ୍ଛ ଥାଏ । ଭାରତବର୍ଷର ବଳଦମାନଙ୍କର ସ୍କନ୍ଧଦେଶରେ ଗୋଟିଏ ମାଂସପିଣ୍ଡ ଥାଏ,

ତାହାକୁ କୃଷ୍ଣ ବା କୁଜ କହନ୍ତି । ଏପ୍ରକାର କୁଜ ପ୍ରାୟ ଅନ୍ୟାନ୍ୟ ଦେଶର ବଳଦମାନଙ୍କର ଥାଏ ନାହିଁ ।

ଗାଈର ଶରୀରକୁ ତୁମାଇବାର ଏବଂ ବଳଦର ଶମକୁ ଶୁଖାଇବାର କହନ୍ତି । ବନ୍ୟବଳଦ ବଡ଼ ଦୁର୍ଦ୍ଧର୍ଷ ସ୍ୱଭାବବିଶିଷ୍ଟ ଥାଇ ସବୁବେଳେ ଯାଇ କରିବାକୁ ତତ୍ପର ଥାଏ । ଅଧିକ କ୍ରୋଧାବିଷ୍ଟ ହେଲେ ପରସ୍ପରରେ ଅନ୍ୟ ବଳଦ ସହିତ ଯୁଦ୍ଧ କରେ । ଏହି ପଶୁ ଘାସ ଓ ବୃକ୍ଷମାନଙ୍କର ପତ୍ର ଖାଇ ଉଦର ପୋଷଣ କରେ । ଅନ୍ୟାନ୍ୟ ରୋମନ୍ଥକାରୀ ପଶୁ-ମାନଙ୍କ ପରି ଏମାନଙ୍କ ପାକସ୍ଥଳୀରେ ମଧ୍ୟ ଚାରିଗୋଟି ମୁଣା ଅଛି । ସେମାନେ ଯେଉଁ ତୃଣ ପତ୍ରାଦି ଅଳ୍ପ ଚର୍ବଣ କରି ଗିଳନ୍ତି, ତାହା ଯାଇ ପ୍ରଥମତଃ ସବୁଠାରୁ ବଡ଼ ମୁଣାରେ ପ୍ରବିଷ୍ଟ ହୁଏ । ଏହି ମୁଣାଟି ବଳ-ଦର ବାମ ପାର୍ଶ୍ୱରେ ଥାଏ, ଏବଂ ସେଠାରେ ଖାଦ୍ୟଦ୍ରବ୍ୟ ଦ୍ରବୀଭୂତ ହୁଏ । ପରେ ସେଠାରୁ ଯାଇ ଦକ୍ଷିଣ ପାର୍ଶ୍ୱସ୍ଥ ଦ୍ୱିତୀୟ ମୁଣାରେ ପ୍ରବେଶ କରେ ଏବଂ ସେଠାରେ ଗୋଲ ବାନ୍ଧିଯାଏ । ଯେତେବେଳେ ବଳଦ ବିଶ୍ରାମ କରେ, ସେତେବେଳେ ଦ୍ୱିତୀୟ ମୁଣାରେ ଖାଦ୍ୟଦ୍ରବ୍ୟ ଉଦ୍ଗୀର୍ଣ୍ଣ କରି ପୁନଃ ଚର୍ବଣ କରେ । ଏହାକୁ ରୋମନ୍ଥ କରିବା ବା ପାକୁଳି କରିବା କହନ୍ତି ।

ରୋମନ୍ଥିତ ଦ୍ରବ୍ୟ ସବୁ ତୃତୀୟ ମୁଣା ଦେଇ ଚତୁର୍ଥ ମୁଣାରେ ପ୍ରବିଷ୍ଟ ହୁଏ ଏବଂ ସେଠାରେ ପାକ ହୁଏ । ଗୃହପାଳିତ ବଳଦମାନଙ୍କୁ ଦାନା ଓ ଗାଈମାନଙ୍କୁ କଣା ପାଣି ଓ ପିଡ଼ିଆ ଖୁଆନ୍ତି । ଏମାନେ ସମୟରେ ଯେଉଁପରି ପାଣି ମିଳୁ ନା କାହିଁକି, ପିଇ ଦିଅନ୍ତି ।

ଗାଈ ଗର୍ଭବତୀ ହେଲେ ଦଶ ମାସରେ ପ୍ରସବ କରେ ଏବଂ ପ୍ରତି ଥରରେ ତାହାର ଗୋଟିଏ ମାତ୍ର ସନ୍ତାନ ହୁଏ । ଅଣ୍ଡିରାକୁ ବଛା ଓ ମାଈକୁ ବାଛୁରି କହନ୍ତି । ଛୁଆ ଜନ୍ମ ହେବାମାତ୍ରେ ଠିଆ ହୋଇପାରେ ଓ ମାତୃ ସ୍ତନକୁ ଦୁଗ୍ଧ ପାନ କରେ । ଏମାନେ ପନର ବର୍ଷ ପର୍ଯ୍ୟନ୍ତ ବଞ୍ଚନ୍ତି

ଏବଂ ୧୪ । ୧୫ ବର୍ଷରୁ ଅଧିକ ବଞ୍ଚନ୍ତି ନାହିଁ । ଏମାନଙ୍କର ବୟସ ଶୃଙ୍ଗ ଓ ଦନ୍ତରୁ ଜଣାଯାଏ । ଗାଈର ଚାରିଗୋଟି ସ୍ତନବୃନ୍ତ ଥାଏ । ଏମାନଙ୍କର ଦୁଗ୍ଧାଧାରକୁ ପଣ୍ଡ କହନ୍ତି । ବଳଦମାନେ ମନୁଷ୍ୟମାନଙ୍କର ଅନେକ କାର୍ଯ୍ୟରେ ଲାଗନ୍ତି । ଭାରତବର୍ଷରେ, ଲୋକମାନେ ଏମାନଙ୍କ ଦ୍ୱାରା ଚାଷ କାର୍ଯ୍ୟ ସମ୍ପାଦନ କରନ୍ତି, ଗାଡ଼ିରେ ଯୋଚନ୍ତି ଏବଂ ସେମାନଙ୍କ ପିଠିରେ ବୋଝ ବୋହାନ୍ତି । ବଳଦଠାରୁ ଗାଈ ଲୋକ-ମାନଙ୍କର ଅଧିକ ଉପକାରରେ ଆସେ । ଗାଈମାନଙ୍କର ଦୁଗ୍ଧରୁ ଦଧି, ଛେନା, ଲବଣୀ, ଘୃତ, ପ୍ରଭୃତି ପ୍ରସ୍ତୁତ ହୁଏ ଏବଂ ସେ ସବୁ ମନୁଷ୍ୟ-ମାନଙ୍କର ବଡ଼ ଉପକାରରେ ଆସେ । ଏହି ପଶୁମାନଙ୍କର ଚର୍ମ, ଅସ୍ଥି, ଶୃଙ୍ଗ ପ୍ରଭୃତି ସକଳ ପଦାର୍ଥ କାର୍ଯ୍ୟରେ ଲାଗେ ।

---

## ପାଠ ୫ ।

### ଐତିହାସିକ ବିଷୟ, ୧ମ ଭାଗ ।

ଭାରତବର୍ଷରେ ଇଂରାଜ ରାଜ୍ୟ ସଂସ୍ଥାପନ ଭାରତ ଇତିହାସରେ ସର୍ବ ପ୍ରଧାନ ଓ ଆଶ୍ଚର୍ଯ୍ୟଜନକ ଘଟଣା ଅଟେ । କିନ୍ତୁ ଯେ ଉତ୍ତମରୂପେ ବିଚାର କରନ୍ତି ନାହିଁ, ତାଙ୍କୁ ଏଥିରେ କୌଣସି ଆଶ୍ଚର୍ଯ୍ୟଜନକ କଥା ଦେଖାଯାଏ ନାହିଁ । ହେତୁ ଏହି ଯେ [illegible]ଠାରୁ ଏହି ରାଜ୍ୟ ନେଇଅଛନ୍ତି । ଇଂଲଣ୍ଡ-ବାସୀମାନେ ଯେତେବେଳେ ଭାରତ ଅଧିକାରିଙ୍କୁ ବନ୍ଧୁଭାବରେ ମୋକଦମା ଦେବାକୁ ଅଥବା ପୌରୁଷରେ ଯୋଦ୍ଧା ସ୍ଥାପନ୍ତୁ ବିବାଦ ନିଷ୍ପତ୍ତି କରିବାକୁ ଆଉ ସାହାଯ୍ୟ ଗ୍ରହଣ କରିବାକୁ ଦେଖନ୍ତି ; ସେତେବେଳେ ଏମାନେ ଏହି ସବୁକୁ ସାଧାରଣ କଥା ମନେ କରନ୍ତି । ଯେବେ କୌଣସି ଲୋକ ଏହି

ବଥାକୁ ବିଶ୍ବାସ କଲେ, ତେବେ ତାହା ମନରେ ଅନେକ ପ୍ରକାର ତର୍କ ଉତ୍ପନ୍ନ ହେବ । ଯଥା, ପ୍ରଥମତଃ ଇଉରୋପ ମହାଦେଶ ବାସୀମାନେ ଏତେଦୂର ପର୍ଯ୍ୟନ୍ତ କେମନ୍ତ ହୋଇ ଆଉ ତେବେ ଆସିଲେ? ଦ୍ୱିତୀୟତଃ ସେହି ମହାଦ୍ୱୀପରୁ ଅନ୍ୟ କେତେକ ଜାତିର ଲୋକ ଭାରତବର୍ଷକୁ ଆସିଥିଲେ; ମାତ୍ର ତନ୍ମଧ୍ୟରୁ କେବଳ ଇଂରାଜମାନେ ସ୍ୱୀୟ ରାଜ୍ୟ ସଂସ୍ଥାପନ କରିବାରେ କାହିଁକି ସମସ୍ତଙ୍କଠାରୁ ଅଧିକ କୃତକାର୍ଯ୍ୟ ହେଲେ? ତୃତୀୟତଃ କେମନ୍ତ ଉଦ୍ୟୋଗ କରି ଇଂରାଜମାନେ ଏହି ରାଜ୍ୟକୁ ସଂସ୍ଥାପନ କଲେ? ଚତୁର୍ଥତଃ ଏମାନେ ସହସ୍ର କ୍ରୋଶ ସମୁଦ୍ର ଲଙ୍ଘନ କରି ସିପାହି କାର୍ଯ୍ୟରେ ସହାୟତା ଦେବାକୁ ଏଠାକୁ କାହିଁକି ଆସନ୍ତି? ଇତ୍ୟାଦି। ଏହି ପୁସ୍ତକର ଐତିହାସିକ ପାଠମାନ ପଠନ କଲେ ଉକ୍ତ ତର୍କ ସବୁର ସମାଧାନ ହେବ; ମାତ୍ର ସେହି କାରଣମାନ ଉତ୍ତମରୂପେ ବୁଝିବାପାଇଁ ଭାରତବର୍ଷର ପ୍ରାଚୀନ ଇତିହାସ ମଧ୍ୟ ଜାଣିବା ଉଚିତ। ଏହାର ବିଶେଷ ବିବରଣ ଭିନ୍ନ ପୁସ୍ତକରେ ପ୍ରଦତ୍ତ ହୋଇଅଛି, ଆଉ ଏଥିରେ ମଧ୍ୟ ଏହାର ସଂକ୍ଷିପ୍ତ ବିବରଣ ଦିଆ ଯାଉଅଛି।

ଭାରତବର୍ଷର ମୂଳ ନିବାସୀମାନେ ଆଦିମ ନିବାସୀ ବୋଲାଯାନ୍ତି। ଏମାନେ ଗଣ୍ଡ, ଭିଲ, କୋଲ୍ହ ଆଦି ଅଟନ୍ତି। ଏହି ଲୋକମାନେ ବିଶେଷ କରି ମଧ୍ୟପ୍ରଦେଶରେ ଦେଖାଯାନ୍ତି। ଏଥିର ଅର୍ଥ ଏମନ୍ତ ବୁଝେ ଯେ ଏହି ମୂଳ ନିବାସୀମାନଙ୍କ ପୂର୍ବରେ ଏହି ଦେଶରେ ଆଉ କୌଣସି ଲୋକ ନ ଥିଲେ। କେହି ବା ରହିଥିବେ; ମାତ୍ର ଇତିହାସରେ ସେମାନଙ୍କର କିଛି ତତ୍ତ୍ୱ ମିଳୁ ନାହିଁ। ଏହେତୁରୁ ଏହି ମୂଳ ନିବାସୀମାନଙ୍କୁ ଏଠାର ଆଦିମ ନିବାସୀ ବୁଝିବାକୁ ହେବ।

ଅନୁମାନରେ ୪୦୦୦ ବର୍ଷ ପୂର୍ବରେ ଆର୍ଯ୍ୟଜାତୀୟ ହିନ୍ଦୁମାନେ ମଧ୍ୟ ଆସିଆରୁ ଆସି ଏଠାରେ ନିବାସ କଲେ। ଏମାନଙ୍କ ଆସିବାର ୩୦୨ ବର୍ଷ ପରେ ମଧ୍ୟ ଆସିଆର ସମରକନ୍ଦରୁ ତାତାର ଦେଶୀୟ ମୁଗଲମାନ

ଲୋକମାନେ ଆସିଥିଲେ । ଏମାନେ ପ୍ରଥମତଃ ଅରବୀୟାନଙ୍କ ପ୍ରବଳ ଯୋଦ୍ଧା ଏବଂ ମୂର୍ତ୍ତି ଉପାସକ ଥିଲେ । ମାତ୍ର ଲେଖା ପଡ଼ା କାଳ ପରେ ମୁସଲମାନ ହୋଇଗଲେ । ବାବର, ଅକବର, ଆଉ ଆରଙ୍ଗଜେବଙ୍କ ସମୟରେ ଏଠାରେ ସେମାନଙ୍କ ର ରାଜତ୍ୱ ଅଧିକ ବଢ଼ିଗଲା । ଏମାନଙ୍କ ରାଜଧାନୀ ଦିଲ୍ଲୀରେ ଥିଲା, ମାତ୍ର ପ୍ରାୟ ସମସ୍ତ ଭାରତବର୍ଷ ଏମାନଙ୍କର ରାଜ୍ୟାଧିକାର ଭୁକ୍ତ ହେଲା । ଏହି ରାଜ୍ୟର ଇତିହାସ ତୃତୀୟ ପୁସ୍ତକରେ କଥିତ ହୋଇଅଛି । ଏହି ମୋଗଲ ବାଦଶାହମାନଙ୍କ ସମୟରେ ଇଉରୋପର ଲୋକମାନେ ପ୍ରଥମତଃ ଏଦେଶକୁ ଆସିଲେ । ତୃତୀୟ ପୁସ୍ତକରେ ଏମାନଙ୍କ ବିଷୟରେ ଏତିକି ମାତ୍ର ଲେଖା ହୋଇଅଛି ଯେ ଅକବର ବାଦଶାହ ଦୁଇ ଜଣ ଖ୍ରୀଷ୍ଟୀୟ ପାଦ୍ରୀଙ୍କୁ ସ୍ୱୀୟ ରାଜଦରବାରରେ ବାସ ଦେଇଥିଲେ; ଆଉ ଜାହାଙ୍ଗୀର ବାଦଶାହଙ୍କ ସଙ୍ଗରେ ସାକ୍ଷାତ କରିବା ପାଇଁ ଇଂଲଣ୍ଡରୁ ସର ଟମାସ ରୋ ନାମକ ସାହେବ ଆସିଥିଲେ ।

ଏବେ ଇଉରୋପର ଚାରି ଦେଶରୁ ଲୋକମାନେ ଏଠାକୁ ଆସିଲେ । ୧ମ-ପର୍ତ୍ତୁଗାଲର ଲୋକମାନେ, ୨ୟ-ହଲଣ୍ଡବାସୀମାନେ, ୩ୟ-ଫ୍ରାନ୍ସ ଦେଶବାସୀମାନେ, ୪ର୍ଥରେ ଇଂରେଜ ଲୋକମାନେ । ଯଦି କେହି ଶଙ୍କା କରେ କି ଇଉରୋପ ମହାଦେଶରୁ ଆଉ ଦେଶର ଲୋକମାନେ ଏଠାକୁ କାହିଁକି ନ ଆସିଲେ? ତେବେ ନିମ୍ନମତେ ଉତ୍ତର ଦେଲେ ସେହି ଶଙ୍କା ସମାଧାନ କରାଯାଇ ପାରେ; ଅର୍ଥାତ୍ ଭାରତବର୍ଷ ଏବଂ ଇଉରୋପ ମହାଦେଶ ମଧ୍ୟରେ ସହସ୍ର କ୍ରୋଶ ସମୁଦ୍ର ବ୍ୟାପି ଥିବାରୁ ଯେଉଁମାନେ ନୌକା ସାଧନାରେ ପ୍ରବୀଣ ଥିଲେ, ଏବଂ ଯେଉଁମାନଙ୍କଠାରେ ବଡ଼ ବଡ଼ ପୋତ ଆଉ ସାମୁଦ୍ରିକ ସମର ସାମଗ୍ରୀ ଥିଲା, ସେହିମାନେ କେବଳ ଆସି ପାରୁଥିଲେ । ମାନଚିତ୍ରକୁ ଅବଲୋକନ କଲେ ଜଣା ପଡ଼ିବ ଯେ ଇଉରୋପ ମହାଦ୍ୱୀପର ଉକ୍ତ ଚାରି ଦେଶ ପର୍ତ୍ତୁଗାଲ, ହଲଣ୍ଡ, ଫ୍ରାନ୍ସ ଏବଂ ଇଂଲଣ୍ଡ ସମସ୍ତ ସମୁଦ୍ରର ନିକଟବର୍ତ୍ତୀ । କାହାର ଏକ ପାର୍ଶ୍ୱରେ, କାହାର ଦୁଇ ପାର୍ଶ୍ୱରେ, କାହାର ବା

ସକଳ ପାର୍ଶ୍ୱରେ ସମୁଦ୍ର ଲହରୀ ସଞ୍ଚାଳିତ ହେଉଅଛି । ଏହିହେତୁରୁ ଏଦେଶ ନିବାସୀ ରାଜା ଓ ବଣିକମାନଙ୍କୁ ବାଣିଜ୍ୟ ଓ ଯୁଦ୍ଧ ନିମନ୍ତେ ପୋତ ଭାସିବାକୁ ପଡୁଥିଲା; ମଧ୍ୟ ଏହି ବ୍ୟକ୍ତିମାନେ ଅନ୍ୟ ଦେଶବାସୀ ଲୋକ-ମାନଙ୍କଠାରୁ ସାମୁଦ୍ରିକ ଯାତ୍ରା ଓ ଜଳଯୁଦ୍ଧ ବିଦ୍ୟାରେ ଅଧିକତର ନିପୁଣ ଥିଲେ । ଏହି ଜାତିଙ୍କ ମଧ୍ୟରେ କେବଳ ଇଂରାଜମାନେ ଏଠାରେ ଉତ୍ତମରୂପେ କୃତକାର୍ଯ୍ୟ ହେଲେ ଏବଂ ଏହିମାନଙ୍କ ରାଜ୍ୟ ଅଦ୍ୟ ପର୍ଯ୍ୟନ୍ତ ଅପ୍ରତିହତ ହୋଇ ରହିଅଛି । ଏଥିର କାରଣ ଏହି ଯେ ପର୍ତ୍ତୁଗାଲ ଆଉ ହଲଣ୍ଡ ଦେଶକୁ ସ୍ପେନ ଦେଶର ରାଜା ଅତି ଅଳ୍ପ ଦିନରେ ପରାସ୍ତ କରି କବଳିତ କରି ନେଲା, ଆଉ ଫ୍ରାନ୍ସଦେଶର ଅଦ୍ଭୁତ ନେପୋଲିୟନ ମହା-ଦେଶରେ ସ୍ୱୀୟ ରାଜ୍ୟାଧିକାରର ସୀମା ବଢ଼ାଇବା ପାଇଁ ପ୍ରୟାସୀ ହୋଇ-ଥିଲେ । ଏହିହେତୁରୁ ସେମାନଙ୍କର ଭାରତବର୍ଷର ବଣିଜ ସବୁ ଇଂରାଜ-ମାନଙ୍କର ହସ୍ତଗତ ହେଲା । ବର୍ତ୍ତମାନକୁ ଭାରତରେ ହଲଣ୍ଡର ଅଧିକାର କୌଣସିଠାରେ ନାହିଁ । ମାତ୍ର ପର୍ତ୍ତୁଗାଲର ଅଧିକାରରେ ଗୋଆ, ଦାମନ, ଡିଉ ଆଉ ଫ୍ରାନ୍ସର ଅଧିକାରରେ ମାହି, କାରିକାଲ, ଚନ୍ଦନନଗର ଓ ପଣ୍ଡିଚେରୀ ଅଦ୍ୟ ପର୍ଯ୍ୟନ୍ତ ରହିଅଛି । ଇଂରାଜମାନଙ୍କ ଏଠାକୁ ଆସି ବାସ କରିବା, ଦେଶ ଜୟ କରିବା, ଓ କ୍ରମଶଃ ପ୍ରସିଦ୍ଧ ରାଜତ୍ୱ ସ୍ଥାପନ କରିବା ଆଦି ବିଷୟ ପରେ ବର୍ଣ୍ଣିତ ହେଉଅଛି ।

# ପାଠ ୨ ।

## ସ୍ୱାସ୍ଥ୍ୟରକ୍ଷା, ୨ୟ ଭାଗ ।

### ବାୟୁ କପରି ଦୂଷିତ ହୁଏ ।

ପ୍ରାଚୀନ କାଳରେ ଲୋକମାନଙ୍କର ଏପରି ଜ୍ଞାନ ଥିଲା କି ବାୟୁମଣ୍ଡଳ ଏକ ପ୍ରକାର ପଦାର୍ଥରେ ପ୍ରସ୍ତୁତ ହୋଇଅଛି ; ମାତ୍ର ବର୍ତ୍ତମାନ ଜଣା ପଡ଼ିଅଛି ଯେ ସେଥିରେ ଭିନ୍ନ ଭିନ୍ନ ଗୁଣର ଅନେକ ପ୍ରକାର ବାୟୁ ସମ୍ମିଳିତ ହୋଇଅଛି । ଯେ ପ୍ରକାର ଘୃତ ଓ ତୈଳ ଦେଖିବାକୁ ଏକ ପ୍ରକାର ; ପରନ୍ତୁ ପ୍ରଥମଟିକୁ ଖାଇଲେ ସ୍ୱାଦୁ ଲାଗେ, ମାତ୍ର ଅନ୍ୟଟିକୁ ଖାଇଲେ ବମନ ହେବାର ଦେଖାଯାଏ, ସେପରି କୌଣସି ବାୟୁରେ ପ୍ରାଣରକ୍ଷା ହୁଏ, ଅଉ କୌଣସି ବାୟୁରେ ପ୍ରାଣ ନାଶ ହୁଏ । ଯେଉଁ ବାୟୁରେ ପ୍ରାଣିମାନେ ଶ୍ୱାସଧାରଣ କରନ୍ତି, ଏବଂ ଯାହା ହେତୁ ପ୍ରଦୀପ ଜଳେ, ତାକୁ ଅମ୍ଳଜାନ ବାୟୁ କହନ୍ତି । ଏହି ବାୟୁ ନିତାନ୍ତ ଉଗ୍ର ଅଟେ । ଯେବେ ବାୟୁମଣ୍ଡଳରେ କେବଳ ଏହି ବାୟୁ ଥାନ୍ତା, ତେବେ ପ୍ରାଣିମାନେ ଶୀଘ୍ର ମରିଯାନ୍ତେ । କାରଣ ତାହାର ଉଗ୍ରତା ସହ୍ୟ କରି ହୁଅନ୍ତା ନାହିଁ । ଏଣୁକରି ଅମ୍ଳଜାନ ବାୟୁ ସହିତରେ ଅଉ ଅନ୍ୟ ପ୍ରକାର ବାୟୁ ମିଶ୍ରିତ ହୋଇଅଛି ; ତାହାର ନାମ ନାଇଟ୍ରୋଜନ ବା ଯବକ୍ଷାରଜାନ । ଯବକ୍ଷାରଜାନ ଓ ଅମ୍ଳଜାନ ମଧ୍ୟରେ ବିଶେଷ ପ୍ରଭେଦ ଅଛି । ଯବକ୍ଷାରଜାନରେ ପ୍ରାଣିମାନେ ବଞ୍ଚି ପାରନ୍ତି ନାହିଁ ଓ ଏଥିରେ ପ୍ରଜ୍ୱଳିତ ଦୀପ ଥୋଇ ଦେଲେ କ୍ଷଣି ଲିଭି ଯାଏ । ଏହି ଦୁଇ ବାୟବୀୟ ପଦାର୍ଥ ଏମନ୍ତ ଭାବରେ ମିଶ୍ରିତ ହୋଇଅଛି ଯେ ପ୍ରାଣିମାନେ ଭଲରୂପେ ନିଶ୍ୱାସ ନେଇ ପାରିବେ ଓ ପଦାର୍ଥାଦି ଜଳି ପାରିବ । ଏହା ଭିନ୍ନ

ତହିଁରେ ଅନ୍ୟ ମୂଳ ପ୍ରକାର ବାଷ୍ପ ମଧ୍ୟ ଅଳ୍ପ ପରିମାଣରେ ରହିଅଛି ମାତ୍ର ସେ ସବୁ ବଡ଼ ଆବଶ୍ୟକୀୟ ଅଟେ ।

ପ୍ରାଣିମାନଙ୍କର ପ୍ରଶ୍ୱାସରୁ ଯେଉଁ ବାଷ୍ପ ନିର୍ଗତ ହୁଏ, ତାକୁ କାର୍ବନିକ ଏସିଡ଼ ବାଷ୍ପ ବା ଅଙ୍ଗାରକାମ୍ଳ ବାଷ୍ପ କହନ୍ତି । ଏହା ବୃକ୍ଷମାନଙ୍କର ପ୍ରଧାନ ଆହାର । କାର୍ବୋନିକ ଏସିଡ଼ ବାଷ୍ପ ବିନା ବୃକ୍ଷ ବଢ଼ି ନ ପାରେ ; କିନ୍ତୁ ଏହା ଯଦି ନିଃଶ୍ୱାସ ନେବା ସମୟରେ ମନୁଷ୍ୟର ଶରୀର ଭିତରକୁ ପ୍ରବେଶ ହୁଏ ତାହା ହେଲେ ସେ ବଞ୍ଚିବ ନାହିଁ ଶୀଘ୍ର ମରିଯାଏ । ଏହି ବାୟୁ ଅଧିକ ଖରାପ ଅଟେ ।

ବାୟୁରେ ଆଉ ଚତୁର୍ଥ ପଦାର୍ଥ ଜଳୀୟ ବାଷ୍ପ ଅଟେ । ସୂର୍ଯ୍ୟ କିରଣରୁ ଜଳ ବାଷ୍ପ ହୋଇ ନିରନ୍ତର ଉପରକୁ ଉଠୁଥାଏ । ତହିଁରୁ ମେଘ ଜାତ ହୁଏ ଓ ବୃଷ୍ଟି ହୁଏ । ଏହି ଜଳୀୟ ବାଷ୍ପ ନ ଥିଲେ ଆମ୍ଭମାନଙ୍କ ଶରୀର ସରସ ଓ ଚିକ୍କଣ ହୋଇ ପାରନ୍ତା ନାହିଁ । ଆଉ ବୃକ୍ଷ ମଧ୍ୟ ଶୁଷ୍କ ହୋଇ ଯାନ୍ତା । ପ୍ରାଣିମାନଙ୍କ ନିଃଶ୍ୱାସ ନେବାରେ ଅମ୍ଳଜାନ ବାଷ୍ପ ଯୋଗାପଥ ଶ୍ୱାସ ଭିତରକୁ ଯାଇ ରକ୍ତକୁ ପରିଷ୍କାର କରେ ଓ ଯେଉଁ ବାୟୁ ପ୍ରଶ୍ୱାସ ଦ୍ୱାରା ବହିର୍ଗତ ହୁଏ, ତାହା ଦୂଷିତ ବାୟୁ । ବାହ୍ୟ ବାୟୁରେ ଏହା ଅତ୍ୟଳ୍ପ ପରିମାଣରେ ଥାଏ ; କିନ୍ତୁ ଯେଉଁ ବାୟୁ ପ୍ରଶ୍ୱାସ ଦ୍ୱାରା ବହିର୍ଗତ ହୁଏ, ତହିଁରେ ଏହା ଅଧିକ ପରିମାଣରେ ଥାଏ । ଏହି ପ୍ରକାରେ ପ୍ରାଣିମାନଙ୍କ ନିଃଶ୍ୱାସ ନେବାରେ ବାୟୁର ଅଧିକ ଭାଗ ଦୂଷିତ ହେଉଅଛି । ପଦାର୍ଥ ଜଳିବାରେ ମଧ୍ୟ ବିଶେଷ ଅମ୍ଳଜାନ ବାଷ୍ପ ବ୍ୟୟ ହେଉଅଛି । ଅମ୍ଳଜାନ ବାଷ୍ପ ବିନା ଅଗ୍ନି ଜଳି ନ ପାରେ । ଯଦି ତୁମ୍ଭେ କୌଣସି ପାତ୍ରରେ ଜଳନ୍ତା ପ୍ରଦୀପ ରଖି ସେହି ପାତ୍ରର ମୁଖ ବନ୍ଦ କରି ଦେବ, ତେବେ ସେହି ପ୍ରଦୀପ ଶୀଘ୍ର ଲିଭିଯିବ । କାରଣ ପାତ୍ରସ୍ଥିତ ସମସ୍ତ ଅମ୍ଳଜାନ ବାଷ୍ପ ଜଳନରେ ବ୍ୟୟ ହୋଇଯିବ । ଆଉ

ନଳ ଲାଗିଥାଏ । ଯଦି ତୁମ୍ଭେ ତାହାକୁ ବିଦାର୍ଣ୍ଣ କରି ଦେବ ତାହା ହେଲେ ଜାଣି ପାରିବ ଯେ ଏହାର ମଧ୍ୟରେ ଏକ ଶସ୍ୟ ରହିଅଛି । ତାହା ନିମ୍ନ-ସ୍ଥିତ ଫଳର ପରଠାରୁ ଊର୍ଦ୍ଧ୍ୱସ୍ଥ ବନ୍ତ ଦ୍ୱାରା ପର୍ଯ୍ୟନ୍ତ ସଂଲଗ୍ନ ହୋଇଅଛି ; ତାହାକୁ ଗର୍ଭକେଶର କହନ୍ତି । ନଳର ନିକଟରେ କ୍ଷୁଦ୍ର ପୀତ ବର୍ଣ୍ଣର ଦାନା ମଧ୍ୟ ଲାଗିଥାଏ ; ଏହାର ନାମ ପରାଗକେଶର । ଏହାର ରେଣୁ ଉଡ୍ଡୀନ ହୋଇ ବନ୍ତ ଦ୍ୱାରାରେ ସଂଲଗ୍ନ ହୋଇଯାଏ ; ତାହା ସଂଯୁକ୍ତ ହେବାରୁ ଫଳରେ ବୀଜ ଉତ୍ପନ୍ନ ଓ ପରିପୁଷ୍ଟ ହୁଏ ।

ଲମ୍ବା ଏବଂ ମୋଟିଆ ପୁଷ୍ପର ସ୍ତମ୍ଭ ପାର୍ଶ୍ୱରେ ନଳ ଥାଏ ନାହିଁ, ଚମ୍ପକବର୍ଣ୍ଣରେ ପରାଗକେଶରର କ୍ଷୁଦ୍ର ଦାନା ପ୍ରତ୍ୟେକ ଡେଙ୍ଗାର ଉପର ଭାଗରେ ରହିଥାଏ । ସମସ୍ତ କୁସୁମର ଗର୍ଭକେଶର ଏବଂ ପରାଗକେଶର ଚିହ୍ନିବାର ଉପାୟ ଏହି କି ଫଳର ମୁହଁକୁ ଯେଉଁ ସ୍ତମ୍ଭ ଲାଗିଥାଏ ତାହା ଗର୍ଭକେଶର ଓ ତିନି ବା ଦଳର ତଳରେ ଯେଉଁ ନଳ ଅଥବା ଦେଣ୍ଡା ଲାଗିଥାଏ, ତାହା ପରାଗକେଶର ଅଟେ । ଦେଖ, ମକା ବାଲ୍ପ ଉପରେ ଗର୍ଭକେଶରର ଲମ୍ବା କେଶ ଲାଗିଥାଏ ; ଏହା ବାହାରକୁ ବହିର୍ଗତ ହୋଇ ଜଟାସ୍ୱରୂପ ହୁଏ । ମକା ଗଛର ପରାଗକେଶର ବିଶିଷ୍ଟ ପୁଷ୍ପ ମକାଫଳମାନଙ୍କ-ଠାରୁ ଦୂରରେ ଥାଇ ଗଛର ଉପର ଭାଗରେ ରହିଥାଏ । ଏହାର ପରାଗ ପବନ ସହଯୋଗେ ଉଡ୍ଡୀନ ହୋଇ କେଶ ଉପରେ ପଡ଼ିଥାଏ । କୃଷକ-ମାନଙ୍କ ଉଚିତ ଯେ ଗଛକୁ ହଲାଇ ପରାଗକେଶର ଝାଡ଼ି ଦେଉଥିବେ ।

ବର୍ତ୍ତମାନ କଖାରୁ ପ୍ରଭୃତି ଲଟାର ପୁଷ୍ପ ପରୀକ୍ଷା କର । ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏହି ଲଟାର କେତେକ ପୁଷ୍ପରେ ଫଳ ଲାଗେ, ଆଉ କେତେକରେ ଲାଗେ ନାହିଁ । ଫଳଯୁକ୍ତ ପୁଷ୍ପରେ ଗର୍ଭକେଶର ଏବଂ ଫଳରହିତ ପୁଷ୍ପରେ କେବଳ ପରାଗକେଶର ଥାଏ । ପ୍ରଥମ ପ୍ରକାର ପୁଷ୍ପକୁ ମାଈ କିମ୍ବା ଯଥାର୍ଥ ପୁଷ୍ପ ଏବଂ ଦ୍ୱିତୀୟ ପ୍ରକାର ପୁଷ୍ପକୁ ଅଣ୍ଡିରା ଅଥବା ଅଯଥାର୍ଥ ପୁଷ୍ପ କହନ୍ତି । ଏହା କହିବାର ଅଭିପ୍ରାୟ ଏହି ଯେ ଗର୍ଭକେଶରକୁ ପରାଗକେଶର

ଅନେକ ଦୂରରେ ରହୁଥାଇ, ତେବେ ତାହାର ସଂଯୋଗ କିପରି ହୋଇପାରିବ? ପରାଗକେଶର ବାୟୁ ସହକାରେ ଉଡ୍ଡୀନ ଅଥବା ପୁଷ୍ପ ରସ ଭୋଜନ କରିବା ସମୟରେ ଭ୍ରମର ଆଦି ପତଙ୍ଗ ଦେହରେ ସଂଲଗ୍ନ ହୋଇ ଗର୍ଭକେଶରକୁ ଆସୁଥାଇ । ତେବେ ବୀଜ କାହିଁକି ଉତ୍ପନ୍ନ ନ ହେବ? ଏଥିପାଇଁ ତୁମ୍ଭଙ୍କୁ ଉଚିତ ଯେ ଅଯଥାର୍ଥ ପୁଷ୍ପ ଛେଦନ କରି ଯଥାର୍ଥ ପୁଷ୍ପ ଉପରେ ଆବୃତ କରିଦିଅ; ଯଦ୍ବାରା କୌଣସି ଫଳ ନଷ୍ଟ କିମ୍ବା ଶୁଷ୍କ ହୋଇ ନ ପାରିବ । ତୁମ୍ଭେ କହୁଥାଇ ଯେ ଅଙ୍ଗୁଳି ଦେଖାଇବାରେ ଫଳ ଶୁଷ୍କ ହୋଇଯାଏ, ଏହା ତୁମ୍ଭର ଭ୍ରମ ଅଟେ ।

ଯେଉଁ ସମୟରେ ବୀଜ ପରିପକ୍ୱ ହୁଏ, ସେତେବେଳେ ତାହାର ପତ୍ର, ଶିରା, ଦଳ ଓ ପରାଗକେଶର ଶୁଷ୍କ ହୋଇ ପତିତ ହୁଏ । ଶୁଷ୍କ ଗର୍ଭକେଶର କେବଳ ଫଳର ଶେଷରେ ଦୃଶ୍ୟ ହୁଅଇ । ପୁଷ୍ପର ଏହି ପାଞ୍ଚ ଭାଗ ମୁଖ୍ୟ ଅଟେ । ତନ୍ମଧ୍ୟରେ ଦୁଇ କେଶରର ମିଳନରେ ବୀଜ ଉତ୍ପନ୍ନ ହୁଏ, ଏବଂ ଶେଷ ୩ ପୂ ଭାଗ ଏହାକୁ ରକ୍ଷା କରଇ ।

# ପାଠ ୮ ।

## ଗ୍ରୀଷ୍ମ ।

(ଝୁଲ ବଙ୍କଲା ଶ୍ରୀ ।)

କ୍ରମେ ମଧୁ ଅନ୍ତେ, ଆସନ୍ତି ଜଗତେ ଦାରୁଣ ନିଦାଘ କାଳ;
ଗ୍ରୀଷ୍ମ ଋଷି ଯାହ୍ନ, ବର୍ଷିଲ ତପନ, ପ୍ରଚଣ୍ଡ କିରଣ ଜାଲ । ୧ ।
ହୁତାଶନ ସମ, ତପନ ତାପରେ, ତପ୍ତ ମହୀ କଳେବର;
ତପ୍ତ ଧୂଳି ରାଶି, ପବନ ବହନେ, ଉଡ଼ି ପୋଡ଼ନ୍ତି ଅମ୍ବର । ୨ ।
ପଲ୍ୱଳ ଶୁଷ୍କ ହେବ, ସରୋବର ଜଳ, ନଦୀ ହେଉ କ୍ଷୀଣ ଅତି;
ଭେକ, ମୀନ ଆଦ, ଜଳଚର ପ୍ରାଣୀ, ମରନ୍ତି ଲଭି ଦୁର୍ଗତି । ୩ ।
ଆତପ ସନ୍ତାପେ, ସନ୍ତାପିତ ସର୍ବେ, ପଶୁ, ପକ୍ଷୀ ଜୀବ କୁଳ;
ଶୁଷ୍କ କଣ୍ଠ ତାଳୁ, ବହଳ ଅଥୟ, ସରବେ ତୃଷା ଆକୁଳ । ୪ ।
ନୀରବ ନିଶ୍ଚଳ, ବିହଙ୍ଗ ନିକର, ପତ୍ର ତରୁର ଡାଳେ;
ମୃଗ, ବ୍ୟାଘ୍ର, ହସ୍ତୀ, ମହିଷ, ବରାହ, ଲୋଡ଼ନ୍ତି ଛାଇ ବ୍ୟାକୁଳେ । ୫ ।
ବହେ ସ୍ୱେଦ ଧାର, ସର୍ବେ ନରନାରୀ, ଗ୍ରୀଷ୍ମ ସନ୍ତାପେ ଅସ୍ଥିର;
ବିଞ୍ଚଣା ପବନେ, କେହୁ ବା ଚନ୍ଦନେ, ଶୀତଳନ୍ତି ଶରୀର । ୬ ।
ନିର୍ଜନ ପ୍ରାନ୍ତରେ, କ୍ଳାନ୍ତ ପଥିକ, ତୃଷା-ବିହ୍ୱଳ-ମନେ ;
ଦୂରେ ନିରେଖନ୍ତି, ରମ୍ୟ ମୃଗ ତୃଷ୍ଣା, ଅତି ଆନନ୍ଦ ମନେ । ୭ ।
ଜଳ ଭ୍ରମହେତୁ, ଜାଣି ନୀଳିମାରେ, ଧାଏ ମୃଗତୃଷ୍ଣା କତି;
ଧାଆନ୍ତେ ପଥିକ, ହୁଅଇ ଅଦୃଶ୍ୟ, ପଥିକ ଆଶା ବିଫଳ । ୮ ।
ପର୍ବତ କାନନେ, ମହା ଭୟଙ୍କର, ସଞ୍ଚରଇ ଦାବାନଳ;
ପ୍ରବଳ ବେଗରେ, ପୋଡ଼ି ବନଦେଶ, ଧ୍ୱଂସଇ ଜୀବ ସକଳ । ୯ ।
ନିଦାଘ ସମୟ, ହୋଇଲେହେଁ ଦାରୁଣ, ଅଟେ ଜଗତର ମିତ୍ର;
ଫଳମାନ ଦେଇ, ସାଧେ ପ୍ରାଣୀ ହିତ, ବନ୍ଧୁ ବିଧାନ ପଟିବ । ୧୦ ।

# ପାଠ ୯ ।

## ସିକନ୍ଦର ଆଉ ପୌରବଙ୍କ ଯୁଦ୍ଧ ।

ସିକନ୍ଦର ବାଦ୍‌ଶାହ ମେସିଡୋନିଆ ରାଜ୍ୟାଧିପ ଫିଲିପଙ୍କ ପୁତ୍ର ଥିଲେ । ଏହି ରାଜା ଖ୍ରୀଷ୍ଟଙ୍କ ଜନ୍ମର ୩୫୬ ବର୍ଷ ପୂର୍ବରେ ଜନ୍ମ ଗ୍ରହଣ କରି-ଥିଲେ । ତାଙ୍କ ପିତା ମାନବଲୀଳା ସମ୍ବରଣ କଲା ସମୟରେ ତାଙ୍କର ବୟଃ-କ୍ରମ କେବଳ ୨୦ ବର୍ଷ ହୋଇଥିଲା । ଏହି ସମୟରେ ୟୁନାନ ଦେଶର-ସ୍ଥିତ ବଣ୍ଟାଳ ସ୍ୱବରେ ଅବସ୍ଥାପିତ ଥିବା ଯୋଗୁଁ ସେହି ଦେଶକୁ ଜୟ କରିବା ନିମନ୍ତେ ତାଙ୍କୁ ବିଶେଷ ଅୟାସ ସ୍ୱୀକାର କରିବାକୁ ପଡ଼ି ନ ଥିଲା ।

ସିକନ୍ଦର ସମସ୍ତ ଜଗତକୁ କରକବଳିତ କରିବାକୁ କୃତସଂକଳ୍ପ ହୋଇଥିଲେ । ଅଳ୍ପ ସମୟରେ ସେ ଏସିଆ ଖଣ୍ଡସ୍ଥ ତୁରକ, ସିରିଆ, ମିସର, ଆଉ ପାରସ୍ୟ ଦେଶକୁ କରଗତ କଲେ । ତଦୁତ୍ତରେ ହିନ୍ଦୁ-ସ୍ଥାନ ଜୟ କରିବାକୁ ସଂକଳ୍ପ କଲେ । କାବୁଲ ନଦୀ ଓ ହିନ୍ଦୁକୁଶ ପର୍ବତ ମଧ୍ୟବର୍ତ୍ତୀ ସ୍ଥାନ ସବୁ ଜୟ କରିବାରେ ତାଙ୍କୁ ୯ ବର୍ଷ କାଳ ଲାଗିଥିଲା । ଜୟଲାଭାନନ୍ତର ସେ ହିନ୍ଦୁକୁଶ ପାର ହୋଇ ସିନ୍ଧୁନଦୀ ତଟରେ ଉପନୀତ ହେଲେ, ସିନ୍ଧୁ ଦେଶାଧିପତି ତାଙ୍କୁ ବିଶେଷ ଉପଢୌକନାଦ ପ୍ରଦାନ କରି ତାଙ୍କ ସହିତରେ ସନ୍ଧି ସ୍ଥାପନ କଲେ । ତଦନନ୍ତର ସିକନ୍ଦର ଝିଲମ ନଦୀର ଉପକୂଳ ପର୍ଯ୍ୟନ୍ତ ଅଗ୍ରସର ହେଲେ । ଏହି ସ୍ଥାନରେ ପୌରବ ରାଜାଙ୍କ ସହିତ ସଂଗ୍ରାମ ହେଲା । ଉକ୍ତ ଯୁଦ୍ଧର ବର୍ଣ୍ଣନା ସିକନ୍ଦରଙ୍କ ହସ୍ତଲେଖିତ ପତ୍ରମାନଙ୍କରୁ ଜଣା ପଡ଼ଇ । ସେ ଲେଖିଅଛନ୍ତି ଯେ ଉଭୟ ପକ୍ଷର ସୈନ୍ୟମାନଙ୍କ ମଧ୍ୟରେ ସିନ୍ଧୁନଦୀ ବହି ଯାଉଥିଲା । ମହାରାଜ ପୁରୁ ସ୍ୱସୈନ୍ୟ ରକ୍ଷାର୍ଥେ ଶସ୍ତ୍ରସମ୍ପନ୍ନୀକ ନଦୀର ଅପର ତଟରେ ହସ୍ତି ଦଳ ସବୁ ସଜାଇ ରଖିଥିଲେ । ତଥାପି ସିକନ୍ଦର ଅପଣା ଶିବିରରେ ବିଶେଷ ଗୋଳ-

ମାଡ଼ ଛାଡ଼ କରାଉଥିଲେ, ଏହି ଅବସ୍ଥାରେ କି ଶତ୍ରୁପକ୍ଷ ଏହି ବୋଲା-
ହଳକୁ ଗୋଟିଏ ସାଧାରଣ କଥା ବୁଝି ଶୀଘ୍ର ଉତ୍ତର ନ ଦିବେ । ଏହିପରି
କରୁଁ ୨ ଦିନେ ଅନ୍ଧକାରମୟ ଝଡ଼ବୃଷ୍ଟି ରାତ୍ରରେ ଅବସର ପାଇ କେତେକ
ସିପାହୀ ଆଉ କେତେକ ବଛା ଅଶ୍ୱାରୋହୀ ସଙ୍ଗରେ ନେଇ ଶତ୍ରୁ ସେନା
ନିକଟବର୍ତ୍ତୀ ନଦୀ ମଧ୍ୟସ୍ଥିତ ଗୋଟିଏ କ୍ଷୁଦ୍ରଦ୍ୱୀପ ଉପରେ ପ୍ରବେଶ ହେଲେ ;
ଇତ୍ୟବସରରେ ଝଡ଼ ବିଶେଷ ବେଗରେ ହେବାକୁ ଲାଗିଲା । ଆକାଶ
ମେଘରେ ଆଚ୍ଛାଦିତ ହେଲା । ବିଜୁଳି ଚମକିବାକୁ ଲାଗିଲା ଓ ଘୋର ବୃଷ୍ଟି
ଆରମ୍ଭ ହେଲା । ଏହିପରି ଘୋର ଉତ୍ପାତ ସବୁ ଉପସ୍ଥିତ ହେଲେହେଁ
ଏବଂ କେତେକ ଲୋକ ବଜ୍ରାଘାତ ମୃତ ହେଲେ, ମଧ୍ୟ ସିକନ୍ଦର ଭୀତ ନ
ହୋଇ ଅନ୍ୟତଟ ଅଭିମୁଖେ ଅଗ୍ରସର ହେଲେ । ସିନ୍ଧୁ ନଦୀ ପ୍ରବଳବୃଷ୍ଟିରେ ସ୍ଫୀତ
ହୋଇଥିବା ଯୋଗୁଁ ଉଚ୍ଚତଟସ୍ଥ ମୃତ୍ତିକା ଖସି ନଦୀ ବେଗରେ ଭଗ୍ନ ହୋଇ
ଗୋଟିଏ କ୍ଷୁଦ୍ର ଖାଲ ଉତ୍ପନ୍ନ ହୋଇଥିଲା । ଏଥିସକାଶୁଁ ସେ ତଟସମୀପ-
ବର୍ତ୍ତୀ ହେବାକାଳେ ତଟ ତାଙ୍କୁ ଛିନ୍ନ ଭିନ୍ନ ଥିବାର ବୋଧ ପଡ଼ିଲା । ଅ-
ବୃଷ୍ଟି ଯୋଗୁଁ ଭୂମି ପୂର୍ଣ୍ଣ ଓ ଖସଡ଼ା ହୋଇ ପଡ଼ିଥିଲା । ତେଣୁ ଯୋଦ୍ଧାଗଣ
ନୌକାରୁ ଅବତୀର୍ଣ୍ଣ ହୋଇ ବକ୍ଷ ପର୍ଯ୍ୟନ୍ତ ଗଭୀର ଜଳରେ ପଶି ଦୁସ୍ତର
ଅସାଧାରଣ କଷ୍ଟ ତଟରେ ପ୍ରବେଶ କଲେ । "ଯଦ୍ୟପି ଶତ୍ରୁ ପକ୍ଷର ଅଶ୍ୱା-
ରୋହୀମାନେ ଅମ୍ଭ ସହିତରେ ଯୁଦ୍ଧ ଆରମ୍ଭ କରନ୍ତି ତେବେ ଅମ୍ଭେମାନେ
ସମ୍ମୁଖରେ ସ୍ଥିତ ହେବୁଁ ବା ଯଦ୍ୟପି ଶତ୍ରୁ ପଦାତି ଅମ୍ଭ ସହିତ ଯୁଦ୍ଧ କରେ
ତେବେ ଅମ୍ଭର ସିପାହୀମାନେ ଉଚିତ ସମୟରେ ଶତ୍ରୁ ପଦାତିଙ୍କ ସମ୍ମୁଖୀ
ହୋଇ ପାରିବେ" ଏହି କଥା ମନେ ଭାବି ସିକନ୍ଦର ସ୍ୱ ସିପାହୀମାନଙ୍କୁ ୨
କ୍ରୋଶ ପଛରେ ରଖି ଆପଣା ଅଶ୍ୱାରୋହୀମାନଙ୍କ ସହିତ ଅଗ୍ରସର ହେବା-
ଲାଗିଲେ । ତାଙ୍କର ଉକ୍ତ ବିଚାର ଭ୍ରମାତ୍ମକ ଥିଲା ନାହିଁ । ବିପକ୍ଷ ପ୍ରାୟ
୧୦୦୦ ଅଶ୍ୱାରୋହୀ ଓ ହସ୍ତିଯୁକ୍ତ ୬୦ ରଥ ସହିତ ଯୁଦ୍ଧାର୍ଥେ ଅଗ୍ରସ
ହେଲେ । ସିକନ୍ଦର ଏମାନଙ୍କୁ ଅନାୟାସେ ପରାଜିତ କଲେ । ରଥ ସ

ଅଶ୍ୱାରୋହୀ, ବହୁ ଯୁଦ୍ଧକ୍ଷେତ୍ରରେ, ୪୦୦ ଅଶ୍ୱାରୋହୀଙ୍କ ଶିରଃ କର୍ତ୍ତନ କଲେ । ଏ ଅନ୍ତେ ପୁରୁ ରାଜା, ସିକନ୍ଦର ସସୈନ୍ୟ ହୋଇ ନଦୀ ପାର ହୋଇ ଆସିଅଛନ୍ତି, ଅବଧାରଣ କରି ଆପଣା ସମସ୍ତ ସୈନ୍ୟ ଆଗକୁ ବଢ଼ାଇ ଆଣିଲେ । ସିକନ୍ଦର ତାଙ୍କ ହସ୍ତିବଳ ଓ ବହୁ ସଂଖ୍ୟକ ସୈନ୍ୟ ସନ୍ଦ-ର୍ଶନ କରି ତାଙ୍କ ସମ୍ମୁଖୀନ ହୋଇ ଯୁଦ୍ଧ କରିବାପାଇଁ ଅନିଚ୍ଛୁକ ଥିଲେ, ଏଥିପାଇଁ ସେ ଶତ୍ରୁର ବାମ ପାର୍ଶ୍ୱରେ ଆକ୍ରମଣ କଲେ ଓ ତାଙ୍କ ଆଦେଶା-ମତେ ଅନ୍ୟ ଜଣେ ସେନାପତି ଶତ୍ରୁର ଦକ୍ଷିଣ ପାର୍ଶ୍ୱକୁ ଆକ୍ରମଣ କଲେ । ପୌରବ ସେନା ଉଭୟ ପାର୍ଶ୍ୱକୁ ଆଘାତ ପାଇ ଛିନ୍ନଭିନ୍ନ ହୋଇ ମଧ୍ୟଭାଗରେ ଏକତ୍ରିତ ହେବାକୁ ଲାଗିଲେ । ଏହି ସମୟରେ ଯୁଦ୍ଧ ପ୍ରଥମାପେକ୍ଷା ଅଧିକତର ଭୟଙ୍କର ଆକାର ଧାରଣ କଲା । ଉଭୟ-ପକ୍ଷ ସମାନ ସାହସରେ ସଂଗ୍ରାମ କରିବାକୁ ଲାଗିଲେ ଏବଂ ବେଳା ଦୁଇ ଘଣ୍ଟିକା ପର୍ଯ୍ୟନ୍ତ ଯୁଦ୍ଧର କିଛି ପରିଣାମ ଜଣା ପଡ଼ିଲା ନାହିଁ ।

ପୌରବ ୭ ଫୁଟ ଉଚ୍ଚ ଥିଲେ ଏବଂ ସର୍ବୋଚ୍ଚ ହସ୍ତି-ପୃଷ୍ଠରେ ଆରୂଢ଼ ହେଲେ ସୁଦ୍ଧା ଆପଣା ସ୍ଥୂଳୋନ୍ନତ କଲେବର ହେତୁରୁ ଅପ୍ରିୟ-ଦର୍ଶନ ନ ଥିଲେ । ଏ ବିଷୟରେ ଅନେକ ଇତିହାସ ଲେଖକମାନେ ଏକମତ ପ୍ରକାଶ କରିଅଛନ୍ତି । ଯୁଦ୍ଧ ସମୟରେ ସେ ଯେଉଁ ମାତଙ୍ଗୋ-ପରି ଆରୂଢ଼ ହୋଇଥିଲେ, ସେହି ମାତଙ୍ଗ ତାଙ୍କ ପ୍ରାଣ ରକ୍ଷାର୍ଥେ ଅନେକ ନିପୁଣତାର ପରିଚୟ ପ୍ରଦର୍ଶନ କରିଥିଲା । ଯେତେବେଳ ପର୍ଯ୍ୟନ୍ତ ପୌରବ ରାଜା ଯୁଦ୍ଧ କରି ପାରୁଥିଲେ ତେତେବେଳ ପର୍ଯ୍ୟନ୍ତ ସେହି ହସ୍ତୀ ଅତି ସାହସ ଓ ଧୈର୍ଯ୍ୟ ସହିତ ରାଜାଙ୍କୁ ରକ୍ଷା କଲା । କିନ୍ତୁ ଯେତେ-ବେଳେ ବହୁବାଣ ବିଦ୍ଧ ହୋଇ ରାଜା ପତନୋନ୍ମୁଖ ହେବାର ହସ୍ତୀ ଜାଣି ପାରିଲା ତେତେବେଳେ ତାଙ୍କ ରକ୍ଷାର୍ଥେ ଧୀର ଭାବରେ ଭୂମିରେ ଉପ-ବିଷ୍ଟ ହୋଇ ତାଙ୍କ ଦେହରେ ବିଦ୍ଧ ହୋଇଥିବା ଶରମାନଙ୍କୁ ଶୁଣ୍ଢରେ ଟାଣି ବାହାର କରି ଦେଲା ।

ପୌରବ ରାଜା ଯୁଦ୍ଧରେ ପରାସ୍ତ ହୋଇ ଶତ୍ରୁ ହସ୍ତରେ ବନ୍ଦୀସ୍ୱରୂପରେ ପତିତ ହେଲନ୍ତୁ ସିକନ୍ଦର ତାଙ୍କୁ ପ୍ରଶ୍ନ କଲେ । "ତୁମ୍ଭର ସହିତ କିପରି କରାଯିବା କହୁଅଛ ?" ସେ ଉତ୍ତର କଲେ "ମୋର ସମ୍ମାନ ରାଜାଙ୍କ ପରି ହେବା ଉଚିତ୍ ।" ଏହି ଉତ୍ତରକୁ ସିକନ୍ଦର ପଚାରିଲେ, "ଆଉ କିଛି ଆପଣଙ୍କ କହିବା ଅଛି ?" ସେ ଉତ୍ତର କଲେ, "ରାଜା ଶବ୍ଦରେ ସମସ୍ତ ବିଷୟ ସମାବିଷ୍ଟ ହୋଇଅଛି ।" ସିକନ୍ଦର ଏହି ସବୁ ଉତ୍ତରରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାଙ୍କୁ କେବଳ ତାଙ୍କ ରାଜ୍ୟ ଫେରାଇ ଦେଲେ ଏମନ୍ତ ନୁହେଁ ଅଧିକ ବଡ଼ ବଡ଼ ପ୍ରଦେଶ ସବୁ ତାଙ୍କ ରାଜ୍ୟରେ ଯୋଗ କରି ଦେଲେ ଏବଂ ଗୋଟିଏ ସ୍ୱାଧୀନ ଦେଶକୁ ଜୟ କରି ପୌରବଙ୍କୁ ସମର୍ପଣ କରି ଦେଲେ ।

---

## ପାଠ ୧୦ ।

### ଜଣେ ବୃଦ୍ଧ ଲୋକ ଓ ତାହାର ବଳଦ ।

କୌଣସି ସମୟରେ ଜଣେ ବୃଦ୍ଧ ମନୁଷ୍ୟ ଆପଣାର ପୁଅ ସହିତରେ ବଳଦ ବିକ୍ରୟ କରିବା ନିମନ୍ତେ ବଜାରକୁ ଯାଉଥିଲା । ମାର୍ଗରେ କୌଣସି ପୁରୁଷ ଦେଖି କହିଲା, ଦେଖ ଏ କିପରି ମୂର୍ଖ ମନୁଷ୍ୟ । ଆପଣା ପୁଅକୁ ଚଲାଇ ନେଉଅଛି ଓ ବଳଦ ଖେଦି ଆପେ ମଧ୍ୟ ଚାଲି ଯାଉଅଛି । ଏହି କଥା ଶୁଣିଲାକ୍ଷଣି ସେହି ବୃଦ୍ଧ ମନୁଷ୍ୟ ପୁଅକୁ ବଳଦ ଉପରେ ଚଢ଼ାଇ ପୂର୍ବପରି ବଳଦ ଖେଦି ତାହାର ପଛେ ପଛେ ଗଲା । କିଛିଦୂର ଗଲାପରେ ଆଉ ଜଣେ ମହାଶୟ ସହିତ ତାର ଭେଟ ହେଲା । ବଳଦରେ ଚଢ଼ିଥିବା ବାଳକକୁ ସେ କହିଲେ, "ଅରେ, ତୁ କିପରି ମୂର୍ଖ । ନିଜେ ଆନନ୍ଦପୂର୍ବକ ବଳଦରେ ବସି ବୃଦ୍ଧ ପିତାକୁ ଚଲାଇ ନେଉଅଛୁ ?

ଘୋଡେ ଲଜ୍ଜା ହେଉନାହିଁ କି?" ଏକଥା ଶୁଣିଲାମାତ୍ରେ ବୃଦ୍ଧ ମନୁଷ୍ୟ ଯୁବକକୁ ବଳଦରୁ ଓହ୍ଲାଇ ସ୍ୱୟଂ ବଳଦ ଉପରେ ଆରୋହଣ କଲା । କିଞ୍ଚିତ୍ ମାର୍ଗରେ ଯାଇଁ ଯାଇଁ ଅନ୍ୟ ଏକ ମନୁଷ୍ୟ ସଙ୍ଗେ ସାକ୍ଷାତ ହେଲା । ସେ କହିଲା, "ଅହୋ ! ବାଳକଟି ପଥଶ୍ରମରେ କ୍ଳାନ୍ତ ହୋଇ ଗଲାଣି ତଥାପି ଏ ବୃଦ୍ଧ ମନୁଷ୍ୟ ଆନନ୍ଦରେ ବଳଦ ଉପରେ ବସି ହଲି ହଲି ଯାଉଅଛି ।" ଏହା ଶୁଣି ସେ ବୃଦ୍ଧ ମନୁଷ୍ୟ ଯୁବକକୁ ମଧ୍ୟ ଆପଣା ସଙ୍ଗରେ ବଳଦ ଉପରେ ବସାଇଲା । ଅଳ୍ପଦୂର ନ ଯାଉଣୁ ପୁନର୍ବାର ଆଉ ଏକ ମହାଶୟଙ୍କ ସହିତ ତାଙ୍କର ଭେଟ ହେଲା । ସେ ଉପହାସ କରି ପଚାରିବାକୁ ଲାଗିଲେ, ହେ ବୃଦ୍ଧମନୁଷ୍ୟ "ଏହା କି ତୁମ୍ଭର ନିଜର ବଳଦ?" ବୃଦ୍ଧ ଉତ୍ତର କଲା "ହଁ, ମହାଶୟ !" ତାହା ଶୁଣି ସେ ବୃଦ୍ଧକୁ ପ୍ରତ୍ୟୁତ୍ତର ଦେଲେ "ଯଦ୍ୟପି ତୁମ୍ଭେ ଦୁଇଜଣ ବଳଦ ଉପରେ ବସିଥନ୍ତ, ତେବେ କିଏ କହିବ ଯେ ଏହା ତୁମ୍ଭର ନିଜର ବଳଦ ଅଟେ?" ଏହି ସବୁ କଥା ଶୁଣିଲା ପରେ ସେହିକ୍ଷଣି ପିତା ପୁତ୍ର ଦୁହେଁ ବଳଦରୁ ଓହ୍ଲାଇଲେ । ତତ୍ପରେ ବଳଦର ଚାରିଗୋଡ଼ ଦଉଡ଼ିରେ ବାନ୍ଧି ତନ୍ମଧ୍ୟରେ ଗୋଟିଏ ବାଉଁଶ ଲଗାଇ ତାକୁ କାନ୍ଧରେ ବୋହି ଗୋଟିଏ ପୋଲ ଉପର ଦେଇ ସହରକୁ ଯିବାକୁ ଲାଗିଲେ । ଏଥିରେ ଏପରି ଗୋଟିଏ ହାସ୍ୟଜନକ ବିଷୟ ହେଲା ଯେ, ତାହା ଦେଖିବା ନିମନ୍ତେ ପ୍ରାୟ ଶତ ଶତ ମନୁଷ୍ୟ ସେଠାକୁ ଦୌଡ଼ି ଆସିଲେ । ପରିଶେଷରେ ବଳଦ ଭୀତ ହୋଇ ବନ୍ଧନରୁ ମୁକ୍ତ ହେବା ନିମନ୍ତେ ତାହାର ଚାରି ଗୋଡ଼ ଇତସ୍ତତଃ ଛାଟିବାକୁ ଲାଗିଲା । ସେ ଯେଉଁ ଦଉଡ଼ିରେ ବନ୍ଧା ଯାଇଥିଲା, ତାହା ଛିଣ୍ଡି ଯିବାରୁ ବାଉଁଶରୁ ପୃଥକ୍ ହୋଇ ନଦୀରେ ପଡ଼ି ପ୍ରାଣତ୍ୟାଗ କଲା ।

ହାୟ ! କି ଦୁଃଖର ବିଷୟ ! ସେ ବୃଦ୍ଧ ମନୁଷ୍ୟ କାୟମନୋବାକ୍ୟରେ ସମସ୍ତଙ୍କୁ ପ୍ରସନ୍ନ କରିବା ନିମନ୍ତେ ଅଭିଳାଷ କରିଥିଲା । ପରନ୍ତୁ ତାହାର

ଅଶ୍ରମ ଫଳ ଏପରି ହେଲା ଯେ ଲୋକେତ ତୁଷ୍ଟ ହେଲେ ନାହିଁ, ବରଂ ତାହାଙ୍କୁ ଅତି ଦୁଃଖ, କ୍ଷତି ଓ ଲଜ୍ଜା ସହିବାକୁ ପଡ଼ିଲା ।

ଏଥିର ତାତ୍ପର୍ଯ୍ୟ ଏହି ଯେ କେହି ଏକାବେଳକେ ସମସ୍ତଙ୍କୁ ପ୍ରୀତ କରି ପାରନ୍ତି ନାହିଁ ।

---

## ପାଠ ୧୧ ।

## ଇଉରୋପୀୟ ଲୋକମାନଙ୍କର ବସତିମାନ ।

ଏହି କଥାକୁ ଉତ୍ତମରୂପେ ବୁଝିବା ଏହିଁ ଯେ ପ୍ରଥମରୁ ପର୍ତ୍ତୁଗୀଜ ଆଦି ଇଉରୋପୀୟ ଲୋକମାନେ ଭାରତବର୍ଷରେ ରାଜ୍ୟସ୍ଥାପନ କରିବା ଉଦ୍ଦେଶରେ ନୁହେଁ, କେବଳ ଏଠାରେ ବାସ କରି ବ୍ୟାପାର ଦ୍ୱାରା ଧନ ସଞ୍ଚିତ ହେଲାଉତାରୁ ଆପଣା ଆପଣା ଦେଶକୁ ଫେରି ଯିବା ମାନସରେ ଆସି-ଥିଲେ । ସେମାନେ ଯେଉଁ କୌଣସି ଠାରେ ବାଣିଜ୍ୟର ଉତ୍ତମ ସୁବିଧା ଦେଖୁଥିଲେ, ସେଠାକାର ରାଜା, ଅବା ବାଦଶାହଙ୍କଠାରୁ ଅନୁମତିପତ୍ର ନେଇ ଆପଣା ଆପଣା ଗୋଦାମ ବା କାର୍ଯ୍ୟଶାଳା ଖୋଲି ସେଠାରେ ରାଜା ବା ବାଦଶାହଙ୍କୁ ତାହାଙ୍କର ବାର୍ଷିକ ଶୁଳ୍କ ଦେଉଥିଲେ ।

ଏହି ପ୍ରକାରେ ପର୍ତ୍ତୁଗାଲ ଦେଶର ଲୋକମାନେ ଖ୍ରୀ ୧୫୧୦ ସନରେ ଗୋଆ ନାମକ ନଗରରେ ସବୁ ପ୍ରଥମ ବସତି ସ୍ଥାପନ କଲେ । ଏହି ସ୍ଥାନଟି ପଶ୍ଚିମ ଉପକୂଳରେ ଏବଂ ବୋମ୍ବାଇର ଦକ୍ଷିଣ ଭାଗରେ ଅବସ୍ଥିତ ଗୋଟିଏ ଦ୍ୱୀପ ଅଟେ । କାଳକ୍ରମେ ସେମାନେ ଗୁଜୁରାଟରୁ ଆରମ୍ଭ କରି କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ପଶ୍ଚିମ ଉପକୂଳରେ ଅନେକ ବସତି ସ୍ଥାପନ କଲେ; ଏବଂ କରମଣ୍ଡଳ ଉପକୂଳରେ ସେଣ୍ଟଥୋମୀ ନାମକ

ଗୋଟିଏ ସୁଦୃଢ଼ ଦୁର୍ଗ ନିର୍ମାଣ କରି ସେହି ସ୍ଥାନରେ ଗୋଟିଏ ନଗର ବସାଇଲେ । ଏହି ସ୍ଥାନରେ ଏବେ ମାନ୍ଦ୍ରାଜ ସହର ଅବସ୍ଥିତ ।

ପଶ୍ଚିମଘାଟ ପର୍ବତ ନିକଟବର୍ତ୍ତୀ ସ୍ଥାନସ୍ଥ ରାଜାମାନଙ୍କ ସହିତ ବୈରିଭାବ ହେବା ପ୍ରଯୁକ୍ତ ପୋର୍ତ୍ତୁଗିଜ ଲୋକଙ୍କୁ ବିଶେଷ କରି ଆପଣାର ବସତି ଆଦି ଅଧିକାର ରକ୍ଷା କରିବା ନିମନ୍ତେ ଶସ୍ତ୍ର ଧାରଣ କରିବାକୁ ପଡ଼ୁଥିଲା । ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ସ୍ପେନର ରାଜା ପର୍ତ୍ତୁଗିଜମାନଙ୍କୁ ଆକ୍ରମଣ କରି ସେମାନଙ୍କୁ ଯୁଦ୍ଧରେ ପରାସ୍ତ କଲେ ଏବଂ ତାଙ୍କର ସମସ୍ତ ଦେଶ ଜୟ କରି ନେଲେ । ଭାରତବର୍ଷରେ ଏମାନଙ୍କର ଯେତେ ସବୁ ବସତି ଥିଲା ସେ ସବୁ ଡଚ୍‌ମାନଙ୍କର ହସ୍ତଗତ ହେଲା । ସେ ସମୟରେ ୟୁରୋପ ମହାଦେଶର ଅନ୍ୟାନ୍ୟ ଜାତିମାନଙ୍କ ଅପେକ୍ଷା ଡଚ୍‌ଲୋକମାନେ ଜାହାଜ ବିଦ୍ୟାରେ ଅଧିକ ନିପୁଣ ଥିଲେ । ଅନ୍ୟାନ୍ୟ ଦେଶର ଲୋକମାନେ ଏମାନଙ୍କଠାରୁ ଭଡ଼ାରେ ଜାହାଜ ନେଇ ଆପଣା ଆପଣା କାର୍ଯ୍ୟ କରୁଥିଲେ । ଏହି ପ୍ରକାରରେ ଡଚ୍‌ମାନଙ୍କର ଜାହାଜ ପୋର୍ତ୍ତୁଗାଲ ରାଜଧାନୀ ଲିସବନକୁ ଆସୁଥିଲା ଏବଂ ସେଠାରୁ ଭାରତବର୍ଷର ଦ୍ରବ୍ୟାଦି ନୀତ ହେଉଥିଲା । ମାତ୍ର ୧୫୮୦ ଖ୍ରୀଷ୍ଟାବ୍ଦରେ ଲିସବନ ନଗର ସ୍ପେନ ରାଜାଙ୍କର ଅଧିକାରଭୁକ୍ତ ହେବାରୁ ସେ ଜାହାଜର ଗତାୟାତ ସ୍ଥଗିତ କରି ଦେଲେ । ସେତେବେଳେ ଡଚ୍‌ମାନେ ସ୍ୱୟଂ ଭାରତବର୍ଷରେ ବ୍ୟାପାର କରିବା ନିମନ୍ତେ କଟିବଦ୍ଧ ହେଲେ ସେତେବେଳେ ଏମାନେ ଭାଗୀରଥୀତଟବର୍ତ୍ତୀ ଚୁଞ୍ଚୁଡ଼ା ନଗରରେ ପ୍ରଥମ କାର୍ଯ୍ୟାଳୟ ଖୋଲିଲେ । ପରେ କରମଣ୍ଡଳ ଉପକୂଳରେ, ମାନ୍ଦ୍ରାଜଠାରୁ ୩୦ ମାଇଲ ଉତ୍ତର ଅନ୍ତରରେ ପଲିକୋଟ ଦୁର୍ଗ ନିର୍ମାଣ କରି ନଗର ବସାଇଲେ । ଅବଶେଷରେ ୧୭ ଶ ଶତାବ୍ଦୀର ଶେଷରେ ପର୍ତ୍ତୁଗିଜମାନଙ୍କର ସମସ୍ତ ଭାରତବସତି ସେମାନଙ୍କର ହସ୍ତଗତ ହେଲା ।

ଡଚ୍‌ମାନଙ୍କ ପରେ ଏଠାକୁ ଇଂରେଜମାନେ ଆଗମନ କଲେ । ଦେଶ ଜୟ କରିବା ଏମାନଙ୍କ ଉଦ୍ଦେଶ୍ୟ ଥିଲା ନାହିଁ । ଏଠାକୁ ଆସି ବ୍ୟାପାର

କରିବା ମଧ୍ୟ ଏମାନଙ୍କର ଉଦ୍ଦେଶ୍ୟ ଥିଲା । ସେହି ଅଭିପ୍ରାୟରେ ସେମାନେ ଗୋଟିଏ କୋମ୍ପାନୀ (ବା ଦଳ) ସଂସ୍ଥାପନ କଲେ । ମହାରାଣୀ ଏଲିଜା-ବେଥ ଏମାନଙ୍କୁ ଗୋଟିଏ ସନନ୍ଦ ପତ୍ର ଦେଇଥିଲେ । ସେହି ସନନ୍ଦର ବଳରେ ଏହି କୋମ୍ପାନିର ଲୋକମାନଙ୍କ ବ୍ୟତୀତ ଅନ୍ୟ କୌଣସି ଇଂରେଜ କୋମ୍ପାନୀ ଭାରତବର୍ଷରେ କୌଣସି ବ୍ୟାପାର କରି ପାରୁ ନ ଥିଲେ । ଏଣୁକରି ଏହି ଦଳ ଶୀଘ୍ର ଅତି ଧନଶାଳୀ ହୋଇଗଲେ ।

ପ୍ରଥମରେ ଲେଖିତ ହୋଇଅଛି ଯେ ଏହି କୋମ୍ପାନିର ମୁଖ୍ୟ ଉଦ୍ଦେଶ୍ୟ ବାଣିଜ୍ୟ କରିବାର ଥିଲା । କିନ୍ତୁ ପରିଶେଷରେ ସ୍ୱ ସ୍ୱ ଦ୍ରବ୍ୟ ଓ ବ୍ୟାପାର ରକ୍ଷା ନିମନ୍ତେ କୋମ୍ପାନିର କର୍ମଚାରୀମାନଙ୍କୁ ସଶସ୍ତ୍ର ହେବାକୁ ଓ ବ୍ୟାପା-ରର ଉନ୍ନତି ସାଧନ ନିମନ୍ତେ ଯୁଦ୍ଧ ଶିକ୍ଷା କରିବାକୁ ପଡିଲା । ଏତେଦୂର ହେଲା ଯେ କ୍ରମେ ୨ ସମସ୍ତ ଭାରତବର୍ଷରେ କୋମ୍ପାନିର ରାଜ୍ୟ ବିସ୍ତୃତ ହୋଇଗଲା । ଏହି କୋମ୍ପାନୀ ୨୫୦ ବର୍ଷ ପର୍ଯ୍ୟନ୍ତ ରହିଥିଲା । ମାତ୍ର ପରିଶେ-ଷରେ ୧୮୫୮ ସାଲରେ, ଇଂଲଣ୍ଡର ମହାସଭା ଏବଂ ମହାରାଣୀ କୋମ୍ପା-ନିଙ୍କୁ ପଦଚ୍ୟୁତ କରି ଏହି ରାଜ୍ୟ ଆପଣା ରାଜ୍ୟଭୁକ୍ତ କରି ନେଲେ ।

ଇଂରାଜମାନଙ୍କର ସଙ୍ଗେ ୨ ଅଥବା କିଛି ଦିନ ପରେ ଫରାସୀ ଲୋକମାନେ ଆଗମନ କଲେ । ଏମାନେ ମଧ୍ୟ ପ୍ରଥମରେ ବ୍ୟାପାରୀ ଥିଲେ । ସେମାନେ ମାନ୍ଦ୍ରାଜଠାରୁ ୧୦୦ ମାଇଲ ଦକ୍ଷିଣରେ ପଣ୍ଡିଚେରୀ ନାମକ ଗୋଟିଏ ନଗର ବସାଇ ତହିଁରେ ଗୋଟିଏ ଦୁର୍ଗ ମଧ୍ୟ ପ୍ରସ୍ତୁତ କଲେ । ପୁନଶ୍ଚ କଲି-କତାର ୨୦ ମାଇଲ ଉତ୍ତରରେ ଚନ୍ଦନ ନଗର ନାମକ ଅନ୍ୟ ଏକ ଦୁର୍ଗ ମଧ୍ୟ ନିର୍ମାଣ କରି ସେଠାରେ ଗୋଟିଏ ନଗର ବସାଇଲେ ।

ଏହି ଫରାସୀ ଓ ଇଂରେଜମାନଙ୍କ ମଧ୍ୟରେ ସର୍ବଦା ବଡ଼ ଈର୍ଷାଭାବ ଥିଲା, ଏବଂ ଉଭୟ ମଧ୍ୟରେ ବଡ଼ ବଡ଼ ଯୁଦ୍ଧ ମଧ୍ୟ ହୋଇଥିଲା । ପରି-ଣାମରେ ଏହାର ଫଳ ଏପରି ହେଲା ଯେ କ୍ରମେ ୨ ତିନି ଦୁଇ ଖଣ୍ଡ ବସତି ଛଡ଼ା ସବୁ ସ୍ଥାନରୁ ଫରାସୀମାନଙ୍କର ଅଧିକାର ଉଠିଗଲା ।

# ପାଠ ୬ ।

## ସ୍ୱାସ୍ଥ୍ୟରକ୍ଷା, ୮ମ ଭାଗ ।

### ବାୟୁ ପରିଷ୍କରଣ ।

ପୃଥିବୀରେ ବାୟୁ ଅନେକ କାରଣରୁ ଦୂଷିତ ହୁଏ । ଯଦି ତାହା ପରିଷ୍କାର ହେବାର ଉପାୟ ନ ଥାନ୍ତା ତେବେ କିଛି ଦିନରେ ଏହି ପୃଥିବୀ ଉପରେ ବାସ କରିବା କଠିଣ ହୁଅନ୍ତା । ବାୟୁ ଯେଉଁ କାରଣରୁ ପରିଶୁଦ୍ଧ ହୁଏ ତାହା ଦୁଇ ପ୍ରକାର ।

ପ୍ରଥମ ଉପାୟ ଏହି ଯେ ତାହା ଆପେ ଆପେ ପରିଷ୍କାର ହୋଇଥାଏ । ଯେପରି ସୂର୍ଯ୍ୟର ଉତ୍ତାପରୁ ବାୟୁ ଉଷ୍ଣ ହୋଇଯାଏ; ପୁଣି ସେହି ଉତ୍ତାପରୁ ସ୍ରୋତ ଜାତ ହୋଇ ଚଳେ । ତହିଁରେ ଦୂଷିତ ପବନ ଏକ ସ୍ଥଳରେ ଜମା ହୋଇ ନ ପାରେ । ବର୍ଷା ଦ୍ୱାରା କୁଣ୍ଡା, ଧୂଳି ଇତ୍ୟାଦି ଭୂମିରେ ବସିଯାଏ, ଆଉ ପାଣିରେ ଦ୍ରବ ହେଉଥିବା ପଦାର୍ଥ ତହିଁରେ ମିଳିକରି ବହିଯାଏ ।

ବାୟୁ ପରସ୍ପରଙ୍କ ମିଳନରେ ମଧ୍ୟ ପରିଷ୍କାର ହୋଇଯାଏ । ଅଗ୍ନିରୁ ଯେଉଁ ଧୂଆଁ ଉଠେ ତାହା ଶୀଘ୍ର ବାୟୁ ସଙ୍ଗରେ ଏପରି ଭାବରେ ମିଶିଯାଏ ଯେ ଅଳ୍ପ ମଧ୍ୟ ଦେଖା ପଡ଼େ ନାହିଁ । ଦୂଷିତ ବାୟୁର ମଧ୍ୟ ଏହିପରି ଅବସ୍ଥା । କାରଣ ତାହା ନିର୍ମଳ ବାୟୁ ସଙ୍ଗେ ମିଶିଯାଏ ।

ବାୟୁ ଯେତିକି ପାତଳ ହୁଏ ତେତିକି ହାନି ଅଳ୍ପ ହୁଏ । ବାୟୁ ପରିଷ୍କୃତ ହେବାରେ ବୃକ୍ଷସମୂହରୁ ବିଶେଷ ସାହାଯ୍ୟ ମିଳେ । ପ୍ରାଣୀ ଶ୍ୱାସ ନେବାବେଳେ ଅମ୍ଳଜାନ ବାଷ୍ପ ଭିତରକୁ ଯାଏ ଆଉ ଅଙ୍ଗାରାମ୍ଳ ବାଷ୍ପ ବାହାରକୁ ଆସେ । ସେହି ବହିର୍ଗତ ବାଷ୍ପକୁ ଦିନବେଳେ ବୃକ୍ଷ ସବୁ ଆକର୍ଷଣ କରନ୍ତି; ଏବଂ ତାହା ପରିବର୍ତ୍ତରେ ଅମ୍ଳଜାନ ବାଷ୍ପ ବାହାର କରି ଦିଅନ୍ତି । ରାତ୍ରିକାଳରେ

ପ୍ରାଣପୋଷକ ବାୟୁ ବୃକ୍ଷରେ ପ୍ରବିଷ୍ଟ ହୁଏ, ଏବଂ ତହିଁରୁ ଅଙ୍ଗାରକାମ୍ଳକ ଏସିଡ୍ ବାଷ୍ପ ବାହାରେ, ମାତ୍ର ପ୍ରାଣପୋଷକ ବାୟୁ ଯେଉଁ ପରିମାଣରେ ବୃକ୍ଷ ଭିତରକୁ ଯାଏ, ତାହା ଅପେକ୍ଷା ଅଧିକ ପରିମାଣରେ ତହିଁରୁ ବାହାରେ; ତଥାପି ବୃକ୍ଷ ତଳେ ଶୋଇବା ଭଲ ନୁହେ ।

ଏବଂ ଅନ୍ୟାନ୍ୟ କୃତ୍ରିମ ଉପାୟରେ ମଧ୍ୟ ବାୟୁ ପରିଷ୍କାର ହୁଏ । ବାୟୁ ଆପେ ପରିଷ୍କାର ହେବା ବିଷୟରେ ଲୋକମାନଙ୍କର ବାଧା ଦେବା ଉଚିତ ନୁହେ । ଘର, ଗଳି, ସ୍କୁଲ କଚେରି ଆଦି ଖୋଲା ବନାଇବା ଉଚିତ, ଯେପରି କନା ବାଆରେ ବାୟୁ ଯିବା ଆସିବା କରି ପାରିବ । କୋଇଲାରେ ବାୟୁ ପରିଷ୍କାର କରିବା ବିଷୟରେ ଏକ ବଡ଼ ଗୁଣ ଅଛି । ଏଣୁକରି କୋଇଲା ଟୋପାରେ ପରିପୂର୍ଣ୍ଣ କରି ଘରେ ଟାଙ୍ଗି ରଖାଯାଏ; ତହିଁରେ ଏହି ଗୁଣ ୬ ମାସ ପର୍ଯ୍ୟନ୍ତ ଥାଏ; ତହୁଁରେ ବାହାରି ଯାଏ । ପରନ୍ତୁ ତାହାକୁ ଭଷ୍ମ କରି ଶୀତଳ କଲେ ପୁନର୍ବାର ସେହି ଗୁଣ ଏଥିରେ ଆସିଯାଏ ।

ସଢ଼ି ଯାଉଥିବା ପଦାର୍ଥ ଉପରେ ଶୁଖିଲା ମାଟି ଢାଙ୍କିଲେ ମାଟି ସେହି ଦୁର୍ଗନ୍ଧକୁ ଆକର୍ଷଣ କରି ଆଣେ, ସୁତରାଂ ବାୟୁ ଦୂଷିତ ହୋଇ ନ ପାରେ । କିନ୍ତୁ ବାଲିଆ ମାଟି ବ୍ୟବହାର କରିବା ଅନୁଚିତ । ପାଇଖାନାରେ ଏହି ମାଟି ବ୍ୟବହାର କାର୍ଯ୍ୟରେ ଲଗାଇବାର ଆବଶ୍ୟକ । ତଦ୍ଭିନ୍ନ ପ୍ରାଣ-ନାଶକ ବାୟୁକୁ ଆକର୍ଷଣ କରି ବାୟୁକୁ ପରିଷ୍କାର କରି ଦିଏ; ଏବଂ ପବନରେ ଯେଉଁ କ୍ଷୁଦ୍ର ପୋକ ଥାନ୍ତି ସେମାନେ ଏଥିରେ ମରିଯାନ୍ତି । ଏଣୁକରି ପୋକ ଘରରେ ଚୂନ ଘେଷିବା ଉପକାରୀ ଅଟେ । ଜଳୁଥିବା କୋଇଲାରେ ଲବଣ ଚୂର୍ଣ୍ଣ କରି ପକାଇଲେ ବା ଗନ୍ଧକ ପକାଇଲେ ବାୟୁ ପରିଷ୍କାର ହୁଅଇ । କିନ୍ତୁ ଗନ୍ଧକ ଜାଳିଲା ସମୟରେ ମନୁଷ୍ୟମାନଙ୍କୁ ଅଲଗା ହୋଇଯିବା ଉଚିତ; ନୋହିଲେ ଏଥିର ଧୂଆଁରେ କାଶ ହେବ, ଏବଂ ଅଣ୍ଟିବନ୍ଧ ମଧ୍ୟ ହୁଏ । ୧୦୦୦ ଘନଫୁଟ ସ୍ଥାନକୁ ୪ ଛଟାଙ୍କ ଗନ୍ଧକ ଆବ-

ଶ୍ୟକ । ଯେଉଁ ଦଗରୁ ମଇଳା ବାୟୁ ଆସୁଥାଏ, ସେ ଦଗରୁ ଉଷ କର୍ପୂର ପାଣିରେ ଗୋଳିକରି ସିଞ୍ଚ ଦେଲେ ବାୟୁ ପରିଷ୍କୃତ ହୋଇଯାଏ ।

ଯଦି କୌଣସି ସ୍ଥାନରେ କୌଣସି ଔଷଧ ନ ମିଳେ ତେବେ ଘରେ, ଅଗ୍ନି ଜାଳି ଦେଲେ ମଧ୍ୟ ବିଶେଷ ଲାଭ ହୁଏ । କାରଣ କି ଅଗ୍ନି ଜଳିଲେ ମଇଳା ବାୟୁ ଉଷ୍ଣ ହୋଇ ବାହାରକୁ ବାହାରି ଯାଏ, ଏବଂ ତତ୍ପରିବର୍ତ୍ତରେ ନୂତନ ବାୟୁ ପ୍ରବେଶ ହୁଏ । ଦ୍ୱିତୀୟତଃ ବାୟୁରେ ଯେଉଁ ଦୂଷ୍ୟ ପୋକ ମିଳିଥାନ୍ତି: ସେମାନେ ଅଗ୍ନି ତେଜରେ ମରିଯାନ୍ତି; କିନ୍ତୁ ଯେଉଁ ଘରେ ବିଶେଷ ଲୋକ ରହନ୍ତି, ଓ ବାୟୁ ଯିବା ନିମନ୍ତେ କୌଣସି ଅଡ଼େ ବାଟ ନ ଥାଏ, ସେ ଘରରେ ଅଗ୍ନି ଜଳାଇଲେ କିଛି ଲାଭ ହୁଏ ନାହିଁ ।

---

## ପାଠ ୯୬ ।

## କୃଷିବିଦ୍ୟା, ୮ମ ଭାଗ ।

### ଉତ୍ତମ ବୀଜ ବା ବିହନ ।

ତୁମ୍ଭମାନଙ୍କୁ ଜଣାଅଛି ଯେ ପ୍ରଜାମାନଙ୍କଠାରେ ଯେଉଁ ପ୍ରକାର ବୀଜ ଥାଏ, ସେମାନେ ଶେଷରେ ସେହି ବୀଜକୁ ବହୁତ ଘନଭାବରେ ବପନ କରନ୍ତି; ଏହିହେତୁରୁ ଫସଲ ଉତ୍ତମରୂପେ ଉତ୍ପାଦିତ ହୁଅନ୍ତି ନାହିଁ । ଇଉରୋପରେ ମୋଟା ଦାନା ବାଛି କରି ବପନ କରୁଥିବାରୁ ଶସ୍ୟର ବିଶେଷ ଉନ୍ନତି ହେଉଅଛି । ସାଧାରଣ ଅଳୁ ଯାହା କି ଓଜନରେ ପାଏ ଏକ ଛଟାଙ୍କି ହୋଇଥାଏ, ତାହା ସେଠାରେ ସ୍ତୁ ତରଭୁଜର ସଦୃଶ ହେଉଅଛି । ଉତ୍ତମ ଶସ୍ୟ ବହୁମୂଲ୍ୟରେ ମଧ୍ୟ ବିକ୍ରୟ ହେଉଅଛି । ଏଣୁ ହେ କୃଷକମାନେ! ଆପଣା ଶସ୍ୟ ମଧ୍ୟରୁ ଉତ୍ତମ ବୀଜ ବାଛି କରି ବୁଣିବା

ନିମନ୍ତେ ଅବଶ୍ୟ ରଖିଥାଅ । ଇଂଲଣ୍ଡରେ ବୀଜ ପ୍ରସ୍ତୁତ କରିବାର ଶ୍ରେଷ୍ଠ ନିମ୍ନଲିଖିତରୂପେ ପ୍ରଚଳିତ ଅଛି । ହଳରେ ଛ ବା ସାତ ଇଞ୍ଚ ଅନ୍ତରରେ ଗର୍ତ୍ତକରି ପ୍ରତ୍ୟେକ ଗର୍ତ୍ତରେ ଏକ ବା ଦୁଇ ବୀଜ ବୁଣି ଦିଅନ୍ତି ; ଏହି ପ୍ରକାର ଶସ୍ୟ ବିରଳ ବୁଣା ଯୋଗୁଁ ସମସ୍ତ ପବନ ଓ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଉତ୍ତମରୂପେ ପରିପକ୍ୱ ହୁଏ । ଏଥିରୁ ଉତ୍ପାଦିତ ଶସ୍ୟ ବିହନର କାର୍ଯ୍ୟରେ ବ୍ୟବହୃତ ହୁଏ ।

ଯଦି ତୁମ୍ଭ ପାଖରେ ଉତ୍ତମ ବୀଜ ନ ଥାଏ, ତେବେ ପ୍ରତିବାସୀ ପ୍ରଜାମାନଙ୍କୁ ଜମା କରାଇବାକୁ ତାହା କ୍ରୟ କରି ରଖ । ତାହା ବହୁତ ସୁଧ ବା କଷ୍ଟରେ କଦାପି ଗ୍ରହଣ କରିବ ନାହିଁ । କର୍ଷଣ ସମୟରେ ଉତ୍ତମ ବୀଜ ହସ୍ତଗତ ହୋଇ ପାରେ ନାହିଁ, ଏହା ବ୍ୟତୀତ ବହୁ ମୂଲ୍ୟ ଦେବାକୁ ପଡ଼େ । ଯଦି ବୀଜ କ୍ରୟ କରିବାକୁ ତୁମ୍ଭ ପାଖରେ ଟଙ୍କା ନ ଥିବ, ତେବେ ଗଭର୍ଣ୍ଣମେଣ୍ଟ ପରିବର୍ତ୍ତନରେ ସରକାରୀ କୋଷରୁ ଋଣ ଗ୍ରହଣ କରିବ । ଯେହେତୁ ଏଠାରେ ବାର୍ଷିକ ଟଙ୍କା ପ୍ରତି ଏକ ଅଣା ସୁଧ ଦେବାକୁ ପଡ଼ିବ । ଏଭଳି ଋଣକୁ ତକାବି କୁହାଯାଏ । ଇଉରୋପରେ ବୀଜ ବିକ୍ରୟ କରିବାର ନିୟମ ଏତେ ଦୂର ପର୍ଯ୍ୟନ୍ତ ଉନ୍ନତି ଲଭିଅଛି ଯେ, ସେ ସ୍ଥାନର ଅନେକ ବ୍ୟାପାରୀ କେବଳ ବୀଜର ବ୍ୟବସାୟ କରୁଅଛନ୍ତି ।

ତୁମ୍ଭେ ବୁଦ୍ଧିମାନ୍ ପ୍ରଜାମାନଙ୍କୁ ଶୁଣିଥିବ କି ଗୋଟିଏ ସ୍ଥଳରେ ପ୍ରତିବର୍ଷ ସେହି କ୍ଷେତ୍ରର ଶସ୍ୟ ବୁଣିବାରେ ଫସଲ ଭଲ ହୁଏ ନାହିଁ ; କିନ୍ତୁ ତହିଁରେ ଅନ୍ୟ କ୍ଷେତ୍ରର ନୂତନ ବୀଜ ବପନ କଲେ ପୂର୍ବାପେକ୍ଷା ଅଧିକ ଶସ୍ୟ ଉତ୍ପନ୍ନ ହୁଏ; ବୀଜ କ୍ରୟ କରିବାରେ ମଧ୍ୟ ନିଃସଂଶୟରେ ତାହାର ପରିବର୍ତ୍ତନ କରୁଅଛି । କୌଣସି ଶସ୍ୟର ବୀଜ ଅପଣା ଦେଶରେ ଉତ୍ପନ୍ନ ହୁଏ, ନାହିଁ ; ତାହା ସେହି ଦେଶରେ ଉତ୍ପନ୍ନ ହୁଏ, ଯେଉଁଠାରେ କି ଭୂମି, ଜଳ ଓ ବାୟୁ ତାହାର ନିମନ୍ତେ ସର୍ବଦା ଉପଯୁକ୍ତ ଥାଏ । ଅତଏବ ତାହା ସେହି ସ୍ଥାନକୁ ମଗାଇବା ଉଚିତ୍ । ଦେଖ, ଏଲାହାବାଦ ଓ କାନପୁରକୁ

ମାଲଦର ବୀଜ ବେହାର-ଓ ବଙ୍ଗପ୍ରଦେଶକୁ ଯାଉଅଛି ; ଧାନସ୍ଥମାନେ ଯେଉଁ ସ୍ଥାନରେ ଉତ୍ତମ ଧାନ ହୁଏ, ସେହି ସ୍ଥାନରୁ ଧାନର ଲଡ଼ା ମଗାନ୍ତି । ଏହି-ପରି କାର୍ପାସର ବୀଜ ସୁଦ୍ଧା ଓ ଅଁବିକୁ ମଗାଇ ତୁମ୍ଭେମାନେ ଆପଣା କାର୍ପାସ ଶସ୍ୟ କାହିଁକି ଉନ୍ନତ କରୁନାହଁ? ତୁମ୍ଭଙ୍କୁ ଉଚିତ ଯେ ଉକ୍ତ ପ୍ରକାରର ଉତ୍ତମ ବୀଜ ବାଛି କରି ଅଥବା କିଣି କରି ଆପଣା କ୍ଷେତ୍ରରେ ବପନ କର, ଏହା କଲେ ତୁମ୍ଭର ପ୍ରଦେଶରେ ସର୍ବବିଧ ବସ୍ତୁ ପ୍ରତ୍ୟେକ ସ୍ଥାନରେ ଯଥେଷ୍ଟ ପରିମାଣରେ ଉତ୍ପନ୍ନ ହେବ ।

ଏହା ବ୍ୟତିରେକେ ଯେଉଁ ନୂତନ ପ୍ରକାରର ଉପଯୁକ୍ତ ବୀଜ ଏ ସ୍ଥାନରେ ମିଳଇ ନାହିଁ, ତାହାକୁ ଅନ୍ୟ ଦେଶରୁ ମଗାଇବା ଉଚିତ । ତୁମ୍ଭେ କହି ନ ପାର କି, ଏହା ଆମ୍ଭର ଭୂମି ଆଉ ସ୍ଥାନୀୟ ଜଳ ବାୟୁରେ ଉତ୍ପନ୍ନ ହୋଇ ନ ପାରେ ; ଯେହେତୁ ପ୍ରାଚୀନ କାଳରେ ଅନ୍ୟ ଦେଶରୁ ମକା, ଲଙ୍କା ଓ ତେନ୍ତୁଳି ପ୍ରଭୃତି ଏ ଦେଶକୁ ଆଣା ଯାଇଥିଲା । ଏହିପରି ଆଳୁ, ଗାଜର ଆଦି ପଦାର୍ଥ ସୁଦ୍ଧା ଅଳ୍ପ ଦିନ ହେଲା ଏଦେଶକୁ ଅଣା ଯାଇଅଛି । ଚହା ଓ ଅନ୍ୟ ଅନ୍ୟ ପ୍ରଦେଶୀୟ ବୀଜ ଥିବାରେ ତୁମ୍ଭଙ୍କୁ ଜଣା ନାହିଁ କି? ଦେଖ ହିମାଳୟର ଉପତ୍ୟକାରୁ ପ୍ରତିବର୍ଷ କେତେ କୋଡ଼ି ଟଙ୍କାର ଚହା ଇଉରୋପ ମହାଦେଶକୁ ପ୍ରେରିତ ହେଉଅଛି । ସାଗର ଏବଂ ଫରକ୍କାବାଦ ଜିଲ୍ଲାର ଉଚ୍ଚ ଭୂମିରେ ବର୍ତ୍ତମାନ ବିଦେଶୀ ଆଳୁ ହେଉଅଛି । ଏଣୁକରି ତୁମ୍ଭଙ୍କୁ ଉଚିତ ଯେ ଚିନି ଘାସ ଏବଂ ଆମେରିକାର କାର୍ପାସ ପ୍ରଭୃତି ଉପଯୁକ୍ତ ପଦାର୍ଥ ଆମ୍ଭ ପ୍ରଦେଶରେ ରୋପଣ କରି ଉପାର୍ଜ୍ଜନ କର । ପ୍ରଥମତଃ ପରୀକ୍ଷା ନିମନ୍ତେ ଅଳ୍ପ ଜମିରେ ତାହାକୁ ବପନ କରି ଦେଖ, ସମସ୍ତ ବଦେଶ-ଷରେ ଶସ୍ୟ ଉତ୍ତମରୂପେ ଅଙ୍କୁରିତ ହେବ ନାହିଁ ସତ୍ୟ, ତଥାପି ତହିଁରେ ହତାଶ ନ ହୋଇ ତାହା ରୋପଣ କରିବାକୁ ନୂତନ ଥାନମାନ ଅନ୍ୱେଷଣ କରୁଥାଅ ; କୃଷିଶାଳାପରେ ସେହି ନୂତନ ବୀଜ ଆପଣାର ଜମି ଅନୁ

ଜଳବାୟୁର ଉପଯୁକ୍ତ ହୋଇଥିବ । ଏହି ସବୁ ବିଷୟର ପରୀକ୍ଷା ଏବେ ନାଗପୁରସ୍ଥ ସରକାରୀ କ୍ଷେତ୍ରରେ ହେଉଅଛି ।

---

## ପାଠ ୧୪ ।

### ସଦୁପଦେଶ ।

ମହତ ସଙ୍ଗରେ କ୍ଷୁଦ୍ର ନୋହନ୍ତି ମହତ ;
ପୁଷ୍ପ ପରଶାରୁଁ ଯଥା କୀଟ ଶିରେ ଗତ । ୧ ।
କଦାପି ଅନୁକରଣ ହେବାକୁ ପଡଇ ;
ଅଜବର ଧାରଣ ନାହିଁ ଥାଏ ଯଶ ଘର । ୨ ।
ମାଣିକ ଯୋଗରେ କାଚ ହୁଏ ମଣିପ୍ରାୟ ;
ଅଗ୍ନି ଯୋଗୁଁ ଅଙ୍ଗାରର କାନ୍ତି ହେମ ସମ । ୩ ।
ମଧୁରନ ଯୋଗୁଁ ହୁଏ ସୁସ୍ବର ଅଧର ;
ମୂର୍ଖ ଭଲ ଭକ୍ତିଶୀଳ ହେଲେ ନର । ୪ ।
ସୁଗୁଣି ସଜ୍ଜନେ ସଙ୍ଗ ଦୋଷ ନ ଲାଗଇ ;
ଚନ୍ଦ୍ର ରଶ୍ମିମାନୁ ଯେସନେ ଘଟ ନ ନାଶଇ । ୫ ।
ବିଷଧର କଣ୍ଠେ ହେଲେହେଁ ଚନ୍ଦନ ;
ସୌରଭରେ ପ୍ରମୋଦିତ କରେ ଜନମନ । ୬ ।
ଏକାକୀରେ ଜାଣ ସୁଖ ହେଲେହେଁ ପୋଷିତ ;
ପିକ ନ ଛାଡଇ କେବେ ତା ମଧୁର ଗୀତ । ୭ ।
କୃଷ୍ଣବର୍ଣ୍ଣ ଜଳଧର ସଙ୍ଗ କ୍ଷଣପ୍ରଭା ;
ସ୍ଥିରେ ଶୁଦ୍ଧା ନ ହୁଅଇ ଛାଡି ନିଜ ପ୍ରଭା । ୮ ।

ଚନ୍ଦନ ସୌରଭ ଗୁଡ଼ ମକ୍ଷିକା ଯେସନ ;
ଜାଣଇ ସଜ୍ଜନଙ୍କେ ପ୍ରଭାବ ଅପ୍ରାଣୀ | ୯ |
ଫଳ ପୁଷ୍ପ ପୂର୍ଣ୍ଣ ବନେ ଯେସନେ ଶୂକର ;
ବିଷ୍ଠା ଖୋଜୁଥାଏ ସଦା ହୋଇ ତତ୍ପର | ୧୦ |
ସେହିପରି ଦୁର୍ଜ୍ଜନ ଗୁଣ ପରିହରି ଜନ ;
ଦୋଷ ଅନ୍ୱେଷଣେ ଥାଏ ସଦା ତତ୍ପର | ୧୧ |
ନ ଛାଡ଼ନ୍ତି ନିଜ ଗୁଣ କଦା ଖଳ ଲୋକ ;
ପୟୋଧିକୁ ପଶି ଶୁଦ୍ଧ ଭକ୍ଷ୍ୟ ଚିଏ ଭେକ | ୧୨ |
ଅଙ୍ଗାରକୁ କ୍ଷୀର ସ୍ନେହେ ଧୁଆଇ ରଖିଲେ ;
ତା କାଳିମା ଗୁଣ ନାଶ ନ ଯାଏନ୍ତି ଧଳେ | ୧୩ |
ଯେବେ କଦା ପରବଶ ଅଟଇ କ୍ରୋଧର ;
ପଣ୍ଡିତ ହେଲେହେଁ ତାହା ସଙ୍ଗ ପରିହର | ୧୪ |
ମସ୍ତକେ ଥିଲେହେଁ ମଣି ଅମୂଲ୍ୟ ରତନ ;
ବିଷଧର ନୁହେ କେବେ କଣ୍ଠାସ୍ୱଜନ | ୧୫ |

# ପାଠ ୧୫ ।

# ପବନ ଆଉ ବୃଷ୍ଟି ।

## ୧ମ ଭାଗ, ପବନ ।

ପୃଥିବୀର ସବୁ ପାଖରେ ବାୟୁମଣ୍ଡଳ ଅଛି । ସତ୍ୟ କହିବାକୁ ଗଲେ ବାୟୁମଣ୍ଡଳ ଗୋଟିଏ ପଦାର୍ଥ ଏଟେ । ଯଦି ଅମ୍ଭେମାନେ ତାହା ଦେଖି ନ ପାରୁଁ ତଥାପି ତାହା ସ୍ପର୍ଶ କରି ଅନୁଭବ କରି ପାରୁଁ । ଯେତେବେଳେ ଅମ୍ଭେମାନେ ଗମନାଗମନ କରୁଁ ସେତେବେଳେ ତାହା ଅମ୍ଭମାନଙ୍କ ଦେହରେ ଲାଗେ । ଯେଉଁ ସମୟରେ ବୃକ୍ଷର ପତ୍ର ହଲେ ଏବଂ ତୃଣ ଦୋଳାୟମାନ ହୁଏ ସେହି ସମୟରେ ଅମ୍ଭେମାନେ ତାହାର କାର୍ଯ୍ୟ ଦେଖିପାରୁଁ । ମାତ୍ର ତାହାର କାର୍ଯ୍ୟ ପ୍ରବଳ ହେଲେ ବିଶେଷ କରି ଦେଖା ପଡ଼େ । ଏତଦ୍ୱାରା ବୃକ୍ଷ ଉତ୍ପାଟିତ ହୁଏ, ଏବଂ ଗୃହର ଉପରିଭାଗ ଉଡ଼ିଯାଏ । ଏଥିର ବଳ ଭୂମି ଅପେକ୍ଷା ସମୁଦ୍ର ଉପରେ ଅଧିକ ଭୟଙ୍କରରୂପରେ ପ୍ରକାଶିତ ହୁଏ । ହେତୁ କି ତହିଁରେ ସମୁଦ୍ରର ଲହରୀ ବହୁତ ଉଚ୍ଚକୁ ଉଠେ, ଏବଂ ତଦ୍ଦ୍ୱାରା ଅନେକ ସ୍ଥଳରେ ବଡ଼ ସୁଦୃଢ଼ ଜାହାଜ ସବୁ ଖଣ୍ଡ ୨ ହୋଇ ଉଡ଼ିଯାଏ ।

ବାୟୁମଣ୍ଡଳ ପୃଥିବୀର ଚତୁଃପାର୍ଶ୍ୱବର୍ତ୍ତୀ ସକଳ ସ୍ଥାନରେ ଅଛି, ଅର୍ଥାତ୍ ଜଳ ଏବଂ ସ୍ଥଳରେ, ଉଚ୍ଚରୁ ଉଚ୍ଚତର ପର୍ବତ ଏବଂ ନିମ୍ନରୁ ନିମ୍ନତର ଉପତ୍ୟକା ଭୂମିରେ ମଧ୍ୟ ଅଛି । ତାହା ପୃଥିବୀ ତଳରୁ ପ୍ରାୟ ୨୫ କ୍ରୋଶ ପର୍ଯ୍ୟନ୍ତ ଥାଏ; ସମ୍ଭବତଃ ତାହାଠାରୁ ଅଧିକ ଉପରେ ମଧ୍ୟ ଥାଏ । ବାୟୁରେ ଭାର ଅଛି, ଏବଂ ତହିଁର ଉପରସ୍ଥ ସ୍ତର ଉପରେ ନିମ୍ନସ୍ଥ ସ୍ତର ମାଡ଼ି ରହିବା ହେତୁରୁ ଏହା ସଘନ ଏବଂ ଭାରବାନ୍ ଅଟେ । ଯେପରି ସନ୍ତରଣ କରିବା ସମୟରେ ଅମ୍ଭମାନଙ୍କୁ ଜଳର ଭାର ବୋଧ ହୁଏ ନାହିଁ, ସେହିପରି ଅମ୍ଭମାନଙ୍କୁ ବାୟୁର ଭାର ମଧ୍ୟ ଜଣା ପଡ଼େ ନାହିଁ ଏହା ସତ୍ୟ; ତଥାପି

ପବନରେ ସମସ୍ତ ପରିମାଣରେ ସ୍ଥିର ଅଛି । ସେହି ଜଳ ସମୁଦ୍ରର ଉପରି ଭାଗରେ ପ୍ରତି ବର୍ଗ ଇଞ୍ଚରେ ପ୍ରାୟ ୭½ ସେର ପରିମାଣରେ ଥାଏ। ତଳର ସ୍ତର ଉପର ସ୍ତର ଦ୍ୱାରା ଚପି ରହିବା ହେତୁରୁ ଅମ୍ଭମାନଙ୍କୁ ଜଣା ପଡ଼େ ଯେ ପର୍ବତ ଉପରସ୍ଥ ବାୟୁ ଭୂମିର ବାୟୁଠାରୁ ଲଘୁ ଅଟେ ।

ସଂପ୍ରତିମାନ ବାୟୁକୁ ପବନ କହନ୍ତି । ବାୟୁ ସ୍ଥିର ରହିବାର ଅତି ଅଳ୍ପ ଦେଖାଅଛି; ତାହାର ପୂର୍ଣ୍ଣ ସ୍ଥିରତା କୌଣସି ସମୟରେ ବଡ଼ ଗଭୀର ଚତୁର୍ଦ୍ଦିଗ ବେଷ୍ଟିତ ସ୍ଥାନ ଭିନ୍ନ ଅନ୍ୟାନ୍ୟ ସ୍ଥାନରେ ଅତି ଅଳ୍ପ ଶୁଣାଯାଏ । ଏବେ ଏହି ପ୍ରଶ୍ନ ହୋଇପାରେ କି ବାୟୁ ଚଳିବାର ହେତୁ କଅଣ ? ଉତ୍ତର ଏହି ଯେ ସୂର୍ଯ୍ୟଙ୍କ ଉତ୍ତାପ ହେତୁରୁ ବାୟୁ ଚଳୁଅଛି । ଏହି କଥା ସ୍ମରଣ ରଖିବା ଉଚିତ; କାରଣ କି ଏଥି ଉପରେ ନିର୍ଭର କରି ପବନ ଆଉ ବୃଷ୍ଟି ସମ୍ବନ୍ଧୀୟ ପାଠମାନ ବୁଝିବାକୁ ହେବ ।

ପରୀକ୍ଷାଦ୍ୱାରା ଏହା ବୁଝାଇବାର ବଡ଼ ସହଜ । କାଣ୍ଠ ବା କୁଇଲାକୁ ଜଳାଇ ଦେଲେ କଣ ଦେଖିବାରେ ଆସିବ ? ଧୂଆଁ ସଳଖସୂତରେ ଉପରକୁ ବାହାରି ଯାଏ; ଅର୍ଥାତ୍ ଉତ୍ତପ୍ତ ପବନ ଉପରକୁ ଉଠେ, ଆଉ ଆପଣା ସଙ୍ଗରେ ଧୂଆଁକୁ ମଧ୍ୟ ନେଇଯାଏ । ମାତ୍ର ଉଷ୍ଣ ବାୟୁ କାହିଁକି ଉପରକୁ ଉଠେ ?

ପରୀକ୍ଷାଦ୍ୱାରା ବୁଝାଉଅଛୁଁ. ଖଣ୍ଡେ କାଣ୍ଠ ଆଉ ଖଣ୍ଡେ ପଥର ଆଣି ଉଭୟକୁ ପାଣିରେ ପକାଇ ଦିଅ । ତେବେ କଣ ଦେଖିବ ? ପଥରଟି ବୁଡ଼ିଯିବ ମାତ୍ର କାଣ୍ଠଖଣ୍ଡ ଜଳ ଉପରେ ଭାସୁଥିବ । କାହିଁକି ? କାରଣ କାଣ୍ଠ ପାଣିଠାରୁ ଲଘୁ ଆଉ ପଥର ଭାରି ଅଟେ ।

ଦ୍ୱିତୀୟ ପରୀକ୍ଷା ଦେଖ, ଲେମ୍ପର ଚିମ୍ନି ଉପରେ ଆପଣା ହସ୍ତ ଦେଇ ଦେଖିଲେ କଣ ବୋଧ ହେବ ? ଯେପରି ଜ୍ୱଳନ୍ତ ଅଗ୍ନି ଉପରେ ବାୟୁ ଉଠୁଥାଏ ଠିକ୍ ସେହିପରି ଉଷ୍ଣ ପବନ ଉପରକୁ ଉଠୁଥିବାର ଜଣା ପଡ଼ିବ । ବର୍ତ୍ତମାନ ଦେଖ, ଉଷ୍ଣତା ହେତୁରୁ ପବନ ବିସ୍ତୃତ ହୋଇଯାଏ ଆଉ

ଏଥିପାଇଁ ଚତୁଃପାର୍ଶ୍ୱର ପବନଠାରୁ ଉଷ୍ଣ ହୋଇଯାଏ । ଯେମନ୍ତ ଜଳ ଉପରେ କାଷ୍ଠ ଖଣ୍ଡ ଭାସୁଥାଏ ତେମନ୍ତ ଉଷ୍ଣ ବା ଉତ୍ତପ୍ତ ପବନ-ଉପରକୁ ଉଠେ । ସ୍ମରଣ ରଖ ଯେ ଉତ୍ତାପ ଦ୍ୱାରା ପବନ ବିସ୍ତାରିତ ହୁଏ । ମାତ୍ର ଯେତେବେଳେ ଉପରକୁ ଉଠେ ସେତେବେଳେ ସେହି ସ୍ଥାନ ଶୂନ୍ୟ ହେବାରୁ ପୂର୍ଣ୍ଣ କରିବାକୁ ଚତୁଃପାର୍ଶ୍ୱର ଶୀତଳ ପବନ ଆସିଯାଏ । ଏହିପରି ପବନର ସଞ୍ଚାର ହୁଏ ଅର୍ଥାତ୍ ବାୟୁ ଉଷ୍ଣ ହୋଇ ଉପରକୁ ଉଠିଲରୁ ସେହି ସ୍ଥାନ ଶୀତଳ ବାୟୁ ଅଧିକାର କରେ ।

ସୂର୍ଯ୍ୟ ଅଗ୍ନି ସମାନ । ସେ ଭୂମଣ୍ଡଳର ପବନକୁ ଉତ୍ତପ୍ତ କରି ଦିଅନ୍ତି ; ମାତ୍ର ଯେଉଁଠାରେ ସୂର୍ଯ୍ୟଙ୍କର କିରଣ ସରଳଭାବରେ ପଡ଼େ (ଅର୍ଥାତ୍ ବିଷୁବରେଖା ପାର୍ଶ୍ୱରେ) ସେହିଠାରେ ଉତ୍ତାପ ଅଧିକ ହୁଏ ।

ତୁମ୍ଭମାନଙ୍କୁ ଜଣାଅଛି ଯେ ମଇ ଓ ଜୁନ୍ ମାସରେ ସୂର୍ଯ୍ୟ ଠିକ୍ ଆମ୍ଭମାନଙ୍କର ମସ୍ତକ ଉପରେ ରହନ୍ତି; ଏହେତୁରୁ କେବଳ ଏ ପ୍ରଦେଶ ଖାଲି ସକଳ ଭାରତବର୍ଷ ଉତ୍ତପ୍ତ ହୋଇଯାଏ ।

ପୃଥିବୀର ମାନଚିତ୍ର ଆଣି ଯେଉଁ ସ୍ଥଳରେ ମଇ ଓ ଜୁନ୍ ମାସରେ ସୂର୍ଯ୍ୟ କିରଣ ସରଳଭାବରେ ପଡ଼େ ସେହି ସ୍ଥାନକୁ ଦେଖ; ଏଥି ମଧ୍ୟରେ ଏସିଆର ଦକ୍ଷିଣ ଭାଗ ଓ ଆଫ୍ରିକାର ବହୁତ ଅଂଶ ଅନ୍ତର୍ଭୁକ୍ତ ।

ଏହି ସକଳ ସ୍ଥାନର ପବନ ଉଷ୍ଣ ହୋଇ ଉପରକୁ ଉଠେ ଓ ସେହି ଶୂନ୍ୟ ସ୍ଥାନକୁ ଶୀତଳ ବାୟୁ ଅଧିକାର କରେ; କିନ୍ତୁ ଭୂମି ଉପରର ପବନ ଜଳ ଉପରର ପବନଠାରୁ ଅଧିକ ଉଷ୍ଣ ଥାଏ । ଭାରତବର୍ଷରେ ହିମାଳୟ ଅବସ୍ଥିତ ହେବାରୁ ଉତ୍ତର ଦିଗର ପବନ ଦକ୍ଷିଣକୁ ଆସି ପାରେ ନାହିଁ । ତହିଁର ପରିଣାମ ଏମନ୍ତ ହୁଏ ଯେ ଯେଉଁ ମୁଖ୍ୟ ପବନ ଉଷ୍ଣ ଓ ଊର୍ଦ୍ଧ୍ୱୋତ୍ଥିତ ପବନର ସ୍ଥାନରେ ମଇ ଓ ଜୁନ୍ ଏବଂ କ୍ରମଶଃ ଅଗଷ୍ଟ ଓ ସେପ୍ଟେମ୍ବରରେ ଆସେ, ତାହା ଅବଶ୍ୟ ଦକ୍ଷିଣରୁ ଅର୍ଥାତ୍ ଭାରତ ମହାସାଗରରୁ ଆସିଥାଏ ।

ତାହାକୁ ନୈଋତ୍ୟ ଦକ୍ଷିଣୀୟ ପବନ "ବା" ଅସୁଖ ବାଣୁ ବାୟୁ "ଅଥବା" ସାଉଥ ଓ୍ୱେଷ୍ଟର୍ନ ମନ୍‌ସୁନ୍ ବୋଲାଯାଏ ।

ତୁମ୍ଭମାନଙ୍କୁ ଜଣା ଅଛି ଯେ ପାଞ୍ଚମାଢ଼ୀର ପବନ ନାଗପୁର ବା ଜବଲ-ପୁରର ପବନଠାରୁ ଶୀତଳତର ଅଟେ । ଏହାର ହେତୁ କି? ହେତୁ ଏହି ଯେ ଆମ୍ଭେମାନେ ଯେତେ ଉଚ୍ଚସ୍ଥାନକୁ ଯାଉଥିବୁଁ ସେତେ ସେହି-ସ୍ଥାନର ପବନ ଶୀତଳ ଜଣାପଡ଼ିବ । ଅତଏବ ପବନ ଯେତେ ଉପ-ରକୁ ଉଠେ ସେତେ ଶୀତଳ ହୋଇଯାଏ ।

ଶୀତ ଦିନରେ ଯେତେବେଳେ ଭୂମିର ଉପରିଭାଗ ଜଳର ଉପରିଭାଗ-ଠାରୁ ଶୀତଳ ରହେ ସେତେବେଳେ ପବନ ଭୂମିଠାରୁ ସମୁଦ୍ର ଆଡ଼କୁ ବହିବାକୁ ଲାଗେ ; ଆଉ ସେହି ଦିନମାନଙ୍କରେ ସୂର୍ଯ୍ୟଙ୍କ କିରଣ ଭାରତ-ବର୍ଷରେ ସଳଖ ଭାବରେ ପଡ଼େ ନାହିଁ ; ପୃଥିବୀର ଯେଉଁ ଭାଗ ସବୁଠାରୁ ଅଧିକ ଉତ୍ତପ୍ତ ରହେ ତାହା ବିଷୁବରେଖାର ଦକ୍ଷିଣ ଭାଗ ଅଟେ । ଏଣୁକରି ପବନ ଭାରତର ଦକ୍ଷିଣକୁ ବହିବାକୁ ଲାଗେ ; ଆଉ ସେହି ବାୟୁକୁ "ଐଶାନ୍ୟବାୟୁ" ବା "ନର୍ଥଇଷ୍ଟ ମନସୁନ୍" ବୋଲନ୍ତି ।

ଅଟଲାଣ୍ଟିକ ଆଉ ପ୍ରଶାନ୍ତ ମହାସାଗରର ମଧ୍ୟ ଭାଗରେ, ଆଉ ଦକ୍ଷିଣ ହିନ୍ଦ ସାଗରରେ ଯେଉଁଠାରେ ଭୂମି ଆଉ ଜଳର ଭାଗ ସମାନ ନାହିଁ, ପବନ ବର୍ଷଯାକ ଉତ୍ତର ଆଉ ଦକ୍ଷିଣରୁ ଉଷ୍ମାଂଶ ଆଡ଼କୁ ଅର୍ଥାତ୍ ବିଷୁବରେଖା ପାର୍ଶ୍ୱକୁ ବହୁଥାଏ । ଏହି ବାୟୁକୁ "ବାଣିଜ୍ୟବାୟୁ" ବା "ଟ୍ରେଡ୍‌ଉଇଣ୍ଡ" ବୋଲାଯାଏ ।

# ପାଠ ୧୭ ।

## ବାଲ୍ୟ-ଶାସନ ।

ବାଳକମାନେ ଅପରାଧ କଲେ ସେମାନଙ୍କୁ ଶାସନ କରିବା ବିଧେୟ, କିନ୍ତୁ ଅବିବେକ ଓ କ୍ରୋଧ ସହକାରେ ଶାସନ କରିବା ବାଞ୍ଛନୀୟ ନୁହେ । ଶାସନ ଏପ୍ରକାର କରିବା ଉଚିତ କି ଯହିଁରୁ ବାଳକ ଏପରି ବୁଝିବାକୁ ସମର୍ଥ ହେବ କି ମୋତେ ଏହି ତାଡ଼ନା ଦେବା ଯୋଗୁଁ ମୋର ପିତା ମାତା ଦୁଃଖିତ ଅଛନ୍ତି । ଏହି ତାଡ଼ନା ମୋର ମଙ୍ଗଳର ମୂଳ ଅଟେ ।

ବହୁଧା ମାତା ପିତା କହିଥାନ୍ତି ଯେ ବାଳକମାନେ ପ୍ରିୟ ହେବା ଯୋଗୁଁ ଅମ୍ଭେ ସେମାନଙ୍କୁ ଶାସନ କରି ନ ପାରୁଁ ; କିନ୍ତୁ ଏହା ସେମାନଙ୍କର ମୂର୍ଖତା ଅଟେ । ଲାଡ଼ ହେବାରୁ ବାଳକମାନେ ନଷ୍ଟ ହୋଇ ବୃଦ୍ଧ ସମୟରେ ଅଧିକ ଦୁଃଖ ପାଆନ୍ତି । ସେମାନଙ୍କୁ ଯଥାସମୟରେ ଯଥୋଚିତ ଶାସନ କଲେ ବାଳକ-ମାନଙ୍କର ଓ ସେମାନଙ୍କର ମାତା ପିତାଙ୍କର ସୁଖର ଉନ୍ନତି ହୁଏ ; କାରଣ କଥାରେ କହନ୍ତି :—

"ଯଷ୍ଟ୍ରୁଟି ବଡ଼ ଦୁଃଖ ହେ ତାଡ଼ନାରେ ସୁଖ ଜାଣି;
ଶିଷ୍ୟ ପୁତ୍ରେ ଲାଡ଼ ନ କର କଲେ ହୁଅଇ ହାନି ।"

ଶାସନ କରି ଅବଶ୍ୟ କର୍ତ୍ତବ୍ୟ ହେଲେ ସୁଦ୍ଧା ସର୍ବଦା କରିବା ଉଚିତ ନୁହେ । ତୁଚ୍ଛ କଥାରେ ବାଳକମାନଙ୍କୁ ଦୋଷ ଦେବା ଅବିଧି । ଦଣ୍ଡ ଦେବା କାଳ ଯେତକ ଟଳି ଯାଏ ସେତକ ଅଚ୍ଛା, କାରଣ କି କଷ୍ଟର ତାଡ଼ନାରେ ବାଳକମାନେ ଭଲ ହୁଅନ୍ତି ନାହିଁ କିନ୍ତୁ ଭୟ କେବଳ ସେମା-ନଙ୍କ ସୁଧାରକ । ଯଦ୍ୟପି ଦଣ୍ଡ ଦେବା ପାଇଁ ତୁମ୍ଭେ ନିତାନ୍ତ ଅନିଚ୍ଛୁକ ହେବେ ତାହାର ଭୟ ଦେଖାଇବା ବ୍ୟର୍ଥ ମାତ୍ର । "ତୁମ୍ଭକୁ ଦାଗି ଦେବୁ" ବା "ଡମ୍ଫା ଖୋଲି ଦେବୁ" ବା "ଚୋପି ଦେବୁ" ଏହିପରି ଅନେକ କଥା କହି ମାତା ପିତା ବାଳକଙ୍କୁ ଧମକାଇ ଥାନ୍ତି । କିନ୍ତୁ ମିଥ୍ୟା କହି

ବାଳକମାନଙ୍କୁ ଭୟ ଦେଖାଇବା ଉଚିତ ନୁହେଁ । କେତେକ ମାତା ପିତା କହୁଥାନ୍ତି କି "ତୋତେ ବାଘ ଖାଇ ଯିବ" "ତୋତେ ଭୂତ ନେବାକୁ ଆସିଅଛି" ଏଥିରେ ମିଥ୍ୟା ଭାଷଣ ଦୋଷ ହେଲା ଏବଂ ଏଥି ହେତୁରୁ ବାଳକେ ସୁଦ୍ଧା ମିଥ୍ୟା କହିବାର ଶିଖିଯାନ୍ତି । ଯେବେ ବାଳକେ ଅଜ୍ଞାନ ହେତୁରୁ ଭୁଲ କରନ୍ତି ତେବେ ସେଥିପାଇଁ ସେମାନଙ୍କୁ ଶାସନ କରିବା ଅଯୋଗ୍ୟ ।

"ଆମ୍ଭେ ଉତ୍ତମ ପଥରେ ଚଳିଲେ ଆମ୍ଭର ପିତା ମାତା ବିଶେଷ ଆନନ୍ଦ ହେବେ ;" ଏହି କଥା ବାଳକମାନଙ୍କ ହୃଦୟରେ ଉତ୍ତମରୂପେ ଅଙ୍କିତ କରିବା କର୍ତ୍ତବ୍ୟ । ଏହି ଜ୍ଞାନ ଲାଭ କଲେ ସେମାନେ ସର୍ବଦା ଆପଣା ଆଚରଣ ଉତ୍ତମ ରଖିବାପାଇଁ ଯତ୍ନଶୀଳ ହେବେ ।

ଯେଉଁ ପିତା ମାତା ଚତୁର ଅଟନ୍ତି ସେମାନେ ଶାସନ ସମୟ ଟାଳୁଥାନ୍ତି । ଯେତେବେଳେ ବାଳକମାନେ ପରସ୍ପରରେ ଝଗଡ଼ା କରିବାକୁ ପ୍ରସ୍ତୁତ ହୁଅନ୍ତି ; ସେତେବେଳେ ତାଙ୍କ ମାତା ପିତାଙ୍କୁ ଉଚିତ ଯେ ତାହା କୌଣସି ମତେ ସମାଧାନ କରିବେ ।

# ପାଠ ୨୭ ।

## ମୁଦ୍ରା ।

ଏହି ସଂସାରରେ ମୁଦ୍ରା ବଡ଼ ଉପଯୋଗୀ । ଯଦ୍ୟପି ତାହା ନ ଥାନ୍ତା ତେବେ ବାଞ୍ଛିତ ପଦାର୍ଥର ପ୍ରାପ୍ତି କରିବାରେ ସମସ୍ତଙ୍କୁ ବଡ଼ ଅସୁବିଧା ଘଟନ୍ତା । ମନେକର କୌଣସି କୃଷକଠାରେ ଅଧିକ ପରିମାଣରେ ଶସ୍ୟ ଅଛି କିନ୍ତୁ ତାଠାରେ ଗାଏ ଢାଙ୍କିବା ନିମନ୍ତେ ବସ୍ତ୍ର ନାହିଁ । ଏଣୁ ତାକୁ କପଡ଼ା ପାଇଁ ତନ୍ତୀ ପାଖକୁ ଶସ୍ୟ ନେଇ ଯିବାର ଆବଶ୍ୟକ । ଅଥଚ ଯେବେ ତନ୍ତୀର ଶସ୍ୟରେ ପ୍ରୟୋଜନ ନାହିଁ ତେବେ ତାହାର ଯେଉଁ ବସ୍ତୁ ଆବଶ୍ୟକ ସେ ବସ୍ତୁ ଯେଉଁ-ଠାରେ ମିଳେ ସେହି ସ୍ଥାନକୁ ଯାଇ ଚାଉଳ ପଲଟାଇ ସେହି ପଦାର୍ଥ ଆଣି ତନ୍ତୀକୁ ଦେବା ଚାହିଁ । ତେବେ କୃଷକ ବସ୍ତ୍ର ପାଇବ ଯାଇ । ମନେକର ଯାହା ପାଖକୁ ସେ ଗଲା ତାହାର ସୁଦ୍ଧା ଚାଉଳର ଦରକାର ନାହିଁ କିନ୍ତୁ ସେ ଅନ୍ୟ କୌଣସି ବସ୍ତୁର ଆବଶ୍ୟକ ରଖେ । ଏପରି ସ୍ଥଳେ ଏହି ଲୋକ ଯାହା ଆବଶ୍ୟକ କରେ ତାହା ଯେଉଁଠାରେ ବା ଯାହାଠାରେ ମିଳେ ସେଠାକୁ ଯିବା ଚାହିଁ । ଏପରି ଦେଖାଯାଇ ସେ କୃଷକକୁ କେତେଦୂର ଶ୍ରମ ପଡ଼ିବ ।

କେବେ କେବେ ଏପରି ହୁଏ କି ଦୁଇ ଜଣଙ୍କ ପାଖକୁ ଗଲେ କାର୍ଯ୍ୟ ସିଦ୍ଧ ହୋଇଯାଏ । କେବେ କେବେ ଅନେକ ଲୋକଙ୍କ ପାଖକୁ ଗଲେ ସୁଦ୍ଧା କାର୍ଯ୍ୟ ସିଦ୍ଧ ହୁଏ ନାହିଁ । କାରଣ କି ମୁଦ୍ରା ବିନା ଅନ୍ୟ କୌଣସି ଧନ ସମସ୍ତଙ୍କୁ ନିଜ ନିଜ ଆବଶ୍ୟକୀୟ ବସ୍ତୁ ଅନାୟାସେ ଓ ସୁଲଭରେ ଯୋଗାଇ ପାରେ ନାହିଁ ।

ମୁଦ୍ରା ଯୋଗୁଁ ସକଳ ପଦାର୍ଥର ପ୍ରାପ୍ତି ସହଜ ହୋଇ ଉଠେ । ଟଙ୍କା ଓ ପଇସାର ବିନିମୟରେ ପ୍ରତ୍ୟେକେ ଆପଣା ଆପଣା ବସ୍ତୁ ଦେବାକୁ ସ୍ଵୀକୃତ

ଥାନ୍ତି । କାରଣ ପ୍ରତ୍ୟେକେ ଜାଣନ୍ତି ଯେ ଆପଣାକୁ କୌଣସି ବସ୍ତୁର ଆବଶ୍ୟକ ହେଲେ ସେହି ବସ୍ତୁ ଏହି ମୁଦ୍ରାଦ୍ୱାରା ଶୀଘ୍ର ଓ ଅନାୟାସରେ ଲାଭ ହୋଇ ପାରିବ । ମନେକର କାହାରିଠାରେ ଅନେକ ଗୁଡ଼ିଏ ବଳକା କପଡ଼ା ଅଛି । କିନ୍ତୁ ପାଣ୍ଡୋଇ ଓ ଶସ୍ୟର ଅଭାବ ଅଛି ତେବେ ସେ ସହଜରେ ଆପଣା କପଡ଼ା ବିକ୍ରୟ କରି ଉକ୍ତ ଦୁଇ ବସ୍ତୁ କିଣି-ପାରେ ; ଏଥିରୁ ପ୍ରକାଶ ପାଉଅଛି ଯେ ଯେଉଁକାଳେ ମୁଦ୍ରାର ପ୍ରଚଳ ନ ଥିଲା ସେ କାଳେ ପ୍ରତ୍ୟେକ ବସ୍ତୁ ପ୍ରାପ୍ତି କରିବାରେ ଅଧିକ ଶ୍ରମ ପଡୁଥିଲା ।

ଈଶ୍ୱର ଯଦି କାହାରିକୁ ଧନ ଦେଇଅଛନ୍ତି ତେବେ ସେହି ଧନ-ଶାଳିକୁ ଉଚିତ ଯେ ସେ ଅପ୍ରମତ୍ତ ହୋଇ ଦୁଃଖିମାନଙ୍କର ଉପକାର ସାଧନ କରନ୍ତୁ । ଦେଖ ଯେତେବେଳେ କୌଣସ ଦରିଦ୍ର ଲୋକ ଆମ୍ଭଠାରେ କୌଣସି ବସ୍ତୁର ପ୍ରାର୍ଥନା କରେ ତେତେବେଳେ ଆମ୍ଭଠାରେ ଉକ୍ତ ବସ୍ତୁ ନ ଥିଲେ ସୁଦ୍ଧା ଯଦ ଆମ୍ଭେ ତାଙ୍କୁ ମୁଦ୍ରା ବିତରଣ କରୁଁ ତେବେ ସେହି ମୁଦ୍ରାଦ୍ୱାରା ତାହାର କେଉଁ ଅଭାବ ମୋଚନ ହୋଇ ନ ପାରିବ ? କାରଣ ଏହି ପ୍ରକାର ସାହାଯ୍ୟରେ ସେ ଆପଣା ଆବଶ୍ୟକୀୟ ବସ୍ତୁ କ୍ରୟ କରିପାରିବ ଓ ଆମ୍ଭକୁ ସୁଦ୍ଧା ସେହି ବସ୍ତୁ ଦାନର ଫଳ ମିଳିବ । ଭଲ ଲୋକ ସର୍ବଦା ଏପରି କରିଥାନ୍ତି ଓ ଏଥିରି ଏରୂପ କାର୍ଯ୍ୟକୁ ସଦ୍‌ବ୍ୟୟ ବୋଲାଯାଏ ।

ଫଳତଃ ଧନ ବଳ ହେତୁରୁ ସବୁ ଅଭାବ ମୋଚନ ହୋଇଯାଏ, ଏହା ସିଦ୍ଧ ଅଛି ।

# ପାଠ ୧୮ ।

## କଲିକତା ବୋମ୍ବାଇ ଓ ମାନ୍ଦ୍ରାଜ ୧୧ ।

ଏହି ପାଠରେ କଲିକତା, ବୋମ୍ବାଇ ଓ ମାନ୍ଦ୍ରାଜ ନାମକ ଭାରତବର୍ଷର ତିନି ଗୋଟି ନଗରର ବିବରଣ ଲିଖିତ ହେଉଅଛି ।

ଯେଉଁ ସୁରଟ ନଗର ମୋଗଲମାନଙ୍କ ରାଜତ୍ୱ ସମୟରେ ପ୍ରସିଦ୍ଧ ବନ୍ଦର ଥିଲା, ସେହି ସୁରଟ ନଗରରେ ୧୬୧୨ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଆସି ପ୍ରଥମେ ବାସ କରିଥିଲେ । ଏହିଠାରୁ ଭାରତବର୍ଷର ମୁସଲମାନ ଯାତ୍ରୀମାନେ ମକ୍କା ନାମକ ମୁସଲମାନ ତୀର୍ଥକୁ ଯାଉଥିଲେ । ଏହି ନଗର ସେ ସମୟରେ ଯୁରୋପ ମଧ୍ୟ ଦେଶର ବାଣିଜ୍ୟର ମୁଖ୍ୟ ସ୍ଥାନ ଥିଲା । ୧୬୧୫ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡ ସମ୍ରାଟଙ୍କର ଦୂତ ସର୍ ଟାମସ୍ ରୋ ସାହେବ ଜାହାଙ୍ଗୀରଙ୍କ ସଙ୍ଗରେ ସାକ୍ଷାତ କରି ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କ ନିମନ୍ତେ ଏଠାରେ ବ୍ୟାପାର କରିବାପାଇଁ ଅନୁମତି ନେଇଥିଲେ । ୧୬୬୪ ସାଲରେ ଯେତେବେଳେ ମହାରାଷ୍ଟ୍ରମାନେ ଏହି ନଗର ଆକ୍ରମଣ କରିଥିଲେ, ସେତେବେଳେ ଇଂରେଜମାନଙ୍କୁ ଆପଣା ୨ ଧନ ପ୍ରାଣ ରକ୍ଷା କରିବା ନିମନ୍ତେ ଯୁଦ୍ଧ କରିବାକୁ ପଡ଼ିଥିଲା । ସମସ୍ତ ବସତିରେ ଏହିପରି ଘଟଣା ଘଟିଥିଲା । ଏଣୁ ଉଦ୍ଦେଶ୍ୟ-ସାଧନ ନିମନ୍ତେ ସେମାନଙ୍କୁ ଅସ୍ତ୍ରଧାରଣ କରିବା, ଯୁଦ୍ଧ କରିବା ଏବଂ ଦୁର୍ଗ ନିର୍ମାଣ କରିବାକୁ ହୋଇଥିଲା ! ଏହି କଥାର ପ୍ରମାଣ କଲିକତା ମାନ୍ଦ୍ରାଜ ଓ ବୋମ୍ବାଇର ପ୍ରଥମ ଇତିହାସ ପାଠ କଲେ ଅଧିକ ଦୃଢ଼ୀଭୂତ ହୋଇପାରିବ ।

ସନ୍ ୧୬୩୯ ସାଲରେ ଇଂରେଜମାନେ ସେଣ୍ଟ ଜର୍ଜ ନାମକ ଦୁର୍ଗ ନିର୍ମାଣ କଲେ । ତାହାର ଆଶ୍ରୟରେ ମାନ୍ଦ୍ରାଜ ନଗର ଧୀରେ ୨ ବଢ଼ିବାକୁ ଲାଗିଲା । ଏହି ନଗର ଯୁଦ୍ଧ କରିବା ନିମନ୍ତେ ଉତ୍ତମ ସୁବିଧାଜନକ ସ୍ଥାନରେ ରହିଅଛି । ଏହାର ଏକ ପାର୍ଶ୍ୱରେ କୌମ ନାମକ ଗୋଟିଏ ନଦୀ ବହି ଯାଉଅଛି ।

ଅନ୍ୟ ପାର୍ଶ୍ୱରେ ସମୁଦ୍ର ଲହରୀ ସଞ୍ଚାଳିତ ହେଉଅଛି । ତାହାର ପାର୍ଶ୍ୱରେହିଁ ସେଣ୍ଟ ଜର୍ଜ ନାମକ ଦୁର୍ଗ ଅଛି । ସମୁଦ୍ରର କୂଳେ କୂଳେ ୨ ମାଇଲ ଦୀର୍ଘ ଓ ଏକ ମାଇଲ ପ୍ରସ୍ଥରେ ଏହି ନଗର ଅବସ୍ଥିତ । ୬୦ ବର୍ଷ ମଧ୍ୟରେ ଅର୍ଥାତ୍ ସନ୍ ୧୭୦୦ ଇସବୀରେ ଏହାର ଲୋକସଂଖ୍ୟା ୧୫୦,୦୦୦ ହୋଇ ଯାଇଥିଲା ।

ଯେଉଁ ଭୂମି ଉପରେ ଏହି ନଗର ସ୍ଥାପିତ ତାହା ଇଂରେଜମାନେ କୌଣସି ଦେଶୀୟ ରାଜାଙ୍କଠାରୁ ୮୦୦ ସ୍ୱର୍ଣ୍ଣମୁଦ୍ରା ଦେଇ କିଣି ନେଇଥିଲେ; ଏବଂ ତହିଁ ଉପରେ ପ୍ରତିବର୍ଷ ଏମାନେ କିଛି ବାର୍ଷିକ କର ମଧ୍ୟ ଦେଉଥିଲେ । କର୍ଣ୍ଣାଟର ନବାବ ଯେତେବେଳେ ଏହି ରାଜାଙ୍କର ରାଜ୍ୟ ଛଡ଼ାଇ ନେଲେ ସେତେବେଳେ ଇଂରେଜମାନେ ନବାବଙ୍କୁ ମଧ୍ୟ ଏହି କର ଦେବାକୁ ଲାଗିଲେ ।

ଭାରତବର୍ଷର ପ୍ରଦେଶମାନଙ୍କ ମଧ୍ୟରେ ସେହି ସମୟରେ ବଙ୍ଗଦେଶ ସର୍ବାପେକ୍ଷା ଧନାଢ୍ୟ ଓ ଉତ୍ପନ୍ନଶାଳୀ ପ୍ରଦେଶ ବୋଲି ଗଣ୍ୟ ହେଉଥିଲା । ପର୍ତ୍ତୁଗେଲର ଲୋକମାନେ ଆକବର ବାଦ୍‌ଶାହଙ୍କର ରାଜତ୍ୱ ସମୟରେ ଏହି ପ୍ରଦେଶରେ ହୁଗଲି ନଦୀର ତଟରେ ଏବଂ କଲିକତାଠାରୁ ୧୫ ମାଇଲ ଉତ୍ତରରେ ହୁଗଲି ନାମକ ନଗର ସ୍ଥାପନ କରିଥିଲେ, ମାତ୍ର ସାହାଜାହାନଙ୍କ ସହିତ ବିବାଦ ହେବାରୁ ସେ ଏମାନଙ୍କୁ ଏଠାରୁ ବାହାର କରି ଦେଇ ସେହି ନଗରକୁ ସ୍ୱାଧିକାର ଭୁକ୍ତ କଲେ । ସନ୍ ୧୬୪୦ ସାଲରେ ଏହି ବାଦ୍‌ଶାହ ଇଷ୍ଟ ଇଣ୍ଡିଆ କୋମ୍ପାନିଙ୍କୁ ହୁଗଲିରେ ଆପଣାର କାର୍ଯ୍ୟାଳୟ ଖୋଲିବାକୁ ଅନୁମତି ଦେଲେ । ମାତ୍ର ଯେତେବେଳେ ମୋଗଲ ବଂଶର ସର୍ବାପେକ୍ଷା ପ୍ରବଳ ପରାକ୍ରମଶାଳୀ ଆଉରଙ୍ଗଜେବ ସିଂହାସନ ଆରୋହଣ କଲେ ସେତେବେଳେ ସେ ଇଂରେଜମାନଙ୍କଠାରୁ ଜିଜିଆ ନାମକ କର ଚାହିଁଲେ; ମାତ୍ର ସେମାନେ ଏହି କର ଦେବାକୁ ଅସ୍ୱୀକାର କରି ହୁଗଲି ଛାଡ଼ି ବାହାରି ଗଲେ । କିଛି ଦିନ ପରେ ଯେତେବେଳେ ଇଂରେଜମାନେ ପୁଣି ତାହାଙ୍କ

ନେଇ ଫେରି ଆସିଲେ, ସେତେବେଳେ ବାଦ୍‌ସାହ ବାଧ୍ୟ ହୋଇ ଗୋବିନ୍ଦ-ପୁର, ସୁତାନଟୀ ଓ କଲିକତା ନାମକ ତିନି ଗୋଟି ଗ୍ରାମ ବକ୍‌ସିସ୍ ଦେଇ ପକାଇଲେ । ଏହି ତିନି ଗ୍ରାମ ମିଶି କଲିକତା ସହର ହୋଇଅଛି । ଏହି ନଗର ଏବେ ସମଗ୍ର ଭାରତର ରାଜଧାନୀ ଓ ପୃଥିବୀ ମଧ୍ୟରେ ବୃହତ୍ ନଗରମାନଙ୍କ ମଧ୍ୟରେ ଗଣ୍ୟ ହୋଇଅଛି ।

ଦ୍ୱିତୀୟ ନଗର ବୋମ୍ବାଇ ଅନ୍ୟ ପ୍ରକାରରେ ଇଂରେଜମାନଙ୍କର ହସ୍ତଗତ ହୁଏ । ଏହି ନଗର ପ୍ରଥମତଃ କ୍ଷୁଦ୍ର ଗ୍ରାମ ଥିଲା । ୧୬୬୧ ସାଲରେ ପର୍ତ୍ତୁଗାଲର ସମ୍ରାଟ ଆପଣାର ଜାମାତା ଇଂଲଣ୍ଡର ରାଜା ଚାର୍ଲସଙ୍କୁ ତାହାଙ୍କ କନ୍ୟା ବିବାହର ଯୌତୁକସ୍ୱରୂପ ଦେଇଥିଲେ । ବୋମ୍ବାଇ ଗୋଟିଏ ଦ୍ୱୀପରେ ଅବସ୍ଥିତ; ମାତ୍ର ଦ୍ୱୀପଟି ବଡ଼ ବୃହତ୍ ଅଟେ । ଏହି ଦ୍ୱୀପ ଓ ଭାରତର କୂଳ ମଧ୍ୟରେ ଥିବା ସମୁଦ୍ର ଏତେ ଅପ୍ରଶସ୍ତ ଯେ ଦୂରରୁ ଦେଖିଲେ କିଛି ଦେଖା ପଡ଼େ ନାହିଁ । ଏହିଠାରେ ଇଂରେଜମାନଙ୍କର ପ୍ରତିବାସୀ ମରହଟ୍ଟାମାନେ ବାସ କରୁଥିଲେ । ସେମାନେ ପୋର୍ତ୍ତୁଗାଲମାନଙ୍କର ସମସ୍ତ ଦେଶ ଜୟ କରି ନେଇ ସେମାନଙ୍କୁ ବହୁ କଷ୍ଟ ମଧ୍ୟ ଦେଉଥିଲେ । ମାତ୍ର ସେମାନେ ଏମାନଙ୍କୁ ବୋମ୍ବାଇରୁ ଅନ୍ତର କରି ପାରିଲେ ନାହିଁ ।

କଲିକତା, ମାନ୍ଦ୍ରାଜ, ବୋମ୍ବାଇ ଏହି ତିନି ନଗର ସମୁଦ୍ର କୂଳରେ ଅଥବା ସମୁଦ୍ରର ଅଳ୍ପ ଦୂରରେ ଅବସ୍ଥାପିତ ହୋଇଥିଲା । ଏହି ସ୍ଥାନମାନଙ୍କୁ ଇଂରେଜମାନଙ୍କର ଜାହାଜ ସୁବିଧାରେ ପହଞ୍ଚି ପାରୁଥିଲା । ଏବଂ ବ୍ୟାପାର ନିମନ୍ତେ ମଧ୍ୟ ସୁବିଧା ମିଳୁଥିଲା । ଏହା ଛଡ଼ା ଅନ୍ୟ ପ୍ରକାର ସୁଖ ମଧ୍ୟ ଥିଲା ଯେ ସଙ୍କଟ ସମୟରେ କୌଣସି ସ୍ଥାନୀୟ ରାଜା, ନବାବ୍ ଅବା ବାଦ୍‌ସାହଙ୍କଠାରେ ବିଦ୍ରୋହୀ ହେଲେ ଆପଣାର ଧନ ଦ୍ରବ୍ୟ ସବୁ ଜାହାଜରେ ପୂର୍ଣ୍ଣ କରି ଏମାନେ ଆପଣା ଦେଶକୁ ଫେରି ଯାଉଥିଲେ ।

ଯେତେବେଳ ପର୍ଯ୍ୟନ୍ତ ବଳହୀନ ଥିଲେ ସେତେଦିନ ଯାଏ ସମୁଦ୍ର ନିକଟରେ ବାସ କରିବା ଭଲ ବୋଲି ମଣୁଥିଲେ; ମାତ୍ର ଯେପରି ସେମାନଙ୍କର

ପରାକ୍ରମ କରିବାକୁ ଲାଗିଲା ସେପରି ସେମାନେ ଦେଶ ମଧ୍ୟରେ ପ୍ରବେଶ କରିବାକୁ ଲାଗିଲେ ।

---

## ପାଠ ୧୯ ।

### ସ୍ୱାସ୍ଥ୍ୟରକ୍ଷା, ୧ମ ଭାଗ ।

#### ନିଦ୍ରା ।

ଶରୀର ବିନା କେହି କିଛି ପାରନ୍ତି ନାହିଁ । ପୂର୍ବ କାଳରେ ଏପରି ଗୋଟିଏ ନିଷ୍ଠୁର ପ୍ରଥା ଥିଲା ଯେ ଲୋକମାନଙ୍କୁ ଅପରାଧୀ ଶୋଇବାକୁ ନ ଦେଇ ମାରି ପକାଉଥିଲେ ।

ଦିନସାରା ପରିଶ୍ରମ କରି ଆମ୍ଭେମାନେ ରାତ୍ରିରେ କ୍ଳାନ୍ତ ହୋଇଁ । ସେ ସମୟରେ ଆମ୍ଭମାନଙ୍କ ଶରୀର ଓ ମନ ବିଶ୍ରାମ ଲୋଡ଼ଇ । ଆମ୍ଭେମାନେ ଯେ କୌଣସି କାର୍ଯ୍ୟ କରୁଁ ସେଥିରେ ଶରୀରର କିଛି କ୍ଷୟ ହୁଏ । ଯେ ଭକ୍ଷ୍ୟ ଦ୍ରବ୍ୟ ଉତ୍ତମରୂପେ ପରିପାକ ହୁଏ ତେବେ ଭୋଜନରୁ ଏହି କ୍ଷତି ପୂରଣ ହୋଇ ପାରେ । ମାତ୍ର ଭକ୍ଷ୍ୟ-ଦ୍ରବ୍ୟ ପରିପାକ ହେବା ପାଇଁ ନିଦ୍ରା ଆବଶ୍ୟକ । ଯଦି ଲୋକମାନେ ଗୋଟିଏ କୂପରୁ ସମସ୍ତ ଦିନ ଜଳ କାଢ଼ନ୍ତି ତେବେ ସେହି କୂପର ଜଳ କ୍ରମଶଃ କମି ଯାଏ, କିନ୍ତୁ ରାତ୍ରିରେ ପୁଣି ଜଳ ଜମି ଯାଇ ପୂର୍ବପରି ହୋଇଯାଏ । ସେହିପରି ରାତ୍ରିରେ ଉତ୍ତମରୂପେ ବିଶ୍ରାମ କଲେ ତହିଁ ଆର ଦିନ ସକାଳେ ଆମ୍ଭେମାନେ ନୂଆ ବଳ ପାଇ ଉଠୁଁ । କ୍ଳାନ୍ତି ମଧ୍ୟ ଦୂର ହୋଇଯାଏ । ସବଳ ଓ ସୁସ୍ଥ ହେବା ପକ୍ଷରେ ପ୍ରଚୁର ପରିମାଣରେ ନିଦ୍ରା ଆବଶ୍ୟକ ; କିନ୍ତୁ ଅତି ନିଦ୍ରା ମଧ୍ୟ ରୋଗର କାରଣ

ତରୁଣ ଲୋକଙ୍କଠାରୁ ବାଳକମାନଙ୍କର ଅଧିକ ନିଦ୍ରା ଆବଶ୍ୟକ । ଦ୍ୱାଦଶ ବର୍ଷ ବୟସର ବାଳକମାନଙ୍କ ପକ୍ଷରେ ୯ ଘଣ୍ଟା, ଆଉ ପ୍ରବ

ମାନଙ୍କ ପକ୍ଷରେ ୬ ଘଣ୍ଟା ନିଦ୍ରା ସନ୍ତୋଷଜନକ । ନିରୋଗୀ ମନୁଷ୍ୟଠାରୁ ରୋଗୀ ମନୁଷ୍ୟକୁ ଅଧିକ ନିଦ୍ରା ହେବା ଉତ୍ତମ । ମାତ୍ର ରୋଗୀକୁ ଅଳ୍ପ ନିଦ୍ରା ହୁଏ । ରୋଗୀକୁ ବିଶେଷ ନିଦ୍ରା ହେବା ରୋଗ ଭଲ ହେବାର ଚିହ୍ନ ଅଟେ । ଏଣୁକରି ରୋଗରୁ ମୁକ୍ତ ହେଲେ ମନୁଷ୍ୟକୁ କେତେକ ଦିନ ଅଧିକ ନିଦ୍ରା ମାଡ଼େ ; ଏବଂ ସେହି ନିଦ୍ରାରୁ ତାହାର ଶରୀର ଯାଇଥିବା ବଳ ପୁନର୍ବାର ପ୍ରାପ୍ତ ହୁଏ ।

ଶୋଇବା ନିମନ୍ତେ ରାତ୍ରି ଉପଯୁକ୍ତ ସମୟ । ରାତ୍ରି ୧୦ ଘଣ୍ଟାଠାରୁ ପ୍ରାତଃ ୫ ଘଣ୍ଟା ପର୍ଯ୍ୟନ୍ତ ଶୋଇବା ଉଚିତ । ଯେଉଁ ମନୁଷ୍ୟ ନିୟମିତରୂପେ ଅଧିକ ରାତ୍ରି ଜାଗରଣ ନ କରି ଶୁଏ ଓ ଅତି ପ୍ରାତଃକାଳରୁ ଉଠେ ସେ ସମୟରେ ସୁସ୍ଥ ଓ ବଳ ହୁଏ । କିନ୍ତୁ ଦିନବେଳେ ଶୋଇବା ନିତାନ୍ତ କ୍ଷତିକାରକ । କାରଣ କି ସେପରି ଅଭ୍ୟାସ କଲେ ଶରୀରରେ ଆଳସ୍ୟ ହୁଏ ; ମଧ୍ୟ ସମୟ ବୃଥାରେ ଯାଏ, କେବଳ ମଧ୍ୟାହ୍ନରେ ଭୋଜନ କଲା ପରେ କିଞ୍ଚିତ୍ ସମୟ ବିଶ୍ରାମ କରିବା ଭଲ ଅଟେ ।

ଉତ୍ତମ ନିଦ୍ରା ପାଇବାର ଗୋଟିଏ ଉତ୍କୃଷ୍ଟ ଉପାୟ ଏହି ଯେ ମନୁଷ୍ୟ ଦିବସରେ ଭଲ କରି ପରିଶ୍ରମ କରିବ । ଶୋଇବାର କିଛି କାଳ ପୂର୍ବେ ପୂର୍ଣ୍ଣ ଭୋଜନ କରିବା ଅନୁଚିତ । ଏପରି କଲେ ମନୁଷ୍ୟକୁ ଅଧିକ ନିଦ୍ରା ହୁଏ ଏବଂ ଉଦରର ପାକ କ୍ରିୟାରେ ବିଘ୍ନ ଘଟେ, ମସ୍ତିଷ୍କ ବିଶ୍ରାମ ପାଏ ନାହିଁ ମଧ୍ୟ ମନ୍ଦ ସ୍ୱପ୍ନ ହେବାର ସମ୍ଭବ ।

ଭୂମିରେ ଶୋଇବାଠାରୁ ବିଛଣା, ଖଟ, ପୁଆଳ, ଅବା ଶୁଷ୍କ ପତ୍ର ପକାଇ ଶୋଇବା ଭଲ । ଯେବେ ଭୂମି ଶୁଷ୍କ ଥିବ ଏବଂ ସ୍ଥାନରେ ରୋଗ ନ ଥିବ ତେବେ ସେ ସମୟରେ ଭୂମିରେ ଶୋଇଲେ କିଛି କ୍ଷତି ହେବ ନାହିଁ ; ମାତ୍ର ସାପ ବିଛୁଆଦି କାମୁଡ଼ିବାର ଭୟ ଥାଏ ।

ଶଯ୍ୟା ଏବଂ ପଲଙ୍କର ବସ୍ତ୍ରାଦି ସର୍ବଦା ପରିଷ୍କାର ରଖିବା ଉଚିତ । ମୁହଁଢାଙ୍କି ଶୋଇବା ଭଲ ନୁହେଁ । କାରଣ ଏପରି କଲେ ସଦ୍ୟ ଓ ପରିଷ୍କୃତ

ବାୟୁ ମିଳି ନ ପାରେ । ଶୋଇବା ଘରକୁ ଉତ୍ତମ ନିର୍ମଳ ପବନ ଆସୁଥିବ ଓ ଯେପରି ଚୁଲିରୁ ଧୂଆଁ ଉତ୍ତମରୂପେ ବାହାରି ନ ପାରେ ସେଥିରେ ଅଗ୍ନି ଓ ପ୍ରଦୀପ ଜଳାଯିବ ନାହିଁ । ସେହିପରି ଭାବରେ ଭାଜିର ଘଡ଼ି ଏପରି ଖୋଲା ଯାଗାରେ ଶୋଇବା ଅନିଷ୍ଟକର ଅଟେ । କାରଣ କି ସେପରି ସ୍ଥଳରେ ଶୋଇଲେ ଜ୍ୱର ହେବାର ସମ୍ଭାବନା । ସେହିପରି ଭାବରେ ପବନ ଶରୀରରେ ପ୍ରବଳରୂପେ ଲାଗୁଥିବ ସେଠାରେ ଶୋଇବା ଭଲ ନୁହେଁ; କାରଣ ସେଠାରେ ଶୋଇଲେ ଶରୀରର ଉଷ୍ଣତା ଚାଲିଯାଏ, ଏବଂ ବିବିଧ ରୋଗ ଜନ୍ମେ । ଯେଉଁ ସମୟରେ ଶୀତଳା ବା ଜ୍ୱର ଗ୍ରାମରେ ପ୍ରବଳ ଥାଏ ସେହି ସମୟରେ ସର୍ବ କାଳରେ ଶରୀରକୁ ଗରମ ରଖିବା ଆବଶ୍ୟକ ।

---

## ପାଠ ୨୦ ।

## କୃଷିବିଦ୍ୟା ୨ୟ, ଭାଗ ।

### ବୃକ୍ଷର ଖାଦ୍ୟ ।

### ୧ମ ନିୟମ (ବୃକ୍ଷର ଖାଦ୍ୟ ଜମିରେ ପ୍ରସ୍ତୁତରୂପେ ରହିବା ଉଚିତ ।)

ତୁମ୍ଭେମାନେ ଆପଣା ମୁଖରେ ଆହାର ଏବଂ ପାନ କରି ଜୀବିତ ଏବଂ ପରିପୁଷ୍ଟ ହେଉଅଛ, କିନ୍ତୁ ବୃକ୍ଷ ଆପଣା ଚେରଦ୍ୱାରା ଭୂମିରୁ ମୃତ୍ତିକା ପରି ସୂକ୍ଷ୍ମ ପଦାର୍ଥର ରସ ଗ୍ରହଣ ଏବଂ ପତ୍ରଦ୍ୱାରା ବାୟୁର * ଅଂଶ ପାନ କରି

* ବାୟୁର ଅଂଶ ତିନୋଟି ଯଥା, ଅମ୍ଳଜାନ, ଯବକ୍ଷାରଜାନ ଓ ଅଙ୍ଗାରକ ବାୟୁ । ପବନ ଅଭି ଶ୍ୱାସ ଗ୍ରହଣ ସମୟରେ ନାସ ଓ ପ୍ରାଣୀଠାରୁ ଅଙ୍ଗାରକ ବାୟୁ ନିର୍ଗତ ହୋଇ ଅମ୍ଳଜାନ ସହିତ ମିଶିତ ହେବାପରେ ଅଙ୍ଗାରକାମ୍ଳ ବାୟୁ ଉତ୍ପନ୍ନ ହୁଏ । ଏହା ପବନକୁ ଅପରିଷ୍କାର କରେ । ମାତ୍ର ବୃକ୍ଷ ପତ୍ରଦ୍ୱାରା ଦିବସରେ ସେହି ଅଙ୍ଗାରକ ବାୟୁକୁ ଗ୍ରହଣ କରି ଅମ୍ଳଜାନ ବାୟୁ ତ୍ୟାଗ କରେ, ଏହା ପ୍ରାଣୀମାନଙ୍କ ପକ୍ଷରେ ଅତ୍ୟନ୍ତ ହିତକର ଅଟେ । ସଂକ୍ଷେପରେ କହିବାକୁ ଗଲେ ଅର୍ଥାତ୍ ଏକ ପ୍ରାଣୀ ଦ୍ୱାରା ବାୟୁ ଦୂଷିତ ହୁଏ ଏବଂ ବୃକ୍ଷ ଦ୍ୱାରା ସେହି ଦୂଷିତ ବାୟୁ ବିଶୁଦ୍ଧ ହୁଏ ।

ପରିବର୍ତ୍ତିତ ଓ ପରିପୁଷ୍ଟ ହୋଇଅଛି । ଏଣୁକରି ଯଦ୍ୟପି ଗୋଟିଏ ବୃକ୍ଷକୁ କାଚଗ୍ଲାସରେ ବାୟୁ ନ ମିଳିବା ଭଳି ଆବୃତ କରି ରଖାଯାଏ ତେବେ ତାହା ତତ୍‌କ୍ଷଣାତ୍ ଶୁଷ୍କ ହୋଇଯିବ; ମାତ୍ର ତାହାକୁ ଭୂମି ଆଉ ଜଳରୁ କିଛି ଖାଦ୍ୟ ନ ମିଳିଲେ ସୁଦ୍ଧା କିଛିକାଳ ପବନ ସେବନ କରି ବଞ୍ଚି ପାରିବ । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ବୃକ୍ଷ ବିଶେଷତଃ ପବନ ଦେହରୁ ପ୍ରାଣ-ଧାରଣ କରୁଅଛି ।

ମାତ୍ର ବୃକ୍ଷକୁ ସର୍ବଦା ପର୍ଯ୍ୟାପ୍ତରୂପେ ପବନ ମିଳୁ ଅଛି । ଏହିହେତୁରୁ କ୍ଷେତ୍ରର ଶସ୍ୟ ଶୁଷ୍କ ହୁଏ ନାହିଁ । ପୁରାତନ କ୍ଷେତ୍ରରେ ତାହାକୁ ଅବଶ୍ୟ ବହୁତ ଅଳ୍ପ ଖାଦ୍ୟ ମିଳୁଥିବ, ତେଣୁକରି ତହିଁରେ ଶସ୍ୟ ପତଳା ଓ ଅଳ୍ପ ହୁଅଇ । ଏତଦ୍ଭିନ୍ନ ଦୁଷ୍କାଳ ପଡ଼ି ଏବେ କୃଷକମାନଙ୍କୁ ପୁରାତନ କ୍ଷେତ୍ରର ପରିବର୍ତ୍ତରେ ପଡ଼ିଆ ଭୂମି କର୍ଷଣ କରିବାକୁ ମିଳୁ ନାହିଁ । ଏପରି ଅବସ୍ଥାରେ ସ୍ୱଳ୍ପ ଉତ୍ପନ୍ନରେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ୁଅଛି, ଏଣୁକରି କୃଷକମାନଙ୍କୁ ଉଚିତ ଯେ ସେମାନେ ପ୍ରତିବର୍ଷ ପୁଃ କ୍ଷେତ୍ରରେ ଖତ ଦେଇ ତାହାକୁ ନବୀଭୂତ କରୁଥିବେ । ଏତଦ୍ଦେଶରେ ଖତ ଅନାୟାସରେ ମିଳୁ-ଅଛି ଅଥଚ ସୁଲଭ ମୂଲ୍ୟରେ ପ୍ରସ୍ତୁତ ହୋଇପାରେ, ତଥାପି କୃଷକମାନେ ତାହା ବ୍ୟବହାର କରୁ ନାହାନ୍ତି; କିନ୍ତୁ ୟୁରୋପର ମନୁଷ୍ୟମାନେ ବହୁତ ଯତ୍ନରେ ଆମେରିକାରୁ ପକ୍ଷି-ବିଷ୍ଠାର ଖତ ଆଣି ଆପଣା ଆପଣା କ୍ଷେତ୍ରରେ ଦେଉ-ଅଛନ୍ତି । ସେହି ଖତର ମୂଲ୍ୟ ମହଣକୁ ୪ ଟଙ୍କା, ସୁତରାଂ ସେମାନଙ୍କୁ ବହୁତ ମହଙ୍ଗା ପଡୁଅଛି ।

ନାନାବିଧ ଖତ ଶସ୍ୟର ଅଧିକ ଉପକାରରେ ଆସଇ । ତୁମ୍ଭେମାନେ ଗୋବର ଅଳିଅ, ଏବଂ ମୂତ୍ରର ଖତ ପ୍ରସ୍ତୁତ କରିବାର ଧାରା ଜାଣି ସାରିଅଛ । ମୂତ୍ର ଜମିରେ ଶୋଷିତ ହୋଇ ମୂଳ ଆଉ କନ୍ଦକୁ ଦେଇ ଥାଏ ଏବଂ ସୂକ୍ଷ୍ମାକାରରେ ସୁଦ୍ଧା ମିଳିତ ହୁଏ । ଏହିହେତୁରୁ ଶାଉମାଟି ଆଉ ଖାରପାଣିକି ଖତସ୍ୱରୂପ କାର୍ଯ୍ୟରେ ବ୍ୟବହାର କର । ମଇଳା ଖାଉ, ଯାହାକି ଜମିର

ଉପର ଭାଗକୁ ମଧ୍ୟ ଘୋଷିଥାଏ, ଆଷାଢ଼ ମାସର ପ୍ରଥମ ବୃଷ୍ଟି ଜଳରେ ଗ୍ରାମର ନିମ୍ନ କ୍ଷେତ୍ରକୁ ବହିଯାଏ । ଏପରି ଶସ୍ୟଶାଳିନୀ କ୍ଷେତ୍ରକୁ ଗ୍ରାମର ଗୋଚରଭୂମି କହନ୍ତି । କୃଷ୍ଣା ଶସ୍ୟର କ୍ଷେତ ନିମ୍ନମତେ ପ୍ରସ୍ତୁତ କରାଯାଏ । କ୍ଷେତ୍ରରେ କର୍ପୂରିଆ ଅଙ୍କୁରିତ ହେଲାପରେ ଶ୍ରାବଣ ମାସରେ ତାକୁ ଚଷି ପକାନ୍ତି । ପନ୍ଦର ଦିନ ପର୍ଯ୍ୟନ୍ତ ସଢ଼ି ଗଲାପରେ ତାହାକୁ ମୃତ୍ତିକାରେ ପୋତି ଦିଅନ୍ତି, ତଦ୍ଦ୍ୱାରେ ତାହା ଭାଦ୍ରବ ମାସର ଖରା ବୃଷ୍ଟି ଯୋଗେ ମିଶିଯାଏ । ଏହି ଖତର ବ୍ୟବହାରରେ ଗ୍ରୀଷ୍ମକାଳୀନ ଶସ୍ୟ ଉତ୍ତମରୂପେ ଉତ୍ପନ୍ନ ହୁଏ । କାରଣ ବର୍ଷା ସମୟର ପଚିଲା କର୍ପୂରିଆର ପଚିଲା ପତ୍ରକୁ ଖାଦ୍ୟ କରି ମୃତ୍ତିକାରେ ମିଶ୍ରିତ ହେଲାପରେ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି କରିଦିଏ ।

ଚୀନ୍ ଏବଂ ଯାପାନ୍ ଦେଶରେ ବିଷ୍ଠାରି ଖତକୁ ଅଧିକ ମୂଲ୍ୟବାନ୍ ଜ୍ଞାନ କରନ୍ତି । ଭାରତବର୍ଷରେ ଏହି ଖତକୁ ଘୃଣାବଶତଃ ସହଜେ ପ୍ରସ୍ତୁତ କରନ୍ତି ନାହିଁ । ତଥାପି ଏଲାହାବାଦ, କାନପୁର ଓ ପୁନା ଜିଲ୍ଲାରେ ଏହାକୁ ପ୍ରତିବର୍ଷ ସହସ୍ର ଟଙ୍କା ଆମଦାନି ହେଉଅଛି । ଏହି ପ୍ରଦେଶର ନାଗପୁର, ଜବଲ-ପୁର ଏବଂ ସାଗର ଆଦି ନଗର ସମୂହରେ ବର୍ତ୍ତମାନ ଏହାର ବହୁ ବ୍ୟବହାର ଦେଖାଯାଉଅଛି । ଏହା ପ୍ରସ୍ତୁତ କରିବାର ଉତ୍ତମ ଧାରା ଏହି କି ପଡ଼ିଆ ଜମିରେ ଏକ ଫୁଟ ଅନ୍ତରରେ ନାଳ ଖୋଳାଯାଏ । ତହିଁରେ ମଇଳା ଜମା ହେଲା ମାତ୍ରେ ତଦୁପରି ମୃତ୍ତିକା ପକାଯାଏ । ଏପରି କଲେ ତହିଁରୁ ଦୁର୍ଗନ୍ଧ ପବନ ଉଠି ପାରେନାହିଁ । ମଇଳା ଏବଂ ମୃତ୍ତିକା ଛ ମାସରେ ଏକରସ ହେଲା ଉତ୍ତାରୁ ଖତରୂପରେ ପରିଣତ ହୁଏ । ଏହି ଖତମିଶ୍ରିତ କ୍ଷେତ୍ରରେ ପାଣି ବଲାଇଲେ ବହୁତ ଶସ୍ୟ ଉତ୍ପନ୍ନ ହୁଏ । ହାଡ଼ର ଖତ ଏହି ଦେଶର କୌଣସି ସ୍ଥାନରେ ପ୍ରସ୍ତୁତ ହୁଏ ନାହିଁ । ହାଡ଼ ଟେକିରେ କୁଟି ଚୂର୍ଣ୍ଣ କରାଯାଏ । ସେହି ଚୂର୍ଣ୍ଣ ଗଦା ଉପରେ ଜଳ ସେଚନ କରାଯାଏ, ଏବଂ ତହିଁରେ ଚୂର୍ଣ୍ଣ ମୃତ୍ତିକା ପକାଯାଏ । ଏହିପରି

କେତେକ ସପ୍ତାହ ପର୍ଯ୍ୟନ୍ତ ବର୍ଷଣରେ ହାଡ଼ର ବୃଷ୍ଟି ପର୍ଯ୍ୟନ୍ତ କୋମଳ ହୋଇଯାଏ ପୁଣି ତାହାକୁ କ୍ଷେତରେ ପକାଇଲେ ସମସ୍ତାଂଶ କ୍ରମେ ଭୂମିରେ ମିଶ୍ରିତ ହୁଏ ।

ଗନ୍ଧକ ଦ୍ରାବକରେ ପ୍ରସ୍ତୁତ ହୋଇଥିବା ହାଡ଼ର ଉତ୍ତମ ଖତ ବହୁତ ଦୁର୍ଲଭ ହେତୁରୁ ତାହା ଏ ପ୍ରଦେଶରେ ହୋଇ ନ ପାରେ । ଯେଉଁ ଖତ କ୍ଷେତରେ ପକାଯାଏ ତାହା ମୃତ୍ତିକାରେ ଶୀଘ୍ର ଆବୃତ ହେବା ଉଚିତ । ଯେତେ ଦିନ ପର୍ଯ୍ୟନ୍ତ ତାହା ମୃତ୍ତିକାରେ ମିଶ୍ରିତ ନ ହେବ ସେତେ ଦିନ ପର୍ଯ୍ୟନ୍ତ ତହିଁରେ ପୂର୍ଣ୍ଣରୂପେ ଫସଲ ଆଦାୟ ହୋଇ ନ ପାରେ । ଏହି ସକାଶରୁ ନୂତନ କଞ୍ଚା ଖତ ମୃତ୍ତିକାରେ ମିଶ୍ରିତ ନ ହେବାରୁ ଶସ୍ୟକୁ ପୋଡ଼ି ଦିଏ । କିନ୍ତୁ ଯଦି କଞ୍ଚା ଶସ୍ୟର ଖତ ମୃତ୍ତିକାରେ ପୂର୍ଣ୍ଣରୂପେ ମିଶ୍ରିତ ହେଲାପରେ ଦ୍ୱିତୀୟ ବର୍ଷ ଶୀଘ୍ର ଋତୁର ଶସ୍ୟ ପକ୍ଷରେ ବିଶେଷ ଲାଭଦାୟକ ହୁଅଇ । ଗୋମୟ ଖତ ଉତ୍ତମ କ୍ଷେତରେ ପକାଯାଏ । କଞ୍ଚା ଖତ ଆଳୁ, ମକା, ଚଣା, ଯବ ଓ କପାସ କ୍ଷେତରେ ଦିଆଯାଏ । ଲବଣାକ୍ତ ଜଳ ଧାନ କ୍ଷେତରେ ଦିଆଯାଏ ; ହାଡ଼ର ଖତ ଗହମ, ଯବ, ମକା କ୍ଷେତକୁ କାର୍ଯ୍ୟକାରୀ ଅଟେ । ଉର୍ବର କଳା ଜମିରେ ହାଡ଼ର ଖତ ଆବଶ୍ୟକ ହୁଏ, ଏବଂ ପୁରାତନ କ୍ଷେତରେ ଗୋମୟ, ମୂତ୍ର, କଞ୍ଚା ଶସ୍ୟର ଖତ ଓ ଖାରପାଣି ଆବଶ୍ୟକ ହୁଏ । ଯେଉଁ କାଳରେ ଯେଉଁ ପ୍ରକାର ଖତ ଆବଶ୍ୟକ, ତହିଁରେ ସେହି ପ୍ରକାର ଖତ ପକାଇବାର ବିଧେୟ । କେବେ ୨ କାଳରେ ଏକ ପ୍ରକାର ଖତ ପକାଉଥିଲେ ଲାଭଦାୟକ ହୁଏ ନାହିଁ ; ତହିଁର କାରଣ ଏହି କି ଉକ୍ତ ଖତର ପରିବର୍ତ୍ତରେ ଅନ୍ୟ ପ୍ରକାର ଖତର ଆବଶ୍ୟକ ହୋଇଥାଇ । କୃଷକମାନଙ୍କୁ ଉଚିତ ଯେ ସେମାନେ କ୍ଷେତ ତଥା ଶସ୍ୟର ଉପଯୁକ୍ତ ଖତ ପରୀକ୍ଷା କରିବାରେ ବହୁତ ଯତ୍ନ କରିବେ । କେବଳ କଥା ପରୀକ୍ଷା ଓ ଅନୁଭବ ବିନା ସେମାନଙ୍କୁ ଜଣା ପଡ଼ି ନ ପାରେ ।

# ପାଠ ୨୯ ।

## ନୀତି ଉପଦେଶ ।

ପ୍ରାଣରୁ ଅଧିକେ ପାଳନ୍ତି ସତ୍ୟ ମହତ ଜନ ;
ସତ୍ୟ ରଖି କର୍ଣ୍ଣ କୁମାର ଶିର କଲେ ଛେଦନ । ୧ ।
ପ୍ରାଣାଧିକ ରାମ ଲକ୍ଷଣ ପୁଣି ବନ ପଠାଇ ;
ଦଶରଥ ପ୍ରାଣ ତ୍ୟାଗିଲେ ସତ୍ୟ ଲଙ୍ଘିଲେ ନାହିଁ । ୨ ।
ପଶ୍ଚିମ ଦିଗରେ ଉଦୟ ଯଦି ହେବେ ଭାସ୍କର ;
ନିର୍ବାଣ ଯଦ୍ୟପି ଅଚଳ ଟଳେ ଭୀମସାଗର । ୩ ।
ତଥାପି ମହତ ବଚନ ଆନ ହୋଇବ ନାହିଁ ;
ଗଜଦନ୍ତ ଯଦି ବାହାରେ ଆଉ ପଶିବ ନାହିଁ । ୪ ।
ନାରୀ ଚରିତରେ କଦାପି ଦେବ ନାହିଁ ବିଶ୍ୱାସ ;
ଦଶରଥ ଗଲେ କୈକେୟୀ ବୁଦ୍ଧି ପ୍ରୀତିରେ ନାଶ । ୫ ।
ନ ଭୁଲିବ କେବେ ରମଣୀ ଚନ୍ଦ୍ର ମୁଖ ଦର୍ଶନେ ;
ରାବଣର ଗଲା ଜୀବନ ଏକା ସୀତା କାରଣେ । ୬ ।
ପର ନାରୀ ପ୍ରୀତି କରନ୍ତି ଜନେ ମହାଦୁର୍ମତି ;
ସହସ୍ରାକ୍ଷ ହେଲେ ଏ ପାପେ ଦେଖ ଅମର ପତି । ୭ ।

# ପାଠ ୨୨ ।

## ଦୁର୍ଗାବତୀ ରାଣୀ ।

ଏହି କଥାର ପରମ ସୁନ୍ଦରୀ ଗୁଣବତୀ ରାଣୀ ମହୋବା ଦେଶର ରାଜା ଚନ୍ଦେଲ ବଂଶୀୟ ଶାଲିବାହନଙ୍କ ଦୁହିତା ଥିଲେ । ଜବଲପୁର ନିକଟ-ବର୍ତ୍ତୀ ଗଡ଼ ମଣ୍ଡଳର ଅଧିପତି ଦଲପତ ସାହ ଏହାଙ୍କର ପାଣି ଗ୍ରହଣ କରିବା ନିମନ୍ତେ ଇଚ୍ଛା କଲେ ; ପରନ୍ତୁ ରାଜପୁତ ବଂଶରେ ଏମନ୍ତ ବିବା-ହର ନିୟମ ନ ଥିଲା । ତଥାପି ଦୁର୍ଗାବତୀଙ୍କ ପିତା ଅତ୍ର ଉପାୟାନ୍ତି ତାଙ୍କ-ଠାରୁ ଅଲ୍ପ ବେତନ ଗ୍ରହଣ ପୂର୍ବକ ଦଲପତ ସାହଙ୍କ ସହିତ ନିଜ ଦୁହି-ତାଙ୍କୁ ବିବାହ ଦେଲେ । ମହାରାଜ ଦଲପତ ସାହ କିଛୁ କାଳପରେ ପରଲୋକ ଗମନ କରିବାରୁ ଦୁର୍ଗାବତୀ ରାଜ-ସିଂହାସନରେ ଉପବେଶନ କଲେ ।

ଖ୍ରୀ ୧୫୬୪ ଇସବାରେ ମହାମାନିକପୁର ରାଜ୍ୟର ନବାବ ଆସଫ ଖାଁ ଗଡ଼ମଣ୍ଡଳ ଆକ୍ରମଣ କରିବାରୁ ରାଣୀ ଦୁର୍ଗାବତୀ ୧୫୦୦ ହସ୍ତୀ ୮୦୦ ଅଶ୍ୱାରୋହୀ ଏବଂ ବହୁତେକ ସୈନ୍ୟ ନେଇ ତାଙ୍କ ସଙ୍ଗରେ ଯୁଦ୍ଧ କରି-ବାକୁ ବହିର୍ଗତ ହେଲେ । ଏହି ସମୟରେ ରାଣୀ କବଚ ଏବଂ ସୁବର୍ଣ୍ଣମୟ ମୁକୁଟ ପରିଧାନ ପୂର୍ବକ ଧନୁର୍ବାଣ ହସ୍ତରେ ଧରି ହସ୍ତୀ-ଉପରେ ଆରୋହଣ ପୂର୍ବକ ସୈନ୍ୟମାନଙ୍କୁ ଆଦେଶ ଦେଉଥିଲେ । ସୈନ୍ୟମାନେ ଧୈର୍ଯ୍ୟସହକାରେ ମୋଗଲ ସେନାମାନଙ୍କୁ ଦୁଇଥର ପରାସ୍ତ କଲେ । ତୃତୀୟ ବାର ଯୁଦ୍ଧରେ ଦୁର୍ଗା-ବତୀଙ୍କ ପୁତ୍ର ସେମାନଙ୍କୁ ପଛକୁ ହଟାଇ ଦେଲେ । ମାତ୍ର ସିଂହାର ଗଡ଼ର ଯୁଦ୍ଧରେ ପରାସ୍ତ ହୋଇ ସ୍ୱରାଜ୍ୟକୁ ଯାଇ ଅତି କୌଣସି ଗର୍ତ୍ତ ମଧ୍ୟରେ ଲୁଚି ରହିଲେ । ଶେଷରେ ଆସଫ ଖାଁ ପରାଜିତ ହୋଇଥିବା ସତ୍ୟ କିନ୍ତୁ ସେତେବେଳେ ତାଙ୍କର ତୋପ ଆସି ପହଞ୍ଚିଲା ସେ ସମୟରେ ରାଣୀ ଶତ୍ରୁ-ଠାରୁ ବଞ୍ଚିବାର କୌଣସି ଉପାୟ ନ ଦେଖି ନୈରାଶ୍ୟ ଉତ୍ପନ୍ନ

ଯୁଦ୍ଧସ୍ଥଳରେ ମହାରାଣୀ ସ୍ୱହସ୍ତରୁ ଖଡ୍ଗ ଉତ୍ତୋଳନ ପୂର୍ବକ ସ୍ୱୀୟ ଉଦରରେ ବିଦ୍ଧ କରି ଆତ୍ମଘାତିନୀ ହେଲେ ।

ଗଣ୍ଡମାନଙ୍କ ମଧ୍ୟରେ ଦଳପତସାହ ଯେପରି ବୀର ପୁରୁଷମାନଙ୍କ ମଧ୍ୟରେ ଶୂରପଣ ପାଇଁ ପ୍ରସିଦ୍ଧ ତେମନ୍ତ ଦୁର୍ଗାବତୀ ରାଣୀ ଯଶସ୍ୱିନୀ ବୀରାଙ୍ଗନା-ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା ଅଟନ୍ତି ।

ଏହି ରାଣୀଙ୍କର ଗୋଟିଏ ପୀଠ ଅଦ୍ୟାବଧି ବିଦ୍ୟମାନ ଅଛି; ତାହାକୁ ଦୁର୍ଗାବତୀ ରାଣୀଙ୍କ ପୀଠ କହନ୍ତି । ଆସଫ ଖାଁ ସହିତ ଦୁର୍ଗାବତୀ ରାଣୀଙ୍କର ଯେଉଁ ଯୁଦ୍ଧ ହୋଇଥିଲା ସେହି ଘଟଣାର ବିବରଣ ତହିଁରେ ଖୋଦିତ ହୋଇଅଛି ।

---

## ପାଠ ୨୩ ।

## ଇଂରାଜ ରାଜ୍ୟରୁ ଭାରତବର୍ଷର ଲାଭ ।

ଅଧିକାଂଶ ଲୋକଙ୍କୁ ଭାରତବର୍ଷର ପୂର୍ବଦଶା ଜଣା ନାହିଁ । ପୂର୍ବ-କାଳରେ ପ୍ରାୟ ପ୍ରତ୍ୟେକ ନଗର ଓ ପଲ୍ଲି ସବୁ ପାଚିରାରେ ବେଷ୍ଟିତ ଥିଲା । ଲୋକମାନେ ଆପଣା ୨ ଶସ୍ତ୍ରାସ୍ତ୍ର ଘରେ ୨ ରଖୁଥିଲେ । ଚୋର ଲୁଟ ଏତେ ଦୂର ପର୍ଯ୍ୟନ୍ତ ପ୍ରବଳ ଥିଲା ଯେ କୃଷକମାନେ ସଦା ଅଣିପଟି, ଢାଲ ଧନୁ ଆପଣା ୨ କ୍ଷେତ୍ରକୁ ଯାଇ ଶସ୍ୟ ବପନ, କର୍ତ୍ତନ ଓ ବହିଁର ରକ୍ଷା ସମ୍ପାଦନ କରୁଥିଲେ । ତଦ୍ରୂପ ପର୍ଯ୍ୟଟକମାନେ ସୁଦ୍ଧା ଅସ୍ତ୍ରଶସ୍ତ୍ର ସାଙ୍ଗରେ ଦଳବଦ୍ଧ ହୋଇ ଯାତ୍ରା କରୁଥିଲେ ଓ ଲୋକମାନେ ଧନ ଦ୍ରବ୍ୟାଦି ଭୂଗର୍ଭରେ ଲୁଚାଇ ରଖୁଥିଲେ । ଏ ସମସ୍ତ ଉପାୟ ବର୍ତ୍ତନା କଲେ ସୁଦ୍ଧା ମନୁଷ୍ୟମାନଙ୍କ ଧନ ପ୍ରାଣର ରକ୍ଷା ଉତ୍ତମ ପ୍ରକାରେ ହୋଇ ପାରୁ ନ ଥିଲା । ଶତ୍ରୁଦଳ ଅକସ୍ମାତ୍ ଆକ୍ରମଣ କରୁଥିଲେ ଓ ବଡ଼ ୨ ନଗରକୁ ଲୁଣ୍ଠନ

ମଧ୍ୟରେ ନଷ୍ଟ କରି ପକାଉଥିଲେ । ଦସ୍ୟୁମାନଙ୍କ ଆବାସ ସ୍ଥାନ ଅଜକାଲି ଘୋର ଅରଣ୍ୟରେ ପରିବର୍ତ୍ତିତ ହୋଇ ଭୟଙ୍କର ବ୍ୟାଘ୍ର ଭଲ୍ଲୁକାଦି ହିଂସ୍ରକ ପଶୁବର୍ଗଙ୍କୁ ଅଭୟ ବାସସ୍ଥାନ ପ୍ରଦାନ କରୁଅଛି । ତସ୍କରମାନେ ରାତ୍ର ସମୟରେ କୌଣସି ଗ୍ରାମକୁ ବେଷ୍ଟନ କରି ତତ୍ରତ୍ୟ ଭୟ-ଭୀତ ନିବାସି-ବର୍ଗଙ୍କୁ ଗ୍ରାମ ମଧ୍ୟରୁ ଅଣାଇ, ତାଙ୍କ ସଞ୍ଚିତ ଧନ କେଉଁଠାରେ ଅଛି ଏହି ସମ୍ବାଦ ନ ଦେବା ପର୍ଯ୍ୟନ୍ତ ବହୁବିଧ କଷ୍ଟ ଦେଉଥିଲେ । ସେମାନଙ୍କୁ ବୃକ୍ଷରେ ବାନ୍ଧି ସେମାନଙ୍କ ଶରୀରରେ ଉତ୍ତପ୍ତ ତେଲ ଢାଳୁଥିଲେ । କେବେ କେବେ ନାସିକା, କର୍ଣ୍ଣରୁ ଅଳଙ୍କାର ଛିଣ୍ଡି ନେଇ ବା ହସ୍ତ ପଦାଦି କାଟି ବହୁଗାଦି ଅପହରଣ କରି ପଳାୟନ କରୁଥିଲେ । ଠଗମାନେ ଯାତ୍ରୀର ଛଦ୍ମବେଶ ଧାରଣ କରି ତୀର୍ଥକୁ ତୀର୍ଥ ସେମାନଙ୍କର ଅନୁସରଣ କରି ନିର୍ଜନ ସ୍ଥାନ ପ୍ରାପ୍ତିମାତ୍ରେ ଯାତ୍ରୀମାନଙ୍କ ଗଳାରେ ଫାଶ ଦେଇ, ସେହି ସ୍ଥାନରେ ସେମାନଙ୍କ ପ୍ରାଣ ନଷ୍ଟ କରି, ସେମାନଙ୍କ ସମ୍ପତ୍ତିକୁ କରଗତ କରୁଥିଲେ ।

ମାତ୍ର ଯେଉଁ ଦିନଠାରୁ ଏ ଦେଶରେ ଇଂରାଜ ରାଜ୍ୟର ସୂତ୍ରପାତ ହୋଇଅଛି ସେହି ଦିନଠାରୁ ଏଠାକାର ପ୍ରଜାଗଣ ଏବେ ସୁଖ ସ୍ୱଚ୍ଛନ୍ଦରେ କାଳାତିପାତ କରୁଅଛନ୍ତି ଯେ କେତେ ସ୍ଥାନରେ ଅଧିବାସିମାନେ ପ୍ରାୟ ୧୦୦ ବର୍ଷରୁ ଯୁଦ୍ଧ ଗୋଳାର ଶବ୍ଦ ସୁଦ୍ଧା କର୍ଣ୍ଣରେ ଶ୍ରବଣ କରି ନାହାନ୍ତି, ଅନେକ ଗ୍ରାମେ ପହରା ସୁଦ୍ଧା ଉଠାଇ ଦିଆ ଯାଇଅଛି । ଲୋକମାନେ ନିଃଶଙ୍କ ମନରେ ଶସ୍ୟଶୂନ୍ୟ କ୍ଷେତ୍ରରେ ଗତାୟାତ କରି ଆପଣା ଆପଣା କାର୍ଯ୍ୟ ସାଧନ କରୁଅଛନ୍ତି । ତସ୍କରବୃତ୍ତି ବିଶେଷରେ କମି ଅଛି ଓ ଡକାୟତମାନଙ୍କ ନାମ ସୁଦ୍ଧା ଶୁଣା ଯାଉ ନାହିଁ ।

ହିନ୍ଦୁ ଓ ମୁସଲମାନ ଶାସନରେ ଚାକରମାନେ ସମୁଚିତ ବେତନ ପାଉ ନ ଥିଲେ । ଏ ସମସ୍ତ ପ୍ରଜାମାନେ ଉଚିତ ବିଚାର ପ୍ରାପ୍ତିରୁ ବଞ୍ଚିତ ହେଉଥିଲେ । କିନ୍ତୁ ଇଂରାଜ ରାଜତ୍ୱରେ ସମସ୍ତେ ଉଚିତ ବେତନ ପାଉଅଛନ୍ତି । ଏହିହେତୁରୁ ଲାଞ୍ଚନେବା ପ୍ରାୟ କମ ହୋଇଅଛି ଏବଂ କୌଣସି

ଲୋକ ଅତି ଦୀନହୀନ ହେଲେ ହେଁ ବା ଲକ୍ଷପତିର ସମତୁଲ୍ୟ ତାହାର ନ୍ୟାୟ ହେଉଅଛି । ଆଜିକାଲି କୌଣସି ସରଦାରଙ୍କର ଏପରି ଶକ୍ତି ନାହିଁ ଯେ ସେ ପୂର୍ବପରି କୌଣସି କାରଣବଶରୁ କାହାରିକୁ ଆପଣା ହସ୍ତ-ପଦ ତଳେ ମର୍ଦ୍ଦନ କରିବ ବା ଅନ୍ୟ କୌଣସିମତେ ତାହାର ପ୍ରାଣ ନାଶ କରି ପାରନ୍ତି

ପ୍ରତ୍ୟେକ ନଗରରେ ଔଷଧାଳୟ ସ୍ଥାପିତ ହୋଇଅଛି । ଏଠାରେ ରୋଗିମାନେ ପ୍ରାୟତଃ ବିନା ମୂଲ୍ୟରେ ଔଷଧ ପାଆନ୍ତି ; ଗ୍ରାମ ଓ ନଗରମାନଙ୍କ ସଫାଇ ପାଇଁ ଓ ଅବର୍ଜ୍ଜନାଜନିତ ରୋଗ ସବୁ ନିବାରଣାର୍ଥେ ଯୋଗ୍ୟ କର୍ମ୍ମଚାରୀବର୍ଗ ନିଯୁକ୍ତ ଅଛନ୍ତି । ପୂର୍ବ କାଳରେ ବସନ୍ତ ରୋଗ ହେଲରୁ ଶତ ସହସ୍ର ପ୍ରାଣୀ ପ୍ରାଣତ୍ୟାଗ କରୁଥିଲେ ବା ଅଙ୍ଗହୀନ ହୋଇ ଯାଉଥିଲେ । କିନ୍ତୁ ଆଜିକାଲି ପ୍ରତ୍ୟେକ ଗ୍ରାମରେ ସୂଚିଧାରମାନେ ମାତା ଟିପିବାକୁ ଓ ଏ ରୋଗର ପ୍ରସାର ବନ୍ଦ କରଣାର୍ଥେ ପ୍ରେରିତ ହୁଅନ୍ତି । ଏଣୁକରି ରୋଗ ପୂର୍ବପରି ପ୍ରବଳତ୍ୱ ଧାରଣ କରି ପାରୁ ନାହିଁ ଏବଂ କୌଣସି ସ୍ଥାନରେ ଅଳ୍ପମାତ୍ରାରେ ଦେଖା ଦେଲେ ମଧ୍ୟ ପୂର୍ବପରି କଷ୍ଟ-ଦାୟକ ହେଉ ନାହିଁ ।

ପୂର୍ବକାଳରେ ବ୍ରାହ୍ମଣମାନେ ସ୍ୱଜାତୀୟ ଲୋକଙ୍କୁ ବିଦ୍ୟା ଶିଖାଉଥିଲେ ; ଅନ୍ୟ ସମସ୍ତେ ବିଦ୍ୟାହୀନ ହୋଇ ରହୁଥିଲେ । ଇଂରେଜ ରାଜ୍ୟରେ ଜାତି ପଙ୍କ୍ତିର କୌଣସି ବିଚାର ନ କରି ସମସ୍ତଙ୍କୁ ବିଦ୍ୟାଦାନ ହେଉଅଛି । ନଗର-ମାନଙ୍କ କଥା କଣ କହିବା ? କ୍ଷୁଦ୍ର ଗ୍ରାମମାନଙ୍କରେ ମଧ୍ୟ ବିଦ୍ୟାଳୟମାନ ସଂସ୍ଥାପିତ ହୋଇଅଛି ଓ ହେଉଅଛି ।

ଏହିପରି ପ୍ରଜାପୁଞ୍ଜର ସୁଖ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ, ନୂତନ ୨ ବିଷୟ ଅନେକ-ସ୍ଥାନରେ ପ୍ରଚାର କରା ହୋଇଅଛି । ହିନ୍ଦୁ ଓ ମୁସଲମାନ ରାଜାମାନଙ୍କର ଶାସନ କାଳରେ କେହି ସେମାନଙ୍କ ଅନ୍ୟାୟ ବିଷୟ ସବୁ ନିର୍ଭୟରେ ପ୍ରକାଶ କରିବାକୁ ସାହସୀ ହେଉ ନ ଥିଲେ । ଆଜିକାଲି ସମ୍ବାଦ ପତ୍ର ଦ୍ୱାରା ସରକାରଙ୍କ କାର୍ଯ୍ୟମାନଙ୍କର ଗୁଣ ଦୋଷ ପ୍ରଚାର କରା ଯାଉଅଛି ।

ସମ୍ବାଦ ପତ୍ରର ପ୍ରଚାର ମଧ୍ୟ ଇଂରାଜାଧିକାର କାଳେ ହୋଇଅଛି । ଏହି କୁଶାସନ ସବୁ ନେସ୍ତନ ହେଉଅଛି । ତାର ଦ୍ୱାରା ସମ୍ବାଦ ଦାନ, ଚିଠି ପତ୍ର ପ୍ରେରଣର ସୁନିୟମ, ରେଲ ପଥର ଅସୀମ ଲାଭ, ସୁଶିକ୍ଷା, ପକ୍କା ସଡ଼କ, ନାଳ, ଡାକ୍ତରି, ଔଷଧାଳୟ, ବସ୍ତ୍ରକଳ, ସିଞ୍ଚାନ୍-ଘର ଆଦି, ନାନା ପ୍ରକାର ଶିଳ୍ପ ନୈପୁଣ୍ୟ ଏବଂ ବ୍ୟାପାରର ସୁଖ ଅନେକ ଉନ୍ନତ ସଂସ୍ଥାପିତ ହୋଇ-ଅଛି । ଏଥିର ଏହି କଥାକୁ ବର୍ଣ୍ଣନା କରିବାକୁ ଗଲେ ପ୍ରତ୍ୟେକ ବିଷୟରେ ଅନ୍ୟୁନ ଗୋଟିଏ ପାଠ ଲେଖିବାକୁ ହେବ । ଅତଏବ ଆମ୍ଭମାନଙ୍କର ଉଚିତ ଯେ ଈଶ୍ୱରଙ୍କୁ କାୟମନୋବାକ୍ୟରେ ଧନ୍ୟବାଦ ଦେଉଁ, କାରଣ ସେ ଆମ୍ଭମାନଙ୍କ ଦେଶକୁ ଏପରି ନ୍ୟାୟଶୀଳ, ପ୍ରଜାପାଳକ, ଶିଳ୍ପ ନିପୁଣ, ଶୂର ଓ ଦୟାଳୁ ଲୋକଙ୍କର ଅଧୀନରେ ରଖିଅଛନ୍ତି ।

---

## ପାଠ ୨୪ ।

### ଆମ୍ବ ବା ଜୁଣାଡ଼ି ।

ଆମ୍ବ ଭାରତବର୍ଷର ଅନେକ ସ୍ଥାନରେ ଉତ୍ପନ୍ନ ହୁଏ । ତାହାର ଗଛ ଅନେକକାଳରୁ ଏ ଦେଶକୁ ଆଣା ହୋଇଥିଲା । ମାତ୍ର ବର୍ତ୍ତମାନ ତାହା ସବୁଠା ସ୍ଥାନରେ ଲଗା ଯାଉଅଛି ।

ଆମ୍ବ ଲଗାଇବାର ରୀତି ଏହି ଯେ ପ୍ରଥମତଃ ଭୂମିକୁ ଚଷିକରି କୋମଳ ଓ ଉର୍ବର କରାଯାଏ । ତତ୍ପରେ ତହିଁରେ କିଆରୀ ପ୍ରସ୍ତୁତ କରି ତାହାର ଧାରରେ ଆମ୍ବ ଟାକୁଆ କରି ପୋତି ଦିଅନ୍ତି । ଏହି ଆମ୍ବ ଟାକୁଆମାନଙ୍କର ନିମ୍ନକୁ ଚେର ଓ ଉପରକୁ ଅଙ୍କୁର ବାହାରେ । ପରେ ଏହି ଅଙ୍କୁର ଗଛ ହୋଇଯାଏ । ବୈଶାଖ ଜ୍ୟେଷ୍ଠ ମାସ ଆମ୍ବ ଲଗାଇବାର ସମୟ ଅଟେ ।

କାର୍ତ୍ତିକ ମାର୍ଗଶିର ମାସରୁ ପାଚିଯାଏ, ଏବଂ ଅନ୍ୟ ବୈଶାଖ ପର୍ଯ୍ୟନ୍ତ ଥାଏ । ଯେଉଁଠାରେ ବାୟୁ ଭଲ ଥାଏ ସେଠାରେ ଅଖୁ ଭଲରୂପେ ବଢ଼େ । ବେଶୀଶସ୍ୟ ସ୍ଥାନରେ ଅଖୁ ୪ । ୬ ହାତ ପର୍ଯ୍ୟନ୍ତ ବଢି ବାଉଁଶ ପରି ମୋଟା ହୋଇଯାଏ; ଏବଂ ଶ୍ୱେତ, କୃଷ୍ଣ, ରକ୍ତ, ପ୍ରଭୃତି ନାନାବିଧ ରଙ୍ଗ-ବିଶିଷ୍ଟ ହୁଏ । ଯେତେବେଳେ ଅଖୁ ବଢିଯାଇ ପକ୍ୱ ହୋଇଯାଏ, ସେତେ-ବେଳେ ସେଥିରୁ ଛଡ଼ାଇ ତାହାକୁ ଲୋକମାନେ ଖାଆନ୍ତି । ଅଖୁରୁ ଅନେକ ପଦାର୍ଥ ପ୍ରସ୍ତୁତ ହୁଏ । ଆମେରିକା, ଚୀନ ଓ ବଙ୍ଗଦେଶରେ ପ୍ରଚୁର ପରି-ମାଣରେ ଅଖୁ ଉତ୍ପନ୍ନ ହୁଏ । ଏଦେଶମାନଙ୍କରେ ଏଥିରୁ ମିଶ୍ରି, ଚିନି, ନବାତ, ଗୁଡ଼ ଓ ଚିଟାଗୁଡ଼ପ୍ରଭୃତି ପ୍ରସ୍ତୁତ ହୁଏ ।

ନବାତ ପ୍ରସ୍ତୁତ କରିବାର ପ୍ରଣ ଏହି କି ଅଖୁ ରସ ବାହାର କରି ତାହାକୁ ବଡ଼ ବଡ଼ କଟାହରେ ଫୁଟାନ୍ତି । ପରେ ରସରେ ଅଳ୍ପ ଚୂନ ପକାଇ ତାହାକୁ ଏତେ ଦୂର ଗରମ କରନ୍ତି ଯେ ତାହା ଭଲରୂପ ପଚେ ଓ ବାହାରେ ଯାହା କିଛି ମଇଳା ଥାଏ, ସେ ସବୁ ଉପରକୁ ଆସିଯାଏ । ଏହି ଅପରିଷ୍କୃତ ଅଂଶକୁ ବାହାର କରି ଦେଇ ଉପରର ପତଳା ରସକୁ ଚିଟା କହନ୍ତି, ଏବଂ ନିମ୍ନ ଭାଗରେ ଯେଉଁ ଗାଢ ରସ ରହିଥାଏ, ତାହିଁରୁ ଗୁଡ଼, ନବାତ, ମିଶ୍ରିପ୍ରଭୃତି ପ୍ରସ୍ତୁତ କରନ୍ତି । ଅଖୁରସ ପାନ କଲେ ତୃଷା ନିବୃତ୍ତି ହୁଏ, ଓ ଏହା ଔଷଧରେ ମଧ୍ୟ ବ୍ୟବହୃତ ହୁଏ ।

ଅଶକ୍ତ ବା ପିତ୍ତ-ରୋଗଗ୍ରସ୍ତ ରୋଗିମାନଙ୍କୁ ଅଖୁ ଖାଇବାକୁ ଦିଅନ୍ତି । ଚିନିରୁ ନାନାବିଧ ମିଷ୍ଟ ପଦାର୍ଥ ପ୍ରସ୍ତୁତ ହୁଏ ଓ ତାହା ଔଷଧରେ ମଧ୍ୟ ବ୍ୟବହୃତ ହୁଏ । ଏହାର ବ୍ୟବସାୟ ଲକ୍ଷ ଟଙ୍କାର ହୋଇଥାଏ । ଦେଖ, ଆମେରିକା ଓ ଚୀନ ଦେଶରୁ ସହସ୍ର ମହଣ ଚିନି ଭାରତବର୍ଷକୁ ଆସୁଅଛି । ଭିନ୍ନ ସ୍ଥାନରେ ଅଖୁର ଭିନ୍ନ ନାମ ଅଛି । ସାଧୁ ଭାଷାରେ ଏହାକୁ ଇକ୍ଷୁ, ପ୍ରଚଳିତ ଓଡ଼ିଆ ଭାଷାରେ ଅଖୁ ବା କୁଶାର ଏବଂ ଅନ୍ୟ ପ୍ରଦେଶରେ ପ୍ରଚଳିତ ହିନ୍ଦୀପ୍ରଭୃତି ଭାଷାମାନଙ୍କରେ ଗନ୍ନା, ଉଖ, ଈଖ,

ସୀଚ୍ଚା ନିଷ୍କାଷ ବନ୍ଦର । ମଧ୍ୟ ପ୍ରଦେଶରେ ଏହାର ପ୍ରସିଦ୍ଧ ନାମ ସୀଚ୍ଚା । ଛୁରିକଥଳା ଓ ଦେବିଗୁଲ ନାମରେ ଅଣୁ ଅଧିକ ପରିମାଣରେ ଉତ୍ପନ୍ନ ହୁଏ ।

---

## ପାଠ ୨୫ ।

## ମାନ୍ଦ୍ରାଜ କର୍ଣ୍ଣାଟକ ଆଉ ଦକ୍ଷିଣ ଦେଶାଧିକାର ।

କୌଣସି ପୂର୍ବ ପାଠରେ ଲେଖିଅଛୁଁ କି ୟୁରୋପ ଖଣ୍ଡରୁ ବହୁକାଳ ଲୋକ ଭାରତବର୍ଷକୁ ଆସି ବସତି କରୁଥିଲେ ; ଆଉ ସେମାନଙ୍କ ମଧ୍ୟରୁ ପୋର୍ତ୍ତୁଗିଜ ଓ ଓଲନ୍ଦାଜମାନଙ୍କର ବସତି ଅଳ୍ପଦିନରେ ନଷ୍ଟ ହୋଇ ଯାଇଥିଲା । କେବଳ ଫରାସୀ ଆଉ ଇଂରେଜମାନେ ବାକି ରହି ଯାଇଥିଲେ ।

ଦକ୍ଷିଣ ଭାରତବର୍ଷରେ ଆପଣା ଆପଣାର ଆଧିପତ୍ୟ ସ୍ଥାପନ କରିବା ପାଇଁ ଏହି ଦୁହିଙ୍କ ମଧ୍ୟରେ ବଡ଼ ଈର୍ଷା ଜାତ ହୋଇଥିଲା, ଏବଂ ଅନେକ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ ହେଉଥିଲା । ପରିଶେଷରେ ଫରାସିସମାନଙ୍କ ଅଧିକାରରେ କ୍ଷୁଦ୍ର ପାଞ୍ଚ ବସତି ବ୍ୟତୀତ ଆଉ କିଛି ରହିଲା ନାହିଁ ଆଉ ଏଠାରେ ଇଂରେଜମାନଙ୍କ ବଡ଼ ସାମ୍ରାଜ୍ୟ ସଂସ୍ଥାପିତ ହେଲା ।

ଏହି ପାଠରେ ଏହି ଦୁହିଙ୍କର ପରସ୍ପର ଯୁଦ୍ଧ ହେବାର କାରଣ ଆଉ ତହିଁର ପରିଣାମର ବିବରଣୀ ଲେଖା ଯାଉଅଛି । ଏହାକୁ ସମସ୍ତ ଭାରତବର୍ଷର ଇତିହାସ ବୋଲି ବୁଝିବ ନାହିଁ । ଭାରତବର୍ଷ ଏତେ ବଡ଼ ରାଜ୍ୟ ଆଉ ଏଥିରେ ଏତେ ବଡ଼ ବଡ଼ ବସ୍ତୁମାନ ଅଛି ଯେ ପ୍ରତ୍ୟେକର ଇତିହାସରେ ଗୋଟିଏ ଗୋଟିଏ ବଡ଼ ବଡ଼ ପୁସ୍ତକ ହୋଇ ପାରିବ । ଏଠାରେ କେବଳ ଉକ୍ତ ଦୁଇ ଜାତିର ମଧ୍ୟରେ ପରସ୍ପର କଳହ ଆଉ ତହିଁର ପରିଣାମ ବର୍ଣ୍ଣନା ଯଥେଷ୍ଟ ହେବ ।

ମାତ୍ର ଏହି କଥାକୁ ଉତ୍ତମରୂପେ ଜାଣିବା ନିମନ୍ତେ ଏହି ଲୋକଙ୍କର ସ୍ଥିତି ଓ ଅବସ୍ଥାର ସଂକ୍ଷେପ ବିବରଣ ଜାଣିବାର ଆବଶ୍ୟକ । ଫରାସୀ-ମାନେ ଇଂରାଜମାନଙ୍କର ପରି ଶୂରବୀର ଅଟନ୍ତି ଏମାନଙ୍କର ଦେଶ ଫ୍ରାନ୍ସ ଅଟେ । ଏହି ଦେଶ ଇଂରାଜମାନଙ୍କର ଦେଶଠାରୁ ବଡ଼ ଅଟେ । ସପ୍ତ-ଦଶ ଶତାବ୍ଦୀ ମଧ୍ୟରେ ଏମାନଙ୍କ ୟୁରୋପୀୟ ରାଜ୍ୟ ଓ ସେନା ଇଂରାଜ-ମାନଙ୍କଠାରୁ ବଳିଷ୍ଠ ଥିଲା ; ତଥାପି ଯେ ଏମାନଙ୍କର ଦୃଷ୍ଟି ଭାରତବର୍ଷକୁ ଉଦ୍‌ଗତ ହେଲା ଏବଂ ଭାରତରେ ଇଂରାଜମାନଙ୍କର ରାଜ୍ୟ କରିବାକୁ ଲାଗିଲେ ଏଥିର ପ୍ରଧାନ ଦୁଇଟି କାରଣ ଅଛି । ୧ମ, ଫ୍ରାନ୍ସଦେଶର ଅବସ୍ଥିତ ୟୁରୋପ ମହାଦେଶ ଯୁଦ୍ଧ କଳହରେ ରତ ଥିବାରୁ ସେ ଭାରତ-ବର୍ଷୀୟ ଫରାସୀସ୍ ସୈନ୍ୟମାନଙ୍କୁ ଉପଯୁକ୍ତ ସାହାଯ୍ୟ ଦେଲେ ନାହିଁ ମାତ୍ର ଇଂରେଜମାନଙ୍କୁ ସ୍ୱୀୟ ଦେଶରୁ ସତତ ସାହାଯ୍ୟ ମିଳୁଥିଲା । ୨ୟ, ଇଂରାଜମାନଙ୍କ ମଧ୍ୟରେ ଲର୍ଡକ୍ଲାଇବ, ୱାରେନ ହେଷ୍ଟିଂସ ଏବଂ ଲର୍ଡ ୱେଲେସଲି ପ୍ରଭୃତି ଯେପରି ବୁଦ୍ଧିମାନ ଏବଂ ପ୍ରତାପୀ ସେନାପତି ଥିଲେ ଫରାସୀସ୍-ମାନଙ୍କ ମଧ୍ୟରୁ ଯେଉଁ ଏ ଦେଶକୁ ଆସିଥିଲେ ସେମାନଙ୍କ ମଧ୍ୟରୁ ଡୁପ୍ଲେଙ୍କ ଛଡ଼ା ଅଉ କେହି ସେପରି ଥିଲେ ନାହିଁ ।

ଅଷ୍ଟାଦଶ ଶତାବ୍ଦୀର ମୋଗଲମାନଙ୍କର ରାଜ୍ୟ ଶାସନ ଅବସ୍ଥା ବଡ଼ ଆଶ୍ଚର୍ଯ୍ୟଜନକ ଥିଲା । ଆରଙ୍ଗଜେବଙ୍କର ମୃତ୍ୟୁର ୩୦ ବର୍ଷପରେ ଏହି ରାଜ୍ୟର ସୀମା କାବୁଲଠାରୁ ଆରମ୍ଭ ହୋଇ ମାନ୍ଦ୍ରାଜ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ଅର୍ଥାତ୍ ଏତେ ବଡ଼ ହୋଇଥିଲା ଯେ କେହି ଜଣେ ସମ୍ରାଟ ଏହା ଶାସନ କରି ପାରୁ ନ ଥିଲେ । ଅତଏବ ତହିଁରୁ ଏହି ଫଳ ଘଟିଲା ଯେ ପ୍ରତ୍ୟେକ ପ୍ରଦେଶ ଭିନ୍ନ ସୁବେଦାରଙ୍କ ଅଧିକାରରେ ରହିଗଲା ; କେବଳ ରାଜଧାନୀ ଏବଂ ନିକଟବର୍ତ୍ତୀ କିଛି ବାଦଶାହଙ୍କର ହୋଇ ରହିଲା ; ସେହି ସୁବେଦାରମାନେ କ୍ରମେ ସ୍ୱାଧୀନ ହୋଇ ଉଠିଲେହେଁ ନାମ ମାତ୍ର ବାଦ-ଶାହଙ୍କ ଅଧୀନରେ ଥାଇ ବାର୍ଷିକ କର ଦେଉଥିଲେ ।

ଏହିପରି ଜଣେ ସୁବେଦାର ଅର୍ଥାତ୍ ହାଇଦ୍ରାବାଦର ନିଜାମ, ଦକ୍ଷିଣରେ, ଆଉ ଜଣେ ନବାବ୍ କର୍ଣ୍ଣାଟକରେ ଥିଲେ । ଏହି ଦୁହିଙ୍କର ସନ୍ତାନ ମଧ୍ୟରେ ଯେତେବେଳେ ରାଜସିଂହାସନ ପାଇଁ କଳହ ହେଉଥିଲା ସେତେ-ବେଳେ ଇଂରେଜ ଆଉ ଫରାସିମାନଙ୍କୁ ଯୁଦ୍ଧ କରି ସ୍ୱୀୟ ଅଭିମତ ସାଧନ କରିବାର ଯଥାର୍ଥ ସୁଯୋଗ ମିଳିଥିଲା । ସନ୍ ୧୭୪୪ ଇସବୀରେ ୟୁରୋପରେ ଯେତେବେଳେ ଫ୍ରାନ୍ସ ଆଉ ଇଂଲଣ୍ଡର ସମ୍ରାଟଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଭାରତବର୍ଷରେ ସେହି ୨ ରାଜ୍ୟର ଯେଉଁ ଲୋକମାନେ ଥିଲେ ସେମାନେ ମଧ୍ୟ ପରସ୍ପର ଯୁଦ୍ଧ କରିବାକୁ ଲାଗିଲେ । ଇଂରେଜମାନେ ପଣ୍ଡିଚେରି ଦୁର୍ଗ ଆକ୍ରମଣ କଲେ । ଫରାସିସମାନେ ଆର୍କଟର ନବାବଙ୍କର ସହାୟତାରେ ସେମାନଙ୍କୁ ଦୂର କରି ଦେଲେ ଆଉ ମାନ୍ଦ୍ରାଜ ଉପରେ ଆକ୍ରମଣ କରି ତାହା ମଧ୍ୟ ଜୟ କରି ନେଲେ । ସେତେବେଳେ ଆର୍କଟର ନବାବ ଇଂରେଜମାନଙ୍କର ସହାୟତା ପାଇଁ ୧୦,୦୦୦ ସେନା ପ୍ରେରଣ କଲେ କିନ୍ତୁ ଫରାସିସମାନେ ସେମାନଙ୍କୁ ମଧ୍ୟ ପରାସ୍ତ କଲେ । ଯାହା ହେଉ ୟୁରୋପରେ ସନ୍ଧି ହୋଇ ଯିବାରୁ ଏଠାରେ ମଧ୍ୟ ସେମାନଙ୍କ ମଧ୍ୟରେ ସନ୍ଧି ହୋଇଗଲା ଆଉ ଇଂରେଜମାନଙ୍କୁ ମାନ୍ଦ୍ରାଜ ପୁନର୍ବାର ମିଳିଲା ।

ସନ୍ ୧୭୪୮ ଇସବୀରେ ଦକ୍ଷିଣ ହାଇଦ୍ରାବାଦ ଆଉ କର୍ଣ୍ଣାଟକର ଅଧିପତି-ମାନଙ୍କ ପରଲୋକ ହେବାରୁ ସେମାନଙ୍କ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ରାଜସିଂହାସନ ପାଇଁ ବିବାଦ ଆରମ୍ଭ ହେଲା । ଫରାସିସ୍ ଆଉ ଇଂରେଜମାନେ ସ୍ୱୀୟ ୨ ସାହାଯ୍ୟପ୍ରାର୍ଥୀମାନଙ୍କର ସାହାଯ୍ୟ କଲେ । ପ୍ରଥମରେ ଫରାସିସମାନେ କୃତକାର୍ଯ୍ୟ ହେଲେ । ସେମାନଙ୍କର ବିଖ୍ୟାତ ସେନାଧ୍ୟକ୍ଷ ଡୁପ୍ଲେ ଆପଣା ମିତ୍ର ଚନ୍ଦା ସାହେବଙ୍କୁ କର୍ଣ୍ଣାଟର ନବାବ ଆଉ ମୁଜଫରଜଙ୍ଗଙ୍କୁ ଦକ୍ଷିଣର ନିଜାମ କଲେ । ଏହିପରି ଫରାସୀସମାନଙ୍କ ପ୍ରତାପ ଦୂର ରାଜ୍ୟରେ ସୁଦୃଢ ହୋଇ ଉଠିଲା । ଏହି ସହାୟତାର ବଦଳରେ ସେମାନେ ଡୁପ୍ଲେଙ୍କୁ ଉତ୍ତର ସରକାର ନାମକ ରାଜ୍ୟସେନା ବ୍ୟୟ ନବାବଙ୍କ ନାମରେ ପ୍ରଦାନ କଲେ,

ଆଉ ଫରାସିସ୍‌ମାନେ ଇଂରେଜମାନଙ୍କୁ ମାନ୍ଦ୍ରାଜରୁ ଏକଥର ତଡ଼ି ଦେବାକୁ ଉଦ୍ୟୋଗ କଲେ । ଏହି ସମୟରେ କ୍ଲାଇଭ ଅଳ୍ପ ଇଂରାଜ ସୈନ୍ୟ ସହିତ କର୍ଣ୍ଣାଟର ପ୍ରଧାନ ଅର୍କଟକୁ ଜୟ କଲାରୁ ନବାବ ଚନ୍ଦା ସାହେବ ଏକ ମହତ୍ ସେନା ସଙ୍ଗେ ନେଇ ତାଙ୍କୁ ଆକ୍ରମଣ କଲେ; କିନ୍ତୁ ଯେ ପର୍ଯ୍ୟନ୍ତ କ୍ଲାଇଭଙ୍କ ସାହାଯ୍ୟ ନିମନ୍ତେ ଅଧିକ ଇଂରାଜ ସେନା ପହୁଞ୍ଚି ନ ଥିଲେ ସେପର୍ଯ୍ୟନ୍ତ ସେ ଅଳ୍ପ ସୈନ୍ୟ ଯୋଗ ସେମାନଙ୍କର ସମ୍ମୁଖୀନ ହୋଇଥିଲେ । ଯେଉଁ ତ୍ରିଚିନାପଲ୍ଲୀଠାରେ ଫରାସିସ୍‌ମାନେ ଇଂରାଜଙ୍କ ସହାୟୀ ମହମ୍ମଦ ଅଲିଙ୍କୁ ଘେରି ରଖିଥିଲେ, ସେଠାକୁ ସେତେବେଳେ କ୍ଲାଇଭ, ସ୍ତ୍ରିଙ୍ଗ ସେନା ନେଇ ଫରାସିସ୍ ଆକ୍ରମଣ ଭାଙ୍ଗି ଦେଲେ, ଆଉ ତାଙ୍କୁ କର୍ଣ୍ଣାଟର ନବାବ କରାଇଲେ । ଏହି ସମୟରେ ଇଂରାଜ ଆଉ ଫରାସିସ୍‌ମାନଙ୍କ ମଧ୍ୟରେ ୟୁରୋପରେ ମେଳ ହୋଇଗଲା, ଫ୍ରାନ୍ସରୁ ଯୁଦ୍ଧ ବନ୍ଦ କରିବା ନିମନ୍ତେ ଡୁପ୍ଲେଙ୍କ ପାଖକୁ ଆଦେଶ ଆସିଲା, କିନ୍ତୁ ସେ ମାନିଲେ ନାହିଁ । ସେତେ-ବେଳେ ତାଙ୍କୁ ଫ୍ରାନ୍ସକୁ ଫେରିବାର ଆଜ୍ଞା ଦିଆଗଲା, ଆଉ ବଡ଼ ଦୁଃଖ-ଭାବରେ ବାଦ୍‌ଶାହ ତାଙ୍କୁ କାରାଗାରରେ ବନ୍ଦ କଲେ । ଏହି ଡୁପ୍ଲେ ଭାରତାଗତ ଫରାସିସ୍‌ମାନଙ୍କ ମଧ୍ୟରେ ସମସ୍ତଙ୍କଠାରୁ ବଡ଼ ଦେଶହିତୈଷୀ ଥିଲେ, ଆଉ ବୁଦ୍ଧିମାନ କରୁଥିଲେ । ଏହାଙ୍କୁ ପୁରସ୍କାର ପରିବର୍ତ୍ତେ ଦଣ୍ଡ ମିଳିଲା । ଯଦ୍ୟପି ଫରାସିସ୍‌ମାନଙ୍କର ଏଠାରେ କେବେ ୨ ଜୟ ହେଉଥିଲା, ମାତ୍ର କ୍ଲାଇଭଙ୍କର ସମ୍ପୂର୍ଣ୍ଣ ବୀରତା ଆଉ ବୁଦ୍ଧିମତ୍ତା ଏହି ଯୁଦ୍ଧରେ ପ୍ରକାଶିତ ହେଲା, ଆଉ ପରିଶେଷରେ ଇଂରାଜମାନେ କୃତକାର୍ଯ୍ୟ ହେଲେ ।

# ପାଠ ୨୨ ।

## ସ୍ୱାସ୍ଥ୍ୟରକ୍ଷା, ୧୦ମ ଭାଗ ।

### ଗୃହ ପରିଷ୍କରଣ ।

ମନୁଷ୍ୟମାନଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଗୃହରେ ରହିବାକୁ ହୁଏ । ଅତଏବ ଏହାର ପରିଷ୍କରଣ ଉପରେ ବିଶେଷ ଦୃଷ୍ଟି ହେବା ଉଚିତ । ଖାଲ ଜମିରେ ଅର୍ଥାତ୍ ଯେଉଁଠାରେ ପାଣି ଜମି ଯିବାର ଆଶଙ୍କା ଥାଏ ସେପରି ସ୍ଥଳରେ ଘର ବନାଇବା ଅନୁଚିତ । ଘର ନିମନ୍ତେ ଯେଉଁ ଜମି ମିଳିବ ତହିଁରେ ସର୍ବୋଚ୍ଚ ଅଂଶକୁ ବାଛି ନେବ ; ବଣ, ନାଳ, ଝିଲ, ଗାଡ଼ ଆଦି ନିକଟରେ ଘର ବନାଇବ ନାହିଁ ; ଶୁଷ୍କ ଭୂମିରେ ଘରର ମେଝ ଏକ ହାତ ଉଚ୍ଚ ହେବ । ତାହା ହେଲେ ବର୍ଷା ସମୟରେ ଗୃହ ନିକଟରେ ପାଣି ଜମା ହୋଇ ତହିଁ ଉପରକୁ ଜମି ପାରିବ ନାହିଁ । ଛପର ବା ଛାଉଣି ଏପରି ଗଢ଼ାଣିଆ ହେବାର ଆବଶ୍ୟକ ଯେ ବର୍ଷାଜଳ ସେଥିରେ ପଡ଼ିଲାକ୍ଷଣି ଯେପରି ସହଜରେ ଗଡ଼ି ଚାଲିଯିବ ।

ସଙ୍କୀର୍ଣ୍ଣ ବା ବଙ୍କା ଗଳିରେ ଘର ବନାଇବ ନାହିଁ, ଘରର ଦ୍ୱାର ବଡ଼ ଓ ଉଚ୍ଚ ହେବ ; ଯହିଁରେ ପବନ ବିନା ବାଧାରେ ନିୟମିତରୂପେ ଯିବା ଆସିବା କରି ପାରିବ । ଘରେ କୁଲୁଙ୍ଗା ନିଶ୍ଚୟ ରଖିବା ଉଚିତ, ତଦ୍ଦ୍ୱାରା ଘରର ମଇଳା ବାୟୁ ବହିର୍ଗତ ହୋଇଯିବ । କୌଣସି ଘରରେ ଝରକା ଥାଏ ନାହିଁ, କେବଳ ଗୋଟିଏ ଛୋଟ ଦ୍ୱାର ଥାଏ । ଏହି କାରଣରୁ ଯେଉଁ ପବନ ଘର ଭିତରେ ଥିବା ଲୋକେ ଦୂଷିତ କରନ୍ତି ସେହି ମନ୍ଦ ବାୟୁ ସେଠାରେ ପୂର୍ଣ୍ଣରୂପେ ଭରି ରହିଥାଏ । ଶୋଇବା ଘର ଅଧିକ ଦ୍ରବ୍ୟାଦିରେ ପୂର୍ଣ୍ଣ ରଖିବା ଅନୁଚିତ ; ଏପରି ହେବାରୁ ପବନ ନିୟମିତରୂପେ ଯିବା ଆସିବା କରି ପାରେ ନାହିଁ । ଘର ପ୍ରତ୍ୟହ ଝାଡ଼ି କରି ପରିଷ୍କାର ରଖିବା ଉଚିତ, ଏପରି କଲେ ମଇଳା ଜମା ହୋଇ ପାରିବ ନାହିଁ । ଘରର ମଇଳା

ଯେଉଁ ସ୍ଥାନରେ ରଖିଲେ ପବନ ଦ୍ୱାରା ଉଡ଼ି ଘରକୁ ପଶି ପାରିବ ନାହିଁ, ସେପରି ସ୍ଥଳରେ ରଖିବା ଉଚିତ । ନାଳ ପକ୍କା କରାଇବା ଉଚିତ, ଆଉ ତାକୁ ପରିଷ୍କାର ରଖିବା ଏବଂ ପ୍ରତ୍ୟହ ତହିଁରେ ଥରେ ପାଣି ଢାଳି ପରିଷ୍କାର କରିବା ବିହିତ । ରୋଷେଇର ପାଣି ଯେଣୁ ତେଣେ ବିକ୍ଷିପ୍ତ ହେବାକୁ ଦେବ ନାହିଁ, କୌଣସି ନଳା ଦେଇ ବାହାରକୁ ବାହାର କରି ଦେବ । ଯେଉଁ ପାଣିରେ ସ୍ନାନ କରିବ ବା ଲୁଗାପଟା କାଚିବ ତାହାକୁ ନାଳରେ ବାହାରକୁ ବାହାର କରି ଦେବ, କିମ୍ବା ଗଛମାନଙ୍କରେ ଜମା କରି ସିଞ୍ଚିଦେବ । ଘର କାନ୍ଥରେ ଛେପ ପକାଇବା ନିତାନ୍ତ ଅନିଷ୍ଟକର, କାରଣ ସେହି ଛେପ ଶୁଷ୍କ ହେଲେ ତହିଁର ଅଣୁ ପବନରେ ମିଳିଯାଏ । ଥୁକିବା ଅଥବା ପିକ ପକାଇବା ନିମନ୍ତେ ଗୋଟିଏ ପିକଦାନୀ ବା କିଛି ପାଣି ରଖିବା, ଆଉ ତାକୁ ପ୍ରତିଦିନ ପରିଷ୍କାର କରି ଦେବା ଉଚିତ । କିମ୍ବା ଗୋଟିଏ ପାତ୍ରରେ ଖାଲି ରଖି ତହିଁରେ ଛେପ ପକାଇଲେ ଅନିଷ୍ଟ ହେବ ନାହିଁ; ମାତ୍ର ଉକ୍ତ ଖାଲକୁ ନେଇ ଗ୍ରାମ ବାହାରେ ଫିଙ୍ଗି ଆସୁଥିବ; ଯଦ୍ୟପି ଏହା ହୋଇ ନ ପାରେ ତେବେ ଭୂମିରେ ଥୋଡ଼ା ମାଟି ଢାଳି ଦେବ, ପଶ୍ଚାତ୍ ପରିଷ୍କାର କରି ଦେବ ବା ଲିପି ଦେବ ।

ଘର ଭିତରେ ପାଇଖାନା ବନାଇବ ନାହିଁ । ତାହା ଘର ସୀମାରେ ପକ୍କା କରି ବନାଇବ । ତାହା ପରିଷ୍କାର ଥିବ, ଆଉ ତହିଁରେ ପବନ ଯଥେଷ୍ଟ ଆସୁଥିବ । ତାହାର ନଳା ମଧ୍ୟ ପକ୍କା କରାଇବ, ଆଉ ତହିଁରେ ଧୂଳି ମାଟି ପୂର୍ଣ୍ଣରୂପେ ଥିବ, ମଳ ତ୍ୟାଗ କରି ସେଠାରେ ତହିଁରେ ମାଟି ପୂର୍ଣ୍ଣରୂପେ ଦେବା ବିହିତ, ଏବଂ ପାଇଖାନା ପ୍ରତ୍ୟହ ପରିଷ୍କାର କରା ଯାଉଥିବ ।

ଘରେ ଘୋଡ଼ା, ବଳଦ, ଗାଈ, ମଇଁଷିଆଦି ପଶୁ ପାଇଁ ଘୋଡ଼ାଶାଳ ଓ ଗୁହାଳ ବନାଇବ ନାହିଁ । ସେମାନଙ୍କ ପ୍ରସ୍ରାବରେ ବା ଲେଦ ଗୋବର ଇତ୍ୟାଦିରେ ବାୟୁ ଦୂଷିତ ହୁଏ, ଯେବେ ନିକଟରେ ବନ୍ଧା ଥିବେ,

ତେବେ ତାଙ୍କର ଗୋବର ମଳ ମୂତ୍ରାଦିକୁ ସ୍ୱସ୍ୱକୁ ଫିଙ୍ଗି ଦେବାରେ ଯତ୍ନଶୀଳ ହେବ । ଘର କାନ୍ଥ ଚୂନ ବା ଝୁଲଦଅ ମୃତ୍ତିକାରେ ଲିପି ଦେବ । ଯଦି ହୋଇ ପାରିବ ତେବେ ଘର ଷ୍ଟ୍ରଅନ୍ଧ୍ର ଘର ଯେପରି ନ ଦେଖା ଉଚିତ, ଯେବେ ଷଣ୍ଢ ନିମନ୍ତେ ବୃଷ ଥିବ ତେବେ ହାନି ହେବ ନାହିଁ । ଘର ନିକଟରେ ଡୁଇଅଦ ନ ଥିବ, କାରଣ ତହିଁରୁ ଭୂଇ ଜାତ ହୁଏ, ଏଣୁ ତାଙ୍କୁ ଜୋଡ ଯତ୍ନାଇବ ନଚେତ୍ ନାଳି କଟାଇ ଦେଲେ ଏହି ଦୋଷ ମେଣ୍ଟିଯିବ ।

---

## ପାଠ ୨୭ ।

## କୃଷିବିଦ୍ୟା ୧୦ମ ଭାଗ ।

### ବୃକ୍ଷର ଖାଦ୍ୟ ।

୧ମ ନିୟମ । ବୃକ୍ଷର ଖାଦ୍ୟ ଜଳରେ ମିଶିବା ଭଳି ସୂକ୍ଷ୍ମ ହେବା ଉଚିତ । ତୁମେ ଅବଗତ ହୋଇଅଛ କି ଉର୍ବର ଭୂମିରେ ବୃକ୍ଷର ଖାଦ୍ୟ ଅବଶ୍ୟ ପର୍ଯ୍ୟାପ୍ତ ପରିମାଣରେ ରହିଅଛି । "ଲବଣ ଜଳରେ ମିଶିଲା ପରି ଏହା ଜଳରେ ମିଶି ବୃକ୍ଷର ଖାଦ୍ୟକୁ ଅଟେ, ମାତ୍ର ସ୍ଥୂଳମସ୍ତ ଭୂମିକୁ ଶସ୍ୟ ପକ୍ଷରେ କୌଣସି ଖାଦ୍ୟ ମିଳଇ ନାହିଁ । ତାପ ଓ ବୃଷ୍ଟିରେ ତାହାର ଧୂଳି ପ୍ରସ୍ତୁତ ହୋଇଅଛି, ତାପରେ ବିଶୀର୍ଣ୍ଣ ହୋଇଅଛି ଏବଂ ବୃଷ୍ଟିରେ ଅନ୍ଦୋଳିତ ହୋଇଅଛି । ପର୍ବତର ଯେଉଁ ଭୂଗର୍ଭସ୍ଥ ଲାଲ ମାଟିରେ ଅଳ୍ପ ଶସ୍ୟ ଉତ୍ପନ୍ନ ହୁଏ, ତାହା ଯୋଗ୍ୟ ପ୍ରକ୍ରିୟାନୁସାରେ ନେଟେଳ ବର୍ଷରେ ପ୍ରସ୍ତୁତ ହୋଇଥାଏ । ଏହା ନିମ୍ନ ଘାଟୀ ଅଡ଼କୁ ପ୍ରବାହିତ ହୋଇ ଅନ୍ୟବିଧ ମୃତ୍ତିକାରେ ମିଶ୍ରିତ ହେବାରୁ ସବୁଠାରୁ ଉତ୍ପାଦକ ବଳ ମାଟିରେ ପରିଣତ ହୋଇଯାଏ ।

ବୃଷ୍ଟି ଏବଂ ତାପ ବଳରେ ମୃତ୍ତିକାକୁ ସୂକ୍ଷ୍ମ କରୁଅଛି । କିନ୍ତୁ ତାହାର ତଳ କଠିଣ ମୃତ୍ତିକାର ଉପରେ, ରହୁଅଛି ଏବଂ ଉର୍ଦ୍ଧ୍ୱ ମୃତ୍ତିକା ଉପରସ୍ଥ ପର୍ଯ୍ୟନ୍ତ ରହୁଅଛି । ଏହିହେତୁରୁ ଚତୁର କୃଷକମାନେ ଧାନ୍ୟ, ଗ୍ରୀଷ୍ମ, ମୁଗ ପ୍ରଭୃତି ବୁଣା ଯାଉଥିବା କ୍ଷେତ୍ର ସମୂହକୁ ଶସ୍ୟ ଅଦାୟ ପରେ କର୍ଷଣ ଏବଂ ବର୍ଷାକାଳର ବୃଷ୍ଟି ନ ହେବା ଦିନରେ ପୁଣି ଦ୍ୱିତୀୟ ଥର କର୍ଷଣ କରନ୍ତି । ଗଭୀର କର୍ଷଣ କଲେ ନିମ୍ନର ମୃତ୍ତିକା ଉର୍ଦ୍ଧ୍ୱକୁ ଆସି ବୃଷ୍ଟି ଓ ତାପର ସମ୍ମୁଖକୁ ଆସିଯାଏ । ଏହି କର୍ଷଣ କାର୍ଯ୍ୟ ହିନ୍ଦୁସ୍ଥାନର ହଳ ଅପେକ୍ଷା ୟୁରୋପୀୟ ହଳରେ ଅଳ୍ପ ବ୍ୟୟ ଦ୍ୱାରା ଅନାୟାସରେ ସମାଧା ହୁଏ । ଏଥିରେ ମୃତ୍ତିକା ମଧ୍ୟ ଅଦ୍ଭୁତ ସୂକ୍ଷ୍ମ ହୋଇଯାଏ ।

ଗଭୀର କର୍ଷଣକୁ ଉତ୍ତମ ହୁଏ ସତ୍ୟ ମାତ୍ର ଯେଉଁ ଭୂମିର ନିମ୍ନ ଖଣ୍ଡରେ ପ୍ରସ୍ତର ରହିଅଛି ତାହା ପକ୍ଷରେ କ୍ଷତିକାରକ ଅଟେ । କାରଣ ଉର୍ଦ୍ଧ୍ୱସ୍ଥ କୋମଳ ମୃତ୍ତିକା ନିମ୍ନକୁ ଏବଂ ନିମ୍ନସ୍ଥିତ ଗେଙ୍ଗଟା ମାଟି ଉପର ଭାଗକୁ ଆସିଯାଏ । ଯଦ୍ୟପି କଳା-ମାଟିର କ୍ଷେତକୁ ବର୍ଷାକାଳରେ ଗଭୀର କର୍ଷଣ କରାଯାଏ ଏବଂ ତାହାର ଅବ୍ୟବହିତ ପରେ ବର୍ଷା ନ ହୁଏ ତାହା ହେଲେ ଏହି ଭୂମି ଏତେଦୂର ଶୁଷ୍କ ହୋଇଯାଏ । ଯେ ବୀଜର ଅଙ୍କୁର ସୁଦ୍ଧା ଉତ୍ତମରୂପେ ବହିର୍ଗତ ହୋଇ ପାରେ ନାହିଁ ।

ଏଣୁ ନିମ୍ନ ଜମିରେ ଖାଦ୍ୟ ଗୋଳି ହେବା ଲାଗି ଜଳପୂର୍ଣ୍ଣ ଥିବା ଉଚିତ । ତୁମ୍ଭଙ୍କୁ ଜ୍ଞାତ ଅଛି ଯେ ଶସ୍ୟ ଜଳର ବିଶେଷ ଆବଶ୍ୟକତା ରଖେ କାରଣ ତହିଁରେ ଖାଦ୍ୟ ମିଶ୍ରିତ ହୋଇ ତାହା ସହିତରେ ମୂଳଦ୍ୱାରା ବୃକ୍ଷର ମଧ୍ୟକୁ ଆସିଯାଏ । ଏହିହେତୁରୁ ଶୁଷ୍କ ବୃକ୍ଷ ଅପେକ୍ଷା କଞ୍ଚା ବୃକ୍ଷ ଅଧିକ ଭାରି ହୁଅଇ । ଏହାର ଦଶଭାଗର ନଅଭାଗ ଜଳ ଥାଏ । ଏଣୁ ପ୍ରକାଶ ପାଉଅଛି ଯେ ଶସ୍ୟ ନିମନ୍ତେ ଜମି ମଧ୍ୟରେ ଜଳ ପୂର୍ଣ୍ଣରୂପେ ରଖିବାର ଆବଶ୍ୟକ ।

ପ୍ରତିବର୍ଷ ଏତଦ୍ଦେଶରେ ଜଳପୂର୍ଣ୍ଣରୂପେ ବର୍ଷୁଅଛି ମାତ୍ର ଜମି ମଧ୍ୟରେ

ସେ ସବୁ ଜଳ ରହି ନ ପାରେ । ଉର୍ଦ୍ଧ୍ୱସ୍ଥ ମୃତ୍ତିକା କଠିଣ ହେତୁରୁ ଅଧି- କାଂଶ ଜଳ ପ୍ରବାହିତ ହୋଇ ଯାଉଅଛି । ଯାହା କିଛି ତହିଁରେ ଶୋଷିତ ହୋଇଥାଏ କିଛି କାଳପରେ ତାହା ସୁଦ୍ଧା ବାଷ୍ପାକାରରେ ଉଡ଼ିଯାଏ । ଏଣୁକରି କୃଷକମାନଙ୍କୁ ଉଚିତ ଯେ ଶସ୍ୟ କର୍ତ୍ତନ କଲାପରେ ବତର ମିଳିଲେ କ୍ଷେତ୍ରକୁ କର୍ଷଣ କରି ଦେଉଥିବେ । ମୃତ୍ତିକା ଭଷ୍ମାପ ଥିଲେ ନିମ୍ନରେ ଆର୍ଦ୍ରତା ରହିଥିବ ତାହା ହେଲେ ବର୍ଷାପାଣି ଅଧିକ ଶୋଷଣ କରି ରଖି ପାରିବ । ମନୁଷ୍ୟମାନେ ବୋଧ କରନ୍ତି କି ଉର୍ଦ୍ଧ୍ୱସ୍ଥିତ କଠିଣ ମୃତ୍ତିକା ଯୋଗୁଁ ନିମ୍ନରେ ଆର୍ଦ୍ର ରହି ଥାଏ । କିନ୍ତୁ ଏହା ସେମାନଙ୍କ ବୁଝିବାର ଭ୍ରମ ଅଟେ । ଯେହେତୁ ଫପତଥ ମୃତ୍ତିକା ଶୁଷ୍କ ମିଟାପରି ତଳର ଆର୍ଦ୍ରତା ଶୋଷଣ କରି ନିଏ ଏହା ତାପର ମୂଳରେ ପଡିଲେ ବାଷ୍ପାକାରରେ ଉଡ଼ିଯାଏ ।

ଯଥାର୍ଥ ସମୟରେ ଜମି କର୍ଷଣ କରି ବୀଜ ବପନ କଲେ ଏବଂ କଡ଼ୁ- ଛିଲେ ତହିଁରେ ପ୍ରଚୁରରୂପେ ଜଳ ରହିପାରେ । ଏହି ସୁସମୟ କର୍ଷ ମଧ୍ୟରେ ଅଳ୍ପଦିନ ପର୍ଯ୍ୟନ୍ତ ଘଟଇ କାରଣ ଚଷିବା କାଳରେ ବର୍ଷାହେଲେ ଏବଂ ବୀଜ ବପନ କାଳରେ ଜମି ଶୁଷ୍କ ହେଲେ ସୁଫଳ ହେବାକୁ ପଡ଼େ । ଅନଭିଜ୍ଞ କୃଷକମାନେ ଏହି କଥାକୁ ଉତ୍ତମରୂପେ ଅବଗତ ହୋଇପାରନ୍ତି ।

କ୍ଷେତ୍ରରେ ପାଣି ଅଟକ କରିବାର ଉତ୍ତମ ଉପାୟ ବନ୍ଧନ ଅଟେ । ଏହା ଜମିର ଗୁଣ ଏବଂ ଜଳର ପରିମାଣ ଅନୁସାରେ ହେଉଅଛି । ତହିଁରେ ଅଧିକ ଖର୍ଚ୍ଚ ହୁଏ ସତ୍ୟ ମାତ୍ର ତାହା ଶସ୍ୟର ଆମଦାନିରୁ ବାହାରି ପଡ଼େ । ଯେହେତୁ ବନ୍ଧନ ହୋଇଥିବା କ୍ଷେତ୍ର ଦୁଇଥର ଶସ୍ୟ ଉତ୍ପନ୍ନ କରୁଅଛି । ଦ୍ୱିତୀୟତଃ କ୍ଷେତ୍ରରୁ ମୃତ୍ତିକାରୂପ ଖାଦ୍ୟ ବାହାରି ଯାଏ ନାହିଁ ଅଥଚ ତହିଁରେ ଗୋବର ପକାଇଲେ ବିଶେଷ ଲାଭ ହୁଏ । ତୃତୀୟତଃ କ୍ଷେତ୍ର ଚଷିବା ବନ୍ଦ କରିବାର ଅବଶ୍ୟକତା ପଡ଼େ ନାହିଁ । ଚତୁର୍ଥତଃ ଶସ୍ୟର ଖାଦ୍ୟ ଜଳ ଭିତରୁ କ୍ଷେତ୍ରକୁ ଆସିଯାଏ । ପଞ୍ଚମତଃ କ୍ଷେତ୍ରରେ ତୃଣାଦି ଜନ୍ମଇ ନାହିଁ । ଷଷ୍ଠତଃ କ୍ଷେତ୍ରକୁ ଦଶହାତ ମାସର ପାଣିର ଆବଶ୍ୟକତା ରହେ ନାହିଁ ।

ହୁଡ଼ଙ୍ଗ ଦେବା ସବୁ ସ୍ଥଳରେ ହୋଇ ନ ପାରେ କୌଣସି କ୍ଷେତ୍ରରେ ଜଳ ରହି ନ ପାରେ ଏବଂ କୌଣସି ଠାରେ ହୁଡ଼ାର ଖର୍ଚ୍ଚ ପୋଷା ମିଳଇ ନାହିଁ । ଏରୂପସ୍ଥଳ କ୍ଷେତ୍ରସମୂହରେ ହିତ ବ୍ୟୟକ ଜଳସେଚନ ଦ୍ୱାରା କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ନିର୍ବାହିତ ହୋଇ ପାରେ । ଯଥା ଗଞ୍ଜାମ ଏବଂ ସମ୍ବଲପୁର ଜିଲ୍ଲାରେ ପୁଷ୍କରିଣୀରୁ ଧାନ୍ୟ କ୍ଷେତ୍ରକୁ ପାଣି ବଲାଉଅଛନ୍ତି । ଉତ୍ତର ପଶ୍ଚିମ ଏବଂ ପଞ୍ଜାବ ପ୍ରଦେଶରେ କୂପରୁ ଗହମ କ୍ଷେତ୍ରକୁ ପାଣି ବଲାନ୍ତି । ମଧ୍ୟପ୍ରଦେଶର କୃଷକମାନେ କୂପରୁ ଢେଢେଙ୍କ ଜଳ କଣାଇ ଆଖୁ କ୍ଷେତ୍ରକୁ ଏବଂ ବଗୀଚାମାନଙ୍କୁ ପାଣି ବଲାଉଅଛନ୍ତି । ବସ୍ତୁତ ପାଣି ଶୋଷଣ କରିବାକୁ ଏହି ସ୍ଥାନର ଜଳାଭୂମିର ବହୁବର୍ଷ କ୍ଷେତ୍ରକୁ କୂପର ପାଣି ବଳାଇବାରେ ସମସ୍ତ ଲାଭଦାୟକ ହୁଏ ନାହିଁ ।

---

## ପାଠ ୬୮ ।

## ନୀତି ଉପଦେଶ ।

ଦୟା ଅବସାନେ ମନୁଷ୍ୟ ଅଟେ ଆକାର ମାତ୍ର;
ପୁଣି ହୋଇଯାଏ ଘୃଣିତ; ଭୟ ପଳାଏ ଛତ୍ର । ୧ ।
ସୁଖ ଦୁଃଖ ଚକ୍ର ଏରୂପେ ଭବେ ହୁଏ ଘୂର୍ଣ୍ଣିତ;
ବୁଧ ଜନମାନେ କୁହନ୍ତି ତହିଁ ପାଇଁ ଚିନ୍ତିତ । ୨ ।
ନମ୍ରଶୀଳ ଜନ ମହତ୍ତ ପଦ ଲଭେ ହୃଷିତ;
ମହୋଦଧି ସଙ୍ଗ ଲଭଇ ନୀଚ ଗଡ ସହିତ । ୩ ।
ପରିଶ୍ରମ ଚିନ୍ତା ଜାଗଇ ତାର ଫଳ ମଧୁର;
ଅପାତ ମଧୁର ଆଳସ୍ୟ, ପରିଣାମ କଟୁର । ୪ ।

ଜଗତ ମଣ୍ଡଳେ ଅଦ୍ଭୁତ ଦୃଶ୍ୟ ଅଛନ୍ତି ସମସ୍ତ ;
ଅକାର୍ଯ୍ୟରେ ଅବା କୁକାର୍ଯ୍ୟେ ଥାନ୍ତୁ ନ ହେଉ ବ୍ୟସ୍ତ । ୫ ।
ଶରୀରକୁ ନାଶ କରନ୍ତି ପାପ ଦେହଲେ ଦେହିଁ ମାନ ;
ସାନ ଛନ୍ଦୁ ଦଏ ଭୂତାନ୍ତ କଡ଼ ଅର୍ଣ୍ଣବଯାନ । ୬ ।
ଯଣ୍ଡା ଦେଖି ଗୋଡ଼ ଖଣାଇ ବଳେ ଖଳ ଶ୍ୱାପଦ ;
ଯୁଧିଷ୍ଠିର ନୃପ ଦ୍ୱାରେଲେ ଚଢ଼ିଁ ଖଳ ସମ୍ପଦ । ୭ ।

---

## ପାଠ ୨୯ ।

### ଘୋଡ଼ା ।

ଘୂଲ ଖୁରବିଶିଷ୍ଟ ଜନ୍ତୁମାନଙ୍କ ମଧ୍ୟରେ ଘୋଟକ ଗର୍ଦ୍ଦଭପ୍ରଭୃତି ଅନ୍ତ-ର୍ଭୂତ ଅଛନ୍ତି । ଏମାନଙ୍କର ପାଦର ଖୁର ଗୁଡ଼ିକ ଦ୍ୱିଧା ବିଭକ୍ତ ନ ହୋଇ ପୂର୍ଣ୍ଣଭାବରେ ଥାଏ । ଏମାନଙ୍କର ଛଅ ୨ ଗୋଟି ସୂକ୍ଷ୍ମ କର୍ତ୍ତନକାରୀ ଦନ୍ତ ଥାଏ । ମୁଖର ଉପରେ ଓ ତଳେ ଛଅ ୨ ଗୋଟି କଳଦନ୍ତ ଥାଏ । ସେହି ସବୁର ଉପର ଭାଗ ଉଜ୍ଜ୍ୱଳ ଥାଏ । ସମସ୍ତ ଚତୁଷ୍ପଦ ଜନ୍ତୁମାନଙ୍କ ମଧ୍ୟରେ ଘୋଡ଼ା ଅତ୍ୟନ୍ତ ସୁନ୍ଦର ଅଟେ ; ଏହି ଜନ୍ତୁ ସୌନ୍ଦର୍ଯ୍ୟ, ଶୀଘ୍ର ଗମନ, ଶକ୍ତି ଓ ସାହସ ପାଇଁ ସବୁଠାରୁ ପ୍ରସିଦ୍ଧ ।

ବରଫ ସ୍ଥାନ ବ୍ୟତିରେକେ ପୃଥିବୀର ଅନେକ ସ୍ଥାନରେ ଅଳ୍ପ ଓ ବହୁତ ଘୋଡ଼ା ଦେଖାଯାନ୍ତି । ଦକ୍ଷିଣ ଆମେରିକାର ବିସ୍ତୀର୍ଣ୍ଣ ତୃଣ କ୍ଷେତ୍ରରେ ଅନେକ ଜଙ୍ଗଲି ଘୋଡ଼ା ଦେଖାଯାନ୍ତି । ସାହାରାମରୁର ଦକ୍ଷିଣ ଭାଗରେ ତିନି ଧାଡ଼ିର, ଅଫ୍ରିକାଖଣ୍ଡ ଦେଶରେ ଦଳ ୨ ଘୋଡ଼ା ଦେଖାଯାନ୍ତି । ଏମାନଙ୍କର ଦଳ ମଧ୍ୟରେ ଗୋଟିଏ ନେତା ଥାଏ, ତାହାର ପଛେ ୨

ସମସ୍ତେ ଯାଇଥାନ୍ତି । ଉପୁର କାରଣ ଉପସ୍ଥିତ ହେଲେ ସମସ୍ତେ ପଳାୟନ କରନ୍ତି ।

ଏମନ୍ତପ୍ରକାର ବନ୍ୟ ଘୋଡ଼ାମାନେ ଗ୍ରାମ୍ୟ ଘୋଡ଼ାଙ୍କୁ ଆପଣା ଦଳ ମଧ୍ୟରେ ନେଇ ଯାନ୍ତି ; ମାତ୍ର ତାହାର ଦେଶରେ ଜଙ୍ଗଲି ଘୋଡ଼ାମାନଙ୍କ ସ୍ୱଭାବ ତାହାର ବିପରୀତ ଅଟେ । ଏମାନେ ଗ୍ରାମ୍ୟ ଘୋଡ଼ାମାନଙ୍କୁ ଆପଣା ଦଳ ମଧ୍ୟକୁ ପ୍ରବେଶ କରି ଦିଅନ୍ତି ନାହିଁ । ଯଦ୍ୟପି କୌଣସି ଘୋଡ଼ା ଦୈବାତ୍ ଦଳ ମଧ୍ୟକୁ ପଶିଯାଏ, ତେବେ ସେମାନେ ତାକୁ ମାରି ଦୂର କାହାର କରି ଦିଅନ୍ତି । ଅନେକ ପଣ୍ଡିତମାନଙ୍କର ମତ ଏହି କି ଏହି ଜନ୍ତୁକୁ ସର୍ବ ପ୍ରଥମରେ ମିସର ଦେଶର ଲୋକମାନେ ଅଧୀନ କଲେ ।

ଘୋଡ଼ାର ଉଚ୍ଚ ୨½ ହାତଠାରୁ ୩½ ହାତ ପର୍ଯ୍ୟନ୍ତ ହୋଇଥାଏ ଏହାର ବଡ଼ ଉଜ୍ଜ୍ୱଳ ଚକ୍ଷୁ ଓ ଉତ୍ତମ ବର୍ଣ୍ଣ ସକାଶୁ ଏହାର ମୁଖ ଅତି ସୁନ୍ଦର ଦିଶେ । ଏହାର ଗଳା, ଶିର ଓ ପୁଚ୍ଛରେ ଲମ୍ବ କେଶ ଥାଏ ଓ ସେସବୁର ଶୋଭା ବର୍ଦ୍ଧନ କରେ । ତାହାର ଲମ୍ବ ପୁଚ୍ଛ ଚାମର ପ୍ରାୟ କାର୍ଯ୍ୟ କରେ । ଏହାର ଗୋଡ଼ ଚିକ୍କଣ ସୁନ୍ଦର ଦିଶେ, ପୁଣି ଚାଲିଲେ ଖୁର ହେବାରୁ ତାହା ଅତ୍ୟନ୍ତ ସୁନ୍ଦର ଦିଶଇ । ଶୁକ୍ଳ, ପିଙ୍ଗ, କୃଷ୍ଣ, ଲୋହିତ ବାଦାମୀଆଦି ନାନା ବର୍ଣ୍ଣର ଘୋଡ଼ା ଦେଖାଯାନ୍ତି । କୌଣସି ଘୋଡ଼ାର ଦେହରେ ମଧ୍ୟ ନାନା ରଙ୍ଗର ଦାଗ ଥାଏ । ଏମାନେ ବଡ଼ ଶାନ୍ତଶିଷ୍ଟ ଅଟନ୍ତି, ଏମାନଙ୍କର ସ୍ମରଣଶକ୍ତି ମଧ୍ୟ ଉତ୍ତମ ଥାଏ । ସେମାନଙ୍କୁ ଯେଉଁପରି ଶିକ୍ଷା ଦିଆଯାଏ ସେମାନେ ଠିକ୍ ସେହିପରି ଶିଖିଯାନ୍ତି ।

ଘୋଡ଼ାର ସ୍ୱାଭାବିକ ଚାଲି ତିନି ପ୍ରକାର ଯଥା, ସାଧାରଣ, ଦୁଲ୍କି ଓ ସରପଟ୍ଟ । ଏହାର ସରପଟ୍ଟ ଚାଲି ଅତିଶୟ ବେଗବାନ୍ ହୁଏ । ଏହା ବ୍ୟତୀତ ଏହାକୁ ଶିଖାଇଲେ ଏ ଅନେକ ପ୍ରକାର ଚାଲି ଶିଖଇ, ଯେମନ୍ତ କଦମ, ଇତ୍ୟାଦି ।

ଘୋଡ଼ାର ନିଦ୍ରା ଅତି ଅଳ୍ପ ହୁଅଇ । ଏହି ପଶୁ କୌଣସି ସମୟରେ

ଠିଆ ହୋଇ ନିଦ୍ରା ଯାଏ । ଏହାର ପ୍ରକୃତ ଖାଦ୍ୟ ତୃଣ; ମାତ୍ର ତୃଣ ନ ମିଳିଲେ ବୃକ୍ଷର କୋମଳ ପତ୍ର ମଧ୍ୟ ଖାଏ । ଯେଉଁଠାରେ ଅଧିକ ସଜ ଘାସ ଜନ୍ମଇ ସେଠାରେ ରହିଲେ ଅନ୍ୟାନ୍ୟ ପଶୁ ପରି ମୋଟାଇବେ; ମାତ୍ର ଘୋଡ଼ା ନିମନ୍ତେ ତାହା ଉତ୍ତମ ଖାଦ୍ୟ ଅଟେ । ଲୋକେ ଏହାକୁ ଓଟ୍ସ ଏବଂ ଦନ୍ତ ସଜ ଘାସ ଖାଇବାକୁ ଯୋଗାଣ କରିଥାନ୍ତି । ଏହି ପଶୁ ବହୁତ ଜଳପାନ କରେ ଆଉ ଆପଣା ଖାଦ୍ୟକୁ କଷଦାନ୍ତରେ ଚୋବାଇ ଉଦରସ୍ଥ କରେ । ସୁସ୍ଥ ପାଳିତ ଘୋଡ଼ା ଦାନା ମଧ୍ୟ ଖାଏ; ମାତ୍ର ଏହା ଘୋଡ଼ାର ପ୍ରକୃତ ଖାଦ୍ୟ ନୁହେଁ ।

ଘୋଡ଼ାର ବୟସ ଦାନ୍ତରୁ ଜଣାଯାଏ; ଏ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ବଢ଼ଇ । ଏହି ପଶୁ ମନୁଷ୍ୟର ବିଶେଷ କାର୍ଯ୍ୟରେ ଆସଇ । ଚଢ଼ିବା, ଗାଡ଼ି ଟାଣିବା ଆଉ ବୋଝ ବୋହିବାରେ ଅନ୍ୟ କୌଣସି ପଶୁ ଘୋଡ଼ା ପରି ସମର୍ଥ ନୁହନ୍ତି ।

# ପାଠ ୩୦ ।

## ପବନ ଏବଂ ବୃଷ୍ଟି ୨ୟ ଭାଗ ।

ଆମ୍ଭେ ପ୍ରଥମ ଭାଗରେ କହି ଆସିଅଛୁଁ ଯେ ବାୟୁ ମଣ୍ଡଳ ଗୋଟିଏ ପଦାର୍ଥ ଅଟେ । ଏହା ପୃଥିବୀର ଚତୁର୍ଦ୍ଦିଗରେ ଅଛି ଉଚ୍ଚରେ ପ୍ରାୟ ୩୦ ମାଇଲ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଅଛି । ଏହାର ଭାର ଅଛି । ସୂର୍ଯ୍ୟର ଉତ୍ତାପରୁ ଏହାର ସଞ୍ଚାର ହୁଏ ଏବଂ ବହୁଥିବା ବାୟୁକୁ ପବନ ବୋଲା-ଯାଏ । ସୂର୍ଯ୍ୟର ଉତ୍ତାପରୁ ବାୟୁ ବିସ୍ତାରିତ ହୁଏ । ଏହିରୂପେ ଏହା କ୍ରମେ ଲଘୁ ହୋଇ ଉପରକୁ ଉଠଇ ଓ ଏହି ସ୍ଥାନରେ ଶୀତଳ ଓ ଘନବାୟୁ ଆସି ରହେ । ବିଷୁବରେଖାର ନିକଟବର୍ତ୍ତୀ ପବନ ଅଧିକ ଉଷ୍ଣ ଥାଏ । ଏହି ନିମନ୍ତେ ଭାରତବର୍ଷରେ ମୌସୁମୀ ପବନ ବହଇ । ଯେତେବେଳେ ପୃଥିବୀ ଏବଂ ଜଳ ଯଥାସ୍ଥିତ ଉତ୍ତପ୍ତ ହୋଇଥାନ୍ତି; ସେତେବେଳେ ବାଣିଜ୍ୟ ବାୟୁ ବହଇ । ଏହି ପାଠରେ ବୃଷ୍ଟିର ବିବରଣ ଲେଖୁଅଛୁଁ ।

ସ୍ୱାସ୍ଥ୍ୟରକ୍ଷାର ପାଠରେ ତୁମ୍ଭେମାନେ ପଢ଼ିଅଛ ଯେ ବାୟୁର ମୁଖ୍ୟ ଦୁଇଭାଗ ଅଛି । ଗୋଟିଏ ଅମ୍ଳଜାନ ଅନ୍ୟଟି ଯବକ୍ଷାରଜାନ । ଏହା ବ୍ୟତୀତ ବାୟୁରେ ବାଷ୍ପ ମଧ୍ୟ ମିଶିଥାଏ । ଶୁଷ୍କ ଆର୍ଦ୍ର ବସ୍ତ୍ର ଖଣ୍ଡିଏ ଟାଣି ଦେଲେ ଏହା ଶୀଘ୍ର ଶୁଷ୍କ ହୋଇଯାଏ । ଆର୍ଦ୍ର ଭୂମି ମଧ୍ୟ ବୃଷ୍ଟି ଉତ୍ତାରୁ ଶୁଖିଯାଏ । ଆଶ୍ୱିନ ମାସ ପର୍ଯ୍ୟନ୍ତ ପୂର୍ଣ୍ଣ ହୋଇଥିବା କ୍ଷୁଦ୍ର ସରୋବର କ୍ରମେ ହ୍ରାସ ହେବାକୁ ଲାଗଇ ଏବଂ ବୈଶାଖ, ଜ୍ୟେଷ୍ଠ ମାସ ଅନ୍ତକୁ ଶୁଷ୍କ ହୋଇ-ଯାଏ । ତେବେ ବସ୍ତ୍ର, ଭୂମି ଓ ସରୋବରର ଜଳ କେଉଁଆଡ଼େ ଚାଲିଯାଏ? ତାହା ବାଷ୍ପ ହୋଇ ବାୟୁ ମଣ୍ଡଳରେ ମିଳିତ ହୋଇଯାଏ । ତୁମ୍ଭେମାନେ ଦେଖିଅଛ, ଉତ୍ତାପ ଦ୍ୱାରା ବାୟୁ ବିସ୍ତାରିତ ହୁଏ । ତାହା ଏହିରୂପେ ଉଷ୍ଣ ଜଳକୁ ମଧ୍ୟ ବିସ୍ତାର କରେ ଅର୍ଥାତ୍ ଜଳକୁ ବାଷ୍ପରୂପରେ ପରିଣତ

କରେ । ଏହି ବାଷ୍ପ ଅର୍ଥାତ୍ ଜଳର ବାଷ୍ପୀୟ କଣିକା ବାୟୁ ଅପେକ୍ଷା ଲଘୁଭାବ ଥିବା ଯୋଗୁଁ ଉପରକୁ ଉଠେ । ଏହି କାରଣରୁ ବସ୍ତ୍ର ଓ ଭୂମି ଶୁଷ୍କ ହୁଏ ଏବଂ ପୁଷ୍କରିଣୀର ଜଳ କମିଯାଏ । ବାୟୁ ଯେତେ ଉଷ୍ଣ ହେଲେ ମଧ୍ୟ ତହିଁରେ ବାଷ୍ପ ଥାଏ । ହିଁ; ଆମ୍ଭେମାନେ ତାହା ଦେଖି ନ ପାରୁଁ । ଆମ୍ଭେମାନେ ଆମ୍ଭମାନଙ୍କର ଉଚ୍ଛ୍ୱସିତ ବାୟୁ ମଧ୍ୟ ଦେଖି ପାରୁଁ ନାହିଁ; ମାତ୍ର ଯେବେ ଆମ୍ଭେମାନେ କୌଣସି ଶୀତଳ ସ୍ୱଚ୍ଛ ଶାର୍ସି ଉପରେ ମୁଖ ଦ୍ୱାରା ବାଷ୍ପ ତ୍ୟାଗ କରୁଁ, ତେବେ କ୍ଷୁଦ୍ର ଜଳକଣା ଗୁଡ଼ିଏ ଏଥି ଉପରେ ଦେଖା ପଡ଼ଇ । ଯେଉଁରୂପେ ଉତ୍ତାପ ହେତୁରୁ ଜଳ ବାଷ୍ପାକାର ଧାରଣ କରେ, ସେହିରୂପେ ତହିଁର ବିପରୀତ ଶୀତଳତା ଦ୍ୱାରା ବାଷ୍ପ ଜଳ ହୋଇ-ଯାଏ ଯେତେବେଳେ ବାଷ୍ପ ଭୂମି ସନ୍ନିକଟରେ ଏକତ୍ର ହୋଇ ଦେଖାପଡ଼େ, ସେତେବେଳେ ତାହାକୁ କୁହୁଡ଼ି କହନ୍ତି ଓ ଯେତେବେଳେ ତାହା ବାୟୁରେ କିଛି ଉଚ୍ଚରେ ଏକତ୍ରିତ ହୋଇ ଥିବାର ଦେଖାଯାଏ, ସେତେ-ବେଳେ ତାହାକୁ ମେଘ କିମ୍ବା ବାଦଲ କୁହାଯାଏ । ଶୀତ ଋତୁରେ ଆମ୍ଭେମାନେ ସରୋବର ଏବଂ ନଦୀମାନଙ୍କର ଉପରି ଭାଗରେ କୁହୁଡ଼ି ଦେଖୁଁ । ମେଘ ଏବଂ କୁହୁଡ଼ି ମଧ୍ୟରେ ଏତିକି ମାତ୍ର ପ୍ରଭେଦ ଯେ ମେଘ ବାୟୁରେ ଅତି ଉପରି ଭାଗରେ ଥାଏ । ତାହା ବାଷ୍ପରୁ ପ୍ରସ୍ତୁତ ହୁଏ ଏବଂ ବାଷ୍ପ ଅତି କ୍ଷୁଦ୍ର ଜଳକଣାମାନ ଅଟଇ । ଯେତେବେଳେ ଦୁଇଗୋଟି ବା ତତୋଽଧିକ ମେଘ ଏକତ୍ର ହୁଏ ଏବଂ ବାଷ୍ପର କ୍ଷୁଦ୍ର କଣା ସମୂହ ମିଳିତ ହୋଇ ଭାରି ହୋଇଯାଏ, ସେତେବେଳେ ତାହା ବୃଷ୍ଟି ରୂପରେ ବର୍ଷିବାକୁ ଲାଗଇ । ମେଘ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଯେ ତାହା ସର୍ବଦା ତହିଁର ଆକୃତି ବଦଳାଉ ଥାଏ କାରଣ କି ବାଷ୍ପର କ୍ଷୁଦ୍ର କଣିକା ଘନୀଭୂତ ଅବା ତରଳୀଭୂତ ହେଉଥାଏ ।

ନିର୍ମଳ ରାତ୍ରକାଳରେ ଯେତେବେଳେ ଭୂମିର ଉପରିଭାଗ ଶୀଘ୍ର ଶୀତଳ ହୋଇଯାଏ, ସେତେବେଳେ ବାଷ୍ପକଣା ସବୁ ଭୂମି ସମୀପରେ ଜମିଯାଏ

ଏବ ବୃକ୍ଷର ପତ୍ର ଏବ ତୃଣ ଉପରେ ଶିଶିରରୂପେ ପତିତ ହୁଏ । ଯେବେ ଶୀତଳତାର ଆଧିକ୍ୟ ହେତୁ ଶିଶିର ଜମିଯାଏ ତେବେ ତାହାକୁ ତୁଷାର କୁହାଯାଏ । ଏହିରୂପେ ଯେଉଁ ବାଷ୍ପକଣା ଉର୍ଦ୍ଧ୍ୱରେ ପବନରେ ଜମିଯାଏ ତାହା ବରଫରୂପରେ ପଡ଼ିବାକୁ ଲାଗେ । ଭାରତବର୍ଷର ମଇଦାନମାନଙ୍କରେ ବରଫ ପଡ଼େ ନାହିଁ, ତାହା ହିମାଳୟ ପର୍ବତ ଉପରେ ଓ ଶୀତଳ ଦେଶମାନଙ୍କରେ ପଡ଼ଇ । ଯଦ୍ୟପି ଭାରତବର୍ଷ ମଇଦାନମାନଙ୍କରେ ଥିବା ବାୟୁରେ ବରଫ ଜମିଯାଏ, ତେବେ ତାହା ଭୂମି ଉପରକୁ ଆସୁଁ, ଜଳ ହୋଇଯାଏ । ଫାଲ୍‌ଗୁନ ଓ ଚୈତ୍ର ମାସରେ ଜମି ଯାଇଥିବା ବାଷ୍ପ ଯେବେ, କରକାରୂପେ ଦେଖା ପଡ଼େ ଅର୍ଥାତ୍ ଯେତେବେଳେ ଜଳ ଉପରସ୍ଥ ବାୟୁରେ ଜମିଯାଏ, ସେତେବେଳେ କରକା ପତିତ ହୁଏ । ବର୍ତ୍ତମାନ ଆମ୍ଭେମାନେ ଏହା ଜାଣିଲୁଁ ଯେ ବାୟୁରେ ବାଷ୍ପ ଥାଏ ଏବ ସେହି ବାଷ୍ପ ଭିନ୍ନ, ସମୟରେ କୁହୁଡ଼ି, ଶିଶିର, ତୁଷାର, ମେଘ, ବରଫ ଏବ କରକାରୂପରେ ପରିଣତ ହୁଏ । ଆମ୍ଭେମାନେ କହିଅଛୁଁ ଯେ ସୂର୍ଯ୍ୟର ଉତ୍ତାପ ଦ୍ୱାରା ଜଳ ବାଷ୍ପ ହୋଇଯାଏ ଏବ ବାଷ୍ପ ସର୍ବଦା କୌଣସି, ସମୟରେ ଅଦୃଶ୍ୟ ଭାବରେ ଓ କୌଣସି, ସମୟରେ ମେଘରୂପରେ ବାୟୁରେ ରହିଥାଏ । ବାଷ୍ପ ହେବା କାର୍ଯ୍ୟ ସବୁ ପୃଥିବୀରେ ଘଟେ କିନ୍ତୁ ଯେଉଁ ଠାରେ ସୂର୍ଯ୍ୟର ଉତ୍ତାପ ଅଧିକ ଥାଇ ଆର୍ଦ୍ରତା ଅଧିକ ଥାଏ, ବିଶେଷତଃ ସେହି ସ୍ଥାନମାନଙ୍କରେ ହୁଏ । ବିଶେଷତଃ ସୂର୍ଯ୍ୟ, ମହାସାଗର ମଧ୍ୟରୁ ଅଧିକ ଜଳ ବାଷ୍ପରେ ପରିଣତ କରେ ଏବ ଆମ୍ଭେ ପୂର୍ବେ ଲେଖିଅଛୁଁ ଯେ ବୈଶାଖ ଏବ ଜ୍ୟେଷ୍ଠ ମାସରେ (ମଇ, ଆଉ ଜୁନ) ନୈଋତ ପବନ ଭାରତବର୍ଷରେ ବହଇ । ଏହି କାରଣରୁ ତାହା ତହିଁ ସଙ୍ଗେ ଅଧିକ ଜଳୀୟ ବାଷ୍ପ ନେଇଯାଏ ଏବ ଯେଉଁ ଉଷ୍ଣ ବାୟୁ ଭାରତବର୍ଷର ମଇଦାନରୁ ଉଷ୍ଣ ହୋଇ ଉପରକୁ ଉଠେଥାଏ ତାହା ସେହି ବାଷ୍ପକୁ ତହିଁ ସଙ୍ଗେ ଉଡ଼ାଇ ନିଏ । ଯେଉଁ କଣାମାନ ଉପରକୁ ଉଡ଼ିଯାଏ ସେହି ସବୁ ଉପରସ୍ଥ

ବାୟୁରେ ଘନ ହୋଇଯାଏ ; କାରଣ କି ଆମ୍ଭେ କହିଁ ଆସିଅଛୁଁ ଯେ ଆମ୍ଭେମାନେ ଯେତେକ ଉପରକୁ ଉଠୁଁ ସେତେକ ଅଧିକ ଶୀତଳତା ଅନୁଭବ କରୁଁ । ସୁତରାଂ ଉଷ୍ଣ ପବନ ଉଚ୍ଚ ସ୍ଥାନରେ ପ୍ରବେଶ ହେଲେ ଅଧିକ ଥଣ୍ଡା ହୋଇଯାଏ । ଏଣୁକରି ଭାରତ ମହାସାଗରର ବାଷ୍ପ-ପୂର୍ଣ୍ଣ ବାୟୁ ଯେତେବେଳେ ଭାରତବର୍ଷ ଉପରେ ବ୍ୟାପ୍ତ ହୋଇଯାଏ, ସେତେବେଳେ ତାହା ଶୀତଳ ହୋଇ ଘନୀଭୂତ ହୋଇଯାଏ । ଶୀତଳତା ହେତୁ ବାଷ୍ପ ଜମିଯାଏ ଏବଂ ପରେ ବୃଷ୍ଟି ରୂପରେ ପଡ଼ିବାକୁ ଲାଗଇ । ଏତେବେଳେ ତୁମ୍ଭେମାନେ କହି ପାରିବ କେଉଁ କାରଣରୁ ୪ ମାସ ପର୍ଯ୍ୟନ୍ତ ଜଳ ବୃଷ୍ଟି ହୁଏଇ । ନୈଋତକୁ ବହୁଥିବା ପବନ ଭାରତ ମହାସାଗରରୁ ଅଧିକ ଜଳୀୟ ବାଷ୍ପ ନେଇଯାଏ । ତାହା ଘନ ହୋଇ ଭାରତବର୍ଷ ଉପରେ ଉଡୁଥାଏ ପୁଣି ବୃଷ୍ଟିରୂପରେ ବର୍ଷିବାକୁ ଲାଗଇ । ଯେତେବେଳେ ଏହି ପବନ ପରିବର୍ତ୍ତନ ହେବାକୁ ଲାଗଇ ସେତେବେଳେ ଜଳ ବୃଷ୍ଟି ବନ୍ଦ ହୋଇଯାଏ ।

---

## ପାଠ ୬୯ ।

## କ୍ରୋଧ ଦମନ ।

କୌଣସି ନଗରରେ ଗୋଟିଏ ସ୍ତ୍ରୀ ଥିଲା । ତାହାର ପତି ଏମନ୍ତ କ୍ରୋଧୀ ଓ କ୍ରୂର ଯେ ତାହାକୁ ପୀଡ଼ିତାବସ୍ଥାରେ ମଧ୍ୟ ମାଡ଼ ମାରଇ । ସେହି ମନୁଷ୍ୟର ଘର ନିକଟରେ ଗୋଟିଏ ବଡ଼ସଣା ବୁଦ୍ଧିମତୀ ବୁଢ଼ୀ ସ୍ତ୍ରୀ ଥିଲା । ତାହାର ଏପରି ସ୍ୱଭାବ ଥିଲା ଯେ ସେ ଯେ କୌଣସି କାର୍ଯ୍ୟରେ ହସ୍ତକ୍ଷେପ କଲେ ତାହାକୁ ସମ୍ପୂର୍ଣ୍ଣ ନ କରି ଛାଡ଼େ ନାହିଁ ଆଉ ଗମ୍ଭୀର ବୁଦ୍ଧି ଥିବା ଯୋଗୁଁ ସେ ସମସ୍ତଙ୍କ ସ୍ୱଭାବ ଶୀଘ୍ର ଜାଣି ପାରେ । ସେ ପୂର୍ବରୁ ନ ବୁଝି କୌଣସି କାର୍ଯ୍ୟ କରେ ନାହିଁ । ଦିନକରେ ସେହି କ୍ରୋଧୀ ମନୁଷ୍ୟ ଆପଣା ସ୍ତ୍ରୀକୁ ଅଧିକ ମାଡ଼ ମାରିବାରୁ ସେ ସ୍ତ୍ରୀ ଦୁଃଖିତ ହୋଇ ପଡ଼ୋଶୀ ପାଖକୁ ଯାଇ କହିଲା, "ଅଗୋ ବୁଢ଼ୀ ଦେଖ, ମୋହୋର ସ୍ୱାମୀ ପ୍ରତ୍ୟହ ମୋତେ ମାଡ଼ ମାରୁଅଛନ୍ତି, ଓ ଗୃହରେ ସୁଖରେ ରହି ଦିଅନ୍ତି ନାହିଁ । ସର୍ବଦା ମାଡ଼ ଖାଇ ମୁଁ ପୀଡ଼ିତା ହୋଇ ଗଲିଣି; ମୁଁ କି ଉପାୟ କଲେ ଏହି ମହାକଷ୍ଟରୁ ପରିତ୍ରାଣ ପାଇବି? ତାହା ମୋତେ କହ ।" ତାହାର ଏହି ପ୍ରାର୍ଥନା ଶୁଣି ବୁଦ୍ଧିମତୀ ବୁଢ଼ୀ କହିଲା, ଏଥିର ଉପାୟ ବର୍ତ୍ତୁର କର କହିବ । ଏହି ଚତୁର ବୁଢ଼ୀ ସ୍ତ୍ରୀକୁ ସେହି ସ୍ତ୍ରୀ-ପୁରୁଷ ଉଭୟଙ୍କ ସ୍ୱଭାବ ଉତ୍ତମରୂପେ ଜଣାଥିଲା, ସେ ଆପଣାର କୌଣସି ଦାସ ହସ୍ତରେ ଏକ କୁମ୍ଭ ଜଳ ଆଣାଇ ସେହି ସ୍ତ୍ରୀର ଅଜ୍ଞାତରେ ସେଥିରେ କିଛି ଲବଣ ମିଶ୍ରିତ କଲା । ତହିଁରୁ ଏକ ବୋତଲ ପାଣି ତାକୁ ଦେଇ, କହିଲା, ଏହା ତୋହୋର ମାଡ଼ର ନିମନ୍ତେ ଔଷଧ ଅଟେ ।

ଯେତେବେଳେ ତୋର ସ୍ୱାମୀର କ୍ରୋଧ ତୋହୋଠାରେ ହେବ ସେହି ସମୟରେ ଏହି ବୋତଲର ପାଣି ମୁଖରେ ପୂରାଇ ମୌନଭାବରେ ବସିଥିବୁ ଏତିକ କଲା ମାତ୍ରକେ ତାହାର କ୍ରୋଧ ଶାନ୍ତ ହୋଇ ଯିବ ଓ ତୋତେ

ସେ କଦାପି ମାରିବ ନାହିଁ । ସେହି ଦୁଃଖିତା ସ୍ତ୍ରୀ ତାହାର ଉପକାର ଜାଣି କହିଲେ, ଏହା ବିସ୍ମରଣ ନ କରି ତୁମ୍ଭର ଆଜ୍ଞା ଅବଶ୍ୟ ପାଳନ କରିବି । ଅନନ୍ତର ସେ ଆଠ ଦିନ ପର୍ଯ୍ୟନ୍ତ ଏହି ନିୟମ ପାଳନ କରିବାରୁ ତାହାର ସ୍ୱାମୀ ତାକୁ ଆଉ ମାତ୍ର ମାରିଲେ ନାହିଁ ।

ଉପସ୍ଥିତ କରିବା ନିମନ୍ତେ ଔଷଧ ଶେଷ ହେଲା; ତଦନନ୍ତର ପଡ଼ୋଶୀ ପାଖକୁ ଯାଇ ପୁନର୍ବାର କହିବାକୁ ଲାଗିଲା, "ମାଉସି' ଏବେ ମୁଁ କି କରିବି?" କଥଣ, ଔଷଧ ଶେଷ ହେଲା? ଯେତେବେଳ ପର୍ଯ୍ୟନ୍ତ ଔଷଧ ମୋଠାରେ ଥିଲା ତେତେବେଳ ପର୍ଯ୍ୟନ୍ତ ମାଡ଼ରୁ ରକ୍ଷା ପାଇ ସୁଖରେ ଥିଲି । ଏଥିର ଅଧିକ ଔଷଧ ଦିଅ ଯେ, ଯାହାକୁ ମୋର ଭଲ ହେବ । ଏହା ଶୁଣି ପଡ଼ୋଶୀ କହିଲେ, ଔଷଧର ଆବଶ୍ୟକତା ନାହିଁ । ମୁଁ କ୍ରୋଧଦମନ ନିମନ୍ତେ ଯେଉଁ ଔଷଧ ଦେଇଥିଲି ତାହା ଜଳ ଭିନ୍ନ ଆଉ କିଛି ନୁହେ । ପାଣିର ଗୁଣରେ ଯେ, ତୋହର ସ୍ୱାମୀର ରାଗ ଶାନ୍ତ ହେଲା, ଏପରି ବିଶ୍ୱାସ କର ନାହିଁ । ସେ ସ୍ତ୍ରୀ କହିଲେ, ଯେତେ ଦିନ ପର୍ଯ୍ୟନ୍ତ ଔଷଧ ଆମ୍ଭର ପାଖରେ ଥିଲା, ତେତେ ଦିନ ପର୍ଯ୍ୟନ୍ତ ସ୍ୱାମୀ ଦିନେ ହେଲେ ମାରି ନାହାନ୍ତି । ତାହାଙ୍କ ଏହି କଥା ଶ୍ରବଣ କରି ପଡ଼ୋଶୀ ଈଷତ୍ ହାସ୍ୟ କରି କହିଲେ, "ଏହାର କାରଣ କଣ ତୁ ଜାଣୁ ନାହିଁ?" ଯେତେବେଳ ପର୍ଯ୍ୟନ୍ତ ତୁ ମୁଖରେ ପାଣି ପୂରାଇ ଥାଉ ତେତେବେଳ ପର୍ଯ୍ୟନ୍ତ ତୋହର ତୁଣ୍ଡରୁ ବାକ୍ୟ ସ୍ଫୁରୁ ନ ଥିଲା । ମୁହଁ ଖାଲି ଥିଲା ସମୟରେ ତୁ କଳହ କରୁଥିବାରୁ ତୋହର ପତିର ଅଧିକ କ୍ରୋଧ ହେଉଥିଲା, ଏଣୁ ତୋତେ ସେ ମାରୁଥିଲେ । ଅତଃପରଠାରୁ ତୁ ଏପରି କରିବୁ, ଯେବେ ତାହାର କ୍ରୋଧ ଜନ୍ମିବ, ତେବେ ମୌନ ହୋଇ ରହି ଯିବୁ, ଆଉ ସେହି ସମୟରେ ଯାହା ହେଉ ପଛକେ ତାହାର ସହିତ କୌଣସି କଟୁ ସମ୍ଭାଷଣ କରିବୁ ନାହିଁ । ଏହି ନିୟମ ପ୍ରତିପାଳନରେ ତାହାର କ୍ରୋଧ ଅନେକାଂଶରେ ଶାନ୍ତ ହୋଇ ଯିବ ଓ ତୋତେ ସେ କଦାପି ମାରିବ ନାହିଁ ।

## ପାଠ ୩୨ ।

## ବଙ୍ଗ ଦେଶ ।

ତୌଣସି ପୂର୍ବବର୍ତ୍ତୀ ଅଧ୍ୟାୟରେ ମାନ୍ଦ୍ରାଜ, କର୍ଣ୍ଣାଟକ ଓ ଦାକ୍ଷିଣାତ୍ୟ ରାଜ୍ୟସମୂହର ବିବରଣ ଲିଖିତ ହୋଇଅଛି । ଏହି ପାଠରେ ବଙ୍ଗଦେଶର ଇତିହାସ ଲେଖା ଯାଉଅଛି । ଅନ୍ୟାନ୍ୟ ରାଜ୍ୟ ପରି ବଙ୍ଗ, ବିହାର ଓ ଓଡ଼ିଶାରେ ମଧ୍ୟ ଜଣେ ନବାବ ରାଜତ୍ୱ କରୁଥିଲେ । ସେ ନାମକୁ ଦିଲ୍ଲୀର ବାଦଶାହଙ୍କ ଅଧୀନରେ ଥିଲେ ଆଉ କିଛି ଟଙ୍କା କର ସ୍ୱରୂପରେ ଦେଉଥିଲେ, ମାତ୍ରବସ୍ତୁତଃ ସ୍ୱତନ୍ତ୍ରଭାବରେ ସ୍ଥିତ ଥିଲେ । ସନ ୧୭୫୬ ଇସବୀରେ ଅଲିବର୍ଦ୍ଦିଖାଁଙ୍କର ମୃତ୍ୟୁ ପରେ ତାହାଙ୍କର ପୌତ୍ର ସିରାଜଉଦ୍ଦୌଲା ଏ ଦେଶର ସିଂହାସନାରୂଢ଼ ହେଲେ । ସେ ବଡ ବୁଦ୍ଧିହୀନ ଓ କ୍ରୂର ଥିଲେ, ଏ ହେତୁରୁ ସମସ୍ତ ଲୋକେ ତାଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ । ଇଂରାଜ ଲୋକମାନେ ମୋତେ ରାଜସିଂହାସନରୁ ଚ୍ୟୁତ କରିବାକୁ ଇଚ୍ଛା କରୁଅଛନ୍ତି, ଏହା ବୁଝି ସେ ଅଧିକ ସେନା ସମଭିବ୍ୟାହାରରେ କଲିକତା ଆକ୍ରମଣ କଲେ, ଓ ଦୁର୍ଗ ଜୟ କରି ଧରାଇଲେ । ଅନେକ ଇଂରାଜ ପଳାଇଗଲେ, ମାତ୍ର ସେଠି ୧୪୬ ଜଣ ନବାବଙ୍କ ହସ୍ତରେ ପଡ଼ିଲେ ସେମାନଙ୍କୁ ସେ (ବ୍ଲାକ୍‌ହୋଲ୍) ଅନ୍ଧକୂପରେ ରାତିଯାକ ରଖିଲେ । ପ୍ରାତଃକାଳରେ କେବଳ ୨୩ ଜଣ ଜୀବନ୍ତ ହୋଇ ବାହାରିଲେ । ଅବଶିଷ୍ଟ ଲୋକ ଜ୍ୟେଷ୍ଠ ମାସର ଉଷ୍ଣତାରୁ ଓ ବାୟୁର ଅଭାବରୁ ମୃତ୍ୟୁ ପ୍ରାପ୍ତ ହେଲେ । ଯେତେବେଳେ ଏହି ଅତ୍ୟାଚାରର ସମ୍ବାଦ ମାନ୍ଦ୍ରାଜରେ ପହଞ୍ଚିଲା, ସେତେବେଳେ ସେଠାର ଇଂରେଜମାନେ ବଡ଼ କ୍ରୋଧିତ ହୋଇ ପ୍ରତିଶୋଧ ନେବା ପାଇଁ ବଡ଼ ଯୁଦ୍ଧ ଜାହାଜ କେତେକ ଦୃଢ଼ ଯୋଦ୍ଧା ସହିତ କଲିକତାକୁ ପ୍ରେରଣ କଲେ । ଶୁଣିବାମାତ୍ର ସିରାଜଉଦ୍ଦୌଲା ସେଠାକୁ ବାହାରି ଯାଇ ପ୍ଲାସି ଯୁଦ୍ଧଭୂମିରେ ସ୍ୱୀୟ ସେନା ଏକତ୍ର କଲେ ।

କଲିକତା ଅଧିକାର କରିବାରୁ ୧୭୫୭ ସାଲରେ କ୍ଲାଇବ୍ ସାହେବ ପ୍ଲାସିଠାରେ ନବାବଙ୍କୁ ଘୋରତର ଯୁଦ୍ଧ କରି ଏକାବେଳକେ ତାଙ୍କୁ ପରାସ୍ତ କରି ଦେଇ ତାଙ୍କୁ ସିଂହାସନ ଚ୍ୟୁତ କରି ମିରଜାଫରଙ୍କୁ ବଙ୍ଗ ଦେଶର ନବାବ ନିଯୁକ୍ତ କଲେ । ଭାରତବର୍ଷର ଇଂରେଜୀ ଇତିହାସରେ ପ୍ଲାସି ଯୁଦ୍ଧ ସବୁଠାରୁ ଅତି ପ୍ରସିଦ୍ଧ ଅଟେ । ଯେହେତୁ ଏ ବଙ୍ଗ ଦେଶରେ ଏବଂ ପରିଶେଷରେ ସମଗ୍ର ଭାରତବର୍ଷରେ ଇଷ୍ଟ ଇଣ୍ଡିଆ କମ୍ପାନି ରାଜ୍ୟର ଭିତ୍ତି ଏଥିରୁ ସଂସ୍ଥାପିତ ହୋଇଥିଲା ।

ସନ ୧୭୫୭ ଈସବୀରେ ଯେତେବେଳେ ୟୁରୋପ ମହାଦେଶରେ ଫ୍ରାନ୍ସ ଏବଂ ଇଂଲଣ୍ଡର ଯୁଦ୍ଧାରମ୍ଭ ହୋଇଥିଲା ସେ ସମୟରେ ଭାରତବର୍ଷରେ ମଧ୍ୟ ଏହି ଲୋକମାନଙ୍କ ମଧ୍ୟରେ ଯୁଦ୍ଧ ହେବାକୁ ଲାଗିଲା । କ୍ଲାଇବ ସାହେବ ବଙ୍ଗ ଦେଶରେ ସମସ୍ତ ଫ୍ରାନ୍ସ ଦେଶୀୟ ବସତି ଲୁଟ୍ କରି ନେଲେ ଏବଂ ଅନ୍ୟ ବର୍ଷରେ ସେମାନଙ୍କୁ ଉତ୍ତର ସରକାରରୁ ମଧ୍ୟ ବାହାର କରି-ଦେଲେ । ମାତ୍ର କାହାରି ପକ୍ଷରେ ବା ଜୟ ନିଶ୍ଚୟରୂପେ ଜଣା ନ ପଡ଼ି ଅନେକ କାଳ ପର୍ଯ୍ୟନ୍ତ କର୍ଣ୍ଣାଟକରେ ଯୁଦ୍ଧ ଚଳିଲା । ଇତ୍ୟବସରରେ କାଉଣ୍ଟଲାଲି ଫରାସିମାନଙ୍କର ଗଭର୍ଣ୍ଣର ଜେନେରଲ ନିଯୁକ୍ତ ହୋଇ ଆଗମନ କଲେ । ସେ ଆସିବା ମାତ୍ରେ ମାନ୍ଦ୍ରାଜକୁ ଅବରୋଧ କଲେ ; ମାତ୍ର ଦୁଇମାସ ପରେ ରସଦ ନ ମିଳିବା ହେତୁରୁ ତାଙ୍କୁ ମାନ୍ଦ୍ରାଜର ଅବରୋଧ ଉଠାଇବାକୁ ହେଲା । ତହିଁର ଅଳ୍ପଦିନ ପରେ ସର୍ ଆୟରକୁଟ୍ ନାମକ ଇଂରେଜୀ ସେନାପତି ଓଣ୍ଡିଓଆସ ଯୁଦ୍ଧରେ ତାଙ୍କୁ ଦୃଢ଼ରୂପେ ପରାଭବ କଲେ । ତହିଁରେ ତାଙ୍କୁ ପାଣ୍ଡୁଚେରୀକୁ ପ୍ରତ୍ୟାଗତ ହେବାକୁ ପଡ଼ିଲା ।

ଏଠାରେ ମଧ୍ୟ ରସଦ ନ ମିଳିବାରୁ ଏହି ଦୁର୍ଗ, ନଗର ଏବଂ ସେନାକୁ ଇଂରେଜମାନଙ୍କ ହସ୍ତରେ ଦେବାକୁ ପଡ଼ିଲା । ଇଂରେଜମାନେ ତାଙ୍କୁ ଫ୍ରାନ୍ସ ଦେଶକୁ ଯିବାକୁ ଅନୁମତି ଦେଲେ । ହେଲେହେଁ ଫରାସିମାନେ ସେ ରାଜ୍ୟ ହରାଇ ଦେବା ହେତୁରୁ ବନ୍ଦୀଖାନାରେ ତାଙ୍କୁ ପ୍ରାଣଦଣ୍ଡ ଦେଲେ । ଏବେ

ଦାକ୍ଷିଣାତ୍ୟରେ ମଧ୍ୟ ବଙ୍ଗଦେଶ ପରି ଇଂରେଜମାନଙ୍କ ଅଧିକାର ଓ ପ୍ରଭୁତ୍ୱ ସୁଦୃଢ଼ ହୋଇଗଲା ।

ପ୍ଲାସି ଯୁଦ୍ଧ ପରେ ଏବଂ ଚନ୍ଦନ ନଗର ଜୟ ହେଲା ପରେ ଯେତେବେଳେ ବଙ୍ଗଦେଶରେ ଯଥାର୍ଥ ସୁନିୟମ ହୋଇଗଲା, ସେତେବେଳେ କ୍ଲାଇବ ବିଲାତକୁ ପ୍ରତ୍ୟାବୃତ୍ତ ହେଲେ । ତାଙ୍କର ଅନୁପସ୍ଥିତିରେ ସନ ୧୭୬୧ ସାଲରେ ପାନିପଥରେ ତୃତୀୟ ପ୍ରସିଦ୍ଧ ଯୁଦ୍ଧ ହେଲା । ତହିଁରେ ମୁସଲମାନମାନେ ମହାରାଷ୍ଟ୍ରମାନଙ୍କୁ ବଡ଼ ପରାଜିତ କଲେ । ଏହି ଯୁଦ୍ଧ ନିମ୍ନଲିଖିତମତେ ହେଲା ।

ନାଦିରସାହଙ୍କର ପରଲୋକ ହେଲା ଉତ୍ତାରେ ଅହମଦ୍‌ସାହ ଦୁରାନୀ ଅଫଗାନିସ୍ଥାନ ଅଧିକାର କରି ଭାରତବର୍ଷ ଉପରେ ଚଢ଼ାଇ କଲେ, ଏବଂ ଦିଲ୍ଲୀ ଜୟ କରି ମୋଗଲ ବାଦ୍‌ସାହଙ୍କୁ ଅନ୍ତର କରି ଦେଲେ । ପଦଚ୍ୟୁତ ବାଦ୍‌ସାହ ମହାରାଷ୍ଟ୍ରମାନଙ୍କ ସହାୟତା ନେଇ ଦିଲ୍ଲୀ ସିଂହାସନ ପୁନରଧିକାର କଲେ । କିନ୍ତୁ ଅହମଦ୍‌ସାହ ତାଙ୍କୁ ହତ କଲେ । ମହାରାଷ୍ଟ୍ରମାନଙ୍କ ଅଧ୍ୟକ୍ଷ ହୁଲକାର, ସିନ୍ଧିଆ, ଗାଇକବାଡ଼ ଏବଂ ପେଶବା ଏମାନେ ଜାଣିଲେ ଅଫଗାନମାନେ ସମସ୍ତ ଭାରତବର୍ଷରେ ସ୍ୱୀୟ-ଆଧିପତ୍ୟ ସ୍ଥାପନ କରିବେ ଏହି ଭୟରେ ସ୍ୱ ସେନା ଏକତ୍ର କରି ଅହମଦ-ସାହ ସହିତ ଯୁଦ୍ଧ ଆରମ୍ଭ କଲେ । ମାତ୍ର ସନ ୧୭୬୧ ଇସବୀରେ ପାନିପଥ ରଣକ୍ଷେତ୍ରରେ ଏମାନଙ୍କର ପୂର୍ଣ୍ଣ ପରାଜୟ ହେଲା ।

ଏହି ଯୁଦ୍ଧ ଇଂରେଜମାନଙ୍କ ପକ୍ଷରେ ବଡ଼ ଲାଭଦାୟକ ହେଲା । କାରଣ ଏଥିରେ ସେମାନଙ୍କର ଏକ ମାତ୍ର ପ୍ରବଳ ପରାକ୍ରାନ୍ତ ଭାବୀ ଶତ୍ରୁଙ୍କ ବଳ ଭାଙ୍ଗି ଗଲା । ଏଠାରେ ରାଜ୍ୟ ବୃଦ୍ଧି ନ କରି ଅଫଗାନମାନେ କେବଳ ଲୁଟି କୁଟ କରିବାକୁ ଅଗ୍ରସରିବାରୁ ଏମାନଙ୍କ ପ୍ରତି ଇଂରେଜମାନଙ୍କର କୌଣସି ଭୟ ନ ଥିଲା । ଯଦି ସେମାନେ ଦେଶରେ ରହିଥାନ୍ତେ ତାହା ହେଲେ ବଳୀୟାନ ଶତ୍ରୁ ହୋଇଥାନ୍ତେ । କ୍ଲାଇବ ସାହେବଙ୍କ ଅନୁପସ୍ଥିତିରେ ବଙ୍ଗଦେଶରେ ପୁନର୍ବାର ବିଦ୍ରୋହ ହେବାକୁ ଲାଗିଲା । ଇଂରେଜମାନେ ନବାବ

ମୀରଜ୍ଜାଫରଙ୍କୁ ସିଂହାସନଚ୍ୟୁତ କରି ତାଙ୍କର ଜାମାତା ମୀରକାସିମଙ୍କୁ ନବାବ ନିଯୁକ୍ତ କଲେ ମାତ୍ର ସେ ମୀରଜ୍ଜାଫରଙ୍କଠାରୁ ମଧ୍ୟ ଅଧିକତର ଚେଷ୍ଟାଳୁ ଉଠିଲେ । ଇଂରେଜମାନଙ୍କ ସହିତ ବିରୋଧ କରି ଏକ ବଡ଼ ସେନା ଏକତ୍ର କଲେ । ପାଟଣା ନଗର ହସ୍ତଗତ କରି ଯେଉଁ ସାହେବ ତାଙ୍କର ହସ୍ତଗତ ହେଲେ ତାଙ୍କୁ ଶିରଚ୍ଛେଦନ କରି ପକାଇଲେ ।

ଭେଭେଲେବେଲ ସନ ୧୭୬୪ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ମୀରକାସିମଙ୍କୁ ଓ ତାଙ୍କର ମିତ୍ର ଅଯୋଧ୍ୟାର ନବାବଙ୍କୁ ଅମ୍ଳ ପରାଜୟ କଲେ । ପ୍ଲାସିଯୁଦ୍ଧ ଜୟ କରିବା ହେତୁରୁ ଇଂରେଜମାନେ ଯେପରି ବଙ୍ଗଦେଶରେ ଆଧିପତ୍ୟ ସ୍ଥାପନ କଲେ, ବକ୍ସର ଯୁଦ୍ଧ ଜୟ ଦ୍ୱାରା ସେମାନଙ୍କୁ ଉତ୍ତର ପଶ୍ଚିମ ପ୍ରଦେଶର ବହୁ ଅଂଶ ଅଧିକାର ହେଲା ।

ସନ ୧୭୬୫ ଖ୍ରୀଷ୍ଟାବ୍ଦରେ କ୍ଲାଇବ ସାହେବ ଭାରତବର୍ଷକୁ ପୁନରାଗମନ କଲେ । ପ୍ରଥମରୁ ସେ ବାଦଶାହଙ୍କଠାରୁ କମ୍ପାନିଙ୍କ ନାମରେ ବଙ୍ଗ ବିହାର ଆଉ ଓଡ଼ିଶା ପ୍ରଦେଶର ଦେୱାନି ଅଧିକାର ଆଣାଇ ଥିଲେ । ତଦ୍ୱାରା ସେହି ୩ ପ୍ରଦେଶର ରାଜସ୍ୱ ଆଦାୟ କରିବାର ଅଧିକାର ମିଳିଲା । ଏହି ଅବାନରେ କ୍ଲାଇବ ସାହେବ ୫୦ ଲକ୍ଷ ଟଙ୍କା ନବାବଙ୍କୁ ଆଉ ୨୫ ଲକ୍ଷ ଟଙ୍କା ବାଦସାହଙ୍କୁ ଦେଉଥିଲେ । ଅବଶିଷ୍ଟ ଟଙ୍କା କମ୍ପାନିର ବ୍ୟୟ ହେଲାରୁ ବିଳାତସ୍ଥ ଡାଇରେକ୍ଟରମାନଙ୍କ ପାଖକୁ ପ୍ରେରଣ କରୁଥିଲେ । ଏହି ନିୟମରେ ଇଷ୍ଟ ଇଣ୍ଡିଆ କମ୍ପାନିର ପ୍ରତାପ ଉତ୍ତର ଭାରତରେ ସର୍ବାପେକ୍ଷା ପ୍ରବଳତର ହୋଇ ଉଠିଲା । ଅତଏବ କ୍ଲାଇବ ସାହେବଙ୍କ ଅନୁପସ୍ଥିତିରେ ଇଂରେଜମାନେ ପ୍ରଜାଙ୍କ ଉପରେ ଯେଉଁ ଅତ୍ୟାଚାର କରୁଥିଲେ ତାହା ସେ ନିଷେଧ କରି ଦେଲେ । ସନ ୧୭୬୭ ଖ୍ରୀଷ୍ଟାବ୍ଦରେ କ୍ଲାଇବ ସାହେବ ବିଳାତକୁ ପ୍ରତ୍ୟାବର୍ତ୍ତନ ହେଲେ । ଯେଉଁମାନେ ଭାରତବର୍ଷରେ କ୍ଲାଇବଙ୍କ ପ୍ରତି ଅସନ୍ତୁଷ୍ଟ ହୋଇଥିଲେ ଆଉ କ୍ଲାଇବ ଅନେକ ଧନ ସଞ୍ଚୟ କରିଥିଲେ ବୋଲି ଯେଉଁମାନେ ଶୁଣିଥିଲେ ଭାରତରୁ ସେମାନଙ୍କ ଲେଖା ଉପରେ ଭେଭେଭେବେଲ କ୍ଲାଇବଙ୍କ

ଉପରେ ଅନେକ ପ୍ରକାର ଦୋଷାରୋପ କରୁଅଛି । ମାତ୍ର ପରିଶେଷରେ ସେ ନିର୍ଦ୍ଦୋଷୀ ପ୍ରମାଣିତ ହେଲେ । ଯେଉଁମାନେ ଶୀଘ୍ର ବଳ ଅଥବା ବୁଦ୍ଧିମତ୍ତାର ହେତୁରୁ ନିଜାପେକ୍ଷା ନ୍ୟୂନ ଶ୍ରେଣୀରୁ ଅତି ଉଚ୍ଚତମ ପଦ ପାଇଥାନ୍ତି ସେମାନଙ୍କୁ ଘୃଣା କରିବା ଅଥବା ତାଙ୍କର ନିନ୍ଦା ଓ ଅପମାନ କରିବା ଲୋକ ସବୁ ଦେଶରେ ଥାନ୍ତି । ଏହିପରି କ୍ଲାଇବ୍ ସାହେବଙ୍କର ଦେଶବାସୀମାନେ ଓ୍ୱାରନ୍ ହେଷ୍ଟିଂସଙ୍କ ବିରୁଦ୍ଧରେ ମନ୍ଦ ପରାମର୍ଶ କରିଥିଲେ ।

---

## ପାଠ ୩୩ ।

## ସ୍ୱାସ୍ଥ୍ୟରକ୍ଷା, ୧୧ଶ ଭାଗ ।

### ନଗର ଅଥବା ଗ୍ରାମର ପରିଷ୍କରଣ ।

ଆଜିକାଲି ସରକାର ଇଂରେଜ ବାହାଦୁରଙ୍କର ରାଜ୍ୟରେ ଗ୍ରାମର ସଫାଇ ନିମନ୍ତେ ସରକାର ଅଡ଼ରୁ ମୁକଦ୍ଦମ ଅଥବା ନଗରରେ ମ୍ୟୁନିସିପାଲ କର୍ମଚାରୀ ଓ ସଫାଇ ଦେଖିବା ନିମନ୍ତେ ଭୃତ୍ୟମାନେ ନିଯୁକ୍ତ ଅଛନ୍ତି ; ଏହି ବ୍ୟକ୍ତିମାନେ, ଯତ୍ନ ବୃଦ୍ଧି କଲେ ଗ୍ରାମ ଓ ନଗର ପରିଷ୍କରଣ ଯଥାର୍ଥରୂପେ ହୋଇପାରେ । ଗ୍ରାମ ଅଥବା ନଗରମାନଙ୍କୁ ପରିଷ୍କାର କରିବାର ସହଜ ଉପାୟ ଏହି ଯେ ପ୍ରତ୍ୟେକ ବ୍ୟକ୍ତି ଆପଣା ୨ର ଘର ଓ ଦ୍ୱାର ପରିଷ୍କାର ରଖିବେ । ସଫାଇ କର୍ମଚାରୀମାନଙ୍କୁ ଉଚିତ ଯେ ସେମାନେ ବଜାରରେ କୁହା ପୁରୁଣା ଶସ୍ୟ ଫଳ ଅଥବା ପଚି ଯାଉଥିବା ଶାକ ଶବଜୀ ଓ ସଢ଼ା ମାଂସ ବିକ୍ରୟ କରିବାକୁ ଦେବେ ନାହିଁ ।

ନାଳ ପକ୍କା ହେବା ଉଚିତ, ଏବଂ ଗଳି ବଜାରରେ ଲେଦ, ଗୋବର ଇତ୍ୟାଦି ଅଳିଆ ଜମା ହୋଇ ପାରିବ ନାହିଁ । ସହରର ଅଳିଆ ଜମା କରି

ଦୂରକୁ ନେଇ ଯାଇ ତାଙ୍କୁ ପୋଡ଼ି-ପକାଇବ କିମ୍ବା ପୋତି ଦେବ । ସେହି ଘରକୁ ପବନ ଅସୁସ୍ଥବ ଯେ ଦ୍ୱାରରେ ଅଳିଅ ମୈଞ୍ଚିବ ନାହିଁ । ଘରର ନାଳି ଇଟା ବା ଖଣ୍ଡ ୨ ପଥର ଓ ଚୂନ ଏପରି ଭାବରେ ପକ୍କା କରା-ଇବା ଉଚିତ, ଯେପରି କି ପାଣିରେ ଘର କାଦୁଅ ହୋଇ ପାରିବ ନାହିଁ । ସୁବିଧା ଅନୁସାରେ ବଙ୍କା ବଙ୍କା ଗଳିମାନଙ୍କୁ ସିଧା କରି ଦେଇ ପାରିଲେ ବାୟୁ ନିର୍ବିଘ୍ନରେ ଗତାୟାତ କରିବ ।

ଚମୁଡ଼ା ଶୁଖାଇବା ଖୋଲା ସ୍ଥାନ ଥିଲେ ଲୋକଙ୍କ ବଡ଼ ଉପକାରରେ ଆସଇ । ବର୍ଷା କାଳରେ କୌଣସି ବାଟରେ କାଦୁଅ ଯେପରି ନ ହେବ ଏବଂ ବର୍ଷା ପାଣିରେ ଯେଉଁ ସ୍ଥାନ ବୁଡ଼ାଇ ନେଉଥିବ ତାହା ରାସ୍ତାର ସ୍ତରରେ ମାଟି ଦେଇ ସମାନ କରିବ ।

କଷାଇ, ଚମାର, ରଙ୍ଗାଇବା ଲୋକମାନେ ଆପଣା ୨ କାର୍ଯ୍ୟ ଗ୍ରାମ ଭିତରେ କରିବେ ନାହିଁ; କାରଣ ଏମାନଙ୍କ କାମଦ୍ୱାରା ବାୟୁ ଦୂଷିତ ହୁଏ । ଏମାନଙ୍କପାଇଁ ଉତ୍ତମ ଉପାୟ ଏହି ଯେ ଏମାନଙ୍କୁ ଗ୍ରାମର ବାହାରେ ରଖାଇବା ଉଚିତ ଅଥବା ଏମାନଙ୍କ କାରବାର ଗ୍ରାମର ବାହାରେ ସମ୍ପନ୍ନ କରାଇବା ଉଚିତ ।

କୌଣସି ପ୍ରାଣିର ଶବ ପଚିବା ପୂର୍ବରୁ ତାଙ୍କୁ ନେଇ ଗ୍ରାମ ବାହାରେ ୨୦୦ ଗଜ ଅନ୍ତରରେ ପୋତି ଦେବ; ଏହିପରି ଶବ ପୋତିବାର ସ୍ଥାନ ଗ୍ରାମ ବାହାରେ ନିର୍ଦ୍ଦିଷ୍ଟ ହେବାର ଉଚିତ । ଏଥିପାଇଁ ଭୂମିକୁ ଅନ୍ତତଃ ୫ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳି ଏବଂ ତହିଁରେ ପୂର୍ଣ୍ଣରୂପେ ମୃତ୍ତିକା ଦେଇ ଢାଙ୍କି ଦେବା ଉଚିତ । ଶବ ପୋତାଇବା ସ୍ଥାନ ମଧ୍ୟ ଗ୍ରାମରୁ ଦୂରରେ ହେବା ଉଚିତ । ଯେଉଁ ଶବ ପୋଡ଼ାଇବ ତାହା ସମ୍ପୂର୍ଣ୍ଣରୂପେ ପୋଡ଼ି ପକାଇବ, ବାକି ରଖିବ ନାହିଁ ।

ଗ୍ରାମରେ କୌଣସି ୨ ସ୍ଥଳରେ ଭଗ୍ନ ଗୃହମାନ ଥାଏ । ସେଥିରେ ମନୁଷ୍ୟମାନେ ଗୋପନରେ ମଳତ୍ୟାଗ କରନ୍ତି ଅଥବା ମଇଳା ପଦାର୍ଥ

ପକାନ୍ତି ; ଏଣୁକରି ଅଳ୍ପ ଦିନରେ ସେ ସ୍ଥାନମାନ ନାନାବିଧ ଅଳିଆଦ୍ୱାରା ପୂର୍ଣ୍ଣ ହୋଇ ଯାଏ । ଏହା ଦୂର କରିବା ନିମନ୍ତେ ଭିନ୍ନ ସ୍ଥାନମାନ ମରାମତ କରାଇ ଦେବା ଉଚିତ ବା ତାହାକୁ ଭାଙ୍ଗି ଦେଇ ଭୂମିର ସମାନ କରି ଦେବା ଉଚିତ । କ୍ଷୁଦ୍ର ଗ୍ରାମମାନଙ୍କରେ ପାଇଖାନା ଥାଏ ନାହିଁ ; ସେ ସ୍ଥାନର ଲୋକେ ଗ୍ରାମ ନିକଟରେ ବା କ୍ଷେତରେ ଅଥବା ଘର ଦ୍ୱାରେ ମଳତ୍ୟାଗ କରନ୍ତି । ଶୁଖିଲା ମଳର ଅଣୁ ପବନରେ ମିଶିଯାଏ ଆଉ ତାହା ଉଡ଼ି ଖାଇବା ପିଇବା ପଦାର୍ଥରେ ପଶି ମିଳିଯାଏ ଏବଂ ତଦ୍ୱାରା କ୍ଷତି ହୁଏ । ଏଣୁ ନଗରଠାରୁ ୨୦୦ ଗଜ ଦୂରରେ ସୀମା ନିର୍ଦ୍ଦିଷ୍ଟ କରି ଦେବ । ସୀମା ବାହାରେ ମଇଳା ପିଙ୍ଗା ଯିବ ଏବଂ ସୀମା ଭିତରେ କୌଣସି ଲୋକ ମଳତ୍ୟାଗ କରିବେ ନାହିଁ । ନଗରର ପାଇଖାନା ସବୁ ଅତି ପରିଷ୍କାର ହେବ ଓ ତହିଁରେ ନିର୍ମଳ ପବନ ଗତାୟାତ କରୁଥିବ । ଯେଉଁ ନଗର ବା ଗ୍ରାମରେ ନଦୀ ଥାଏ ସେଠାର ଜଳ ବସ୍ତ୍ର ଧୋଇବାରେ ଏବଂ ପଶୁମାନଙ୍କ ସ୍ନାନାଦିରେ ଦୂଷିତ ହୁଏ । ଏଣୁକରି ଯେଉଁଠାରୁ ପାଣି ପିଇବା ନିମନ୍ତେ ଅଣାଯାଏ, ସେ ସ୍ଥଳରେ ଏପରି ମଇଳା କରିବାକୁ ଦେବ ନାହିଁ । ଗ୍ରାମ ତଳସ୍ରୋତର ନଦୀ ଜଳରେ ବସ୍ତ୍ରାଦି ଧୋଇଲେ ହାନି ହେବ ନାହିଁ । କୌଣସି ଲୋକେ ନଦୀ କୂଳରେ ବା ତହିଁର ଶୁଖି ବାଲି ଉପରେ ପାଇଖାନା ଯାନ୍ତି । ବର୍ଷାକାଳରେ ସେ ସବୁ ମଇଳ ଧୋଇ ଯାଇ ନଦୀ ଜଳରେ ମିଶିଯାଏ । ଶବ ଏବଂ ଯେଉଁ ଲୋକ ହାଇଜା ବା ମାତା ରୋଗରେ ମୃତ୍ୟୁ ହୋଇ ଥାଏ, ତାହାର ମୃତ ଶରୀରକୁ ମଧ୍ୟ ନଦୀର କୌଣସି ସ୍ଥାନରେ ପିଙ୍ଗି ଦିଅନ୍ତି ; ବହୁତ ମଇଳା, ପଚା ସଡ଼ା ପଚି ଯାଉଥିବା ପଦାର୍ଥ ମଧ୍ୟ ଫୋପାଡ଼ି ଦିଅନ୍ତି ; ଏହି କାରଣରୁ ନଦୀର ଜଳ ଦୂଷିତ ହୁଏ । ଅତଏବ ସର୍ବ ସାଧାରଣଙ୍କୁ ଉଚିତ ଯେ ନଦୀର ପାଣି ପରିଷ୍କାର ରଖିବା ନିମନ୍ତେ ଉପରୋକ୍ତ ବିଷୟମାନ ହେବାକୁ ଦେବେ ନାହିଁ । ପୁଷ୍କରିଣୀ ଜଳରେ ସ୍ନାନ କରିବା, ଧୋଇବା, ଦାନ୍ତ କରିବା,

ପାଇଖାନା ଯିବା, ଅଇଁଠାପାଏ ମାଜିବା, ଶୁକର, ଅଉ ଗାଈ ବଳଦଙ୍କୁ ପଣିବାକୁ ଦେବା, ଅଉ ପାଚିବା ନିମନ୍ତେ କଉଁରଥ, କଷ୍ଟା କାଠ ନିକ୍ଷେପ କରିବା ଏହି ସମସ୍ତ କାରଣରୁ ପୁଷ୍କରିଣୀର ଜଳ ଦୂଷିତ ହୁଏ । ଏଣୁ କରି ସ୍ନାନାଦି ନିମନ୍ତେ ଅନ୍ୟ ଏକ ପୁଷ୍କରିଣୀ ହେବା ଉଚିତ । ଯେଉଁଠାରେ ନଦୀ ଓ ପୁଷ୍କରିଣୀ ଥିବ ତହିଁର ନିକଟରେ କୂପ ଖୋଳିଲେ, ସେଥିରୁ ଅନେକ ସମୟରେ ଉତ୍ତମ ଜଳ ମିଳିପାରେ; ଯେହେତୁ ମାଟି ବାଟେ ଜଳ କୂପ ଭିତରକୁ ଯାଉଁ, ବିଶୁଦ୍ଧ ହୋଇଯାଏ । କୂଅଁ ମୁହଁରେ ଗୋଟିଏ ପକ୍କା କାନ୍ଥ ବା ନଳ ରହିବା ଉଚିତ ପୁଣି ଏହି କାନ୍ଥ ମୂଳ ଉଚ୍ଚ ହୋଇ ଚଉପାଖକୁ ଏମନ୍ତ ଗଡ଼ାଣିଆ ହୋଇ ରହିବ ଯେ ଯେମନ୍ତ ଜଳ ପଡ଼ିଲେ ମାତ୍ରେକ ବାହାରକୁ ଗଡ଼ିଯିବ ଅଉ କୁଟା କାଠି ଓ ପଶାଦି ପଡ଼ି ପାରିବ ନାହିଁ । କୂପ ମୁହଁ ବନ୍ଦ ରଖିଲେ ବଡ଼ ଭଲ ହୁଏ । କୂଅରୁ ପାଣି ଉଠାଇଲାବେଳେ ପରିଷ୍କାର ବାଲ୍ଟି ଓ ଜଳପାତ୍ର ବ୍ୟବହାର କରିବ । ସମୟ ସମୟରେ କୂଅଁକୁ ଉଛାଳି ଦେଇ ତହିଁ ମଧ୍ୟରେ ପଡିଥିବା ଦ୍ରବ୍ୟ ମାଟିଆ ଅବିଶୁଦ୍ଧ ଉଠାଇ ବାହାର କରି ଦେବ । ଯେପରି ପରିଷ୍କାର ଜଳ କୂପରେ ରହେ ତଦ୍ବିଷୟ ବିଶେଷ ଦୃଷ୍ଟି ଆବଶ୍ୟକ ।

କୂପ ଗଭୀର ହେବା ଉଚିତ ଅଉ ତହିଁର ଚତୁଃପାର୍ଶ୍ୱ ପରିଷ୍କାର ଥିବା ଉଚିତ । ଯଦ୍ୟପି ମଇଳା ଥାଏ ତେବେ ତହିଁର ଦୁର୍ଗନ୍ଧ କୂଅଁ ପାଣିରେ ମିଳି ଜଳକୁ ଦୂଷିତ କରି ଦିଏ ।

# ପାଠ ୩୪ ।

## କୃଷିବିଦ୍ୟା, ୧୯ଶ ଭାଗ ।

### ଶସ୍ୟର ପୁଷ୍ଟି-ରକ୍ଷା ।

ତୁମ୍ଭେ ଏହା ଉତ୍ତମରୂପେ ଅବଗତ ହୋଇ ସାରିଅଛ ଯେ ଦୁଇ ଗୋଟି କାରଣରୁ ଶସ୍ୟ ଉତ୍ତମରୂପେ ହେଉଥାଏ । ପ୍ରଥମତଃ କ୍ଷେତ୍ରରେ ଉତ୍ତମ ବୀଜ ବପନ କରିବାରୁ ; ଦ୍ୱିତୀୟତଃ ତହିଁରେ ପୁଷ୍ଟିରୂପେ ଜଳ ଓ ଖାଦ୍ୟ ରହି-ବାରୁ ଏବଂ ଖତ ପକାଇବାରୁ ଉତ୍ପନ୍ନ ହେଉଥାଏ । ମାତ୍ର ଶସ୍ୟର ଉତ୍ତମ ହେବାର ଯେଉଁ ତୃତୀୟ କାରଣ ଅଛି ତାହା ଏହି ଯେ ଶସ୍ୟ ମଧ୍ୟରେ ଥିବା ତୃଣାଦି ନଷ୍ଟ କରି ତାହାକୁ ରୋଗରୁ ଓ ପଶୁ ପକ୍ଷୀମାନଙ୍କଠାରୁ ରକ୍ଷା କଲେ ବହୁତ ଲାଭପ୍ରଦ ହୁଏ । ତୃଣାଦି, କ୍ଷେତ୍ରର କେତେକାଂଶ ଖାଦ୍ୟ ଅପହାର କରନ୍ତି ।

ଏପରି ଅବସ୍ଥାରେ ଶସ୍ୟକୁ ପୁଷ୍ଟିରୂପେ ଖାଦ୍ୟ ଆହାର କରିବାକୁ ମିଳିବାର ଦୁଷ୍କର । ଅତଏବ ସେ ସବୁ ତୃଣ ନଷ୍ଟ କରିଥିବା ବିଧେୟ । ବିଶେଷତଃ ବର୍ଷାରେ ତୃଣାଦି ବଢ଼ିଯାଏ । ମାତ୍ର କେତେକ ତୃଣ ବହୁତ ବଳ ପ୍ରୟୋଗରେ ଉତ୍ପାଟନ କରିବାକୁ ପଡ଼ଇ । ଦେଖ କାଶତୃଣ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଆଚ୍ଛାଦନ କରିଥାଏ । ଏହାର ମୂଳ ଭୂମି ମଧ୍ୟରେ ଦୂର ତଳ ପର୍ଯ୍ୟନ୍ତ ଗଭୀରକୁ ଯାଇ ଥାଏ । ଏଣୁକରି ତାହା ଉତ୍ପାଟନ କରିବା ସକାଶେ ଅଧିକ ବ୍ୟୟ, ସମୟ ଓ ପରିଶ୍ରମ ଲାଗେ । କ୍ରମାଗତଃ ବା ପୁନଃପୁନଃ ଚଷି ଓ କୋଡ଼ିବାରେ ତାହାର ଅଙ୍କୁର ଶୁଷ୍କ ହୋଇ ଯାଏ । ଅଗିଆ, କୁଶାରିର ମୂଳରେ ଉତ୍ପନ୍ନ ହୁଏ ଓ ତାହାର ଖାଦ୍ୟ ନିଜେ ଅପହାର କରଇ ଦିଏ । ଏପରିକି କୁଶାରି ପୁଥୁଳ ହୋଇ ନ ପାରେ । କ୍ଷେତ୍ରରେ ଖତ ପକାଇଲେ ଅନ୍ୟ ବର୍ଷ ଅଗିଆ ଜନ୍ମେ ନାହିଁ ; କ୍ଷେତ୍ର ପଡ଼ିଆ ପଡ଼ିଥିଲେ ସୁଦ୍ଧା ତାହାର

ଓ ଅଡ଼ିର ତୃଣାଦି ଉତ୍ପାଟନ କରିବା ଉଚିତ । କାରଣ ତାହା ସଞ୍ଚିତ ହେଲେ ବିଶେଷ ବିସ୍ତାରିତ ହୋଇଯାଏ । କ୍ଷେତ୍ରରେ ବୀଜ ଶ୍ରେଣୀବଦ୍ଧ-ରୂପେ ବପନ କରାଗଲେ ଓ ପ୍ରତ୍ୟେକ ଧାଡ଼ିର ମଧ୍ୟରେ ତୃଣ ଉତ୍ପାଟନ କରିବା ଯନ୍ତ୍ର ପ୍ରୟୋଗ କରି ତୃଣ ପତ୍ରାଦି ଉପାଡ଼ି ଦେଲେ ବହୁତ କାର୍ଯ୍ୟ ସହଜରେ ସମ୍ପନ୍ନ ହୁଏ । ଏହି ପ୍ରଦେଶରେ କାର୍ପାସ ଏବଂ ଜୁଅରି କ୍ଷେତ୍ରରେ ସେହି ଯନ୍ତ୍ର ବ୍ୟବହୃତ ହୁଏ । ଏହି ରୀତି ଉତ୍ତମ ଅଟେ ।

ବାଜ୍ରା ଏବଂ ରାଗି ସମାନ୍ତର ଶସ୍ୟ ଉପରେ ଭଲରୂପେ ପତିତ ହୋଇ ନ ଯାଉଥିବାରୁ ତାହା ପରିବର୍ଦ୍ଧିତ ହୋଇ ପାରେ ନାହିଁ । ଏଥିପାଇଁ ତନ୍ମଧ୍ୟସ୍ଥିତ ଶସ୍ୟର କେତେକାଂଶ ତୃଣବତ୍ ଉତ୍ପାଟନ କରିବା ଉଚିତ; ନଚେତ୍ ପ୍ରଥମରୁ ସତର୍କ ହୋଇ ଠିକ୍ ରେ ବୀଜ ବିରଳଭାବରେ ବପନ କରିବା ବିଧେୟ । ତାହା ହେଲେ ଅର୍ଥ ଓ ସମୟର ଅପବ୍ୟୟ ହୁଏ ନାହିଁ । ଯଦି ଉର୍ବରା ଭୂମିରେ ନିବାପିତ ବୀଜ ସବୁ ଅଙ୍କୁରିତ ହୁଏ । ତେବେ ଏକ ଏକଡ଼ ଜମିରେ ୪୦ ସେର ଶସ୍ୟର ପରିବର୍ତ୍ତରେ ଦଶ ସେର ଖର୍ଚ୍ଚ ଲାଗଇ ।

ଅଧିକ ବର୍ଷା ହୋଇଥିବା ଧାନ୍ୟ କ୍ଷେତ୍ରରେ ପାଣି ରହିବା ଯୋଗୁଁ ତୃଣାଦି ଜନ୍ମେ ନାହିଁ । ହାତ ବୁଣା ଅଙ୍କୁର ଶସ୍ୟ ଅପେକ୍ଷା ବିରଳ ଭାବରେ ରୋପିତ ହୋଇଥିବା କ୍ଷେତ୍ରରେ ସମଧିକ ଶସ୍ୟ ଉତ୍ପନ୍ନ ହୁଏ । ଏହା ଛଡ଼ା ହାତ ବୁଣାଠାରୁ ଏଥିରେ ବୀଜ ମଧ୍ୟ ଅଳ୍ପ ଅର୍ଥାତ୍ ପଞ୍ଚମାଂଶ ଲାଗଇ । ସମ୍ବଲପୁର ଓ ବିଳାସପୁର ଜିଲ୍ଲାରେ ଅଙ୍କୁର ଧାନର ଚାରକୁ କବାରେ ବିରଳ କରୁଅଛନ୍ତି । ଏହି ସହଜ ରୀତିକୁ ବିହୁଡ଼ା କୁହାଯାଏ । ଯଦିଓ ଏଥିରେ ବହୁତ ବନ୍ଧନ ବ୍ୟର୍ଥ ଯାଉଅଛି ତଥାପି ସେ ସ୍ଥାନରେ ରୋପି-ବାର ଆବଶ୍ୟକତା ହୁଏ ନାହିଁ । କୃଷକକୁ ଆପଣା ଦୂରସ୍ଥିତ ଜମିକୁ ରୋପଣ କରିବାରେ ବହୁତ ପରିଶ୍ରମ ପଡ଼େ । ବିଶାଖରେ ଅଙ୍କୁର ଧାନରେ ପାଣି ନ ବଳାଇଲେ ଅଳ୍ପ ସମୟରେ ପକ୍ୱ ହୋଇଯାଏ । ଏପରି ଅବସ୍ଥାରେ

କେବଳ ବାହାର ଭୂମିରେ ରୋପଣ କରିବା ନିତାନ୍ତ ଅବଶ୍ୟକ । ଅତି ବୃଷ୍ଟି ଓ ସ୍ୱଳ୍ପ ବୃଷ୍ଟି ଉଭୟ ଶସ୍ୟ ହାନିର ଅନ୍ୟାନ୍ୟ କାରଣ ମଧ୍ୟ ଅଛି ; ଯଥା ହିମ, କରକା ଓ ଶେଲୁଅ । ହିମ ଖାଦ୍ୟ ପରିପୂର୍ଣ୍ଣ କ୍ଷେତ୍ର ସମ୍ପର୍କରେ ଅତ୍ୟନ୍ତ ଅଧିକରେ ପଡ଼େ ; ଶିଳା ପତନରେ ପରିପକ୍ୱ ଶସ୍ୟ କ୍ଷେତ୍ର ମଧ୍ୟ ନଷ୍ଟ ହୋଇଯାଏ । କିନ୍ତୁ ଶେଲୁଅ ପୌଷ ଓ ମାଘ ମାସରେ ବାଦଲ ଓ ଶୀତଳ ହେତୁରୁ ବୃକ୍ଷରେ ଲାଗିଯାଏ, ଏବଂ ଦୁଇ ସପ୍ତାହରେ ଗହମ, ଅଳସୀ ଆଦି ଶସ୍ୟକୁ ନଷ୍ଟ କରି ପକାଏ । ଏଥିରୁ ରକ୍ଷା ପାଇବାର ଅନ୍ୟ ଉପାୟ ନାହିଁ । ମାତ୍ର ସବୁ ବର୍ଷର ଅପେକ୍ଷା ପୁଷ୍ଟ ଶସ୍ୟ ବପନ କଲେ ଶେଲୁଅ ଲାଗିବା କମ ପଡ଼ିବାର ସମ୍ଭବ ।

ବିଶେଷତଃ ବନ୍ୟ ପଶୁ, ପକ୍ଷୀ କ୍ଷେତ୍ରର ଅଧିକାଂଶ ଶସ୍ୟ ବିନାଶ କରନ୍ତି । ତାହା ନିବାରଣ କରିବାପାଇଁ କ୍ଷେତର ଚତୁର୍ଦ୍ଦିଗରେ କଣ୍ଟା ବାଡ଼ ଦେବାର ଅଥବା ମୂଳକାଠି ଗଛ ଲଗାଇ ଦେବା ଉଚିତ । କେତେକ କୃଷକ ଆପଣା କ୍ଷେତ୍ର ରକ୍ଷାର୍ଥେ କୃତ୍ରିମ ପୁରୁଷ ଦଣ୍ଡାୟମାନ କରିଥାନ୍ତି । ଅଥବା କେହି କେହି ରକ୍ଷକ ନିଯୁକ୍ତ କରନ୍ତି । ଯଦା କାଳରେ ଯୁଆର ପ୍ରଭୃତି ଶସ୍ୟ ହିମ ଲାଗୁଥିବ ହୁଏ ; ତାହାର ରକ୍ଷା ନିମନ୍ତେ ଶସ୍ୟ କ୍ଷେତ୍ର ମଧ୍ୟରେ ମଞ୍ଚା ନିର୍ମାଣ କରି ବସ୍ତୁ ଉପରେ ଏକ ଏକ ସ୍ତମ୍ଭ ପୋତି ତହିଁରେ ଘଣ୍ଟି ଅଥବା ଟିଣ ରଶି ସ୍ତମ୍ଭକୁ ମଞ୍ଚା ପର୍ଯ୍ୟନ୍ତ ଏକ ଏକ ରଜ୍ଜୁ ଲମ୍ବାଇ ଥାନ୍ତି । ରକ୍ଷକ ମଞ୍ଚାରେ ବସି ରଜ୍ଜୁ ଟାଣି ଦେଲେ ତାହାର ଶବ୍ଦରେ ପଶୁ, ପକ୍ଷୀ ପଳାଇ ଯାନ୍ତି । ଏହା ସର୍ବୋତ୍କୃଷ୍ଟ ଉପାୟ ଅଟେ ।

---

## ୪।୦ ଅଙ୍କ ।

ମୂଢ ଜନ ସଙ୍ଗ କଲେ ଜ୍ଞାନ ହୁଏ ନାଶ,
ଅର୍ଥହୀନ ବଚନେ ବୁଦ୍ଧି ହୋଇଯାଏ ହ୍ରାସ ।
ପାତକରେ ନାଶ ହୁଏ ମାନବର ମାନ,
ନୀଚ ଆଶ୍ରୟର ନାଶ ହୁଅଇ ସମ୍ମାନ ।
ଅବିଚ୍ଛିନ୍ନ ସହବାସେ ନାଶ ହୁଏ ପ୍ରୀତି,
ନୀଚ ପଥ ଗାମୀ ହେଲେ ନାଶ ହୁଏ ଖ୍ୟାତି ।
ଦରିଦ୍ରତା ନାଶ ହୁଏ ଉଦ୍ୟମ ବଳରେ,
ପାପ ନାଶ ହୁଏ ବିଷ୍ଣୁ ଗୁଣ ଗାୟନରେ ।
ବନ୍ଧୁ ଯହିଁ ପରସନ୍ନ ସେହି ଜ୍ଞାନି ଜ୍ଞାନ,
ଜ୍ଞାନ ଯହିଁ ଲଭ୍ୟ ହୁଏ ସେହି ଧ୍ୟାନି ଧ୍ୟାନ ।
ଚିର ଅବିଚ୍ଛିନ୍ନ ଯାହା ସେହି ପ୍ରୀତି ପ୍ରୀତି,
ସ୍ୱାର୍ଥହୀନ ପ୍ରେମ ଏକା ଶୁଦ୍ଧପ୍ରେମ ଖ୍ୟାତି ।
କୋଟି ମିତ୍ର ମିଳି ଥାନ୍ତି ଜଗତେ ସମ୍ପଦେ,
ସେହି ମିତ୍ର ମିତ୍ର ଯେହୁ ସହାୟ ବିପଦେ ।
ମୋହ ଅଭିମାନ କରେ ମାନବକୁ ହୀନ,
ବିନୟ କରଇ ମହା ଗଉରବ ଦାନ ।
ନମ୍ର ଥାନ୍ତି ଗୁଣିଜନ, ଫଳବନ୍ତ ବୃକ୍ଷ,
ଛିଡ଼ି ଯାନ୍ତି ନ ନମନ୍ତି ଶୁଷ୍କ କାଷ୍ଠ ମୂର୍ଖ ।

## ପାଠ ୩୭ ।

## ଇନ୍ଦ୍ରଧନୁ ।

ଅନେକ ଏକ ପ୍ରକାର ଶୁକ୍ଳ ହେଲେହେଁ ତାହା ମିଶ୍ରିତ ଓ ବିବିଧ ରଙ୍ଗରେ ଗଠିତ ଅଟେ । ଯେବେ ତାହା ଏପରି କୌଣସି ପଦାର୍ଥ ଉପରେ ପଡ଼େ କି ଯହିଁରେ କିରଣମାନ ବିଶ୍ଳେଷିତ ହୋଇ ଭିନ୍ନ ହୋଇ ଯାଏ, ତେବେ ତହିଁରୁ ବିବିଧ ପ୍ରକାରର ରଙ୍ଗ ଦୃଷ୍ଟିଗୋଚର ହୁଏ । ଏହି କାରଣରୁ ମେଘ ବୃଷ୍ଟି ହେଉଥିବା ସମୟରେ ସୂର୍ଯ୍ୟ ପ୍ରକାଶିତ ହେଲେ କେବେ ଇନ୍ଦ୍ରଧନୁ ଦୃଷ୍ଟିଗୋଚର ହୁଏ । ସୂର୍ଯ୍ୟୋଦୟର କିଛିକାଳ ପରେ କିମ୍ବା ସୂର୍ଯ୍ୟାସ୍ତର କିଛିକାଳ ପୂର୍ବରେ ତାହାର ଅଦ୍ଭୁତ ଅର୍ଦ୍ଧ ଗୋଲାକାର ଧାରଣ କରେ । ସୂର୍ଯ୍ୟ ଯେତିକି ଶିଖର ଦେଶକୁ ଯାଉଥାନ୍ତି ତାହା ସେତିକି ତଳକୁ ଯାଉଥିବାର ଦେଖାଯାଏ । ଯେବେ ସୂର୍ଯ୍ୟ ଶିଖର ଦେଶର ଅର୍ଦ୍ଧାଂଶ ପର୍ଯ୍ୟନ୍ତ କିମ୍ବା ତତୋଽଧିକ ପହୁଞ୍ଚି ଥାନ୍ତି, ତେବେ ତାହା କଦାଚ ନୟନ ଗୋଚର ହୁଏ ନାହିଁ । ଏଥିରୁ ସ୍ପଷ୍ଟରୂପେ ପ୍ରମାଣ ହେଉଅଛି ଯେ ଇନ୍ଦ୍ରଧନୁ ପ୍ରଭାତ ଓ ସନ୍ଧ୍ୟା ସମୟ ବ୍ୟତିରେକେ ଅନ୍ୟାନ୍ୟ ସମୟରେ କେବେହେଁ ଦୃଶ୍ୟ ହୁଏ ନାହିଁ ।

ଯେବେ ସୂର୍ଯ୍ୟଙ୍କ କିରଣଜାଲ ଜଳକଣା ମଧ୍ୟରେ ପ୍ରବେଶ କରି ବକ୍ରଗତି ହୋଇଯାଏ ତେବେ ତହିଁରେ ଭିନ୍ନ ପ୍ରକାରର ରଙ୍ଗ ଦେଖା ପଡ଼ଇ । ଇନ୍ଦ୍ରଧନୁ ପୂର୍ଣ୍ଣ ଅବୟବରେ ଦେଖା ପଡ଼ିଲେ ତହିଁରେ ଦୁଇ ଗୋଟି ଧନୁ ଦେଖାଯାଏ; ତନ୍ମଧ୍ୟରୁ ଗୋଟିକୁ ଅନ୍ତଃସ୍ଥ ଓ ଅନ୍ୟଟିକୁ ବହିଃସ୍ଥ ଧନୁ ବୋଲାଯାଏ । ଅନ୍ତଃସ୍ଥ ଧନୁଟି ଅଧିକ ଉଜ୍ଜ୍ୱଳ ଓ ବହିଃସ୍ଥ ଧନୁଟି ଅଧିକ ପରିମାଣରେ ବିସ୍ତୃତ ଥାଏ । ଗୋଟିକରେ ଯେଉଁ କ୍ରମରେ ରଙ୍ଗମାନ ଦୃଷ୍ଟ ହୁଏ, ଅନ୍ୟଟିରେ ତାହାର ବିପରୀତ ଭାବରେ ଉକ୍ତ ରଙ୍ଗମାନଙ୍କର

କ୍ରମ କୃଷ୍ଣ ହୋଇଥାଏ । ଏହି ଇନ୍ଦ୍ରଧନୁ ଅନ୍ତର୍ହିତ ହେଲେ ସେହି ସ୍ଥାନଟି ଉଜ୍ଜ୍ୱଳ ନୀଳବର୍ଣ୍ଣର ଗୋଟିଏ ଗମ୍ବୁଜର ଆକାର ଧାରଣ କରେ ।

ପ୍ରାଚୀନ କାଳରେ ଗ୍ରୀକ୍ ଓ ରୋମାନ୍ ଜାତୀୟ ଲୋକମାନେ ଇନ୍ଦ୍ରଧନୁ ଉତ୍ପତ୍ତି ହେବାର କାରଣ ବୁଝି ପାରୁ ନ ଥିଲେ । ସେହି ସମୟରେ ଯିହୁଦିମାନେ ଇନ୍ଦ୍ରଧନୁକୁ ପରମ ପୂଜନୀୟ ବୋଲି ଜ୍ଞାନ କରୁଥିଲେ ଓ ଯେଉଁ ଦେଶରେ ଇନ୍ଦ୍ରଧନୁ ଦୃଶ୍ୟ ହେଉଥିଲା ସେହି ଦେଶକୁ ଅତ୍ୟନ୍ତ ପବିତ୍ର ଜ୍ଞାନ କରି ତହିଁରେ ଯଜ୍ଞାଦି କ୍ରିୟାର ଅନୁଷ୍ଠାନ କରୁଥିଲେ । ଯେତେବେଳେ ଜଳର ଧାର ବା ପ୍ରବାହ ପଡୁଥାଏ ଓ ସୂର୍ଯ୍ୟ ସେହି ସମୟରେ ଦୃଶ୍ୟ ହୁଅନ୍ତି ତେବେ ଜଳ ଏବଂ ସୂର୍ଯ୍ୟ ମଧ୍ୟରେ ଦଣ୍ଡାୟମାନ ହେଲେ ଜଳ-କଣାମାନଙ୍କରେ ଇନ୍ଦ୍ରଧନୁ ଦୃଷ୍ଟିଗୋଚର ହୁଏ । ଶିଶିର ବିନ୍ଦୁ କରଣରେ ମଧ୍ୟ ସେବେ, ଇନ୍ଦ୍ରଧନୁ ଦୃଶ୍ୟ ହୁଅଇ । ମାତ୍ର ସେ ସମୟରେ ତହିଁର ରଙ୍ଗ, ଭଲ ସ୍ପଷ୍ଟଭାବରେ ଦୃଶ୍ୟ ହୁଏ ନାହିଁ । ଏହିପରି ଯେବେ ସ୍ଥାନ, ଜଳ କୁଣ୍ଡରୁ ପର୍ବତର ଉଠୁଥାଏ, ଏବଂ ଯଦି ପ୍ରାତଃକାଳରେ କିମ୍ବା ସାୟଂକାଳରେ ସୂର୍ଯ୍ୟ ପୃଷ୍ଠ ଭାଗରେ ଥାନ୍ତି ତେବେ ସେତେବେଳେ ମଧ୍ୟ ଇନ୍ଦ୍ରଧନୁ ଦୃଷ୍ଟିଗୋଚର ହୁଏ ।

# ପାଠ ୩୭ ।

## ସତ୍ୟତା ।

ସତ୍ୟତା ଏପରି ଏକ ଉତ୍ତମ ଗୁଣ ଯେ ତାହାର ସାହାଯ୍ୟରେ ଅତି ମୂର୍ଖ ଲୋକ ମଧ୍ୟ ଆପଣାର ସମସ୍ତ ଜୀବନ ସୁଖରେ ଅତିବାହିତ କରି ପାରେ । ସତ୍ୟବାଦୀ ମନୁଷ୍ୟ ସନ୍ମାର୍ଗରେ ଚଳଇ; ଏବଂ ଆପଣା ଦୃଷ୍ଟାନ୍ତରେ ଅନ୍ୟକୁ ସତ୍‌ଶିକ୍ଷା ଦିଅଇ । ସତ୍ୟବାଦୀ ସର୍ବଦା ଆଦରଣୀୟ ଓ ସକଳ ଲୋକଙ୍କର ବିଶ୍ୱାସପାତ୍ର ହୁଏ । ଯେଉଁ ଲୋକ ସତ୍ୟଯୁକ୍ତ ସେ ଲୋକ ଅନେକ ପାପକର୍ମରୁ ଅନ୍ତର ଥାଏ । ସତ୍ୟ ହେତୁରୁ ଲୋକମାନଙ୍କର ସାଂସାରିକ ସମସ୍ତ ବ୍ୟବହାର ଚଳୁଅଛି । ଯେଉଁ ବ୍ୟବସାୟୀମାନେ ଦ୍ରବ୍ୟାଦି କ୍ରୟ ବିକ୍ରୟରେ ସତ୍ୟ ବ୍ୟବହାର କରନ୍ତି, ସେମାନଙ୍କ ଦୋକାନର କାରବାର ବୃଦ୍ଧି ହୋଇ ବହୁପରିମାଣରେ ଚଳଇ, ଆଉ ଯେଉଁମାନେ କାରବାର ସମ୍ବନ୍ଧରେ ଯଥାର୍ଥ ମୂଲ୍ୟ ନ କହି ଅନ୍ୟକୁ ପ୍ରବଞ୍ଚନା କରନ୍ତି ସେମାନଙ୍କ ଦୋକାନର ବ୍ୟବହାର କାଳକ୍ରମେ ହ୍ରାସ ହୋଇ ଅତି ଅଳ୍ପ ପରିମାଣରେ ଚଳଇ । ଏଣୁକରି ଏପରି ଲୋକେ ସଂସାରରେ ସମ୍ମତ, ଧନ ଓ ସମ୍ପତ୍ତିଶାଳୀ ଦେଖାଯାନ୍ତି ଓ ସେମାନେ ଅଯୌକ୍ତିକ ବ୍ୟାପାରରେ ପ୍ରବୃତ୍ତ ଥାଇ ଅନ୍ୟର ଧନ ଓ ସମ୍ପତ୍ତି ନଷ୍ଟ କରି ପାପର ଫଳ ଭୋଗୀ ହୁଅନ୍ତି । ସତ୍ୟବାଦୀ ଲୋକର ମନ ସଦା ପ୍ରଫୁଲ୍ଲ ଥାଏ । ସତ୍ୟତା ଧର୍ମର ଲକ୍ଷଣ, ମନୁଷ୍ୟର ସର୍ବୋତ୍ତମ ଭୂଷଣ, ଭଲ ମନ୍ଦ ପରୀକ୍ଷାର କଷ୍ଟି ସାଂସାରିକ ବ୍ୟବହାରର ମୂଳକ ସୂତ୍ର, ଓ ଲୋକଙ୍କୁ ବିଶ୍ୱାସ କରାଇବାର ମୂଳ କାରଣ ଅଟେ । ସତ୍ୟ କହିବା ନିମନ୍ତେ ବେଦ, ବାଇବଲ, କୋରାଣ ଆଦି ସବୁ ଧର୍ମପୁସ୍ତକରେ ଉଲ୍ଲେଖ ଅଛି । କବିବର କବୀର ଦାସ କହିଅଛନ୍ତି :—

ନ ଭୁଞ୍ଜିଲ ସତ୍ୟବାଦୀ କେବେହେଁ ଶାସ୍ତି,
ଲଭିଲ ସେ ଏକମାତ୍ର ସତ୍ୟ ମହାଶକ୍ତି ।
ନ ପଡ଼ିଲ କଦାପି ସେ ଶମନ କବଳେ,
ହସିଲ ବାଳକ ସତ୍ୟେ ଏକଲ ଏଣ୍ଡଲେ ।

ପ୍ରତ୍ୟେକ ଧର୍ମରେ ସତ୍ୟଭାଷ ପୁଷ୍ଟି ନିମନ୍ତେ ନାନା ପ୍ରକାର ସଦ୍‌ବାକ୍ୟ ଦେଖାଯାଏ । ସତ୍ୟବାଦୀ ବ୍ୟକ୍ତିର ବଚନ ଅନ୍ୟର ପ୍ରତ ଲାଭଦାୟକ ହୁଏ । ବ୍ୟସନାଶକ୍ତ ଲୋକର ମୁଖରେ କୁକର୍ମର ନିନ୍ଦା ଯେପରି, ମିଥ୍ୟାବାଦୀ ମୁଖରେ ସତ୍ୟଶିକ୍ଷା ସେହିପରି ଲାଗେ ।

ଏକ ସମୟରେ ଶ୍ରୀ ତୁଳସୀ ଦାସ ଗୋସ୍ୱାମୀ ନୈମିଷୁଣ୍ୟ ନଗର ଦେଇ କୌଣସି ଏକ ସ୍ଥାନକୁ ଯାଉଥିଲେ । ବାଟରେ କେତେକ ଦସ୍ୟୁ ଲୋକ ତାଙ୍କୁ ଆକ୍ରମଣ କରିବାରୁ ଗୋସ୍ୱାମୀ କହିଲେ, ଆମ୍ଭ ପାଖରେ ଏତିକି ଦ୍ରବ୍ୟ ଓ ବସ୍ତ୍ର ଅଛି ଏହା ନେଇ ଯାଅ; କିନ୍ତୁ ଦେବମୂର୍ତ୍ତି ନେବା ପାଇଁ ଲାଳସା କର ନାହିଁ । ଦୂରରୁ ଦେଖି କଥ, ଏଥିରେ ଯେତେକ ମୂର୍ତ୍ତି ଅଛନ୍ତି, ସେହି ସ୍ୱର୍ଣ୍ଣ ନିର୍ମିତ ନୁହନ୍ତି । ଯାହାକିଛି ଆମ୍ଭ ପାଖରେ ଥିଲା ତାହା ସରଳଭାବରେ ପ୍ରତିଜ୍ଞାନୁଯାୟୀ ପ୍ରଦାନ କଲୁଁ ।

ଦସ୍ୟୁମାନେ ଆପଣା କାର୍ଯ୍ୟ ସାଧନ କରି ଲେଉଟି ଗଲେ । ଏମାନେ ଅଳ୍ପଦୂର ଯାଇ ନ ଥିବେ ଏହି ସମୟରେ ସରଳ-ସ୍ୱଭାବ ଗୋସ୍ୱାମୀ ତାଙ୍କର ଅନୁଚରଙ୍କୁ କହିଲେ, ମୁଁ ପ୍ରତିଜ୍ଞାନୁସାରେ ସବୁ ପଦାର୍ଥ ଦେଇ; ପରନ୍ତୁ ଯଷ୍ଟିରେ ଜଡ଼ିତ ପ୍ରାୟ ଦୁଇ ଟଙ୍କାର ରୌପ୍ୟ ଅଛି । ତାହା ବାହାର କରି ଦସ୍ୟୁମାନଙ୍କୁ ଦେବାର ଉଚିତ । ଏତିକି ସମ୍ପତ୍ତି ନିମନ୍ତେ ମୁଁ ମିଥ୍ୟାବାଦୀ ହେବାକୁ ଇଚ୍ଛେଁ ନାହିଁ । ତାଙ୍କର ଏ ବାକ୍ୟରେ ଭୃତ୍ୟ ଦୌଡ଼ି ସେମାନଙ୍କ ପାଖକୁ ଯାଇ କହିଲା, ତୁମ୍ଭଙ୍କୁ ସବୁ ପଦାର୍ଥ ଦେବାକୁ ଅଣ୍ଟିରେ ବାଜି ରହି ଯାଇଅଛି, ଭଲ, ତାହା ନେଇ ଯିବ । ଦସ୍ୟୁମାନେ ଅତି ଆନନ୍ଦରେ ଲେଉଟି ଆସିଲେ । ଗୋସ୍ୱାମୀ ଯଷ୍ଟିସ୍ଥିତ ରଜତ ତାହାଙ୍କୁ

ହେଲ "କ୍ଷମା କର, କ୍ଷମା କର" ବୋଲି କହିବାକୁ ଲାଗିଲେ । ଏତେ ମାତ୍ର ମୋହର ଦୋଷ ହେଲା କାରଣ ତୁମ୍ଭେ ଅସତ୍ୟ କହିବାକୁ ପଡ଼ିଲା । ଏଥିରେ ଖଣ୍ଡୁମାନଙ୍କ ଚିତ୍ତରେ ଏମନ୍ତ ଜ୍ଞାନ ଉଦୟ ହେଲା ଯେ ସେମାନେ ଗୋସ୍ୱାମୀଙ୍କ ମାହାତ୍ମ୍ୟ ଦେଖି ଅତୀବ ଲଜ୍ଜିତ ହେଲେ ଏବଂ ଗୋସ୍ୱାମୀଙ୍କ ପଦାର୍ଥ ପ୍ରତ୍ୟର୍ପଣ କରି ଦେବାକୁ ଆଗ୍ରହ କଲେ । ପୁନଶ୍ଚ ତାଙ୍କ ସଙ୍ଗରେ ବୃନ୍ଦାବନ ଯାଇ ଉପଦେଶ ଗ୍ରହଣ କଲେ ।

ଥରେ ମହମ୍ମଦ କାଦର ଗୀଲାନି ବୋଗଦାଦ ନଗରକୁ ଯାଉଥିଲେ । ତାହାଙ୍କଠାରେ ଚାଳିଶ ଗୋଟି ସୁନାର ମୋହର ଥିଲା । ତାଙ୍କର ଜନନୀ ଅନ୍ତିମ ସମୟ ମନେ କରି ସେହି ମୋହର ଗୁଡ଼ିକ ଦେଇଥିଲେ । କୌଣସି ନଗର ନିକଟରେ ପହଞ୍ଚିଲାବେଳେ ଖଣ୍ଡୁମାନେ ତାଙ୍କୁ ବେଷ୍ଟନ କଲେ । ଓ କହିଲେ ତୁମ୍ଭଠାରେ କ'ଣ ପଦାର୍ଥ ଅଛି ? କାଦର ସାହେବ ଉତ୍ତର ଦେଲେ 'କେବଳ ଚାଳିଶ ଗୋଟି ସ୍ୱର୍ଣ୍ଣମୁଦ୍ରା ଆମ୍ଭ ନିକଟରେ ଅଛି ।" ଖଣ୍ଡୁମାନେ ବିଚାର କଲେ ଏ ମିଥ୍ୟା କହୁଅଛି । ଆପଣାର ପଦାର୍ଥକୁ ଅଛି ବୋଲି କେହି କହନ୍ତି ନାହିଁ । ଏହାର ପଶ୍ଚାତ୍ ଆଉ ଜଣେ ଖଣ୍ଡୁ, ସେହିରୂପରେ ପଚାରିବାରୁ ତାଙ୍କୁ ମଧ୍ୟ ସେହିପରି ପ୍ରତ୍ୟୁତ୍ତର ଦେଲେ । ସେ ଏହାଙ୍କୁ ଆପଣା ସରଦାରଙ୍କ ନିକଟକୁ ଧରି ନେଇଗଲାରୁ ସରଦାର କହିଲେ, "ମୋହର ସବୁ କେଉଁଠାରେ ଅଛି, ତାହା ଆମ୍ଭକୁ ଦେଖାଅ ।" କାଦର ସାହେବ ଜାମା ଉପରକୁ ଚିରି ବାହାର କରି ଦେଖାଇ ଦେଲେ । ତାହା ଦେଖି ସରଦାର ବିସ୍ମିତ ହୋଇ କହିଲେ, ତୁମ୍ଭେ କାହିଁକି ସତ୍ୟ ପ୍ରକାଶ କଲ ତୁମ୍ଭ ପାଖରେ ତ ଏହା ସହଜରେ ଲୁଚି ରହିଥିଲା । ଏଥିରେ କାଦର ସାହେବ କହିଲେ କିଣ ମୁଁ ଅସତ୍ୟ କହନ୍ତି ଯାହା କି ପରମେଶ୍ୱରଙ୍କ ଆଦେଶ ଓ ପିତା ମାତାଙ୍କ ଶିକ୍ଷାର ସମ୍ପୂର୍ଣ୍ଣ-ବିରୁଦ୍ଧ ଅଟେ । ଏକଥାରେ ଦଳପତି ଓ ଖଣ୍ଡୁମାନେ ଅତି ଲଜ୍ଜାରେ ପଡ଼ିଲେ ଓ ସରଦାର ପୁନଃ କହିବାକୁ ଲାଗିଲେ, ତୁମ୍ଭେ ଏତେ ଅଳ୍ପ ବୟସରେ ସତ୍ୟ କହୁଅଛ ।

ମୋର ବୟସ ଅତୀତ ହୋଇ ବାର୍ଦ୍ଧକ୍ୟ ଦଶା ଉପସ୍ଥିତ ହେଲଣି, ତଥାପି ସୁଦ୍ଧା ଈଶ୍ୱର ନିକଟରେ ଅପରାଧ କରୁଅଛୁ । ପରିଶେଷରେ ସେମାନେ ମହାଲଜ୍ଜାରେ ପଡ଼ି ସେହିକ୍ଷଣି ଦସ୍ୟୁବୃତ୍ତି ପରିତ୍ୟାଗ କଲେ । ବାଦର ସାହେବ ଅଭ୍ୟାଗମନରେ ବୋଗଦାଦ ସହରରେ ଉପନୀତ ହେଲେ ।

---

## ପାଠ ୩୮ ।

## ଲବଙ୍ଗ ଓ ଏଲାଇଚ ।

### ଲବଙ୍ଗ ।

ଏହି ବୃକ୍ଷ ପ୍ରଥମତଃ କେବଳ ମଲକ୍କା ଦେଶରେ ଉତ୍ପନ୍ନ ହେଉଥିଲା । ପରେ ସେଠାରୁ ଏହାର ବୀଜ ନୀତ ହୋଇ ବୋର୍ବ୍ବୋ ଓ ଦକ୍ଷିଣ ଅମେରିକାରେ ପହଞ୍ଚିଲା । ବର୍ତ୍ତମାନ ଏଦେଶରେ ମଧ୍ୟ ଏହାର ବୃକ୍ଷ ଲଗାଇବାକୁ ଲାଗିଲେଣି । ମାତ୍ର ସେଥିରେ ଫଳ ହୁଏ ନାହିଁ । ଏହି ବୃକ୍ଷ ବଡ଼ ଉଚ୍ଚ ହୁଏ ଏବଂ ଅଠ ନଅ ବର୍ଷ ହେଲେ ଫଳିବାକୁ ଲାଗେ । ଅମ୍ବୋଇନା ଦ୍ୱୀପରେ ଉତ୍ତମ ଲବଙ୍ଗ ଜନ୍ମେ । ଗୋଟିଏ’ ବୃକ୍ଷରେ ପ୍ରତିବର୍ଷ ଲକ୍ଷ’ ଲବଙ୍ଗ ଫଳେ । ପୂର୍ବ କାଳରେ ମଲକ୍କା ଦେଶ, ଯେତେବେଳେ ଡଚ୍‌ମାନଙ୍କ ଅଧୀନରେ ଥିଲା ତେତେବେଳେ ସେମାନେ ଅନ୍ୟ କାହାରିକୁ ଲବଙ୍ଗ ବ୍ୟବସାୟ କରିବାକୁ ନ ଦେଇ ନିଜେ ଯଥେଚ୍ଛା ଦରରେ ବିକ୍ରୀ କରୁଥିଲେ ।

ଲବଙ୍ଗ ବଡ଼ ଉପକାରୀ ପଦାର୍ଥ । ଏଥିରୁ ତେଲ ବାହାର କରନ୍ତି ଏବଂ ଛିଙ୍କି ଛଡ଼ାଇବାପାଇଁ ଏହାକୁ ଭାଜି କରି ଅବା ସେହିପରି ଖାନ୍ତି ।

ପୂର୍ବକାଳରେ ଲବଙ୍ଗ ଏତେଦୂର ମହାର୍ଘ ଥିଲା ଯେ ଏକ ତୋଳା ଲବଙ୍ଗର ମୂଲ୍ୟ ୧୬ ଅଣା ପଡୁଥିଲା ! ବର୍ତ୍ତମାନ ଏକ ଅଣାରେ ପାଞ୍ଚ ଛଅ ତୋଳା ମିଳୁଅଛି ।

## ଏଲାଇଚ ।

ଏଲାଇଚ ବିଶେଷତଃ ଭାରତବର୍ଷ ଓ ତାହାର ନିକଟବର୍ତ୍ତୀ ଉଷ୍ଣ ପ୍ରଧାନ ଦେଶମାନଙ୍କରେ ଉତ୍ପନ୍ନ ହୁଏ । ଏହି ବୃକ୍ଷ ଶୀତ ପ୍ରଧାନ ଦେଶରେ ଉତ୍ପନ୍ନ ହୁଏ ନାହିଁ । ମଲବାର, କୋଚିନ, ମେଙ୍ଗାଲୋର ଆଉ କର୍ଣ୍ଣାଟରେ ଏଲାଇଚ ଉତ୍ପନ୍ନ ହୁଏ । ଏହାର ଗଛ ହଳଦୀ ଗଛପରି । ମଲବାର ପ୍ରଦେଶରେ ଏ ସବୁ ଆପେ୨ ଉଠେ ଆଉ କୌଣସି୨ ସ୍ଥାନରେ ମଧ୍ୟ ଲଗା ଯାଇଥାଏ । ବର୍ଷା କାଳରେ ଏହାର ବୀଜ ବୁଣାଯାଏ ; ପରେ କାର୍ତ୍ତିକ ମାସରେ ଭୂମି ତଳୁଁ ଏଲାଇଚ ବାହାର କରନ୍ତି । ଏହାର ଫସଲ ଦୁଇ ତିନି ମାସ ପର୍ଯ୍ୟନ୍ତ ଥାଏ । ଏଲାଇଚ ବାହାରକୁ ଅଣା ଗଲାପରେ ଯେବେ ଆର୍ଦ୍ର ଥାଏ, ତେବେ ତାହାକୁ ଶୁଖାଇ ଦିଅନ୍ତି । ପରେ ତାହାକୁ ବସ୍ତା ବାନ୍ଧି କରି ଅନ୍ୟ ଦେଶକୁ ପଠାଇ ଦିଅନ୍ତି । ମଲବାରରୁ ପ୍ରତିବର୍ଷ ଶତ୨ ମହଣ ଏଲାଇଚ ଇଂଲଣ୍ଡ ପ୍ରଭୃତି ଦେଶମାନଙ୍କୁ ଯାଉଅଛି । ଏଲାଇଚ ସୁସ୍ୱାଦୁ ଅଟେ । ଏହାକୁ ସର୍ବଦା ଖାଦ୍ୟ ପଦାର୍ଥରେ ପକାନ୍ତି ଏବଂ ଏହାର ଅନେକ ଔଷଧରେ ମଧ୍ୟ ବ୍ୟବହୃତ ହୁଏ । ମଲବାର ଦେଶର କୌଣସି୨ ଅଂଶରେ ଏପରି ପ୍ରଥା ଅଛି ଯେ ଯେଉଁ କ୍ଷେତ୍ରରେ ଏଲାଇଚ ଉତ୍ପନ୍ନ ହୁଏ, ତାହାର ନିକଟବର୍ତ୍ତୀ ଭୂମିରେ ଆଉ ଯେଉଁ ଯେଉଁ ବୃକ୍ଷମାନ ଥାଏ, ସେ ସବୁକୁ କାଟି ପକାନ୍ତି । ଏହି ହେତୁରୁ ବିନା ପ୍ରଯତ୍ନରେ ଏଲାଇଚ ଉତ୍ପନ୍ନ ହେବାକୁ ଲାଗେ ।

# ପାଠ ୩୯ ।

## ରାଜ୍ୟ-ଶାସନ ।

ପ୍ରଥମରେ କମ୍ପାନିର କର୍ମଚାରୀମାନେ ଏହି ଦେଶକୁ କେବଳ ବାଣିଜ୍ୟ କରିବା ନିମନ୍ତେ ଆସିଥିଲେ । ପରନ୍ତୁ ବ୍ୟାପାରର ରକ୍ଷା, ଉନ୍ନତି ଏବଂ ଶତ୍ରୁମାନଙ୍କଠାରୁ ରକ୍ଷା ପାଇବା ନିମନ୍ତେ ଯେତେବେଳେ ସେମାନେ କଲିକତା, ବୋମ୍ବାଇ ଏବଂ ମାନ୍ଦ୍ରାଜ ନଗର ସ୍ଥାପନ କଲେ, ସେତେବେଳେ ପ୍ରତ୍ୟେକ ନଗରରେ ତହିଁର ତତ୍ତ୍ୱାବଧାନ ନିମନ୍ତେ ସେମାନଙ୍କୁ ଗୋଟିଏ ଗବର୍ଣ୍ଣର ଓ ସଭ୍ୟ ନିଯୁକ୍ତ କରିବାକୁ ପଡ଼ିଲା । ଏମାନଙ୍କ ଦ୍ୱାରା ନଗରରେ ଶାସନ ଆଦି ସବୁର କାର୍ଯ୍ୟ ଚଳୁଥିଲା । ସେମାନେ ପରସ୍ପର ସ୍ୱାଧୀନ ଥିଲେ । ମାତ୍ର ଯେତେବେଳେ ପଲାଶୀ ଓ ବକ୍ସରର ଯୁଦ୍ଧରେ କୃତକାର୍ଯ୍ୟ ହେବାରୁ କମ୍ପାନିର ରାଜ୍ୟ ଦୂରକୁ ବିସ୍ତୃତ ହୋଇଗଲା ସେତେବେଳେ ସେମାନେ ବଙ୍ଗରେ ସନ ୧୭୭୩ ଇସ୍ୱୀରେ ୱାରେନ୍ ହେଷ୍ଟିଂସଙ୍କୁ ଗବର୍ଣ୍ଣର ଜେନେରାଲ ପଦରେ ନିଯୁକ୍ତ କରି ପଠାଇଲେ ଓ ତାଙ୍କୁ ମାନ୍ଦ୍ରାଜ ଏବଂ ବୋମ୍ବାଇର ଗବର୍ଣ୍ଣରଙ୍କ ଉପରେ ଅଧିକାର ଦେଲେ । ଗବର୍ଣ୍ଣର ଜେନେରାଲ ସାହେବଙ୍କୁ ମତ ଏବଂ ସାହାଯ୍ୟ ଦେବା ନିମନ୍ତେ କଲିକତାରେ ଗୋଟିଏ ସଭ୍ୟ ସଭା ଗଠିତ ହେଲା ।

ୱାରେନ୍ ହେଷ୍ଟିଂସ ଜଣେ ପ୍ରସିଦ୍ଧ ବ୍ୟକ୍ତି ଥିଲେ । ତାହାଙ୍କୁ ଭାରତବର୍ଷର ଅନେକ ବିଷୟ ଜଣାଥିଲା । ସେ ସନ ୧୭୫୦ ଇସ୍ୱୀରେ ଇଷ୍ଟ ଇଣ୍ଡିଆ କମ୍ପାନିର କାର୍ଯ୍ୟରେ ପ୍ରବେଶ କଲେ । ସେ ପଲାଶୀ ଯୁଦ୍ଧରେ ଉପସ୍ଥିତ ଥିଲେ ଓ ବଙ୍ଗ ଓ ମାନ୍ଦ୍ରାଜର ଭିନ୍ନ ସ୍ଥଳରେ କାର୍ଯ୍ୟ କରି ସାରିଥିଲେ ।

ଏହା ବ୍ୟତୀତ ଅଦାଲତ, ଲଗା ଯାଉଥିବା ଜମି ଓ ସରକାରୀ କର ଆଦାୟ ସମ୍ବନ୍ଧରେ ସେ ବଙ୍ଗ ପ୍ରଦେଶରେ ଯେଉଁ/ ଆଇନ ଓ ନୂତନ ବନ୍ଦୋବସ୍ତମାନ କରି ଯାଇଥିଲେ ସେ ସବୁ ନିମ୍ନରେ ଲେଖା ଯାଉଅଛି ।

(୧) ସୁପ୍ରିମ କୋର୍ଟ ଅର୍ଥାତ୍ ନ୍ୟାୟସଭା ଗଠିତ ହେଲା; ଏବଂ ଏହି ସଭାକୁ ପ୍ରଦେଶର ସମସ୍ତ ଅଦାଲତ ପରିଦର୍ଶନ କାର୍ଯ୍ୟର ଅଧିକାର ଦିଆଗଲା । ଏଥିର ଜଜ୍ ଅଥବା ନ୍ୟାୟାଧୀଶ ବିଲାତରୁ ନିଯୁକ୍ତ ହୋଇ ଆସୁଥିଲେ । ଏରୂପ ନ୍ୟାୟସଭା ସମ୍ପ୍ରତି ଭାରତବର୍ଷର ପ୍ରତ୍ୟେକ ପ୍ରଦେଶରେ ଅଛି । କେବଳ ନାମ ଭିନ୍ନ ଅଛି ।

ତାହା କୌଣସିଠାରେ ହାଇ କୋର୍ଟ, କେଉଁଠାରେ ଚିଫ୍ କୋର୍ଟ ବା ଜୁଡିସିଆଲ କମିସନରଙ୍କ ଅଦାଲତ ନାମରେ କଥିତ ହୁଏ ।

(୨) ଭାରତବର୍ଷରେ ସମସ୍ତ ଭୂମିର ଅଧିକାରୀ ରାଜା ବୋଲି ବିବେଚିତ ହୁଅନ୍ତି । ତାହାଙ୍କ ଅଧୀନସ୍ଥ ଗ୍ରାମମାନଙ୍କ ଉପରେ ଜମିଦାରମାନଙ୍କର ଏବଂ ପରିଶେଷରେ କ୍ଷେତ୍ରମାନଙ୍କ ଉପରେ ପ୍ରଜାମାନଙ୍କର ସ୍ୱତ୍ୱ ଥାଏ । ମାତ୍ର ଏଥିର କୌଣସି ଲିଖିତ କାଗଜ ପତ୍ର ଥିଲା ନାହିଁ । ରାଜାଙ୍କ ପକ୍ଷରୁ ଜମିଦାରମାନଙ୍କ ଉପରେ ଓ ଜମିଦାରମାନଙ୍କ ପକ୍ଷରୁ ରୟତମାନଙ୍କ ଉପରେ ଘୋର ଅତ୍ୟାଚାର ହେଉଥିଲା । ଜଣେ ଅନ୍ୟର ଉପରେ ଇଚ୍ଛାନୁରୂପ କର ହ୍ରାସ, ବୃଦ୍ଧି କରି ପାରୁଥିଲେ । ହେଷ୍ଟିଂସ ଜମିଦାରମାନଙ୍କଠାରୁ ସରକାରୀ ଉଚିତ କର ଆଦାୟ କରିବା ନିମନ୍ତେ ବନ୍ଦୋବସ୍ତ କଲେ । ଏହା ହେବାରୁ ଜମିଦାରମାନେ ଯଥେଷ୍ଟ ରୟତମାନଙ୍କ ଉପରେ ଅତ୍ୟାଚାର କରି ପାରିଲେ ନାହିଁ । ମାତ୍ର ସେହି ସମୟରେ ଇଂରେଜମାନେ ଭୂମି-ସମ୍ବନ୍ଧୀୟ ବିଷୟମାନ ଅବଗତ ନ ଥିଲେ । ଏଥିପାଇଁ ବନ୍ଦୋବସ୍ତ ସନ୍ତୋଷଜନକ ନ ହେଲା ।

(୩) ୱାରେନ୍ ହେଷ୍ଟିଂସ ପ୍ରଥମରେ ମାଜିଷ୍ଟ୍ରେଟ୍ ଓ କଲେକ୍ଟରମାନ ନିଯୁକ୍ତ କଲେ । ଏରୂପ କରିବାରେ ତାହାଙ୍କ ଅଭିଳାଷ ଏହା ଥିଲା କି ସରକାରର ଉଚିତ କର ଆଦାୟ ହେବ; ଜମିଦାରମାନେ ରୟତମାନଙ୍କୁ ଉତ୍ପୀଡ଼ନ କରି ନ ପାରନ୍ତୁ; ଅଉ ସୁବିଚାର ମଧ୍ୟ ହେବ । ଏହି

ପ୍ରଦେଶରେ ମାଞ୍ଚେଷ୍ଟର ଓ ବରମିଂହାମରେ ତିଆରି ବସ୍ତ୍ରର ଅର୍ଥାତ୍ କଳ ଶାସନ ହୋଇଯାଏ ।

ଲର୍ଡ ୱେଲେସ୍ଲିଙ୍କର ଶାସନରେ ଦୁଇଗୋଟି ବଡ଼ ଯୁଦ୍ଧ ହୋଇଥିଲା ୧ମ ମରହଟ୍ଟାମାନଙ୍କର ସହିତ ; ୨ୟ ମହୀଶୂରର ହୈଦର ଅଲି ସହିତ ।

ପୂର୍ବରୁ ପୁସ୍ତକରେ ଲିଖିତ ହୋଇଅଛି ଯେ ମରହଟ୍ଟାମାନେ ଏକଦଳ ଲୁଣ୍ଠନକାରୀ ଥିଲେ । ସେମାନେ ନିକଟବର୍ତ୍ତୀ ପ୍ରଦେଶ ଓ ରାଜାମାନଙ୍କଠାରୁ ଚୌଥ ଆଦାୟ କରୁଥିଲେ । ଶିବାଜୀ ସେମାନଙ୍କ ମଧ୍ୟରୁ ଅତ୍ୟନ୍ତ ପ୍ରସିଦ୍ଧ ଏବଂ ବଳବାନ ରାଜା ଥିଲେ । ତାଙ୍କ ମୃତ୍ୟୁ ଉତ୍ତାରୁ ତାଙ୍କ ଉତ୍ତରାଧିକାରୀ ରାଜାମାନେ ଦୁର୍ବଳ ହୋଇଗଲେ ଏବଂ ତହିଁ ଫଳରେ ତାଙ୍କର ମନ୍ତ୍ରୀ ପେଶବାମାନଙ୍କର ପରାକ୍ରମ ବୃଦ୍ଧି ହେଲା । କ୍ରମେ ପେଶବାମାନଙ୍କର ପରାକ୍ରମ ମଧ୍ୟ ହ୍ରାସ ହେବାକୁ ଲାଗିଲା ଏବଂ ଅବଶେଷରେ ସେମାନେ ନାମ ମାତ୍ରରେ ମରହଟ୍ଟାମାନଙ୍କର ରାଜା ରହିଗଲେ ।

ମରହଟ୍ଟାମାନଙ୍କର ଚାରି ଗୋଟି ବଡ଼ ସର୍ଦ୍ଦାର ଥିଲେ ଯଥା ସିନ୍ଧିଆ, ହୋଲକାର, ଗାଇକୱାଡ଼ ଓ ଭୋଁସଲା । ସେମାନେ ପରସ୍ପରରେ ଏହି ବିଷୟ ନେଇ ବିବାଦରେ ପ୍ରବୃତ୍ତ ହେଲେ ଯେ ପେଶବା କିଏ ହେବ ? ଏବଂ ଏହି କାରଣରୁ ସେମାନେ ଇଂରେଜମାନଙ୍କ ସାହାଯ୍ୟ ଇଚ୍ଛା କଲେ ; ମାତ୍ର ପଶ୍ଚାତ୍ ସେ ସମସ୍ତେ ମିଳିତ ହୋଇ ଇଂରେଜମାନଙ୍କ ସହିତ ଯୁଦ୍ଧ କଲେ । ଏମାନଙ୍କୁ ସେମାନେ ଦୁଇ ସମୟରେ ପରାଜିତ କଲେ କିନ୍ତୁ (୧୮୦୩) ଖ୍ରୀଷ୍ଟାବ୍ଦରେ ଲର୍ଡ ୱେଲେସ୍ଲି ଏକ ବଡ଼ ସେନା ବୋମ୍ବାଇକୁ ପ୍ରେରଣ କଲେ । ସେମାନେ ଗୁଜରାଟର ଅନେକ ଅଂଶ ଜୟ କରି ନେଲେ । ଅନ୍ୟ ଏକ ସେନା ମଧ୍ୟ ହିନ୍ଦୁସ୍ଥାନକୁ ପ୍ରେରଣ କଲେ । ଏମାନେ ଭରତ-ପୁରକୁ ପରାଜୟ କଲେ ।

ହୈଦର ଅଲି ମହୀଶୂରର ପୁରାତନ ହିନ୍ଦୁରାଜାଙ୍କୁ ସିଂହାସନ ଚ୍ୟୁତ କରି ସ୍ୱୟଂ ସେଠାରେ ନବାବ ହୋଇଥିଲେ ଏବଂ କ୍ରମରେ ଅତ୍ୟନ୍ତ ବଳବାନ୍

ହେଲେ । ସେ କର୍ଣ୍ଣାଟ ଆକ୍ରମଣ କରି ମାନ୍ଦ୍ରାଜ ନେବା ନିମନ୍ତେ ଇଚ୍ଛା କରିଥିଲେ; କିନ୍ତୁ ଭୟରୁ ଇଂରାଜମାନେ ବହୁ ମୁଦ୍ରା ପ୍ରଦାନ କରି ତାଙ୍କ ସହିତ ସନ୍ଧି କଲେ । ସନ ୧୭୮୨ ଖ୍ରୀଷ୍ଟାବ୍ଦରେ ଯେତେବେଳେ ହାଇଦର ଅଲ୍ଲି ପରଲୋକ ଯାଇଁ । ସେତେବେଳେ ତାଙ୍କ ପୁଅ ଟିପୁ ସୁଲତାନ୍ ମହୀଶୂରର ନବାବ ହେଲେ ।

ବାର ବର୍ଷ ଏଠାରେ ଶାସନ କରି ସାହେବଙ୍କ ଉତ୍ତାରୁ ସନ ୧୭୮୫ ଖ୍ରୀଷ୍ଟାବ୍ଦରେ ୱାରେନ୍ ହେଷ୍ଟିଂସ୍ ଇଂଲଣ୍ଡକୁ ଫେରି ଗଲେ । ଶାସନକାଳ ପରି ଏହାଙ୍କର ମଧ୍ୟ ଅନେକ ଶତ୍ରୁ ସୃଷ୍ଟି ହୋଇ ଯାଇଥିଲେ । ଏମାନେ ବିଲାତରେ ଏହାଙ୍କ ନାମରେ ମୋକଦ୍ଦମା ଉପସ୍ଥିତ କଲେ; କିନ୍ତୁ ଅବଶେଷରେ ସେ ନିରପରାଧୀ ପ୍ରମାଣିତ ହେଲେ । ଭାରତବର୍ଷରେ ୱାରେନ୍ ହେଷ୍ଟିଂସ୍ କେତେକ ଅତ୍ୟାଚାର ଓ ଅନ୍ୟାୟ ଅବଶ୍ୟ କରିଥିଲେ । ପ୍ରଦେଶକୁ ତାହାଙ୍କ ଶାସନଦ୍ୱାରା ଯେଉଁ ଲାଭ ହେଲା ଏବଂ ହାଇଦର ଅଲ୍ଲି ଓ ମରହଟ୍ଟାମାନଙ୍କ ଉପରେ ସେ ଯେଉଁ ବିଜୟ ଲାଭ କଲେ ଏହି ସବୁ ବିଚାର କଲେ ତାହାଙ୍କ ରାଜ୍ୟ ଶାସନର ଦୋଷ ଲଘୁ ଜଣା ପଡ଼ଇ । ୱାରେନ୍ ହେଷ୍ଟିଂସଙ୍କ ଉତ୍ତାରୁ ଲର୍ଡ କର୍ଣ୍ଣୱାଲିସ୍ ଗବର୍ଣ୍ଣର ଜେନେରଲ୍ ନିଯୁକ୍ତ ହୋଇ ଆସିଲେ । ସେହି ସମୟରେ ଇଂରେଜ ଓ ଟିପୁ ସୁଲତାନଙ୍କ ମଧ୍ୟରେ ସନ୍ଧି ହୋଇଥିଲା । ସନ ୧୭୮୯ ଖ୍ରୀଷ୍ଟାବ୍ଦରେ ଟିପୁ ସୁଲତାନ ଇଂରେଜମାନଙ୍କ ମିତ୍ର ତ୍ରିବାଙ୍କୋରର ରାଜାଙ୍କୁ ଆକ୍ରମଣ କଲେ, ଏଣୁକରି ଲର୍ଡ କର୍ଣ୍ଣୱାଲିସ୍ ହାଇଦରାବାଦର ନିଜାମ ଓ ପେଶୱାଙ୍କ ସହିତ ମିଳିତ ହୋଇ ମହୀଶୂର ଆକ୍ରମଣ କଲେ । ଯୁଦ୍ଧରେ ଟିପୁ ପରାଜିତ ହେବାରୁ ତାଙ୍କୁ ଆପଣାର ଅର୍ଦ୍ଧ ରାଜ୍ୟ ଦେଇ ଇଂରେଜମାନଙ୍କ ସହିତ ସନ୍ଧି କରିବାକୁ ପଡ଼ିଲା । ଏଥିଉତ୍ତାରୁ ମରହଟ୍ଟା ଓ ନିଜାମଙ୍କ ମଧ୍ୟରେ ଦ୍ୱେଷ ବୃଦ୍ଧି ହେବାରୁ ଖରଦାର କ୍ଷେତ୍ରରେ ମରହଟ୍ଟାମାନେ ତାହାଙ୍କୁ ସମ୍ପୂର୍ଣ୍ଣରୂପେ ପରାଜୟ କଲେ । ବର୍ତ୍ତମାନ ଏମାନେ ଇଂରେଜମାନଙ୍କ ଶେଷକୁ ବଳବାନ୍ ଶତ୍ରୁ ରହିଲେ ।

ସବାପେକ୍ଷା ପ୍ରସିଦ୍ଧ ବିଷୟ ଏହି ଯେ ଲର୍ଡ କର୍ଣ୍ଣୱାଲିସଙ୍କ ସମୟରେ ବଙ୍ଗପ୍ରଦେଶରେ ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିଲା । ତଦନୁସାରେ ସେଠାର ଭୂମିର କର ସର୍ବଦା ନିମନ୍ତେ ଧାର୍ଯ୍ୟ ହୋଇଅଛି । ଏହି ବନ୍ଦୋବସ୍ତ ଉପରେଇ ହେଷ୍ଟିଂସଙ୍କର ବନ୍ଦୋବସ୍ତକୁ ମଧ୍ୟ ମନ୍ଦତର ହେଲା । କାରଣ ଏତଦ୍ଦ୍ୱାରା ସରକାରର କୋଟି ୨ ଟଙ୍କା କ୍ଷତି ଓ ବଙ୍ଗର ଜମିଦାରମାନଙ୍କର ତଦନୁରୂପ ଲାଭ ହେଲା ।

ବଙ୍ଗର ଜମିଦାରମାନଙ୍କ ଉପରେ ଯେଉଁ କର ନିର୍ଦ୍ଦିଷ୍ଟ ଅଛି ତାହା ଭାରତବର୍ଷର ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ନିତାନ୍ତ ନ୍ୟୂନ ଅଟେ । ଏଥି ନିମନ୍ତେ ସେଠାର ଜମିଦାରମାନେ ଅତ୍ୟନ୍ତ ଧନାଢ୍ୟ ହୋଇଅଛନ୍ତି ମାତ୍ର ସେମାନଙ୍କର ରୟତମାନଙ୍କର କିଛି ଲାଭ ନାହିଁ ।

---

## ପାଠ ୪୦ ।

## ସ୍ୱାସ୍ଥ୍ୟରକ୍ଷା, ୧ମ ଭାଗ ।

### ରୋଗ ।

କୌଣସି ୨ ଲୋକ କହନ୍ତି ଯେ ରୋଗର ଜନ୍ମ ଦୁର୍ଘଟନା ଯୋଗରୁ ହୁଏ; ଏଥିରେ ଆମ୍ଭର କିଛି ଅଧିକାର ନାହିଁ । ଏହା ସେମାନଙ୍କର ଭ୍ରମ ଅଟେ । ରୋଗ ଉତ୍ପନ୍ନ ହେବାର କାରଣ ଅବଶ୍ୟ ଥିବ; କାରଣ କୌଣସି କର୍ମ ବିନା କାରଣରୁ ହୋଇ ନ ପାରେ । ବିଶେଷତଃ ମନ୍ଦ ଯୋଗରୁ ଓ ଅପଥ୍ୟ ଭୋଜନରୁ ମନୁଷ୍ୟକୁ ପୀଡ଼ା ହୋଇଥାଏ ।

ପୀଡିତ ହେଲେ ମନୁଷ୍ୟ ଦୁର୍ବଳ ହୋଇ ନିଜର ଓ କୁଟୁମ୍ବର

ପ୍ରତିପୋଷଣ କରିବାରେ ଯଥାରୀତି ଚେଷ୍ଟା କରନ୍ତି । ସୁତରାଂ ରୋଗୀଙ୍କୁ ଏକ ରୋଗ ମାତ୍ର ବସିଲେ ସବୁ ବୋଧ ହୁଏ । ମନୁଷ୍ୟ ଭଲଥିଲେ କିଛି ଅପଥ୍ୟା କାର୍ଯ୍ୟ କରି ଅନ୍ୟର ମଧ୍ୟ ସହାୟତା କରିପାରେ । ଯେବେ ସ୍ୱାଭାବ୍ୟ ଲୋକ ମଧ୍ୟ ପୀଡ଼ିତ ହେଲେ ଦୁଃଖିତ ଥାନ୍ତି ; ତେବେ ଦୁଃଖିଲୋକ ପୀଡ଼ିତ ହେଲେ କେତେ ଦୂର ଅବା ଦୁଃଖିତ ନ ହେବ ? ଉତ୍ତମ ଖାଦ୍ୟାଦି ନିଷ୍ଟରେ କପଡ଼ ଔଷଧ ଏବଂ ଭଲ ବୈଦ୍ୟଙ୍କୁ ଟଙ୍କା ଦେଇ ପାରିବ ? ଏପରି ଅବସ୍ଥାରେ ଗରିବ ଲୋକଙ୍କୁ ଋଣ କରିବାକୁ ପଡ଼େ ଏବଂ ଏଥିରେ ତାହାଙ୍କୁ ଆଉ ତାହାର କୁଟୁମ୍ବ ଲୋକଙ୍କୁ ବିଶେଷ ଦୁଃଖ ଭୋଗିବାକୁ ହୁଏ ।

ରୋଗୀ ଭ୍ରମକ୍ରମେ ଅଶୁଦ୍ଧ ପଦାର୍ଥ ଭୋଜନ କଲେ ଆଉ ଅପରିମିତ-ରୂପେ ସ୍ନାନ କଲେ ପୀଡ଼ା ବିଶେଷତଃ ବୃଦ୍ଧି ହୁଏ । ଯେବେ କୌଣସି ଲୋକ ପୀଡ଼ିତ ହେବ, ତେବେ ତାହାକୁ କର୍ତ୍ତବ୍ୟ ଯେ ପରିଷ୍କାର ପ୍ରଦେଶ ବିଶ୍ରାମ କରିବାକୁ ହେବ ଓ ଏପରି ବସ୍ତ୍ର ଦ୍ୱାରା ଶରୀରକୁ ଆବୃତ ରଖିବାକୁ ହେବ ଯେପରି ଶରୀର ନିରନ୍ତର ଗରମ ରହି ଆଉ ଆରାମ ବୋଧ ହେବ । ମାଂସ ପ୍ରଭୃତି ଯେଉଁ ଆହାର କରୁଥାଏ ତାହା ନ କରି ଲଘୁପାକ ପଦାର୍ଥ ଭୋଜନ କଲେ ପୀଡ଼ା କମିଯାଏ ।

ଦେଶରେ ପୀଡ଼ା ଆସିବାକାଳେ ଲୋକମାନଙ୍କର ଉଚିତ ଯେ ଜଳ ଓ ବାୟୁ ପରିଷ୍କାର ପକ୍ଷରେ ବିଶେଷ ଦୃଷ୍ଟି ଦେବେ । ଯେଉଁ ଶସ୍ୟ, ଖାଦ୍ୟ, ପଦାର୍ଥରୁ ଦୁର୍ଗନ୍ଧ ବାୟୁ ନିର୍ଗତ ହେଉଥାଏ ସେପରି ପଦାର୍ଥ ଗ୍ରାମରେ ନ ରଖି ଗାଁରୁ ଅପସାରିତ କରି ଦେଉଥିବେ, ଅଥବା ଖୁସିଆ ମାଟିରେ ପୋତି ପକାଉଥିବେ । ପୀଡ଼ା ହେବା କାଳେ ନିର୍ମଳ ବାୟୁ ସେବନ-କରିବା ନିତାନ୍ତ ଆବଶ୍ୟକ । ପୀଡ଼ିତ ଲୋକମାନଙ୍କର ଦେହରୁ ଅନେକ ଅନିଷ୍ଟକର ମଇଳା ପଦାର୍ଥ ବାହାରି ଥାଏ ; ତାହା ବହୁଧା ଦୁର୍ଗନ୍ଧବିଶିଷ୍ଟ ଥାଏ । କୌଣସି ସମୟରେ ରୋଗୀ ଗୋଟିଏ କ୍ଷୁଦ୍ର କୋଠରୀରେ ପଡ଼ି-ଥାଏ ଆଉ ଅନେକ ଲୋକ ତାହାକୁ ଦେଖିବା ପାଇଁ ସେହି କୋଠରୀ

ଶରୀରକୁ ଯାଇ କୋଠରୀର ବାୟୁକୁ ଶ୍ୱାସରେ ଅଧିକ ଦୂଷିତ କରି ଦିଅନ୍ତି ।

ରୋଗୀ ପକ୍ଷରେ, ଆଉ ଯେଉଁମାନେ ସେହି କୋଠରୀରେ ଥାଆନ୍ତି ସେମାନଙ୍କର ପକ୍ଷରେ ସେହି ଦୂଷିତ ବାୟୁ କ୍ଷତିକାରକ । ରୋଗୀ ବିଶେଷରୂପେ ଶାନ୍ତିକ ହୋଇ ନ ଥିଲେ, ଅଳ୍ପ ଗରମ ଜଳରେ ଖଣ୍ଡେ ଲୁଗା ବୁଡ଼ାଇ ସେଥିରେ ତାହାର ଦେହକୁ ଏକ ଦୁଇଥର ଦିନେ ପୋଛି ଦେଉଥିବ । ପାନୀୟ ଜଳ ମଧ୍ୟ ଉତ୍ତମରୂପେ ପରିଷ୍କାର ଥିବା ଆବଶ୍ୟକ । ଯେଉଁ ପୁଷ୍କରିଣୀ ବା କୂପରେ କୁଟା, କାଠି ଓ ପତ୍ରାଦି ପଡ଼ିଥାଏ ବା କପଡ଼ା ଧୋଇ ହୁଅଥାଏ ଅଥବା ଯେଉଁ ପୁଷ୍କରିଣୀ ନିକଟରେ ରୋଗୀ ଥାଏ, ସେଥିର ଜଳ ପାନ-ଭୋଜନରେ ବ୍ୟବହାର କରିବା ଅନୁଚିତ ।

କଣ୍ଠ ଦନ୍ତ ଓ ଦନ୍ତମାଂସ ରୋଗ ନିବାରଣ କରିବା ନିମନ୍ତେ ସ୍ନାନ ଆବଶ୍ୟକ । ଶରୀରରେ କ୍ଷୁଦ୍ର ଅସଂଖ୍ୟ ଛିଦ୍ର ଅଛି । ସେ ସବୁ ସ୍ୱେଦ ନିର୍ଗତ ହେବାର ଦ୍ୱାର ଅଟେ । ସ୍ନାନ କରିବାବେଳେ ଉକ୍ତ ଛିଦ୍ରର ମୁଖ ଖୋଲା ହୋଇ ଶରୀରର ମଇଳା ଅଂଶ ସ୍ୱେଦ ସହିତରେ ସେହି ଛିଦ୍ର ଦ୍ୱାରା ବହିର୍ଗତ ହୁଏ । ମଇଳା ପଦାର୍ଥ ଦ୍ୱାରା ଛିଦ୍ରସମୂହର ମୁଖ ବନ୍ଦ ହୋଇଯାଏ । ଏଣୁ ମଇଳା ପଦାର୍ଥ ସବୁ ବହିର୍ଗତ ହୋଇ ପାରେ ନାହିଁ । ଶରୀର ପରି ପିନ୍ଧିବା ଲୁଗା 'ବସ୍ତ୍ରାଦି ମଧ୍ୟ ପରିଷ୍କାର ରଖିବା ଉଚିତ । କାରଣ ଶରୀରରୁ ବାହାରି ଥିବା ଅନିଷ୍ଟକର ପଦାର୍ଥ ବସ୍ତ୍ରରେ ଲାଗିଥାଏ ଏବଂ ପୁନଶ୍ଚ ଶରୀରରେ ଘର୍ଷଣ ହୋଇ ବ୍ୟାଧି ଉତ୍ପାଦନ କରେ । ସର୍ବଦା ପରିଷ୍କାର ବସ୍ତ୍ର ପରିଧାନ ଓ ସ୍ୱାସ୍ଥ୍ୟପ୍ରଦ ପଦାର୍ଥ ଭୋଜନ କରିବା ଉଚିତ । ରୋଗୀ ମନୁଷ୍ୟ ନିକଟରେ ଜାଡ଼, ଜଳ, ଦ୍ରବ୍ୟ ଆଦି ଯେତେ ଆବଶ୍ୟକ ତହିଁରୁ ଅଧିକ ରଖିବ ନାହିଁ । କୌଣସି 'ମନୁଷ୍ୟ ଦୁର୍ବଳ ଅବସ୍ଥାରେ ଥିବାବେଳେ ରୋଗ ଆକ୍ରମଣକୁ ସହିବ ନାହିଁ ବୋଲି ଦୁଗ୍ଧ ପାନ ଖାଇ ଶୋଇବା ଏହା ଅନୁଚିତ ଓ ହାନିକାରକ ଅଟେ । କାରଣ


ଏହା ଶରୀରକୁ ଦୁର୍ବଳ କରି ପକାଏ । ଏଥିର ଯେ ଉତ୍ତମ ଔଷଧ ବର୍ତ୍ତମାନ ଜଣା ପଡ଼ିଅଛି ତାହା କୁଇନାଇନ ଅଟେ । ଏହା ଏକ ବୃକ୍ଷ ବକଳରୁ ପ୍ରସ୍ତୁତ । ଗରିବ ଲୋକଙ୍କ ସୁବିଧା ପାଇଁ ଏକ ପଇସାର ପୁଡ଼ିଆ ପ୍ରସ୍ତୁତ ହୋଇ ଅନେକ ଡାକଘରେ ବିକ୍ରି ହେଉଅଛି । ଏଥିରେ ବିଶେଷ ଲୋକ ଶୀଘ୍ର ଆରାମ ହେଉଅଛନ୍ତି ।

ଅମ୍ଳ ଯକୃତ ପ୍ଲୀହା ରୋଗମଧ୍ୟ ଲୋକଙ୍କୁ ନିତାନ୍ତ ଦୁର୍ବଳ କରିଦିଏ । ଏହି ରୋଗ ବଢ଼ିଗଲେ ଶରୀର ଏକ ଅସାର ହୋଇଯାଏ; ଏ ସବୁ ଅସାଧ୍ୟ ରୋଗ ଅଟେ; କାରଣ ଏ ରୋଗମାନଙ୍କରୁ ବଞ୍ଚିବା ସୁକଠିଣ । ଯେଉଁ ଉପାୟରେ ଲୋକେ ଜ୍ୱରରୁ ନିସ୍ତାର ପାଉଅଛନ୍ତି ସେହି ଉପାୟରେ ଏହି ରୋଗମାନଙ୍କରୁ ମଧ୍ୟ ବଞ୍ଚି ପାରନ୍ତି । ଭୋଜନ ବିଷୟରେ ସାବଧାନ ଥିବ; ଅଧିକ କଞ୍ଚା ଓ ସଢ଼ା ଫଳ ବା ଗୁରୁପାକ ପଦାର୍ଥ କଦାପି ଭୋଜନ କରିବ ନାହିଁ । ସର୍ବଦା ଶରୀରକୁ ଗରମ ରଖିଥିବ ଏବଂ ପେଟରେ ଅନ୍ତ୍ରରେ ବାୟୁ ଯେପରି ଲାଗି ନ ପାରିବ ତଦ୍ୱିଷୟରେ ସାବଧାନ ଥିବ ।

## ପାଠ ୪୯ ।

## କୃଷିବିଦ୍ୟା ୧୬ଶ ଭାଗ ।

### ଲଙ୍ଗଳର ଯନ୍ତ୍ରାଂଶ ।



ଲଙ୍ଗଳ ।

ଯନ୍ତ୍ର ମନୁଷ୍ୟ ଅଥବା ପଶୁମାନଙ୍କ ସ୍ଥଳରେ କାର୍ଯ୍ୟକାରକ ହୁଏ ; ଏତଦ୍ଦ୍ୱାରା ଅଳ୍ପ ମନୁଷ୍ୟ ଅନେକ ମନୁଷ୍ୟର କାର୍ଯ୍ୟ ସମ୍ପାଦନ କରି ପାରନ୍ତି । ଏହେତୁରୁ ଯନ୍ତ୍ର ଅଧିକ ପରିଶ୍ରମରୁ ବଞ୍ଚାଇ ଦିଏ । ବସ୍ତୁତ ପରିଶ୍ରମରେ ଦୂର ଯେତକ ହୁଇଟି ତେତକ ଅଳ୍ପ ଲାଭ ହେବ । ଭାରତବର୍ଷରେ ଲୁଗା କାଣ୍ଡିର ଦେଶିକ ଭୂମି ୬ ୦ ୬/ ଓ ସ୍ଥାନମାନରେ ଟି ୧୭ ଟା ଅଛି । ଏଥିରୁ ବୋଧ ହୁଏ, ଅନେକ ସ୍ଥାନରେ ଯନ୍ତ୍ରର ବ୍ୟବହାର ଅଧିକ ଏବଂ ଭାରତବର୍ଷରେ ଅଳ୍ପ ଅଛି । ତଥାପି ଏସ୍ଥାନରେ ଯେଉଁ ୨ କଳ କାର୍ଯ୍ୟରେ ଅଛି ପାରେ, ତାହା ନିମ୍ନରେ ଲେଖା ଯାଉଅଛି ।

୧ । ଭୂମି ଚଷିବା କଳ ।

ଦେଶୀ ହଳ ଭୂମିରେ ଅଧିକ ପରିମାଣରେ ଘର୍ଷଣ କରୁଥାଏ ନାହିଁ ; ତହିଁରେ ମୃତ୍ତିକା ପରିବର୍ତ୍ତିତ ହୁଏ ନାହିଁ । ଏହା ଦ୍ୱାରା ମୃତ୍ତିକା କେବଳ ଫାଟି ଯାଏ, କିନ୍ତୁ ଓଲଟି ହୁଏ ନାହିଁ । ଏଥିରେ ବଳଦକୁ ଅଧିକ ପରିଶ୍ରମ ପଡ଼େ; କିନ୍ତୁ ବିଲାତୀ ଲଙ୍ଗଳ ସମ୍ପୂର୍ଣ୍ଣ ଯାଇ ଭୂମିରେ କାଟିଲେ ଟାଣେ, ତହିଁରେ ମୃତ୍ତିକା ପରିବର୍ତ୍ତିତ ହୋଇ ଯାଇ ଘାସ ଓଲଟିଯାଏ । ସେହି ଲଙ୍ଗଳରେ ଉପର ପରିବର୍ତ୍ତରେ ଲୌହ ନିର୍ମିତ ଉକ୍ତ ଲଗିଥାଏ

ଏବ ସେହି ଲଙ୍ଗଳ ଲୌହରେ ଗଢ଼ାଁ ଥାଏ। ଉକ୍ତ ଲଙ୍ଗଳର ମୂଲ୍ୟ ଟ ୬୦ ଙ୍କା।

ବର୍ତ୍ତମାନ ହିନ୍ଦୁସ୍ଥାନ ହଳ।



ପ୍ରାଚୀନ ମିଶର ହଳ।



## ୨ । ଜଳ ଉଠାଇବା କଳ।

ଯେଉଁ ସ୍ଥାନରେ ପାଣି ବଢ଼ାଇବା ଆବଶ୍ୟକ, ସେହି ସ୍ଥାନରେ ଜଳ ଉଠାଇବା ଯନ୍ତ୍ର କାର୍ଯ୍ୟକାରୀ ହୁଏ । ଦୁଇ ଜଣ ଲୋକ ଫୁ ୧୦ ଟ ଗଭୀର କୂପର ଜଳ ଟେଣ୍ଡାରେ ଉଠାଇ ପାରନ୍ତି ; ମାତ୍ର ଜଣେ ଲୋକ ଓ ଏକ ହଳ ବଳଦ ଫୁ ୨୦ ଟରୁ ଅଧିକ ଗଭୀର କୂପରୁ ମୋଟ ଟାଣନ୍ତି ; ଏହା ଅପେକ୍ଷା ଅଳ୍ପ ଗଭୀର ସ୍ଥଳରେ ଲହଁଟ ଓ ଦୋହରି ଚରଖା ଲଗାନ୍ତି ଲହଁଟର ପାଣି କୂପର ଜଳ ଉପରକୁ ଉଠାଏ ; ଦୋହରି ଚରଖାର ଖାଲି ମୋଟ କୂପ ଭିତରକୁ ଯାଏ ଓ ଜଳପୂର୍ଣ୍ଣ ମୋଟ ଉପରକୁ ଉଠେ । କିନ୍ତୁ କାଳପୁରୀ କଳ ଫୁ ୧୨ ଟରୁ ଫୁ ୨୦ ଟ ପର୍ଯ୍ୟନ୍ତ ଗଭୀର କୂପରେ ବିଶେଷ କାର୍ଯ୍ୟକାରୀ ହୋଇଅଛି । ଏଥିରେ ଲୁହାର ଏକ ନଳ ଥାଏ, ଯାହାର ଏକ ଡିପି ଜଳରେ ଓ ଅନ୍ୟ ଡିପି ଜମିର ଉପର ପର୍ଯ୍ୟନ୍ତ ରହିଥାଏ । ଏହିନଳ ପାଖ୨ ଫୁଟ ଅନ୍ତରରେ ଏକ ୨ ଇଞ୍ଚ ଲମ୍ବିଥିବା ଶୃଙ୍ଖଳାମାଳ ଥାଏ । ନଳର ଭିତର ଓ ତଳର ଉପର ସ୍ଥଳରେ ରହିଥିବାରୁ ତଳ ଘୂରାଇଲେ ଇଞ୍ଚ ନଳ ଭିତରକୁ ଜଳ ଜଳ ଉପରକୁ ଆସେ । ପ୍ରତ୍ୟହ ଚଳିବେ ୪ ଜଣ ଜୌକିର ଲଗାଇବା ଆବଶ୍ୟକ । ଦୁଇଜଣ ଲେଖାଏଁ ପାଳି କରି ତଳ ଘୂରାଇ ଥାନ୍ତି । ଟେଣ୍ଡା ଓ ମୋଟର ଅପେକ୍ଷା କଳ ଦ୍ୱାରା ଜଳ ଉଠାଇବା ସୁଲଭ ମୂଲ୍ୟରେ ଶୀଘ୍ର ସମ୍ପନ୍ନ ହୁଏ ; ଏହାର ମୂଲ୍ୟ ଟ ୬୦ ଙ୍କା ।

## * ଶସ୍ୟ ଉଡ଼ାଇବା ପଦ୍ଧତି ।


ଏ ପ୍ରଦେଶରେ ମଡ଼ା ଯାଉଥିବା ଶସ୍ୟ ବାୟୁ ସମ୍ମୁଖରେ ଉଡ଼ାଇ ପୃଥକ୍ କରା ଯାଉଅଛି । ପ୍ରବଳ ବାୟୁରେ ଧାନ୍ୟ ଉଡ଼ାଯାଇ ନ ପାରେ, ମନ୍ଦ ବାୟୁର ଗତି ବନ୍ଦ ହୋଇଗଲେ ଶସ୍ୟର ପବନରେ ଉଡ଼ାଇବାକୁ

ପଡ଼େ; କିନ୍ତୁ ଏଥିରେ ବହୁତ ପରିଶ୍ରମ ଓ ଖର୍ଚ୍ଚ ପଡୁଅଛି । ଉନ୍ନତାବସ୍ଥାରେ କୃଷକଙ୍କୁ ଘଣାଯନ୍ତ୍ର ବ୍ୟବହାର କରିବା କର୍ତ୍ତବ୍ୟ । ଏଥିରେ ଦୁଇ ଖଣ୍ଡ ବେଲୁଣୀ ବାମ ଦକ୍ଷିଣରେ ଘୂରଇ । ମଡ଼ା ଯାଉଥିବା ଶସ୍ୟ ଉପର ବେଲୁଣୀରେ ପଡ଼ି ତାହାର କ୍ଷୁଦ୍ର ବାଟରେ ବହିର୍ଗତ ହୁଏ । ଗୋଲ ଶସ୍ୟ ଅଗରେ ଉଡ଼ିଯାଏ, ଶସ୍ୟ ନିମ୍ନସ୍ଥ ବେଲୁଣୀରେ ପଡ଼ଇ । ତହିଁରୁ କ୍ଷୁଦ୍ର ଗାଣ ଶସ୍ୟ କ୍ଷୁଦ୍ର ବାଟେ ନିମ୍ନକୁ ଖସି ଯାଏ ଓ ବଡ଼ ଗାଣ ଶସ୍ୟ ତହିଁରେ ରହିଯାଏ । ନାଗପୁରରେ ଏହି ଯନ୍ତ୍ର ଟ ୫୫ ଟାରେ ମିଳୁଅଛି । ଏହା ଦ୍ୱାରା ଜଣେ ବାଳକ ଓ ଦୁଇ ଜଣ ମନୁଷ୍ୟ ଦିନକରେ ୨୪ ମହଣ ଶସ୍ୟ ଉଡ଼ାଇ ପାରନ୍ତି ।

### ୪ କୁଶିଆର ପେଡ଼ିବା ଘଣା ।

ଘଣା ଏବଂ ଖୁନ୍ଦଘଣାରେ କୁଶିଆର ପେଡ଼ାଯାଏ; କିନ୍ତୁ ଖୁନ୍ଦଘଣାରେ ଅଧିକ ନଷ୍ଟ ହେବାର ଭୟ ଥାଏ । କୁଶିଆର ଖଣ୍ଡ କରିବାରେ ବହୁତ ପରିଶ୍ରମ ପଡ଼ଇ ଓ ତାହାର ରସ ମଧ୍ୟ ମଳିନ ହୁଏ; ମାତ୍ର ଘଣାରେ ଏହି ଦୋଷ ଥାଏ ନାହିଁ । ଏଥିରେ ତିନି ଗୋଟି ମୁଷଳ ଥାଏ, ତହିଁରେ କୁଶିଆର ପଣ ଲଗାଯାଏ । ଖୁନ୍ଦଘଣା ଅପେକ୍ଷା ଘଣାରେ ଅଳ୍ପ ପରିଶ୍ରମ ପଡୁଥିବାରୁ ଏହାର ରସର ଚିନି ପରିଷ୍କାର ଓ ଦାନାଯୁକ୍ତ ହୁଅଇ । ଖୁନ୍ଦଘଣାରେ ଦୁଇ ବଳଦ ଆଉ ତିନି ମନୁଷ୍ୟ, ଏବଂ ଘଣାରେ ଏହା ଅପେକ୍ଷା ଅଧିକ ଲାଗେ । ଏହି ସବୁ ଅପେକ୍ଷା ଲୁହାର ଚର୍ଖି ଅର୍ଥାତ୍ ବିଂଶତି ଘଣା ସର୍ବୋତ୍କୃଷ୍ଟ ଅଟେ । ଏଥିରେ ଏକ ବଳଦ ଓ ଦୁଇ ମନୁଷ୍ୟ ଲାଗନ୍ତି ଏବଂ ପରିଶ୍ରମ କମ ପଡ଼େ । ଲୁହାର ଦୁଇ ବେଲଣାର ମଧ୍ୟରେ ଏକା ଥରକେ ତିନି ଗୋଟା କୁଶିଆର ଲଗା ଯାଏ । ଏହି ଘଣାର ମୂଲ୍ୟ ଟ ୮୫ ଟାରୁ ଟ ୧୦୦ ଟା ପର୍ଯ୍ୟନ୍ତ । ବେହାର ଓ ସମ୍ବଲପୁର

ପ୍ରଦେଶରେ ଏବଂ ମଧ୍ୟ ପ୍ରଦେଶର ବୈତୁଲ ଜିଲ୍ଲାରେ ଏହି ଯନ୍ତ୍ର ବହୁତ ବ୍ୟବହୃତ ହେଉଅଛି ।



ଅଖୁର ରସ ବାହାର କରିବାର କଳ ।

# ପାଠ ୪୨ ।

## ଉପଦେଶ ।

ସୁକୁମାରମତି ବାଳକେ ଶୁଣ ମୋର ବଚନ;
ପ୍ରଭୁଙ୍କୁ ଭଜି ପ୍ରତ୍ୟହ କର ତାଙ୍କୁ ସ୍ମରଣ । ୧ ।
ପ୍ରତିକ୍ଷଣ ପ୍ରତି କାର୍ଯ୍ୟରେ କର ଈଶ୍ୱର ଧ୍ୟାନ;
ସୁଖ ହେବ ବହୁଁ ପ୍ରକାର, ଶାନ୍ତି ହେବ ସମ୍ମାନ । ୨ ।
ଶିଶୁ ହେଲେ ସୁଦ୍ଧା ତାହାଙ୍କୁ କେବେ କଟୁ ବଚନ;
କହିବ ନାହିଁଟି; ସେ ଅଟେ ମୂଢ଼ ଜନ ଲକ୍ଷଣ । ୩ ।
କହିବ ସଦା ଅମୃତମୟ ମଧୁର ବାଣୀ;
ତୋଷିବ ପ୍ରାଣୀଙ୍କି ଶୁଣଏ ଶ୍ରୁତି ଏହା ବଖାଣି । ୪ ।
ବିଦ୍ୟାଭ୍ୟାସେ ଧୀର ବାଳକେ ଅବହେଳା ନ କର;
ବିଦ୍ୟାହୀନ ହେଲେ ତାହାର ନହେ କାହିଁ ଆଦର । ୫ ।
ନ କରିବ ଚୋରି କଣରେ ପରଦ୍ରବ୍ୟ ହରଣ;
କଲେଟି ଅର୍ଜିବ ପାପକୁ ଯହିଁ ବହି ଦୂଷଣ । ୬ ।
ପ୍ରେମଭରେ ସବାଜନଙ୍କୁ ଭେଟି ନମ୍ର ଆଚରି;
ବନ୍ଧୁଙ୍କ ଉପଦେଶ ପାଳନ କର ଶିଶୁ ସୁଜନ । ୭ ।
ସବକାର୍ଯ୍ୟେ ସଦାଚରଣ ବର୍ତ୍ତ ବାଳକଗଣ;
ତୁଷ୍ଟ ସଦା ପିତାମାତାଙ୍କ ଆନନ୍ଦର କାରଣ । ୮ ।
ଖଳ ଦୁର୍ବିନୀତ ହୋଇଲେ କ୍ରୋଧେ ତୁମ୍ଭର ପ୍ରତି;
[illegible] କ୍ଷମା ଉଚ୍ଚରେ ଦେଖାଇବେ ଭକ୍ତି । ୯ ।
ଦ୍ୱେଷ ପରବଶ ହୋଇଣ ଯେଉଁ ପରର ହିତେ;
ସୁଧୀର ମାନବ ନ ଲଭେ କେବେ ଶାନ୍ତି ତା ଚିତ୍ତେ । ୧୦

ଧନ୍ୟ ଈଶ୍ୱରଙ୍କର ପ୍ରଭାବ ଚିନ୍ତେ ବୁଦ୍ଧି ଯଥେ;
କୌଣସି କାଳରେ ନ ହୋଇବ ପାପ କାର୍ଯ୍ୟରେ ରତ । ୧୧ ।
ସଜ୍ଜନେ ଦୁର୍ଜନେ ସଦୟେ ଦୟା ରକ୍ଷଣ କରେ;
ସତ୍ୟ ଧର୍ମ କାର୍ଯ୍ୟକଳାପ ଦେଖୁଥିବ ଘଟନେ । ୧୨ ।
ଦୁର୍ଜନ କୁବାଣୀ ଶ୍ରବଣେ ଖେଦ ନ ଲଭ ମନେ;
ଦୁର୍ଜନ ପାଶରୁ ଅନ୍ତର ହୋଇଥିବ ଯତନେ । ୧୩ ।

---

## ପାଠ ୪୩ ।

## ସ୍ଥିର କୀର୍ତ୍ତିର ଦ୍ୱାର ।

ପୃଥିବୀରେ ଏପରି କୌଣସି ବ୍ୟକ୍ତି ନାହିଁ ଯେ ଆପଣା ଯଶଃ ବାଞ୍ଛା କରେ ନାହିଁ । ମାତ୍ର ଯେଉଁ ପଥ ଅବଲମ୍ବନ କଲେ ମନୁଷ୍ୟର ସ୍ମୃତି ଓ ଖ୍ୟାତି ସଦା ରହିବ, ସେହି ପଥର ପଥିକ କେବଳ ଅଳ୍ପସଂଖ୍ୟକ ଲୋକ ଦେଖା ଯାନ୍ତି ।

ଶାସ୍ତ୍ରରେ ଲେଖାଅଛି ଯେ ଯେପର୍ଯ୍ୟନ୍ତ ମନୁଷ୍ୟର କୀର୍ତ୍ତି ଏ ଜଗତରେ ବର୍ତ୍ତମାନ ଥାଏ, ସେତେଦିନ ପର୍ଯ୍ୟନ୍ତ ସେହି ମନୁଷ୍ୟର ବାସସ୍ଥାନ ସ୍ୱର୍ଗ ହୋଇ ଥାଏ । ପୁରାଣରେ ଗୋଟିଏ କଥାର ଉଲ୍ଲେଖ ଅଛି; ଦିନେ ଇନ୍ଦ୍ର ଯଯାତି ରାଜାଙ୍କୁ ସ୍ୱର୍ଗରୁ ବହିଷ୍କୃତ କରିବାକୁ ଇଚ୍ଛିଲେ । ସେ ଇନ୍ଦ୍ରଙ୍କୁ ପ୍ରଶ୍ନ କଲେ, "କେଉଁ କାରଣରୁ ମୋତେ ଦୂର କରୁଅଛ?" ଇନ୍ଦ୍ର ଉତ୍ତର କଲେ କି "ଆଉ ତୁମ୍ଭର ଯଶଃ ପୃଥିବୀରେ ବାକି ନାହିଁ," ଏଣୁ ତୁମ୍ଭକୁ ଏଠାରୁ ଦୂର କରୁଅଛୁଁ । ଏହା ଶୁଣି ସେ ରାଜା କହିଲେ, "ଆପଣ

ଅମୁକ ପୁଷ୍କରିଣୀର କର୍ତ୍ତାମାନଙ୍କୁ ମୋର ବୃତ୍ତାନ୍ତ ପ୍ରଶ୍ନ କରନ୍ତୁ । ପ୍ରଶ୍ନ କରନ୍ତୁ 'ଆପଣଙ୍କୁ ଯାହା ଉଚିତ ବୋଧ ହେବ, ତାହା କରିବେ ?' କର୍ତ୍ତାମାନେ ରାଜା ଯଯାତିଙ୍କ ନାମ ଶ୍ରବଣ ମାତ୍ରକେ ତାଙ୍କର ସ୍ତୁତିବାଦ କରିବାକୁ ଲାଗିଲେ । ଏହେତୁରୁ ରାଜାଙ୍କୁ ପୁନର୍ବାର ସ୍ବର୍ଗପ୍ରାପ୍ତି ହେଲା ଓ ସେ ସେଠାରେ ଚିରକାଳ ରହିବା ପାଇଁ ଅବଶ୍ୟ ହେଲେ । ପଶୁମାନଙ୍କ ପ୍ରତି ଉପକାର କଲେ ସୁଦ୍ଧା ଭଲ ଫଳ ମିଳେ, ସନ୍ଦେହ ନାହିଁ ।

ଯେଉଁମାନେ ଆପଣା କୀର୍ତ୍ତି ରଖି ଯିବାକୁ ଇଚ୍ଛା ରଖନ୍ତି ସେମାନେ ନାନା କାର୍ଯ୍ୟ କରନ୍ତି । କେହିବା ଉଦ୍ୟାନ, ମନ୍ଦିର, ପୁଷ୍କରିଣୀ, ମସଜିଦ୍, ପାଠଶାଳା, ଓ ପୁଲ ଆଦି କରାନ୍ତି; କେହି ଅବା ଆପଣା ଧନ ଅନାଥମାନଙ୍କ ଭୋଜନ ପାନାର୍ଥେ ଓ ପାଳନାର୍ଥେ ଖର୍ଚ୍ଚ କରନ୍ତି । କେହି ବା ନାମ ନିମନ୍ତେ ହାତୀ, ଘୋଡ଼ା ଆଦି ରଖି ଶୋଭା ବଢ଼ାଉଥାନ୍ତି, ଅବା ବନ୍ଧୁମାନଙ୍କୁ ତୃପ୍ତ କରି ଆପଣା ଅହଙ୍କାର ବଢ଼ାଉଥାନ୍ତି । ଏହି କାର୍ଯ୍ୟମାନଙ୍କ ମଧ୍ୟରୁ ଅନେକ କାର୍ଯ୍ୟ ଭଲ ଓ ଯଶସ୍କର । କିନ୍ତୁ ଦେଖିବା ଅଛି ଯେ ଏ ସବୁ କଲେ ମନୁଷ୍ୟମାନଙ୍କର କୀର୍ତ୍ତି କେତେ ଦିନ ପର୍ଯ୍ୟନ୍ତ ସଂସାରରେ ରହୁଥାଏ ? ଅଟ୍ଟାଳିକା ନିର୍ମାତାମାନଙ୍କର ମୃତ ସେହି ଗୃହ ଦ୍ୟମାନ ସ୍ଥିତି ପର୍ଯ୍ୟନ୍ତ ବିଦ୍ୟମାନ ଥାଏ । ପୁଷ୍କରିଣୀ ସ୍ଥିତି ପର୍ଯ୍ୟନ୍ତ ସେହି କୀର୍ତ୍ତି ଥାଏ । ଏହି ୧୦୦୦ ବର୍ଷ ମଧ୍ୟରେ କେତେ ପ୍ରତାପୀ ରାଜାମାନେ ଜନ୍ମଗ୍ରହଣ କରି ପ୍ରାଣାନ୍ତ ହୋଇଅଛନ୍ତି; କିନ୍ତୁ ବିକ୍ରମାଦିତ୍ୟ ଓ ଭୋଜରାଜାଙ୍କ ପରି କାହାର ନାମ ବିଖ୍ୟାତ ନାହିଁ । ଏ ଦୁଇ ମହାପୁରୁଷଙ୍କ ନାମ ବାଳ ବୃଦ୍ଧ ସମସ୍ତେ ଜାଣନ୍ତି । ଏହାଙ୍କ କୀର୍ତ୍ତି-ଗାନ ମୂର୍ଖ ଓ ବିଦ୍ୱାନ୍ ଉଭୟେ କରୁଥାନ୍ତି । ଏଥିରୁ ଏହା ହିଁ ପ୍ରତିପନ୍ନ ହେଉଅଛି ଯେ ମନୁଷ୍ୟର କୀର୍ତ୍ତି ବିଦ୍ୟା ଓ ବିଦ୍ୱାନ୍ ଲୋକଙ୍କ ସହାୟ କଲେ ଯେମନ୍ତ ସ୍ଥିର ହୁଏ; ସେପରି ଆଉ କାହିଁରେ ହୁଏ ନାହିଁ ।

ଅତଏବ ବିଦ୍ୱାନ୍ କରି ଉଚିତ ଯେ ସର୍ବ ଶୋଭିଏ ଗ୍ରନ୍ଥ ରଚନା କରି

ଗ୍ରନ୍ଥକର୍ତ୍ତାଙ୍କ ନାମ ଚିରକାଳ ପୁସ୍ତକରେ ଦେଦୀପ୍ୟମାନ ହୋଇଥାଏ; ତେବେ ଯେଉଁମାନେ ବିଦ୍ୟା ବୁଦ୍ଧିର ଯତ୍ନ କରନ୍ତି ଓ ସଦା ପଣ୍ଡିତ ସଙ୍ଗରେ କାଳାତିପାତ କରନ୍ତି; ଏବଂ ନୂତନ ୨ ଗ୍ରନ୍ଥ ସବୁ ରଚନା କରନ୍ତି; ସେମାନଙ୍କ ସାର୍ଥ ଲକ୍ଷ ସଂସାରରେ ସଦା ଚନ୍ଦ୍ର ଓ ସୂର୍ଯ୍ୟ ସମାନ ଅହୋରାତ୍ର କାହିଁକି ପ୍ରକାଶ ପାଇବ ନାହିଁ ?

---

## ପାଠ ୪୪ ।

## ତାଜମହଲ ବା ତାଜବୀବୀ ।

### ସମ୍ରାଜ୍ଞୀଙ୍କ କବର ।

ତାଜବୀବୀ ସମ୍ରାଜ୍ଞୀଙ୍କର ସମାଧି ବା ତାଜମହଲ ଆଗ୍ରା ନଗରର ପ୍ରାୟ ତିନି ମାଇଲ ଦୂରରେ ଅଗ୍ନେୟ କୋଣରେ ଏବଂ ଯମୁନା ନଦୀର ଦକ୍ଷିଣତଟରେ ଅବସ୍ଥିତ । ମାଣି ନଗର ମଧ୍ୟରୁ ଦେଖିଲେ ଏପରି ବୋଧ ହୁଏ ଯେପରି ତାହାର ବାମ ତଟରେ ବିଦ୍ୟମାନ ରହିଅଛି । ଏହି ବିଚିତ୍ର ଓ ଦର୍ଶନୀୟ ସ୍ଥାନ ଭାରତବର୍ଷରେ ଅନୁପମ ଓ ଅଦ୍ୱିତୀୟ ଅଟେ । ଏହା ପ୍ରସ୍ତୁତ ହେବାର କାରଣ ଏହି କି ୧୬୩୪ ଖ୍ରୀଷ୍ଟାବ୍ଦରେ ଯେତେବେଳେ ସାହାଜାହାନ ସମ୍ରାଟଙ୍କ ରାଣୀ "ମୁମତାଜୁଲ ନିସା" ପରଲୋକ ଗମନ କଲେ ସେତେବେଳେ ସେ ସମ୍ରାଟଙ୍କଠାରେ ଏହି ସତ୍ୟ କରାଇ ନେଇଥିଲେ ଯେ ମୋର ମରଣ ପରେ ମୋର ସମାଧି ଅତ୍ୟୁତ୍କୃଷ୍ଟ କରି ପ୍ରସ୍ତୁତ କରାଇବ ସମ୍ରାଟ ଏହି ରାଣୀଙ୍କୁ ଅତି ପ୍ରଗାଢ଼ ପ୍ରେମ କରୁଥିବାରୁ ତାହାଙ୍କର ସତ୍ୟାନୁସାରେ ଏହି ସମାଧି ନିର୍ମାଣ କରିବାରେ ବିଶେଷ ଇଚ୍ଛା ପ୍ରକାଶ କଲେ

ଦେଶକଥ ଯେ ଏଥିର ନିର୍ମାଣ ସକାଶେ ନାନା ଦେଶରୁ ବିବିଧ ପ୍ରକାରର ବହୁମୂଲ୍ୟ ପ୍ରସ୍ତର ଯଥା; ଅକାକ, ଶ୍ୱେତମର୍ମର, ସଙ୍ଗମୂସା, ଫିରୋଜା, ଲାଜବର୍ଦ୍ଦି ଆଦି ଆଣାଇଲେ ଓ ପ୍ରଧାନ ୨ ନିପୁଣ ଶିଳ୍ପକାରମାନଙ୍କୁ ସିରାଜ, ବାଗଦାଦ୍, ଲାହୋର ଆଦି ସ୍ଥାନମାନଙ୍କରୁ ଡକାଇ ଅଣାଇଲେ ।

ଏହି ସମାଧି ସମ୍ପୂର୍ଣ୍ଣରୂପେ ପ୍ରସ୍ତରରେ ନିର୍ମିତ । ଏଥିର ଦ୍ୱାର ଦେଶରେ ଶ୍ୱେତମର୍ମର (ମାର୍ବୁଲ) ପ୍ରସ୍ତର ଉପରେ ସଙ୍ଗମୂସାରେ କୋରାନ୍ ଶ୍ଳୋକର ଅକ୍ଷର ଗୁଡ଼ିକ ଏପରି ଭାବରେ ଖଚିତ ହୋଇଅଛି କି ଦେଖିଲେ କୌଣସି ଲୋକ ଧୋବ କାଗଜ ଉପରେ ସ୍ୟାହୀରେ ଆରବୀ ଭାଷାର ଅକ୍ଷର ଲିଖିତ ହୋଇଅଛି ବୋଲି ବୋଧ କରିବ । ଅତି ଏହା ମଧ୍ୟ ଗୋଟିଏ ଆଶ୍ଚ-ର୍ଯ୍ୟର କଥା ଯେ ତଳରୁ ଉପର ପର୍ଯ୍ୟନ୍ତ ସମୁଦାୟ ଅକ୍ଷର ଏକ ଆକା-ରରେ ଗଠିତ ହୋଇଅଛି । କେତେ ୨ ରଙ୍ଗର ପଥରରେ ଲତାପତ୍ରଙ୍କୁ କାର୍ଯ୍ୟ କରି ହୋଇଅଛି । ଲତା ଏପରି ନିର୍ମିତ ହୋଇଅଛି କି ଧୋବ କପଡ଼ାରେ ଛପା ହୋଇଅଛି ବୋଲି ପ୍ରତୀୟମାନ ହୁଏ ।

ସମାଧି ଓ ବଡ଼ ଫାଟକ ମଧ୍ୟରେ ଗୋଟିଏ ରମଣୀୟ ଉଦ୍ୟାନ ଅଛି ଓ ଏଥିରେ ଚନ୍ଦନ, ଏଲାଇଚ, ଗୁବାକ ଆଦି ନାନା ପ୍ରକାରର ସୁନ୍ଦର ୨ ଫଳ ମୂଳର ବୃକ୍ଷ ରହିଅଛି ।

ସମାଧି ମଧ୍ୟରେ ମାର୍ବୁଲ ପ୍ରସ୍ତରର ଗୋଟିଏ ବଡ଼ ଜଳାଧାର ନିର୍ମିତ ହୋଇଅଛି, ଏଥିର ଚତୁର୍ଦ୍ଦିଗରେ ଶ୍ୱେତ ପ୍ରସ୍ତରର ଗୋଟିଏ ଚୌକି ଓ ଅଗଣା ଅଛି । ସେହି କେନ୍ଦ୍ରର ଦୁଇ ପାର୍ଶ୍ୱରେ ଦୁଇ ଗୋଟି କଳ ଅଛି । ତହିଁରେ ପାଣି ସବୁବେଳେ ପୂର୍ଣ୍ଣ ଥାଏ ଓ ତହିଁରୁ ପିଚ୍‌କାରୀ ପରି ଜଳ-ଧାର ବାହାରୁ ଥାଏ ।

ସମାଧି ଉଦ୍ୟାନ ଭୂମିଠାରୁ ଅଧିକ ଉଚ୍ଚରେ ମାର୍ବୁଲ ପ୍ରସ୍ତରରେ ନିର୍ମିତ । ତାହାର ତିନି ଗୋଟି କକ୍ଷ ଅଛି । ପ୍ରଥମ କକ୍ଷରେ ମୁମ-ତାଜ୍ ମହଲ ଓ ସାହାଜାନ୍ ସମ୍ରାଟଙ୍କ ସମାଧି ଅଛି । ତହିଁ ଉପରେ

ପ୍ରତ୍ୟେକ ପ୍ରସ୍ତରରେ ଶାସ୍ତ୍ରାନ୍ତର ସୂତ୍ରର ତାତ୍ପର୍ଯ୍ୟ ଓ ଖୋଦି ଲେଖାଅଛି । ଭିତରସ୍ଥ କକ୍ଷରେ ମାର୍ବଲ ପଥରର ଜାଲି ସବୁ କବରର ଚଉଦିଗରେ ଲାଗିଅଛି ଓ ସେଥିରେ ମୀନାକାମମାନଙ୍କରେ ନାନା ରଙ୍ଗର ଲତାପତ୍ର କାରୁ-କାର୍ଯ୍ୟ ନିର୍ମିତ ହୋଇଅଛି । ତୃତୀୟ ଭାଗରେ ଗୋଟିଏ ଗୁମ୍ବଜ ଓ ତହିଁ ଉପରେ ସ୍ୱର୍ଣ୍ଣ ନିର୍ମିତ ଗୋଟିଏ କଳସ ଅର୍ଦ୍ଧଚନ୍ଦ୍ର ସହିତ ଲାଗି ରହିଅଛି ।

ଏହି ସମାଧିର ଚାରି କୋଣରେ ଚାରିଗୋଟି ମିନାର ଅଛି । ପ୍ରତ୍ୟେ-କର ପରିଧି ୭୦ ଫୁଟ ଓ ଉଚ୍ଚତା ୧୫୦ ଫୁଟ ଅଟେ । କଥିତ ଅଛି କି ଏହି ସମାଧି ନିର୍ମାଣ କରିବା ପାଇଁ କୋଡିଏ ହଜାର ଲୋକ ୮ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତ ଥିଲେ ଓ ସବୁ ମୋଟରେ ତିନି କୋଟି ଷାଠିଏ ଲକ୍ଷ ଅଠସ୍ତରି ହଜାର ଟଙ୍କା ବ୍ୟୟ ହୋଇଥିଲା ।

---

## ପାଠ ୪୫ ।

## ଏକେଶ୍ୱର ଉପାସନା ।

ସର୍ବ ପ୍ରଥମରେ ଏହି ସଂସାରରେ ଲୋକମାନେ ପଶୁ ପ୍ରକୃତିକ ହୋଇ ବାସ କରୁଥିଲେ । ସେମାନଙ୍କ ପରିଧାନ କରିବା ନିମନ୍ତେ କୌଣସି ବସ୍ତ୍ର, ରହିବା ନିମନ୍ତେ କୌଣସି ବାସସ୍ଥାନ କିମ୍ବା ଜୀବନ ରକ୍ଷା କରିବା ନିମନ୍ତେ ଖାଦ୍ୟାଦି କୌଣସି ପଦାର୍ଥ ସେମାନଙ୍କ ନିକଟରେ ଥିଲା ନାହିଁ । ସେମାନେ ସ୍ୱ ସ୍ୱ ମନୋଗତ-ଭାବ ଗୁଡ଼ାକ କେବଳ ସଙ୍କେତ ଦ୍ୱାରା ବ୍ୟକ୍ତ କରୁଥିଲେ, ଓ କନ୍ଦମୂଳ, ଫଳ ଓ ଶିକାର ଅନ୍ୱେଷଣ କରି ଜୀବନ-ଯାତ୍ରା ନିର୍ବାହ କରୁଥିଲେ । ଯେତେବେଳେ ଭୋଜନ ପଦାର୍ଥ ଅଳ୍ପ

ପରିମାଣରେ ପ୍ରାପ୍ତ ହେଉଥିଲା, ସେତେବେଳେ ବଳବାନ୍ ଲୋକଙ୍କୁ ତହିଁର ଅଧିକାଂଶ ପ୍ରାପ୍ତ ହେଉଥିବାରୁ ସେମାନେ ବନ୍ୟପଶୁ ଓ ଶତ୍ରୁ-ମାନଙ୍କଠାରୁ ଆତ୍ମରକ୍ଷା କରି ପାରୁଥିଲେ । ଏଣୁକରି ପ୍ରାଚୀନ କାଳରେ ଲୋକମାନେ ଯେ ବଳବାନ୍ ଲୋକମାନଙ୍କୁ ପୂଜା କରୁଥିଲେ ଓ ସର୍ବାପେକ୍ଷା ଅଧିକ ଉପକାରକ ବସ୍ତୁ ବା ପ୍ରାଣୀମାନଙ୍କୁ ଭକ୍ତି କରୁଥିଲେ, ଏଥିରେ କୌଣସି ସନ୍ଦେହ ନାହିଁ ।

ମାତ୍ର ଯେତେବେଳେ ସେମାନଙ୍କର ସଭ୍ୟତା ଓ ବୁଦ୍ଧି କ୍ରମେ ବୃଦ୍ଧି ହେବାକୁ ଲାଗିଲା ସେତେବେଳେ ସେମାନେ ସର୍ବୋତ୍ତମ ଲୋକଙ୍କୁ ପୂଜା କରିବାକୁ ଲାଗିଲେ । ସେମାନେ ବିଚାର କଲେ କି ବଳବାନ୍ ଲୋକ ବ୍ୟତିରେକ ସମସ୍ତଙ୍କ ଉପରେ ଅଧିକାର ରଖିବା ଭଳି ଅନ୍ୟ କୌଣସି ମହାପୁରୁଷ ଅବଶ୍ୟହିଁ ପୂଜ୍ୟମାନ ରହିଅଛନ୍ତି ।

ଆମ୍ଭେ ପୂର୍ବରେ ଉଲ୍ଲେଖ କରିଅଛୁ, କି ପ୍ରାଚୀନ କାଳରେ ଲୋକମାନଙ୍କୁ ନାନାପ୍ରକାର କଷ୍ଟ ଓ ଅବସ୍ଥା ପରିବର୍ତ୍ତନ ସହ୍ୟ କରିବାକୁ ପଡ଼ୁଥିଲା ଓ, ସେହି ସମୟରେ ଲୋକମାନେ "ଜୋର ଯାହାର ସତ୍ୟ ତାହାର" ଏହି ମତ ଅନୁସରଣ କରି କାର୍ଯ୍ୟ କରୁଥିଲେ ।

ଯେବେ କେହି ଲୋକ କୌଣସି ବସ୍ତୁ ପ୍ରାପ୍ତ ହୋଇ ତହିଁର ରକ୍ଷା କରୁଥିଲା, ତେବେ ସେ ତହିଁର ଅଧିକାରୀ ହେଉଥିଲା । ଦୁର୍ବଳ କିମ୍ବା ବଳ ଦେଖାଇ କରି ରକ୍ଷା କରିବା ବ୍ୟତୀତ ତାହାର କ୍ଷତି କରିବା କିମ୍ବା ଦୁଃଖ ଦେବାର ଶକ୍ତି ମଧ୍ୟ ଥିଲା । ଇତିହାସରେ ଲେଖା ହୋଇଅଛି କି ଏପରି ଲୋକମାନେ ଏହି ଶକ୍ତିର ଅଧିକ ଅସଦ୍ବ୍ୟବହାର କରିଅଛନ୍ତି । ପଶୁମାନେ ନିଜର ଆହାର ନିମନ୍ତେ ଅନ୍ୟାନ୍ୟ ପଶୁମାନଙ୍କୁ ବଧ କରନ୍ତି; ମାତ୍ର ମନୁଷ୍ୟ ନିଜର ମନସ୍କାମନା ପୂର୍ଣ୍ଣ କରିବା ଅଭିପ୍ରାୟରେ ଲୋକମାନଙ୍କୁ ମଧ୍ୟ ବଧ କରୁଥିଲେ ଓ ଏପରି ଜବରେ ମାରପିଟି ଦେଇ ଯାଉଥିଲେ ଯେ ତାହା ବର୍ଣ୍ଣନାତୀତ ଅଟେ । ପରନ୍ତୁ ଯେତେପରି ମନୁଷ୍ୟର ସଭ୍ୟତାନୁସାରେ ବୃଦ୍ଧି

ପାଳିବାକୁ ଲାଗିଲେ, ସେହିପରି ଏପ୍ରକାର ଲୁଠପାଟ, ତାଙ୍କୁ ହତ୍ୟା କାର୍ଯ୍ୟ-ମାନ ଦ୍ରୁତ ହେବାକୁ ଲାଗିଲା । ଓ ଏକଥ, ଉକ୍ତ ଉକ୍ତି ପାଳନ କରିବା ନିମନ୍ତେ ସେମାନେ ପ୍ରତ୍ୟେକେ ସ୍ୱ ସ୍ୱ ଅଧିକାର ବୁଝିବାକୁ ଲାଗିଲେ ; କାରଣ କି "ତୁମ୍ଭେ ଯେପରି କର, ସେପରି ମୁଁ କରେଁ" ଏହି ବାକ୍ୟ ଅନୁସରଣରେ ତୁମ୍ଭେ ଯେଉଁପରି ଅନ୍ୟ ଲୋକର ପ୍ରତି ବ୍ୟବହାର କରିବ, ସେହିପରି ସେ ମଧ୍ୟ ତୁମ୍ଭ ପ୍ରତି ଆଚରଣ କରିବ ।'

ଯେବେ କେହି ଏହି ନିୟମାନୁସାରେ କାର୍ଯ୍ୟ କରୁ ନ ଥିଲା ଓ ଦୁଃଖରେ ପଡ଼ି ଅନ୍ୟ ଲୋକର କ୍ଷତି ପହଞ୍ଚାଉଥିଲା ତେବେ ତାହାକୁ ସମୁଚିତ ଦଣ୍ଡ ଦିଆ ଯାଉଥିଲା । ମାତ୍ର ଅନ୍ୟ ଲୋକର ଅଧିକାର ପ୍ରତି ବିଚାର କରିବା ଛଡ଼ା ଆଉ ଏକ କାରଣ ଥିଲା । କାହିଁକି ମନୁଷ୍ୟ ବୁଝି ପାରୁଥିଲା ଯେ ଅନ୍ୟ ପ୍ରତି କ୍ଷତି ପହଞ୍ଚାଇବା ନ୍ୟାୟସଂଗତ ନୁହେଁ । ପ୍ରତ୍ୟେକ ମନୁଷ୍ୟର ହୃଦୟରେ ଏପରି ଗୋଟିଏ ଶକ୍ତି ନିହିତ ଅଛି ଯେ ତାହାର ଭଲ ଓ ମନ୍ଦ ପାର୍ଥକ୍ୟ ସ୍ପଷ୍ଟ ଜଣା ପଡ଼ଇ । ଯେବେ ଆମ୍ଭେ କୌଣସି ଅନ୍ୟାୟ କାର୍ଯ୍ୟ କରୁଁ ଓ ନ୍ୟାୟ ଅନ୍ୟ ପ୍ରକାରେ ହୋଇପାରେ ବୋଲି ଜାଣୁଁ, ତେବେ ଏହି ଗ୍ଳାନିଟି ଆମ୍ଭମାନଙ୍କର କାହିଁ ଆସିଲା? କୌଣସି ଲୋକର ପ୍ରତି ଦୟା କରି ଅଥବା ନିଜର କର୍ତ୍ତବ୍ୟ କର୍ମ ସମୁଚିତ ନ୍ୟାୟ ସଙ୍ଗତରେ ସମ୍ପାଦନ କରି ସାରିଲା ପରେ ଯେଉଁ ସୁଖାନୁଭବ ହୁଏ, ତାହା ବା କେଉଁଠାରୁ ଲାଭ ହୁଏ? ଏହି ଗ୍ଳାନୋଦୟର କାରଣ ଈଶ୍ୱର ଓ ତାହାଙ୍କ ବ୍ୟତୀତ ଆଉ କେହି ନାହିଁ । ସେହି ହିତାହିତ ଜ୍ଞାନ ଆମ୍ଭମାନଙ୍କୁ ଅସତ୍ପଥରୁ ନିବୃତ୍ତ କରି ଆମ୍ଭମାନଙ୍କ ଭୟ ନିବାରଣ କରେ ଓ ଅପରାଧ କ୍ଷମା କରାଏ ।

ଆମ୍ଭେ ସବୁ ଲୋକମାନଙ୍କୁ ଏହି ପ୍ରାର୍ଥନା କରୁଅଛୁଁ କି ସେହି ସତ୍ୟାସତ୍ୟ ବିବେକ ଶକ୍ତିକୁ କଦାପି ଅବରୋଧ କରି ରଖ ନାହିଁ । କାରଣ କି ଯେତେବେଳେ ଏହି ହିତାହିତ ଜ୍ଞାନ ତୁମ୍ଭମାନଙ୍କୁ ଅସତ୍ପଥରୁ ନିବୃତ୍ତ କରେ ସେତେବେଳେ ଆମ୍ଭେ କୁମାର୍ଗଗାମୀ ହେବାକୁ ଇଚ୍ଛା କରୁଅଛୁଁ ବୋଲି ବୁଝିବା

ଉଚିତ, ଆଉ ଯେବେ ସ୍ଥିର ହୋଇ ରହେ, ତେବେ ପୋକ୍ତ ଭାଗିଂଶୁ ଉତ୍ତମ ବୋଲି ବୁଝି ନେବା ଉଚିତ ।

---

## ପାଠ ୪୨ ।

## ଉଏଲସଲି ।

ଲର୍ଡ କର୍ଣ୍ଣୱାଲିସଙ୍କ ଉତ୍ତାରୁ ଯେଉଁ ଜଣ ପ୍ରସିଦ୍ଧ ଗବର୍ଣ୍ଣର ଜେନରଲ୍‌ମାନେ ହୋଇ ଯାଇଅଛନ୍ତି, ସେମାନଙ୍କ ମଧ୍ୟରୁ ଲର୍ଡ ଉଏଲସଲି ଜଣେ ଥିଲେ ତାହାଙ୍କ ଭ୍ରାତା ଆର୍ଥର ଉଏଲସଲି ଯାହାଙ୍କୁ ଡ୍ୟୁକ ଅଫ୍ ଉଏଲିଙ୍ଗଟନ ପଦବୀ ମିଳିଥିଲା ; ସେ ଇଂରାଜୀ ସୈନିକ ଶାଖାରେ ସର୍ବ ପ୍ରଥମ ଥିଲେ । ଯେଉଁବେଳେ ଲର୍ଡ ଉଏଲସଲି ଖ୍ରୀ ୧୭୯୮ ଅବ୍ଦରେ ଗବର୍ଣ୍ଣର ଜେନରଲ ନିଯୁକ୍ତ ହୋଇ ଏଠାକୁ ଆସିଲେ, ସେତେବେଳେ ଇଂରାଜ ଆଉ ଫରାସିମାନଙ୍କ ମଧ୍ୟରେ ଯୁଦ୍ଧ ହେଉଥିଲା ; ତାଙ୍କୁ ସମ୍ବାଦ ମିଳିଲା ଯେ ମହୀସୁରର ନବାବ ଟିପୁ ସୁଲତାନ ଫରାସିମାନଙ୍କଠାକୁ ଚିଠି ପତ୍ର ଲେଖୁଥିଲେ । ଏଥିପାଇଁ ସେ ନିଜାମର ସାହାଯ୍ୟରେ ମହୀସୁର ଆକ୍ରମଣ କରି ସେହି ଦେଶ ଜୟ କରି ନେଲେ ; ଟିପୁ ଯୁଦ୍ଧରେ ହତ ହେଲେ ଏବଂ ତାହାଙ୍କ ରାଜ୍ୟ ସବୁ ତିନ ଅଂଶରେ ବାଣ୍ଟି ଦିଆଗଲା । ପ୍ରଥମ ଅଂଶ କମ୍ପାନିର ରାଜ୍ୟରେ ମିଳିତ ହେଲା, ଦ୍ୱିତୀୟ ନିଜାମକୁ ଏବଂ ତୃତୀୟ ମହୀସୁରର ପୁରାତନ ରାଜବଂଶକୁ ପ୍ରଦତ୍ତ ହେଲା । ଏହି ବଂଶରେ ଅଦ୍ୟାବଧି ମହୀସୁର ରାଜ୍ୟ ଚଳି ଆସୁଅଛି । ଖ୍ରୀ ୧୭୯୯ ଅବ୍ଦରେ ଶେଷ ହୋଇଥିବା ଯୁଦ୍ଧ ମହୀସୁରର ତୃତୀୟ ଯୁଦ୍ଧ ନାମରେ ପ୍ରସିଦ୍ଧ ଅଟେ ।

ଉଲ୍ଲେଖ କରିଅଛୁଁ ଯେ ମରହଟ୍ଟାମାନେ ନିଜାମଙ୍କୁ କରଦଲାର ମଇ-ଦାନରେ ପରାସ୍ତ କଲେ ଏବଂ ଏହାର ପରିଣାମ ଏହା ହେଲା ଯେ ନିଜାମ ଦୁର୍ବଳ ଓ ମରହଟ୍ଟା ପ୍ରବଳ ହୋଇ ପଡ଼ିଲେ । ବର୍ତ୍ତମାନ ସରକାର କମ୍ପା-ନିଙ୍କର କେବଳ ମରହଟ୍ଟାମାନଙ୍କ ପକ୍ଷରୁ ଅଧିକ ସଂଶୟ ଥିଲା । ଏଥି-ପାଇଁ ସେ ନିଜାମଙ୍କୁ ପ୍ରତ୍ୟେକ ପ୍ରକାରର ସାହାଯ୍ୟ ଦେବାକୁ ଉଚିତ ବୋଧ କଲେ । ଟିପୁର ଉତ୍ତରାଂଶ ରାଜ୍ୟ ତାହାଙ୍କୁ ପୁରସ୍କାରସ୍ୱରୂପ ଦେଇ ଏଥିରୁ ଲର୍ଡ ଓ୍ୱେଲେସଲି ତାହାଙ୍କଠାରୁ ସମ୍ମତ କରାଇ ନେଲେ ଯେ ସେ ଏକଦଳ ସେନାର ପୁଷ୍ଟିବ୍ୟୟ ନିମନ୍ତେ ବିସ୍ତର ରାଜ୍ୟ ଇଂରେଜମାନଙ୍କୁ ଦାନ କରିବେ ଆଉ ଇଂରେଜମାନେ ତାହାଙ୍କୁ ମରହଟ୍ଟାମାନଙ୍କ ବିରୁଦ୍ଧରେ ଯୁଦ୍ଧର ସାହାଯ୍ୟ ଦେବାକୁ ସ୍ୱୀକାର କଲେ ।

ପ୍ରସିଦ୍ଧ ରାଜା ଶିବାଜୀ ମରହଟ୍ଟା ରାଜ୍ୟର ପ୍ରତିଷ୍ଠାତା ଥିଲେ । ତାଙ୍କ ଦଶ ପୁରୁଷ ଉତ୍ତାରୁ ତାହାଙ୍କ ପେଶବା ଅର୍ଥାତ୍ ମନ୍ତ୍ରିର ପରାକ୍ରମ ଏତେ ବଢ଼ି-ଗଲା ଯେ ରାଜା ସ୍ୱୟଂ କଏଦସ୍ୱରୂପ ସିତାରାରେ ରହିଲେ ଓ ମନ୍ତ୍ରୀମାନେ ଯଥାର୍ଥରେ ପୁନାରେ ରାଜ୍ୟ କରିବାକୁ ଲାଗିଲେ । ଧୀରେ ୨ ପେଶବା-ମାନଙ୍କର ବଳ ମଧ୍ୟ ହ୍ରାସ ପାଇବାକୁ ଲାଗିଲା ଏବଂ ଅନ୍ୟ ମରହଟ୍ଟା ସେନାପତିମାନେ ଅର୍ଥାତ୍ ଗୁଆଲିଅରର ସିନ୍ଧିଆ, ଇନ୍ଦୋରର ହୋଲ୍କାର, ନାଗପୁରର ଭୋଁସଲା ଓ ବରୋଦାର ଗାଇକୱାଡ଼ ବଳବାନ୍ ହେବାକୁ ଲାଗିଲେ ଏହି ମରହଟ୍ଟାମାନଙ୍କ ସରଦାରମାନେ ଅତ୍ୟନ୍ତ ବଳବାନ୍ ହୋଇ ଯାଉଥିଲେ; ସେମାନଙ୍କ ରାଜ୍ୟ ହିନ୍ଦୁସ୍ଥାନର ମଧ୍ୟ ଓ ପଶ୍ଚିମ ଭାଗରେ ଅଧିକ ବିସ୍ତୃତ ହୋଇ ଯାଉଥିଲା ଏବଂ ସେମାନେ ସମୟେ ୨ ଇଂରେଜ ସୈନ୍ୟମାନଙ୍କୁ ପରାଜୟ କରୁଥିଲେ । ଏହେତୁରୁ ଲର୍ଡ ଓ୍ୱେଲେସଲି ତାହାଙ୍କୁ ପରାସ୍ତ କରିବାକୁ ଆବଶ୍ୟକ ବୋଧ କଲେ । ନଚେତ୍ ସେ ଇଂରେଜମାନଙ୍କୁ କୌଣସି ସମୟରେ ତଡ଼ି ଦେଇ ଥାନ୍ତେ, ଅଥବା ସେମା-ନଙ୍କ ପ୍ରତି ଅତ୍ୟାଚାର କରିଥାନ୍ତେ । ସେହି ମରହଟ୍ଟାମାନଙ୍କ ଉପରେ

କରସ୍ଥ ପାଇବାର କିଛି କଠିନ ନ ଥିଲା ; କାରଣ କି ତାହାଙ୍କର ସରଦାରମାନେ ପରସ୍ପରରେ ଯୁଦ୍ଧ ଓ କଳହ କରୁଥିଲେ ।

ସ୍ତ ୧୮୦୨ ଖ୍ରୀଷ୍ଟାବ୍ଦରେ ଯେତେବେଳେ ହୋଲକାରଙ୍କର ମୃତ୍ୟୁ ହେଲା, ସେତେବେଳେ ସେନ୍ଧିଆ ତାହାଙ୍କ ରାଜ୍ୟ ଆକ୍ରମଣ କରି ଗୋଟିଏ ମିଶ୍ରଙ୍କୁ ଇନ୍ଦୋରର ରାଜ୍ୟାସନ ଉପରେ ବସାଇଲେ । କିନ୍ତୁ ଭରତଙ୍କୁ ଯେଉଁ ଯଶୋବନ୍ତ ରାଓ ଏହି ରାଜ୍ୟର ପ୍ରକୃତ ଉତ୍ତରାଧିକାରୀ ଥିଲେ ; ସେହି ଯଶୋବନ୍ତ ରାଓ ସିନ୍ଧିଆ ଓ ପେଶୱାଙ୍କର ସେନାଙ୍କୁ ଜୟ କରି ପୁନା ଅଭିମୁଖେ ଯାତ୍ରା କଲେ । ପେଶୱା ବାଜୀରାଓ ଭୟ କରି ଇଂରାଜମାନଙ୍କର ଆଶ୍ରୟ ନେଲେ ଏବଂ ବେସିନର ସନ୍ଧିପତ୍ର ଲେଖି ଦେଇ ଇଂରାଜମାନଙ୍କର ଅଧୀନସ୍ଥ ହୋଇଗଲେ । ଇଂରାଜମାନେ ମଧ୍ୟ ତାହାଙ୍କଠାରୁ ସେନା ବ୍ୟୟ ନିମନ୍ତେ କିଛି ରାଜ୍ୟ ନେଇ ତାହାଙ୍କୁ ରକ୍ଷାର ସମ୍ମତ ହେଲେ । ଏହିରୂପେ ଗାଏକବାଡ଼ ସେହି ସନରେ ଅର୍ଥାତ୍ ୧୮୦୨ ଖ୍ରୀଷ୍ଟାବ୍ଦରେ ଇଂରାଜମାନଙ୍କଠାରେ ସନ୍ଧି କରି ନେଲେ ।

ସିନ୍ଧିଆ ଓ ନାଗପୁରର ଭୋଁସଲା ରାଜା ଇଂରାଜମାନଙ୍କଠାରେ ଏରୂପ ସନ୍ଧି କରିବାକୁ ଅସ୍ବୀକାର କଲେ । ଏଣୁ କରି ତାଙ୍କ ସଙ୍ଗରେ ଯୁଦ୍ଧାରମ୍ଭ ହେଲା । ଉଏଲସଲି ଦୁଇ ରାଜାଙ୍କର ମିଳିତ ସେନାଙ୍କୁ ଆସାଇ ଓ ଆରଗାଁଓ ଯୁଦ୍ଧରେ ପରାସ୍ତ କଲେ । ପୁଣି ଜେନେରାଲ ଲେକ୍ ସିନ୍ଧିଆର ଶିକ୍ଷିତ ସେନାଙ୍କୁ ଆଲିଗଡ଼ ଓ ଲସୱାରୀ ଯୁଦ୍ଧରେ ନଷ୍ଟ କରି ଦିଲ୍ଲୀ ଓ ଆଗ୍ରା ଜୟ କଲେ ଏବଂ ମୁଗଲ ବାଦଶାହ "ଶାହଆଲମ" ଙ୍କୁ ଆପଣା ଆଶ୍ରୟକୁ ଧରି ଆଣିଲେ ।

ହୋଲକାର ସହିତ ଯୁଦ୍ଧରେ ଇଂରାଜମାନଙ୍କର ଅଧିକ କ୍ଷତି ହେଲା । ପ୍ରଥମତଃ ଇଂରାଜ ସେନା ତାହାଙ୍କ ସମ୍ମୁଖରୁ ପଳାୟନ କରି ନଷ୍ଟ ହୋଇଗଲେ । ପରନ୍ତୁ ଶେଷରେ ହୋଲକାର ମଧ୍ୟ ପରାଜିତ ହୋଇ ପଞ୍ଜାବକୁ

ପଳାୟନ କଲେ । ଏହିରୂପେ ମରହଟ୍ଟାମାନଙ୍କ ଦ୍ୱିତୀୟ ଯୁଦ୍ଧ ଶେଷ ହେଲା ଏବଂ ପ୍ରାୟ ୧୨ ବର୍ଷ ପର୍ଯ୍ୟନ୍ତ ଦେଶରେ ଶାନ୍ତି ବିରାଜ କଲା ।

ସନ୍ ୧୮୧୦ ଖ୍ରୀଷ୍ଟାବ୍ଦରେ ତୃତୀୟ ମହାରାଷ୍ଟ୍ର ଯୁଦ୍ଧ ସଂଘଟିତ ହୋଇଥିଲା । ପୁନାର ପେଶବା ଓ ନାଗପୁରର ଭୋଁସଲା ଇଂରେଜମାନଙ୍କ ଅଧୀନରେ ସନ୍ତୁଷ୍ଟ ନ ହୋଇ ସେମାନଙ୍କ ସହିତ ଯୁଦ୍ଧ କଲେ ମାତ୍ର ପରାଜିତ ହେଲେ, ହୋଲକାରଙ୍କ ମଧ୍ୟ ଏରୂପ ଅବସ୍ଥା ହେଲା । ପେଶବା ସିଂହାସନ ଚ୍ୟୁତ ହେଲେ ଏବଂ ତାହାଙ୍କ ରାଜ୍ୟ ଇଂରେଜ ରାଜ୍ୟ ସହିତ ମିଳିତ କରି ଦିଆଗଲା । ନାଗପୁର ରାଜ୍ୟ କିଛି ସମୟ ପର୍ଯ୍ୟନ୍ତ ଦୃଢ଼ ରହିଲା ମାତ୍ର ପୁଣି ଅଧିକାର ରେସିଡେଣ୍ଟ ସାହେବଙ୍କୁ ଦିଆଗଲା । ଲର୍ଡ ଡଏଲସନଙ୍କ ଶାସନ ସମୟରେ ନେପାଳ ଓ ବ୍ରହ୍ମାର ଯୁଦ୍ଧ ଅନ୍ୟତମ ଦୁଇ ଗୋଟି ପ୍ରଧାନ ଘଟଣା ଅଟେ । ଇଂରେଜମାନେ ନେପାଳିମାନଙ୍କୁ ପରାଜୟ କରି ଗଡ଼ୱାଲ କମାଉଁ ଅଧିକାର କଲେ, ଓ ଅନ୍ୟ ଯୁଦ୍ଧରେ ଆରକାନ, ଆସାମ, ଏବଂ ଦକ୍ଷିଣ ବ୍ରହ୍ମା ସେମାନଙ୍କ ଅଧୀନସ୍ଥ ହେଲା । ଏହିରୂପେ ସିନ୍ଧୁ ଏବଂ ପଞ୍ଜାବ ପ୍ରଦେଶ ବ୍ୟତୀତ ହିନ୍ଦୁସ୍ଥାନର ସମସ୍ତ ପ୍ରଦେଶ ଇଂରାଜ ରାଜ୍ୟ ହୋଇଗଲା ।

# ପାଠ ୪୭ ।

## ସ୍ୱାସ୍ଥ୍ୟରକ୍ଷା, ୮ମ ଭାଗ ।

### ହଇଜା ବା ଓଲାଉଠା ।

ଏହି ରୋଗକୁ ସାଧୁ ଭାଷାରେ ମହାମାରୀ, ମାଃସ୍ପୃଷ୍ଟ କହନ୍ତି । ଏହି ରୋଗ ଯେ କେଉଁ କାରଣରୁ ହେଉଅଛି, ତାହା ଅଦ୍ୟାବଧି ଜଣା ପଡି ନାହିଁ । ମାତ୍ର ବର୍ତ୍ତମାନ ଡାକ୍ତରମାନଙ୍କ ମତରେ ଏହି ରୋଗର ବିଷାକ୍ତ ବୀଜ ବାୟୁ ଜଳରେ ମିଶ୍ରିତ ଥାଏ ଏବଂ ଅନୁକୂଳ ଦଶା ପାଇ ତହିଁରୁ ରୋଗ ଜାତ କରାଏ । ଏହି ଉଷ୍ଣାନିକ ରୋଗର ବୀଜ ମଇଳା କାରଣରୁ, ଅପଥ୍ୟ ଭୋଜନରୁ, ଅଥବା ରାତ୍ରି ଜାଗରଣ କରି ଇତସ୍ତତଃ ଭ୍ରମଣରୁ ଲୋକମାନଙ୍କ ଶରୀରରେ ଡେରା ବାନ୍ଧି ନିଏ ।

ଏହି ରୋଗରେ ପ୍ରଥମେ ଗୋଟିଏ ଝାଡା ହେଲା ପରେ ଶୀଘ୍ର ବାନ୍ତି ହୁଏ; ଏହି ରୋଗ ଆରମ୍ଭ ହେଲାବେଳେ ଚିକିତ୍ସା କଲେ ଭଲ ହୋଇଯାଏ; କିନ୍ତୁ ଚିକିତ୍ସାରେ ହେଳା କରି ପଶ୍ଚାତ୍ ଔଷଧ ଭକ୍ଷଣ କଲେ ସେଥିରେ ବିଶେଷ ଫଳ ଫଳେ ନାହିଁ; ରୋଗକୁ ବଶିବା କଠିନ ହୋଇ ଉଠେ ।

ଏହି ରୋଗକୁ ବଶିବାର ଉପାୟ କେବଳ ପରିଷ୍କାର, ପରିଚ୍ଛନ୍ନ ରହିବା; ଏହି ରୋଗ ଶୀଘ୍ର ବ୍ୟାପି ଯାଏ ଏବଂ ଜଳ ଓ ବାୟୁ ଦୂଷିତ ହେଲେ ଅନେକ ଦେଶ ପର୍ଯ୍ୟନ୍ତ ଯାଇ ପହଞ୍ଚେ; ଉଷ୍ମ କାଳେ ଏହି ରୋଗ ଅଧିକ ବଢେ । ଯେବେ ଏ ରୋଗ ପ୍ରବେଶ କରେ, ତେବେ ମୁଣ୍ଡ ଝୁଲା ପାଣି ପଡେ; ହସ୍ତ ପଦ ଖେଞ୍ଚି ହୁଅଇ । ତହିଁରେ ବାନ୍ତି ଓ ଚାଉଳ ଧୁଆପାଣି ପରି ବିଶେଷ ଝାଡା ହୁଏ । ତୃଷା ଏବଂ ଦାହ ବିଶେଷ ଦେଖାଯାଏ । ପରେ ଶରୀରରୁ ଶୀତଳ ସ୍ୱେଦ ନିର୍ଗତ ହୁଏ । ତହିଁରେ ରୋଗୀ ଅଚେତନ ହୋଇ ପଡେ ଏବଂ ଶେଷରେ ମରିଯାଏ ।

ଯେବେ ସ୍ଥାନୀୟ ରୋଗ ରୂପରେ ବ୍ୟାପିଥିବ, ତେବେ ବିଶେଷ ଲୋକ ଏକାଠି ହୋଇ ଜନ୍ମା ହେବ ନାହିଁ । ଏହି ରୋଗୀକୁ ଓଳାଉଠାଠାରୁ ଗ୍ରାମର ଅନ୍ତରରେ ରଖିଲେ ଉପକାର ହେବ । ଯେଉଁ ସ୍ଥାନରେ ରୋଗୀକୁ ରଖିବ, ସେ ସ୍ଥାନ ପରିଷ୍କାର ଥିବ ଏବଂ ସେଠାରେ ପ୍ରଚୁରରୂପେ ନିର୍ମଳ ପବନ ବହୁଥିବ । ରୋଗୀର ବାନ୍ତି ଓ ଝାଡ଼ା ମାଟି-ପାତ୍ର ବର୍ତ୍ତନରେ ରଖିବ ; ତାହା ଭୂମିରେ ଯେପରି ପଡ଼ି ପାରିବ ନାହିଁ, ଭବିଷ୍ୟତରେ ସତର୍କ ଥିବ । ଯଦ୍ୟପି ଅକସ୍ମାତ୍ ପଡ଼ିଯାଏ, ତେବେ ଭୂମିକୁ ଖୋଳି ମୃତ୍ତିକା ପାଟି ତଳ କରି ଦେବ । ସେପରି କଲେ ତହିଁର ବିଷ ଦୂର ହୁଏ । ଏବଂ ଯେଉଁ ବାନ୍ତି ଝାଡ଼ା ମାଟିପାତ୍ର ବାସନରେ ରଖା ଯାଇଥିବ, ତାକୁ ଗ୍ରାମ ବାହାରକୁ ନେଇ ପୋଡ଼ି ପକାଇବ ; ଯେପରି ଜଳ ପବନ ଭୂମି ଦୁର୍ଗନ୍ଧରେ ଦୂଷିତ ହୋଇ ଯାଇବ ନାହିଁ । ରୋଗୀର ବସ୍ତ୍ର ଅନ୍ୟ ବସ୍ତ୍ର ସଙ୍ଗରେ ମିଶାଇବ ନାହିଁ । ରୋଗୀର ବସ୍ତ୍ରକୁ ଗରମ ପାଣିରେ ପରିଷ୍କାର କରିବା ଉଚିତ । ଏବଂ ବସ୍ତ୍ର ଧୋଇଥିବା ମଇଳାକୁ ଏକ ଗଭୀର ଭୂମି ଖୋଳି ତହିଁରେ ପୋତି ଦେବ ।

ଯେଉଁ ସ୍ଥାନରେ ଏହି ରୋଗ ପ୍ରବେଶ କରେ, ସେ ସ୍ଥାନ ଭୟଙ୍କର ବୋଧ ହୁଏ । ଏଣୁ କିଛି ଦିନ ନିମନ୍ତେ ସେ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନରେ ରହିଲେ ଭଲ ହୁଏ । ପୁନଶ୍ଚ ସେ ସ୍ଥାନର କାନ୍ଥ ଆଦିରେ ଚୂନ ଦେଇ ପରିଷ୍କାର କରି ତହିଁରେ ଗନ୍ଧକ ଜାଳି ଦେଲେ ବିଷ ଦୂରୀଭୂତ ହୁଅଇ । ଯେଉଁ ଦିନରେ ଓଳାଉଠା ଲାଗିଥିବ, ସେ ସମୟରେ ଶସ୍ତା ଓ ଗୁରୁପାକ ପଦାର୍ଥ ଏବଂ କଦଳୀ, କାକୁଡ଼ି, ମେଓ୍ୱା, କଖାରୁ, ତରଭୁଜ ଓ ଶାକାଦି ଭକ୍ଷଣ କରିବା ଅନୁଚିତ । ଏହି ସମୟରେ ପାଣିକୁ ଉଷୁ କରି ଶୀତଳ ହେଲା ପରେ ପିଇବା ଉଚିତ । ହୋଇ ପାରିଲେ ନଦୀର, ପୁଷ୍କରିଣୀ ଆଦିର ଜଳ ପାନ କାର୍ଯ୍ୟରେ ବ୍ୟବହାର କରି ନ ଦେବ ଓ ବଜାରରୁ ଦୁଧ ଓ ମିଠାଇ ବ୍ୟବହାର ନ କରି ଦୂରେ ରହିବା ଉଚିତ ।

ସର୍ବସାଧାରଣଙ୍କୁ ଉଚିତ ଯେ ଓଳାଉଠା ରୋଗ ବ୍ୟାପି ଥିବା ସ୍ଥାନକୁ

କଦାପି ଯିବା ଆସିବା କରିବେ ନାହିଁ । ଯଦ୍ୟପି ଜାଡ ଜ୍ୱର ଓ ସର୍ବଦାର ଅତ୍ୟନ୍ତ ଆବଶ୍ୟକ କାର୍ଯ୍ୟରେ ଯିବାକୁ ପଡ଼ିବ, ତେବେ ସେଠିର ନିକଟରେ ବସି ସେଠାରେ କୌଣସି ଖାଦ୍ୟ ପଦାର୍ଥ ଖାଇବ ନାହିଁ ଅଉ ସେଠାରୁ ଫେରିଲେ ଆସି ହସ୍ତ, ମୁଖ, ନାସିକା ଜଳରେ ଧୋଇ ପରିଷ୍କାର କରି ନେବ ।

ଏହି ଦେଶର ଅନେକ ସ୍ଥାନରେ ଲୋକେ କହନ୍ତି ଯେ ଭଗବତୀଙ୍କୁ ଦେବୀମାନେ ଭୋଗ କରନ୍ତି ଏବଂ ତାଙ୍କୁ ବଶୀଭୂତ କରିବା ନିମନ୍ତେ ନାନା କୀର୍ତ୍ତନ ପୂଜାଦି ବଳି ଦେଇ ଯତ୍ନ କରନ୍ତି । ସମସ୍ତ ଲୋକ ବାସ୍ତବରେ ଏହି ପରିଶ୍ରମ କରିବାକୁ ଭଗବତୀ ଅଟନ୍ତି ପ୍ରବଳ ହୋଇଯାଏ । ଏଣୁ ସମସ୍ତେ ଏହା ମନରେ ରଖିବା ଉଚିତ ଯେ ଦେବୀ କଦାପି ଭଗବତୀ ଉତ୍ପନ୍ନ କରନ୍ତି ନାହିଁ । ଏହି ରୋଗ କଲୁଷିତ ମଇଳା, ଅପରିଷ୍କାର ବାୟୁ ଓ ଜଳର ଦ୍ୱାରାରୁ ଉତ୍ପନ୍ନ ହୁଅଇ ।

# ପାଠ ୪୮ ।

## କୃଷିବିଦ୍ୟା, ୧୩ଶ ଭାଗ ।

### କୃଷକର ପଶୁରକ୍ଷା ।-

କୃଷକର ହଳ ବଳଦ୍ୱାରା ଅନେକ କାର୍ଯ୍ୟ ପଶୁମାନଙ୍କଦ୍ୱାରା ଚାଲେ । ଏମାନେ କ୍ଷେତ୍ରରେ ଶସ୍ୟ ଉତ୍ପନ୍ନ ହେବା ପାଇଁ ବହୁତ ଖତ ଦେଉଅଛନ୍ତି ଏବଂ ବିଶେଷତଃ ତୃଣାଦି ବର୍ଷରେ ଗଡ଼୍ରମ କ୍ଷେତ୍ରକୁ ଉର୍ବର କରିବା ନିମନ୍ତେ ଯହିଁରେ ଯେଉଁ ଶସ୍ୟ ଲଗାଯାଏ, ସେହି ବଞ୍ଚା ଶସ୍ୟକୁ ଖାଇଯାନ୍ତି । ଏହେତୁରୁ ହଳର କାର୍ଯ୍ୟରେ ପଶୁ ଦ୍ୱାରା ବହୁତ କାର୍ଯ୍ୟ ସମ୍ପାଦିତ ହେଉଅଛି । ଯଦି ତୁମ୍ଭେ ପଶୁମାନଙ୍କଦ୍ୱାରା ଉତ୍ତମ କାର୍ଯ୍ୟ ନେବାକୁ ଅଭିଳାଷ କର, ତେବେ ନିମ୍ନୋକ୍ତ ଚାରି ଗୋଟି ବିଷୟରେ ସମ୍ୟକ ଦୃଷ୍ଟି ଦେବା ଉଚିତ ।

(୧) ପଶୁ ଚରାଇବା ଓ ଉତ୍ତମରୂପେ ପାଳନ କରିବା ଉଚିତ ।

(୨) ପ୍ରୟୋଜନରୁ ଅଧିକ ପଶୁ ରଖିବା ଅନାବଶ୍ୟକ ।

(୩) ସର୍ବୋତ୍କୃଷ୍ଟ ପଶୁ ପାଳନ କର ।

(୪) ସେମାନଙ୍କୁ ରୋଗରୁ ବଞ୍ଚାଇବା ନିମନ୍ତେ ଉପାୟ କର ।

ପଶୁଙ୍କୁ ପୂର୍ଣ୍ଣରୂପେ ଖାଦ୍ୟ ଦେଲେ ସେମାନଙ୍କଦ୍ୱାରା ବହୁତ କାର୍ଯ୍ୟ ସାଧିତ ହୁଏ; ଉଦର ପୂର୍ଣ୍ଣ କରି ଉତ୍ତମ ପଦାର୍ଥ ଖାଇବାକୁ ଦେଲେ କେବଳ ସେମାନେ ପାଳିତ ହେଉଅଛନ୍ତି ଏମନ୍ତ ନୁହେ; କେତେକ ବର୍ଷ ପରେ ସେମାନଙ୍କ ସନ୍ତାନମାନେ ସୁଦ୍ଧା ସବଳ ହେଉଅଛନ୍ତି । ଓଙ୍ଗୋଲ, ନାଗପୁର ଓ ନିମାଡ଼ ଜିଲ୍ଲାରେ ପଶୁମାନଙ୍କୁ କପାସିଅ ଆଉ କୁଅଣ ଖୁଆଉଥିବାରୁ ସେମାନେ ଉତ୍ତମ ପୁଷ୍ଟ ହେଉଅଛନ୍ତି । ଉତ୍ତର ବଙ୍ଗର ପଶୁଙ୍କୁ ଗହମର ଭୁଷା ଖୁଆଇବାରୁ ମଧ୍ୟ ଭଲ ହୁଅନ୍ତି; କିନ୍ତୁ ଛୋଟନାଗପୁର ଓ ଅନ୍ୟାନ୍ୟ ଧାନ କମାଉଥିବା ଜିଲ୍ଲା ସମୂହରେ ପଶୁଙ୍କୁ କେବଳ ପୁଆଳ ଖୁଆଇବା ହେତୁରୁ ସେମାନେ ଅପେକ୍ଷାକୃତ କ୍ଷୁଦ୍ର ଓ ଦୁର୍ବଳ ହୋଇଯାନ୍ତି ।

କୃଷକମାନଙ୍କୁ ଉଚିତ ଯେ ସେମାନଙ୍କ ଖାଇବା ନିମନ୍ତେ ଧାନ କମାଉଥିବା ଜଳା ମୁଣ୍ଡିଆରେ ବିଶେଷ ଅର କୁତ୍ରୁଷ ଓ ଲୁଡ଼ିଷ୍ଟା ତଣ କମାଇବେ ଏବଂ ହୁଡ଼ାରେ ହରଡ଼ ଅଡ଼ ଲଗାଇବେ । ପ୍ରତ୍ୟେକ ଋତୁରେ ବଳଦମାନଙ୍କୁ ସର୍ବଦା ଲବଣ ଦିଆଯିବା ଉଚିତ୍,

ଗ୍ରୀଷ୍ମ ଋତୁରେ ପଶୁ ନିମନ୍ତେ କଞ୍ଚା ଘାସ ମିଳେ ନାହିଁ, ତାହା ଗୋଟିଏ ଉପାୟରେ ସେହି ସମୟ ପର୍ଯ୍ୟନ୍ତ ମିଳିପାରେ । ଏକ ଉଚ୍ଚ ଶୁଷ୍କ ଭୂମିରେ ୮ ହାତ ଲମ୍ବା ଓ ୬ ହାତ ଚୌଡ଼ା ଏବଂ ୫ ହାତ ଗଭୀର ଏକ ଗର୍ତ୍ତ ଖୋଳିବ; ତହିଁରେ ବର୍ଷାକାଳ ମାସର ପାକଳ ଘାସ ଚେପି ପୂର୍ଣ୍ଣ କରିବ । ଯେତେବେଳେ ଉପରକୁ ଏକ ହସ୍ତ ଖାଲି ରହିବ, ସେତେବେଳେ ତାର ଉପରେ ଏକ ବାଉଁଶ ଚଟି ପକାଇ ତତୁପରି ଶୁଷ୍କ ଘାସ ଦେବ ଏବଂ ତହିଁ ଉପରେ ୪ ଦଳ ପର୍ଯ୍ୟନ୍ତ ଚୂର୍ଣ୍ଣ ମାଟି ଚେପି ରଖିବ; ଯେ ପର୍ଯ୍ୟନ୍ତ ଭୂମି ଉପରେ ଗୋଟିଏ ଛିଦ୍ର ରହି ନ ଯାଏ । ଏହାର ଉପରେ ଏକ ଛାଉଣି ଏବଂ ତାହାର ଚତୁର୍ଦ୍ଦିଗରେ ପାଣି ବୋହି ଯିବା ଭଳି ନାଳ କରି ଦେବ । ଫାଃ ବାହାରିଲେ ତହିଁରେ ମାଟି ଭରି ଦେଇଥିବ । ୮ ମାସ ପରେ ଖୋଳିଲେ ଦେଖାଯିବ ଯେ ତହିଁରେ ସବୁ ଘାସ କିପରି ରସଯୁକ୍ତ ଓ ସୁଗନ୍ଧର ହୋଇଥିବ । ଗୋରୁମାନେ ଏହି ଘାସକୁ ଆନନ୍ଦରେ ଆହାର କରନ୍ତି । ଉଲ୍ଲିଖିତ ଘାସ ଦୁଧ ବଳଦର ଗ୍ରୀଷ୍ମମାସର ଖାଦ୍ୟ ଅଟେ ।

କୃଷକମାନେ ଅନେକ ପଶୁଙ୍କୁ ଗ୍ରାମର ଗୋଚରକୁ ଚରିବା ପାଇଁ ପଠାଇ ଦିଅନ୍ତି; ଏହିହେତୁରୁ ସେମାନେ ସେ ସବୁର ଆହାର, ପାନ ଓ ଯତ୍ନ ବିଷୟରେ ବିଶେଷ ଦୃଷ୍ଟି ଦେଇ ପାରନ୍ତି ନାହିଁ; ଏଣୁ ସେ ସବୁ ଅଶକ୍ତ ମାସ ଅଧିକ ଦୁର୍ବଳ ହୋଇ ମରିଯାନ୍ତି; ଏଣୁକରି କୃଷକଙ୍କୁ ଉଚିତ ଯେ ବାଛି ବେଛିକ ଅଳ୍ପ ପଶୁଙ୍କୁ ଗୃହରେ ରଖି ଯଥେଷ୍ଟ ଆହାର ପାନ ଦେଉଥିବେ । ଗ୍ରାମର ଗୋଚର ବର୍ଷଣ ହେଲା ପରେ ଅଗତ୍ୟା ସେଥିରୁ ଚରିବାକୁ ପଡ଼େ ।

ଗୋଚରରେ ଘାସ ନ ମିଳିବାରୁ ଓ ଖୋରାକ୍ ଅତି ମଇଳା ଲାଗିବାରୁ ପଶୁମାନେ ରୋଗୀ ହୋଇ ମରୁଥାନ୍ତି । ସେ ସବୁର ବିବରଣୀରେ ସ୍ପର୍ଶ ଜାତୀୟ

ରୋଗ ହୁଏ; ଯଥା, ୧ମାତା, ୨ଘଟସର୍ପ, ୩ପାଫସିଆ, ୪ପାଦ ଶୂଳ । ଏଥିରୁ ଚତୁର୍ଥ ରୋଗ ଔଷଧ ପ୍ରୟୋଗ କଲେ ଉତ୍ତମ ହୋଇ ଯାଏ; ମାତ୍ର ପ୍ରଥମ ତିନି ରୋଗ ସଂକ୍ରାମକ ଅଟେ । ଏଣୁକରି ଏହା ବୃଦ୍ଧି ନ ହେବା ପକ୍ଷରେ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ । ନୀରୋଗୀ ପଶୁଠାରୁ ରୋଗୀ ପଶୁମାନଙ୍କୁ ବହୁତ ଦୂରରେ ରଖିବା ଓ ପୃଥକ୍ ଚରାଇବା ଉଚିତ । ରୋଗ ପଡିଥିବା ଗ୍ରାମର ନୀରୋଗୀ ବଳଦମାନଙ୍କୁ ଅନ୍ୟ ଗ୍ରାମର ନୀରୋଗୀ ବଳଦ ସଙ୍ଗରେ ମଧ୍ୟ ମିଶାଇବ ନାହିଁ । ରୋଗ ନ ହେବାର କିଛି ଉପାୟ ସୁଦ୍ଧା ଅଛି । ଶୁଣିଲୁ ଲୋକ ଚରାଉ ଥିବା ବଳଦ ବସନ୍ତ ରୋଗରୁ ମୁକ୍ତ ହୋଇଥାନ୍ତି । ରୋଗ ହେବା ସମୟରେ ନୀରୋଗୀ ପଶୁମାନଙ୍କୁ ଏକ କୁଣ୍ଡାଳରେ ଅର୍ଦ୍ଧ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ କରି ପ୍ରତ୍ୟେକ ପାର୍ଶ୍ୱରେ ଗନ୍ଧକର ଧୂଆଁ ଦେବ; ଏଥିରେ ରୋଗ ନ ହେବାର ପୂର୍ଣ୍ଣ ଭରସା ନ ଥିଲେହେଁ ହେବାର ଭୟ ଊଣା ପଡେ ।

---

(୧) ଏହାକୁ ଦେଶୀ, ମାଈ, ମହାମାରି, ଶୀତଳା ଓ ଇଂରାଜୀରେ ରିଣ୍ଡର ପେଷ୍ଟ କହନ୍ତି ।

(୨) ଏହାକୁ ଖୋଲ, ମଣ୍ଡିଗର୍ଦ୍ଦ ଓ ଇଂରାଜୀରେ ଏନ୍ଥ୍ରାକ୍ସ କହନ୍ତି ।

(୩) ଖୋରସା, ଖେପଡ଼ିଆ, ପାଟୁଆ ଓ ଇଂରାଜୀରେ ପ୍ଲୁରୋ ନ୍ୟୁମୋନିଆ କହନ୍ତି ।

(୪) ପାଦଶୂଳ, ଛେଦା, ଚେଙ୍ଗା ଅଥବା ଇଂରାଜୀରେ ଫୁଟ ଏଣ୍ଡ ମାଉଥଡିଜିଜ କହନ୍ତି ।

(୫) ଏହି ସବୁ ରୋଗ ଚିହ୍ନିବା ଏବଂ ଔଷଧ କରିବା ଇତ୍ୟାଦି ୧ମ ପୁସ୍ତକର ପରିଶିଷ୍ଟରେ ଦିଆଯାଇଛି ।

## ପାଠ ୪୮ |

## ଖ୍ରୀ ୧୮୫୭ ର ଯୁଦ୍ଧ ବା ସିପାହି-ବିଦ୍ରୋହ |

ପୂର୍ବ ଐତିହାସିକ ପାଠମାନଙ୍କରେ ଲେଖାଅଛି ଯେ ଇଂରେଜ ରାଜ୍ୟ ସମସ୍ତ ଭାରତବର୍ଷରେ ବ୍ୟାପିଗଲା | ଭାରତବର୍ଷର ଅଧିକାଂଶ, ଯାହାକୁ ସରକାରୀ ରାଜ୍ୟ କହନ୍ତି, ଏମାନେ ନିଜେ ଶାସନ କରି ଆସୁଅଛନ୍ତି | ଯେଉଁ ରାଜ୍ୟମାନ ଏମାନେ ଜୟ କରି ନାହାନ୍ତି, ସେ ସବୁକୁ ସ୍ୱାଧୀନ ରାଜ୍ୟ କୁହାଯାଏ ; ଯଥା, ନେପାଳ, ଭୁଟାନ | ଅନେକ ରାଜା ସରକାରର ଅଧୀନରେ ରହିବାକୁ ସ୍ୱୀକାର କଲେ ; ଯଥା, ମହୀଶୂର ଓ ହାଇଦ୍ରାବାଦ | ଏହି ରାଜ୍ୟମାନ ରାଜାମାନଙ୍କର ଅଧିକାରରେ ଅଦ୍ୟାବଧି ଚଳି ଆସୁଅଛି ଏବଂ ଏସବୁକୁ ରକ୍ଷିତ ରାଜ୍ୟ କୁହାଯାଏ ; କାରଣ କି ସରକାର ଇଂରେଜ ଏସବୁକୁ ରକ୍ଷା କରନ୍ତି |

ଯାହା ହେଉ ସରକାରଙ୍କ ରାଜ୍ୟ ଓ ପ୍ରଭାବ ସମସ୍ତ ଭାରତବର୍ଷରେ ପ୍ରସାରିତ ହେଲା ଆଉ ଇଂରେଜମାନଙ୍କ କ୍ରମଶଃ କଳହ କରିବାର କାରଣ ଅବଶିଷ୍ଟ ନାହିଁ ବୋଲି ଅନୁମିତ ହେଉଥିଲା | ଏଥିରେ ଏକାବେଳକେ ଖ୍ରୀ ୧୮୫୭ ଇସବୀରେ ବିଦ୍ରୋହ ଆରମ୍ଭ ହେବାରୁ ସମସ୍ତ ଦେଶରେ ହୁଲସ୍ଥୁଲ ପଡ଼ିଗଲା |

ଏହି ଯୁଦ୍ଧଟି ନିମ୍ନଲିଖିତରୂପେ ଘଟିଥିଲା | ବଙ୍ଗଳା ସୁବାର ସେନା ମଧ୍ୟରେ ବହୁସଂଖ୍ୟକ ଅଯୋଧ୍ୟାନିବାସୀ ସିପାହୀ ଭର୍ତ୍ତିଥିଲେ | ସେମାନଙ୍କର ଆପଣା ସୈନିକଭାବରେ ବିଶେଷ ଗର୍ବ ଥିଲା ଆଉ ସେମାନେ ବୋଧ କରୁଥିଲେ ଯେ କେବଳ ସେମାନେହିଁ ସରକାର କମ୍ପାନୀଙ୍କୁ ଭାରତବର୍ଷ ଜୟ କରାଇ ଦେଇଅଛନ୍ତି | ଅଯୋଧ୍ୟା ରାଜ୍ୟ ଜବ୍ଦ ହେବାରୁ ଅଥବା ଅନ୍ୟ କୌଣସି କାରଣରୁ ସେମାନେ ମନରେ ଅସନ୍ତୁଷ୍ଟ ଥିଲେ | ତଥାପି କୌଣସି ନିନ୍ଦୁକ ଏହି ଗୁଜବଟିଏ ଉଠାଇ ଦେଲା ଯେ ସିପାହୀମାନଙ୍କୁ ବଣ୍ଟା ଯାଉଥିବା

ନୂତନ କାର୍ତ୍ତୁସମାନଙ୍କରେ ଗୋରୁ ଓ ଘୁଷୁରିର ଚର୍ବି ଲଗାଯାଏ; ଏପ୍ରକାର ବ୍ୟବହାରଦ୍ୱାରା ସରକାର ହିନ୍ଦୁ ଓ ମୁସଲମାନ ସିପାହିମାନଙ୍କର ଧର୍ମ ନାଶ କରିବାକୁ ଉଦ୍ୟତ ହୋଇଅଛନ୍ତି। ଏହି କାରଣରୁ ଅଥବା ଅନ୍ୟ କୌଣସି ଗୂଢ଼ କାରଣରୁ ବଙ୍ଗଳା ବିହାର ହିନ୍ଦୁସ୍ଥାନୀ ସେନା ମଧ୍ୟରେ ସ୍ଥାନେ୨ ବିଦ୍ରୋହ ଆରମ୍ଭ ହେଲା । ପ୍ରଥମତଃ କଲିକତା ନିକଟବର୍ତ୍ତୀ ବାରକପୁରରେ, ପରେ ଉତ୍ତର ପଶ୍ଚିମ ପ୍ରଦେଶସ୍ଥ ସୁବୃହତ୍ ମିରଟ ଛାଉଣିରେ ଏହି ବିଦ୍ରୋହ ଆରମ୍ଭ ହେଲା । ଏଠାରେ ସେନାମାନେ ଆପଣାର ପ୍ରଧାନ କର୍ମଚାରୀମାନଙ୍କୁ ମାରି ସେମାନଙ୍କ କୋଠି ଦାହ କରି ଦେଇ ଏବଂ ସରକାରୀ କୋଷାଗାର ଲୁଣ୍ଠନ କରି ଦିଲ୍ଲୀ ଅଡ଼କୁ ଅଗ୍ରସର ହେଲେ ଏବଂ ସେଠାରେ ପ୍ରବେଶ କରି ପେନ୍‌ସନ ଭୋଗୀ ମୋଗଲ ରାଜକୁମାରଙ୍କୁ ବାଦଶାହ କରି ତାହାଙ୍କ ନାମରେ ପତାକା ଉଡ଼ାଇଲେ । ଏହି ପ୍ରକାରେ ଅଯୋଧ୍ୟାର ସେନା ବିଦ୍ରୋହୀ ହୋଇ ପଡ଼ିଲେ; କାନପୁର ହସ୍ତଗତ କରି ସେଠାର ପ୍ରଧାନ କର୍ମଚାରୀମାନଙ୍କୁ ନଷ୍ଟ କଲେ ଓ ଲକ୍ଷ୍ନୌ ବେଷ୍ଟନ କଲେ । ଏହି ବିଦ୍ରୋହ ଦମନ କରି ଦେବା ନିମନ୍ତେ କଲିକତାଠାରୁ ଇଂରାଜମାନେ ସେନା ପ୍ରେରଣ କଲେ । ସେମାନଙ୍କୁ ଆସିବାକୁ ବହୁ ମାସ କାଳ ଲାଗିଲା; କାରଣ ସେ ସମୟରେ ରେଲ ଥିଲା ନାହିଁ । ସେମାନେ ଆସିବା ସମୟରେ ପ୍ରଥମତଃ କାନ୍ପୁରର ନାନାପନ୍ତ, ଯେ କି ନାନାସାହେବ ନାମରେ ଖ୍ୟାତ ହୋଇଅଛନ୍ତି, ଆପଣା ହସ୍ତରେ ପଡ଼ିବା ଇଂରାଜ ସ୍ତ୍ରୀ ଓ ବାଳକମାନଙ୍କୁ ନାଶ କରି ସେମାନଙ୍କ ମୃତ ଶରୀର କୂପରେ ପକାଇ ଦେଇଥିଲେ । ଏହି ନାନାସାହେବ ପୁନାର ଅନ୍ତିମ ପେଶବା ବାଜିରାଓଙ୍କର ଦତ୍ତପୁତ୍ର ଥିଲେ । ସରକାର ଏହାଙ୍କ ପେନ୍‌ସନ ଅସ୍ୱୀକାର କରିଥିଲେ । ଏଥିନିମନ୍ତେ କ୍ରୁଦ୍ଧ ହେବା ମାତ୍ରେ ସେ ବିଦ୍ରୋହୀମାନଙ୍କର ନେତା ହୋଇଗଲେ । ଇଂରାଜ ସେନା ଆସି ସେତେବେଳେ କାନପୁର ଜୟ କରି ନେଲେ ଏବଂ ଲକ୍ଷ୍ନୌର

ବିଦ୍ରୋହୀମାନଙ୍କୁ ମାରି ତଡ଼ି ଦେଲେ, ସେତେବେଳେ ଏହି ନାନାସାହେବ କୌଣସି ଜଙ୍ଗଲକୁ ପଳାୟନ କଲେ । ଅଦ୍ୟାବଧି ତାହାଙ୍କ ପତ୍ତା ନାହିଁ ।

ଏହି ପ୍ରକାରେ ପଞ୍ଜାବ ସେନା ଶିଖ ଓ ଗୋରଖାମାନଙ୍କର ସହାୟତାରେ ଦିଲ୍ଲୀରେ ମିଳିତ ହୋଇଥିବା ବିଦ୍ରୋହୀମାନଙ୍କୁ ପରାସ୍ତ କଲେ ଏବଂ ଦିଲ୍ଲୀ ଜୟ କଲେ ; ଆଉ ବାଦଶାହଙ୍କୁ କଏଦ କରି ରେଙ୍ଗୁନକୁ ପଠାଇ ଦେଲେ ଓ ବୋମ୍ବାଇର ସେନା ମଧ୍ୟ-ହିନ୍ଦୁସ୍ଥାନରେ ଶାନ୍ତି ସ୍ଥାପନ କଲେ । ବଙ୍ଗଳା-ଦଳର ସିପାହୀମାନେ ଏହି ବିଦ୍ରୋହ କରିଥିଲେ ; ମାତ୍ର ମାନ୍ଦ୍ରାଜ ଓ ବୋମ୍ବାଇ ଦଳର ସେନାମାନେ ବିଶ୍ୱାସୀ ରହିଲେ । ଯେଉଁ ଶିଖମାନେ ସରକାରଙ୍କ ଅଧୀନରେ ଥିଲେ, ସେମାନେ ଯେ କେବଳ ବିଶ୍ୱାସ ଭାଜନ ହୋଇ ରହିଲେ ଏପରି ନୁହେଁ, ବିଦ୍ରୋହ ଦମନ କରିବା ବିଷୟରେ ସେମାନେ ବିଶେଷ ସାହାଯ୍ୟ ଦେଇଥିଲେ । କେବଳ ଉତ୍ତର-ପଶ୍ଚିମ ପ୍ରଦେଶ, ଅଯୋଧ୍ୟା, ବେହାର, ଆଉ ବଙ୍ଗଳାରେ ଏହି ଗୋଳମାଳ ହେଲା । ପରନ୍ତୁ ସେଠାର ଜମିଦାର ଅବା ପ୍ରଜା ସେହି ସିପାହୀମାନଙ୍କ ସଙ୍ଗୀ ହେଲେ ନାହିଁ । କାରଣ ସମସ୍ତେ ପ୍ରାଚୀନକାଳ ଅପେକ୍ଷା କୋମ୍ପାନିର ରାଜ୍ୟରେ ସୁଖୀ ଥିଲେ । ତଥାପି ଏହି ବିଦ୍ରୋହ ଏରୂପ ଭୟଙ୍କର ଥିଲା ଯେ ଇଂରାଜମାନଙ୍କୁ ଏଠାର ଶାସନ ସମ୍ବନ୍ଧରେ ଅଧିକ ପରିବର୍ତ୍ତନ କରିବାକୁ ପଡ଼ିଲା ।

(୧) ଗୋରା ପଲଟନ ବୃଦ୍ଧି କରାଗଲା ଆଉ ହିନ୍ଦୁସ୍ଥାନୀ ପଲଟନ ସଂଖ୍ୟା ଊଣା କରାଗଲା ।

(୨) ହିନ୍ଦୁସ୍ଥାନୀ ପଲଟନରେ ଏହି ଅଯୋଧ୍ୟାବାସୀ ସୈନ୍ୟ ଅଳ୍ପ ଅଉ ଶିଖ ଓ ଗୋରଖା ଅଧିକ ରଖାଗଲେ ।

(୩) ଇଂଲଣ୍ଡର ମହାରାଣୀ ଓ ପାର୍ଲିଅମେଣ୍ଟ ଇଷ୍ଟଇଣ୍ଡିଆ କୋମ୍ପାନୀଙ୍କୁ ଅଧିକାର ଚ୍ୟୁତ କରି ଏଠାର ରାଜ୍ୟ ଆପଣାର ଅଧୀନକୁ ନେଇଗଲେ ।

(୪) ସମସ୍ତ ଦେଶରେ ରେଲ୍ ସଡ଼କ ତାର ଯନ୍ତ୍ର ଏବଂ ପକ୍କା ସଡ଼କ ସ୍ଥାନେ୨ ପ୍ରସ୍ତୁତ ହେଲା ।

ଏହି ଗୋଲମାଲ ଭିତରୁ ଭାରତବର୍ଷର ଲୋକମାନଙ୍କୁ ଅଉ ତିନି ଗୋଟି ଯୁଦ୍ଧ କରିବାକୁ ପଡ଼ିଲା । ପ୍ରଥମ, ସିନ୍ଧୁ ପାର୍ଶ୍ୱର ସେହି ପାଦେଶସ୍ଥ ଲୋକମାନେ ଇଂରାଜ ରାଜ୍ୟକୁ ଆସି ଲୁଣ୍ଠନ ଓ ମାରଣ କରୁଥିଲେ, ସେମାନଙ୍କ ସହିତ ଯୁଦ୍ଧ ହେଲା । ଏ ସମସ୍ତ ଲୋକ କ୍ରମେ ଇଂରାଜମାନଙ୍କ ଅଧୀନ ହୋଇଗଲେ ଏବଂ ଇଂରାଜ ରାଜ୍ୟ ପେଶୋଆରଠାରୁ କୁଲଷ୍ଟା ପର୍ଯ୍ୟନ୍ତ ବଢ଼ିଗଲା । ଦ୍ୱିତୀୟ ଯୁଦ୍ଧ ଅଫଗାନମାନଙ୍କ ସହିତ ହେଲା । ଏଥିରେ ପ୍ରଥମ ଯୁଦ୍ଧଠାରୁ ସରକାରର ଅଧିକ ଜୟ ହେଲା ; ବର୍ତ୍ତମାନ ଏଠାର ଅମୀର ଅବଦୁଲ ରହମାନ ଖାଁ ସରକାରର ମିତ୍ର ଅଟନ୍ତି । ତୃତୀୟ ଯୁଦ୍ଧରେ ବ୍ରହ୍ମର ରାଜା ଥିବକୁ ବନ୍ଦି କରି, ବ୍ରହ୍ମ ସରକାର ରାଜ୍ୟରେ ମିଳିତ କରାଗଲା ।

ଏହିରୂପେ ବର୍ତ୍ତମାନ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଅଉ ବ୍ରହ୍ମଠାରୁ ବେଲୁଚିସ୍ଥାନ ପର୍ଯ୍ୟନ୍ତ ସମସ୍ତ ଦେଶରେ ଶ୍ରୀମତୀ ମହାରାଣୀଙ୍କର ଯଶଃପତାକା ଉଡ଼ୁଅଛି ।

# ପାଠ ୫୯ ।

## କପଟର ଫଳ ବିନାଶ ।

ଏକ ସମୟରେ ଚାରିଜଣ ଚୋର ଏକ ବୃହତ୍ ନଗରକୁ ଚୋରି କରିବା ନିମନ୍ତେ ଗଲେ ଓ ସେଠାର ଜଣେ ଧନବାନ୍ ସାହୁକାରର ଅନେକ ଧନ ସମ୍ପତ୍ତି ଚୋରାଇ ଆଣିଲେ । ସେହି ସବୁ ପଦାର୍ଥ ବିଭାଗ କରିବା ପାଇଁ ଗୋଟିଏ ଅରଣ୍ୟରେ ପ୍ରବେଶ କଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, "ହେ ସଖେ! ଚୋରି କରିବାରୁ ଆମ୍ଭମାନଙ୍କୁ ଚିରକାଳ କ୍ଷୁଧା ପିପାସା ସହ୍ୟ କରିବାକୁ ହେଉଅଛି । ଅତଏବ ଯାହା ହେଉ, ଆଜି ଆନନ୍ଦରେ ସମସ୍ତେ ଉତ୍ତମରୂପେ ଭୋଜନ କରିବା ଉଚିତ ।" ଏଥିରେ ସମସ୍ତଙ୍କର ସମ୍ମତ ହେଲା । ତନ୍ମଧ୍ୟରୁ ଦୁଇଜଣ ଚୋର କିଛି ଦ୍ରବ୍ୟ ନେଇ ମିଠାଇ କିଣିବା ନିମନ୍ତେ ନଗରକୁ ଗଲେ । ବାଟରେ ଯାଉଁ ଯାଉଁ ପରସ୍ପର ଏପରି ବିଚାର କଲେ କି ଚୋରି କରି ଏତେ ଦୀର୍ଘକାଳ ଅତୀତ ହେଲା; ତଥାପି ଆପଣା ଆପଣା ଜୀବନ ସୁଖ ସ୍ୱଚ୍ଛନ୍ଦରେ କଟିଲା ନାହିଁ । ଯେଉଁ ପଦାର୍ଥ ବର୍ତ୍ତମାନ ହସ୍ତଗତ ହୋଇଅଛି ତାହା ଚାରି ଭାଗ କଲେ ପ୍ରତ୍ୟେକଙ୍କୁ ଅଳ୍ପ ଅଳ୍ପ ମିଳିବ; ଆଉ ଚୋରି କରିବା ଆପଣା କର୍ମସ୍ଥିତ ଫଳ ବୋଲି କହିବାକୁ ହେବ । ଏଣୁକରି ଆମ୍ଭେ ଯେବେ ଆମ୍ଭର ଉଭୟ ସଖାଙ୍କୁ ଉପାୟ ଦ୍ୱାରା ବଧ କରି ପାରିବା, ତେବେ ତୁମ୍ଭେ ଆମ୍ଭେ ଦ୍ୱିଗୁଣ ଲେଖାଏଁ ସମ୍ପତ୍ତି ଭାଗ ନେବା । ଏହି ବିଚାର ସ୍ଥିର କରି ସେହି ଦୁଇ ଜଣ କିଛି ମିଠାଇ କିଣି ତହିଁରେ ବିଷ ମିଶ୍ରିତ କରିଦେଲେ । ଏଆଡ଼େ ସୁଦ୍ଧା ଏହି ଦୁଇ ଚୋରଙ୍କ ହୃଦୟରେ ସେମାନଙ୍କ ତୁଲ୍ୟ ପାପ ଉଦୟ ହେଲା ଓ ପରସ୍ପର ଏପରି କୃତସଂକଳ୍ପ ହେଲେ । "ସେମାନେ ମିଠାଇ ଆଣି ପ୍ରବେଶ ହେବା ମାତ୍ରେ ତତ୍କ୍ଷଣାତ୍ ସେ ଦୁହିଁଙ୍କୁ ଖଡ୍ଗରେ ବଧ କରି ଏସମସ୍ତ ଧନ ଉଭୟେ ବାଣ୍ଟି ନେବା ।" ଏହା ସ୍ଥିର କଲେ । ସେ ମିଠାଇ

କଣି ଯାଉଥିବା ଲୋକେ ନଗରରୁ ଏହି ଅବସରରେ ଫେରି ଆସିଲେ । ସେମାନେ, ତାଙ୍କ ସମ୍ମୁଖରେ ମିଠାଇ ଥୋଇଲା ସମୟରେ ସେହି ଦୁଇ ଜଣଙ୍କୁ ବଧ କଲେ । ତଦନନ୍ତର ଆନନ୍ଦିତ ମନରେ ବିଷ ମିଶ୍ରିତ ମିଠାଇ ଭୋଜନ କରି ଆପଣା ୨ ଜୀବନ ବିସର୍ଜ୍ଜନ କଲେ । ଦେଖ, ସେହି ତିନିଜଣ ଚୋରଙ୍କ ମନରେ କପଟ ଭାବ ପ୍ରବେଶ କରିବାରୁ ଏକାବେଳକେ ସମସ୍ତଙ୍କର ମୃତ୍ୟୁ ହେଲା । ଚୋରାଇ ଦ୍ରବ୍ୟ ସବୁ ଅରଣ୍ୟର ଯେଉଁ ସ୍ଥାନରେ ଥିଲା, ସେହି ସ୍ଥାନରେ ପଡ଼ି ରହିଲା । ଅବଶେଷରେ ସେମାନଙ୍କ ମୃତ ଶରୀରକୁ କାକ, କୁକ୍କୁର ଓ ଗୃଧ୍ର ଖଣ୍ଡ ୨ କରି ଭକ୍ଷଣ କଲେ ।

ପ୍ରମାଣ ଅଛି, ଚୋରର ପଦାର୍ଥ ଚଣ୍ଡାଳ ଖାଏ, ପାପୀ ଶୂନ୍ୟ ହସ୍ତରେ ରହିଯାଏ ।

---

## ପାଠ ୭୦ ।

## ଅହଲ୍ୟାବାଈ ।

ଭାରତବର୍ଷରେ, ହିମାଳୟଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ଏମନ୍ତ କୌଣସି ଲୋକ ନାହିଁ ଯେ ଅହଲ୍ୟାବାଈଙ୍କ ନାମ ଶ୍ରବଣ ଓ ତାହାଙ୍କ କୃତ ଘାଟ, ସେତୁ ଧର୍ମ୍ମଶାଳା ଓ ପୁଷ୍କରିଣୀ ଇତ୍ୟାଦି ଦର୍ଶନ କରି ନାହାନ୍ତି । ହିନ୍ଦୁସ୍ଥାନରେ ଏପରି କୌଣସି ତୀର୍ଥସ୍ଥାନ ନାହିଁ, ଯେଉଁଠାରେ କି ତାହାର ଭୂତଦୟା, ଉଦାରତା ଓ ଧାର୍ମିକତାର ଚିହ୍ନ ଲକ୍ଷିତ ହୁଏନାହିଁ । ବୋଧ ହୁଏ, ଏହି ସୁପ୍ରସିଦ୍ଧା ରମଣୀଙ୍କର ଜୀବନ ଚରିତ ଅଦ୍ୟାବଧି କେହି ୨ ଶ୍ରବଣ କରି ନ ଥିବେ । ଅତଏବ ଏଠାରେ ତାହାର ସଂକ୍ଷିପ୍ତ ବିବରଣ ଉଲ୍ଲେଖ କରା ଯାଉଅଛି ।

ମହାରାଜ ମଲ୍ହାରରାଓ ହୋଲକର ପୁଣା-ନଗର ଅନ୍ତର୍ବର୍ତ୍ତୀ ହୋଲନ ଗ୍ରାମ ନିକଟରେ ଶୁଦ୍ର ବଂଶରେ ଜାତ ହୋଇଥିଲେ । ସେ ସୌଭାଗ୍ୟବଶରୁ ପେଶବା ବାଜୀରାଓଙ୍କର ସୈନ୍ୟାଧ୍ୟକ୍ଷ ହୋଇ ଅନେକ ଯୁଦ୍ଧରେ ଜୟ ଲାଭ କଲେ । ମାଳବା ରାଜ୍ୟ ତାଙ୍କର ଜାଗିର ଥିଲା ; ତେଣୁ ତାଙ୍କୁ ମାଳବାଧି-ପତି ବୋଲନ୍ତି । ତାହାଙ୍କର ଖଣ୍ଡେରାଓ ନାମକ ଗୋଟିଏ ମାତ୍ର ପୁତ୍ର ଥିଲେ । ଖଣ୍ଡେରାଓ ଭରତପୁର ନିକଟରେ କୁମ୍ଭେର ଯୁଦ୍ଧରେ ଜାଟମା-ମାନଙ୍କ ଦ୍ୱାରା ହତ ହେଲେ ଏବଂ ତାହାଙ୍କର ସ୍ତ୍ରୀ ଅହଲ୍ୟାବାଈଙ୍କୁ ବିଧବାବସ୍ଥାରେ ରଖିଗଲେ । ଖ୍ରୀ ୧୬୬୭ ଖ୍ରୀଷ୍ଟାବ୍ଦରେ ମଲ୍ହାରରାଓ ମୃତ ହେବାରୁ ଅହଲ୍ୟାବାଈଙ୍କ ପୁତ୍ର ମାଲେରାଓ ରାଜା ହେଲେ ; ଏଭ ମା ୯ ସ ପର୍ଯ୍ୟନ୍ତ ରାଜତ୍ୱ କରି ସେ ଶୁଦ୍ଧା ପରଲୋକ ଗମନ କଲେ । ତହୁଁରେ ଅହଲ୍ୟାବାଈଙ୍କୁ ସ୍ୱୟଂ ରାଜକାର୍ଯ୍ୟ ଚଳାଇବାକୁ ପଡ଼ିଲା । ତାହାଙ୍କର ସୁଶିକ୍ଷିତ ଗଙ୍ଗାଧର ଯଶୋବନ୍ତ ତାହାଙ୍କୁ ଗୋଟିଏ ପୋଷ୍ୟପୁତ୍ର ରଖିବା ନିମନ୍ତେ ଉପଦେଶ ଦେଲେ ଏବଂ ପୋଷ୍ୟପୁତ୍ର ନ ରଖିଲେ ରାଜ୍ୟ ଅନ୍ୟର ହସ୍ତଗତ ହୋଇଯିବା କଥା ମଧ୍ୟ ତାଙ୍କୁ ବୁଝାଇ ଦେଲେ ; ମଧ୍ୟ ପାର୍ଶ୍ୱବର୍ତ୍ତୀ ରାଜାମାନଙ୍କୁ ତାଙ୍କ ବିରୁଦ୍ଧରେ ଉଠିବାକୁ ଉତ୍ତେଜିତ କଲେ । ରାଣୀ ଉତ୍ତର ଦେଲେ, ଦେଖ ଗଙ୍ଗାଧର, ଆମ୍ଭେ ଜଣେ ରାଜା-ଙ୍କର ଭାର୍ଯ୍ୟା ଓ ଜଣେ ରାଜାଙ୍କର ମାତା ହୋଇଥିଲୁଁ । ବର୍ତ୍ତମାନ ଈଶ୍ୱର ଉଭୟଙ୍କୁ ନେଇ ଗଲେ । ମଲ୍ହାରରାଓଙ୍କ ବଂଶ ଲୋପ ହୋଇ-ଗଲା । ଏବେ ଆମ୍ଭେ କଦାପି ବାହାରୁ ପୁତ୍ରରୂପେ ଗ୍ରହଣ କରି ସିଂହା-ସନରେ ବସାଇବୁଁ ନାହିଁ । ଏହା କହି ସେ ଯୁଦ୍ଧର ଆୟୋଜନ ମଧ୍ୟ କରି ରଖିଲେ ; ମାତ୍ର ତାଙ୍କର ବଳଶାଳିତା ଦୃଷ୍ଟି କରି କୌଣସି ଶତ୍ରୁ ତାଙ୍କ ସହିତ ଯୁଦ୍ଧ କରିବାକୁ ସାହସୀ ହେଲେ ନାହିଁ । କିଛିକାଳପରେ ଅହଲ୍ୟାବାଈ ଗଙ୍ଗାଧରଙ୍କ ଉପରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ଦେଓ୍ୱାନ ପଦରେ ଓ ତୁକୋଜୀହୋଲକରଙ୍କୁ ସେନାପତି ପଦରେ ନିଯୁକ୍ତ କଲେ ।

ଉକ୍ତ ଦୁଇ ଜଣଙ୍କ ମଧ୍ୟରେ ରାଜକାର୍ଯ୍ୟ ଏପରି ଭାବରେ ବଣ୍ଟନ କଲେ ଯେ ସେମାନଙ୍କ ମଧ୍ୟରେ କେବେ କଳହ ହେଲା ନାହିଁ ।

ଅହଲ୍ୟାବାଈ ରାଜ୍ୟଭାର ଗ୍ରହଣ କଲା ସମୟରେ ରାଜକୋଷରେ ନଗଦ ଦୁଇ କୋଟି ମୁଦ୍ରା ଥିଲା । ଜାଗିରିରୁ ତାଙ୍କର ୪ । ୫ ଲକ୍ଷ ମୁଦ୍ରା ଆୟ ହେଉଥିଲା । ସେ ରାଜ୍ୟଭାର ଗ୍ରହଣ କରିବା ପୂର୍ବରେ ସବୁ ମୁଦ୍ରା ସତ୍କାର୍ଯ୍ୟରେ ବ୍ୟୟ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ; ରାଜ୍ୟଭାର ଗ୍ରହଣ କରିବା ପରେ ଉକ୍ତ ପ୍ରତିଜ୍ଞା ପାଳନ କଲେ । ଅହଲ୍ୟାବାଈ ବିଚାରାଳୟରେ ଉପସ୍ଥିତ ହୋଇ ରାଜକାର୍ଯ୍ୟ ଆଲୋଚନା କରନ୍ତି ଏବଂ ସ୍ୱୟଂ ପ୍ରଜାମାନଙ୍କର ନ୍ୟାୟାନ୍ୟାୟ ବିଚାର କରନ୍ତି । ଏପରିକି କୌଣସି ଆବେଦନକାରୀ ନ ଥିଲେ ଯେ ସ୍ୱୟଂ ଯାଇ ତାଙ୍କଠାରେ ଆବେଦନ କରି ନ ପାରନ୍ତି । ସେ ସର୍ବଦା ନ୍ୟାୟପଥରେ ଚାଲୁଥିଲେ । ତହିଁପାଇଁ ତାହାଙ୍କର ପ୍ରଜାଗଣ ତାଙ୍କ ଉପରେ ବଡ଼ ସନ୍ତୁଷ୍ଟ ଥିଲେ । ସେ ସାନ୍ତଃକରଣରେ ଈଶ୍ୱରଙ୍କୁ ଭକ୍ତି କରନ୍ତି ଓ ସର୍ବଦା କହୁଥାନ୍ତି, ସର୍ବଶକ୍ତିମାନ୍ ସର୍ବାନ୍ତର୍ଯ୍ୟାମୀ ଈଶ୍ୱରଙ୍କ ସମୀପରେ ନିଜର କ୍ରିୟାକଳାପ ନିମନ୍ତେ ଉତ୍ତର ଦେବାକୁ ହେବ । ଅହଲ୍ୟାବାଈ ରାତ୍ରି ଏକ ଘଣ୍ଟିକା ଥାଉଁ ଶଯ୍ୟା ତ୍ୟାଗ କରନ୍ତି ଓ ପ୍ରାତଃକୃତ୍ୟ ଶେଷ କରି ଗ୍ରନ୍ଥ ପଠନ କରନ୍ତି; ପରେ ସ୍ୱହସ୍ତରେ କିଛି ଦାନ ଦିଅନ୍ତି ଓ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବା ପରେ ଭୋଜନ କରନ୍ତି । ସେ ଭୋଜନ କରିବା ପରେ କିୟତ୍କାଳ ବିଶ୍ରାମ କରି ରାଜବେଶ ଧାରଣପୂର୍ବକ ରାଜସଭାକୁ ଗମନ କରନ୍ତି ଓ ସନ୍ଧ୍ୟା ପର୍ଯ୍ୟନ୍ତ ରାଜକାର୍ଯ୍ୟରୁ ବିରତ ହୁଅନ୍ତି ନାହିଁ । ତହୁଁରେ ସନ୍ଧ୍ୟା ବନ୍ଦନା କରି ପୁନର୍ବାର ରାତ୍ରିର ଘ ୯ ଟା ଠାରୁ ଘ ୧୧ ଟା ପର୍ଯ୍ୟନ୍ତ ରାଜକାର୍ଯ୍ୟରେ ବ୍ୟସ୍ତ ହୁଅନ୍ତି ।

ଇନ୍ଦୋର ପ୍ରଥମରେ ଗୋଟିଏ ଗ୍ରାମ ଥିଲା, ତାହାଙ୍କ ସମୟରେ ତାହା ନଗରରୂପରେ ପରିଣତ ହେଲା । ସେ ପ୍ରଜାମାନଙ୍କ ସମ୍ପତ୍ତି ଉପରେ ଲୋଭ କରୁ ନ ଥିଲେ; ବରଂ କାହାର ଉନ୍ନତି ଦେଖିଲେ ନିଜର ଉନ୍ନତି

ସେମାନଙ୍କ ଚୋରୀ ବନ୍ଦ କରୁଥିଲେ । ସେ ଗ୍ରୀଷ୍ମକାଳରେ ସ୍ଥାନେ/ ଜଳ-ଛତ୍ର ବସାଉଥିଲେ ଆଉ ଶୀତକାଳରେ କମ୍ବଳ ଓ ଶୀତ ବସ୍ତ୍ରାଦି ବଣ୍ଟନ କରୁଥିଲେ ଏବଂ କ୍ଷୁଧାର୍ତ୍ତମାନଙ୍କୁ ଖାଦ୍ୟ ଦାନ କରୁଥିଲେ । ସେ ଏତେଦୂର ଦୟାଳୁ ଥିଲେ ଯେ ନର୍ମଦାର ମତ୍ସ୍ୟମାନଙ୍କୁ ଖାଦ୍ୟ ଦେବା ନିମନ୍ତେ ଭୃତ୍ୟ ନିଯୁକ୍ତ କରିଥିଲେ ଓ ପକ୍ଷୀମାନଙ୍କ ଭୋଜନ ନିମନ୍ତେ ଶସ୍ୟପୂର୍ଣ୍ଣ କ୍ଷେତ୍ର ଛାଡ଼ି ଦେଉଥିଲେ । ତାଙ୍କର ବୁଦ୍ଧିବଳ ଓ ରାଜ୍ୟ ଶାସନ କୌଶଳ ନିମ୍ନ-ଲିଖିତ କଥାରୁ ସ୍ପଷ୍ଟ ଜଣା ଯାଇପାରେ ଯେ ପର୍ବତର ଭିଲମାନେ ଲୁଣ୍ଠନ କାରଣ କରୁଥିବାରୁ ବ୍ୟାପାରୀମାନଙ୍କର ଗତାୟାତ କରିବା ବଡ଼ କଷ୍ଟକର ହୋଇଥିଲା ; ମାତ୍ର ଯେଉଁ ସମୟରୁ ସେ ଏପରି ନିୟମ କରିଦେଲେ ଯେ ଭିଲମାନେ ଆପଣା/ ଜୀବନ ଯାତ୍ରା ନିର୍ବାହ ପାଇଁ ବ୍ୟାପାରୀମାନଙ୍କଠାରୁ କିଛି ଅଂଶ ପାଇବେ ଏବଂ ତତ୍ପରିବର୍ତ୍ତରେ ମାର୍ଗର ତତ୍ତ୍ୱାବଧାନ କରିବେ । ଯଦି ସେମାନଙ୍କ ସୀମା ମଧ୍ୟରେ କାହାରି କିଛି ଚୋରି ଯାଏ, ତେବେ ସେମାନେ ପୂର୍ଣ୍ଣ କ୍ଷତି ପୂରଣ କରି ଦେବେ ; ନୋହିଲେ ସମୁଚିତ ଦଣ୍ଡ ପାଇବେ । ସେହି ଦିନଠାରୁ ଏହି ପର୍ବତରେ ଚୋରି ହ୍ରାସ ହେବାକୁ ଲାଗିଲା ।

ଅହଲ୍ୟାବାଈ ଅତ୍ୟନ୍ତ ସୁନ୍ଦରୀ ସ୍ତ୍ରୀ ନ ଥିଲେହେଁ ଧର୍ମବଳରେ ତାଙ୍କର ମୁଖମଣ୍ଡଳ ତେଜୋପୂର୍ଣ୍ଣ ଦିଶୁଥିଲା । ସେ ସର୍ବଦା ପ୍ରଫୁଲ୍ଲ ଥାନ୍ତି । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ସ୍ୱଭାବର ଅନ୍ୟଥା ଦେଖା ଯାଇ ନାହିଁ । ଅହଲ୍ୟାବାଈ ବିଧବା ହେବା ଦିନରୁ କେବେ ରଙ୍ଗ ବସ୍ତ୍ର ପରିଧାନ କରି ନାହାନ୍ତି । ସଦା କଣ୍ଠରେ ଗୋଟିଏ ମାଳା ଧାରଣ କରିଥାନ୍ତି ; ମାତ୍ର ତାହାଛଡ଼ା ଅନ୍ୟ କୌଣସି ଅଳଙ୍କାର ଧାରଣ କରୁ ନ ଥିଲେ । ଦିନକରେ ଜଣେ ବ୍ରାହ୍ମଣ ତାହାଙ୍କ ପ୍ରଶଂସା ବିଷୟରେ ଗୋଟିଏ ଗ୍ରନ୍ଥ ରଚନା କରି ତାହାଙ୍କ ସମ୍ମୁଖରେ ପାଠ କଲେ । ଉକ୍ତ ଗ୍ରନ୍ଥ ଶ୍ରବଣ କରିବା ପରେ ସେ ଆଦେଶ ଦେଲେ, ଏହି କ୍ଷଣି ଏହି ଗ୍ରନ୍ଥ ନର୍ମଦା ନଦୀରେ ବୁଡ଼ାଇ ଦିଅ ।

ସେ ତିରିଶ ବର୍ଷ ଏପରି ଶାସନ କରି ଖ୍ରୀ ୧୭୯୫ ସାଲରେ ପରଲୋକ ଗମନ କଲେ । ସେହି ସମୟରେ ତାଙ୍କର ବୟସ ୭୦ ବର୍ଷ ହୋଇଥିଲା । ହୋଲକର ପ୍ରଦେଶର ପ୍ରାଚୀନ ରାଜଧାନୀ ମହେଶ୍ୱର ନିକଟରେ ଅହଲ୍ୟା-ବାଈଙ୍କ ପ୍ରସ୍ତରମୂର୍ତ୍ତି ଆଜ ପର୍ଯ୍ୟନ୍ତ ବିଦ୍ୟମାନ ଅଛି । ଲୋକମାନେ ଏହି ମୂର୍ତ୍ତିକୁ ଦେବୀ ବୋଲି ପୂଜା କରୁଅଛନ୍ତି ।

---

## ପାଠ ୨୯ ।

## ବଟ ବୃକ୍ଷ ।

ବଟ ବୃକ୍ଷର ଉତ୍ପତ୍ତି ବୃତ୍ତାନ୍ତ ଶୁଣିଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ବୋଧ ହୁଏ । କାରଣ ଏହି ବୃକ୍ଷ ଯେଉଁ ବୀଜରୁ ଉତ୍ପନ୍ନ ହୋଇଅଛି ତାହା ସୋରିଷଠାରୁ ମଧ୍ୟ କ୍ଷୁଦ୍ରତର ଅଟେ । ଏହାର ଫଳ କାକ ଆଦି ପକ୍ଷିମାନେ ଖାନ୍ତି । ସେମାନଙ୍କ ମଳ ଯେଉଁ କାନ୍ଥ ଇତ୍ୟାଦି ସ୍ଥାନରେ ପଡ଼େ ତହିଁରୁ ଅଙ୍କୁର ଜାତ ହୁଏ । ଜଳ ସେଚନ ନ କଲେ ମଧ୍ୟ ପଥର ସ୍ଥାନରେ ଅଙ୍କୁରିତ ହୁଏ । ଏହି ବଟ ବୃକ୍ଷ ପକ୍କା ଉପରେ ଜାତ ହେଲେ ମଧ୍ୟ ତାହାର ଚେର ଦୃଢ଼ ହୋଇ କାନ୍ଥକୁ ଫାଟି ପକାଏ । ପିପ୍ପଳ ବୃକ୍ଷ ସଦୃଶ ଏହାକୁ ମଧ୍ୟ ମନ୍ଦିର ପାର୍ଶ୍ୱରେ ରୋପଣ କରି ଚଉତରେ ବେଦୀ ପ୍ରସ୍ତୁତ କରି ଦିଅନ୍ତି । ଭାରତବର୍ଷରେ ବଟ ବୃକ୍ଷ ଅନେକ ଜାତ ହୋଇଅଛି । ଏହି ବୃକ୍ଷ ଡୁମ୍ବୁର ଜାତୀୟ ବୃକ୍ଷ ଅଟେ । ଏହାର ଫଳ ଡିମିରି ଫଳ ପରି ଲାଲ ଅଟେ । ଲୋକମାନେ ଏହାକୁ ଖାଇବାରେ ବ୍ୟବହାର ନ କଲେ ମଧ୍ୟ ପକ୍ଷିମାନେ ଭକ୍ଷଣ କରି ଏଥିରେ ପାଳିତ ହୁଅନ୍ତି । ବଟ ଓ ପିପ୍ପଳର ଛାୟା ଘନ ହେବାରୁ ପଥଶ୍ରାନ୍ତ ପଥିକମାନଙ୍କ ପକ୍ଷରେ ସୁଖକର ବୋଧ ହୁଏ ।

କର ପର୍ବରେ ଖାଦ୍ୟ ଉତ୍କୋଣି ପର୍ବ ପୁନଃପଦ ପ୍ରସ୍ତୁତ ହୁଏ ; ଏବଂ ଔଷଧ ନିମନ୍ତେ ମଧ୍ୟ ଏହି ବୃକ୍ଷ ଉପକାରୀ ଅଟେ । ଏହାର କୃଷ୍ଣ ମଇମ ଘର କାର୍ଯ୍ୟରେ ଲାଗଇ । ଏଥିରୁ ଏପରି ଅଠା ବାହାରେ ଯେ ଯଦ୍ୟପି ଏହାର ଲେପ ଲଗାଯାଏ ତେବେ ତାହା ସହଜରେ ଛାଡ଼େ ନାହିଁ ।

ଉକ୍ତ ବୃକ୍ଷ ଏପରି ସ୍ଥୂଳ ଓ ବିସ୍ତୃତ ହୁଏ ଯେ ଶୁଣିଲେ ମନରେ ଆଶ୍ଚର୍ଯ୍ୟ ଜାତ ହୁଏ । ନର୍ମ୍ମଦା ନଦୀ ତୀରରେ ଗୋଟିଏ ବଟ ବୃକ୍ଷ ଅଛି । ତାହାର ୩୫୦ ଗୋଟି ଗଣ୍ଡି ଅଛି ଆଉ ମଧ୍ୟ ନୂତନ ୨ ଓହଳ ବାହାରୁ ଅଛି । ଏହାର ପରିଧି ଫୁ ୨୦୦୦ ଟ ଅଟେ । ତାହାର ସହସ୍ର ସହସ୍ର ଶାଖା ଅଛି ଏବଂ ତହିଁର ଛାୟାରେ ପାଞ୍ଚ ସହସ୍ର ଲୋକ ସ୍ୱଚ୍ଛନ୍ଦରେ ରହି ପାରନ୍ତି । ଦୂରରୁ ଦେଖିଲେ ତାହା ଗୋଟିଏ ସାମାନ୍ୟ ଅରଣ୍ୟବତ୍ ପ୍ରତୀୟମାନ ହୁଏ । କି ଆଶ୍ଚର୍ଯ୍ୟ ! ଏପରି ଅତି କ୍ଷୁଦ୍ର ବୀଜରୁ କେଡ଼େ ପ୍ରକାଣ୍ଡ ତରୁ ଉତ୍ପନ୍ନ ହେଉଅଛି । ଦୟାଶୀଳ ପରମେଶ୍ୱର ପରମ ଏହି ଉଷ୍ଣ ପ୍ରଦେଶସ୍ଥ ମନୁଷ୍ୟ ଏବଂ ପଶୁମାନଙ୍କ ଉପକାରାର୍ଥେ ଏତାଦୃଶ ବୃକ୍ଷ ଛାୟା ଦାନ ପାଇଁ ଉତ୍ପାଦନ କରି ଦେଇଅଛନ୍ତି । ଏହାର କାଣ୍ଡ ବଢ଼ାଇମାନଙ୍କର କୌଣସି କାର୍ଯ୍ୟରେ ଆସୁ ନ ଥିବାରୁ ତାହା ସ୍ଥୂଳ ହୋଇ ଅନେକ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହୁଅଛି ।

ଏହି ମଧ୍ୟପ୍ରଦେଶସ୍ଥ ଛିନ୍ଦୁଆଡ଼ା ଜିଲ୍ଲାର ଟିଲେକୁଲ ନାମକ ଗୋଟିଏ ଗ୍ରାମରେ ଏକ ବୃହଦାକୃତିର ବଟ ବୃକ୍ଷ ଅଛି । ତାହାର ତଳରେ ଏକ ବୃହତ ବାଉଳ୍ଲି କୂପ ଅଛି ; ଉକ୍ତ ବୃକ୍ଷ କେତେକ ବଡ଼ା ଭୂମିକୁ ଆବୃତ କରିଅଛି ଓ ତାହାର ଛାୟାରେ ନିର୍ବିଘ୍ନରେ ୫୦୦ ଘୋଡ଼ା ବନ୍ଧା ହୋଇ ପାରିବାର ସ୍ଥାନ ଅଛି । ସେଠାରେ ଜଣେ ଫକୀର ବାସ କରନ୍ତି ଏବଂ ସେ ସରକାରି ପକ୍ଷରୁ କିଛି ବେତନ ପାଇ ସେ ସ୍ଥାନକୁ ପରିଷ୍କାର ରଖିଥାନ୍ତି ।

## ପାଠ ୨୨ ।

# ଭାରତବର୍ଷରେ ଇଂରାଜ ରାଜ୍ୟ ଶାସନ ।

ଇଂରାଜମାନଙ୍କ ଏଠାରେ ସେମାନଙ୍କ ରାଜ୍ୟ ମୂଳ କରିବା, ଧୀରେ ୨ ସମସ୍ତ ସର୍ଦ୍ଦାରଙ୍କୁ ପରାସ୍ତ କରିବା ଏବଂ ଶେଷରେ ସମଗ୍ର ଭାରତବର୍ଷ ଓ ବ୍ରହ୍ମା ମଧ୍ୟ ଆପଣାର ଅଧୀନସ୍ଥ କରି ନେବା ବିଷୟ ପୂର୍ବ ପାଠମାନଙ୍କରେ ଲେଖି ଆସିଅଛୁଁ । ବର୍ତ୍ତମାନ କେବଳ ଏହା ଲେଖିବାକୁ ବାକି ଅଛି ଯେ ଏତେ ବିଶାଳ ଦେଶରେ ସରକାର ଇଂରାଜ ବାହାଦୁର କେତେ ସହଜରେ ଓ ସଫଳତା ସହିତ ରାଜ୍ୟ ଶାସନ କରୁଅଛନ୍ତି ।

ଏ ସମ୍ବନ୍ଧରେ ହିନ୍ଦୁସ୍ଥାନର ରାଜ୍ୟ ଶାସନ ଇଂଲଣ୍ଡର ମହାରାଣୀ ଓ ପାର୍ଲିଆମେଣ୍ଟର ଅଧୀନରେ ଅଛି ପରନ୍ତୁ ପ୍ରକୃତରେ ସମସ୍ତ କାର୍ଯ୍ୟ ଏଠାରେ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ହେଉଅଛି । ଏହି ଗବର୍ଣ୍ଣମେଣ୍ଟର ମଧ୍ୟ ଦୁଇ ବିଭାଗ ଅଛି ।

(୧) ମୁଖ୍ୟ ଅର୍ଥାତ୍ ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ।

(୨) ଲୋକାଲ ଅର୍ଥାତ୍ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ।

ଗବର୍ଣ୍ଣର ଜେନେରେଲ୍ ସାହେବ ବାହାଦୁର ଏଠାରେ ଶ୍ରୀମତୀ ମହାରାଣୀଙ୍କର ପ୍ରତିନିଧି ଅଟନ୍ତି । ସେ, ତାଙ୍କର ଦୁଇ କାଉନ୍ସିଲ ଓ କେତେକ ସେକ୍ରେଟେରୀ ଏ ସମସ୍ତ ମିଳିତ ହୋଇ ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ କୁହାଯାନ୍ତି । ସମସ୍ତ ଦେଶ ନିମନ୍ତେ ବ୍ୟବସ୍ଥା ବିଧାନ କରିବା, କର ଧାର୍ଯ୍ୟ ବା କ୍ଷମା କରିବା, ଯୁଦ୍ଧ କରିବା ଆଦି ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆର ଅଧିକାରରେ ଅଛି, କିନ୍ତୁ ଗବର୍ଣ୍ଣର ଜେନେରେଲ୍ ସାହେବଙ୍କର ମଧ୍ୟ ଏପରି କାର୍ଯ୍ୟମାନଙ୍କରେ ପୂର୍ଣ୍ଣ ଅଧିକାର ନାହିଁ । ତାହାଙ୍କୁ ପ୍ରତ୍ୟେକ ମହତ୍ କାର୍ଯ୍ୟରେ ମହାରାଣୀଙ୍କର ଅନୁମତି ନେବାକୁ ପଡ଼େ ଏବଂ ଶ୍ରୀମତୀ ମହାରାଣୀ ମଧ୍ୟ ଆପଣା ମନ୍ତ୍ରୀ ଉପାଧିଧାରୀ ସେକ୍ରେଟେରୀ ଅଫ୍ ଷ୍ଟେଟ୍ ଓ ପାର୍ଲିଅମେଣ୍ଟର ମତ ବିନା

ଏପରି ଅନୁମତି ଦଅନ୍ତି ନାହିଁ । ସମସ୍ତଙ୍କ ମତ ଐକ୍ୟ ହେଲେକୁ ମହା-ସଭା ପ୍ରତ୍ୟେକ ନୂତନ ଆଇନ ଉପର ମଞ୍ଜୁରି ଦଅନ୍ତି ଆଉ ତହିଁରୁ ତାହା ଦେଶରେ ପ୍ରଚଳିତ କରାଯାଏ । କେତେ କେତେ ଲର୍ଡ ସାହେବମାନଙ୍କର ମତ ଖଣ୍ଡନ କରି ଦିଆଯାଏ ଏବଂ କେତେକ କିଛି ପରିବର୍ତ୍ତନ ସହିତ ମଞ୍ଜୁର କରାଯାଏ ।

ପ୍ରତ୍ୟେକ ପ୍ରଦେଶର ପ୍ରଧାନ କର୍ମଚାରୀଙ୍କୁ ଲୋକେ ଗଭର୍ଣ୍ଣମେଣ୍ଟ କହନ୍ତି । ମାତ୍ର ଭିନ୍ନ ଭିନ୍ନ ପ୍ରଦେଶର ପ୍ରଧାନ କର୍ମଚାରୀମାନେ ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଅନ୍ତି । ମାନ୍ଦ୍ରାଜ, ବୋମ୍ବାଇର ଶାସନ-କର୍ତ୍ତାମାନେ ଗଭର୍ଣ୍ଣର ; ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ, ପଞ୍ଜାବ ପ୍ରଭୃତିର ପ୍ରଧାନ କର୍ମଚାରୀମାନେ ଲେଫ୍ଟେନେଣ୍ଟ ଗଭର୍ଣ୍ଣର ; ଆଉ ମଧ୍ୟପ୍ରଦେଶ, ଆସାମ, ବ୍ରହ୍ମଦେଶ ଓ ଆଣ୍ଡେମାନ୍ ଓ ନିକୋବର ଦ୍ୱୀପର ପ୍ରଧାନ କର୍ମଚାରୀମାନେ ଚୀଫ୍ କମିଶନର ହୋଇଅନ୍ତି ।

କୌଣସି କୌଣସି ପ୍ରଦେଶରେ ସେଠାର ପ୍ରଧାନ କର୍ମଚାରୀଙ୍କ ସାହାଯ୍ୟ ନିମନ୍ତେ କାଉନ୍ସିଲ ବା ସଭା ମଧ୍ୟ ନିଯୁକ୍ତ କରା ଯାଇଅଛି । ଯଥା, ବୋମ୍ବାଇ, ମାନ୍ଦ୍ରାଜ, ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ ପ୍ରଭୃତି । ମାନ୍ଦ୍ରାଜ ବ୍ୟତୀତେ କମିଶନର ନାହାନ୍ତି । ସେଠାରେ କଲେକ୍ଟର ସାହେବଙ୍କ ଅଧୀନରେ ରାଜସ୍ୱ ବିଭାଗର ତତ୍ତ୍ୱାବଧାରଣ ଓ ପରିଦର୍ଶନ ନିମନ୍ତେ ବୋର୍ଡ ନାମକ ଗୋଟିଏ ସଭାଅଛି । ଅନ୍ୟ ସମସ୍ତ ପ୍ରଦେଶରେ କଲେକ୍ଟର ବା ଡେପୁଟି କମିଶନର ସାହେବଙ୍କ ଉପରସ୍ଥ କର୍ମଚାରୀ କମିଶନର ନିଯୁକ୍ତ ଅଛନ୍ତି । ଅନ୍ୟାନ୍ୟ ବନ୍ଦୋବସ୍ତ ସମସ୍ତ ପ୍ରଦେଶରେ ଏକ ପ୍ରକାର ଅଟେ । ପ୍ରତ୍ୟେକ ପ୍ରଦେଶ କେତେକ ଜିଲ୍ଲାରେ ବିଭକ୍ତ ହୋଇଅଛି । ଏବଂ ପ୍ରତ୍ୟେକ ଜିଲ୍ଲାରେ କଲେକ୍ଟର ବା ଡେପୁଟି କମିଶନର ନିଯୁକ୍ତ ଅଛନ୍ତି । ସେମାନେ ଇଂରେଜ ଏବଂ ହିନ୍ଦୁ କର୍ମଚାରୀ-ମାନଙ୍କର ମତ ଏବଂ ସାହାଯ୍ୟରେ ଆପଣା ଆପଣା ଜିଲ୍ଲାମାନ ଶାସନ କରନ୍ତି । ସେ ସମସ୍ତ ବିଷୟ ନିମନ୍ତେ ଦାୟୀ ଅଟନ୍ତି । ମନେ କର ମଧ୍ୟପ୍ରଦେଶରେ ଜିଲ୍ଲା ସାହେବଙ୍କୁ ଡେପୁଟୀ କମିଶନର କୁହାନ୍ତି । ସେ ସମସ୍ତ ବିଭାଗ

ତତ୍ତ୍ୱାବଧାରଣ ଓ ପରିଦର୍ଶନ କରନ୍ତି । ମାତ୍ର ଯେତେ ସୁନିପୁଣ ହୋଇଥାନ୍ତୁ ନା କାହିଁକି ସମସ୍ତ କାର୍ଯ୍ୟ ସେ ଏକାକୀ କରି ପାରନ୍ତି ନାହିଁ । ଏଥିପାଇଁ ସରକାରୀ ଖଜଣା ଆଦାୟ ନିମନ୍ତେ, ଦେୱାନୀ ଫୌଜଦାରୀ ଓ ଖଜଣାର ବିବାଦ ନିଷ୍ପତ୍ତି କରିବାରେ ସାହାଯ୍ୟ ଦେବା ନିମନ୍ତେ ଆସିଷ୍ଟାଣ୍ଟ କମିଶନର, ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଏବଂ ତହସିଲଦାର ନିଯୁକ୍ତ କରା ଯାଇଅଛନ୍ତି । ଚୋର, ଡକାଏତ ଓ ଦୁଷ୍ଟମାନଙ୍କର ଦମନ ଏବଂ ପ୍ରଜାମାନଙ୍କର ଜୀବନ ସମ୍ପତ୍ତି ରକ୍ଷା ନିମନ୍ତେ ଜିଲ୍ଲା ପରିଦର୍ଶକ ବା ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ, ପୋଲିସ ଇନସ୍ପେକ୍ଟର ଆଦି ନିଯୁକ୍ତ ଅଛନ୍ତି । ବିଦ୍ୟା ବୃଦ୍ଧି ଓ ବିଦ୍ୟାଳୟମାନଙ୍କର ପରିଦର୍ଶନ ନିମନ୍ତେ ଶିକ୍ଷକ, ଡେପୁଟୀ ଇନସ୍ପେକ୍ଟର ଆଉ ସେମାନଙ୍କ ଉପରେ ସର୍କଲ ଇନସ୍ପେକ୍ଟର ଓ ସମସ୍ତଙ୍କ ଉପରେ ଇନସ୍ପେକ୍ଟର ଜେନେରାଲ ନିଯୁକ୍ତ ଅଛନ୍ତି । ସଫାଇ, ରୋଗ ଚିକିତ୍ସା ଏବଂ ଔଷଧର ନିମନ୍ତେ ହାସପାତାଲ ଡାକ୍ତର ଏବଂ ସିଭିଲ ସର୍ଜନ ନିଯୁକ୍ତ ଅଛନ୍ତି ।

ସମସ୍ତ ବିଭାଗର ଶାସନ ନିମନ୍ତେ ପୃଥକ୍ ୨ କର୍ମଚାରୀ ଅଛନ୍ତି । ମାତ୍ର ସମସ୍ତେ ଜିଲ୍ଲାର ହାକିମଙ୍କ ଅଧୀନରେ ରହନ୍ତି; ଆଉ ତାହାଙ୍କର ସମ୍ମତି ଏବଂ ଆଦେଶାନୁସାରେ ଆପଣା ୨ କାର୍ଯ୍ୟ କରନ୍ତି । ଜିଲ୍ଲା ହାକିମଙ୍କୁ ବଡ ଜବର କର୍ମଦକ୍ଷ ଜ୍ଞାନ କରିବା ଉଚିତ । ତାହାଙ୍କୁ ଆପଣା ଜିଲ୍ଲାର ରାଜା ବୋଲି ବିଚାର କରିବାକୁ ହେବ । ମାତ୍ର ଅନେକ କାର୍ଯ୍ୟରେ ତାହାଙ୍କର କ୍ଷମତାର ସୀମା ନିର୍ଦ୍ଦିଷ୍ଟ ଅଛି ଏବଂ ତାହାଙ୍କୁ ଆପଣା ଉପରିସ୍ଥ କର୍ମଚାରୀ କମିଶନର ଏବଂ ତାଙ୍କଦ୍ୱାରା ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ଅନୁମତି ନେବାକୁ ପଡଇ । ଦୁର୍ଭିକ୍ଷ, ରୋଗ, ଡକାୟତି ପ୍ରଭୃତି ବୃଦ୍ଧି ପାଇବା ସମୟରେ ଏପରି କରିବାକୁ ପଡଇ । ଏଥିର ସାରାଂଶ ଏହି ଯେ ପ୍ରାଚୀନ ସମୟାପେକ୍ଷା ବର୍ତ୍ତମାନ ସମୟର ଶାସନ ପ୍ରଣାଳୀ ଅତ୍ୟୁତ୍ତମ ଅଟେ, ଏବଂ ପ୍ରଜାମାନେ ଏ ସମୟରେ ସନ୍ତୁଷ୍ଟ ଓ ସୁଖୀ ଅଛନ୍ତି ।

## ପାଠ ୨୩ ।

## ପତ୍ର ଲେଖନ ।

ପତ୍ର ମୂଳତଃ ତିନି ପ୍ରକାରରେ ଲେଖା ହୋଇ ଥାଏ । ପ୍ରଥମ ଗୁରୁଜନ-ମାନଙ୍କଠାରୁ ଲଘୁଜନମାନଙ୍କର; ଦ୍ୱିତୀୟ ଲଘୁଜନମାନଙ୍କଠାରୁ ଗୁରୁଜନମାନଙ୍କର; ତୃତୀୟ ସମସ୍ତ ଲୋକମାନଙ୍କ ମଧ୍ୟରେ । ଏହି ଗୁରୁତା, ଲଘୁତା ଓ ସମତାସୂଚକ ଅବସ୍ଥା ଭେଦରେ ତ୍ରିବିଧ ଅଟେ । ପତ୍ର ଲେଖକ ଓ ଲେଖ୍ୟ ମଧ୍ୟରେ ସମ୍ବନ୍ଧ ଥିଲେ ତାହା ଏକ ପ୍ରକାର ଏବଂ ମିତ୍ରତା ଓ ପରିଚୟ ଥିଲେ ତାହା ଅନ୍ୟ ପ୍ରକାର ଅଟେ; ପୁନଶ୍ଚ ସମ୍ବନ୍ଧ ଥିବା ସ୍ଥଳେ ଜ୍ୟେଷ୍ଠ, କନିଷ୍ଠ ଓ ସମବୟସ୍କ ଏହି ତ୍ରିବିଧ ଅବସ୍ଥା ଭେଦରେ ପତ୍ର ମଧ୍ୟ ଭିନ୍ନ ପ୍ରକାରରେ ଲିଖିତ ହୋଇ ଥାଏ । ମିତ୍ରତା ଓ ପରିଚୟ ସ୍ଥଳରେ ପ୍ରଭୁତ୍ୱ, ଧନ ଓ ଗୁଣ ଭେଦରେ ପାର୍ଥକ୍ୟ ମଧ୍ୟ ଦ୍ରଷ୍ଟବ୍ୟ ଅଟେ । ପତ୍ର ଲେଖକ ଯେତେଦୂର ଧନୀ, ଅଧିକାର ସମ୍ପନ୍ନ, ବିଦ୍ୱାନ୍ ବା ଗୁଣବାନ୍ ହୋଇଥାନ୍ତୁନା କାହିଁକି ସେ ଯଦି ଆପଣାଠାରୁ କୌଣସି ବୟୋଜ୍ୟେଷ୍ଠ ଜ୍ଞାତି ନିକଟକୁ ପତ୍ର ଲେଖନ୍ତି ତେବେ ସେହି ଜ୍ଞାତିଙ୍କୁ ଅବଶ୍ୟ ବଡ଼ ଓ ମାନ୍ୟପାତ୍ର ବିଚାର କରି ପତ୍ର ଲେଖିବାକୁ ହେବ । ଏହିପରି ମିତ୍ରତା, ପରିଚୟ ସ୍ଥଳେ ଦେଖାଯାଏ ଯେ ଓ ଯାହାଙ୍କଠାରୁ ପତ୍ର ଲେଖାଯାଏ ସେ ବୟସରେ କନିଷ୍ଠ ହେଲେହେଁ ପ୍ରଭୁତ୍ୱ ଧନ ବା ବିଦ୍ୟାରେ ଲେଖକଙ୍କଠାରୁ ଶ୍ରେଷ୍ଠ ଥିଲେ ତାହାଙ୍କୁ ବଡ଼ କରି ଲେଖିବାକୁ ପଡ଼େ । ପତ୍ର ଲେଖିବା ସମୟରେ ଯେଉଁ, ବିଷୟ ପ୍ରତି ଦୃଷ୍ଟି ଦେବା ଉଚିତ ତାହା ନିମ୍ନରେ ଲେଖା ଯାଉଅଛି ।

(୧) ପତ୍ର ମଧ୍ୟରେ କୌଣସି ପ୍ରକାର ବ୍ୟର୍ଥ ଶବ୍ଦ ରହିବ ନାହିଁ ।

(୨) ଓଡ଼ିଆ ସଂସ୍କୃତ ବା ହିନ୍ଦି ଯେଉଁ କୌଣସି ଭାଷାରେ ପତ୍ର ଲେଖନ୍ତୁ ନାହିଁକି ତହିଁରେ ସମସ୍ତଙ୍କ ବୁଝିବା ସୁବିଧା ଭଳି ସୁଗମ ଶବ୍ଦ ବ୍ୟବହାର ହୋଇଥିବ ।

କେଣି ଯାତ୍ରୀସ୍ୱରୂପ ଲୋକେ ନଗରରୁ ଏହି ଅବସରରେ ଫେରି ଆସିଲେ । ସେମାନେ, ତାଙ୍କ ସମ୍ମୁଖରେ ମିଠାଇ ଥୋଇଲା ସମୟରେ ସେହି ଦୁଇ ଜଣଙ୍କୁ ବଧ କଲେ । ତଦନନ୍ତର ଆନନ୍ଦ ମନରେ ବିଷ ମିଶ୍ରିତ ମିଠାଇ ଭୋଜନ କରି ଆପଣା ଜୀବନ ବିସର୍ଜ୍ଜନ କଲେ । ଦେଖ, ସେହି ସୁବର୍ଣ୍ଣ ଚୋରଙ୍କ ମନରେ କପଟ ଭାବ ପ୍ରବେଶ କରିବାରୁ ଏକାବେଳକେ ସମସ୍ତଙ୍କର ମୃତ୍ୟୁ ହେଲା । ସେହି ଦ୍ରବ୍ୟ ସବୁ ଅରଣ୍ୟର ଯେଉଁ ସ୍ଥାନରେ ଥିଲା, ସେହି ସ୍ଥାନରେ ପଡ଼ି ରହିଲା । ଅବଶେଷରେ ସେମାନଙ୍କ ମୃତ ଶରୀରକୁ କାକ, କୁକ୍କୁର ଓ ଗୃଧ୍ର ଖଣ୍ଡ କରି ଭକ୍ଷଣ କଲେ ।

ପ୍ରମାଣ ଅଛି, ଚୋରର ପଦାର୍ଥ ଚଣ୍ଡାଳ ଖାଏ, ପାପୀ ଶୂନ୍ୟ ହସ୍ତରେ ରହିଯାଏ ।

---

## ପାଠ ୨୦ ।

## ଅହଲ୍ୟାବାଈ ।

ଭାରତବର୍ଷରେ, ହିମାଳୟଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ଏମନ୍ତ କୌଣସି ଲୋକ ନାହିଁ ଯେ ଅହଲ୍ୟାବାଈଙ୍କ ନାମ ଶ୍ରବଣ ଓ ତାହାଙ୍କ କୃତ ଘାଟ, ସେତୁ ଧର୍ମ୍ମଶାଳା ଓ ପୁଷ୍କରିଣୀ ପ୍ରଭୃତି ଦର୍ଶନ କରି ନାହାନ୍ତି । ହିନ୍ଦୁସ୍ଥାନରେ ଏପରି କୌଣସି ତୀର୍ଥସ୍ଥାନ ନାହିଁ, ଯେଉଁଠାରେ ସେ ରାଣୀଙ୍କର ସୁବ୍ୟବସ୍ଥା, ଉଦାରତା ଓ ଧାର୍ମ୍ମିକତାର ଚିହ୍ନ ଲକ୍ଷିତ ହୁଏ ନାହିଁ । ବୋଧ ହୁଏ, ଏହି ସୁପ୍ରସିଦ୍ଧା ରମଣୀଙ୍କର ଜୀବନ ବୃତ୍ତାନ୍ତ ଅଧ୍ୟାବଧି କେହି ଶ୍ରବଣ କରି ନ ଥିବେ । ଅତଏବ ଏଠାରେ ତହିଁର ସଂକ୍ଷିପ୍ତ ବିବରଣ ଉଲ୍ଲେଖ କରା ଯାଉଅଛି ।

ମହାରାଜ ମହ୍ଲାରରାଓ ହୋଲକର ନୀରା-ନଦୀ ତଟବର୍ତ୍ତୀ ହୋଲ ଗ୍ରାମ ନିକଟରେ ଶୁଦ୍ର ବଂଶରେ ଜାତ ହୋଇଥିଲେ । ସେ ଭାଗ୍ୟବଶତଃ ପେଶବା ବାଜୀରାଓଙ୍କର ସୈନ୍ୟାଧ୍ୟକ୍ଷ ହୋଇ ଅନେକ ଯୁଦ୍ଧରେ ଜୟ ଲାଭ କଲେ । ମାଲବା ରାଜ୍ୟ ତାଙ୍କର ଜାଗିର ଥିଲା ; ତେଣୁ ତାଙ୍କୁ ମାଲବାଧି-ପତି ବୋଲନ୍ତି । ତାହାଙ୍କର ଖଣ୍ଡେରାଓ ନାମକ ଗୋଟିଏ ମାତ୍ର ପୁତ୍ର ଥିଲେ । ଖଣ୍ଡେରାଓ ଭରତପୁର ନିକଟରେ କୁମ୍ଭେର ଯୁଦ୍ଧରେ ଜାଟମା-ମାନଙ୍କ ହସ୍ତ ହତ ହେଲେ ଏବଂ ତାହାଙ୍କର ରାଣୀ ଅହଲ୍ୟାବାଈଙ୍କୁ ବିଧବାବସ୍ଥାରେ ରଖିଗଲେ । ସ୍ତ ୧୭୬୬ ଖ୍ରୀଷ୍ଟାବ୍ଦରେ ମହ୍ଲାରରାଓ ମୃତ ହେବାରୁ ଅହଲ୍ୟାବାଈଙ୍କ ପୁତ୍ର ମାଲେରାଓ ରାଜା ହେଲେ ; ଅଲ୍ପ ମା ୯ ସ ପର୍ଯ୍ୟନ୍ତ ରାଜତ୍ୱ କରି ସେ ମଧ୍ୟ ପରଲୋକ ଗମନ କଲେ । ତହୁଁରେ ଅହଲ୍ୟାବାଈଙ୍କୁ ସ୍ୱୟଂ ରାଜକାର୍ଯ୍ୟ ଚଳାଇବାକୁ ପଡ଼ିଲା ; ତାହାଙ୍କର ପୁରୋହିତ ଗଙ୍ଗାଧର ଯଶୋବନ୍ତ ତାହାଙ୍କୁ ଗୋଟିଏ ପୋଷ୍ୟପୁତ୍ର ରଖିବା ନିମନ୍ତେ ଉପଦେଶ ଦେଲେ ଏବଂ ପୋଷ୍ୟପୁତ୍ର ନ ରଖିଲେ ରାଜ୍ୟ ଅନ୍ୟର ହସ୍ତଗତ ହୋଇଯିବା ବିଷୟ ମଧ୍ୟ ତାଙ୍କୁ ବୁଝାଇ ଦେଲେ ; ମଧ୍ୟ ପାର୍ଶ୍ୱବର୍ତ୍ତୀ ରାଜାମାନଙ୍କୁ ତାଙ୍କ ବିରୁଦ୍ଧରେ ଉଠିବାକୁ ଉତ୍ତେଜିତ କଲେ । ରାଣୀ ଉତ୍ତର ଦେଲେ, ଦେଖ ଗଙ୍ଗାଧର, ଅମ୍ଭେ ଜଣେ ରାଜା-ଙ୍କର ଭାର୍ଯ୍ୟା ଓ ଜଣେ ରାଜାଙ୍କର ମାତା ହୋଇଥିଲୁଁ । ବର୍ତ୍ତମାନ ଈଶ୍ୱର ଉଭୟଙ୍କୁ ନେଇ ଗଲେ । ମହ୍ଲାରରାଓଙ୍କ ବଂଶ ଲୋପ ହୋଇ-ଗଲା । ଏବେ ଅମ୍ଭେ କଦାପି କାହାକୁ ପୁତ୍ରରୂପେ ଗ୍ରହଣ କରି ସିଂହା-ସନରେ ବସାଇବୁଁ ନାହିଁ । ଏହା କହି ସେ ଯୁଦ୍ଧର ଆୟୋଜନ ମଧ୍ୟ କରି ରଖିଲେ ; ମାତ୍ର ତାଙ୍କର ବଳଶାଳିତା ଦେଖି କରି କୌଣସି ଶତ୍ରୁ ତାଙ୍କ ସହିତ ଯୁଦ୍ଧ କରିବାକୁ ସାହସୀ ହେଲେ ନାହିଁ । କିଛିକାଳପରେ ଅହଲ୍ୟାବାଈ ଗଙ୍ଗାଧରଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ଦେୱାନ ପଦରେ ଓ ତୁକୋଜୀହୋଲକରଙ୍କୁ ସେନାପତି ପଦରେ ନିଯୁକ୍ତ କଲେ ।

ଉକ୍ତ ଦୁଇ ବଂଶଙ୍କ ମଧ୍ୟରେ ରାଜକାର୍ଯ୍ୟ ଏପରି ଭାବରେ ବଣ୍ଟନ ହେଲେ ଯେ ସେମାନଙ୍କ ମଧ୍ୟରେ କେବେ କଳହ ହୋଇ ନାହିଁ ।

ଅହଲ୍ୟାବାଈ ରାଜ୍ୟଭାର ଗ୍ରହଣ କଲା ସମୟରେ ରାଜକୋଷରେ ନଗଦ ଦୁଇ କୋଟି ମୁଦ୍ରା ଥିଲା । ଜାଗିରିରୁ ତାଙ୍କର ୪ । ୫ ଲକ୍ଷ ମୁଦ୍ରା ଆୟ ହେଉଥିଲା । ସେ ରାଜ୍ୟଭାର ଗ୍ରହଣ କରିବା ପୂର୍ବରେ ସବୁ ମୁଦ୍ରା ସତ୍କାର୍ଯ୍ୟରେ ବ୍ୟୟ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ; ରାଜ୍ୟ-ଭାର ଗ୍ରହଣ କରିବା ପରେ ଉକ୍ତ ପ୍ରତିଜ୍ଞା ପାଳନ କଲେ । ଅହଲ୍ୟାବାଈ ଦର୍ବାରଗୃହରେ ଉପସ୍ଥିତ ହୋଇ ରାଜକାର୍ଯ୍ୟ ପର୍ଯ୍ୟାଲୋଚନା କରନ୍ତି ଏବଂ ସ୍ୱୟଂ ପ୍ରଜାମାନଙ୍କର ନ୍ୟାୟାନ୍ୟାୟ ବିଚାର କରନ୍ତି । ଏପରି କୌଣସି ଆବେଦନକାରୀ ନ ଥିଲେ ଯେ ସ୍ୱୟଂ ଯାଇ ତାଙ୍କଠାରେ ଆବେଦନ କରି ନ ପାରନ୍ତି । ସେ ସର୍ବଦା ନ୍ୟାୟପଥରେ ଚଳୁଥିଲେ । ତହିଁପାଇଁ ତାହାଙ୍କର ପ୍ରଜାଗଣ ତାଙ୍କ ଉପରେ ବଡ଼ ସନ୍ତୁଷ୍ଟ ଥିଲେ । ସେ ସାନ୍ତଃକରଣରେ ଈଶ୍ୱରଙ୍କୁ ଭକ୍ତି କରନ୍ତି ଓ ସର୍ବଦା କହୁଥାନ୍ତି, ସର୍ବଶକ୍ତିମାନ ସର୍ବାନ୍ତ-ର୍ଯ୍ୟାମୀ ଈଶ୍ୱରଙ୍କ ସମୀପରେ ନିଜର କ୍ରିୟାକଳାପ ନିମନ୍ତେ ଉତ୍ତର ଦେବାକୁ ହେବ । ଅହଲ୍ୟାବାଈ ରାତ୍ର ଏକ ଘଟିକା ଥାଉଁ ଶଯ୍ୟା ତ୍ୟାଗ କରନ୍ତି ଓ ପ୍ରାତଃକୃତ୍ୟ ଶେଷ କରି ଗ୍ରନ୍ଥ ପଠନ କରନ୍ତି; ପରେ ସ୍ୱହସ୍ତରେ କିଛି ଦାନ ଦିଅନ୍ତି ଓ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବା ପରେ ଭୋଜନ କରନ୍ତି । ସେ ଭୋଜନ କରିବା ପରେ କିଞ୍ଚିତ୍କାଳ ବିଶ୍ରାମ କରି ରାଜବେଶ ଧାରଣପୂର୍ବକ ରାଜସଭାକୁ ଗମନ କରନ୍ତି ଓ ସନ୍ଧ୍ୟା ପର୍ଯ୍ୟନ୍ତ ରାଜକାର୍ଯ୍ୟରୁ ବିରତ ହୁଅନ୍ତି ନାହିଁ । ତହୁଁରେ ସନ୍ଧ୍ୟା ବନ୍ଦନା କରି ପୁନର୍ବାର ରାତ୍ରର ୯ ଘଣ୍ଟା ଠାରୁ ୧୧ ଘଣ୍ଟା ପର୍ଯ୍ୟନ୍ତ ରାଜକାର୍ଯ୍ୟରେ ବ୍ୟସ୍ତ ହୁଅନ୍ତି ।

ଇନ୍ଦୋର ପ୍ରଥମରେ ଗୋଟିଏ ଗ୍ରାମ ଥିଲା, ତାହାଙ୍କ ସମୟରେ ତାହା ନଗରରୂପରେ ପରିଣତ ହେଲା । ସେ ପ୍ରଜାମାନଙ୍କ ସମ୍ପତ୍ତି ଉପରେ ଲୋଭ କରୁ ନ ଥିଲେ; ବରଂ କାହାର ଅଭାବ ଦେଖିଲେ ନିଜର ଅନ୍ତ

ମେଳା ଦୋକାନ ନିର୍ମାଣ କରୁଥିଲେ । ସେ ଗ୍ରୀଷ୍ମକାଳରେ ସ୍ଥାନେ ୨ ଜଳ-ସେବା ବସାଉଥିଲେ ଆଉ ଶୀତକାଳରେ କମ୍ବଳ ଓ ଶୀତ ବସ୍ତ୍ରାଦି ବଣ୍ଟନ କରୁଥିଲେ ଏବଂ କ୍ଷୁଧାର୍ତ୍ତମାନଙ୍କୁ ଖାଦ୍ୟ ଦାନ କରୁଥିଲେ । ସେ ଏତେଦୂର ଦୟାଳୁ ଥିଲେ ଯେ ନର୍ମଦାର ମତ୍ସ୍ୟମାନଙ୍କୁ ଖାଦ୍ୟ ଦେବା ନିମନ୍ତେ ଭୃତ୍ୟ ନିଯୁକ୍ତ କରିଥିଲେ ଓ ପକ୍ଷୀମାନଙ୍କ ଭୋଜନ ନିମନ୍ତେ ଶସ୍ୟପୂର୍ଣ୍ଣ କ୍ଷେତ୍ର କିଣି ଦେଇଥିଲେ । ତାଙ୍କର ବୁଦ୍ଧିବଳ ଓ ରାଜ୍ୟ ସୁଶାସନ କୌଶଳ ନିମ୍ନ-ଲିଖିତ କଥାରୁ ସ୍ପଷ୍ଟ ଜଣା ଯାଇପାରେ ଯେ ପୂର୍ବରେ ଭିଲମାନେ ଲୁଣ୍ଠନ ମାରଣ କରୁଥିବାରୁ ବ୍ୟାପାରୀମାନଙ୍କର ଗତାୟାତ କରିବା ବଡ଼ କଷ୍ଟକର ହେଉଥିଲା ; ମାତ୍ର ଯେଉଁ ସମୟରୁ ସେ ଏପରି ନିୟମ କରିଦେଲେ ଯେ ଭିଲମାନେ ଆପଣା ୨ ସ୍ଥାନର ସୀମା ନିକଟ ପାର୍ଶ୍ଵ ବ୍ୟାପାରୀମାନଙ୍କଠାରୁ କିଛି ଅଂଶ ପାଇବେ ଏବଂ ତତ୍ପରିବର୍ତ୍ତରେ ମାର୍ଗର ତତ୍ତ୍ଵାବଧାନ କରିବେ । ଯଦି ସେମାନଙ୍କ ସୀମା ମଧ୍ୟରେ କାହାରି କିଛି ଚୋରି ଯାଏ, ତେବେ ସେମାନେ ପୂର୍ଣ୍ଣ କ୍ଷତି ପୂରଣ କରି ଦେବେ ; ନୋହିଲେ ସମୁଚିତ ଦଣ୍ଡ ପାଇବେ । ସେହି ଦିନଠାରୁ ଏହି ପଥରେ ଚୋରି ହ୍ରାସ ହେବାକୁ ଲାଗିଲା ।

ଅହଲ୍ୟାବାଈ ଅଧିକ ସୁନ୍ଦରୀ ସ୍ତ୍ରୀ ନ ଥିଲେହେଁ ଧର୍ମବଳରେ ତାଙ୍କର ମୁଖମଣ୍ଡଳ ତେଜୋପୂର୍ଣ୍ଣ ଦିଶୁଥିଲା । ସେ ସର୍ବଦା ପ୍ରଫୁଲ୍ଲ ଥାନ୍ତି । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ସ୍ୱଭାବର ଅନ୍ୟଥା ଦେଖା ଯାଇ ନାହିଁ । ଅହଲ୍ୟାବାଈ ବିଧବା ହେବା ଦିନରୁ କେବଳ ଶୁଭ୍ର ବସ୍ତ୍ର ପରିଧାନ କରି ଆସୁଥାନ୍ତି । ସଦା ହସ୍ତରେ ଗୋଟିଏ ମାଳା ଧାରଣ କରିଥାନ୍ତି ; ମାତ୍ର ତାହାଛଡ଼ା ଅନ୍ୟ କୌଣସି ଅଳଂକାର ଧାରଣ କରୁ ନ ଥିଲେ । ଦିନକରେ ଜଣେ କବି ତାହାଙ୍କ ପ୍ରଶଂସା ବିଷୟରେ ଗୋଟିଏ ଗ୍ରନ୍ଥ ରଚନା କରି ତାହାଙ୍କ ସମ୍ମୁଖରେ ପାଠ କଲେ । ଉକ୍ତ ଗ୍ରନ୍ଥ ଶ୍ରବଣ କରିବା ପରେ ସେ ଆଦେଶ ଦେଲେ, ଏହା ଏଣି ଏହି ଗ୍ରନ୍ଥ ନର୍ମଦା ନଦୀରେ ବୁଡ଼ାଇ ଦିଅ ।

ସେ ଅଠଇଶ ବର୍ଷ ଏପରି ଶାସନ କରି ଖ୍ରୀ ୧୭୯୫ ସାଲରେ ପରଲୋକ ଗମନ କଲେ । ସେହି ସମୟରେ ତାଙ୍କର ବୟସ ୭୦ ବର୍ଷ ହୋଇଥିଲା । ଗ୍ୱାଲିୟର ପ୍ରଦେଶର ପ୍ରାଚୀନ ରାଜଧାନୀ ମହେଶ୍ୱରର ନିକଟରେ ଅହଲ୍ୟାବାଈଙ୍କ ପ୍ରତିମୂର୍ତ୍ତି ଆଜି ପର୍ଯ୍ୟନ୍ତ ବିଦ୍ୟମାନ ଅଛି । ଲୋକମାନେ ଏହି ମୂର୍ତ୍ତିକୁ ଦେବୀ ବୋଲି ପୂଜା କରୁଅଛନ୍ତି ।

---

## ପାଠ ୨୯ ।

## ବଟ ବୃକ୍ଷ ।

ବଟ ବୃକ୍ଷର ଉତ୍ପତ୍ତି ବୃତ୍ତାନ୍ତ ଶୁଣିଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ବୋଧ ହୁଏ । କାରଣ ଏହି ବୃକ୍ଷ ଯେଉଁ ବୀଜରୁ ଉତ୍ପନ୍ନ ହୋଇଅଛି ତାହା ସୋରିଷଠାରୁ ମଧ୍ୟ କ୍ଷୁଦ୍ରତର ଅଟେ । ଏହାର ଫଳ କାକ ଆଦି ପକ୍ଷୀମାନେ ଖାନ୍ତି । ସେମାନଙ୍କ ମଳ ଯେଉଁ କାନ୍ଥ ଇତ୍ୟାଦି ସ୍ଥାନରେ ପଡ଼େ ତହିଁରୁ ଅଙ୍କୁର ଜାତ ହୁଏ । ଜଳ ସେଚନ ନ କଲେ ମଧ୍ୟ ପତିତ ସ୍ଥାନରେ ଅଙ୍କୁରିତ ହୁଏ । ଏହି ବଟ ବୃକ୍ଷ ପକ୍କା ଉପରେ ଜାତ ହେଲେ ମଧ୍ୟ ତାହାର ଚେର ଫୁଟି ବାହାରି କାନ୍ଥକୁ ଭାଙ୍ଗି ପକାଏ । ପିପ୍ପଳ ବୃକ୍ଷ ସଦୃଶ ଏହାକୁ ମଧ୍ୟ ମନ୍ଦିର ପାର୍ଶ୍ୱରେ ରୋପଣ କରି ତଳରେ ବେଦୀ ପ୍ରସ୍ତୁତ କରି ଦିଅନ୍ତି । ଭାରତବର୍ଷରେ ବଟ ବୃକ୍ଷ ବହୁତ ଜାତ ହୋଇଅଛି । ଏହି ବୃକ୍ଷ ଡୁମୁର ଜାତୀୟ ବୃକ୍ଷ ଅଟେ । ଏହାର ଫଳ ଡିମିରି ଫଳ ପରି ଲାଲ ଅଟେ । ଲୋକମାନେ ଏହାକୁ ଖାଇବାରେ ବ୍ୟବହାର ନ କଲେ ମଧ୍ୟ ପକ୍ଷୀମାନେ ଭକ୍ଷଣ କରି ଏଥିରେ ପାଳିତ ହୁଅନ୍ତି । ବଟ ଓ ପିପ୍ପଳର ଛାୟା ଘନ ଥିବାରୁ ପଥଶ୍ରାନ୍ତ ପଥିକମାନଙ୍କ ପକ୍ଷରେ ସୁଖକର ବୋଧ ହୁଏ ।

କର ପର୍ବରେ ଖଣ୍ଡ ଚଉଦକୋଶି ପର୍ଯ୍ୟ ସୁଦ୍ଧା ଏହା ପ୍ରସ୍ତୁତ ହୁଏ; ଏବଂ ଔଷଧ ନିମନ୍ତେ ମଧ୍ୟ ଏହି ବୃକ୍ଷ ଉପକାରୀ ଅଟେ । ଏହାର କୃଷ୍ଣ ମଇନ ପନ୍ଥ କାର୍ଯ୍ୟରେ ଲାଗଇ । ଏଥିରୁ ଏପରି ଅଠା ବାହାରେ ଯେ ଯଦ୍ୟପି ଏହାର ଲେପ ଲଗାଯାଏ ତେବେ ତାହା ସହଜରେ ଛାଡ଼େ ନାହିଁ ।

ଉକ୍ତ ବୃକ୍ଷ ଏପରି ସ୍ଥୂଳ ଓ ବିସ୍ତୃତ ହୁଏ ଯେ ଶୁଣିଲେ ମନରେ ଆଶ୍ଚର୍ଯ୍ୟ ଜାତ ହୁଏ । ନର୍ମ୍ମଦା ନଦୀ ତୀରରେ ଗୋଟିଏ ବଟ ବୃକ୍ଷ ଅଛି । ତାହାର ୩୫୦ ଗୋଟି ଗଣ୍ଡି ଅଛି ଆଉ ମଧ୍ୟ ନୂତନ ୬ ଉତ୍ପଲ ବାହାରୁ ଅଛି । ଏହାର ପରିଧି ଫୁ ୨୦୦୦ ଟ ଅଟେ । ତାହାର ସହସ୍ର ସହସ୍ର ଶାଖା ଅଛି ଏବଂ ତହିଁର ଛାୟାରେ ପାଞ୍ଚ ସହସ୍ର ଲୋକ ସ୍ୱଚ୍ଛନ୍ଦରୂପେ ରହି ପାରନ୍ତି । ଦୂରରୁ ଦେଖିଲେ ତାହା ଗୋଟିଏ ସାମାନ୍ୟ ଅରଣ୍ୟବତ୍ ପ୍ରତୀୟମାନ ହୁଏ । କି ଆଶ୍ଚର୍ଯ୍ୟ! ଏପରି ଅତି କ୍ଷୁଦ୍ର ବୀଜରୁ କେଡ଼େ ପ୍ରକାଣ୍ଡ ତରୁ ଉତ୍ପନ୍ନ ହେଉଅଛି । ଦୟାଶୀଳ ପରମେଶ୍ୱର ପରମ ଏହି ଉଷ୍ଣ ପ୍ରଦେଶସ୍ଥ ମନୁଷ୍ୟ ଏବଂ ପଶୁମାନଙ୍କ ଉପକାରାର୍ଥେ ଏବମ୍ଭୂତ ବୃକ୍ଷ ଛାୟା ଦାନ ପାଇଁ ଉତ୍ପାଦନ କରଇ ଦେଇଅଛନ୍ତି । ଏହାର କାଷ୍ଠ କବାଟମାନଙ୍କର ଚୌକାଠି କାର୍ଯ୍ୟରେ ଅସୁ ନ ଥିବାରୁ ତାହା ସ୍ଥୂଳ ହୋଇ ଅନେକ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହୁଅଛି ।

ଏହି ମଧ୍ୟପ୍ରଦେଶସ୍ଥ ଛିନ୍ଦୁୱାଡ଼ା ଜିଲ୍ଲାର ଟିଷ୍ଟେଲ ନାମକ ଗୋଟିଏ ଗ୍ରାମରେ ଏକ ବୃହଦାକାରର ବଟ ବୃକ୍ଷ ଅଛି । ତାହାର ତଳରେ ଏକ ବୃହତ୍ ବାଉଳି କୂପ ଅଛି; ଉକ୍ତ ବୃକ୍ଷ କେତେକ ବିଘା ଭୂମିକୁ ଆବୃତ କରିଅଛି ଓ ତାହାର ଛାୟାରେ ନିର୍ବିଘ୍ନରେ ୫୦୦ ଘୋଡ଼ା ବନ୍ଧା ହୋଇ ପାରିବାର ସ୍ଥାନ ଅଛି । ସେଠାରେ ଜଣେ ଫକୀର ବାସ କରନ୍ତି ଏବଂ ସେ ସରକାର ପକ୍ଷରୁ କିଛି ବେତନ ପାଇ ସେ ସ୍ଥାନକୁ ପରିଷ୍କାର ରଖିଥାନ୍ତି ।

# ପାଠ ୨୨ ।

## ଭାରତବର୍ଷରେ ଇଂରାଜ ରାଜ୍ୟ ଶାସନ ।

ଇଂରାଜମାନଙ୍କୁ ଏଠାରେ ସେମାନଙ୍କ ରାଜ୍ୟ ଦୃଢ଼ କରିବା, ଧୀରେ ୨ ସମସ୍ତ ସ୍ଥାନକୁ ପରାସ୍ତ କରିବା ଏବଂ ଶେଷରେ ସମଗ୍ର ଭାରତବର୍ଷ ଓ ବ୍ରହ୍ମ ମଧ୍ୟ ଆପଣାର ଅଧୀନସ୍ଥ କରି ନେବା ବିଷୟ ପୂର୍ବ ପାଠମାନଙ୍କରେ ଲେଖି ଆସିଅଛୁଁ । ବର୍ତ୍ତମାନ କେବଳ ଏହା ଲେଖିବାକୁ ବାକି ଅଛି ଯେ ଏତେ ବିଶାଳ ଦେଶରେ ସରକାର ଇଂରାଜ ବାହାଦୁର କେତେ ସହଜରେ ଓ ସଫଳତା ସହିତ ରାଜ୍ୟ ଶାସନ କରୁଅଛନ୍ତି ।

ଏ ସମୟରେ ହିନ୍ଦୁସ୍ଥାନର ରାଜ୍ୟ ଶାସନ ଇଂଲଣ୍ଡର ମହାରାଣୀ ଓ ପାର୍ଲିୟାମେଣ୍ଟର ଅଧୀନରେ ଅଛି ପରନ୍ତୁ ପ୍ରକୃତରେ ସମସ୍ତ କାର୍ଯ୍ୟ ଏଠାରେ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ହେଉଅଛି । ଏହି ଗବର୍ଣ୍ଣମେଣ୍ଟର ମଧ୍ୟ ଦୁଇ ବିଭାଗ ଅଛି ।

(୧) ମୁଖ୍ୟ ଅର୍ଥାତ୍ ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ।

(୨) ଲୋକାଲ ଅର୍ଥାତ୍ ପ୍ରାନ୍ତୀୟ ଗବର୍ଣ୍ଣମେଣ୍ଟ ।

ଗବର୍ଣ୍ଣର ଜେନେରେଲ ସାହେବ ବାହାଦୁର ଏଠାରେ ଶ୍ରୀମତୀ ମହାରାଣୀଙ୍କର ପ୍ରତିନିଧି ଅଟନ୍ତି । ସେ, ତାଙ୍କର ଦୁଇ କାଉନ୍ସିଲ ଓ ମେମ୍ବର ସେକ୍ରେଟେରୀ ଏ ସମସ୍ତ ମିଳିତ ହୋଇ ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ବୋଲାଯାନ୍ତି । ସମସ୍ତ ଦେଶ ନିମନ୍ତେ ବିଧିବିଧାନ କରିବା, କର ଧାର୍ଯ୍ୟ ବା କ୍ଷମା କରିବା, ଯୁଦ୍ଧ କରିବା ଆଦି ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆର ଅଧିକାରରେ ଅଛି, କିନ୍ତୁ ଗବର୍ଣ୍ଣର ଜେନେରେଲ ସାହେବଙ୍କର ମଧ୍ୟ ଏପରି କାର୍ଯ୍ୟମାନଙ୍କରେ ପୂର୍ଣ୍ଣ ଅଧିକାର ନାହିଁ । ତାହାଙ୍କୁ ପ୍ରତ୍ୟେକ ମହତ୍ତ୍ୱ କାର୍ଯ୍ୟରେ ମହାରାଣୀଙ୍କର ଅନୁମତି ନେବାକୁ ପଡ଼େ ଏବଂ ଶ୍ରୀମତୀ ମହାରାଣୀ ମଧ୍ୟ ଆପଣା ମନ୍ତ୍ରୀ ଉପାଧିଧାରୀ ସେକ୍ରେଟେରୀ ଅଫ୍ଷ୍ଟେଟ୍ ଓ ପାର୍ଲିଅମେଣ୍ଟର ମତ ବିନା

ଏପରି ଅନୁମତି ଦଅନ୍ତି ନାହିଁ । ସମସ୍ତଙ୍କ ମତ ଐକ୍ୟ ହେଲେ ମହାରାଣୀ ପ୍ରତ୍ୟେକ ନୂତନ ଆଇନ ଅବଶ୍ୟ ମଞ୍ଜୁରି ଦଅନ୍ତି ଆଉ ତହିଁକୁ ତାହା ଦେଶରେ ପ୍ରଚଳିତ କରାଯାଏ । କେବେ କେବେ ବଡ଼ ଲର୍ଡ ସାହେବମାନଙ୍କର ମତ ଖଣ୍ଡନ କରି ଦିଆଯାଏ ଏବଂ କେବେ କେବେ କିଛି ପରିବର୍ତ୍ତନ ସହିତ ମଞ୍ଜୁର କରାଯାଏ ।

ପ୍ରତ୍ୟେକ ପ୍ରଦେଶର ପ୍ରଧାନ କର୍ମଚାରୀଙ୍କୁ ଲୋକଲ ଗବର୍ଣ୍ଣମେଣ୍ଟ କହନ୍ତି । ମାତ୍ର ଭିନ୍ନ ଭିନ୍ନ ପ୍ରଦେଶର ପ୍ରଧାନ କର୍ମଚାରୀମାନେ ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଅନ୍ତି । ମାନ୍ଦ୍ରାଜ, ବୋମ୍ବାଇର ଶାସନ-କର୍ତ୍ତାମାନେ ଗବର୍ଣ୍ଣର; ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ, ପଞ୍ଜାବ ପ୍ରଭୃତିର ପ୍ରଧାନ କର୍ମଚାରୀମାନେ ଲେଫ୍ଟେନେଣ୍ଟ ଗବର୍ଣ୍ଣର; ଆଉ ମଧ୍ୟପ୍ରଦେଶ, ଆସାମ, ବ୍ରହ୍ମଦେଶ ଓ ଆଣ୍ଡେମାନ ଓ ନିକୋବର ଦ୍ୱୀପର ପ୍ରଧାନ କର୍ମଚାରୀମାନେ ଚୀଫ୍ କମିଶନର ବୋଲାନ୍ତି ।

କୌଣସି ପ୍ରଦେଶରେ ସେଠାର ପ୍ରଧାନ କର୍ମଚାରୀଙ୍କ ସାହାଯ୍ୟ କରିବାକୁ କାଉନ୍ସିଲ ବା ସଭା ମଧ୍ୟ ନିଯୁକ୍ତ କରା ଯାଇଅଛି । ଯଥା, ବୋମ୍ବାଇ, ମାନ୍ଦ୍ରାଜ, ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ ପ୍ରଭୃତି । ମାନ୍ଦ୍ରାଜ ଛଡ଼ାରେ କମିଶନର ନାହାନ୍ତି । ସେଠାରେ କଲେକ୍ଟର ସାହେବଙ୍କ ଅଧୀନରେ ରାଜସ୍ୱ ବିଭାଗର ତତ୍ତ୍ୱାବଧାରଣ ଓ ପରିଦର୍ଶନ ନିମନ୍ତେ ବୋର୍ଡ ନାମକ ଗୋଟିଏ ସଭା ଅଛି । ଅନ୍ୟ ସମସ୍ତ ପ୍ରଦେଶରେ କଲେକ୍ଟର ବା ଡେପୁଟି କମିଶନର ସାହେବଙ୍କ ଉପରସ୍ଥ କର୍ମଚାରୀ କମିଶନର ନିଯୁକ୍ତ ଅଛନ୍ତି । ଅନ୍ୟାନ୍ୟ ବନ୍ଦୋବସ୍ତ ସମସ୍ତ ପ୍ରଦେଶରେ ଏକ ପ୍ରକାର ଅଟେ । ପ୍ରତ୍ୟେକ ପ୍ରଦେଶ କେତେକ ଜିଲ୍ଲାରେ ବିଭକ୍ତ ହୋଇଅଛି । ଏବଂ ପ୍ରତ୍ୟେକ ଜିଲ୍ଲାରେ କଲେକ୍ଟର ବା ଡେପୁଟି କମିଶନର ନିଯୁକ୍ତ ଅଛନ୍ତି । ସେମାନେ ଇଂରେଜ ଏବଂ ହିନ୍ଦୁ କର୍ମଚାରୀମାନଙ୍କର ମତ ଏବଂ ସାହାଯ୍ୟରେ ଆପଣା ଆପଣାର ଜିଲ୍ଲାମାନ ଶାସନ କରନ୍ତି । ସେ ସମସ୍ତ ବିଷୟ ନିମନ୍ତେ ଦାୟୀ ଅଟନ୍ତି । ମନେ କର ମଧ୍ୟପ୍ରଦେଶରେ ଜିଲ୍ଲା ସାହେବଙ୍କୁ ଡେପୁଟୀ କମିଶନର ବୋଲନ୍ତି । ସେ ସମସ୍ତ କଲ୍ଗ

ତତ୍ତ୍ୱାବଧାରଣ ଓ ପରିଦର୍ଶନ କରନ୍ତି । ମାତ୍ର ଯେତେ ସ୍ୱୟଂପୂର୍ଣ୍ଣ ହେଉନ୍ତୁ ନା କାହିଁକି ସମସ୍ତ କାର୍ଯ୍ୟ ସେ ଏକାକୀ କରି ପାରନ୍ତି ନାହିଁ । ଏଥିପାଇଁ ସରକାରଙ୍କ ରାଜସ୍ୱ ଆଦାୟ ନିମନ୍ତେ, ଦେୱାନୀ ଫୌଜଦାରୀ ଓ ଖଜଣାର ବିବାଦ ନିଷ୍ପତ୍ତି କରିବାରେ ସାହାଯ୍ୟ ଦେବା ନିମନ୍ତେ ଏସିଷ୍ଟାଣ୍ଟ କମିଶନର, ଏକଷ୍ଟ୍ରା ଏସିଷ୍ଟାଣ୍ଟ କମିଶନର ଏବଂ ତହସିଲଦାର ନିଯୁକ୍ତ କରି ଯାଉଅଛନ୍ତି । ଚୋର, ଡକାଏତ ଓ ଦୁଷ୍ଟମାନଙ୍କର ଦମନ ଏବଂ ପ୍ରଜାମାନଙ୍କର ଜୀବନ ସମ୍ପତ୍ତି ରକ୍ଷା ନିମନ୍ତେ ଜିଲ୍ଲା ପରିଦର୍ଶକ ବା ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ, ପୋଲିସ ଇନସ୍ପେକ୍ଟର ଆଦି ନିଯୁକ୍ତ ଅଛନ୍ତି । ବିଦ୍ୟା ବୃଦ୍ଧି ଓ ବିଦ୍ୟାଳୟମାନଙ୍କର ପରିଦର୍ଶନ ନିମନ୍ତେ ଶିକ୍ଷକ, ଡେପୁଟୀ ଇନସ୍ପେକ୍ଟର ଆଉ ସେମାନଙ୍କ ଉପରେ ସର୍କଲ ଇନସ୍ପେକ୍ଟର ଓ ସମସ୍ତଙ୍କ ଉପରେ ଇନସ୍ପେକ୍ଟର ଜେନେରାଲ ନିଯୁକ୍ତ ଅଛନ୍ତି । ସଫାଇ, ରୋଗ ଚିକିତ୍ସା ଏବଂ ଉପଶମ ନିମନ୍ତେ ହାସପାତାଲ ଡାକ୍ତର ଏବଂ ସିଭିଲ ସର୍ଜନ ନିଯୁକ୍ତ ଅଛନ୍ତି ।

ସମସ୍ତ ବିଭାଗର ଶାସନ ନିମନ୍ତେ ପୃଥକ୍ ୨ କର୍ମଚାରୀ ଅଛନ୍ତି । ମାତ୍ର ସମସ୍ତେ ଜିଲ୍ଲାର ହାକିମଙ୍କ ଅଧୀନରେ ରହନ୍ତି; ଆଉ ତାହାଙ୍କର ସମ୍ମତି ଏବଂ ଆଦେଶାନୁସାରେ ଆପଣା ୨ କାର୍ଯ୍ୟ କରନ୍ତି । ଜିଲ୍ଲା ହାକିମଙ୍କୁ ବଡ଼ ଭାରି କର୍ମଚାରୀ ଜ୍ଞାନ କରିବା ଉଚିତ । ତାହାଙ୍କୁ ଆପଣା ଜିଲ୍ଲାର ରାଜା ବୋଲି ବିଚାର କରିବାକୁ ହେବ । ମାତ୍ର ଅନେକ କାର୍ଯ୍ୟରେ ତାହାଙ୍କର କ୍ଷମତାର ସୀମା ନିର୍ଦ୍ଦିଷ୍ଟ ଅଛି ଏବଂ ତାହାଙ୍କୁ ଆପଣା ଉପରସ୍ଥ କର୍ମଚାରୀ କମିଶନର ଏବଂ ତାଙ୍କଦ୍ୱାରା ପ୍ରାଦେଶିକ ଗଭର୍ଣ୍ଣମେଣ୍ଟଙ୍କର ଅନୁମତି ନେବାକୁ ପଡ଼ଇ । ଦୁର୍ଭିକ୍ଷ, ରୋଗ, ଜଳପ୍ଳାବନ ପ୍ରଭୃତି ବୃଦ୍ଧି ପାଇବା ସମୟରେ ଏପରି କରିବାକୁ ପଡ଼ଇ । ଏଥିର ସାରାଂଶ ଏହି ଯେ ପ୍ରାଚୀନ ସମୟାପେକ୍ଷା ବର୍ତ୍ତମାନ ସମୟର ଶାସନ ପ୍ରଣାଳୀ ଅତ୍ୟୁତ୍କୃଷ୍ଟ ନେ, ଏବଂ ପ୍ରଜାମାନେ ଏ ସମୟରେ ସନ୍ତୁଷ୍ଟ ଓ ସୁଖୀ ଅଛନ୍ତି ।

# ପାଠ ୬୩ ।

## ପତ୍ର ଲେଖନ ।

ପତ୍ର ମୂଳତଃ ତିନି ପ୍ରକାରରେ ଲେଖା ହୋଇ ଥାଏ । ପ୍ରଥମ ଗୁରୁଜନମାନଙ୍କଠାରୁ ଲଘୁଜନମାନଙ୍କର; ଦ୍ୱିତୀୟ ଲଘୁଜନମାନଙ୍କଠାରୁ । ଗୁରୁଜନମାନଙ୍କର; ତୃତୀୟ ସମସ୍ଥାନ ଲୋକମାନଙ୍କ ମଧ୍ୟରେ । ଏହି ଗୁରୁତା, ଲଘୁତା ଓ ସମତାଜ୍ଞାପକ ଅବସ୍ଥା ଭେଦରେ ଦ୍ୱିବିଧ ଅଟେ । ପତ୍ର ଲେଖକ ଓ ଲେଖ୍ୟ ମଧ୍ୟରେ ସମ୍ବନ୍ଧ ଥିଲେ ତାହା ଏକ ପ୍ରକାର ଏବଂ ମିତ୍ରତା ଓ ପରିଚୟ ଥିଲେ ତାହା ଅନ୍ୟ ପ୍ରକାର ଅଟେ; ପୁନଶ୍ଚ ସମ୍ବନ୍ଧ ଥିବା ସ୍ଥଳେ ଜ୍ୟେଷ୍ଠ, କନିଷ୍ଠ ଓ ସମବୟସ୍କ ଏହି ତ୍ରିବିଧ ଅବସ୍ଥା ଭେଦରେ ପତ୍ର ମଧ୍ୟ ତିନି ପ୍ରକାରରେ ଲିଖିତ ହୋଇ ଥାଏ । ମିତ୍ରତା ଓ ପରିଚୟ ସ୍ଥଳରେ ପ୍ରଭୁତ୍ୱ, ଧନ ଓ ଗୁଣ ଭେଦରେ ପାର୍ଥକ୍ୟ ମଧ୍ୟ ଦ୍ରଷ୍ଟବ୍ୟ ଅଟେ । ପତ୍ର ଲେଖକ ଯେତେଦୂର ଧନୀ, ଅଧିକାର ସମ୍ପନ୍ନ, ବିଦ୍ୱାନ୍ ବା ଜ୍ଞାନବାନ୍ ହୋଇଥିଲେ ନାହିଁ କି ସେ ଯଦି ଆପଣାଠାରୁ କୌଣସି ବୟସ୍କ ଜ୍ୟେଷ୍ଠ ଜ୍ଞାତି ବନ୍ଧୁଙ୍କୁ ପତ୍ର ଲେଖନ୍ତି ତେବେ ସେହି ଜ୍ଞାତିଙ୍କୁ ଅବଶ୍ୟ ବଡ଼ ଓ ମାନ୍ୟପାତ୍ର ମନେ କରି ପତ୍ର ଲେଖିବାକୁ ହେବ । ଏହିପରି ମିତ୍ରତା, ପରିଚୟ ସ୍ଥଳେ ଦେଖାଯାଏ ଯେ ଓ ଯାହାଙ୍କଠାରୁ ପତ୍ର ଲେଖାଯାଏ ସେ ବୟସରେ କନିଷ୍ଠ ହେଲେହେଁ ପ୍ରଭୁତ୍ୱ ଧନ ବା ବିଦ୍ୟାରେ ଲେଖକଙ୍କଠାରୁ ଶ୍ରେଷ୍ଠ ଥିଲେ ତାହାଙ୍କୁ ବଡ଼ କରି ଲେଖିବାକୁ ପଡ଼େ । ପତ୍ର ଲେଖିବା ସମୟରେ ଯେଉଁ ସବୁ ପ୍ରତି ଦୃଷ୍ଟି ଦେବା ଉଚିତ ତାହା ନିମ୍ନରେ ଲେଖା ଯାଉଅଛି ।

(୧) ପତ୍ର ମଧ୍ୟରେ କୌଣସି ପ୍ରକାର ବ୍ୟର୍ଥ ଶବ୍ଦ ଥିବ ନାହିଁ ।

(୨) ଓଡ଼ିଆ ସଂସ୍କୃତ ବା ହିନ୍ଦୀ ଯେଉଁ କୌଣସି ଭାଷାରେ ପତ୍ର ଲେଖନ୍ତି ନାହିଁ କି ତହିଁରେ ସମସ୍ତଙ୍କ ବୁଝିବା ଭଳି ସୁଗମ ଶବ୍ଦ ବ୍ୟବହାର ହୋଇଥିବ ।

(ଗ) ବର୍ଣ୍ଣିତ ବକ୍ତବ୍ୟ ସଂକ୍ଷେପ ଓ ଯଥାର୍ଥ ଥିବ ; କୌଣସି କଥା ଆପଣାଠାରୁ ବଢ଼ା ନ ଥିବ ।

(ଘ) "ଆପଣଙ୍କର ବଡ଼ କୃପା ହେବ" ଅଥବା "ମୁଁ କୃତଜ୍ଞ ହେବି" ଏପରି ବାକ୍ୟ ମାତା ପିତାଙ୍କଠାରୁ ଲେଖା ଯିବ ନାହିଁ ; କାରଣ ଏପରି ବାକ୍ୟକୁ ଏକ ପ୍ରକାର ଉଦ୍ଧତା ଓ ଅମାନ୍ୟ ଜଣାଯାଏ ।

(ଙ) ପ୍ରାର୍ଥନା ପତ୍ର, ପରୱାନା ଆଦି ସରକାରୀ କାଗଜରେ କୌଣସି ପ୍ରକାର କଠିଣ ଶବ୍ଦ ବ୍ୟବହାର କରିବା ବା ବନାଇ ବା ସଜାଡ଼ି ଲେଖିବା ଉଚିତ ନୁହେ ; କେବଳ ଶୁଦ୍ଧ ଅଭିପ୍ରାୟ ମାତ୍ର ଥିବ ।

ଓଡ଼ିଆ ଭାଷାରେ ଜ୍ୟେଷ୍ଠମାନଙ୍କଠାରୁ ଲେଖିଲେ "ଶ୍ରୀଲ ଶ୍ରୀଯୁକ୍ତ" ଓ କନିଷ୍ଠମାନଙ୍କଠାରୁ ଲେଖିଲେ "ଶ୍ରୀମାନ୍" ନାମ ପୂର୍ବରେ ବସାଇ ଲେଖିବାକୁ ହୁଏ । ବ୍ରାହ୍ମଣମାନଙ୍କ ମଧ୍ୟରେ ବୟୋଧିକଙ୍କୁ "ନମସ୍କାର" ଅଳ୍ପ ବୟସ୍କଙ୍କୁ ଅଥବା ଅନ୍ୟ ବର୍ଣ୍ଣର ଜ୍ୟେଷ୍ଠ, ବଡ଼ ଓ ସମବୟସ୍କଙ୍କୁ "ଆଶୀର୍ବାଦ" କହି ଲେଖିବାକୁ ହୁଏ । ଆଉ ଯଦ୍ୟପି କ୍ଷତ୍ରିୟ, ବୈଶ୍ୟ ଅଥବା ଶୂଦ୍ର, ବ୍ରାହ୍ମଣମାନଙ୍କୁ ଲେଖନ୍ତି ତେବେ "ପ୍ରଣାମ, ଦଣ୍ଡବତ" ଲେଖିବେ । ପରସ୍ପରରେ ଲେଖିଲେ କେହି୨ "ରାମ ରାମ" "ସୀତାରାମ" "ଜୁହାର" ଓ ଜୟଗୋପାଳ ଆଦି ଲେଖନ୍ତି ।

ଗୁରୁଜନମାନଙ୍କୁ ଅର୍ଥାତ୍ ପିତା, ଗୁରୁ, ଶିକ୍ଷକ ଶ୍ୱଶୁର, ପିତୃବ୍ୟ ଓ ଜ୍ୟେଷ୍ଠ ଭ୍ରାତା ଆଦିଙ୍କୁ ଲେଖିବାକୁ ହେଲେ "ପରମାର୍ଚ୍ଚନୀୟ" "ଶ୍ରଦ୍ଧାସ୍ପଦ" "ଭକ୍ତିଭାଜନ" ବା "ବହୁମାନ୍ୟାସ୍ପଦ" ଲେଖିଲା ପରେ ନାମ ପୂର୍ବେ "ଶ୍ରୀଲ ଶ୍ରୀଯୁକ୍ତ" ଲେଖିବାକୁ ହେବ । ପତ୍ର ଆରମ୍ଭ ପୂର୍ବରୁ "ମହାଶୟ" ଆଦ୍ୟ ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ ।

ପତ୍ର ଶେଷରେ ସ୍ୱନାମ ଉପରେ ସେବକ "ଆଜ୍ଞାକାରୀ" ଲେଖିବା ଉଚିତ । ଗୁରୁଜନ ଯଦ୍ୟପି ପୁତ୍ର, ଶିଷ୍ୟ ଆଦିଙ୍କୁ ଲେଖନ୍ତି ତେବେ "ସ୍ନେହାସ୍ପଦ, ପରମ କଲ୍ୟାଣୀୟ" ଲେଖିଲା ପରେ ଶ୍ରୀମାନ୍ ବାବୁ ନାମ

ହେଲେ ତାହାର ଶେଷର ଅଧିକାର ପୁନଃପ୍ରାପ୍ତ ହୋଇପାରେ । ନିମ୍ନ-ଲିଖିତ କାରଣରୁ ତାହାକୁ ଅଧିକାର ଚ୍ୟୁତ ହେବାର ଆଦେଶ ଦିଆଯାଇ ପାରେ ଯେ ତାହାର ଅଧିକାରରେ ରୋଗସ୍ତ ଜମି ଅଛି, ତାହା ଉପରେ ବକେୟା ଖଜଣା ଡିକ୍ରୀ ହୋଇଥିଲା ବା ସେ ବର୍ଦ୍ଧିତ ଖଜଣା ଯାହାକୁ ଅଦା-ଲତ ଉପଯୁକ୍ତ ବୋଲି ମନେ କରନ୍ତି ତାହା ଦେବାକୁ ଅସ୍ୱୀକୃତ ଅଛି । ଯଦି କୃଷକ ଗୌଣ୍ଡୀଆର ଇଚ୍ଛାନୁସାରେ ବର୍ଦ୍ଧିତ ଖଜଣା ଦେବାକୁ ଅଙ୍ଗୀ-କାର କରେ ତେବେ ଖଜଣା ବୃଦ୍ଧି ହୋଇ ପାରେ । ମାତ୍ର କୃଷକ ଯଦି ଅଙ୍ଗୀକୃତ ନ ହୁଏ ତେବେ ଗୌଣ୍ଡୀଆ ମାଲ ଅଦାଲତଦ୍ୱାରା ତାହାକୁ ନୋଟିସ ଦେବେ । ଏପରି ଅବସ୍ଥାରେ କୃଷକ ଅଦାଲତରେ ପ୍ରାର୍ଥନା କରି ପାରେ ଯେ ଯଥାର୍ଥ ବୃଦ୍ଧି ନିର୍ଦ୍ଧାରିତ ହେଉ । ଏହା ନ କରି ଯଦି ଗୌଣ୍ଡୀଆ ଅଦାଲତର ସାହାଯ୍ୟ ନ ନେଇ ଅନ୍ୟ କୌଣସି ପ୍ରକାରରେ କୃଷକର ଦେୟ ଖଜଣା ବୃଦ୍ଧି କରନ୍ତି ତେବେ ବକେୟା ଖଜଣାର ଆବେଦନ କାଳରେ କୃଷକ ଆବେଦନ କରି ପାରେ କି ବର୍ଦ୍ଧିତ ଖଜଣା ଅତ୍ୟଧିକ ହୋଇଅଛି । ତାହା ହେଲେ ଅଦାଲତ ଖଜଣା ହ୍ରାସ କରି ପାରନ୍ତି । ମାତ୍ର ଯଦି ଅଦାଲତଙ୍କୁ ଜଣା ପଡ଼େ ଯେ ବର୍ତ୍ତମାନ ଧାର୍ଯ୍ୟ ଖଜଣା, ଯାହାକୁ କୃଷକ ଅଧିକ ବୋଲି ମନେ କରୁଅଛି, ତାହା ପ୍ରକୃତରେ ଅଳ୍ପ ଅଟେ, ତେବେ ସେ ହ୍ରାସ ନ କରି ବୃଦ୍ଧି ମଧ୍ୟ କରି ପାରନ୍ତି । ସାଧାରଣ କୃଷକ ନିଜ ଭୂମି ବିକ୍ରୟ କରି ବା ବନ୍ଧକ ଦେଇ ନ ପାରେ । ଯଦି ସେ ଏପରି କରେ ତେବେ ତାହାର କୌଣସି ଉତ୍ତରାଧିକାରୀ ତିନି ବର୍ଷ ମଧ୍ୟରେ ବିକ୍ରୟ ବା ବନ୍ଧକ ଅସିଦ୍ଧ କରିବା ପାଇଁ ଏବଂ ଉକ୍ତ ଭୂମିରେ ଦଖଲ ପାଇବା ପାଇଁ ଆବେଦନ କରି ପାରେ । ସାଧାରଣ କୃଷକର ବିଧବା ସ୍ତ୍ରୀ ବା ପୁତ୍ର ତାହାର ସ୍ୱତ୍ୱର ଉତ୍ତରାଧିକାରୀ ଅଟନ୍ତି । ମାତ୍ର ଯଦି ତାହାର ପିତୃବ୍ୟ, ପିତୃବ୍ୟ ପୁତ୍ର ଭ୍ରାତା ବା ସହୋଦରର ପ୍ରଥମରୁ ଶେଷରେ ସହାଂଶ-ଭାଗୀ ନ ଥାନ୍ତି ତେବେ ସେମାନେ ତାହାର ଉତ୍ତରାଧିକାରୀ ହୋଇ

ପାରନ୍ତି ନାହିଁ । ସାଧାରଣ କୃଷକଙ୍କ ଭୂମି ବେଦଖଲ ନ ଥିଲେ, ସେ ମଧ୍ୟ ପୂର୍ବ କଥିତରୂପେ ଗୌନ୍ତିଅଙ୍କୁ ଅପଣା ଦେୟ ଖଜଣାର ଅଢ଼ାଇ ଗୁଣ ଟଙ୍କା ଦେଇ ଯେବେ ଇଚ୍ଛା ତେବେ ମୌରସୀ ହୋଇ ପାରେ ।

ଯଦି କୃଷକଠାରେ ଖଜଣା ବାକି ରହି ଯାଇ ଥାଏ ତେବେ ଗୌନ୍ତିଅ ଫସଲ ନ କାଟିବା ଓ ବିକ୍ରୀ ନ କରିବା ପାଇଁ ଲିଖିତ ନୋଟିସ୍ ଦେଇ ତାହାଙ୍କୁ ରୋଧ କରି ପାରନ୍ତି । ଏହି ନୋଟିସ୍ [illegible] ଦିନ ପର୍ଯ୍ୟନ୍ତ ବା ତହିଁ ମଧ୍ୟରେ ଯେତେ ଦିନ ପର୍ଯ୍ୟନ୍ତ ଗୌନ୍ତିଅ ବାକି ଖଜଣାର ମୋକଦ୍ଦମା ଦାଏର ନ କରନ୍ତି ତେତେ ଦିନ ପର୍ଯ୍ୟନ୍ତ ବଳବତ୍ତର ଥାଏ । ଇତି ମଧ୍ୟରେ ନୋଟିସ୍ ବଳବତ୍ତର ଥାଉଁ, କୃଷକ ଯଦି ଫସଲ କର୍ତ୍ତନ କରି ନିଏ ବା ବିକ୍ରୟ କରି ଦିଏ ତେବେ ତାହାଙ୍କୁ ପାଞ୍ଚଶତ ଟଙ୍କା ପର୍ଯ୍ୟନ୍ତ ଅର୍ଥ-ଦଣ୍ଡ ହୋଇ ପାରେ । ମାତ୍ର ସ୍ୱୟଂ ଗୌନ୍ତିଅ ବଳପୂର୍ବକ ଫସଲ କର୍ତ୍ତନ ବା ବିକ୍ରୟ କରି ନ ପାରନ୍ତି; କଲେ ତାହାଙ୍କୁ ମଧ୍ୟ ସେହି ପରିମାଣରେ ଦଣ୍ଡ ହୋଇପାରେ । ଯଦି କୃଷକ ଉପରେ ବକେୟା ଖଜଣା ଡିକ୍ରୀ ହୋଇ ଯାଇ ଥାଏ ଏବଂ କୃଷକ ଯଦି କଦସ୍ଥୀ ମୌରସୀ ଥାଏ, ତେବେ ଡିକ୍ରୀ ଜାରି କରି ସେ ତାହାର ଜମି ନିଲାମ କରି ପାରନ୍ତି; ମାତ୍ର ଯେବେ ମୌରସୀ ବା ସାଧାରଣ କୃଷକ ହୋଇଥାଏ, ତେବେ ଗୌନ୍ତିଅ ଅଦାଲତରେ ଆବେଦନପତ୍ର ଦେଇ ଏକ ମାସ ମଧ୍ୟରେ ତାହାଙ୍କୁ କ୍ଷେତ୍ରରୁ ବେଦଖଲ କରି ପାରନ୍ତି ।

କୃଷକମାନଙ୍କର ରକ୍ଷା ନିମିତ୍ତ ଆଇନରେ ଏହି ନିୟମ ଅଛି ଯେ କୃଷକ ଗୌନ୍ତିଅଠାରୁ କବୁଲ ଖରଜ ନେଇ ବା ଅନ୍ୟ ଯେଉଁ କୌଣସି କାରଣରୁ ଅସମର୍ଥ ହୋଇଥିଲେ ମଧ୍ୟ ଯଦି ତାହାଠାରେ ଖଜଣା ବାକି ଥାଏ ତେବେ ସେ ଗୌନ୍ତିଅଙ୍କୁ କୌଣସି ପ୍ରକାରେ ଯାହା କିଛି ଅଦାୟ ଦିଏ ତାହା ଖଜଣାରେ ଅସୁଲ ଦିଆଯାଏ । ଯଦି ଗୌନ୍ତିଅ ଯଥାର୍ଥ ଖଜଣାରୁ

ଅଧିକ ଅଦାୟ କରନ୍ତି ତେବେ ତାହାଙ୍କୁ ପାଞ୍ଚ ଶତ ଟଙ୍କା ପର୍ଯ୍ୟନ୍ତ ଅର୍ଥ-ଦଣ୍ଡ ହୋଇପାରେ ।

ଖଜଣା ଅଦାୟ ଦେବାର ବିବାଦ ହ୍ରାସ କରିବା ଉଦ୍ଦେଶ୍ୟରେ ଗୌନ୍ତି-ଆଙ୍କୁ କୃଷକ ଦେଉଥିବା ସବୁ ଟଙ୍କାର ରସିଦ ଦେବାକୁ ପଡ଼େ । କୃଷ-କଙ୍କୁ ଉଚିତ ଯେ ସେ ଆପଣା ରସିଦ ବହିରେ ଏହି ବିଷୟମାନ ଲେଖାଇ ଗୌନ୍ତିଆର ସ୍ୱାକ୍ଷର ନେଉଥିବ । ଯଦି ଗୌନ୍ତିଆ ରସିଦ ଦେବାକୁ ଅସ୍ୱୀ-କାର କରେ ତେବେ ତାହାଙ୍କଠାରୁ ତହସିଲବର୍ଷରେ ଧାର୍ଯ୍ୟ ହୋଇଥିବା ଖଜଣାର ଦୁଇ ଗୁଣ କୃଷକଙ୍କୁ ଦଣ୍ଡ ଦିଆଯାଇ ପାରେ ।

ଗୌନ୍ତିଆ ଓ କୃଷକମାନଙ୍କୁ କ୍ଷେତ୍ର ଉନ୍ନତ କରିବା ପାଇଁ ଉତ୍ତେଜନା ଦେବା ନିମନ୍ତେ ମଧ୍ୟ ବନ୍ଦରେ ବିଶେଷ ନିୟମ ଅଛି । ଗୌନ୍ତିଆ ଆପଣା ଗ୍ରାମର ଭୂମିରେ ପ୍ରଥମ ଅଧିକାରୀ ଅଟନ୍ତି । ଏଣୁକରି ତାହାଙ୍କର ଅଧି-କାର ଅଛି କି ସେ ଯେଉଁ କୌଣସି କ୍ଷେତ୍ରକୁ ଶୁଧାରି ପାରନ୍ତି । ମାତ୍ର କୃଷକର ଅଧିକାରରେ ଭୋଗସ୍ୱ ଛଡ଼ା ଅନ୍ୟ ଭୂମି ଥିଲେ, ଗୌନ୍ତିଆ ପ୍ରଥମତଃ କୃଷକଙ୍କୁ କ୍ଷେତ୍ର ଶୁଧାରିବାର ସୁବିଧା ଦେବେ । ଯଦି କୃଷକ ଅସ୍ୱୀ-କୃତ ହୁଏ, ତେବେ ଗୌନ୍ତିଆ ସ୍ୱୟଂ ସେହି କ୍ଷେତ୍ର ଶୁଧାରିବେ । ଯେଉଁ ଗୌନ୍ତିଆ ନିଜ ଅନୁସାରେ କୃଷକର କ୍ଷେତ୍ର ଶୁଧାରି ଅଛନ୍ତି, ସେ ଜମା ବଢ଼ାଇବା ପାଇଁ ଆବେଦନପତ୍ର ଦେଇ ପାରନ୍ତି । ଦଖଲୀ ମୌରସୀ ହେଉ ବା ସାଧାରଣ ହେଉ, ସବୁ ପ୍ରକାର କୃଷକର, ଯାହାର ଭୂମିକ ଭୋଗସ୍ୱ ନୁହେଁ, ଗୌନ୍ତିଆର ବିନା ଅନୁମତିରେ ଆପଣା ଜମି ଶୁଧାରିବାର ଅଧି-କାର ଅଛି । ଯଦି ସେମାନେ କୌଣସି ସମୟରେ ବେଦଖଲ ହୋଇଯାନ୍ତି ତେବେ ସେମାନେ ଯାହା କିଛି ଉନ୍ନତିର କାର୍ଯ୍ୟ କରିଥିବେ ତାହାର କ୍ଷତିପୂରଣ ଦାବି କରି ପାରିବେ । କ୍ଷେତ୍ର ଶୁଧାରିବାରେ ଅଧିକ ଉତ୍ତେ-ଜନା ଦେବା ପାଇଁ ବନ୍ଦରେ ଏଥି ମଧ୍ୟ ନିର୍ଦ୍ଧାରିତ ହୋଇଅଛି ଯେ

ଶୁଖାଇବାର ପରେ ଯେଉଁ ପ୍ରଥମ ବନ୍ଦୋବସ୍ତ ହେବ ତହିଁରେ ଭୂମି ଉନ୍ନତ ହୋଇଥିବା ହେତୁରୁ ରାଜସ୍ୱ ବୃଦ୍ଧି ହେବ ନାହିଁ ।

ବର୍ତ୍ତମାନ ଏଥିରୁ ପ୍ରକାଶ ପାଉଅଛି ଯେ ଗୌନ୍ତିଅର ସ୍ୱତ୍ୱସ୍ୱୀ ସ୍ୱତ୍ୱ ଉପରେ ପୂର୍ଣ୍ଣ ବନ୍ଧର ଦୃଷ୍ଟି ଯାଇଅଛି । କିନ୍ତୁ ତହିଁ ସଙ୍ଗରେ ତାଙ୍କର ସ୍ୱତ୍ୱ ଏପରି ଭାବରେ ନିର୍ଦ୍ଧାରିତ ହୋଇଅଛି କି ଯେପରି କୃଷକମାନଙ୍କ ଉପରେ ଅନ୍ୟାୟ ନ ହୁଏ । ସୁତରାଂ ସେମାନେ ଯଥାସାଧ୍ୟ ଶ୍ରମ ଓ ଯତ୍ନ କରି ଅପଣା କ୍ଷେତର ଉନ୍ନତିସାଧନ ବା ବର୍ଦ୍ଧନ କରି ପାରିବେ । ସରକାରଙ୍କର ଅଭିପ୍ରାୟ ଏହି ଯେ କୃଷକ ଓ ଗୌନ୍ତିଆ ଉଭୟ ସନ୍ତୁଷ୍ଟ ଓ ସୁଖରେ ରହନ୍ତୁ । କୃଷକଙ୍କୁ ବେଦଖଲ କରିବାରେ ବା ତାହାର ଦେୟ ରାଜସ୍ୱ ବୃଦ୍ଧି କରିବାରେ ସରକାର ଗୌନ୍ତିଅର ଯେଉଁ ଅଧିକାର ହ୍ରାସ କରି ଦେଇ ଅଛନ୍ତି ତାହା ଦେଶର ପ୍ରାଚୀନ ଧାରା ଓ ଲୋକମାନଙ୍କର ଇଚ୍ଛାନୁସାରେ ହୋଇଅଛି ।

# ପାଠ ୫୪ ।

## ବିଦ୍ୟା ।

ମନ ଦେଇ ଶୁଣ, ଅହେ ଶିଶୁ ଗଣ,
ସମସ୍ତ ଧନର, ସାର ବିଦ୍ୟାଧନ । ୧ ।
ରତ୍ନାକରେ ଯେତେ, ଅଛନ୍ତି ରତନ,
ତହିଁ ଶ୍ରେଷ୍ଠତମ, ବିଦ୍ୟା ମହାଧନ । ୨ ।
ହୀରା ନୀଳା, ମୋତି, ବୈଦୂର୍ଯ୍ୟ, ପ୍ରବାଳ,
ମାଣିକ୍ୟ, କାଞ୍ଚନ, ବିବିଧ ଅତୁଳ । ୩ ।
ଅପର ଯାହ ଦାନେ, ହୋଇଯାଏ କ୍ଷୟ,
ଏକା ବିଦ୍ୟାଧନ ସତତ ଅକ୍ଷୟ । ୪ ।
ସଦସତ୍ ପାର୍ଶେ, ଇଚ୍ଛା ଅନୁଯାୟୀ,
ସତତ ସବର୍ଷ, ଦାନ କର ଭାଇ । ୫ ।
ବୃଦ୍ଧି ବିନା ତାର, କ୍ଷୟ ହେବ ନାହିଁ,
ଏଥିର ଅର୍ଜ୍ଜନେ, ହେଳା କାହିଁ ପାଇଁ । ୬ ।
ମୁଦ୍ରିକା ହାରାଦି, ଯେତେକ ଭୂଷଣ,
ବ୍ୟବହାରେ ହୋଇ, ଘଷାରେ ଘର୍ଷଣ । ୭ ।
କାଳକ୍ରମେ ସବୁ, ଗୁରୁଭାରେ କିତ,
ହ୍ରାସ ହେଉଥାଏ, ଅହେ ଧୀର ମତ । ୮ ।
ଏକା ବିଦ୍ୟାଧନ, ଭୂଷଣରେ ସାର,
ନୁହଇଁ ହ୍ରାସ, କଲେ ବ୍ୟବହାର । ୯ ।
ପରିଷଦେ ତାହା, ହୁଏ ପ୍ରକାଶିତ,
ଯହିଁରେ ସତତ, ପଣ୍ଡିତେ ଭୂଷିତ । ୧୦ ।

ସେ ବିଦ୍ୟା ଭୂଷଣ, ଯାଇ ସମାଦରେ,
ଧର ଶିଶୁଗଣ ସଦା, ହୃଦୟରେ । ୧୧ ।
ବିଦ୍ୟାଧନ ଜ୍ଞାନ, ଅଟଇଟି ଯେହୁ,
ଯୁକ୍ତି ଶୃଙ୍ଗ ହୀନ, ପଶୁ ସମା ସେହୁ । ୧୨ ।
ତୃଣ ନ ଖାଇ ସେ, ଅନ୍ନ ଯା ଭୁଞ୍ଜଇ,
ପଶୁ ମଧ୍ୟେ ବଡ଼, ଭାଗ୍ୟ ଏ ଅଟଇ । ୧୩ ।
ବିଦ୍ୟା ପଢି ଯେହୁ, ହୁଅଇ ପଣ୍ଡିତ,
ବିବୁଧ ଗଣରେ, ହୁଅଇ ମଣ୍ଡିତ । ୧୪ ।
ଯାହା ପରଶାରୁ, ଅତି ନୀଚ ନର,
ରାଜ ସଭା ମଧ୍ୟେ, ଲଭଇ ଆଦର । ୧୫ ।
କରେ ସେହି ଜ୍ଞାନ, ସଂଶୟ ଛେଦନ, ।
ଦେଖାଇଥାଏ ସର୍ବ, ଅପର ଭୁବନ । ୧୬ ।
ଏମନ୍ତ ବିଦ୍ୟାକୁ, ଅହେ ଶିଶୁଗଣ,
ସତତ ଅଭ୍ୟାସ, କର ଦେଇ ମନ । ୧୭ ।
ବିଦ୍ୟାବଳେ ଦେଖ, ବିବିଧ କୌଶଳ,
ହୋଇ ଯାଉଅଛି, ଜଗତ ମଙ୍ଗଳ । ୧୮ ।
ବାଷ୍ପଯାନ ପୁଣି, ଟେଲିଗ୍ରାଫ ତାର,
କରଇ ପ୍ରାଣୀର, ବହୁ ଉପକାର । ୧୯ ।
ବାଷ୍ପୀୟ ଜାହାଜ, ବାଷ୍ପୀୟ ସ୍ୟନ୍ଦନ,
କଳଯନ୍ତ୍ର ଦେଖ, ମଙ୍ଗଳ ସାଧନ । ୨୦ ।
କଳ ପଡି ସୂତ, ଦେଖ କଳା ଥରେ,
କଣ୍ଟା ଭାର ତଳେ, କେତେ କୌଶଳରେ । ୨୧ ।
ବିଦ୍ୟାରୁ ଏସବୁ, ହିନା ଉତ୍ପନ୍ନ,
ହୋଇ ଉପକାର, ସାଧେ ପ୍ରତିକ୍ଷଣ । ୨୨ ।

ଯେଣୁ କର୍ମେ ଯତ୍ନ, ଥାଇ ଶିଶୁଗଣ,
ମନ ଦେଇ କର, ବିଦ୍ୟା ଅଧ୍ୟୟନ । ୧୩ ।
ବିଦ୍ୟାରୁ ବିନୟ, ହୋଇ ଉତ୍ପନ୍ନ,
କରାଏ ପ୍ରାଣିଙ୍କି, ଆଦର ଭାଜନ । ୧୪ ।
ବିନୟରୁ ଜାତ, ହୁଅଇ ସମ୍ମାନ,
ସମ୍ମାନରୁ ଯେବେ, ପାଏ ବହୁ ଧନ । ୧୫ ।
ଧନରୁ ବଢ଼ଇ, ସୁଖ ମାନବର,
ଦାନ ଧରମରେ, ହୁଏ ତତପର । ୧୬ ।
ଏଜୀବନ ଥାଉ, ଦୁଃଖ ନ ମିଳଇ,
ଜୀବାନ୍ତେ ପରମ, ପଦବୀ ଲଭଇ । ୧୭ ।
ବିଦ୍ୟା ଅଭ୍ୟାସରେ, ସଦା ତତପର,
ହୋଇ କର ନିଜ, ଜୀବ ସାର୍ଥ କର । ୧୮ ।
ଉଦ୍ୟୋଗ କଲେ, ମିଳଇ ରତନ,
ଯେଣୁକରି ବିଦ୍ୟା, ପଠନେ ଯତନ । ୧୯ ।
ବିଦ୍ୟା ପଢ଼ି ନିଜ, କୁଳକୁ, ଉଦ୍ଧାର,
କରିଅଛେ ଶିଶୁ, ତନ୍ତୁ ପରକାର । ୨୦ ।
ଶାସ୍ତ୍ର ଅଲୋଚନା, କରି ଯୁତେ ନିତ,
ନିଜ ଜୀବନକୁ, ସୁଖରେ ଭରନ୍ତି । ୨୧ ।
ନିତ୍ୟ ବ୍ୟସନରେ, ସଦା ମୂର୍ଖ ଜନ,
ରତ ଥାଇ ହେବେ, ଲଭନ୍ତି ମରଣ । ୨୨ ।
ସ୍ୱଦେଶରେ ଲଜ୍ଜା, ପାଆନ୍ତି ଅଦର,
ସବୁଠାରେ ସମାଦର ପଣ୍ଡିତର । ୨୩ ।

## ପାଠ ୫୬ ।

## କୋଲମ୍ବସ ।

ସୁବିଖ୍ୟାତ ମହାତ୍ମା କୋଲମ୍ବସ ସନ୍ ୧୪୩୬ ଈସ୍ବୀରେ ଜେନୋଆ ନଗରରେ ଜନ୍ମ ଗ୍ରହଣ କରିଥିଲେ । ସେ ବାଲ୍ୟକାଳରୁ ଭୂଗୋଳ ବିଦ୍ୟାର ପୁସ୍ତକ ଅବଲୋକନ କରୁଥିଲେ । ସେ କେବଳ ଅଳ୍ପ ସମୟ ପର୍ଯ୍ୟନ୍ତ ସ୍କୁଲରେ ବିଦ୍ୟାଶିକ୍ଷା କରିଥିଲେ । ୧୪ ବର୍ଷ ବୟଃକ୍ରମ କାଳରେ ପାଠଶାଳା ପରିତ୍ୟାଗ କରି ଉକ୍ତ ନଗରର ପୋତପାଳ କାର୍ଯ୍ୟରେ ନିଯୁକ୍ତ ହେଲେ । ସେହି ସମୟରେ ମେଡିରା ଓ କାନାରୀ ଦ୍ବୀପର ଅନ୍ୟ ପାର୍ଶ୍ବକୁ ଯିବାର କାହାରି ଶକ୍ତି ନ ଥିଲା । ଲୋକମାନେ ଅନୁମାନ କରୁଥିଲେ ଏ ଦ୍ବୀପର ଅନ୍ୟ ପାର୍ଶ୍ବରେ ଜଳ ବ୍ୟତୀତ ଆଉ କିଛି ନ ଥିବ; ମାତ୍ର କୋଲମ୍ବସ ପୃଥିବୀର ଆକାର ବିବେଚନା କରି କହିଲେ, ଯେବେ କେହି ଅଟ୍‌ଲାଣ୍ଟିକ ମହାସାଗରର ପଶ୍ଚିମ ଦିଗକୁ ପ୍ରସ୍ଥାନ କରିବ; ତେବେ ଅନେକାନେକ ନୂତନ ଦ୍ବୀପ ଦେଖି ଶେଷରେ ନାଥଦେଶରେ ସ୍ଥଳ ମାର୍ଗ ଦେଇ ଭାରତବର୍ଷରେ ପ୍ରବେଶ କରି ପାରିବ । ସେ ପୋର୍ତ୍ତୁଗେଲରେ ଥିବା କାଳରେ ଗିନି ଓ କାନାରୀ ଦ୍ବୀପକୁ ଅନେକ ଥର ଗତାୟାତ କରି ନାବିକ ବିଦ୍ୟାରେ ପାରଗତା ଲାଭ କରିଥିଲେ ।

ସେ ଭୂତନିଶ୍ଚୟ ହୋଇଥିଲେ କି ଆମ୍ଭେ ଅଟ୍‌ଲାଣ୍ଟିକ ମହାସାଗରରେ ଅନେକାନେକ ନୂତନ ଦ୍ବୀପ ଓ ଦେଶ ଅନ୍ୱେଷଣ କରି ବାହାର କରି ପାରିବୁଁ । ଏହି ଅଭିପ୍ରାୟରେ କୋଲମ୍ବସ ପୋର୍ତ୍ତୁଗେଲ ଓ ଇଂଲଣ୍ଡ ସ୍ଥାନର ସମ୍ରାଟମାନଙ୍କୁ ସାହାଯ୍ୟ ପ୍ରାର୍ଥନା କଲେ; କିନ୍ତୁ କେହି ତାଙ୍କର ମାନ ଓ ବିନୟ ପ୍ରାର୍ଥନା ଗ୍ରାହ୍ୟ କଲେ ନାହିଁ । ତଦନନ୍ତର ସ୍ପେନର ରାଣୀଙ୍କଠାରୁ ସବିନୟରେ ପତ୍ର ଲେଖିଲେ, ଉକ୍ତ ରାଣୀ ସ୍ବୀକାର କରିବାରୁ ସନ୍ ୧୪୯୨ ଈସ୍ବୀ ଅଗଷ୍ଟ ମାସ ତା ୩ ରିଖରେ କୋଲମ୍ବସ ପୋତାରୋହଣ

ପୂର୍ବକ କେନାରି ଦ୍ୱୀପାଭିମୁଖେ ଅଗ୍ରସର ହେଲେ । ତଦୁପରୁ ଉକ୍ତ ଦ୍ୱୀପରେ ପହଞ୍ଚି ସେପ୍ଟେମ୍ବର ତା ୬ ଦିନରେ ତାମସ୍ତ ବନ୍ଦରରୁ ବହିର୍ଗତ ହେଲେ । ସେ ସମୟରେ ତାଙ୍କଠାରେ ଅତ୍ୟନ୍ତ ମାଂସ ଖାଦ୍ୟ ସାମଗ୍ରୀ ଥିବା ହେତୁରୁ ତାଙ୍କ ସଙ୍ଗୀ ଅନୁଚରଗଣ ଦିନକୁଦିନ କାତର ଅଧୈର୍ଯ୍ୟ ହେବାକୁ ଲାଗିଲେ ଏବଂ ସେମାନେ ମନରେ ସ୍ଥିର କରିଥିଲେ କି ଆମ୍ଭେ-ମାନେ କୋଲମ୍ବସଙ୍କୁ ସମୁଦ୍ରରେ ନିକ୍ଷେପ କରି ସ୍ୱଦେଶକୁ ପ୍ରତ୍ୟାଗମନ କରିବା କିନ୍ତୁ କୋଲମ୍ବସ ଅନୁଚରମାନଙ୍କୁ ସାନ୍ତ୍ୱନା ଦେଇ ମିଷ୍ଟାଳାପ ଦ୍ୱାରା ସେମାନଙ୍କ କ୍ରୁଦ୍ଧ କ୍ଷୋଭକୁ ପ୍ରଶମିତ କରାଉଥିଲେ । ଇତି ମଧ୍ୟରେ ସେ ସ୍ଥଳଚର ପକ୍ଷୀମାନଙ୍କୁ ପଂକ୍ତିବଦ୍ଧ ହୋଇ ଉଡ୍ଡୀୟମାନ, ହେଉଥିବାର ଦେଖି ଜାଣି ପାରିଲେ ଯେ କୌଣସିନା କୌଣସି ଦ୍ୱୀପରେ ଅବଶ୍ୟ ଉପନୀତ ହେବୁଁ । ଏଣୁ ଲକ୍ଷଣମାନ ଦୃଶ୍ୟ ହେଉଥିଲେ ମଧ୍ୟ ସେମାନେ ଉଦାସୀନ ହୋଇ ବଞ୍ଚିବାର ଆଶା ପରିତ୍ୟାଗ କରି ଦେଲେ । କୋଲମ୍ବସ ସେମାନଙ୍କୁ ଧୈର୍ଯ୍ୟ ଦେଇ କହିଲେ, ଆମ୍ଭମାନଙ୍କୁ ଅନେକ ଲାଭ ହେବ ଏବଂ ପରମେଶ୍ୱରଙ୍କ କୃପାରୁ ଆମ୍ଭେମାନେ ଶୀଘ୍ର ଭାରତବର୍ଷରେ ପହଞ୍ଚି ପାରିବା । ପରନ୍ତୁ ତଳେ ଜଳ ଓ ଉପରେ ଆକାଶ ବ୍ୟତୀତ ଅନ୍ୟ କିଛି ଦୃଶ୍ୟ ହେଉ ନ ଥିଲା । ଅକ୍ଟୋବର ମାସର ଦିନକରେ ସେମାନେ ସେଠାରୁ ବେତବାଡ଼ି ଓ ବୃକ୍ଷର କଣ୍ଟୀର ପତ୍ର, ସମୁଦ୍ରରେ ଭାସି ଆସୁଥିବାର ଦେଖି ସ୍ଥଳ ନିକଟରେ ଥିବାର ଜାଣି ପାରିଲେ । ରାତ୍ର ବସରୁ ପୂର୍ବ ଘ ୧୦ ଟିକା ସମୟରେ କୋଲମ୍ବସ ଗୋଟିଏ ଚଞ୍ଚଳିତ ପ୍ରଦୀପର ଆଲୋକ ଅବଲୋକନ କଲେ, ମାତ୍ର ତାହା ନିଶ୍ଚୟ କରି ନ ପାରି ତାହାଙ୍କର ଦୁଇଜଣ ବନ୍ଧୁଙ୍କୁ ସମ୍ବୋଧନ କରି କହିଲେ, ବନ୍ଧୋ ! ଦେଖ, କି ଦୃଶ୍ୟ ହେଉଅଛି ? ତନ୍ମଧ୍ୟରୁ ଜଣେ ନିଶ୍ଚୟ କରି କହିଲା, ତାହା ପ୍ରଦୀପର ଆଲୋକ ବ୍ୟତୀତ ଅନ୍ୟ କିଛି ନୁହେ ! ଏହା ଶୁଣି ସେମାନେ ଏତେ ଆନନ୍ଦିତ ହେଲେ ଯେ ତାହା ବର୍ଣ୍ଣନା କରାଯାଇ ନ ପାରେ । ପୁନର୍ବାର

ଦୁଇ ଘଣ୍ଟା ପରେ ଜଣେ ନାବିକ ସ୍ଥଳ ଦେଖି ଆପଣା ସଙ୍ଗୀମାନଙ୍କୁ କହିଲା । ରଜନୀ ପ୍ରଭାତ ହେଲାରୁ ଦେଖିଲେ ସେମାନେ ଗୋଟିଏ ବୃହତ ଦ୍ୱୀପରେ ଉପନୀତ ହୋଇଅଛନ୍ତି । କୋଲମ୍ବସ ଜାହାଜରୁ ଅବତୀର୍ଣ୍ଣ ହୋଇ ତଟକୁ ଗମନ କଲେ ଏବଂ ସେହି ଦ୍ୱୀପରେ ସ୍ପେନ ସମ୍ରାଟଙ୍କ ଚିହ୍ନ ରଖି ତାହାର ନାମ ସେଣ୍ଟ ସାଲଭେଡର ଦେଲେ । ପରେ ଦ୍ୱୀପସ୍ଥ ଲୋକଙ୍କୁ କେତେକ କାଚ ଗୋଟି ଏବଂ ଅଳ୍ପ ମୂଲ୍ୟର ପଦାର୍ଥ ପୁରସ୍କାର ଦେବାରୁ ସେମାନେ ପରମ ସନ୍ତୋଷରେ ଗ୍ରହଣ କଲେ । ଅନନ୍ତର ସେମାନେ ବାୟବ୍ୟ ଦିଗକୁ ଗମନ କରି ମାର୍ଗରେ ଅନେକ ଦ୍ୱୀପ ଦର୍ଶନ କଲେ ; ତନ୍ମଧ୍ୟରୁ କ୍ୟୁବା ନାମକ ଟାପୁ ଅତି ବୃହତ ଥିଲା । ତାହାର ଅକୃତ ଇଂଲଣ୍ଡର ତୁଲ୍ୟ ଅଟେ ।

ଅବଶେଷରେ କୋଲମ୍ବସ ଆଉ ଅନେକ ଦ୍ୱୀପ ଅବଲୋକନ କରି ସ୍ପେନକୁ ପ୍ରତ୍ୟାଗମନ କଲେ ଏବଂ ବାଦଶାହଙ୍କୁ ସ୍ୱୀୟ ପ୍ରବାସର ଆଦ୍ୟୋପାନ୍ତ ଅବଗତ କରାଇବାରୁ ବାଦଶାହ ତାଙ୍କୁ ଅଧିକ ସମାଦର ପୂର୍ବକ ଅନେକ ପାରିତୋଷିକ ପ୍ରଦାନ କଲେ ଆଉ ଆବିଷ୍କୃତ ଦ୍ୱୀପ ପୁଞ୍ଜ ସବୁ ସ୍ପେନ ସ୍ୱତ୍ୱର ଅଧିକାର ଭୁକ୍ତ କଲେ । କିଛି କାଳ ପରେ ବାଦଶାହ ତାହାଙ୍କୁ ଆଉ ଅନେକ ଜାହାଜ ଦେଇ ନୂତନ ନୂତନ ଦ୍ୱୀପର ଅନ୍ୱେଷଣାର୍ଥ ପୁନର୍ବାର ପ୍ରେରଣ କଲେ । ସେ ସେହି ସମୟରେ ମଧ୍ୟ ଅନେକ ଦ୍ୱୀପ ଦେଖି ପରିଶେଷରେ ସନ ୧୪୯୮ ଇସ୍ୱୀରେ ଆମେରିକା ଆବିଷ୍କାର କଲେ । ସନ ୧୫୦୬ ଇସ୍ୱୀ-ସାଲରେ ଏହି ସୁପ୍ରସିଦ୍ଧ ମହାତ୍ମା କୋଲମ୍ବସ ପରଲୋକ ଗମନ କଲେ ।

## ପାଠ ୫୨ ।

# ଆକସ୍ମିକ ଘଟଣା ।

ପ୍ରାଣୀମାନେ କେବେ କେବେ ଅକସ୍ମାତ୍ ଦୁଃଖରେ ପତିତ ହୁଅନ୍ତି ଏହାକୁ ଆକସ୍ମିକ ଘଟଣା କୁହାଯାଏ । ଏଥିରେ ଲୋକମାନଙ୍କୁ ଅନେକ ଦୁଃଖ ସହ୍ୟ କରିବାକୁ ପଡ଼ଇ ଏବଂ କେବେ କେବେ ଏଥିରେ ମୃତ୍ୟୁ ମଧ୍ୟ ଘଟିବାର ସମ୍ଭାବନା । ପାଣିରେ ବୁଡ଼ି ମରିବା, ବଜ୍ର ଆଘାତ ପାଇବା, ଅଗ୍ନିରେ ପୋଡ଼ି ମରିବା, ସର୍ପ ଇତ୍ୟାଦି ଦଂଶନ କରେଇ କଷ୍ଟ ପାଇବା ପ୍ରଭୃତି ଆକସ୍ମିକ ଘଟଣାର ଉଦାହରଣ ସ୍ୱରୂପ । ଯେବେ କୌଣସି ଲୋକ ଦୈବାତ୍ ଏହିପରି ଶଙ୍କଟରେ ଆସି ପଡ଼ଇ ତେବେ ତାହାର ଭୀତ ହେବା ଉଚିତ ନୁହେଁ; ମାତ୍ର ଧୈର୍ଯ୍ୟ ଅବଲମ୍ବନ କରି ସେହି ଦୁଃଖ ମୋଚନ କରିବା ପାଇଁ ଉପାୟ ଚିନ୍ତା କରିବା କର୍ତ୍ତବ୍ୟ ।

ମନୁଷ୍ୟ ପାଣିରେ ବୁଡ଼ି ଗଲେ ତାହାର ନାସିକା, ମୁଖ, କର୍ଣ୍ଣ ଆଦି ଜଳରେ ପୂର୍ଣ୍ଣ ହୋଇଯିବାରୁ ସେ ନିଶ୍ୱାସ ପ୍ରଶ୍ୱାସ କ୍ରିୟା ସମ୍ପାଦନ କରି-ପାରେ ନାହିଁ । ଯଦ୍ୟପି ମନୁଷ୍ୟକୁ ବୁଡ଼ି ଯିବାର ଅଳ୍ପ ସମୟ ପରେ ଉଦ୍ଧାର କରାଯାଏ, ତେବେ ତାହାର ଅଳ୍ପ ଅଳ୍ପ ଶ୍ୱାସ ଚଳୁଥିବାରୁ ତାହାର ବଞ୍ଚିଯିବାର ସମ୍ଭାବନା ଥାଏ । ପ୍ରଥମରେ ତାହାର ମୁଖ ନାସିକା ଓ କର୍ଣ୍ଣ ପରିଷ୍କାର କର । ତହିଁରେ ମୁଖ ଖୋଲି କରି ଜିହ୍ୱାକୁ କ୍ରମେ କ୍ରମେ ଆଗକୁ ଟାଣି ଆଣ, ଏପରି କଲେ ବାୟୁ ପ୍ରବେଶ କରି ପାରିବ । ଗଳା ଓ ବକ୍ଷସ୍ଥଳର ବସ୍ତ୍ର ବାହାର କରି ନିଅ ଓ ତାହାକୁ ଚିତ୍ କରି ଶୁଆଇ ତାହାର ମୁଣ୍ଡ ଓ ସ୍କନ୍ଧ ତଳରେ ଏପରି ଭାବରେ ମୁଣ୍ଡିଆ ରଖ, ଯେପରି କି ତାହାର ଶରୀର ଲମ୍ବ ପ୍ରତିମାଣରେ ଉଠି ରହିବ । ଫୁସ୍ଫୁସ୍ ବା ଫେଫଡ଼ାରେ ବାୟୁ ପ୍ରବେଶ କରିବା ପାଇଁ ତାହାର ବାହୁଦ୍ୱୟକୁ ଧରି ଅଳ୍ପ ଟିକଏ ଉପରକୁ ଉଠାଅ, କି ଯହିଁରେ ତାହାର ହସ୍ତ ମସ୍ତକ ଉପରେ ମିଳି ରହିବ । ପୁଣି ଦୁଇ ସେକେଣ୍ଡ ଗଣି

ପରେ ପୁନର୍ବାର ବାହୁଦ୍ୱୟକୁ ମୋଡ଼ି ଦେଇ ପଞ୍ଜରା ପାଖରେ ରଖି ଦେଇ ଛାଡ଼ି ଦିଅ । କିଛି ସମୟ ପର୍ଯ୍ୟନ୍ତ ଏହିପରି କଲେ ସେହି ଲୋକର ନିଶ୍ୱାସ କ୍ରମେ ଚାଲିବାକୁ ଲାଗିବ । ଏଥିଉତ୍ତାରୁ ତାହାର ଶରୀରରେ ରକ୍ତ ପରିଚାଳନା କରିବା ସକାଶେ ଓ ଉତ୍ତାପ ରକ୍ଷା କରିବା ପାଇଁ ସେହି ଲୋକକୁ ଗରମ ବସ୍ତ୍ରରେ ଆଚ୍ଛାଦନ କରି ମର୍ଦ୍ଦନ କରୁଥାଅ । ଗରମ ବାଲିରେ ପୂର୍ଣ୍ଣ ଥୈଲୀ କିମ୍ବା ଗରମ ପାଣିରେ ପୂର୍ଣ୍ଣ ବୋତଲକୁ ତାହା ଶରୀର ଉପରେ ରଖିଲେ ମଧ୍ୟ ଉପକାର ହୋଇ ପାରିବ ।

ଯେବେ କାହାରକୁ ଅଗ୍ନି ଘା ହୋଇଥାଏ, ତେବେ ତହିଁ ଉପରେ ମଲମ ପଟି ଲଗାଇଲେ ଭଲ ହୁଏ; ମାଂସ ଘା ବଡ଼ ଥିଲେ ଓ ତହିଁରେ ମାଛି ଅଧ ଷଣି ଯାଇଥିଲେ ତାହାକୁ ଈଷଦ୍ ଗରମ ଜଳରେ ସବୁ ଧାରରେ ପ୍ରଥମରେ ଉତ୍ତମରୂପେ ପରିଷ୍କାର କରି ତହିଁରେ ଔଷଧ ଲଗାଇଲେ ଭଲ ହୁଏ । ଘାକୁ ଢାଙ୍କି ରଖିବା ଉଚିତ । ନ ହେଲେ ତହିଁରେ ମାଛି ବସି ଯାଆନ୍ତି ଓ ଏଥିରେ କୀଡ଼ା ପଡ଼ିଯିବାର ଭୟ ହୁଏ । ଯେବେ କୌଣସି ଅଙ୍ଗରେ ଆଘାତ ଲାଗି ରକ୍ତ ବହୁଥାଏ ତେବେ ସେହି ଆଘାତର ଟିକିଏ ଉପରେ ଗୋଟିଏ କପଡ଼ା ବାନ୍ଧି ଉପରକୁ ଉଠାଇ ଦିଅ; ତାହା କଲେ ରକ୍ତସ୍ରାବ ବନ୍ଦ ପଡ଼ିଯିବ ।

ଯେବେ ହାଡ଼ ସ୍ଥାନରୁ ଖସିଯାଏ, ତେବେ ତାହାକୁ ହାଡ଼ ଖସିବା ବୋଲି କହନ୍ତି । ଯେଉଁ ଲୋକର ହାଡ଼ ଖସି ଯାଇଥିବ, ତାହାକୁ ଶୀଘ୍ର କୌଣସି ଡାକ୍ତର ଅଥବା ହାଡ଼ ବସାଇ ଜାଣିଥିବା ଲୋକ ନିକଟକୁ ନେଇ ସଜାଡ଼ି କରି ବସାଇ ନେବା ଉଚିତ; ଅଭି ଜଣ୍ଡାଢ଼ି ସପ-ତାରେ ବନ୍ଧନ ଶକ୍ତ କରି ଏପରି ଭାବରେ ବାନ୍ଧି ଦେବ ଯେପରି ଆଉ ଥରେ ତାହା ଖସନ୍ତ ନ ଯିବ ।

ଯେଉଁ ଲୋକର କୌଣସି ଅଙ୍ଗ ଝଡ଼କି ଯାଇଥାଏ, ସେ ଲୋକ ବିଶ୍ରାମ କଲେ ଭଲ ହୋଇଯାଏ । ଝଡ଼କି ଯାଇଥିବା ସ୍ଥାନ ଉପରେ ଗରମ ବା

ଥଣ୍ଡା ପାଣିରେ କପଡ଼ା ଭିଜାଇ କରି ବାନ୍ଧି ଦେଲେ ମଧ୍ୟ ଉପକାର ହୁଏ; ଅଳ୍ପ ପରିମାଣର ଭଙ୍ଗା ବାନ୍ଧି କରି ତହିଁରେ ପାଣି ଦେଉଥିଲେ ସେହି ଉତ୍ତାପ ଅତି ଶୀଘ୍ର ଉପଶମ ହୁଅଇ ।

ବସ୍ତ୍ରରେ ଅଗ୍ନି ଲାଗି ଗଲେ ସେହି ଲୋକଙ୍କୁ ଇତସ୍ତତଃ ଦୌଡ଼ିବା ଉଚିତ ନୁହେଁ; କାରଣ କି ଦୌଡ଼ିଲେ ପବନ ଲାଗି କରି ଅଗ୍ନି ଅଧିକ ଅଧିକ ପ୍ରବଳ ଭାବରେ ଜଳି ଉଠଇ । ଏପରି ସମୟରେ ଶୀଘ୍ର ଭୂମି ଉପରେ ଶୋଇ ଗଡ଼ି ଯିବା କିମ୍ବା କପଡ଼ାକୁ ଶୀଘ୍ର ଫିଙ୍ଗି ଦେବା ଉଚିତ ।

ଯେବେ କୌଣସି ଲୋକଙ୍କୁ କଣ୍ଟାଳୁ ସର୍ପ କିମ୍ବା କୁକ୍କୁର ଦଂଶନ କରେ, ତେବେ ଆଘାତର ଟିକିଏ ଉପରେ ଗୋଟିଏ ବନ୍ଧନ ଶକ୍ତ କରି ବାନ୍ଧିଦେବା ଉଚିତ । କାରଣ କି ଏପରି କଲେ ବିଷ ଶରୀରରେ ଅଉ ଅଧିକ ଉପରକୁ ଉଠି ପାରିବ ନାହିଁ । ବର୍ତ୍ତମାନ ସେ ଆଘାତକୁ ଏପରି ଭାବରେ କାଟି ପକାଅ ଯେ ବାଲୁରେ ଯେତେ ଦୂର ପର୍ଯ୍ୟନ୍ତ ଆଘାତ ଲାଗି ଯାଇଥିବ, ତାହା ମୂଳରୁ କଟି ଯିବ; କିମ୍ବା ଲୁହାକୁ ବହୁତ ଉତ୍ତପ୍ତ କରି ସେହି ଆଘାତକୁ ଜଳାଇ ପକାଅ; ନ ହେଲେ ତାହାକୁ କଟୁ ବା ଅଳସି ତେଲ ଏକ ପା ପିଆଇ ଦିଅ; ଏପରି କଲେ ବିଷ କୌଣସି ଫଳ ଦେଖାଇ ପାରିବ ନାହିଁ । ଆଘାତ ସ୍ଥାନକୁ ଚୁମ୍ବନ କଲେ ମଧ୍ୟ ଭଲ ହୁଏ; ମାତ୍ର ଚୁମ୍ବିବା ଲୋକର ମୁଖ ଓ ଓଣ୍ଠରେ ଘା ହୋଇ ନ ଥିବା ଉଚିତ ।

ଅଣ୍ଡ ଓ ଦୁଦୁରା ଫଳ ଅଧିକ ପରିମାଣରେ ଖାଇଲେ ମନୁଷ୍ୟ ଅଚେତନ ହୋଇ ସମସ୍ତ ସମୟରେ ମୃତ ହୋଇଯାଏ । ଏଥିପାଇଁ ସୋହାଗ କିମ୍ବା ଲୁଣକୁ ଗରମ ପାଣିରେ ମିଶାଇ ପିଆଇ ଦେଲେ ଶୀଘ୍ର ବାନ୍ତି ହୋଇଯିବାରୁ ଏଥିର ଅଉ ଅଧିକ ଫଳ ଦେଖାଯାଏ ନାହିଁ । ଏହି ପ୍ରକାରରେ ଯେବେ କେହି ବିଷ ଭକ୍ଷଣ କରେ, ତେବେ ତାହାକୁ ବାନ୍ତି କରାଇଲେ ଭଲ ହୋଇଯାଏ ।

## ପାଠ ୫୭ ।

## କାଳି ଦାସ ।

ମାଳବର ରାଜା ଶ୍ରୀ ବିକ୍ରମାଦିତ୍ୟଙ୍କ ସମୟରେ ଷଷ୍ଠ ଖ୍ରୀଷ୍ଟାବ୍ଦରେ କାଳି ଦାସ କବି ବିଦ୍ୟମାନ ଥିଲେ । ଉକ୍ତ ରାଜାଙ୍କ ରାଜଧାନୀ ଉଜ୍ଜୟିନୀ ନଗରୀରେ ଥିଲା । ଏହି କାରଣରୁ କାଳି ଦାସ ମଧ୍ୟ ସେହିଠାରେ ବାସ କରୁଥିଲେ । ରାଜାଙ୍କ ସଭାରେ ନବରତ୍ନ ପଣ୍ଡିତ ଥିଲେ, ତନ୍ମଧ୍ୟରୁ କାଳି ଦାସ ଜଣେ ଅନ୍ୟତମ । କଥିତ ଅଛି ଯେ ବାଲ୍ୟକାଳରେ କାଳି ଦାସ କିଛି ଲେଖା ପଢା ଶିଖି ନ ଥିଲେ । କେବଳ ଜଣେ ସ୍ତ୍ରୀ ଯୋଗୁଁ ସେ ଏପରି ଅମୂଲ୍ୟ ବିଦ୍ୟାଧନର ଅଧିକାରୀ ହେଲେ । ଏହାଙ୍କ ବିଷୟରେ ନିମ୍ନଲିଖିତ କଥାଟି ପ୍ରସିଦ୍ଧ ଅଛି ।

ରାଜା ଶାରଦାନନ୍ଦଙ୍କ ଦୁହିତା ବିଦ୍ୟୋତ୍ତମା ବଡ଼ ପଣ୍ଡିତା ଥିଲେ । ସେ ଏହି ପ୍ରତିଜ୍ଞା କରିଥିଲେ କି "ମୋତେ ଶାସ୍ତ୍ରାର୍ଥରେ ଯେ ଜୟ କରିବ, ତାହାର ସହିତ ବିବାହ ହେବ ।"

ସେହି ରାଜକୁମାରୀଙ୍କ ରୂପ ଯୌବନ ଏବଂ ବିଦ୍ୟାରେ ପ୍ରଶଂସା ଶ୍ରବଣ କରି ଦୂର ଦୂରାନ୍ତରରୁ ପଣ୍ଡିତମାନେ ଆସି ଶାସ୍ତ୍ରାର୍ଥରେ ପରାଜୟ ସ୍ୱୀକାର କରି ଅକୃତକାର୍ଯ୍ୟ ହେଉଥିଲେ । ଯେତେବେଳେ ପଣ୍ଡିତମାନେ ଦେଖିଲେ ଯେ ଏହି ବାଳିକା କୌଶଳିରୂପେ ଅଧୀନସ୍ଥ ହେଉନାହିଁ ଏଣୁ ସମସ୍ତଙ୍କୁ ଜୟ କରି ଲଜ୍ଜିତ କରାଉଅଛି, ସେତେବେଳେ ସେ ସମସ୍ତେ ଏକମତ ହୋଇ ସ୍ଥିର କଲେ କି ଏପରି ମୂର୍ଖର ସହିତ ବିଦ୍ୟୋତ୍ତମାଙ୍କର ବିବାହ କରାଇ ଦେବା, ଯେପରି ସେ ଆଜନ୍ମ ଆପଣାର ଏହି ଗର୍ବ ବିଷୟରେ ପଶ୍ଚାତ୍ତାପ କରୁଥିବ । ସେମାନେ ଏହା ନିଶ୍ଚୟ କରି ମୂର୍ଖର ଅନ୍ୱେଷଣରେ ବହିର୍ଗତ ହେଲେ ; ଅଳ୍ପ ଯାଇଁ ବାଟରେ ଦେଖିଲେ ଜଣେ ଲୋକ ବୃକ୍ଷ ଉପରେ ଯେଉଁ ଶାଖାରେ ଉପବିଷ୍ଟ ଅଛି, ସେହି ଶାଖାର ମୂଳରୁ ଛେଦନ

କରୁଅଛୁ । ଏହା ଦେଖି ପଣ୍ଡିତମାନେ ଏହାଠାରୁ ଅଉ ମହାମୂର୍ଖ କେହି ନ ଥିବେ ଜାଣି ତାଙ୍କୁ ସ୍ନେହସୂଚକ ବାକ୍ୟରେ ତଳକୁ ଆହ୍ୱାନ କଲେ, ଏବଂ କହିଲେ "ଆମ୍ଭମାନଙ୍କ ସଙ୍ଗରେ ଚାଲ, ତୁମ୍ଭଙ୍କୁ ରାଜାଙ୍କ ଦୁହିତା ସଙ୍ଗରେ ବିବାହ କରାଇ ଦେବୁଁ । ଦେଖ, ରାଜସଭାରେ ମୌନାବସ୍ଥାରେ ଥିବ; କାହିଁ କଥାବାର୍ତ୍ତା କହିବ ନାହିଁ । ଯାହା କହିବାର ଆବଶ୍ୟକ ହେବ, ଇଙ୍ଗିତରେ କହିବ ।" ଏପରି କରିବାକୁ ପଣ୍ଡିତମାନେ ପୂର୍ବରୁ ସତର୍କ କରାଇ ଥିଲେ । ଯେତେବେଳେ କାଳି ଦାସ ରାଜସଭାରେ ପ୍ରବେଶ କଲେ, ସେତେବେଳେ ତତ୍ରସ୍ଥ ପଣ୍ଡିତଗଣ ଦଣ୍ଡାୟମାନ ହୋଇ ତାଙ୍କୁ ଅଭ୍ୟର୍ଥନା କଲେ ଏବଂ ଉଚ୍ଚାସନରେ ଉପବେଶନ କରାଇ ବିଦ୍ୟୋତ୍ତମାଙ୍କୁ କହିଲେ "ଏ ବୃହସ୍ପତିଙ୍କ ତୁଲ୍ୟ ବିଦ୍ୱାନ୍ ଓ ଆମ୍ଭମାନଙ୍କ ଗୁରୁ ଅଟନ୍ତି ; ଆପଣଙ୍କ ପାଣି ଗ୍ରହଣ କରିବା ପାଇଁ ଆସିଅଛନ୍ତି । କିନ୍ତୁ ବର୍ତ୍ତମାନ ତପସ୍ୟାରେ ମଗ୍ନ ଥିବାରୁ ମୌନବ୍ରତ ଧାରଣ କରିଅଛନ୍ତି । ଆପଣଙ୍କର ଯାହା କିଛି ଶାସ୍ତ୍ରାର୍ଥ ପ୍ରଶ୍ନ କରିବାର ଅଭିପ୍ରାୟ ଥାଏ, ଇଙ୍ଗିତରେ ପଚାରନ୍ତୁ" ରାଜକୁମାରୀ "ଈଶ୍ୱର ଏକ କି ଅନେକ" ଠିକ ଏହି ଆଶୟରେ ଗୋଟିଏ ଅଙ୍ଗୁଳି ଦେଖାଇଲେ । ସେହି ମୂର୍ଖ ତହିଁରୁ ଏହି କଥା ବୁଝିଲେ କି ଗୋଟିଏ ଅଙ୍ଗୁଳି ଦେଖାଇ ଏକ ଚକ୍ଷୁ ଉତ୍ପାଟନ କରିବା ନିମନ୍ତେ ଇଙ୍ଗିତରେ ଇଚ୍ଛା ପ୍ରଦର୍ଶନ କରୁଅଛନ୍ତି । ଏଣୁ ସେ ଏହି ଅଭିପ୍ରାୟରେ ଦୁଇ ଅଙ୍ଗୁଳି ଉଠାଇ କହିଲେ କି ମୁଁ ତୁମ୍ଭର ଦୁଇ ଚକ୍ଷୁ ଉପାଡ଼ି ଦେବି । ଅନନ୍ତର ପଣ୍ଡିତମାନେ ସେହି ଦୁଇ ଅଙ୍ଗୁଳିର ଏପରି ଅର୍ଥ ବାହାର କଲେ ଯେ ରାଜକୁମାରୀଙ୍କୁ ତହିଁରେ ପରାଜୟ ସ୍ୱୀକାର କରିବାକୁ ହେଲା ଏବଂ ବିବାହ ମଧ୍ୟ ତତ୍‌କ୍ଷଣାତ୍ ନିଷ୍ପନ୍ନ ହୋଇଗଲା । ପଶ୍ଚାତ୍ ପ୍ରଭାତ ହେଲାକ୍ଷଣେ ବିଦ୍ୟୋତ୍ତମା ପଣ୍ଡିତମାନଙ୍କର ଶଠତା ଜାଣି ହୋଇ ଉଚ୍ଚୈଃସ୍ୱରରେ ରୋଦନ କରିବାକୁ ଲାଗିଲେ । ସେହି ମୂର୍ଖ ମଧ୍ୟ ମନେ ମନେ ଅତ୍ୟନ୍ତ ଲଜ୍ଜିତ ହୋଇ ପ୍ରଥମରେ ଆତ୍ମଘାତ ହେବାକୁ ଇଚ୍ଛା କଲେ ; ମାତ୍ର ପୁନଶ୍ଚ

ଉତ୍ତମରୂପେ ବୁଝିପାରି ସେ ବାହାରି ଗଲେ ଓ ବିଦ୍ୟୋପାର୍ଜନରେ ଯତ୍ନଶେ-କାନ୍ତି ପରିଶ୍ରମ କରି ଅଳ୍ପ ସମୟ ମଧ୍ୟରେ ସେ ଏପରି ପଣ୍ଡିତ ହେଲେ ଯେ ତାହାର ନାମ ଆଜି ପର୍ଯ୍ୟନ୍ତ ସୁଦ୍ଧା ବର୍ତ୍ତମାନ ରହିଅଛି । ଯେତେବେଳେ ସେ ବିଦ୍ୱାନ୍ ହୋଇ ଗୃହକୁ ପ୍ରତ୍ୟାଗମନ କଲେ, ସେତେବେଳେ ବିଦ୍ୟୋ-ତ୍ତମା ଏପରି ଆନନ୍ଦିତା ହେଲେ ଯେ ତାହା ବର୍ଣ୍ଣନାତୀତ । ପ୍ରକୃତଃ ପରିଶ୍ରମର ଅସାଧ୍ୟ କିଛି ନାହିଁ । ପରିଶ୍ରମଦ୍ୱାରା ସମସ୍ତ କାର୍ଯ୍ୟ ଶୀଘ୍ର ନିର୍ବାହିତ ହୋଇ ପାରେ ।

କାଳି ଦାସଙ୍କ ସମୟରେ ଘଟକର୍ପର, ବରରୁଚି ପ୍ରଭୃତି କବିମାନେ ବିଦ୍ୟମାନ ଥିଲେ । କାଳି ଦାସ ସଂସ୍କୃତ ଭାଷାରେ କାବ୍ୟ, ନାଟକ ପ୍ରଭୃତି ଅନେକ ଗ୍ରନ୍ଥ ଲେଖିଅଛନ୍ତି । ତାହାଙ୍କ କାବ୍ୟ-ରଚନା ଅତ୍ୟନ୍ତ ସରଳ, ମଧୁର ଓ ବିଷୟାନୁସାରିଣୀ ଅଟେ ।

କାଳି ଦାସ ସାରସ୍ୱତ ବ୍ରାହ୍ମଣ ଥିଲେ । ସେ ଅତ୍ୟନ୍ତ ମୃଗୟା-ପ୍ରିୟ ଥିଲେ । ଏପରି ଖେଳରୁ ପରିଣାମରେ ମନୁଷ୍ୟମାନଙ୍କର କେଉଁ ଉପକାର ସଂସାଧିତ ହୁଏ, ତାହା ତାଙ୍କ ରଚିତ ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି ।

ବିକ୍ରମାଦିତ୍ୟ ତାଙ୍କୁ କାଶ୍ମୀର ରାଜସିଂହାସନ ପ୍ରଦାନ କରିଥିଲେ । ସେ ସେହି ରାଜ୍ୟ କ ୮-୯ ମାସ ପର୍ଯ୍ୟନ୍ତ ଶାସନ କଲେ ।

କାଳି ଦାସଙ୍କ ବାସସ୍ଥାନ ଉଜ୍ଜୟିନୀ; କିନ୍ତୁ ତାଙ୍କର ଜନ୍ମଭୂମି କାଶ୍ମୀର ଥିଲା । ଦେଶାନ୍ତର ହେବାରୁ ସେ ସ୍ତ୍ରୀ ବିରହରେ ଯେଉଁ ଦୁଃଖାନୁଭବ କରିଥିଲେ ତାହାର ବିବରଣ ମେଘ-ଦୂତ ନାମକ କାବ୍ୟରେ ଲିଖିତ ହୋଇଅଛି । ତାଙ୍କ ରଚିତ ଗ୍ରନ୍ଥ ମଧ୍ୟରୁ ଶକୁନ୍ତଳା, ବିକ୍ରମୋର୍ବଶୀ, ମାଳବିକାଗ୍ନିମିତ୍ର, କୁମାର ସମ୍ଭବ, ରଘୁବଂଶ ଓ ମେଘ-ଦୂତ ପ୍ରଧାନ ଅଟେ । ତନ୍ମଧ୍ୟରୁ ଶକୁନ୍ତଳା ଉତ୍କୃଷ୍ଟତମ ଗ୍ରନ୍ଥ ଅଟେ । ଇଉରୋପର ସବୁଦେଶୀୟ ଭାଷାରେ ଏହାର ଅନୁବାଦ କରା ଯାଇଅଛି ।

# ପାଠ ୫୮ ।

## ଖ୍ରୀ ୧୮୫୭ ର ଯୁଦ୍ଧ ବା ସିପାହି-ବିଦ୍ରୋହ ।

ପୂର୍ବ ଐତିହାସିକ ପାଠମାନଙ୍କରେ ଲେଖାଅଛି ଯେ ଇଂରେଜ ରାଜ୍ୟ ସମସ୍ତ ଭାରତବର୍ଷରେ ବ୍ୟାପିଗଲା । ଭାରତବର୍ଷର ଅଧିକାଂଶ, ଯାହାକୁ ସରକାରୀ ରାଜ୍ୟ କହନ୍ତି, ଏମାନେ ନିଜେ ଶାସନ କରି ଆସୁଅଛନ୍ତି । ଯେଉଁ ରାଜ୍ୟମାନ ଏମାନେ ଜୟ କରି ନାହାନ୍ତି, ସେ ସବୁକୁ ସ୍ୱାଧୀନ ରାଜ୍ୟ କୁହାଯାଏ; ଯଥା, ନେପାଳ, ଭୁଟାନ । ଅନେକ ରାଜା ସରକାରର ଅଧୀନରେ ରହିବାକୁ ସ୍ୱୀକାର କଲେ; ଯଥା, ମହୀଶୂର ଓ ହାଇଦରାବାଦ । ଏହି ରାଜ୍ୟମାନ ରାଜାମାନଙ୍କର ଅଧିକାରରେ ଅଦ୍ୟାବଧି ଚଳି ଆସୁଅଛି ଏବଂ ଏସବୁକୁ ରକ୍ଷିତ ରାଜ୍ୟ କୁହାଯାଏ; କାରଣ କି ସରକାର ଇଂରେଜ ଏସବୁକୁ ରକ୍ଷା କରନ୍ତି ।

ଯାହା ହେଉ ସରକାରର ରାଜ୍ୟ ଓ ପ୍ରଭାବ ସମସ୍ତ ଭାରତବର୍ଷରେ ସ୍ଥାପିତ ହେଲା ଏବଂ ଇଂରେଜମାନଙ୍କ ବିପକ୍ଷରେ କଲହ କରିବାର କାରଣ ଅବଶିଷ୍ଟ ନାହିଁ ବୋଲି ଅନୁମିତ ହେଉଥିଲା । ଏତିକିବେଳେ ଏକାବେଳକେ ଖ୍ରୀ ୧୮୫୭ ଅବ୍ଦରେ ବିଦ୍ରୋହ ଆରମ୍ଭ ହେବାରୁ ସମସ୍ତ ଦେଶରେ ହୁଲସ୍ଥୂଲ ପଡ଼ିଗଲା ।

ଏହି ଯୁଦ୍ଧଟି ନିମ୍ନଲିଖିତରୂପେ ଘଟିଥିଲା । ବଙ୍ଗଳା ବିହାର ସେନା ମଧ୍ୟରେ ବିଶେଷତଃ ଅଯୋଧ୍ୟାନିବାସୀ ସିପାହି ପୂର୍ଣ୍ଣ ଥିଲେ । ସେମାନଙ୍କର ଆପଣା ସୈନିକତାରେ ବିଶେଷ ଗର୍ବ ଥିଲା ଏବଂ ସେମାନେ ବୋଧ କରୁଥିଲେ ଯେ କେବଳ ସେମାନେହିଁ ସରକାର କମ୍ପାନୀଙ୍କୁ ଭାରତବର୍ଷ ଜୟ କରାଇ ଦେଇଅଛନ୍ତି । ଅଯୋଧ୍ୟା ରାଜ୍ୟ ଗ୍ରସ୍ତ ହେବାରୁ ଅଥବା ଅନ୍ୟ କୌଣସି କାରଣରୁ ସେମାନେ ମନରେ ଅସନ୍ତୁଷ୍ଟ ଥିଲେ । ତହିଁରେ କୌଣସି ନୃଶଂସ ଏହି ଗୁଜବ ଉଠାଇ ଦେଲା ଯେ ସିପାହିମାନଙ୍କୁ ବଣ୍ଟା ଯାଉଥିବା

ନୂତନ ବନ୍ଧୁକମାନଙ୍କରେ ଗୋରୁ ଓ ଘୁଷୁରିର ଚର୍ବି ଲାଗି ଥାଏ; ଏପରି ବ୍ୟବହାରଦ୍ୱାରା ସରକାର ହିନ୍ଦୁ ଓ ମୁସଲମାନ ସିପାହିମାନଙ୍କର ଧର୍ମ ନାଶ କରିବାକୁ ଉଦ୍ୟତ ହୋଇଅଛନ୍ତି। ଏହି କାରଣରୁ ଅଥବା ଆଉ କୌଣସି ଗୂଢ଼ କାରଣରୁ ବଙ୍ଗଳା ଫଉଜର ହିନ୍ଦୁସ୍ଥାନୀ ସେନା ମଧ୍ୟରେ ସ୍ଥାନେ୨ ବିଦ୍ରୋହ ଆରମ୍ଭ ହେଲା। ପ୍ରଥମତଃ କଲିକତା ନିକଟବର୍ତ୍ତୀ ବାରକପୁରରେ, ପରେ ଉତ୍ତର ପଶ୍ଚିମ ପ୍ରଦେଶସ୍ଥ ସୁପ୍ରସିଦ୍ଧ ମିରଟ ଛାଉଣିରେ ଏହି ବିଦ୍ରୋହ ଆରମ୍ଭ ହେଲା। ଏଠାରେ ସେନାମାନେ ଆପଣାର ପ୍ରଧାନ କର୍ମଚାରୀମାନଙ୍କୁ ମାରି ସେମାନଙ୍କ କୋଠି ଦାହ କରି ଦେଇ ଏବଂ ସରକାରୀ କୋଷାଗାର ଲୁଣ୍ଠନ କରି ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଲେ ଏବଂ ସେଠାରେ ପ୍ରବେଶ କରି ପେନ୍‌ସନ ଭୋଗୀ ମୋଗଲ ରାଜକୁମାରଙ୍କୁ ବାଦଶାହ କରି ତାହାଙ୍କ ନାମରେ ପତାକା ଉଡ଼ାଇଲେ। ଏହି ପ୍ରକାରେ ଅଯୋଧ୍ୟାର ସେନା ବିଦ୍ରୋହୀ ହୋଇ ପଡ଼ିଲେ; କାନପୁର ହସ୍ତଗତ କରି ସେଠାର ପ୍ରଧାନ କର୍ମଚାରୀମାନଙ୍କୁ ନଷ୍ଟ କଲେ ଓ ଲକ୍ଷ୍ନୌ ବେଷ୍ଟନ କଲେ। ଏହି ବିଦ୍ରୋହ ବନ୍ଦ କରି ଦେବା ନିମନ୍ତେ କଲିକତାଠାରୁ ଇଂରାଜମାନେ ସେନା ପ୍ରେରଣ କଲେ। ସେମାନଙ୍କୁ ଆସିବାକୁ ତିନି ମାସ କାଳ ଲାଗିଲା; କାରଣ ସେ ସମୟରେ ରେଲ ଥିଲା ନାହିଁ। ସେମାନେ ଆସିବା ସମୟରେ ପ୍ରଥମତଃ ବିଠୁରର ନାନାପନ୍ଥ, ଯେ କି ନାନାସାହେବ ନାମରେ ଖ୍ୟାତ ହୋଇଅଛନ୍ତି, ଆପଣା ହସ୍ତରେ ପଡ଼ିବା ଇଂରାଜ ସ୍ତ୍ରୀ ଓ ବାଳକମାନଙ୍କୁ ନାଶ କରି ସେମାନଙ୍କ ମୃତ ଶରୀର କୂପରେ ପକାଇ ଦେଇଥିଲେ। ଏହି ନାନାସାହେବ ପୁନାର ଅନ୍ତିମ ପେଶବା ବାଜିରାଓଙ୍କର ଦତ୍ତପୁତ୍ର ଥିଲେ। ସରକାର ଏହାଙ୍କ ପେନ୍‌ସନ ଅସ୍ୱୀକାର କରିଥିଲେ। ଏଥିନିମନ୍ତେ ଯୁଦ୍ଧ ହେବା ମାତ୍ରେ ସେ ବିଦ୍ରୋହୀମାନଙ୍କର ନେତା ହୋଇଗଲେ। ଇଂରାଜ ସେନା ଆସି ଯେତେବେଳେ କାନପୁର ଜୟ କରି ନେଲେ ଆଉ ଲକ୍ଷ୍ନୌର

ବିଦ୍ରୋହୀମାନଙ୍କୁ ମାରି ଘଉଡ଼ ଦେଲେ, ସେତେବେଳେ ଏହି ନାନାସାହେବ କୌଣସି ଜଙ୍ଗଲକୁ ପଳାୟନ କଲେ । ଅଦ୍ୟାବଧି ତାହାଙ୍କ ପତ୍ତା ନାହିଁ ।

ଏହି ପ୍ରକାରରେ ପଞ୍ଜାବ ସେନା ଶିଖ ଓ ଗୋରଖାମାନଙ୍କର ସହାୟତାରେ ଦିଲ୍ଲୀରେ ମିଳିତ ହୋଇଥିବା ବିଦ୍ରୋହୀମାନଙ୍କୁ ପରାସ୍ତ କଲେ ଏବଂ ଦିଲ୍ଲୀ ଜୟ କଲେ; ଆଉ ବାଦସାହଙ୍କୁ କଏଦ କରି ରେଙ୍ଗୁନକୁ ପଠାଇ ଦେଲେ ଓ ବୋମ୍ବାଇର ସେନା ମଧ୍ୟ-ହିନ୍ଦୁସ୍ଥାନରେ ଶାନ୍ତି ସ୍ଥାପନ କଲେ । ବଙ୍ଗଳା-ହତାର ସିପାହୀମାନେ ଏହି ବିଦ୍ରୋହ କରିଥିଲେ; ମାତ୍ର ମାନ୍ଦ୍ରାଜ ଓ ବୋମ୍ବାଇ ହତାର ସେନାମାନେ ବଶ୍ୱାସୀ ରହିଲେ । ଯେଉଁ ଶିଖମାନେ ସରକାରଙ୍କ ଅଧୀନରେ ଥିଲେ, ସେମାନେ ଯେ କେବଳ ବଶ୍ୟ ସ୍ୱୀକୃତ ହୋଇ ରହିଲେ ଏପରି ନୁହେଁ, ବିଦ୍ରୋହ ଦମନ କରିବା ବିଷୟରେ ସେମାନେ ବିଶେଷ ସାହାଯ୍ୟ ଦେଇଥିଲେ । କେବଳ ଉତ୍ତର-ପଶ୍ଚିମ ପ୍ରଦେଶ, ଅଯୋଧ୍ୟା, ବେହାର, ଆଉ ବଙ୍ଗଳାରେ ଏହି ଗୋଳମାଳ ହେଲା । ପରନ୍ତୁ ସେଠାର ଜମିଦାର ଅବା ପ୍ରଜା କେହି ସିପାହୀମାନଙ୍କ ସଙ୍ଗୀ ହେଲେ ନାହିଁ । କାରଣ ସମସ୍ତେ ପୂର୍ବକାଳ ଅପେକ୍ଷା କୋମ୍ପାନିର ରାଜ୍ୟରେ ସୁଖୀ ଥିଲେ । ତଥାପି ଏହି ବିଦ୍ରୋହ ଏପରି ଭୟଙ୍କର ଥିଲା ଯେ ଇଂରାଜମାନଙ୍କୁ ଏଠାର ଶାସନ ସମ୍ବନ୍ଧରେ ଅନେକ ପରିବର୍ତ୍ତନ କରିବାକୁ ପଡ଼ିଲା ।

(୧) ଗୋରା ପଲଟନ ବୃଦ୍ଧି କରାଗଲା ଆଉ ହିନ୍ଦୁସ୍ଥାନୀ ପଲଟନ ସଂଖ୍ୟା ଊଣା କରାଗଲା ।

(୨) ହିନ୍ଦୁସ୍ଥାନୀ ପଲଟନରେ ଏହି ଅଯୋଧ୍ୟାବାସୀ ସୈନ୍ୟ ଅଳ୍ପ ଆଉ ଶିଖ ଓ ଗୋରଖା ଅଧିକ ଭର୍ତ୍ତି କରାଗଲେ ।

(୩) ଇଂଲଣ୍ଡର ମହାରାଣୀ ଓ ପାର୍ଲିଆମେଣ୍ଟ ଇଷ୍ଟଇଣ୍ଡିଆ କୋମ୍ପାନିଙ୍କୁ ଅଧିକାରଚ୍ୟୁତ କରି ଏଠାର ରାଜ୍ୟ ଆପଣାର ଅଧୀନକୁ ନେଇଗଲେ ।

(୪) ସମସ୍ତ ଦେଶରେ ରେଲ୍ ସଡ଼କ ତାର ଘର ଏବଂ ପକ୍କା ସଡ଼କ ସ୍ଥାନେ୨ ପ୍ରସ୍ତୁତ ହେଲା ।

ଏହି ଗୋଲମାଲ ଭିତରୁ ଭାରତବର୍ଷର ଲୋକମାନଙ୍କ ଆଉ ତିନି ଗୋଟି ଯୁଦ୍ଧ କରିବାକୁ ପଡ଼ିଲା । ପ୍ରଥମ, ସିନ୍ଧୁ ପାର୍ଶ୍ୱର ଯେଉଁ ସାହସୀ ଲୋକମାନେ ଇଂରେଜ ରାଜ୍ୟକୁ ଆସି ଲୁଣ୍ଠନ ଓ ମାରଣ କରୁଥିଲେ, ସେମାନଙ୍କ ସହିତ ଯୁଦ୍ଧ ହେଲା । ଏ ସମସ୍ତ ଲୋକ କ୍ରମେ ଇଂରେଜ-ମାନଙ୍କ ଅଧୀନ ହୋଇଗଲେ ଏବଂ ଇଂରେଜ ରାଜ୍ୟ ପେଶୋଆରଠାରୁ କୁଇଟା ପର୍ଯ୍ୟନ୍ତ ବଢ଼ିଗଲା । ଦ୍ୱିତୀୟ, ଯୁଦ୍ଧ ଆଫଗାନମାନଙ୍କ ସହିତ ହେଲା । ଏଥିରେ ପ୍ରଥମ ଯୁଦ୍ଧଠାରୁ ସରକାରଙ୍କ ଅଧିକ କ୍ଷତି ହେଲା; ବର୍ତ୍ତମାନ ଏଠାର ଆମୀର ଅବଦୁଲ ରହମାନ ଖାଁ ସରକାରଙ୍କ ମିତ୍ର ଅଟନ୍ତି । ତୃତୀୟ ଯୁଦ୍ଧରେ ବ୍ରହ୍ମର ରାଜା ଥିବକୁ ବନ୍ଦି କରି, ବ୍ରହ୍ମ ସରକାର ରାଜ୍ୟରେ ମିଳିତ କରାଗଲା ।

ଏହିରୂପେ ବର୍ତ୍ତମାନ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଆଉ ବ୍ରହ୍ମ-ଠାରୁ ବେଲୁଚିସ୍ଥାନ ପର୍ଯ୍ୟନ୍ତ ସମସ୍ତ ଦେଶରେ ଶ୍ରୀମତୀ ମହାରାଣୀଙ୍କର ଯଶଃପତାକା ଉଡୁଅଛି ।

## ପାଠ ୫୯ ।

## କପଟର ଫଳ ବିନାଶ ।

ଏକ ସମୟରେ ଚାରିଜଣ ଚୋର ଏକ ସୁନ୍ଦର ନଗରକୁ ଚୋରି କରିବା ନିମନ୍ତେ ଗଲେ ଆଉ ସେଠାରେ ଜଣେ ଧନବାନ୍ ସାହୁକାରର ଅନେକ ଧନ ସମ୍ପତ୍ତି ଚୋରାଇ ଆଣିଲେ । ସେହି ସବୁ ପଦାର୍ଥ ବିଭାଗ କରିବା ପାଇଁ ଗୋଟିଏ ଅରଣ୍ୟରେ ପ୍ରବେଶ କଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, "ହେ ସଖେ! ଚୋରି କର୍ମ କରିବାରୁ ଆମ୍ଭମାନଙ୍କୁ ତିନିଦିନ କ୍ଷୁଧା ପିପାସା ସହ୍ୟ କରିବାକୁ ହେଉଅଛି । ଅତଏବ ଯାହା ହେଉ, ଅଜି ଆନନ୍ଦରେ ସମସ୍ତେ ଉତ୍ତମରୂପେ ଭୋଜନ କରିବା ଉଚିତ ।" ଏଥିରେ ସମସ୍ତଙ୍କର ସମ୍ମତି ହେଲା । ତନ୍ମଧ୍ୟରୁ ଦୁଇଜଣ ଚୋର କିଛି ଚୋରି ଦ୍ରବ୍ୟ ନେଇ ମିଠାଇ କିଣିବା ନିମନ୍ତେ ନଗରକୁ ଗଲେ । ବାଟରେ ଯାଉଁ, ପରସ୍ପର ଏପରି ବିଚାର କଲେ କି ଚୋରି କରି, ଏତେ ଦୀର୍ଘକାଳ ଅତୀତ ହେଲା; ତଥାପି ଆପଣା, ଜୀବନ ସୁଖ ସ୍ୱଚ୍ଛନ୍ଦରେ କଟିଲା ନାହିଁ । ଯେଉଁ ପଦାର୍ଥ ବର୍ତ୍ତମାନ ହସ୍ତଗତ ହୋଇଅଛି ତାହା ଚାରି ଭାଗ କଲେ ପ୍ରତ୍ୟେକଙ୍କୁ ଅଳ୍ପ, ମିଳିବ; ଆଉ ଚୋରି କରିବା ଆପଣା କର୍ମା-ର୍ଜିତ ଫଳ ବୋଲି କହିବାକୁ ହେବ । ଏଣୁକରି ଆମ୍ଭେ ଯେବେ ଆମ୍ଭର ଅବଶିଷ୍ଟ ସଙ୍ଗୀଙ୍କୁ ଉପାୟ ଦ୍ୱାରା ବଧ କରି ପାରିବା, ତେବେ ତୁମ୍ଭେ ଆମ୍ଭେ ଦ୍ୱିଗୁଣ ଲେଖାଏଁ ସମ୍ପତ୍ତି ଭାଗ ନେବା । ଏହି ବିଚାର ସ୍ଥିର କରି ସେହି ଦୁଇ ଜଣ କିଛି ମିଠାଇ କିଣି ତହିଁରେ ବିଷ ମିଶ୍ରିତ କରିଦେଲେ । ଏଆଡେ ଅନ୍ୟ ଦୁଇ ଚୋରଙ୍କ ହୃଦୟରେ ସେମାନଙ୍କ ତୁଲ୍ୟ ପାପ ଉଦୟ ହେଲା ଆଉ ପରସ୍ପର ଏପରି କୁଯୁକ୍ତି ହେଲେ । "ସେମାନେ ମିଠାଇ ଆଣି ପ୍ରବିଷ୍ଟ ହେବା ମାତ୍ରେ ତତ୍କ୍ଷଣାତ୍ ସେ ଦୁହିଙ୍କୁ ଖଡ୍ଗରେ ବଧ କରି ଏସମସ୍ତ ଧନ ଉଭୟେ ବାଣ୍ଟି ନେବା" ଏହା ସ୍ଥିର କଲେ । ସେ ମିଠାଇ

ଜଣି ଯାଉଥିବା ଲୋକଙ୍କ ନଗରକୁ ଏହି ଅବସରରେ ଫେରି ପକାଇଲେ । ସେମାନେ, ତାଙ୍କ ସମ୍ମୁଖରେ ମିଠାଇ ଖୋଲିଲା ସମସ୍ତରେ ସେହି ତୁର ଜଣଙ୍କୁ ବଧ କଲେ । ଭବନନ୍ଦର ଅନନ୍ତ ନଗରେ ବିଷ ମିଶ୍ରିତ ମିଠାଇ ଭୋଜନ କରି ଅପଣା ଜୀବନ ବିସର୍ଜନ କଲେ । ଦେଖ, ସେହି ଶ୍ୱରଜଣୀ ଲୋଭର ମନରେ କପଟ ଭାବ ପ୍ରବେଶ କରିବାରୁ ଏକାବେଳକେ ସମସ୍ତଙ୍କର ମୃତ୍ୟୁ ହେଲା । ଲୋଭ ଦ୍ରବ୍ୟ ସବୁ ପଥଗଣର ଯେଉଁ ସ୍ଥାନରେ ଥିଲା, ସେହି ସ୍ଥାନରେ ପଡ଼ି ରହିଲା । ଅବଶେଷରେ ସେମାନଙ୍କ ମୃତ ଶରୀରକୁ କାକ, କୁକୁର ଓ ଗୃଧ୍ର ଖଣ୍ଡ କରି ଭକ୍ଷଣ କଲେ ।

ପ୍ରମାଣ ଅଛି, ଲୋଭର ପଦାର୍ଥ ଚଣ୍ଡାଳ ଖାଏ, ପାପୀ ଶୂନ୍ୟ ହସ୍ତରେ ରହିଯାଏ ।

---

## ପାଠ ୭୦ ।

## ଅହଲ୍ୟାବାଈ ।

ଭାରତବର୍ଷରେ, ହିମାଳୟଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ଏମନ୍ତ କୌଣସି ଲୋକ ନାହିଁ ଯେ ଅହଲ୍ୟାବାଈଙ୍କ ନାମ ଶ୍ରବଣ ଓ ତାହାଙ୍କ କୃତ ଘାଟ, ସେତୁ ଧର୍ମଶାଳା ଓ ପୁଷ୍କରିଣୀ ଇତ୍ୟାଦି ଦର୍ଶନ କରି ନାହାନ୍ତି । ହିନ୍ଦୁସ୍ଥାନରେ ଏପରି କୌଣସି ତୀର୍ଥସ୍ଥାନ ନାହିଁ, ଯେଉଁଠାରେ କି ତାଙ୍କର ଭୂତଦୟା, ଉଦାରତା ଓ ଧାର୍ମିକତାର ଚିହ୍ନ ଲକ୍ଷିତ ହୁଏନାହିଁ । ବୋଧ ହୁଏ, ଏହି ସୁପ୍ରସିଦ୍ଧା ରମଣୀଙ୍କର ଜୀବନ ଚରିତ ଅଦ୍ୟାବଧି କେହି ଶ୍ରବଣ କରି ନ ଥିବେ । ଅତଏବ ଏଠାରେ ତାହାଙ୍କ ସଂକ୍ଷିପ୍ତ ବିବରଣ ଉଲ୍ଲେଖ କରା ଯାଉଅଛି ।

ମହାରାଜ ମଲ୍ହାରରାଓ ହୋଲକର ନୀର୍-ନଦୀ ତଟବର୍ତ୍ତୀ ହୋଡ଼ଲ ଗ୍ରାମ ନିକଟରେ ଶୁଦ୍ର ବଂଶରେ ଜାତ ହୋଇଥିଲେ । ସେ ସୌଭାଗ୍ୟବଶତଃ ପେଶବା ବାଜୀରାଓଙ୍କର ସୈନ୍ୟାଧ୍ୟକ୍ଷ ହୋଇ ଅନେକ ଯୁଦ୍ଧରେ ଜୟ ଲାଭ କଲେ । ମାଲବା ରାଜ୍ୟ ତାଙ୍କର ଜାଗିର ଥିଲା ; ତେଣୁ ତାଙ୍କୁ ମାଲବାଧିପତି ବୋଲନ୍ତି । ତାହାଙ୍କର ଖଣ୍ଡେରାଓ ନାମକ ଗୋଟିଏ ମାତ୍ର ପୁଅ ଥିଲେ । ଖଣ୍ଡେରାଓ ଭରତପୁର ନିକଟରେ କୁମ୍ଭେର ଯୁଦ୍ଧରେ ଜାଟମାନଙ୍କ ଦ୍ୱାରା ହତ ହେଲେ ଏବଂ ତାହାଙ୍କର ରାଣୀ ଅହଲ୍ୟାବାଈଙ୍କୁ ବିଧବାବସ୍ଥାରେ ରଖିଗଲେ । ସନ ୧୭୬୬ ଖ୍ରୀଷ୍ଟାବ୍ଦରେ ମଲ୍ହାରରାଓ ମୃତ ହେବାରୁ ଅହଲ୍ୟାବାଈଙ୍କ ପୁଅ ମାଲେରାଓ ରାଜା ହେଲେ ; ଅଳ୍ପ ମା ୯ ସ ପର୍ଯ୍ୟନ୍ତ ରାଜତ୍ୱ କରି ସେ ସୁଦ୍ଧା ପରଲୋକ ଗମନ କଲେ । ତହିଁରେ ଅହଲ୍ୟାବାଈଙ୍କୁ ସ୍ୱୟଂ ରାଜକାର୍ଯ୍ୟ ଚଳାଇବାକୁ ପଡ଼ିଲା । ତାହାଙ୍କର ପୁରୋହିତ ଗଙ୍ଗାଧର ଯଶୋବନ୍ତ ତାହାଙ୍କୁ ଗୋଟିଏ ପୋଷ୍ୟପୁତ୍ର ରଖିବା ନିମନ୍ତେ ଉପଦେଶ ଦେଲେ ଏବଂ ପୋଷ୍ୟପୁତ୍ର ନ ରଖିଲେ ରାଜ୍ୟ ଅନ୍ୟର ହସ୍ତଗତ ହୋଇଯିବ ବୋଲି ମଧ୍ୟ ତାଙ୍କୁ ବୁଝାଇ ଦେଲେ ; ମଧ୍ୟ ପାର୍ଶ୍ୱବର୍ତ୍ତୀ ରାଜାମାନଙ୍କୁ ତାଙ୍କ ବିରୁଦ୍ଧରେ ଉଠିବାକୁ ଉତ୍ତେଜିତ କଲେ । ରାଣୀ ଉତ୍ତର ଦେଲେ, ଦେଖ ଗଙ୍ଗାଧର, ଆମ୍ଭେ ଜଣେ ରାଜାଙ୍କର ଭାର୍ଯ୍ୟା ଓ ଜଣେ ରାଜାଙ୍କର ମାତା ହୋଇଥିଲୁଁ । ବର୍ତ୍ତମାନ ଈଶ୍ୱର ଉଭୟଙ୍କୁ ନେଇ ଗଲେ । ମଲ୍ହାରରାଓଙ୍କ ବଂଶ ଲୋପ ହୋଇଗଲା । ଏବେ ଆମ୍ଭେ କଦାପି କାହାକୁ ପୁତ୍ରରୂପେ ଗ୍ରହଣ କରି ସିଂହାସନରେ ବସାଇବୁଁ ନାହିଁ । ଏହା କହି ସେ ଯୁଦ୍ଧର ଆୟୋଜନ ମଧ୍ୟ କରି ରଖିଲେ ; ମାତ୍ର ତାଙ୍କର ବଳଶାଳିତା ଦୃଷ୍ଟି କରି କୌଣସି ଶତ୍ରୁ ତାଙ୍କ ସହିତ ଯୁଦ୍ଧ କରିବାକୁ ସାହସୀ ହେଲେ ନାହିଁ । କିଛିକାଳପରେ ଅହଲ୍ୟାବାଈ ଗଙ୍ଗାଧରଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ଦେଓ୍ୱାନ ପଦରେ ଓ ତୁକୋଜୀ ହୋଲକରଙ୍କୁ ସେନାପତି ପଦରେ ନିଯୁକ୍ତ କଲେ ।

ଉକ୍ତ ଦୁଇ ଜଣଙ୍କ ମଧ୍ୟରେ ରାଜକାର୍ଯ୍ୟ ଏପରି ଭାବରେ ସମ୍ପନ୍ନ ହେଲେ ଯେ ସେମାନଙ୍କ ମଧ୍ୟରେ କେବେ କଳହ ହେଲା ନାହିଁ ।

ଅହଲ୍ୟାବାଈ ରାଜ୍ୟଭାର ଗ୍ରହଣ କଲା ସମୟରେ ରାଜକୋଷରେ ନଗଦ ଦୁଇ କୋଟି ମୁଦ୍ରା ଥିଲା । ଜାଗିରିରୁ ତାଙ୍କର ୪ । ୫ ଲକ୍ଷ ମୁଦ୍ରା ଆୟ ହେଉଥିଲା । ସେ ରାଜ୍ୟଭାର ଗ୍ରହଣ କରିବା ପୂର୍ବରେ ସବୁ ମୁଦ୍ରା ସତ୍କାର୍ଯ୍ୟରେ ବ୍ୟୟ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ; ରାଜ୍ୟଭାର ଗ୍ରହଣ କରିବା ପରେ ଉକ୍ତ ପ୍ରତିଜ୍ଞା ପାଳନ କଲେ । ଅହଲ୍ୟାବାଈ ଦରବାରରେ ଉପସ୍ଥିତ ହୋଇ ରାଜକାର୍ଯ୍ୟ ଆଲୋଚନା କରନ୍ତି ଏବଂ ସ୍ୱୟଂ ପ୍ରଜାମାନଙ୍କର ନ୍ୟାୟାନ୍ୟାୟ ବିଚାର କରନ୍ତି । ଏପରି କୌଣସି ଆବେଦନକାରୀ ନ ଥିଲେ ଯେ ସ୍ୱୟଂ ଯାଇ ତାଙ୍କଠାରେ ଆବେଦନ କରି ନ ପାରନ୍ତି । ସେ ସର୍ବଦା ନ୍ୟାୟପଥରେ ଚାଲୁଥିଲେ । ତହିଁପାଇଁ ତାହାଙ୍କର ପ୍ରଜାଗଣ ତାଙ୍କ ଉପରେ ବଡ଼ ସନ୍ତୁଷ୍ଟ ଥିଲେ । ସେ ଅନ୍ତଃକରଣରେ ଈଶ୍ୱରଙ୍କୁ ଭକ୍ତି କରନ୍ତି ଓ ସର୍ବଦା କହୁଥାନ୍ତି, ସର୍ବଶକ୍ତିମାନ ସର୍ବାନ୍ତର୍ଯ୍ୟାମୀ ଈଶ୍ୱରଙ୍କ ସମୀପରେ ନିଜର କ୍ରିୟାକଳାପ ନିମନ୍ତେ ଉତ୍ତର ଦେବାକୁ ହେବ । ଅହଲ୍ୟାବାଈ ରାତ୍ରି ଏକ ଘଣ୍ଟିକା ଥାଉଁ ଶଯ୍ୟା ତ୍ୟାଗ କରନ୍ତି ଓ ପ୍ରାତଃକୃତ୍ୟ ଶେଷ କରି ଗ୍ରନ୍ଥ ପଠନ କରନ୍ତି; ପରେ ସ୍ୱହସ୍ତରେ କିଛି ଦାନ ଦିଅନ୍ତି ଓ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବା ପରେ ଭୋଜନ କରନ୍ତି । ସେ ଭୋଜନ କରିବା ପରେ କିୟତ୍କାଳ ବିଶ୍ରାମ କରି ରାଜବେଶ ଧାରଣପୂର୍ବକ ରାଜସଭାକୁ ଗମନ କରନ୍ତି ଓ ସନ୍ଧ୍ୟା ପର୍ଯ୍ୟନ୍ତ ରାଜକାର୍ଯ୍ୟରୁ ବିରତ ହୁଅନ୍ତି ନାହିଁ । ତହିଁରେ ସନ୍ଧ୍ୟା ବନ୍ଦନା କରି ପୁନର୍ବାର ରାତ୍ରିର ୯ ଘଣ୍ଟା ଠାରୁ ୧୧ ଘଣ୍ଟା ପର୍ଯ୍ୟନ୍ତ ରାଜକାର୍ଯ୍ୟରେ ବ୍ୟସ୍ତ ହୁଅନ୍ତି ।

ଇନ୍ଦୋର ପ୍ରଥମରେ ଗୋଟିଏ ଗ୍ରାମ ଥିଲା, ତାହାଙ୍କ ସମୟରେ ତାହା ନଗରରୂପରେ ପରିଣତ ହେଲା । ସେ ପ୍ରଜାମାନଙ୍କ ସମ୍ପତ୍ତି ଉପରେ ଲୋଭ କରୁ ନ ଥିଲେ; ବରଂ କାହାର ଉନ୍ନତି ଦେଖିଲେ ନିଜର ଉନ୍ନତି

ହେଲା ବୋଲି ବିଚାର କରୁଥିଲେ । ସେ ଗ୍ରୀଷ୍ମକାଳରେ ସ୍ଥାନେ ସ୍ଥାନେ ଜଳ-ସେଶ ବସାଉଥିଲେ ଏବଂ ଶୀତକାଳରେ କମ୍ବଳ ଓ ଶୀତ ବସ୍ତ୍ରାଦି ବଣ୍ଟନ କରୁଥିଲେ ଏବଂ କ୍ଷୁଧାର୍ତ୍ତମାନଙ୍କୁ ଖାଦ୍ୟ ଦାନ କରୁଥିଲେ । ସେ ଏତେଦୂର ଦୟାଳୁ ଥିଲେ ଯେ ନଦୀର ମତ୍ସ୍ୟମାନଙ୍କୁ ଖାଦ୍ୟ ଦେବା ନିମନ୍ତେ ଭୃତ୍ୟ ନିଯୁକ୍ତ କରିଥିଲେ ଓ ପକ୍ଷୀମାନଙ୍କ ଭୋଜନ ନିମନ୍ତେ ଶସ୍ୟପୂର୍ଣ୍ଣ କ୍ଷେତ୍ର କିଣି ଦେଇଥିଲେ । ତାଙ୍କର ବୁଦ୍ଧିବଳ ଓ ରାଜ୍ୟ ଶାସନ କୌଶଳ ନିମ୍ନ-ଲିଖିତ କଥାରୁ ସ୍ପଷ୍ଟ ଜଣା ଯାଇପାରେ ଯେ ପୂର୍ବରେ ଭିଲମାନେ ଲୁଣ୍ଠନ ମାରଣ କରୁଥିବାରୁ ବ୍ୟାପାରୀମାନଙ୍କର ଗତାୟାତ କରିବା ବଡ଼ କଷ୍ଟକର ହେଉଥିଲା ; ମାତ୍ର ଯେଉଁ ସମୟରୁ ସେ ଏପରି ନିୟମ କରିଦେଲେ ଯେ ଭିଲମାନେ ଆପଣା ଆପଣା ଜୀବନ ଯାତ୍ରା ନିର୍ବାହ ପାଇଁ ବ୍ୟାପାରୀମାନଙ୍କଠାରୁ କିଛି ଅଂଶ ପାଇବେ ଏବଂ ତତ୍ପରିବର୍ତ୍ତରେ ମାର୍ଗର ତତ୍ତ୍ୱାବଧାନ କରିବେ । ଯଦି ସେମାନଙ୍କ ସୀମା ମଧ୍ୟରେ କାହାରି କିଛି ଚୋରି ଯାଏ, ତେବେ ସେମାନେ ପୂର୍ଣ୍ଣ କ୍ଷତି ପୂରଣ କରି ଦେବେ ; ନୋହିଲେ ସମୁଚିତ ଦଣ୍ଡ ପାଇବେ । ସେହି ଦିନଠାରୁ ଏହି ପର୍ବତରେ ଚୋରି ହ୍ରାସ ହେବାକୁ ଲାଗିଲା ।

ଅହଲ୍ୟାବାଈ ଅଧିକ ସୁନ୍ଦରୀ ସ୍ତ୍ରୀ ନ ଥିଲେହେଁ ଧର୍ମବଳରେ ତାଙ୍କର ମୁଖମଣ୍ଡଳ ତେଜୋପୂର୍ଣ୍ଣ ଦିଶୁଥିଲା । ସେ ସର୍ବଦା ପ୍ରଫୁଲ୍ଲ ଥାନ୍ତି । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ସ୍ୱଭାବର ଅନ୍ୟଥା ଦେଖା ଯାଇ ନାହିଁ । ଅହଲ୍ୟାବାଈ ବିଧବା ହେବା ଦିନରୁ କେବେ ରଙ୍ଗ ବସ୍ତ୍ର ପରିଧାନ କରି ନାହାନ୍ତି । ସର୍ବଦା କଣ୍ଠରେ ଗୋଟିଏ ମାଳା ଧାରଣ କରିଥାନ୍ତି ; ମାତ୍ର ତାହାଛଡ଼ା ଅନ୍ୟ କୌଣସି ଅଳଂକାର ଧାରଣ କରୁ ନ ଥିଲେ । ଦିନକରେ ଜଣେ ପଣ୍ଡିତ ତାହାଙ୍କ ପ୍ରଶଂସା ବିଷୟରେ ଗୋଟିଏ ଗ୍ରନ୍ଥ ରଚନା କରି ତାହାଙ୍କ ସମ୍ମୁଖରେ ପାଠ କଲେ । ଉକ୍ତ ଗ୍ରନ୍ଥ ଶ୍ରବଣ କରିବା ପରେ ସେ ଆଦେଶ ଦେଲେ, ଏହି କ୍ଷଣି ଏହି ଗ୍ରନ୍ଥ ନର୍ମ୍ମଦା ନଦୀରେ ବୁଡ଼ାଇ ଦିଅ ।

ସେ ଉଣିଶ ବର୍ଷ ଏପରି ଶାସନ କରି ଖ୍ରୀ ୧୭୯୫ ସାଲରେ ପରଲୋକ ଗମନ କଲେ । ସେହି ସମୟରେ ତାଙ୍କର ବୟସ ୬୦ ବର୍ଷ ହୋଇଥିଲା । ହୋଲକର ପ୍ରଦେଶର ପ୍ରାଚୀନ ରାଜଧାନୀ ମହେଶ୍ୱର ନିକଟରେ ଅହଲ୍ୟାବାଈଙ୍କ ପ୍ରସ୍ତରମୂର୍ତ୍ତି ଅଦ୍ୟ ପର୍ଯ୍ୟନ୍ତ ବିଦ୍ୟମାନ ଅଛି । ଲୋକମାନେ ଏହି ମୂର୍ତ୍ତିକୁ ଦେବୀ ବୋଲି ପୂଜା କରୁଅଛନ୍ତି ।

---

## ପାଠ ୭୮ ।

## ବଟ ବୃକ୍ଷ ।

ବଟ ବୃକ୍ଷର ଉତ୍ପତ୍ତି ବୃତ୍ତାନ୍ତ ଶୁଣିଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ବୋଧ ହୁଏ । କାରଣ ଏହି ବୃକ୍ଷ ଯେଉଁ ବୀଜରୁ ଉତ୍ପନ୍ନ ହେଉଅଛି ତାହା ସୋରିଷଠାରୁ ମଧ୍ୟ କ୍ଷୁଦ୍ରତର ଅଟେ । ଏହାର ଫଳ କାକ ଆଦି ପକ୍ଷିମାନେ ଖାଆନ୍ତି । ସେମାନଙ୍କ ମଳ ଯେଉଁ କାନ୍ଥ ଇତ୍ୟାଦି ସ୍ଥାନରେ ପଡ଼େ ତହିଁରୁ ଏହାର ଜାତ ହୁଏ । ଜଳ ସେଚନ ନ କଲେ ମଧ୍ୟ ଉଚ୍ଚ ସ୍ଥାନରେ ଅଙ୍କୁରିତ ହୁଏ । ଏହି ବଟ ବୃକ୍ଷ ପକ୍କା ଉପରେ ଜାତ ହେଲେ ମଧ୍ୟ ତାହାର ଚେର ଦୃଢ଼ ହୋଇ କାନ୍ଥକୁ ଫାଟି ପକାଏ । ପିପ୍ପଳ ବୃକ୍ଷ ସଦୃଶ ଏହାକୁ ମଧ୍ୟ ନଗର ପାର୍ଶ୍ୱରେ ରୋପଣ କରି ତଳରେ ବେଦୀ ପ୍ରସ୍ତୁତ କରି ଦଅନ୍ତି । ଭାରତବର୍ଷରେ ବଟ ବୃକ୍ଷ ବିଶେଷ ଜାତ ହେଉଅଛି । ଏହି ବୃକ୍ଷ ଡିମ୍ବିରି ଜାତୀୟ ବୃକ୍ଷ ଅଟେ । ଏହାର ଫଳ ଡିମିରି ଫଳ ପରି ଲାଲ ଅଟେ । ଲୋକମାନେ ଏହାକୁ ଖାଇବାରେ ବ୍ୟବହାର ନ କଲେ ମଧ୍ୟ ପକ୍ଷିମାନେ ଭକ୍ଷଣ କରି ଏଥିରେ ପାଳିତ ହୁଅନ୍ତି । ବଟ ଓ ପିପ୍ପଳର ଛାୟା ଘନ ଥିବାରୁ ପଥଶ୍ରାନ୍ତ ପଥିକମାନଙ୍କ ପକ୍ଷରେ ସୁଖକର ବୋଧ ହୁଏ ।

ବର ପର୍ଣ୍ଣରେ, ଖଲି ଓଉଦେବାଣି ପର୍ଣ୍ଣ ଖୁଦ୍ରାପଦ ପ୍ରସ୍ତୁତ ହୁଏ; ଏବ ଔଷଧ ନିମନ୍ତେ ମଧ୍ୟ ଏହି ବୃକ୍ଷ ଉପକାରୀ ଅଟେ । ଏହାର ଦୁଗ୍ଧ ମଲମ ପଲ୍ଲ କାର୍ଯ୍ୟରେ ଲାଗଇ । ଏଥିରୁ ଏପରି ଅଠା ବାହାରେ ଯେ ଯଦ୍ୟପି ଏହାର ଲେପ ଲଗାଯାଏ ତେବେ ତାହା ସହଜରେ ଛାଡ଼େ ନାହିଁ ।

ଉକ୍ତ ବୃକ୍ଷ ଏପରି ସ୍ଥୂଳ ଓ ବିସ୍ତୃତ ହୁଏ ଯେ ଶୁଣିଲେ ମନରେ ଆଶ୍ଚର୍ଯ୍ୟ ଜାତ ହୁଏ । ନର୍ମ୍ମଦା ନଦୀ ତୀରରେ ଗୋଟିଏ ବଡ଼ ବୃକ୍ଷ ଅଛି । ତାହାର ୩୫୦ ଗୋଟି ଗଣ୍ଡି ଅଛି ଏଉ ମଧ୍ୟ ନୂତନ୨ ଓହଳ ବାହାରୁ ଅଛି । ଏହାର ପରିଧି ପ୍ରାୟ ୨୦୦୦ ହାତ ଅଟେ । ତାହାର ସହସ୍ର ସହସ୍ର ଶାଖା ଅଛି ଏବଂ ତହିଁର ଛାୟାରେ ପାଞ୍ଚ ସହସ୍ର ଲୋକ ସ୍ୱଚ୍ଛନ୍ଦରେ ରହି ପାରନ୍ତି । ଦୂରରୁ ଦେଖିଲେ ତାହା ଗୋଟିଏ ସାମାନ୍ୟ ଅରଣ୍ୟବତ୍ ପ୍ରତୀୟମାନ ହୁଏ । କି ଆଶ୍ଚର୍ଯ୍ୟ! ଏପରି ଅତି କ୍ଷୁଦ୍ର ବୀଜରୁ କେଡ଼େ ପ୍ରକାଣ୍ଡ ବୃକ୍ଷ ଉତ୍ପନ୍ନ ହେଉଅଛି । ଦୟାଶୀଳ ପରମେଶ୍ୱର ଗରମ ଏହି ଉଷ୍ଣ ପ୍ରଦେଶସ୍ଥ ମନୁଷ୍ୟ ଏବଂ ପଶୁମାନଙ୍କ ଉପକାରାର୍ଥେ ଏବମ୍ଭୂତ ବୃକ୍ଷ ଛାୟା ଦାନ ପାଇଁ ଉତ୍ପାଦନ କରିଦେଇଅଛନ୍ତି । ଏହାର କାଣ୍ଡ ବଢ଼ାଇମାନଙ୍କର କୌଣସି କାର୍ଯ୍ୟରେ ଆସୁ ନ ଥିବାରୁ ତାହା ସ୍ଥୂଳ ହୋଇ ଅନେକ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହୁଅଛି ।

ଏହି ମଧ୍ୟପ୍ରଦେଶସ୍ଥ ଛିନ୍ଦୱାଡ଼ା ଜିଲ୍ଲାର ତିନ୍ସେଇ ନାମକ ଗୋଟିଏ ଗ୍ରାମରେ ଏକ ବୃହଦାକୃତିର ବଡ଼ ବୃକ୍ଷ ଅଛି । ତାହାର ତଳରେ ଏକ ବୃହତ୍ ବାଉଲି କୂପ ଅଛି; ଉକ୍ତ ବୃକ୍ଷ କେତେକ ବଧା ଭୂମିକୁ ଆବୃତ କରିଅଛି ଓ ତାହାର ଛାୟାରେ କବିପୁରର ୫୦୦ ଘୋଡ଼ା ବନ୍ଧା ହୋଇ ପାରିବାର ସ୍ଥାନ ଅଛି । ସେଠାରେ ଜଣେ ଫକୀର ବାସ କରନ୍ତି ଏବଂ ସେ ସଉଦାର ପଥଙ୍କୁ କିଛି ଭୋଜନ ପାଇଁ ସେ ସ୍ଥାନକୁ ପହଞ୍ଚାଇ ରଖିଥାନ୍ତି ।

## ପାଠ ୭୨ ।

## ଭାରତବର୍ଷରେ ଇଂରାଜ ରାଜ୍ୟ ଶାସନ ।

ଇଂରାଜମାନଙ୍କ ଏଠାରେ ସେମାନଙ୍କ ରାଜ୍ୟ ସ୍ଥିତ କରିବା, ଧୀରେ ସମସ୍ତ ଶତ୍ରୁଙ୍କୁ ପରାସ୍ତ କରିବା ଏବଂ ଶେଷରେ ସମସ୍ତ ଭାରତବର୍ଷ ଓ ବ୍ରହ୍ମା ମଧ୍ୟ ଆପଣାର ଅଧୀନସ୍ଥ କରି ନେବା ବିଷୟ ପୂର୍ବ ପାଠମାନଙ୍କରେ ଲେଖି ଆସିଅଛୁଁ । ବର୍ତ୍ତମାନ କେବଳ ଏହା ଲେଖିବାକୁ ବାକି ଅଛି ଯେ ଏତେ ବିଶାଳ ଦେଶରେ ସରକାର ଇଂରାଜ ବାହାଦୁର କେତେ ସହଜରେ ଓ ସଫଳତା ସହିତ ରାଜ୍ୟ ଶାସନ କରୁଅଛନ୍ତି ।

ଏ ସମୟରେ ହିନ୍ଦୁସ୍ଥାନର ରାଜ୍ୟ ଶାସନ ଇଂଲଣ୍ଡର ମହାରାଣୀ ଓ ପାର୍ଲିଆମେଣ୍ଟର ଅଧୀନରେ ଅଛି ପରନ୍ତୁ ପ୍ରକୃତରେ ସମସ୍ତ କାର୍ଯ୍ୟ ଏଠାରେ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ହେଉଅଛି । ଏହି ଗବର୍ଣ୍ଣମେଣ୍ଟର ମଧ୍ୟ ଦୁଇ ବିଭାଗ ଅଛି ।

(୧) ମୁଖ୍ୟ ଅର୍ଥାତ୍ ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ।

(୨) ଲୋକଲ ଅର୍ଥାତ୍ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ।

ଗବର୍ଣ୍ଣର ଜେନେରେଲ୍ ସାହେବ ବାହାଦୁର ଏଠାରେ ଶ୍ରୀମତୀ ମହାରାଣୀଙ୍କର ପ୍ରତିନିଧି ଅଟନ୍ତି । ସେ, ତାଙ୍କର ଦୁଇ କାଉନ୍ସିଲ୍ ଓ କେତେକ ସେକ୍ରେଟେରୀ ଏ ସମସ୍ତ ମିଳିତ ହୋଇ ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ବୋଲାଯାନ୍ତି । ସମଗ୍ର ଦେଶ ନିମନ୍ତେ ବ୍ୟବସ୍ଥାନ କରିବା, କର ଧାର୍ଯ୍ୟ ବା କ୍ଷମା କରିବା, ଯୁଦ୍ଧ କରିବା ଆଦି ଗବର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆର ଅଧିକାରରେ ଅଛି, କିନ୍ତୁ ଗବର୍ଣ୍ଣର ଜେନେରେଲ ସାହେବଙ୍କର ମଧ୍ୟ ଏପରି କାର୍ଯ୍ୟମାନଙ୍କରେ ପୂର୍ଣ୍ଣ ଅଧିକାର ନାହିଁ । ତାହାଙ୍କୁ ପ୍ରତ୍ୟେକ ମହତ୍ୱ କାର୍ଯ୍ୟରେ ମହାରାଣୀଙ୍କର ଅନୁମତି ନେବାକୁ ପଡେ ଏବଂ ଶ୍ରୀମତୀ ମହାରାଣୀ ମଧ୍ୟ ଆପଣା ମନ୍ତ୍ରୀ ଉପାଧିଧାରୀ ସେକ୍ରେଟେରୀ ଅଫ୍ ଷ୍ଟେଟ୍ ଓ ପାର୍ଲିଆମେଣ୍ଟର ମତ ବିନା

ଏପରି ଅନୁମତ ଦିଅନ୍ତି ନାହିଁ । ସମସ୍ତଙ୍କ ମତ ଐକ୍ୟ ହେଲେହେଁ ମହାରାଣୀ ପ୍ରତ୍ୟେକ ନୂତନ ଆଇନ ଅଦର ମଞ୍ଜୁରି ଦିଅନ୍ତି ଅଉ ତାହିଁ ରୁ ତାହା ଦେଶରେ ପ୍ରଚଳିତ କରାଯାଏ । କେତେ ୨ ବଡ଼ ୨ ଲର୍ଡ ସାହେବମାନଙ୍କର ମତ ଖଣ୍ଡନ କରି ଦିଆଯାଏ ଏବଂ କେତେ ୨ କିଛି ପରିବର୍ତ୍ତନ ସହିତ ମଞ୍ଜୁର କରାଯାଏ ।

ପ୍ରତ୍ୟେକ ପ୍ରଦେଶର ପ୍ରଧାନ କର୍ମଚାରୀଙ୍କୁ ଲୋକେ ଗବର୍ଣ୍ଣମେଣ୍ଟ କହନ୍ତି । ମାତ୍ର ଭିନ୍ନ ଭିନ୍ନ ପ୍ରଦେଶର ପ୍ରଧାନ କର୍ମଚାରୀମାନେ ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଅନ୍ତି । ମାନ୍ଦ୍ରାଜ, ବୋମ୍ବାଇର ଶାସନ-କର୍ତ୍ତାମାନେ ଗବର୍ଣ୍ଣର; ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ, ପଞ୍ଜାବ ପ୍ରଭୃତିର ପ୍ରଧାନ କର୍ମଚାରୀମାନେ ଲେପ୍‌ଟେନେଣ୍ଟ ଗବର୍ଣ୍ଣର; ଆଉ ମଧ୍ୟପ୍ରଦେଶ, ଆସାମ, ବ୍ରହ୍ମଦେଶ ଓ ଆଣ୍ଡେମାନ ଓ ନିକୋବର ଦ୍ୱୀପର ପ୍ରଧାନ କର୍ମଚାରୀମାନେ ଚିଫ୍ କମିଶନର କୁହାନ୍ତି ।

କୌଣସି ୨ ପ୍ରଦେଶରେ ସେଠାର ପ୍ରଧାନ କର୍ମଚାରୀଙ୍କ ସାହାଯ୍ୟ ନିମନ୍ତେ କାଉନ୍‌ସିଲ ବା ସଭା ମଧ୍ୟ ନିଯୁକ୍ତ କରାଯାଇଅଛି । ଯଥା, ବୋମ୍ବାଇ, ମାନ୍ଦ୍ରାଜ, ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ ପ୍ରଭୃତି । ମାନ୍ଦ୍ରାଜ ବ୍ୟତୀତ କମିଶନର ନାହାନ୍ତି । ସେଠାରେ କଲେକ୍ଟର ସାହେବଙ୍କ ଅଧୀନରେ ରାଜସ୍ୱ ବିଷୟର ତତ୍ତ୍ୱାବଧାରଣ ଓ ପରିଦର୍ଶନ ନିମନ୍ତେ ବୋର୍ଡ ନାମକ ଗୋଟିଏ ସଭା ଅଛି । ଅନ୍ୟ ସମସ୍ତ ପ୍ରଦେଶରେ କଲେକ୍ଟର ବା ଡେପୁଟି କମିଶନର ସାହେବଙ୍କ ଉପରସ୍ଥ କର୍ମଚାରୀ କମିଶନର ନିଯୁକ୍ତ ଅଛନ୍ତି । ଅନ୍ୟାନ୍ୟ ବନ୍ଦୋବସ୍ତ ସମସ୍ତ ପ୍ରଦେଶରେ ଏକ ପ୍ରକାର ଅଟେ । ପ୍ରତ୍ୟେକ ପ୍ରଦେଶ କେତେକ ଜିଲ୍ଲାରେ ବିଭକ୍ତ ହୋଇଅଛି । ଏବଂ ପ୍ରତ୍ୟେକ ଜିଲ୍ଲାରେ କଲେକ୍ଟର ବା ଡେପୁଟି କମିଶନର ନିଯୁକ୍ତ ଅଛନ୍ତି । ସେମାନେ ଇଂରେଜ ଏବଂ ହିନ୍ଦୁ କର୍ମଚାରୀମାନଙ୍କର ମତ ଏବଂ ସାହାଯ୍ୟରେ ଆପଣା ୨ର ଜିଲ୍ଲାମାନ ଶାସନ କରନ୍ତି । ସେ ସମସ୍ତ ବିଷୟ ନିମନ୍ତେ ଦାୟୀ ଅଟନ୍ତି । ମନେ କର ମଧ୍ୟପ୍ରଦେଶରେ ଜିଲ୍ଲା ସାହେବଙ୍କୁ ଡେପୁଟୀ କମିଶନର କୁହାନ୍ତି । ସେ ସମସ୍ତ ବିଷୟ

ତତ୍ତ୍ୱାବଧାରଣ ଓ ପରିଦର୍ଶନ କରନ୍ତି । ମାତ୍ର ଯେତେ ସୁନିପୁଣ ହୋଇଥାନ୍ତୁ ନା କାହିଁକି ସମସ୍ତ କାର୍ଯ୍ୟ ସେ ଏକାକୀ କରି ପାରନ୍ତି ନାହିଁ । ଏଥିପାଇଁ ସର-କାରୀ ସକଳ ଅଦାଲତ ନିମନ୍ତେ, ଦେୱାନୀ ଫୌଜଦାରୀ ଓ ରାଜସ୍ୱର ବିବାଦ ନିଷ୍ପତ୍ତି କରିବାରେ ସାହାଯ୍ୟ ଦେବା ନିମନ୍ତେ ଅସିଷ୍ଟାଣ୍ଟ କମି-ଶନର, ଏକ୍ଷ୍ଟ୍ରା ଅସିଷ୍ଟାଣ୍ଟ କମିଶନର ଏବଂ ତହସିଲଦାର ନିଯୁକ୍ତ କରା ଯାଇ-ଅଛନ୍ତି । ସେହିପରି, ଡକାଏତ ଓ ଦୁଷ୍ଟମାନଙ୍କର ଦମନ ଏବଂ ପ୍ରଜାମାନଙ୍କର ଜୀବନ ସମ୍ପତ୍ତି ରକ୍ଷା ନିମନ୍ତେ ଜିଲ୍ଲା ପରିଦର୍ଶକ ବା ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ, ପୋଲିସ୍ ଇନସ୍ପେକ୍ଟର ଆଦି ନିଯୁକ୍ତ ଅଛନ୍ତି । ବିଦ୍ୟା ବୃଦ୍ଧି ଓ ବିଦ୍ୟାଳୟ-ମାନଙ୍କର ପରିଦର୍ଶନ ନିମନ୍ତେ ଶିକ୍ଷକ, ଡେପୁଟୀ ଇନସ୍ପେକ୍ଟର ଆଉ ସେମାନଙ୍କ ଉପରେ ସର୍କଲ ଇନସ୍ପେକ୍ଟର ଓ ସମସ୍ତଙ୍କ ଉପରେ ଇନ-ସ୍ପେକ୍ଟର ଜେନେରାଲ ନିଯୁକ୍ତ ଅଛନ୍ତି । ସଫାଇ, ରୋଗ ଚିକିତ୍ସା ଏବଂ ଉପଶମ ନିମନ୍ତେ ଡାକ୍ତରଖାନା ଡାକ୍ତର ଏବଂ ସିଭିଲ ସର୍ଜନ ନିଯୁକ୍ତ ଅଛନ୍ତି ।

ସମସ୍ତ ବିଭାଗର ଶାସନ ନିମନ୍ତେ ପୃଥକ୍ ୨ କର୍ମଚାରୀ ଅଛନ୍ତି । ମାତ୍ର ସମସ୍ତେ ଜିଲ୍ଲାର ହାକିମଙ୍କ ଅଧୀନରେ ରହନ୍ତି; ଅଉ ତାହାଙ୍କର ସମ୍ମତି ଏବଂ ଆଦେଶାନୁସାରେ ଆପଣା ୨ କାର୍ଯ୍ୟ କରନ୍ତି । ଜିଲ୍ଲା ହାକିମଙ୍କୁ ବଡ ଶ୍ରେଷ୍ଠ କର୍ମଚାରୀ ଜ୍ଞାନ କରିବା ଉଚିତ । ତାହାଙ୍କୁ ଆପଣା ଜିଲ୍ଲାର ରାଜା ବୋଲି ବିଚାର କରିବାକୁ ହେବ । ମାତ୍ର ଅନେକ କାର୍ଯ୍ୟରେ ତାହାଙ୍କର କ୍ଷମ-ତାର ସୀମା ନିର୍ଦ୍ଦିଷ୍ଟ ଅଛି ଏବଂ ତାହାଙ୍କୁ ଆପଣା ଉପରସ୍ଥ କର୍ମଚାରୀ କମିଶନର ଏବଂ ତାଙ୍କଦ୍ୱାରା ସ୍ଥାନୀୟ ଗଭର୍ଣ୍ଣମେଣ୍ଟଙ୍କର ଅନୁମତି ନେବାକୁ ପଡଇ । ଦୁର୍ଭିକ୍ଷ, ରୋଗ, ଉତ୍ପାତାଦି ପ୍ରଭୃତି ବୃଦ୍ଧି ପାଇବା ସମୟରେ ଏପରି କରିବାକୁ ପଡଇ । ଏଥିର ସାରାଂଶ ଏହି ଯେ ପ୍ରାଚୀନ ସମୟା-ପେକ୍ଷା ବର୍ତ୍ତମାନ ସମୟର ଶାସନ ପ୍ରଣାଳୀ ଅତ୍ୟୁତ୍ତମ ଅଟେ, ଏବଂ ପ୍ରଜା-ମାନେ ଏ ସମୟରେ ସନ୍ତୁଷ୍ଟ ଓ ସୁଖୀ ଅଛନ୍ତି ।

# ପାଠ ୬୩ ।

## ପତ୍ର ଲେଖନ ।

ପତ୍ର ମୂଳତଃ ତିନି ପ୍ରକାରରେ ଲେଖା ହୋଇ ଥାଏ । ପ୍ରଥମ ଗୁରୁଜନମାନଙ୍କଠାରୁ ଲଘୁଜନମାନଙ୍କର; ଦ୍ୱିତୀୟ ଲଘୁଜନମାନଙ୍କଠାରୁ ଗୁରୁଜନମାନଙ୍କର; ତୃତୀୟ ସମସ୍କନ୍ଧ ଲୋକମାନଙ୍କ ମଧ୍ୟରେ । ଏହି ଗୁରୁତା, ଲଘୁତା ଓ ସମଭାଗିକ ଅବସ୍ଥା ଭେଦରେ ତ୍ରିବିଧ ଅଟେ । ପତ୍ର ଲେଖକ ଓ ଲେଖ୍ୟ ମଧ୍ୟରେ ସମ୍ବନ୍ଧ ଥିଲେ ତାହା ଏକ ପ୍ରକାର ଏବଂ ମିତ୍ରତା ଓ ପରିଚୟ ଥିଲେ ତାହା ଅନ୍ୟ ପ୍ରକାର ଅଟେ; ପୁନଶ୍ଚ ସମ୍ବନ୍ଧ ଥିବା ସ୍ଥଳେ ଜ୍ୟେଷ୍ଠ, କନିଷ୍ଠ ଓ ସମବୟସ୍କ ଏହି ତ୍ରିବିଧ ଅବସ୍ଥା ଭେଦରେ ପତ୍ର ମଧ୍ୟ ଭିନ୍ନ ପ୍ରକାରରେ ଲିଖିତ ହୋଇ ଥାଏ । ମିତ୍ରତା ଓ ପରିଚୟ ସ୍ଥଳରେ ପ୍ରଭୁତ୍ୱ, ଧନ ଓ ଗୁଣ ଭେଦରେ ପାର୍ଥକ୍ୟ ମଧ୍ୟ ଦ୍ରଷ୍ଟବ୍ୟ ଅଟେ । ପତ୍ର ଲେଖକ ଯେତେଦୂର ଧନୀ, ଅହଙ୍କାର ସମ୍ପନ୍ନ, ବଳୀୟାନ୍ ବା ଜ୍ଞାନବାନ୍ ହୋଇଥାନ୍ତୁ ନା କାହିଁକି ସେ ଯଦି ଆପଣାଠାରୁ କୌଣସି ବୟୋଜ୍ୟେଷ୍ଠ ଜ୍ଞାତି-ନିକଟକୁ ପତ୍ର ଲେଖନ୍ତି ତେବେ ସେହି ଜ୍ଞାତିଙ୍କୁ ଅବଶ୍ୟ ବଡ଼ ଓ ମାନ୍ୟପାତ୍ର ସ୍ୱୀକାର କରି ପତ୍ର ଲେଖିବାକୁ ହେବ । ଏହିପରି ମିତ୍ରତା, ପରିଚୟ ସ୍ଥଳେ ଦେଖାଯାଏ ଯେ ଓ ଯାହାଙ୍କଠାରୁ ପତ୍ର ଲେଖାଯାଏ ସେ ବୟସରେ କନିଷ୍ଠ ହେଲେହେଁ ପ୍ରଭୁତ୍ୱ ଧନ ବା ବିଦ୍ୟାରେ ଲେଖକଙ୍କଠାରୁ ଶ୍ରେଷ୍ଠ ଥିଲେ ତାହାଙ୍କୁ ବଡ଼ କରି ଲେଖିବାକୁ ପଡ଼େ । ପତ୍ର ଲେଖିବା ସମୟରେ ଯେଉଁ ୨ ବିଷୟ ପ୍ରତି ଦୃଷ୍ଟି ଦେବା ଉଚିତ ତାହା ନିମ୍ନରେ ଲେଖା ଯାଉଅଛି ।

(୧) ପତ୍ର ମଧ୍ୟରେ କୌଣସି ପ୍ରକାର ବ୍ୟର୍ଥ ଶବ୍ଦ ଥିବ ନାହିଁ ।

(୨) ଓଡ଼ିଆ ସଂସ୍କୃତ ବା ହିନ୍ଦି ଯେଉଁ କୌଣସି ଭାଷାରେ ପତ୍ର ଲେଖନା କାହିଁକି ତହିଁରେ ସମସ୍ତଙ୍କ ବହୁବା ବୁଝିବା ଭଳି ସୁଗମ ଶବ୍ଦ ବ୍ୟବହାର ହୋଇଥିବ ।

(୩) ବର୍ଣ୍ଣିତ ବସ୍ତୁର ସଂକ୍ଷେପ ଓ ଯଥାର୍ଥ ଥିବ ; କୌଣସି କଥା ଅପଶା-ଠାରୁ ବଢ଼ି ନ ଥିବ ।

(୪) "ଆପଣଙ୍କର ବଡ଼ କୃପା ହେବ" ଅଥବା "ମୁଁ କୃତଜ୍ଞ ହେବି" ଏପରି ବାକ୍ୟ ମାତା ପିତାଙ୍କଠାରୁ ଲେଖା ଯିବ ନାହିଁ ; କାରଣ ଏପରି ବାକ୍ୟରୁ ଏକ ପ୍ରକାର ଭିନ୍ନତା ଓ ଅମାନ୍ୟ ଜଣାଯାଏ ।.

(୫) ପ୍ରାର୍ଥନା ପତ୍ର, ପରୱାନାଆଦି ସରକାରୀ କାଗଜରେ କୌଣସି ପ୍ରକାର କଠିଣ ଶବ୍ଦ ବ୍ୟବହାର କରିବା ବା ବଢ଼ାଇ ବା ସଜାଡ଼ି ଲେଖିବା ଉଚିତ ନୁହେଁ; କେବଳ ସ୍ପଷ୍ଟ ଅଭିପ୍ରାୟ ମାତ୍ର ଥିବ ।

ଓଡ଼ିଆ ଭାଷାରେ ଜ୍ୟେଷ୍ଠମାନଙ୍କଠାରୁ ଲେଖିଲେ "ଶ୍ରୀଲ ଶ୍ରୀଯୁକ୍ତ" ଓ କନିଷ୍ଠମାନଙ୍କଠାରୁ ଲେଖିଲେ "ଶ୍ରୀମାନ୍" ନାମ ପୂର୍ବରେ ବସାଇ ଲେଖିବାକୁ ହୁଏ । ବ୍ରାହ୍ମଣମାନଙ୍କ ମଧ୍ୟରେ ବୟୋଧିକଙ୍କୁ "ନମସ୍କାର" ଅଳ୍ପ ବୟସ୍କଙ୍କୁ ଅଥବା ଅନ୍ୟ ବର୍ଣ୍ଣର ଶ୍ରେଷ୍ଠ, ବଡ଼ ଓ ସମବୟସ୍କଙ୍କୁ "ଆଶୀର୍ବାଦ" କରି ଲେଖିବାକୁ ହୁଏ । ଅଉ ଯଦ୍ୟପି କ୍ଷତ୍ରିୟ, ବୈଶ୍ୟ ଅଥବା ଶୂଦ୍ର, ବ୍ରାହ୍ମଣମାନଙ୍କୁ ଲେଖନ୍ତି ତେବେ "ପ୍ରଣାମ, ଦଣ୍ଡବତ" ଲେଖିବେ । ପରସ୍ପରରେ ଲେଖିଲେ କେହି୨ "ରାମ ରାମ" "ସୀତାରାମ" "ଜୁହାର" ଓ ଜୟଗୋପାଳ ଆଦି ଲେଖନ୍ତି ।

ଗୁରୁଜନମାନଙ୍କୁ ଅର୍ଥାତ୍ ପିତା, ଗୁରୁ, ଶିକ୍ଷକ ଶ୍ୱଶୁର, ପିତୃବ୍ୟ ଓ ଜ୍ୟେଷ୍ଠ ଭ୍ରାତା ଆଦଙ୍କୁ ଲେଖିବାକୁ ହେଲେ "ପରମାର୍ଚ୍ଚନୀୟ" "ଶ୍ରଦ୍ଧାସ୍ପଦ" "ଭକ୍ତିଭାଜନ", ବା "ବହୁମାନ୍ୟାସ୍ପଦ" ଲେଖିଲା ପରେ ନାମ ପୂର୍ବରେ "ଶ୍ରୀଲ ଶ୍ରୀଯୁକ୍ତ" ଲେଖିବାକୁ ହେବ । ପତ୍ର ଆରମ୍ଭ ପୂର୍ବରୁ "ମହାଶୟ" ଆଦି ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ ।

ପତ୍ର ଶେଷରେ ସ୍ୱନାମ ଉପରେ ସେବକ "ଆଜ୍ଞାକାରୀ" ଲେଖିବା ଉଚିତ । ଗୁରୁଜନ ଯଦ୍ୟପି ପୁତ୍ର, ଶିଷ୍ୟ ଆଦଙ୍କୁ ଲେଖନ୍ତି ତେବେ "ପ୍ରାଣାଧିକ, ପରମ କଲ୍ୟାଣୀୟ" ଲେଖିଲା ପରେ ଶ୍ରୀମାନ୍ ବାବୁ ନାମ

ପୂର୍ବରେ ଲେଖି ଓ ବନ୍ଧୁ ! ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ, ଏବଂ ପତ୍ର ଶେଷରେ ସ୍ୱନାମ ଉପରେ ମଙ୍ଗଳାକାଂକ୍ଷୀ ଲେଖିବା ଉଚିତ । କନିଷ୍ଠାଙ୍କୁ ପତ୍ର ଲେଖିବାକୁ ଗଲେ "ପ୍ରଣୟାସ୍ପଦ" ଲେଖିଲା ପରେ "ଶ୍ରୀଯୁକ୍ତ ବାବୁ" ନାମ ପୂର୍ବରେ ବସାଇ "ବତ୍ସ" ସମ୍ବୋଧନ ପରେ ପତ୍ର ଆରମ୍ଭ କରିବାକୁ ହେବ । ପତ୍ର ଶେଷରେ ସ୍ୱନାମ ଉପରେ ଭବଦୀୟ ପ୍ରଣୟାଧୀନ, ଲଗାଇବାକୁ ହେବ ।

ମାତା, କୁଳମାତା ଓ ଶାଶୁଙ୍କୁ ପତ୍ର ଲେଖିଲେ "ପରମାର୍ଚ୍ଚନୀୟା, ପରମାରାଧ୍ୟା" ଲେଖିଲା ପରେ ମାତଃ ! ଅମ୍ବେ ! ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ । ପତ୍ର ଶେଷରେ ସ୍ୱନାମ ଉପରେ ପୁରୁଷ ଲେଖିଲେ "ଆଜ୍ଞାକାରୀ ସେବକ" ଓ ସ୍ତ୍ରୀ ଲେଖିଲେ "ଆଜ୍ଞାକାରିଣୀ ସେବକା" ଲେଖିବା ଉଚିତ ।

ସ୍ୱାମୀ ଯଦ୍ୟପି ଆପଣା ପତ୍ନୀଙ୍କୁ ପତ୍ର ଲେଖେ ତେବେ ପ୍ରଥମରେ "ସ୍ୱଧର୍ମ୍ମପରାୟଣା" ଲେଖିଲା ପରେ ନାମ ପୂର୍ବରେ "ଶ୍ରୀମତୀ" ଲଗାଇବାକୁ ହେବ, ଏବଂ "ପ୍ରିୟତମେ" ! ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ ଓ ପତ୍ର ଶେଷରେ ସ୍ୱନାମ ଉପରେ "ପ୍ରଣୟାକାଂକ୍ଷୀ" ଲେଖିବା ଉଚିତ ।

ସେହିପରି ସ୍ତ୍ରୀ ଯଦ୍ୟପି ଆପଣା ସ୍ୱାମୀଙ୍କୁ ପତ୍ର ଲେଖେ ତେବେ ପରମାର୍ଚ୍ଚନୀୟ ଲେଖିଲା ପରେ "ଶ୍ରୀଲ ଶ୍ରୀଯୁକ୍ତ ବାବୁ" ନାମ ପୂର୍ବରେ ଲଗାଇ ଓ "ପ୍ରାଣନାଥ" ! ସମ୍ବୋଧନ ପଦ ବସାଇ ପତ୍ର ଆରମ୍ଭ କରିବାକୁ ହେବ, ପତ୍ର ଶେଷରେ ସ୍ୱନାମ ଉପରେ "ପ୍ରଣୟାଧୀନା ବା ସେବକା" ଲେଖିବାକୁ ହେବ ।

## ଶ୍ରୀନାମା ।

ପତ୍ରକୁ ବନ୍ଦ କରି ଲଫାପା ମଧ୍ୟରେ ରଖିଲା ପରେ ତାହା ଉପରେ ନିମ୍ନଲିଖିତ ପ୍ରକାରରେ ଶ୍ରୀନାମା ଲେଖିବ, ଯଥା, ପିତାଙ୍କୁ ପତ୍ର ଲେଖିବାକୁ

ହେବ ତାହାର ନାମ ପ୍ରଥମ ଧାଡ଼ୀରେ, ଯେଉଁ ପଡ଼ାରେ ଦେବାକୁ ହେବ ତାହାର ନାମ ଦ୍ୱିତୀୟ ଧାଡ଼ୀରେ ଓ ଯେଉଁ ନଗରରେ ଦେବାକୁ ହେବ ତାହାର ନାମ ତୃତୀୟ ଧାଡ଼ୀରେ ଲେଖିବା ଉଚିତ । ଆଉ ଯଦ୍ୟପି ଯେଉଁ ସ୍ଥାନକୁ ପଠାଯିବ ତାହା ପ୍ରସିଦ୍ଧ ନ ଥାଏ ତେବେ ପ୍ରଥମ ଧାଡ଼ୀରେ ବ୍ୟକ୍ତିର ନାମ, ଦ୍ୱିତୀୟରେ ସ୍ଥାନର ନାମ, ତୃତୀୟରେ ପରଗଣା, ଚତୁର୍ଥରେ ଜିଲ୍ଲା, ପଞ୍ଚମରେ-ଦେଶର ନାମ ଲେଖିବା ଉଚିତ ।

ଟିକଟ୍ ଲଗାଇବାକୁ ହେଲେ ଲଫାପାର ଦକ୍ଷିଣ ପାର୍ଶ୍ୱକୁ ଲଗାଇବା ଆବଶ୍ୟକ । ପତ୍ର, ପ୍ରାର୍ଥନା ପତ୍ର, ଫରଦାନା, ତମସୁକ, ବୈନାମା, ଇସ୍ତଫା-ନାମା, ପଟ୍ଟା, କବୁଲିୟତ, ରାଜିନାମା, ରସିଦ, ବଣ୍ଟାୟତନାମା, ଦାନତ-ନାମା ଇତ୍ୟାଦ କେତେ ପ୍ରକାର ବ୍ୟବହାରିକ ପତ୍ରରୁ କେତେକ ଉଦାହରଣ ମଧ୍ୟ ପରେ ଲେଖା ଯାଉଅଛି ।

ଶିରୋନାମାର ଆଦର୍ଶ ।

(୧) ବ୍ୟକ୍ତିର ନାମ ପ୍ରସିଦ୍ଧ ଥିଲେ ଏହିପରି ଲେଖିବାକୁ ହେବ ।

ଟିକଟ

ଶ୍ରୀଯୁକ୍ତ ବାବୁ ନାନକଚନ୍ଦ

ହେଡ଼ ମାଷ୍ଟର ହାଇ ସ୍କୁଲ

ସାଗର ।

(୨) ବ୍ୟକ୍ତିର ନାମ ପ୍ରସିଦ୍ଧ ନ ଥିଲେ ଏହିପରି ଲେଖିବାକୁ ହେବ ।

ଟିକଟ ।

ପଣ୍ଡିତ ଶ୍ରୀ ହରିହରନନ୍ଦ ଶର୍ମା

ମୋକ୍ଷାପଡ଼ା ବରଂପାଲି

ଜିଲ୍ଲା ସମ୍ବଲପୁର ।

(୩) ସ୍ଥାନ ପ୍ରସିଦ୍ଧ ନ ଥିଲେ ଏହିପରି ।

ବାବୁ ଗୋବର୍ଦ୍ଧନ ଦାସ ବାହାଦୁର ।

ଜଗମପୁର

ଖେଜୁରୀ

ବାଲେଶ୍ୱର

ଓଡ଼ିଶା ।

# ପାଠ ୬୪ ।

## ଆଦର୍ଶ ପତ୍ରମାଳା ।

### (୧) ଗୁରୁଙ୍କଠାକୁ ଶିଷ୍ୟର ପତ୍ର ।

ମଧୁବନପୁର ।

ତା ୫ । ୧ । ୧୬

ବହୁମାନ୍ୟାସ୍ପଦ

ଶ୍ରୀଲ ଶ୍ରୀଯୁକ୍ତ ହେଡ୍ ମାଷ୍ଟର ।

ମହାଶୟ ସମୀପେଷୁ :

ସାନୁନୟ ନିବେଦନ,

ଗୁରୋ!

ଆଜି ଦିନଠାରୁ ଅଷ୍ଟମ ଦିନରେ ମୋର ଭ୍ରାତାର ବିବାହ ହେବ । ଉକ୍ତ ବିବାହ ଉପଲକ୍ଷରେ ବରଯାତ୍ରୀ ମହାନଦୀର ଉତ୍ତର ପାର୍ଶ୍ୱସ୍ଥ ରଣ୍ଡେଲ୍ଲ ନାମକ ସ୍ଥାନକୁ ଯିବ । ଏକକାଳ ମୋର ଘରେ ଏହି ସବୁ ବିଷୟ ସମାଧା କରିବାକୁ ମୋ ଭିନ୍ନ ଅନ୍ୟ କେହି ନାହିଁ । ମଧ୍ୟ କାର୍ଯ୍ୟଟି ଅବଶ୍ୟକୀୟ ଥିବାରୁ ପ୍ରାର୍ଥନା କରୁଅଛି ଯେ ଅନୁଗ୍ରହ ପୂର୍ବକ ୧୫ ଦିନର ବିଦାୟ ଦେବା ପାଇଁ ଆଜ୍ଞା କରିବା ହେବେ । ଇତି ମଧ୍ୟରେ କାର୍ଯ୍ୟ ଶେଷ କରି ଯେତେ ଶୀଘ୍ର ପାରେ ସ୍କୁଲରେ ଉପସ୍ଥିତ ହେବି । ଏଥିରେ ଶିକ୍ଷାର ବିଶେଷ କ୍ଷତି ହେବ ଏବଂ ମୋର ସମପାଠୀମାନେ ଅଗାକୁ ପଡ଼ି ଯିବେ. ଏହା ମୁଁ ଜାଣିଅଛି, ମାତ୍ର କଣ କରିବି? ବାଧ୍ୟ ହୋଇ ରହିବାକୁ ପଡ଼ୁଅଛି । ତଥାପି ଆଶା ଅଛି ଦୃଢ଼ ପରିଶ୍ରମ କରି ଶୀଘ୍ର ସେମାନଙ୍କ ସହିତ ସମତା ଲାଭ କରିବି । ଇତି ।

ଆଜ୍ଞାବହ,

ଶ୍ରୀ——

## (୨) ପିତାଙ୍କଠାକୁ ପୁତ୍ରର ପତ୍ର ।

ଭକ୍ତି ଭାଜନ

ଶ୍ରୀଳ ଶ୍ରୀଯୁକ୍ତ ପିତା ଗୋସାଇଁ

ଶ୍ରୀଚରଣେଷୁ ।

ପ୍ରଣତି ପୂର୍ବକ ନିବେଦନ,

ପିତଃ !

ବହୁତ ଦିନରୁ ଆପଣଙ୍କର କୌଣସି କୃପା ପତ୍ର ଆସି ନାହିଁ; ଆସିବା ସମୟରେ ଆପଣ କହିଥିଲେ କି ମୋ ଠାକୁ ସପ୍ତାହକୁ ସପ୍ତାହ ପତ୍ର ଲେଖୁଥିବ; ମାତ୍ର କେଉଁ କାରଣରୁ ଏବେ ପର୍ଯ୍ୟନ୍ତ କୌଣସି ପତ୍ର ନ ଆସିବା ଜଣାଯାଉ ନାହିଁ । ଇଚ୍ଛା କରେଁ ଯେ ଅଧୀନ ଅଜ୍ଞରୁ କୌଣସି ଦୋଷ ହୋଇଥିଲେ ତାହା କ୍ଷମା କରିବେ । ଆପଣଙ୍କ ଆଦେଶାନୁସାରେ ବୈଶାଖ କୃଷ୍ଣ ଦ୍ୱିତୀୟା ଦିନରୁ ରଘୁ୨ ସଂସ୍କୃତ ପଠନ କରିବାକୁ ଆରମ୍ଭ କରିଅଛି । ଏବେ କାବ୍ୟ ହିତୋପଦେଶ ପଢୁଅଛି; ମୁଁ ନିଶ୍ଚୟ କରି କହୁଅଛି ଯେ ଏହି ପ୍ରକାର ଏହି ବର୍ଷର ଶେଷ ପର୍ଯ୍ୟନ୍ତ ପଢି ପାରିଲେ ଓଡ଼ିଆ ବଡ଼ ଭଲ ବା ଶୁଦ୍ଧ ହୋଇଯିବ । ମାତ୍ର ମୁଁ ମନ ଦେଇ ପରିଶ୍ରମ କରୁଅଛି ।

ଭବିଷ୍ୟତରେ ଯାହା କିଛି ଫଳ ମିଳିବ ତାହା ମୁଖ୍ୟ କଥା ଅଟେ । ଇତି । ମାଘ ଶୁକ୍ଳ ଦ୍ୱିତୀୟା, ସମ୍ବତ ୧୯୨୭ ସାଲ ବା ତା ୫ ରଖ ଜାନୁଏରୀ ମାସ ସନ ୧୮୭୧ ଇଃ ।

ସେବକାନୁ ସେବକ ।

ରାମଦାସ ।

## (୩) ମିତ୍ରଙ୍କଠାକୁ ପତ୍ର ।

ପ୍ରଣୟାସ୍ପଦ

ଶ୍ରୀଯୁକ୍ତ ବାବୁ ରଘୁବର ପ୍ରସାଦ

ମହାଶୟ ମିତ୍ରବରେଷୁ ।

ବନ୍ଧୋ !

ଆପଣଙ୍କ ପତ୍ର ପାଠ କରି ଚିତ୍ତ ତୁଷ୍ଟ ହେଲା । ମାତ୍ର କେବଳ ଇଂରେଜୀ ସ୍କୁଲର ପରୀକ୍ଷାରେ ପାସ କଲେ ଯଥୋଚିତ ବିଦ୍ୟାଭ୍ୟାସ ହୁଏ ନାହିଁ ଅବା କୌଣସି ଉଚ୍ଚ ପଦ ମଧ୍ୟ ପ୍ରାପ୍ତ ହୋଇ ପାରେ ନାହିଁ । ଏଥିପାଇଁ ମୋହୋର ବିଶ୍ବାସ ଅଛି ଯେ ଆଉ ଏକ ବର୍ଷ ପରିଶ୍ରମ କରି ଟାଉନ କ୍ଲାସର ସାର୍ଟିଫିକଟ ପାଇଲେ ଭଲ ହେବ । ମାତ୍ର ଏହା ମଧ୍ୟ ମନେ ଥିବ ଯେ ବିଦ୍ୟାଭ୍ୟାସର ସଙ୍ଗେ ବ୍ୟାୟାମ ଅବଶ୍ୟ କରୁଥିବେ ନଚେତ୍ ଶରୀର କ୍ଷୀଣ ହୋଇଯିବ । ଏଠାରେ ଆପଣଙ୍କ ସ୍ତ୍ରୀପୁତ୍ରମାନେ କୁଶଳରେ ଅଛନ୍ତି ।

ଆପଣଙ୍କ ପିତା ଗଙ୍ଗାସ୍ନାନ କରିବାକୁ ଯାଇଅଛନ୍ତି । ଯିବା ସମୟରେ ଆପଣଙ୍କ ସଙ୍ଗେ ସାକ୍ଷାତ ହେବାର ତାଙ୍କର ବିଶ୍ବାସ ଅଛି । ବୃଷ୍ଟି ଭଲ ହୋଇଅଛି ଅବା ଗ୍ରାମରେ କୌଣସି ପ୍ରକାରର ରୋଗ ନାହିଁ । ଶ୍ରୀ ସେଠ ଜେଠମଲଙ୍କୁ ମୋର "ଜୟ ଗୋପାଳ" କହି ଦେବେ । ଇତି ୧୪ ତାରିଖ ଫେବ୍ରୁଆରି ସନ ୧୮୯୬ ଇଃ ।

ଭବଦୀୟ ପ୍ରଣୟାଧୀନ

ଶ୍ରୀ ରାମଲାଲ ।

---

## (୪) ରସିଦ ।

ଶ୍ରୀଯୁକ୍ତ ହେଡ଼ ମାଷ୍ଟର ସାହେବ ଜିଲ୍ଲା ସ୍କୁଲ ମୁଜଫରପୁରଙ୍କୁ ଯଶୋଦା କୁମାର ପୁତ୍ର ଉପେନ୍ଦ୍ର କୁମାର, ନିଃ ମୁଜଫରପୁର ରଘୁନାଥ ଗଞ୍ଜଙ୍କର ରସିଦ

ଲେଖି ଦେବାର ଏମନ୍ତ କ ଯାତ୍ରା ବୋର୍ଡ଼ିଙ୍ଗ ହାଉସର ସ୍ଥବାର ଅଛି ଛଡ଼ ନସମଣ ମୁଁ ଠିକାରେ ନଉଅଛୁ, ଯହିଁର ମୂଲ୍ୟ ୧୦ ଟଙ୍କା ଅକ୍ଷରରେ ଦଶ ଟଙ୍କା ଭରି ପାଇ ଏ ରସିଦ ଲେଖି ଦେଲୁ ଯେ ଦରକାରବେଳେ କାର୍ଯ୍ୟରେ ଆସିବ । ଇତି ୧୫ ତାରିଖ ଜାନୁଆରି ସନ ୧୮୯୨ ଇଃ ।

ଦଃ ସମ୍ଭୋ କୁମାର ।

---

## ପାଠ ୨୫ ।

## ପତ୍ରାଦିର ଆଦର୍ଶ (୨)

### (କ) ପ୍ରାର୍ଥନା ପତ୍ର ବା ଦରଖାସ୍ତ ।

ଧର୍ମ୍ମାବତାର,

ନିବେଦନ କରିବାର ଏମନ୍ତ ଜ ମୁନ୍ସୀ ବାଲୁରାମ ପୁତ୍ର ଶୀତଳ ସାହ ଇଣ୍ଡ୍ରାଣ ନିବାସୀ ଆସୀରଗଡ଼କୁ ପ୍ରାର୍ଥୀ ୧୦୦ ଟଙ୍କା ଏକଶତ ଟଙ୍କା ନଗଦ ଶତକଡ଼ା ୧ ଟଙ୍କା ସୁଧରେ ଋଣ ଦେଇ ଷ୍ଟାମ୍ପ ଉପରେ ତମସୁକ ଲେଖାଇ ନେଇଥିଲି । ବର୍ତ୍ତମାନ ମୁଦାଇ ଟଙ୍କା ମାଗିବାରେ ଗାଳି ଦଏ । ଉପରୋକ୍ତ ମୁଦାଇଙ୍କୁ ପ୍ରାର୍ଥୀ କଥମତେ ନୋଟିସ ଦେଇ ପାଉଅଛୁ ଆଉ ବର୍ଷ ମଧ୍ୟ ଗତ ହେଲାଣି ଏଣୁ ଏବେ ଏହି ପ୍ରାର୍ଥନା ପତ୍ର ଦାଖଲ କରି ପ୍ରାର୍ଥନା କରୁଅଛୁ ଯେ ମୁଦାଇଙ୍କୁ ତଲବ ହୋଇ ସୁଧ ସହିତ ଟଙ୍କା ଆଦାୟ ଦେବାକୁ ଆଦେଶ ହେଉ, ଅଗେ ହୁଜୁରମାଲିକ । ଇତି ତା ୧୫ । ୧ । ୯୨ ଇଃ ।

ପ୍ରାର୍ଥୀ

ଦେନପ୍ରାସ

ଦଃ ଅସିର ଗଡ଼ ।

## ଦସ୍ତାବିଜ ।

ଶ୍ରୀମାନ୍ ସୋମନାଥ ଦାଶ୍ଙ୍କୁ ନିଃ ସମ୍ବଲପୁର ବ୍ରାହ୍ମଣପଡ଼ାଙ୍କୁ ଚିତ୍ରୋତ୍ପଳ ପୂର୍ଣ୍ଣ ଜଗନ୍ନାଥ, ଜାତି ବଣିଆ, ନିଃ ସମ୍ବଲପୁର ବଡ଼ବଜାରପଡ଼ାଙ୍କର ଏହି ତମ-ସୁକ ଲେଖି ଦେବାର ଏମନ୍ତ ଯେ ମୋହିନ ଅର୍ଥ'ରୁ ଦିନ୍ଦାନ କାଳ କ୍ଷୟ କରୁ-ବାର ଆବଶ୍ୟକ ଥିବାରୁ ନଗଦ ୫୧ ଟଙ୍କା (ଅକ୍ଷରରେ ଏକାବନ ଟଙ୍କା) କରଜବାବଦ ଆପଣଙ୍କଠାରୁ ଋଣ ନେଲି ଏହି ଟଙ୍କାର ସୁଧ ମାସକୁ ୧॥ ଟଙ୍କା (ଦେଢ଼ ଟଙ୍କା) ହିସାବରେ ଦେବି ।

ଆଉ ମଧ୍ୟ ଏଥିରେ ଏପରି କରାର କରୁଅଛି ଯେ ସୁଧ ସହିତ ସମସ୍ତ ଟଙ୍କା ୬ ମାସରେ ଅସୁଲ ଦେବି । ଆଉ ଯଦ୍ୟପି ଏପରି କରି ନ ପାରିବି ତେବେ ସୁଧ ଦେଉଥିବି । ଏଣୁ ଏହି ଦସ୍ତାବିଜ ଲେଖି ଦେଉଅଛି ଏହା ସନନ୍ଦ ହୋଇ ରହିବ ଏବଂ ଦରକାର ବେଳେ କାର୍ଯ୍ୟରେ ଆସିବ । ଇତି ନବେମ୍ବର ୧୫ ତାରିଖ ୧୮୯୭ ଇଂ ।

## ୮ । ବନ୍ଧକନାମା ବା ରହଣିନାମା ।

ଶ୍ରୀଯୁକ୍ତ ସାହା ଗୋକୁଳ ଦାସ ଓ ଖସୁବାହାଦୁର ବଲ୍ଲଭ ଦାସ ନିଃ ଛବିଲପୁରଙ୍କୁ ଶ୍ୟାମଗୋବିନ୍ଦ ଦାସ ପୁଣି ହରିପ୍ରସାଦ ଜାତିରେ ବ୍ରାହ୍ମଣ ନି: ମୌ: ରେମଣ୍ଡ; ତହସିଲ ବରଗଡ଼ ଜିଲ୍ଲା ସମ୍ବଲପୁରଙ୍କର ଏହି ବନ୍ଧକ-ନାମା ଲେଖି ଦେବାର ଏପରି ଯେ ସରକାରୀ କିସ୍ତି ଅଦାୟ କରିବାକୁ ଏଜୁ ତାରିଖରେ ଆମ୍ଭେ ନେଇଥିବା ଆପଣଙ୍କ ଟ ୨/୫ ଙ୍କା ଅକ୍ଷରୀକୃତ ଦୁଇଶ ପଚିଶ ଟଙ୍କାର ସୁଧ ଶତକଡ଼ା ମାହିକ ଟ ॰ ୵ ଦୁଇ ଅଣା ହିସାବରେ ଦେବୁଁ । ଏହି ଟଙ୍କାର ପରିବର୍ତ୍ତରେ ଆପଣଙ୍କ ଧ୍ୟାନ୍ଦୂ ପାଇଁ ଖାସ ସମ୍ବଲପୁର ନଗରସ୍ଥ ବଳାଇ ପଡ଼ାରେ ଥିବା ନିମ୍ନଲିଖିତ ଚୌହଦ୍ଦୀ ଅନୁ-ସାର ମୋର ନିଜର ଏକ ଘରା ସ୍ଥଳ ଆପଣଙ୍କ ପାଖରେ ବନ୍ଧକ ରଖି-ଦେଲୁଁ । ଯେବେ ଆପଣଙ୍କ ସମସ୍ତ ଟଙ୍କା ସୁଧ ସହିତ ଅଦାୟ କରିଦେବୁଁ

କେବଳ ଆପଣାର ଉପଦେଶରୁ ପୁତ୍ର, କଳତ୍ରକୁ ମୁକ୍ତ କଲୁଁ । ଏହି ବନ୍ଧକନାମା ଲେଖି ଦେବାର ଅମ୍ଭର ସମ୍ମତ ଅଛୁ । ଇତି ତା ।

କବୁଲ୍ୟାନାମା ବା ଭଡ଼ାନାମା ।

ଶ୍ରୀଯୁକ୍ତ ବଳଭଦ୍ର ପୁଅର ମହାଜନ ନିବାସି ସମ୍ବଲପୁର ଝାଉଁଆପଡ଼ାଙ୍କୁ ଲୋକନାଥ ପୁତ୍ର ଶ୍ରୀପତି ମହାଜନ ନି: ସମ୍ବଲପୁର ଭୁଲିୟାପଡ଼ାଙ୍କର ଏହି କବୁଲ୍ୟାନାମା ଲେଖି ଦେବାର ଏମନ୍ତ ଯେ ଆପଣଙ୍କ ଗୁଜ ମହଲ୍ଲ ବଡ଼ ଦାଣ୍ଡନସ୍ଥ ଏକ ଖଣ୍ଡା ଧବେଲ ନମ୍ବର ୫୬ କୁ ଅମ୍ଭେ ତା ୧ ଲା ଏପ୍ରେଲ ସନ ୧୮୯୪ ଠାରୁ ତା ୩୧ ଲା ମାର୍ଚ୍ଚ ସନ ୧୮୯୫ ସାଲ ପର୍ଯ୍ୟନ୍ତ ଏକ ବର୍ଷ ପାଇଁ ବାର୍ଷିକ ଟ ୬୦ ଙ୍କା ଷାଠିଏ ଟଙ୍କାରେ ଭଡ଼ା ନେଲୁଁ । ସେହି ଭଡ଼ା ଷାଣ୍ମାସ ଶେଷ ପରେ କିସ୍ତା ବନ୍ଦୋବସ୍ତରେ ଦେବୁଁ । ଅଧି ମଧ୍ୟମତ ଅବଧି ସମୟରେ ତୁମ୍ଭେ ନ କହିଲେ ଅମ୍ଭେ ନିଜେ କବାଟ ଯାହା ଖର୍ଚ୍ଚ ହେବ ତାହା ଭଡ଼ାରୁ କାଟିବୁଁ । ଦରବାଜା ଚିହ୍ନ ଆଦି ଯାହା ଯେତେ ସେହି ସବୁ ଭଡ଼ାରେ ମଜୁରା ଦେବୁଁ । ଏହି ଭଡ଼ାନାମା ଆପଣା ଖୁସି ରାଜିରେ ଲେଖି ଦେଇ ଥିବାର ସମ୍ମତ । ଇତି ତା ।

ଦ: ଶ୍ରୀ

ମୁକ୍ତାରନାମା ।

କ ମୁଦାଇ

ଖ ମୁଦାଲା

ଦାବୀ ଟଙ୍କା ।

ଅମ୍ଭେ ପଦ୍ମଲୋଚନ ଗୌନ୍ତିଆ ସମ୍ବଲପୁର ଜିଲ୍ଲାର ରଙ୍ଗେଲୀ ଗ୍ରାମର ନିବାସୀ ଅଟୁଁ । ନିଜର ଅଣ୍ଟ ଛନ୍ଦୁର କାର୍ଯ୍ୟ ଥିବାରୁ ଉପଦେଶରୁ ମୋକଦ୍ଦମାରେ ନିଜେ ହାଜର ହୋଇ ନ ପାରୁଁ । ଏହିହେତୁ ମୁସମ୍ମାଁ ସୋମନାଥ ଷଡ଼ଙ୍ଗୀଙ୍କୁ ଆପଣା ଖାସ ମୁକ୍ତାର ନିଯୁକ୍ତ କରୁଅଛୁଁ ଯେ

ଉପରୋକ୍ତ ସୂତ୍ରାର ଏହି ମୋକଦ୍ଦମାରେ ଅମ୍ଭ ତରଫରୁ ଯାହା କିଛି କାରବାର କରିବେ ତହିଁରେ ସବୁ ପ୍ରକାରରେ ଅମ୍ଭର ମଞ୍ଜୁର ଅଛି । ଏଥିପାଇଁ ଏହି ଓକାଲତ ଧାମୀ ମୁକ୍ତାରନାମା ଲେଖିଦେଲୁଁ କି ଦରକାରବେଳେ କାର୍ଯ୍ୟରେ ଆସିବ । ଇତି ତା ।

ଦ: ପଦ୍ମଲୋଚନ ମୈତ୍ରେୟ ।

ଉକ୍ତେଲ ।

ନ ୧ ସାକ୍ଷ

ନ ୨ ସାକ୍ଷ

---

## ପାଠ ୨୨ ।

## ବେଦ, ଏବଂ ଭାରତବର୍ଷ ଇତିହାସର ବୈଦିକ ସମୟ ।

ତୁମ୍ଭେମାନେ ପୁରାଣ ପୁସ୍ତକରେ ପଢି ଥାଇଅଛ ଯେ ଭାରତବର୍ଷର ଅଧିବାସିମାନେ ଗୋଟିଏ ଜାତିର ନୁହନ୍ତି ; ଏବଂ ବର୍ତ୍ତମାନ ଯଦ୍ୟପି ତୁମ୍ଭେମାନେ ଆପଣାର ନିକଟବର୍ତ୍ତୀ ବ୍ୟକ୍ତିମାନଙ୍କୁ ଦେଖିବ ତେବେ ତୁମ୍ଭେମାନେ ନିଶ୍ଚୟ କରି ପାରିବ ଯେ ଯାହା କିଛି ତୁମ୍ଭେମାନେ ପଢି ଥାଇଅଛ ବାସ୍ତବରେ ସେହି ସବୁ ଯଥାର୍ଥ ଅଟେ । ଇଂରେଜମାନଙ୍କ ପରି ଇଉରୋପର ଲୋକମାନଙ୍କ ଛଡ଼ା ଆଜିକାଲି ଭାରତବର୍ଷରେ ତିନି ଜାତିର ଲୋକ ବାସ କରୁଅଛନ୍ତି; ଅର୍ଥାତ୍ ଆଦିମନିବାସୀ ଆର୍ଯ୍ୟ ଓ ଆଦିମନିବାସିମାନଙ୍କ ମିଳନରେ ଜାତ ହୋଇଥିବା ଲୋକ ଏବଂ ମୁସଲମାନ । ସେମାନଙ୍କ ଭାରତବର୍ଷକୁ ଆସି ବସତି କରିବାର ସମୟ ଉପରଲିଖିତ କ୍ରମ ଅନୁସାରେ ଅଟେ । ଆଦିମନିବାସିମାନଙ୍କ ମଧ୍ୟରେ ଅନେକ ପ୍ରକାର ଜାତିର ଲୋକ ମିଳିତ ହୋଇଅଛନ୍ତି ; ସେ ସମସ୍ତଙ୍କର ନାମ ଆଦିମନିବାସୀ

ରଖା ଯାଇଅଛି ; କାରଣ ଏ, ଇତିହାସର ଆରମ୍ଭରୁ ଏଠାରେ ଏମାନଙ୍କର ପୂର୍ବରେ କୌଣସି ଜାତିର ଲୋକ ବାସ କରୁଥିଲେ ଏହା କାହାରିକୁ ଜଣା ନାହିଁ ; ପରିଶେଷରେ ଆଦିମନିବାସିମାନେହିଁ ଭାରତବର୍ଷର ସର୍ବାପେକ୍ଷା ପ୍ରାଚୀନ ଅଧିବାସି ବୋଲି ଜଣା ଯାଉଅଛନ୍ତି । ତୁମ୍ଭେମାନେ ତୃତୀୟ ପୁସ୍ତକରେ ପଢି ସାରିଅଛ ଯେ ଖ୍ରୀ ଜନ୍ମ ପୂର୍ବ ସହସ୍ର ବର୍ଷ ହେଲା ଏମାନଙ୍କ ପୂର୍ବରୁ ଆର୍ଯ୍ୟମାନେ ହିମାଳୟ ପର୍ବତର ଘାଟିମାନଙ୍କର ମାର୍ଗ ଦେଇ ମଧ୍ୟ-ଏସିଆରୁ ଭାରତବର୍ଷରେ ଆସି ଉପଗତ ହେଲେ ; ଯେପରି ସେମାନେ ଆଗକୁ୨ ଚାଲିବାକୁ ଲାଗିଲେ ସେହିପରି ଆଦିମନିବାସିମାନଙ୍କୁ ଭାରତବର୍ଷର ଦକ୍ଷିଣ ଓ ମଧ୍ୟଭାଗସ୍ଥିତ ଅରଣ୍ୟ ଓ ପର୍ବତ ସମୂହାଭିମୁଖେ ଯିବାକୁ ପଡିଲା । କିନ୍ତୁ କେତେକ ଆର୍ଯ୍ୟ ଓ ମୂଳ ନିବାସିମାନଙ୍କର ପରସ୍ପରରେ ବିବାହ ସମ୍ବନ୍ଧ ଘଟିବାରୁ ଏକ ନୂତନ ପ୍ରକାରର ମିଶ୍ରିତ ଜାତି ସୃଷ୍ଟ ହେଲା । ଆଜିକାଲି ଭାରତବର୍ଷର ଅନେକ ଅଧିବାସୀ ସେମାନଙ୍କ ବଂଶଧର ଅଟନ୍ତି । ଭାରତବର୍ଷର ଇଂରେଜ ସାମ୍ରାଜ୍ୟର ଲୋକସଂଖ୍ୟା ୨୦ କୋଟିରୁ ଅଧିକ ଅଟେ ; ଗଣନା ଦ୍ୱାରା ଦେଖା ଯାଇଅଛି ଯେ ସେମାନଙ୍କ ମଧ୍ୟରୁ ଆଦିମ-ନିବାସି କୋଟିଏରୁ ଊଣା ଅଟନ୍ତି ; ଆର୍ଯ୍ୟ ଏଥିରୁ ମଧ୍ୟ ଅଳ୍ପ ; ଆର୍ଯ୍ୟ ଆଉ ଆଦିମନିବାସିମାନଙ୍କ ସମ୍ମିଳନରୁ ଉତ୍ପନ୍ନ ହୋଇଥିବା ଲୋକସଂଖ୍ୟା ୧୨ କୋଟିରୁ ଅଧିକ ଅଟେ । ଅବଶିଷ୍ଟ ୪ । ୫ କୋଟି ଲୋକ ମୁସଲମାନ ଅଟନ୍ତି । ଏହି ଲୋକମାନେ ମଧ୍ୟ ଆର୍ଯ୍ୟମାନଙ୍କ ପରି ଭାରତବର୍ଷକୁ ବାହା-ରରୁ ଆସିଅଛନ୍ତି । ଏମାନଙ୍କର ଆସିବାର ବାସ୍ତବରେ ସହସ୍ର ବର୍ଷରୁ ମଧ୍ୟ ଅଳ୍ପ ଅଟେ । ଏହି ପାଠରେ ଆର୍ଯ୍ୟ ଜାତି ଓ ସେମାନଙ୍କର ଧର୍ମ, ସଭ୍ୟତା ଏବଂ ସ୍ଥିତିର ବର୍ଣ୍ଣନ ଅଛି ।

ଆର୍ଯ୍ୟମାନଙ୍କ ଆଗମନ ହେତୁରୁ ଭାରତବର୍ଷର ଯେଉଁ୨ ଲାଭ ହେଲା ତାହା ସଂସ୍ଥାପିତ ଅଟେ । ଆଦିମନିବାସିମାନଙ୍କ ସଭ୍ୟତା ଅତିଶୟ ହୀନ ଅବସ୍ଥାରେ ଥିଲା । କେତେକ ସାଧାରଣ କଦର୍ଯ୍ୟ ବସ୍ତ୍ର ଛଡା ସେମାନଙ୍କୁ

କୃଷିର କଥମାତ୍ର ଜ୍ଞାନ ନ ଥିଲା । ସେମାନେ ଲେଖା ପଢ଼ା ମଧ୍ୟ ଜାଣୁ ନ ଥିଲେ । ଯଦ୍ୟପି ଏହି ସମସ୍ତ ବିଷୟ ସେମାନଙ୍କ ଉପରେ ନିର୍ଭର କରୁଛନ୍ତି ବୋଲି ଯାଇଥାନ୍ତା, କେଜାଣି କିରୂପେ ଭାରତବର୍ଷ ସଭ୍ୟତାର ଅବସ୍ଥାକୁ ଯାଇ ପାରି ଥାନ୍ତା ! ଆର୍ଯ୍ୟମାନେ ସବୁ ପ୍ରଥମେ ସେମାନଙ୍କର କପଟପକ୍ଷୀୟ ମଧ୍ୟଏସିଆର ଅଧିବାସୀ ବୋଲି କୁହାଯାନ୍ତି । ପୃଥିବୀର ସବୁଠାରୁ ପ୍ରାଚୀନ ଲୋକ ଅର୍ଥାତ୍ ୟୁରୋପ ଏବଂ ଭାରତବର୍ଷର ନିବାସୀମାନେ ଆପଣା ଉତ୍ପତ୍ତି ସେମାନଙ୍କ ବଂଶରୁ ହୋଇଥିବାର ପ୍ରକାଶ କରନ୍ତି । ସେମାନଙ୍କ ଶାରୀରିକ ଓ ମାନସିକ ଶକ୍ତି ଉନ୍ନତ ପରିମାଣରେ ଥିଲା । ସେମାନେ ଆପଣା ଭାଷାରେ ସ୍ୱୀୟ ମନୋଭାବ ସୁସ୍ପଷ୍ଟରୂପେ ବ୍ୟକ୍ତ କରି ପାରୁଥିଲେ । ପରିଶେଷରେ ସେମାନଙ୍କର ସେହି ଭାଷାରେ ଏକ ଉତ୍କୃଷ୍ଟ ସାହିତ୍ୟ ହୋଇଗଲା ।

ଆର୍ଯ୍ୟମାନେ ହିମାଳୟର ମାର୍ଗ ଦେଇ ଭାରତବର୍ଷକୁ କିରୂପେ ଆସିଲେ, ସେମାନେ ଭାରତବର୍ଷର ଆଦିମନିବାସୀମାନଙ୍କୁ କିପରି ପରାଜୟ କଲେ, ସେମାନେ କେଉଁ ପ୍ରକାରେ ପଞ୍ଜାବର ମଇଦାନମାନଙ୍କରେ ବସତି କଲେ, ଏବଂ ସେଠାରୁ ପୂର୍ବ ଓ ଦକ୍ଷିଣ ଦିଗ ଦେଇ ଶେଷରେ କିପରି ଭାରତ-ବର୍ଷର ଅନେକ ଅଂଶରେ ବ୍ୟାପ୍ତ ହୋଇଗଲେ ତୁମ୍ଭେ ପୁସ୍ତକ ପାଠରୁ ତୁମ୍ଭମାନଙ୍କର ଏଥିର ସାଧାରଣ ଜ୍ଞାନ ହୋଇ ଯାଇଥିବ ।

ସମ୍ଭବତଃ, କେହି ଏହା ସଂଶୟ କରିପାରେ ଯେ ସହସ୍ରାବ୍ଦ ବର୍ଷର ଏହି ଘଟଣାର ସତ୍ୟତା ଉପରେ ଆମ୍ଭେମାନେ କିରୂପେ ବିଶ୍ୱାସ କରିପାରୁଁ ? ଏଥିର ଉତ୍ତର ଏହା ଅଟେ ଯେ ଆମ୍ଭେମାନେ ଏସବୁ ବିଷୟ ବେଦ ମହାଭାରତ ଏବଂ ରାମାୟଣରୁ ଜ୍ଞାତ ହୋଇଅଛୁଁ । ମହାଭାରତ ଓ ରାମାୟଣ ବେଦର ଅନେକ ପରବର୍ତ୍ତୀ କାବ୍ୟ ଅଟେ ; ତେବେ ମଧ୍ୟ ଏହି କାବ୍ୟ ଦ୍ୱୟ ଅତି ପ୍ରାଚୀନ ଅଟେ । ଏହି ପାଠରେ ବେଦ ଏବଂ ତହିଁରୁ ଆମ୍ଭମାନଙ୍କୁ ଯାହା ଜଣାଅଛି ତହିଁର ବର୍ଣ୍ଣନ କରାଯିବ ।

ବେଦ ଅର୍ଥାତ୍ ପ୍ରାର୍ଥନା-ସଂଗ୍ରହ ଚାରି ଗୋଟି ଅଟେ ; ଏବଂ ଏଥିର କର୍ତ୍ତା ଋଷିମାନେ ଅଟନ୍ତି । ଏଥିମଧ୍ୟରୁ ଋଗ୍ବେଦ ସର୍ବାପେକ୍ଷା ପ୍ରଧାନ ଓ ମୁଖ୍ୟ ଅଟେ । ଏହି ବେଦ ଏଥିନିମନ୍ତେ ମୁଖ୍ୟ ବୋଲି ଜ୍ଞାନ କରାଯାଏ ଯେ ଏଥିଦ୍ୱାରା ଆମ୍ଭମାନଙ୍କୁ ଋଷିମାନଙ୍କର ଏବଂ ପ୍ରଥମ ଆର୍ଯ୍ୟ ଜାତି, ସେମାନଙ୍କର ସଭ୍ୟତା, ଆଚାର, ବ୍ୟବହାର, ରୀତିନୀତି, ଗଠନ ପଦ୍ଧତି, ସୁନ୍ଦର ରୀତି ଓ ସେମାନଙ୍କ ଧର୍ମ ଏବଂ ପ୍ରାରମ୍ଭର ଇତିହାସ ଜଣାଯାଏ ।

ଋଗ୍ବେଦ ୧୦୧୭ ଗୋଟି କ୍ଷୁଦ୍ର ୨ ସ୍ତବର ଏକ ଅଦ୍ଭୁତ ସଙ୍ଗୀତ ସଂଗ୍ରହ ଅଟେ । ଏଥିରେ ବିଶେଷତଃ ଦେବତାମାନଙ୍କର ସ୍ତୁତି ଅଛି ଏବଂ ଏଥିରେ ଦଶ ସହସ୍ରରୁ ଅଧିକ ଶ୍ଳୋକ ଅଛି । ଏହି ବେଦ କେଉଁ ସମୟରେ ରଚିତ ହୋଇଅଛି ନିଶ୍ଚୟପୂର୍ବକ କହି ନ ପାରୁଁ ; ହିନ୍ଦୁମାନେ ବୋଧ କରନ୍ତି ଏହାର ରଚନା ୫୦୦୦ ବର୍ଷ ପୂର୍ବେ ହୋଇଥିବ ମାତ୍ର ବାସ୍ତବରେ ଏହା ତିନି ସହସ୍ରରୁ ଅଧିକ ବର୍ଷ ହେଲା ରଚିତ ହୋଇଅଛି ।

ଋଗ୍ବେଦର ୧୦୧୭ ସ୍ତବ ମଧ୍ୟରୁ ପ୍ରାରମ୍ଭରେ ଥିବା ସ୍ତବମାନଙ୍କରୁ ପ୍ରକାଶ ହୁଏ ଯେ ଋଷିମାନେ ଏ ସମସ୍ତ ପର୍ଯ୍ୟନ୍ତ ଖାଇବରଘାଟିର ଉତ୍ତର ଭାଗରେ, କାବୁଲର ଉପର ଅଞ୍ଚଳରେ ଥିବା ଦେଶରେ (ଯାହାକୁ କି ବର୍ତ୍ତମାନ ଅଫଗାନିସ୍ଥାନ ବୋଲାଯାଏ) ବାସ କରୁଥିଲେ । ଶେଷରେ ଥିବା ସ୍ତବମାନଙ୍କରୁ ପ୍ରମାଣିତ ହେଉଅଛି ଯେ ସେମାନେ ଚଳି ୨ ଦକ୍ଷିଣ ଏବଂ ପୂର୍ବରେ ଗଙ୍ଗା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ ; ମଧ୍ୟସ୍ଥିତ ପ୍ରାର୍ଥନାମାନଙ୍କରୁ ସେମାନଙ୍କର କାବୁଲରୁ ଗଙ୍ଗା ପର୍ଯ୍ୟନ୍ତ ପ୍ରବାସର ପରିଚୟ କ୍ରମେ ୨ ମିଳିପାରେ । ଋଗ୍ବେଦର ଗୋଟିଏ ଭାଗରେ ଈଶ୍ୱରଙ୍କ ସ୍ତୁତି ଏହିରୂପେ ଅଛି । “ସେହି ଈଶ୍ୱର ଯାହାଙ୍କ ପ୍ରଭୁତା ତୁଷାରାବୃତ ପର୍ବତମାନଙ୍କରୁ ପ୍ରକଟିତ ହୋଇଅଛି ;” ଏଥିରୁ ଆମ୍ଭେ ଏହି ଭାବ ଗ୍ରହଣ କରୁଅଛୁଁ ଯେ ଋଷିମାନେ ଏହି ସମୟରୁ ହିମାଳୟ ପର୍ବତ ପର୍ଯ୍ୟନ୍ତ ପହଞ୍ଚିଥିଲେ, ଅଉ ଏହା ପାଖ ହୋଇଥିଲେ । ଅନ୍ୟ କୌଣସି ଭାଗରେ ସିନ୍ଧୁ ନଦୀ ମହିମାର ଏରୂପ ବର୍ଣ୍ଣନ

କରା ହୋଇଅଛି, "ଅହୋ ମାତଃ ସିନ୍ଧୁ, କଲ୍ୟାଣ ଧନ ଦାତ୍ରି ! ଆମ୍ଭର ପ୍ରାର୍ଥନା ଶ୍ରବଣ କର ଏବଂ ଆମ୍ଭର କୃଷି କ୍ଷେତ୍ରମାନଙ୍କୁ ଆପଣା ଜଳଦ୍ୱାରା ଉର୍ବରା କର ।" ଏଥିରୁ ଜଣା ଯାଉଅଛି ଯେ ଆର୍ଯ୍ୟମାନେ ଏହି ସମୟରେ ହିମାଳୟ ପାର ହୋଇ ସିନ୍ଧୁନଦୀ ଶଯ୍ୟାରେ ଆସି ବାସ କରୁ-ଥିଲେ ଏବଂ ଭୂମି କର୍ଷଣ ଓ ବୀଜ ବପନ କରୁଥିଲେ । ଶେଷ ପର୍ଯ୍ୟନ୍ତ ଆର୍ଯ୍ୟମାନେ ସର୍ବଦା ନଦୀ ଏବଂ ପର୍ବତମାନଙ୍କର ମହିମା ସ୍ତୁତି ମାନ୍ୟ କରୁଥିଲେ ଓ ସେମାନଙ୍କୁ ଆପଣା ଦେବତାମାନଙ୍କର ନିବାସ ସ୍ଥାନ ସ୍ୱୀକାର କଲେ ! ଏହିରୂପେ ମହାଭାରତରୁ, ଯାହା କି କିଛିକାଳ ପରେ ଲେଖା ହୋଇଅଛି ଓ ଯାହାର ବେଦ ସଙ୍ଗେ କିଛିମାତ୍ର ସମ୍ବନ୍ଧ ନାହିଁ, ଜଣାପଡ଼େ ଆର୍ଯ୍ୟମାନେ କିରୂପେ ପଞ୍ଜାବରେ ରହୁଥିଲେ । ସେମାନଙ୍କ ଅଯୋଧ୍ୟାରେ ରହିବା ଏବଂ ସେଠାରୁ ଦକ୍ଷିଣକୁ ବ୍ୟାପ୍ତ ହେବା ରାମାୟଣରୁ ପ୍ରମାଣିତ ହୁଏ । ବର୍ତ୍ତମାନ ତୁମ୍ଭେମାନେ ଜାଣି ପାରିଥିବ ଯେ ଯାହା କିଛି ଆମ୍ଭମାନଙ୍କୁ ଆର୍ଯ୍ୟମାନଙ୍କର ଭାରତଦେଶର ପ୍ରାଥମିକ ଇତିହାସ ମିଳିଅଛି ତାହା କେବଳ ବେଦ ଓ ଅନ୍ୟାନ୍ୟ କାବ୍ୟ ସମୂହରୁ ସଂଗୃହୀତ କରା ଯାଇଅଛି ।

କେବଳ ଏହା ନୁହେଁ ଯେ ସେଥିରୁ ଆମ୍ଭମାନଙ୍କୁ ଆର୍ଯ୍ୟମାନଙ୍କର ଇତି-ହାସ ମାତ୍ର ଜଣାଯାଏ; ମାତ୍ର ସେମାନଙ୍କର ଧର୍ମ ଏବଂ ସଭ୍ୟତାର ବର୍ଣ୍ଣ-ନା ମଧ୍ୟ ଜଣାପଡ଼େ । ପ୍ରଥମରେ କହିଅଛୁଁ ଯେ ଋଗ୍ବେଦ ଋକ୍ର ଏକ ସମୂହ ଅଟେ, ଯାହା କି ଆର୍ଯ୍ୟମାନେ ଆପଣା ଦେବତାମାନଙ୍କର ପ୍ରଶଂସାରେ କହି ଯାଇଅଛନ୍ତି; ଏଥିନିମନ୍ତେ ସେମାନଙ୍କର ଦେବତା କିଏ ଏହା ଆମ୍ଭେ ଋଗ୍ବେଦରୁ ଜାଣି ପାରୁଅଛୁଁ । ଋଗ୍ବେଦର ଗୋଟିଏ ଦେବତା ଦ୍ୟୌଃର ବା ସ୍ୱର୍ଗଦେବଙ୍କ, ଦ୍ୱିତୀୟ ବରୁଣ ଅବା ଆକାଶ ଦେବଙ୍କ, ତୃତୀୟ ଇନ୍ଦ୍ର ଅର୍ଥାତ୍ ଜଳ ବର୍ଷାଇବାର ଦେବତାଙ୍କର, ଚତୁର୍ଥ ଅଗ୍ନି ଦେବତାଙ୍କ ପ୍ରଶଂସାରେ ଲେଖା ଯାଇଅଛି; ଏହି ପ୍ରକାର ଏବଂ ଦେବତାମାନ ଅନ୍ୟ ଦେବତାମାନଙ୍କର ସ୍ତୁତିରେ କୁହା ଯାଇଅଛି । ସୂର୍ଯ୍ୟ, ବାୟୁ, ମିତ୍ର, ତେଜ,

ଓ ଚନ୍ଦ୍ରଙ୍କର ପ୍ରାର୍ଥନାରେ ମଧ୍ୟ ଭର୍ତ୍ସନା ଅଛି । ଏଥିରୁ ବୋଧ ହେଉଅଛି ଯେ ଆର୍ଯ୍ୟମାନେ ପ୍ରଥମ ସ୍ୱାଭାବିକ ଶକ୍ତିପୂଜକ ଥିଲେ ଓ ସ୍ୱାଭାବିକ ବସ୍ତୁ ସବୁର ପୂଜା କରୁଥିଲେ । ବେଦରେ କେବଳ ୩୩ ଟି ଦେବତାର ଉଲ୍ଲେଖ ଅଛି ; ଏଥି ମଧ୍ୟରୁ ୧୧ ଟି ଆକାଶରେ, ୧୧ ଟି ପୃଥିବୀରେ ଅବଶେଷ ୧୧ ଟି ବାୟୁ ମଣ୍ଡଳରେ ବାସ କରନ୍ତି ।

ଋଗ୍ବେଦରୁ ଆର୍ଯ୍ୟମାନଙ୍କର ସଭ୍ୟତାର ରହସ୍ୟ ପ୍ରକାଶ ପାଉଅଛି । ପ୍ରଥମରୁ ଜଣାପଡେ ଯେ ସେମାନଙ୍କ ମଧ୍ୟରେ ପ୍ରବଳ ଜାତିଭେଦ ନ ଥିଲା । ତଥାପି, ସେମାନଙ୍କ ମଧ୍ୟରେ ସବୁଦା ଏପରି ବ୍ୟକ୍ତି ରହି ଆସୁଥିଲେ ଯେଉଁମାନଙ୍କଠାରୁ ପୁରୋହିତ ବନାଇ, ପୂଜାର ପଦ୍ଧତିଙ୍କ କାର୍ଯ୍ୟ ନିଆ ଯାଉଥିଲା । ପ୍ରଥମରେ ସ୍ୱୟଂ ଗୃହ ସ୍ୱାମୀ ପୂଜକ, ସିପାହୀ ଓ କୃଷକର କାର୍ଯ୍ୟ କରୁଥିଲେ ; ଏବଂ ପଶ୍ଚାତ ପ୍ରଥମ ନିବାସିଙ୍କଠାରୁ ଦାସତ୍ୱର କାର୍ଯ୍ୟ ନିଆ ଯାଉଥିଲା । ମାତ୍ର କ୍ରମଶଃ ଯେଉଁପରି ଧର୍ମ୍ମସମ୍ବନ୍ଧୀୟ ଅନୁଷ୍ଠାନ, ବ୍ୟବହାରର ବୋଧ ଆଧିକ୍ୟ ବଢିବାକୁ ଲାଗିଲା ଏବଂ ଯୁଦ୍ଧ ଓ କୃଷିକାର୍ଯ୍ୟ ସମ୍ବନ୍ଧୀୟ ଶାସ୍ତ୍ରଗତ ଜ୍ଞାନରେ ବଶ ଦିବାକୁ ଲାଗିଲା ସେହିପରି ଆର୍ଯ୍ୟ ଲୋକମାନେ ଭିନ୍ନ ଜାତିରେ ବିଭକ୍ତ ହୋଇଗଲେ ଏବଂ ପୃଥକ୍ ବ୍ୟବସାୟ କରିବାକୁ ଲାଗିଲେ । ଏହିରୂପେ ବ୍ରାହ୍ମଣମାନଙ୍କର ଗୋଟିଏ ଜାତି ପୃଥକ୍ ସୃଷ୍ଟ ହେଲା, ଯେଉଁମାନଙ୍କର କାର୍ଯ୍ୟ ଧର୍ମସମ୍ବନ୍ଧୀୟ ନିୟମାନୁଯାୟୀ ଚଳିବାର ଓ ଚଳାଇବାର ହେଲା । କ୍ଷତ୍ରିୟମାନଙ୍କର ଯୁଦ୍ଧ କରିବା ଓ ବୈଶ୍ୟମାନଙ୍କର ଜମି ଜୋତିବା ଓ ବୁଣିବା ଥିଲା । ପ୍ରଥମନିବାସୀ ଓ ମିଶ୍ରିତ ଜାତି ଶୂଦ୍ର ଅବା ସାଧାରଣ ପ୍ରକାର ପରିଶ୍ରମକାରୀ କୁହାଗଲେ । ଏହି ଜାତିଭେଦ କିଛି କ୍ଷଣକରେ ହୋଇ ନ ଥିଲା ; ମାତ୍ର ଏହା ସୃଷ୍ଟି ହେବାରେ ଶତ ବର୍ଷ ଲାଗିଥିଲା । ଋଗ୍ବେଦରୁ ଅମ୍ଭମାନଙ୍କୁ ଏହା ମଧ୍ୟ ଜଣା ଯାଉଅଛି ଯେ ଆର୍ଯ୍ୟମାନେ ରଥ ଉପରେ ଆରୋହଣ କରି ଯୁଦ୍ଧ କରୁଥିଲେ ଓ ହସ୍ତି ଘୋଟକର ବ୍ୟବହାର ଉତ୍ତମରୂପେ ଅବଗତ ଥିଲେ ।

ସେମାନେ ଗ୍ରାମମାନଙ୍କରେ କୃଷକ ହୋଇ ରହୁଥିଲେ, ଗାଈ ବଳ, ଲଙ୍ଗଳ ଗୃହ ମେଷ ପୋଷୁଥିଲେ ଓ ବୁଣୁଥିଲେ । ସେମାନଙ୍କଠାରେ ଜାତ୍ ଟଙ୍କା ନ ଥିଲା ; ମାତ୍ର ଗୋମେଷାଦି ସେମାନଙ୍କର ସମ୍ପତ୍ତିରୂପେ ବିବେଚିତ ହେଉଥିଲା । ସେମାନେ ସର୍ବଦା ଶବଦାହ କରୁଥିଲେ । ହିନ୍ଦୁମାନେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ମିଶ୍ରିତ ଜାତିର ମିଳନରୁ ଉତ୍ପନ୍ନ ହୋଇଅଛନ୍ତି । ସେମାନେ କୌଣସି ପ୍ରଧାନ ବିଷୟରେ ଐକ୍ୟ ମଧ୍ୟ ଧାରଣ କରନ୍ତି । ଅତଏବ ପ୍ରଥମେ ଦେଖିଅଛୁଁ ଯେ ପୂର୍ବରେ ଆର୍ଯ୍ୟମାନଙ୍କ ମଧ୍ୟରେ ଜାତି ଭେଦ ନ ଥିଲା, କିନ୍ତୁ ଆଜିକାଲିର ହିନ୍ଦୁମାନଙ୍କ ମଧ୍ୟରେ ବର୍ତ୍ତମାନ ଅନେକାନେକ ଭେଦ ହୋଇ ଯାଇଅଛି । ଆର୍ଯ୍ୟମାନେ ଗୋମାଂସ ଭକ୍ଷଣ କରୁଥିଲେ ଏବଂ ଈଶ୍ୱରଙ୍କୁ ଅର୍ପଣ କରି ସୋମରସ ମଧ୍ୟ ପାନ କରୁଥିଲେ ; ମାତ୍ର ବର୍ତ୍ତମାନ ହିନ୍ଦୁମାନେ ଏହି ଦୁଇ ବ୍ୟବହାରକୁ ଘୃଣ୍ୟ ବୋଧ କରନ୍ତି ।

ସେହିପରି ପ୍ରାଚୀନ ଆର୍ଯ୍ୟ ଜାତି ଓ ଆଧୁନିକ ହିନ୍ଦୁ ଏବଂ ତନ୍ମଧ୍ୟରୁ ଉଚ୍ଚ ଆର୍ଯ୍ୟବଂଶସମ୍ଭୂତ କୁଳୀନ ଲୋକମାନଙ୍କର ଜୀବନାବସ୍ଥା, ଆଚାର, ବ୍ୟବହାର ପ୍ରଭୃତି ପର୍ଯ୍ୟାଲୋଚନା କରି ଦେଖିଲେ ବିଶେଷ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଅଇ ନାହିଁ ।

# ପାଠ ୭୭ ।

## ମିତ୍ରଲାଭର ଭୂମିକା ।

ଶସ୍ତ୍ରବିଦ୍ୟା ଓ ଶାସ୍ତ୍ରବିଦ୍ୟା ଏହି ଉଭୟ ବିଦ୍ୟା ମନୁଷ୍ୟର ଉତ୍କର୍ଷ ହେତୁ ଅଟେ; ତଥାପି ଶସ୍ତ୍ରବିଦ୍ୟା ବୃଦ୍ଧ କାଳରେ କେବଳ ହାସ୍ୟର କାରଣ ହୁଏ, ମାତ୍ର ଶାସ୍ତ୍ରବିଦ୍ୟା ସର୍ବଦା ଆଦରଣୀୟ । ଏଣୁକରି ବାଳକମାନଙ୍କୁ ଏହି ଗ୍ରନ୍ଥରେ ଗଳ୍ପଚ୍ଛଳରେ ନୀତି ଶିକ୍ଷା ଦିଆ ଯାଉଅଛି ।

ଭାଗିରଥୀ ତୀରରେ ପାଟଳିପୁତ୍ର ନାମଧେୟ ନଗର ଅଛି । ସେଠାରେ ସର୍ବ-ସ୍ୱାମିଗୁଣ-ବିଶିଷ୍ଟ ସୁଦର୍ଶନ ନାମରେ ରାଜା ବାସ କରନ୍ତି । ସେ ରାଜା କୌଣସି ସମୟରେ କାହାରିକୁ ଶ୍ଲୋକଦ୍ୱୟ ପାଠ କରିବାର ଶୁଣିଲେ । ସେହି ଶ୍ଲୋକର ଅର୍ଥ ଏହି; ଅନେକ ସଂଶୟ ଛେଦକ ଅଉ ଗୁପ୍ତ ବିଷୟରେ ଦର୍ଶକ ଯେଉଁ ଶାସ୍ତ୍ର, ସେ ସମସ୍ତଙ୍କର ଚକ୍ଷୁ ତୁଲ୍ୟ, ଯାହାଠାରେ ତାହା ନାହିଁ ସେ ଅନ୍ଧ । ପୁଣି ଯୌବନ, ଧନ ସମ୍ପତ୍ତି, ପ୍ରଭୁତ୍ୱ, ଅବିବେକତା, ଏହି ଚାରିଙ୍କ ମଧ୍ୟରୁ ପ୍ରତ୍ୟେକହିଁ ଅନର୍ଥର କାରଣ, ତେବେ ଯେଉଁ ସ୍ଥଳରେ ଏ ଚତୁଷ୍ଟୟ ମିଳନ୍ତି ସେହି ସ୍ଥଳରେ ନିଶ୍ଚୟ ଅନର୍ଥ ହୋଇ ପାରେ ।

ଏହି ଶ୍ଲୋକ ଶୁଣି ସେ ରାଜା ଅଜ୍ଞାତ-ଶାସ୍ତ୍ର ଅଉ ସର୍ବଦା କୁପଥଗାମୀ ଆପଣା ପୁତ୍ରମାନଙ୍କୁ ଶାସ୍ତ୍ର ଶିକ୍ଷା କରାଇବା ବିଷୟରେ ଉଦ୍ବିଗ୍ନ ଚିତ୍ତରେ ଏହି ପ୍ରକାର ଚିନ୍ତା କଲେ କି ଯେଉଁ ପୁତ୍ର ବିଦ୍ୱାନ୍ ନୁହେ ଅଉ ଧାର୍ମିକ ନୁହେ ଏତାଦୃଶ ପୁତ୍ରରେ କି ଶ୍ରେୟଃ? ଯେରୂପେ କାଣ ବ୍ୟକ୍ତିର ଚକ୍ଷୁ ନିଷ୍ପ୍ରୟୋଜନୀୟ ଓ କେବଳ ପୀଡ଼ାର କାରଣ ହୁଏ ସେ ପୁତ୍ର ମଧ୍ୟ ତଦ୍ରୂପ ଅଟେ ।

ଅଜାତ, ମୃତ ଓ ମୂର୍ଖ ଏମାନଙ୍କ ମଧ୍ୟରୁ ଆଦ୍ୟଦ୍ୱୟ ଭଲ, ମାତ୍ର ଅନ୍ତିମଟି ନୁହେଁ; କାରଣ କି ଆଦ୍ୟଦ୍ୱୟ କେବଳ ଥରେମାତ୍ର ଦୁଃଖଦାୟକ

ହୁଅନ୍ତି, କିନ୍ତୁ ଅନ୍ଧମାନଙ୍କ ପକ୍ଷେ ଦୁଃଖ ହୁଏ । ବରଂ ଏକ ଗୁଣୀପୁତ୍ର ଶତ ମୂର୍ଖ ପୁତ୍ରଙ୍କଠାରୁ ଅଧିକ ଭଲ, ଯେହେତୁ ଏକମାତ୍ର ଚନ୍ଦ୍ର ଅନ୍ଧକାର ନାଶ କରେ ମାତ୍ର ଅନେକ ତାରା ତାହା କରି ପାରନ୍ତି ନାହିଁ ।

ଉଦ୍ୟୋଗୀ ପୁରୁଷଙ୍କୁ ଲକ୍ଷ୍ମୀ ମିଳେ; "ଅଦୃଷ୍ଟ ହେଉଛି ମୁଖ୍ୟ" ଏହା ଅନୁଦ୍ୟୋଗୀ ଲୋକେ କହନ୍ତି । ଅତଏବ ଅଦୃଷ୍ଟକୁ ନ ମାନି ଆପଣା ଶକ୍ତ୍ୟନୁସାରେ ପୁରୁଷାର୍ଥ ପ୍ରକାଶ କର । ଯତ୍ନ କଲେ ଯଦ୍ୟପି କାର୍ଯ୍ୟ ସିଦ୍ଧ ନ ହୁଏ ତେବେ କି ଦୋଷ ?

ପୁନର୍ବାର କଥିତ ଅଛି କି ଯେ ପିତା ମାତା ଆପଣା ବାଳକଙ୍କୁ ନ ପଢ଼ାନ୍ତି ସେ ପିତା ବୈରୀ ଓ ସେ ମାତା ଶତ୍ରୁ; ଯେପରି ହଂସ ମଧ୍ୟରେ ବକ ଶୋଭା ପାଏ ନାହିଁ ସେହିପରି ସେହି ବାଳକ ସଭା ମଧ୍ୟରେ ଶୋଭା ପାଏ ନାହିଁ ।

ଏତାଦୃଶ ଚିନ୍ତା କରି ଉକ୍ତ ରାଜା ପଣ୍ଡିତ-ସଭା କରାଇଲେ । ଅନନ୍ତର ରାଜା କହିଲେ, "ହେ ପଣ୍ଡିତମାନେ ! ଆମ୍ଭ ବାକ୍ୟ ଶ୍ରବଣ କରନ୍ତୁ ; ନିତ୍ୟ ଉତ୍ପଥଗାମୀ ଓ ଅପଠିତ ଶାସ୍ତ୍ର ଆମ୍ଭର ପୁତ୍ରମାନଙ୍କୁ ବର୍ତ୍ତମାନ ନୀତିଶାସ୍ତ୍ରୋପଦେଶ ଦେଇ ପୁନର୍ଜନ୍ମ କରାଇବାକୁ ସମର୍ଥ କେହି ପଣ୍ଡିତ ଅଛନ୍ତି ?" ଏହା ଶୁଣି ବୃହସ୍ପତି ତୁଲ୍ୟ ସକଳ ନୀତିଶାସ୍ତ୍ରଜ୍ଞାତା ବିଷ୍ଣୁଶର୍ମା ନାମରେ ଜଣେ ପଣ୍ଡିତ କହିଲେ, ହେ ମହାରାଜ ! ଏହି ରାଜପୁତ୍ରମାନେ ସତ୍କୁଳ ଜାତ, ଏ ହେତୁରୁ ଆମ୍ଭେ ସେମାନଙ୍କୁ ନୀତି-ଶାସ୍ତ୍ରଶିକ୍ଷା ଷଣ୍ମାସ ମଧ୍ୟରେ କରାଇବୁଁ ।

ରାଜା ପୁନର୍ବାର ସବିନୟପୂର୍ବକ କହିଲେ, ଆମ୍ଭର ଏହି ପୁତ୍ରମାନଙ୍କୁ ନୀତିଶାସ୍ତ୍ର ଉପଦେଶ ନିମନ୍ତେ ଆପଣ ପ୍ରମାଣ ହୁଅନ୍ତୁ ; ଏହା କହି ରାଜା ବିଷ୍ଣୁଶର୍ମାଙ୍କୁ ବହୁତ ସମ୍ମାନ କରି ସ୍ୱପୁତ୍ରମାନଙ୍କୁ ତାଙ୍କ ନିକଟରେ ସମର୍ପଣ କଲେ ।

ଅନନ୍ତର ଅଟ୍ଟାଳିକା ଉପରେ ସୁଖରେ ଉପବିଷ୍ଟ ରାଜପୁତ୍ରମାନଙ୍କୁ ପ୍ରସ୍ତାବକ୍ରମରେ ଉକ୍ତ ପଣ୍ଡିତ କହିଲେ ; ହେ ରାଜପୁତ୍ରମାନେ ! କାବ୍ୟଶାସ୍ତ୍ର ଆମୋଦରେ ଜ୍ଞାନି ଲୋକଙ୍କର କାଳକ୍ଷେପ ହୁଏ ; ବ୍ୟସନ, ନିଦ୍ରା ଓ କଳ-

ଆଦରରେ ମୂର୍ଖମାନେ କାଳଯାପନ କରନ୍ତି । ଅତଏବ ତୁମ୍ଭମାନଙ୍କ ମନୋରଞ୍ଜନ ସକାଶେ କାକ କୂର୍ମାଦିଙ୍କର ବିଚିତ୍ର କଥା କହିବୁଁ । ରାଜପୁତ୍ରମାନେ କହିଲେ, କହିବା ହେଉନ୍ତୁ । ବିଷ୍ଣୁଶର୍ମା କହୁଅଛନ୍ତି ହେ ରାଜପୁତ୍ରମାନେ ଶ୍ରବଣ କର, ପ୍ରଥମ ମିତ୍ରଲାଭର ପ୍ରସ୍ତାବ କରିବୁଁ ।

---

## ପାଠ ୭୮ ।

## ମିତ୍ରଲାଭ, ୧ମ ଭାଗ ।

ଗୋଦାବରୀ ତୀରରେ ଗୋଟାଏ ବୃହତ୍ ଶାଲ୍ମଳୀ ବୃକ୍ଷ ଥାଏ ଏବଂ ପକ୍ଷିମାନେ ନାନାଦିଗ୍-ଦେଶରୁ ଆସି ରାତ୍ରିକାଳରେ ସେହି ବୃକ୍ଷରେ ବାସ କରନ୍ତି । ଅନନ୍ତର କଦାଚିତ୍ ରାତ୍ରି ଅବସନ୍ନା ହୁଅନ୍ତେ କୁମୁଦିନୀ-ନାୟକ ଚନ୍ଦ୍ର ଅସ୍ତ ହେଲାଅନ୍ତରୁ ଲଘୁପତନକ ନାମରେ ଗୋଟାଏ କାକ ଜାଗ୍ରତ ହୋଇ ଦେଖିଲା, ଦ୍ୱିତୀୟ ଯମତୁଲ୍ୟ ଜଣେ ବ୍ୟାଧ ଭ୍ରମଣ କରୁ-ଅଛି । ସେ ତାହାକୁ ଦେଖି ଏହି ପ୍ରକାର ଚିନ୍ତା କଲା, ଆଜ ପ୍ରାତଃ-କାଳରେ ଅମଙ୍ଗଳ ଦର୍ଶନ ହୋଇଅଛି; ନ ଜାଣୁଁ କି ଅନିଷ୍ଟ ଘଟିବ ! ଏହା କହି ବ୍ୟାକୁଳ ଚିତ୍ତରେ ବ୍ୟାଧର ପଶ୍ଚାଦ୍ଗମନ କଲା ।

ତହିଁରେ ସେହି ବ୍ୟାଧ ତଣ୍ଡୁଳ କଣା ବୁଣି ଜାଲ ବିସ୍ତାରି କରି ଆଡେ ଲୁଚି ରହିଲା । ଏହି ସମୟରେ ଆପଣା ପରିବାର ସହିତ ଚିତ୍ରଗ୍ରୀବ ନାମକ କପୋତରାଜ ଆକାଶରେ ବିହରଣ କରୁଁ, ସେହି ତଣ୍ଡୁଳ କଣା ଦେଖିଲା । ଅନନ୍ତର କପୋତରାଜ ତଣ୍ଡୁଳକଣା ଲୋଭୀ କପୋତମାନଙ୍କୁ କହିଲା; ଏହି ନିର୍ଜନ ବନରେ ତଣ୍ଡୁଳ କିପରି ପଡ଼ିଅଛି ଏହା ପ୍ରଥମେ ନିରୂପଣ

କର; ଏ ସ୍ଥଳରେ ମଙ୍ଗଳ ଦେଖୁ ନାହିଁ । ଏହି ତଣ୍ଡୁଳ ଲୋଭରେ ଆମ୍ଭ-ମାନଙ୍କର ପ୍ରାୟ ସେପରି ହେବ, ଯେପରି କଙ୍କଣ ଲୋଭରେ ସୁଦୁସ୍ତର ପଙ୍କରେ ମଗ୍ନ ପଥିକ ବୃଦ୍ଧ ବ୍ୟାଘ୍ରଦ୍ୱାରା ଭକ୍ଷିତ ହେଲା । କପୋତମାନେ କହିଲେ ସେ କିପ୍ରକାର ? ତଦୁତ୍ତରରେ ଚିତ୍ରଗ୍ରୀବ କହୁଅଛି ।

ଆମ୍ଭେ ଏକ ସମୟରେ ଦକ୍ଷିଣାରଣ୍ୟରେ ଭ୍ରମଣ କରୁଁ ’ ଦେଖିଲୁଁ, ଏକ ପୁଷ୍କରିଣୀ ତୀରରେ ଗୋଟାଏ ବୃଦ୍ଧ ବ୍ୟାଘ୍ର ସ୍ନାନ କରି କୁଶହସ୍ତ ହୋଇ କହୁଅଛି, ହେ ପଥିକମାନେ ! ଏହି ସୁବର୍ଣ୍ଣ କଙ୍କଣ ଗ୍ରହଣ କର । ତାହାର କଥା ଶୁଣି ଭୟରେ ତାହା ନିକଟକୁ କେହି ଯାଉ ନାହାନ୍ତି । ତହିଁ ଉତ୍ତାରୁ କୌଣସି ଲୋଭୀ ପଥିକ ମନରେ ବିଚାରିଲା, ଭାଗ୍ୟରେ ଥିଲେ ଏତାଦୃଶ ଲାଭ ହୁଏ; ମାତ୍ର ଏ ପ୍ରାଣର ସନ୍ଦେହସ୍ଥଳ ଅଟେ, ଅତଏବ ଏଥିରେ ପ୍ରବୃତ୍ତ ହେବା ଉଚିତ ନୁହେ । କାରଣ କି ଅନିଷ୍ଟରୁ ଇଷ୍ଟଲାଭରେ ଶୁଭା ମଙ୍ଗଳ ଜନ୍ମେ ନାହିଁ ।

କିନ୍ତୁ ଧନ ଉପାର୍ଜନ ବିଷୟରେ ପ୍ରବୃତ୍ତି ସର୍ବଦା ସନ୍ଦେହଯୁକ୍ତ ; କଥିତ ଅଛି ଯେ ମନୁଷ୍ୟ ସଂଶୟଯୁକ୍ତ ନୋହିଲେ ମଙ୍ଗଳ ଦେଖେ ନାହିଁ, ମାତ୍ର ସଂଶୟଯୁକ୍ତ ଲୋକ ଯେବେ ବଞ୍ଚେ ତେବେ ମଙ୍ଗଳ ଦେଖଇ; ଅତଏବ ତାହା ପ୍ରଥମେ ସ୍ଥିର କରିବା । ତଦନନ୍ତର ପଥିକ ପ୍ରକାଶ କରି କହୁଅଛି, ତୁମ୍ଭର କଙ୍କଣ କାହିଁ ? ବ୍ୟାଘ୍ର ହସ୍ତ ଟେକି କରି ଦେଖାଇଲା । ତହିଁରେ ପଥିକ କହିଲା, ତୁ ହିଂସ୍ରଜନ୍ତୁ, ତୋଠାରେ କିପରି ବିଶ୍ୱାସ ହେବ ? ବ୍ୟାଘ୍ର କହିଲା ଶୁଣରେ ପଥିକ, ପୂର୍ବ କାଳରେ ଯୌବନାବସ୍ଥାରେ ମୁଁ ଅତି ଦୁର୍ବୃତ୍ତ ଥିଲି; ଅନେକ ଗୋରୁ, ମନୁଷ୍ୟ ମାରିବାରେ ମୋହର ସ୍ତ୍ରୀ ପୁତ୍ରମାନେ ମରିଗଲେ, ଅତଏବ ବଂଶହୀନ ହୋଇଅଛି । ତହିଁରେ ଜଣେ ଧାର୍ମିକ ଲୋକ ମୋତେ କହିଲେ, ତୁ ଦାନଧର୍ମାଦି ଆଚରଣ କର । ସେହି ଉପଦେଶ ହେତୁରୁ ଏବେ ମୁଁ ସ୍ନାନଶୀଳୀ ଏବଂ ଦାତା ହୋଇଅଛି । ବୃଦ୍ଧ, ଗଳିତ-ନଖଦନ୍ତ, ମୁଁ କାହିଁ ପାଇଁ ବିଶ୍ୱାସପାତ୍ର ହେବି ନାହିଁ ?

ମୁଁ ଏମନ୍ତ ନିର୍ଲୋଭ ହୋଇଅଛି ଯେ ଆପଣା ହସ୍ତସ୍ଥିତ ସୁବର୍ଣ୍ଣ କଙ୍କଣ ଅନ୍ୟ ଲୋକଙ୍କୁ ଦେବାକୁ ଇଚ୍ଛା କରୁଅଛି । ତଥାପି ବ୍ୟାଘ୍ର ମନୁଷ୍ୟ ଖାଏ, ଏହି ଅପବାଦ ମନୁଷ୍ୟମାନଙ୍କ ମଧ୍ୟରେ ଅଛି, ତାହା ନିବାରଣ କରି ଯାଇ ନ ପାରେ । ମୁଁ ମଧ୍ୟ ଧର୍ମଶାସ୍ତ୍ର ପଢ଼ିଅଛି, ଶୁଣ, ଯେମନ୍ତ ଆପଣା ପ୍ରାଣ ଇଷ୍ଟ, ତେମନ୍ତ ସକଳ ଜୀବଙ୍କର ପ୍ରାଣ ଇଷ୍ଟ ଅଟେ । ଏହି କାରଣରୁ ସାଧୁମାନେ ସକଳ ଜୀବଠାରେ ଆତ୍ମବତ୍ ଦୟା କରନ୍ତି, ଏବଂ ଯେଉଁ ଲୋକ ପରସ୍ତ୍ରୀକୁ ମାତୃତୁଲ୍ୟ, ପରଦ୍ରବ୍ୟକୁ ମୃତ୍ପିଣ୍ଡ ସମାନ, ସକଳ ଜୀବଙ୍କୁ ଆପଣା-ପରି ଦେଖେ ସେହି ପଣ୍ଡିତ ଅଟେ । ତୁମ୍ଭେ ଅତି ଦରିଦ୍ର, ଏ ହେତୁରୁ ତୁମ୍ଭଙ୍କୁ ଦେବା ଲାଗି ମୁଁ ଉତ୍ସୁକ ଅଛି, ଅତଏବ ତୁମ୍ଭେ ଏହି ସରୋବରରେ ସ୍ନାନ କରି ସୁବର୍ଣ୍ଣ କଙ୍କଣ ଗ୍ରହଣ କର । ଅନନ୍ତର ପଥିକ ତାହା ବାକ୍ୟରେ ପ୍ରତ୍ୟୟ କରି ଲୋଭଯୁକ୍ତ ହୋଇ ସ୍ନାନ କରିବା ଲାଗି ସରୋବରକୁ ଗଲାରୁ ମହାପଙ୍କରେ ମଗ୍ନ ହୋଇ ପଳାଇବାକୁ ଅସମର୍ଥ ହେଲା । ତେତେବେଳେ ବ୍ୟାଘ୍ର ତାହାକୁ ପଙ୍କରେ ପଡ଼ିବାର ଦେଖି କହିଲା, ହାୟ, ହାୟ !! ମହା-ପଙ୍କରେ ପଡ଼ିଗଲ, ମୁଁ ତୁମ୍ଭଙ୍କୁ ଉଠାଇ ଆଣିବି । ଏହା କହି ସେ ବ୍ୟାଘ୍ର ମନ୍ଦ ୨ ହୋଇ ନିକଟକୁ ଯାଇ ତାକୁ ଧରିଲା, ତେତେବେଳେ ସେହି ପଥିକ ଏହି ପ୍ରକାର ଚିନ୍ତା କଲା; ଦୁରାତ୍ମାର ଧର୍ମଶାସ୍ତ୍ର ପାଠ ଓ ବେଦାଧ୍ୟୟନ ଧାର୍ମିକ ହେବାର କାରଣ ନୁହେ, କିନ୍ତୁ ଏହି ବିଷୟରେ ସ୍ୱଭାବ ପ୍ରବଳ ହୁଏ, ଯେରୂପ ଗୋଦୁଗ୍ଧ ସ୍ୱଭାବରେ ମଧୁର ଅଟେ ।

ଏବଂ ଯାହାର ମନ ଓ ଇନ୍ଦ୍ରିୟ ଅବଶୀଭୂତ ସେମାନଙ୍କ କ୍ରିୟା ହସ୍ତିର ସ୍ନାନ ସଦୃଶ, ପୁଣି କୁରୂପା ସ୍ତ୍ରୀର ଅଳଙ୍କାର ତୁଲ୍ୟ ଧର୍ମାନୁଷ୍ଠାନ ବ୍ୟତିରେକେ ଜ୍ଞାନ କେବଳ ଭାର ଅଟେ, ଅତଏବ ମାରାତ୍ମକ ବ୍ୟାଘ୍ରଠାରେ ବିଶ୍ୱାସ କରି ଭଲ କାର୍ଯ୍ୟ କରି ନାହିଁ । ଅନ୍ୟତ୍ର ମଧ୍ୟ କଥିତ ଅଛି:—

ଶୃଙ୍ଗଧାରୀ, ନଦୀ, ନଖଧାରୀ, ଶସ୍ତ୍ରଧାରୀ ଓ ରାଜକୁଳ ଏହି ସମସ୍ତଙ୍କ-ଠାରେ ବିଶ୍ୱାସ କର୍ତ୍ତବ୍ୟ ନୁହେ । ପୁନଶ୍ଚ ସମସ୍ତଙ୍କର ସ୍ୱଭାବ ଅବଶ୍ୟ

ପ୍ରଶଂସା କରନ୍ତି, ଅନ୍ୟ ଗୁଣ ପ୍ରଶଂସା କରନ୍ତି ନାହିଁ ; କାରଣ ବୁଦ୍ଧି ସକଳ ଗୁଣଙ୍କୁ ଅତିକ୍ରମ କରି ମସ୍ତକରେ ଥାଏ ; ଏହି ପ୍ରକାର ଚିନ୍ତା କରୁଁ / ସେହି ପଥିକ ବ୍ୟାଘ୍ରଦ୍ୱାରା ଧୃତ ଓ ଭକ୍ଷିତ ହେଲା । ଅତଏବ ସର୍ବଦା ଅବିମୃଷ୍ଟ କର୍ମ କରିବାର ଉଚିତ ନୁହଇ । ଏହା ଶୁଣି କୌଣସି କପୋତ ଦର୍ପ କରି କହିଲା, ଆଃ ଏ କି କହୁଅଛ ? ବିପତ୍କାଳ ଉପସ୍ଥିତ ହେଲେ ବୃଦ୍ଧ ଲୋକଙ୍କ ପରାମର୍ଶ ଗ୍ରାହ୍ୟ ହୁଏ, ମାତ୍ର ଭୋଜନାଦି ବିଷୟରେ ଗ୍ରାହ୍ୟ ନୁହେ, ଏହା ଶୁଣି ସବୁ କପୋତ ସେ ସ୍ଥାନରେ ଉପବିଷ୍ଟ ହେଲେ ।

ଏଥିଉତ୍ତାରୁ ସମସ୍ତ କପୋତ ଜାଲରେ ଧରାଯାନ୍ତେ ଯାହା ବାକ୍ୟରେ ସେଠାରେ ପହଞ୍ଚି ଥିଲେ ତାଙ୍କୁ ସମସ୍ତେ ତିରସ୍କାର କଲେ । ଏଣୁ କଥିତ ଅଛି "ବ୍ୟସ୍ତର କାର୍ଯ୍ୟ ନ କଲେ ପରେ ଅନୁତାପ କରିବାକୁ ପଡ଼େ ।"

---

## ୬୯ ପାଠ ।

## ମିତ୍ରଲାଭ, ୬ଷ୍ଠ ଭାଗ ।

ଚିତ୍ରଗ୍ରୀବ କହିଲା, ଏ ଦୋଷ ଏହାଙ୍କର ନୁହେ । କାରଣ ମାତୃଜଙ୍ଘା ବତ୍ସର ବନ୍ଧନ ସ୍ତମ୍ଭ ହେଲା ପ୍ରାୟେ ଆପଦ ପଡ଼ିଲାବେଳେ ହିତକାରୀ ସୁଦ୍ଧା ଆପଦର ହେତୁ ହୋଇ ଉଠେ । ପ୍ରକାର ବିପଦଗ୍ରସ୍ତ ଲୋକଙ୍କୁ ଆପଦରୁ ଉଦ୍ଧାର କରିବାକୁ ଯେ ଯୋଗ୍ୟ ସେହିଁ ବନ୍ଧୁ, ମାତ୍ର ଯେ ଭୀତ ଲୋକର ପରିତ୍ରାଣ ଉପାୟ ନ କରି ତାହାଙ୍କୁ ତିରସ୍କାର କରିବାରେ ପଣ୍ଡିତ ସେ ବନ୍ଧୁ ନୁହେ ।

ବିପତ୍କାଳରେ ସ୍ତବ୍ଧ ହେବା କାପୁରୁଷର ଲକ୍ଷଣ ଅଟେ, ଅତଏବ

ଏତେବେଳେ ଧୈର୍ଯ୍ୟଶୀଳ ହୋଇ ଉପାୟ ଚିନ୍ତା କର । ଯେହେତୁ ଆପତ୍କାଳରେ ଧୈର୍ଯ୍ୟ, ବୃଦ୍ଧି କାଳରେ କ୍ଷମା, ସଭାରେ ବାକ୍ୟର ନିପୁଣତା, ଯୁଦ୍ଧରେ ବଳ, ଯଶଃରେ ଅଭିରୁଚି, ଶାସ୍ତ୍ର ପାଠରେ ଆସକ୍ତି, ଏହି ସକଳ ଲକ୍ଷଣ ଉତ୍ତମ ଲୋକଙ୍କର ପ୍ରକୃତିସିଦ୍ଧ ଅଟେ । ଯେ ସମ୍ପଦ କାଳରେ ଅହ୍ଲାଦିତ ହୁଏ ନାହିଁ ବା ଆପଦ କାଳରେ ଦୁଃଖିତ ହୁଏ ନାହିଁ ଓ ଯୁଦ୍ଧରେ ଧୈର୍ଯ୍ୟ ପ୍ରକାଶ କରେ ଏତାଦୃଶ ତ୍ରିଭୁବନଶ୍ରେଷ୍ଠ ପୁତ୍ରକୁ ଯେ ଜନ୍ମାଇ ଥାଏ, ଏପ୍ରକାର ସ୍ତ୍ରୀ ମିଳେ ନାହିଁ । କିନ୍ତୁ ନିଦ୍ରା, ତନ୍ଦ୍ରା, ଭୟ, କ୍ରୋଧ, ଆଳସ୍ୟ, ଦୀର୍ଘସୂତ୍ରତା (ଅର୍ଥାତ୍ ଅଳ୍ପକାଳ ସାଧ୍ୟକ୍ରିୟା ବହୁକାଳରେ କରିବାର) ଏ ଛଅ ଦୋଷକୁ ଐଶ୍ୱର୍ଯ୍ୟାଭିଳାଷୀ ଅବଶ୍ୟ ପରିତ୍ୟାଗ କରିବେ । ଅତଏବ ଏହିକ୍ଷଣି ଏହା କର, ସମସ୍ତେ ଏକମନା ହୋଇ ଜାଲ ନେଇ ଉଡ଼; ଯେହେତୁ କ୍ଷୁଦ୍ର ବସ୍ତୁର ମିଳନରେ କାର୍ଯ୍ୟ ସିଦ୍ଧ ହୋଇ-ପାରେ । କାରଣ ତୃଣକୁ ଏକତ୍ର କଲେ ତହିଁରେ ମତ୍ତହସ୍ତୀ ମଧ୍ୟ ବନ୍ଧା ଯାଇ ପାରନ୍ତି ।

ଏହି ପ୍ରକାର ବଚନର ଉପର ସମସ୍ତ ପକ୍ଷୀମାନେ ଜାଲ ନେଇ ଉର୍ଦ୍ଧ୍ୱକୁ ଉଡ଼ିଲେ । ତହିଁରେ ସେ ବ୍ୟାଧ ଅତି ଦୂରରୁ ଜାଲର ଅପହାରକ କପୋତମାନଙ୍କୁ ଦେଖି ସେମାନଙ୍କ ପଛାରୁ ଧାବମାନ ହୋଇ ଏହି ଭାବନା କଲା, ଏହି କପୋତମାନେ ଏକମେଳ ହୋଇ ଆମ୍ଭ ଜାଲ ହରଣ କରୁଅଛନ୍ତି; କିନ୍ତୁ ଯେତେବେଳେ ଭୂମିରେ ଓହ୍ଲାଇବେ ତେତେ-ବେଳେ ଆମ୍ଭର ଅଧୀନ ହେବେ । ମାତ୍ର କିଛି କାଳାନ୍ତର କପୋତମାନେ ବ୍ୟାଧ ଚକ୍ଷୁରୁ ଅଦୃଶ୍ୟ ହୋଇ ଗଲେ, ବ୍ୟାଧ ଆସିବାରୁ ନିବୃତ୍ତ ହେଲା ।

ତହିଁରେ ବ୍ୟାଧକୁ ନିବୃତ୍ତ ଦେଖି କପୋତମାନେ କହିଲେ, ଏତେବେଳେ କି କର୍ତ୍ତବ୍ୟ ? ଚିତ୍ରଗ୍ରୀବ କହିଲା, ମାତା, ପିତା, ମିତ୍ର ଏହି ତିନି ଜଣ ସ୍ୱଭାବରେ ହିତକାଂକ୍ଷୀ ହୁଅନ୍ତି ଏବଂ କାର୍ଯ୍ୟ କାରଣ ଦ୍ୱାରା ଅନ୍ୟ ଲୋକ ମଧ୍ୟ ହିତକାଂକ୍ଷୀ ହୁଅନ୍ତି । ଅତଏବ ଆମ୍ଭମାନଙ୍କର ମିତ୍ର ହିରଣ୍ୟକ ମୂଷିକମାନଙ୍କ

ଥିଲା । ସେ ଚିତ୍ରବନରେ ଗଣ୍ଡକୀ ନଦୀ ତୀରରେ ବାସ କରେ । ସେ ଆମ୍ଭମାନଙ୍କ ପାଶଚ୍ଛେଦନ କରିବ । ଏହି ଅଭିପ୍ରାୟରେ ସମସ୍ତେ ହିରଣ୍ୟକର ଗର୍ତ୍ତ ସମୀପରେ ଉପସ୍ଥିତ ହେଲେ । ସେ ହିରଣ୍ୟକ ସର୍ବଦା ଉପଦ୍ରବ ଭୟରେ ଶତଦ୍ୱାରବିଶିଷ୍ଟ ଗର୍ତ୍ତ କରି ତନ୍ମଧ୍ୟରେ ବାସ କରୁଥାଏ । ଅନନ୍ତର ହିରଣ୍ୟକ କପୋତମାନଙ୍କ ଉଚ୍ଚାଳିବା ଶବ୍ଦଶ୍ରବଣ ଭୀତ ହେବାରୁ ସ୍ତିମିତ ହୋଇ ରହିଲା । ତହିଁରେ ଚିତ୍ରଗ୍ରୀବ କହିଲା, ହେ ମିତ୍ର ହିରଣ୍ୟକ, କିମ୍ପା ଆମ୍ଭମାନଙ୍କ ସଙ୍ଗେ କଥାବାର୍ତ୍ତା କରୁନାହିଁ ? ତଦୁତ୍ତରରେ ହିରଣ୍ୟକ ତାଙ୍କର ବାକ୍ୟ ଚିହ୍ନି ଶୀଘ୍ର ବାହାରି ହୋଇ ବୋଇଲା, ଅଃ ଆମ୍ଭର ଭାଗ୍ୟ ଯେ ଆମ୍ଭର ଅତିପ୍ରିୟ ଚିତ୍ରଗ୍ରୀବ ଆସିଅଛନ୍ତି । କିମ୍ପା ଯେ ବନ୍ଧୁ ସଙ୍ଗେ ଯାହାର ସମ୍ଭାଷଣ, ସଂସ୍ଥିତି ଆଉ ଆଳାପ ହୁଏ ତାହାଠାରୁ ପୁଣ୍ୟ-ବାନ୍ ଅଧିକ ଭାଗ୍ୟବାନ୍ ଲୋକ ଆଉ କେହି ନାହିଁ । ଅନନ୍ତର କପୋତମାନଙ୍କୁ ଜାଲରେ ବଦ୍ଧ ଦେଖି ବିସ୍ମୟଯୁକ୍ତ ହୋଇ କ୍ଷଣମାତ୍ର ସ୍ତିମିତ ହୋଇ କହିଲା ସଖେ ! ଏ କି ? ଚିତ୍ର-ଗ୍ରୀବ କହିଲା ହେ ମିତ୍ର, ଏହା ଆମ୍ଭ ପୂର୍ବଜନ୍ମ କୃତ କର୍ମର ଫଳ ଅଟେ ; ରୋଗ, ଶୋକ, ତାପ, ବନ୍ଧନ, ବ୍ୟସନ, ଏମାନେ ଆମ୍ଭମାନଙ୍କର ନିଜକୃତ ଅପରାଧବୃକ୍ଷର ଫଳ ଅଟନ୍ତି । ତହିଁରେ ମୂଷା ଚିତ୍ର-ଗ୍ରୀବର ବନ୍ଧନ କାଟିବାକୁ ଶୀଘ୍ର ଯିବାରୁ ଚିତ୍ର-ଗ୍ରୀବ କହିଲା, ହେ ମିତ୍ର, ସେପରି କର ନାହିଁ, ଆମ୍ଭର ଆଶ୍ରିତ ଏହି କପୋତ-ମାନଙ୍କ ବନ୍ଧନ ଆଗେ ଛେଦନ କର, ପଶ୍ଚାତ୍ ଆମ୍ଭର ଛେଦନ କରିବ । ହିରଣ୍ୟକ କହିଲା, ଆମ୍ଭର ଶକ୍ତି ଅଳ୍ପମାତ୍ର ଆଉ ଦନ୍ତ କୋମଳ, ଏ ହେତୁରୁ ଏ ସମସ୍ତଙ୍କ ବନ୍ଧନ କିପରି ଛେଦନ କରିବୁଁ, ଏଣୁ ଆମ୍ଭ ଦନ୍ତ ଭଗ୍ନ ନୋହୁଣୁ ତୁମ୍ଭ ପାଶଚ୍ଛେଦନ କରୁଁ ତହିଁରେ ଶକ୍ତି ଥିବା ପର୍ଯ୍ୟନ୍ତ ଏ ସମସ୍ତଙ୍କର ଛେଦନ କରିବୁଁ । ଚିତ୍ର-ଗ୍ରୀବ କହିଲା ତାହା ହେଉ, ତଥାପି ଯଥାଶକ୍ତି ଏମାନଙ୍କ ବନ୍ଧନ କାଟ । ହିରଣ୍ୟକ କହିଲା, ଆପଣାକୁ

ପରିତ୍ୟାଗ କରି ଆଶ୍ରିତ ଲୋକଙ୍କୁ ରକ୍ଷା କରିବାର ମାଢଙ୍କ ଲୋକଙ୍କ ସମ୍ମତ ନୁହଇ ।

ଚିତ୍ର-ଗ୍ରୀବ କହିଲା, ହେ ମିତ୍ର ହିରଣ୍ୟକ, ଯଦ୍ୟପି ଏହିରୂପେ-ପ୍ରମାଣ, ତଥାପି ଆମ୍ଭେ ଆପଣା ଆଶ୍ରିତ ଲୋକଙ୍କ ଦୁଃଖ କୌଣସି ପ୍ରକାରେ ସହି ନ ପାରୁଁ, ସେହି ହେତୁରୁ ତାହା କହୁଲୁଁ । ଅପର ଏହି ସାମାନ୍ୟ କାରଣ, ଆମ୍ଭ ସଙ୍ଗେ ଏମାନଙ୍କ ଜାତି, ଦ୍ରବ୍ୟ, ବଳଗୁଣ ସଟେ, ଅତଏବ ଆମ୍ଭ ପ୍ରଭୁତ୍ୱରୁ କେବେହେଲେ କି ଫଳ ହେବ ତାହା ବୋଲ? ଅପର ଦେଖ ଅନିତ୍ୟ ଓ ମଳବାହୀ ଶରୀରରେ ନିତ୍ୟ ଓ ନିର୍ମଳ ଯଶଃ ଯେବେ ଲବ୍ଧ ହୁଏ ତେବେ କି ପ୍ରାପ୍ତ ନ ହୁଏ? ଶରୀର ଆଉ ଗୁଣ ଏହି ଉଭୟ ମଧ୍ୟରେ ବିଶେଷ ଅନ୍ତର ଅଛି, ଯେହେତୁ କି ଶରୀର କ୍ଷଣକାଳସ୍ଥାୟୀ ମାତ୍ର ଗୁଣ କଳ୍ପାନ୍ତସ୍ଥାୟୀ ଅଟେ ।

ଏ କଥା ଶୁଣି ହିରଣ୍ୟକ ହୃଷ୍ଟଚିତ୍ତ ଆଉ ପୁଲକିତ ହୋଇ କହିଲା, ସାଧୁ ମିତ୍ର, ସାଧୁ, ଏତାଦୃଶ ଆଶ୍ରିତ ଲୋକଙ୍କ ପ୍ରତି ସ୍ନେହ ହେତୁରୁ ତୁମ୍ଭେ ତ୍ରୈଲୋକ୍ୟ ପ୍ରଭୁ ହେବାର ଯୋଗ୍ୟ । ଏହା କହି ହିରଣ୍ୟକ ସମସ୍ତ କପୋତର ପାଶଚ୍ଛେଦନ କରି ଆଉ ସେମାନଙ୍କୁ ସମ୍ମାନ କରି କହିଲା, ହେ ସଖେ ଚିତ୍ର-ଗ୍ରୀବ, ଏହି ଜାଲରେ ବଦ୍ଧ ହେବାରୁ ଦୋଷ ଆପଣା କରି ଆପଣାକୁ ଅବଜ୍ଞା କରିବାର ଉଚିତ ନୁହେ; କାରଣ ଯେଉଁ ପକ୍ଷୀ ଶତ ଯୋଜନରୁ ଅଧିକ ଦୂରରୁ ଆହାର ଦେଖି ପାରେ ସେହି ପକ୍ଷୀର କାଳ ସମ୍ପୂର୍ଣ୍ଣ ହେଲେ ପାଶ ବନ୍ଧନ ସୁଦ୍ଧା ଦେଖି ପାରେ ନାହିଁ ।

ଏହିରୂପେ ହିରଣ୍ୟକ କପୋତମାନଙ୍କୁ ପ୍ରବୋଧ ଦେଇ ଆତିଥ୍ୟସେବା କଲାପରେ ଚିତ୍ର-ଗ୍ରୀବ ତାଙ୍କୁ ଆଲିଙ୍ଗନ କରି ବିଦାୟ ହୋଇ ସପରି-ବାରରେ ଆପଣା ଇଷ୍ଟ ଦେଶକୁ ଗଲା ଏବଂ ହିରଣ୍ୟକ ଆପଣା ଗର୍ତ୍ତରେ ପ୍ରବେଶ କଲା । ଅତଏବ ଲୋକେ ଶତ ମିତ୍ର କରିବେ; ଦେଖ, ମୂଷିକ ମିତ୍ରଭାବେ କପୋତମାନେ ବନ୍ଧନରୁ ମୁକ୍ତ ହେଲେ ।

# ପାଠ ୭୦ ।

## ମିତ୍ରଲାଭର ଶେଷ ଭାଗ ।

### କପଟୀ ଓ ସତ୍ୟପରାୟଣ ମିତ୍ର ।

ଭକ୍ଷ୍ୟ ଆଉ ଭକ୍ଷକର ପ୍ରୀତି ବିପଦର କାରଣ ଅଟେ । ଶୃଗାଳ ମନ୍ତ୍ରଣାରେ, ପାଶରେ ବଦ୍ଧ ମୃଗ କାକଦ୍ୱାରା ଉଦ୍ଧୃତ ହେଲା । କାକ ପ୍ରଶ୍ନ କଲା, ସେ କି ପ୍ରକାର ? ହିରଣ୍ୟକ କହିଲା ।

ମଗଧ ଦେଶରେ ଚମ୍ପକବତୀ ନାମରେ ଏକ ବନ ଅଛି, ସେଥିରେ ମୃଗ ଏବଂ କାକ ଦୁଇ ଜଣ ଚିରକାଳରୁ ଅତି ସ୍ନେହରେ ବାସ କରୁଥିଲେ । ସେ ମୃଗ ସ୍ୱେଚ୍ଛାରେ ଭ୍ରମଣ କରୁଥିବା ସମୟରେ ତାକୁ କୌଣସି ଶୃଗାଳ ହୃଷ୍ଟପୁଷ୍ଟାଙ୍ଗ ଦେଖି ଏହି ପ୍ରକାରେ ଚିନ୍ତା କଲା, ଆଃ କିପରି ଏହି ସୁଲଳିତ ମାଂସ ଖାଇ ପାରିବି ? ଯାହା ହେଉ, ଏହି ମୃଗ ଅନ୍ତଃକରଣରେ ବିଶ୍ୱାସ ଜନ୍ମାଇବି । ଏହି ପରାମର୍ଶ କରି ନିକଟକୁ ଯାଇ କହିଲା, ହେ ମିତ୍ର ମୃଗ ! ତୁମ୍ଭର ମଙ୍ଗଳ ହେଉ । ମୃଗ କହିଲା ତୁମ୍ଭେ କିଏ ? ଶୃଗାଳ ଉତ୍ତରରେ କହୁଅଛି, ମୁଁ କ୍ଷୁଦ୍ରବୁଦ୍ଧି ନାମକ ଶୃଗାଳ ଅଟେଁ । ଏହି ବନରେ ବନ୍ଧୁହୀନ ଆଉ ମୃତ ସମାନ ହୋଇ ବାସ କରୁଅଛି, ଏବେ ମୁଁ ସର୍ବଦା ତୁମ୍ଭର ଅନୁଚର ହୋଇ ରହିବି । ମୃଗ କହିଲା, ଉତ୍ତମ ; ତାହାହିଁ ହେଉ । ତଦନନ୍ତର ସୂର୍ଯ୍ୟ ଅସ୍ତ ହେଲାଉତ୍ତାରେ ସେ ଦୁହେଁ ମୃଗର ବାସସ୍ଥାନକୁ ଗଲେ । ସେଠାରେ ଚମ୍ପକ ବୃକ୍ଷ ଶାଖାରେ ମୃଗର ଚିରମିତ୍ର ସୁବୁଦ୍ଧି ନାମକ କାକ ରହୁଥାଏ । ମୃଗ ଜମ୍ବୁକ ଏ ଦୁହିଙ୍କି ଦେଖି କାକ କହିଲା, ହେ ମିତ୍ର ! ଏହି ଦ୍ୱିତୀୟ ବ୍ୟକ୍ତି କିଏ ? ମୃଗ ଉତ୍ତର କଲା, ଏ ଜମ୍ବୁକ ଅଟେ, ଆମ୍ଭ ସଙ୍ଗେ ମିତ୍ରତା ବାଞ୍ଛାକରି ଆସିଅଛି । କାକ କହିଲା, ହେ ବନ୍ଧୋ ! ଅକସ୍ମାତ ଆଗନ୍ତୁକ ସଙ୍ଗେ ମିତ୍ରତା କରିବା ଯୁକ୍ତିଯୁକ୍ତ ନୁହେ ।

ଶୃଗାଳ ଏହି କଥା ଶୁଣି କ୍ରୋଧରେ କହିଲା, ଆପଣ ମଧ୍ୟ ମୃଗର ପ୍ରଥମ ଦର୍ଶନ ଦିନ ଅଜ୍ଞାତ କୁଳଶୀଳ ଥିଲେ, ତେବେ କି ପ୍ରକାରେ ଆପଣ ଓ ମୃଗ ଦୁହିଙ୍କର ପରସ୍ପର ପ୍ରୀତିବୃଦ୍ଧି ହୋଇଅଛି ! ଏହି ମୃଗ ଯେପରି ଆମ୍ଭର ସଖା, ଆପଣ ସେହିପରି ଆମ୍ଭର ସଖା । ମୃଗ କହିଲା, ଏହି ଉତ୍ତର ପ୍ରତ୍ୟୁତ୍ତରରେ ପ୍ରୟୋଜନ କି? ସମସ୍ତେ ଏକତ୍ର ପ୍ରେମାଳାପରେ ବାସ କରିବା, କେହି କି ସ୍ୱଭାବାନୁସାରେ କଏ କାହାର ଶତ୍ରୁ ନୁହେ; ମାତ୍ର, ଆଚରଣ ଦ୍ୱାରା ମିତ୍ର ଶତ୍ରୁ ହୁଅନ୍ତି । ତହିଁରେ କାକ ସମ୍ମତ ହେଲା ।

ଅନନ୍ତର ପ୍ରଭାତରେ ସମସ୍ତେ ସ୍ୱ ୨ ଲକ୍ଷ୍ୟ ଦେଶକୁ ଗଲେ । ତହିଁରେ ଦିନେକରେ ଜମ୍ବୁକ ମୃଗକୁ ଗୋପନରେ କହୁଅଛି, ହେ ମିତ୍ର ମୃଗ! ଏହି ବନ ମଧ୍ୟରେ କୌଣସିଠାରେ ଶସ୍ୟପୂର୍ଣ୍ଣ ଗୋଟାଏ କ୍ଷେତ୍ର ଅଛି, ତାହା ଆମ୍ଭେ ତୁମ୍ଭଙ୍କୁ ଦେଖାଇବୁ ; ଏହା କହି ମୃଗକୁ ସେହି କ୍ଷେତ୍ର ଦେଖାଇଲା । ତହିଁରେ ମୃଗ ପ୍ରତିଦିନ ସେଠାକୁ ଯାଇ ଶସ୍ୟ ଖାଉଥାଏ । ଅନନ୍ତର କ୍ଷେତ୍ରସ୍ୱାମୀ ଆପଣା କ୍ଷେତ୍ର ଦେଖି ପାଶ ବସାଇଲା । ତହିଁଉତ୍ତାରେ ମୃଗ ପୁନର୍ବାର ଆସି ସେହି ପାଶରେ ବଦ୍ଧ ହୋଇ ଏହି ପ୍ରକାରେ ଚିନ୍ତା କଲା କି, ଆମ୍ଭର ଯମପାଶତୁଲ୍ୟ ଏହି ବ୍ୟାଧର ପାଶରୁ ଉଦ୍ଧାର କରିବାପାଇଁ ମିତ୍ର ବ୍ୟତିରେକେ କିଏ ସମର୍ଥ ଅଛି? ତହିଁରେ ଜମ୍ବୁକ ସେଠାରେ ଉପସ୍ଥିତ ହୋଇ ଭାବିଲା କି ଏତେ ଦିନରେ ଆମ୍ଭ କପଟଦ୍ୱାରା ମନୋରଥ ସିଦ୍ଧ ହୋଇଅଛି । କାରଣ କି ଯେତେବେଳେ ଏହି ମୃଗର ମାଂସ-ଚ୍ଛେଦନ ହେବ ସେତେବେଳେ ରକ୍ତଲିପ୍ତ ଅସ୍ଥି ଅବଶ୍ୟ ଆମ୍ଭଙ୍କୁ ମିଳିବ । ମୃଗ ଜମ୍ବୁକକୁ ଦେଖି ଆହ୍ଲାଦିତ ହୋଇ କହୁଅଛି, ସଖେ ଶୃଗାଳ, ଆମ୍ଭ ବନ୍ଧନଚ୍ଛେଦନ କରି ଶୀଘ୍ର ରକ୍ଷା କର । କାରଣ ଆପଦ୍‌କାଳରେ ମିତ୍ର ଚିହ୍ନା ଯାଏ, ଯୁଦ୍ଧରେ ବୀର, ଋଣରେ ଶୁଚି, ନିର୍ଦ୍ଧନ ହେଲେ ଭାର୍ଯ୍ୟା, ଆଉ ବ୍ୟସନରେ ବନ୍ଧୁ ଚିହ୍ନା ଯାଏ । ଶୃଗାଳ ପାଶ ଦେଖି ପୁନଃ ୨ ଏହି ପ୍ରକାର ଚିନ୍ତା କରୁଥିଲା ଯେ "ଏହି ବନ୍ଧନ ଦୃଢ଼" । ଆଉ ପ୍ରକାଶ୍ୟରେ କହିଲା

ହେ ମିତ୍ର ! ଏହି ପାଶ ଚର୍ମ୍ମନିର୍ମିତ, ଅଦ୍ୟ ରବିବାରରେ କିରୂପେ ତାହା ଦନ୍ତରେ ଛୁଇଁବି ? ସଖେ ! ଯଦ୍ୟପି ଅନ୍ତଃକରଣରେ ଅନ୍ୟଥା ବିଚାର ନ କର ତେବେ କାଲି ସକାଳେ ତୁମ୍ଭେ ଯାହା କହିବ ତାହା ମୁଁ କରିବି । ଅନନ୍ତର ସୁବୁଦ୍ଧି ନାମକ କାକ ସନ୍ଧ୍ୟା ସମୟରେ ମୃଗର ଆଗମନ ନ ଦେଖି ତାକୁ ଇତସ୍ତତଃ ଅନ୍ୱେଷଣ କଲା, ଏବଂ ତାହାକୁ ପାଶରେ ବଦ୍ଧ ଦେଖି କହିଲା, ସଖେ ଏ କି ? ମୃଗ ଉତ୍ତର କଲା ହେ ମିତ୍ର, ବନ୍ଧୁ ବାକ୍ୟ ଅବଜ୍ଞା କରିବାର ଫଳ ଏହି ! ଉକ୍ତ ଅଛି, ହିତକାରୀ ମିତ୍ରର ବାକ୍ୟ ଯେ ନ ଶୁଣେ ତାହାର ବିପଦ ଅତି ନିକଟ, ଅଉ ସେ ଲୋକ ଶତ୍ରୁର ଆନନ୍ଦ ବଢ଼ାଏ । କାକ କହିଲା, ସେ ପ୍ରବଞ୍ଚକ ଶୃଗାଳ କେଉଁଠାରେ ? ମୃଗ କହିଲା, ସେ ଅମ୍ଭ ମାଂସ ଭୋଜନ କରିବା ଅଭିପ୍ରାୟରେ ଏଠାରେ ଲୁଚି ରହିଅଛି । କାକ କହିଲା ଅମ୍ଭେ ପୂର୍ବରୁ କହିଥିଲୁଁ ; ସେ ବିଶ୍ୱାସର ପାତ୍ର ନ ଥିଲା, ଯେହେତୁ କି ଖଳଠାରୁ ଗୁଣବାନ୍ ଲୋକଙ୍କର ମଧ୍ୟ ଭୟ ଥାଏ ।

କାକ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା, ଅରେ ବଞ୍ଚକ ଶୃଗାଳ, ତୁ ପାପିଷ୍ଠ କି କର୍ମ କରିଅଛୁ ? ମଶା ଯେରୂପେ ପ୍ରଥମେ ପାଦତଳେ ପଡ଼େ ପଶ୍ଚାତ୍ ପୃଷ୍ଠ ମାଂସ ଖାଏ, ପରେ କର୍ଣ୍ଣରେ ମଧୁର ଅସ୍ପଷ୍ଟ ଶବ୍ଦ କରେ ଓ ଛିଦ୍ରରେ ଛିଦ୍ର ନିରୂପଣ କରି ନିର୍ଭୟରୂପେ ଅକସ୍ମାତ୍ ପ୍ରବେଶ କରେ, ଶଠ ଲୋକ-ମାନେ ଠିକ୍ ସେହିପରି କରିଥାନ୍ତି । ଶଠମାନଙ୍କର ସ୍ୱଭାବ ମଶକଠାରେ ପୂର୍ଣ୍ଣ-ରୂପେ ଦେଖା ଯାଏ । ଏଥିଉତ୍ତାରେ ପ୍ରାତଃକାଳରେ କ୍ଷେତ୍ରପତି ହାତରେ ଲଗୁଡ଼ ଧରି ସେ ସ୍ଥାନକୁ ଆସୁଅଛି, ଏହା ଦେଖି କାକ କହିଲା, ହେ ମିତ୍ର ମୃଗ, ତୁମ୍ଭେ ନିଃଶ୍ୱାସ ରୁନ୍ଧ କରି ପେଟ ଫୁଲାଇ ପାଦ ସ୍ତବ୍ଧ କରି ମୃତ ଶରୀର ପ୍ରାୟ ହୋଇ ରହ, ଅମ୍ଭେ ତୁମ୍ଭ ଚକ୍ଷୁକୁ ଥଣ୍ଟରେ ଆଘାତ କରୁଥିବୁଁ ଯହିଁରେ ଯେତେବେଳେ ଅମ୍ଭେ ଶବ୍ଦ କରିବୁଁ ସେତେବେଳେ ତୁମ୍ଭେ ଉଠି ବେଗେ ପଳାଇ ଯିବ । ତହିଁରେ କାକ କଥାନୁସାରେ ମୃଗ ସେହି ପ୍ରକାର କଲା । ତହୁଁରେ ଆନନ୍ଦରେ ପ୍ରଫୁଲ୍ଲିତ ନୟନ ହୋଇ କ୍ଷେତ୍ରସ୍ୱାମୀ ମୃଗକୁ

ସେପ୍ରକାର ଦେଖି ଥାଏ ଅଧେ ମରି ଯାଉଅଛନ୍ତି ଏହି! ବହୁ ବଳନ ଫେଟାଇ ପାଣ ଛାଡ଼ିବା ସମୟରେ ସହୁର ସ୍ଥାନରେ ମୃଗ କାତର ଶବ୍ଦ ଶୁଣି ଝଟିତ ଉଠି ପଳାଇ ଗଲା, ଏବଂ ସେହିପରି ମୃଗ ଭକ୍ଷଣରେ ବାଢ଼ି ଯୋଗାଡ଼ରେ ତତ୍କ୍ଷଣ ଶୃଗାଳ ନଷ୍ଟ ହେଲା । ପଣ୍ଡିତ ଲୋକମାନେ କହନ୍ତି ଯେ ଅତ୍ୟନ୍ତ ବଡ଼ ପାପ କର୍ମ୍ମ। ପୁଣ୍ୟର ଫଳ ତିନ ଦିନ କର୍ମ୍ମ। ତିନି ପକ୍ଷ କର୍ମ୍ମ। ତିନି ମାସରେ କିମ୍ବା ତିନି ବର୍ଷ ମଧ୍ୟରେ ଅବଶ୍ୟ ଇହଲୋକରେ ଭୋଗ କରାଯାଏ ।

---

## ପାଠ ୭୯ ।

## ପୁରାତନ ବୈଦିକ ଓ ବ୍ରାହ୍ମଣିକ ଯୁଗ ।

ପୂର୍ବବର୍ତ୍ତୀ ପାଠରେ ସବୁ ପ୍ରାଚୀନ ଓ ମୁଖ୍ୟ ବେଦ ଋଗ୍ବେଦ ବିଷୟ ପାଠ କରିଅଛୁ ଓ ତହିଁରୁ ଆର୍ଯ୍ୟମାନଙ୍କର ପ୍ରାଚୀନ ଇତିହାସର ବିବରଣ ଯାହା ଯାହା ଆମ୍ଭେ ଜାଣିଅଛୁ ତାହା ମଧ୍ୟ ତୁମ୍ଭେମାନେ ଅବଗତ ହୋଇଅଛ । ଏତଦ୍ଭିନ୍ନ ଅନ୍ୟାନ୍ୟ ବେଦମାନ ମଧ୍ୟ ଅଛି ; ଏବଂ ସେହି ବେଦର ପରେ କେତେକ ଗଦ୍ୟ ଗ୍ରନ୍ଥ ମଧ୍ୟ ଲିଖିତ ହୋଇ ଯାଇଅଛି । ଏହି ପାଠରେ ଉକ୍ତ ଗ୍ରନ୍ଥମାନ ଓ ତହିଁରୁ ଭାରତବାସିମାନଙ୍କର ରୀତି ନୀତି, ଜାତି ପଦ୍ଧତିର ବିବରଣ ସମ୍ବନ୍ଧରେ ଯାହା ଯାହା ଜଣା ପଡ଼ିଅଛି ସେ ସମସ୍ତ ଲିଖିତ ହେବ ।

ବେଦ ଶବ୍ଦର ଅର୍ଥ ଜ୍ଞାନ ଅଟେ ଏବଂ ବେଦକୁ ହିନ୍ଦୁମାନେ ଈଶ୍ୱରଙ୍କ ବଚନ ବୋଲି ବୋଧ କରନ୍ତି । ସହସ୍ରାଧିକ ସ୍ତୋତ୍ରବିଶିଷ୍ଟ ଋଗ୍ବେଦ ଭିନ୍ନ ସାମ, ଯଜୁଃ, ଅଥର୍ବ ବେଦ ମଧ୍ୟ ଅଛି । ଋଗ୍ବେଦର ଯେଉଁ ସମସ୍ତ ଋକ୍

ସୋମ ଯଜ୍ଞ ସମୟରେ ପଠିତ ହେଉଥିଲା ସେହି ସମସ୍ତ ସଂଗୃହୀତ ହୋଇ ସାମବେଦ ଗଠିତ ହୋଇଅଛି । ତୁମ୍ଭେମାନେ ପାଠ କରିଥିବ ଯେ ସୋମରସ ଏକପ୍ରକାର ଲତାର-ଦ୍ରବ ମଦ୍ୟ ଅଟେ ଏବଂ ଏହାକୁ ହିନ୍ଦୁ-ମାନେ ପବିତ୍ର ଜ୍ଞାନ କରି ପାନ କରୁଥିଲେ । ଋଗ୍ବେଦର ଯେଉଁ ୨ ସ୍ତୋତ୍ର-ମାନ ବିଶେଷ ୨ ଯଜ୍ଞରେ ପଠିତ ହେଉଥିଲା କେବଳ ସେହି ସ୍ତୋତ୍ରମାନେ ଯେ ଯଜୁର୍ବେଦରେ ଅଛି ଏମନ୍ତ ନୁହେ ; ବରଂ ତହିଁରେ ବୈଦିକ ଗଦ୍ୟ ବାକ୍ୟ ମଧ୍ୟ ମିଶ୍ରିତ କରି ଯାଇଅଛି । ଅଥର୍ବ ବେଦ, ଋଗ୍ବେଦର ଶେଷାଂଶର ଅପେକ୍ଷାକୃତ ଅର୍ବାଚୀନ ସ୍ତୋତ୍ରରେ ସଂଗଠିତ । ଏଥିରେ ପ୍ରାଚୀନ ଯାଦୁର ବୈଦିକ ମନ୍ତ୍ର ମଧ୍ୟ ସନ୍ନିବିଷ୍ଟ ଅଛି । ବେଦମାନଙ୍କ ମଧ୍ୟରେ ଏହାହିଁ ଅନ୍ତିମ ବେଦ ଅଟେ । ପ୍ରତ୍ୟେକ ବେଦ ସଙ୍ଗରେ ବ୍ରାହ୍ମଣ ନାମକ ଅନ୍ୟ ଗୋଟିଏ ଗ୍ରନ୍ଥ ମଧ୍ୟ ସମ୍ମିଳିତ ଅଛି । ଲୌକିକ ବିଶ୍ୱାସରେ ବେଦ-ପରି ଏହି ଗ୍ରନ୍ଥମାନ ମଧ୍ୟ ସ୍ୱୟଂ ଈଶ୍ୱରଙ୍କଠାରୁ ଆସିଅଛି । ବେଦ ଓ ବ୍ରାହ୍ମଣ ଉଭୟ ସ୍ଥଳରେ ଶ୍ରୁତିର ବ୍ୟବହାର ଅଛି । ଶ୍ରୁତି ଶବ୍ଦର ଅର୍ଥ ଈଶ୍ୱରଙ୍କଠାରୁ ଶ୍ରୁତ ହୋଇଥିବା ବାକ୍ୟ ଅଟେ । ବେଦ ଓ ବ୍ରାହ୍ମଣ ମଧ୍ୟରେ ଏତିକି ପ୍ରଭେଦ ଅଛି ଯେ ବେଦ ଶ୍ଳୋକରେ ଓ ବ୍ରାହ୍ମଣ ଗଦ୍ୟରେ ଲିଖିତ । ଯଜ୍ଞବିଧି ବୁଝାଇବା ଓ ପୁରୋହିତମାନଙ୍କର କର୍ତ୍ତବ୍ୟ କର୍ମ ଦେଖାଇବା ଉଦ୍ଦେଶ୍ୟରେ ଏହି ଗ୍ରନ୍ଥମାନ ରଚିତ ହୋଇଥିଲା । ଏହି ବ୍ରାହ୍ମଣମାନଙ୍କ ସଙ୍ଗରେ ପରେ ସୂତ୍ରମାନ ମଧ୍ୟ ସମ୍ମିଳିତ କରାଗଲା । ଏହାର ଅର୍ଥ ଗୂଢ଼ ବାକ୍ୟମାନଙ୍କର ସୂଚୀ ବା ଡୋର । ଏହି ସୂତ୍ରମାନଙ୍କରେ ସ୍ମୃତି ଓ ପଦ୍ଧତିର ବିବରଣ ଲିଖିତ ହୋଇଅଛି । ଏହାର ପରେ ଉପନିଷଦ୍ ଓ ଆରଣ୍ୟକ ଓ ତାହାର ବହୁଦିନ ପରେ ପୁରାଣ ଲିଖିତ ହୋଇଅଛି । ଉପନିଷଦରେ ଜୀବାତ୍ମା ଓ ପରମାତ୍ମା ବିଷୟ, ଆରଣ୍ୟକରେ ବନଯୋଗୀମାନଙ୍କ ନିମନ୍ତେ ଆଜ୍ଞାବଳି ଏବଂ ପୁରାଣରେ ପ୍ରାଚୀନ ଗଳ୍ପମାନ ବର୍ଣ୍ଣିତ ହୋଇଅଛି । ସଂସ ଏହି ସୂତ୍ର ପ୍ରଭୃତି ବେଦ ଓ ବ୍ରାହ୍ମଣଠାରୁ ଭିନ୍ନ ଭିତ୍ତି ଉପରେ ଲିଖିତ । ବେଦ

ଓ ବ୍ରାହ୍ମଣକୁ ଶ୍ରୁତ ଅର୍ଥାତ୍ ଈଶ୍ୱର-ଶ୍ରୁତ-ବାକ୍ୟ କହନ୍ତି ; ମାତ୍ର ସୂତ୍ର ଗ୍ରନ୍ଥର ସ୍ମୃତ ନାମରେ ଅଭିହିତ । ସ୍ମୃତ ଶବ୍ଦର ଅର୍ଥ ସ୍ମରଣ ଥିବା ବିଷୟମାନ୍ ଅଟେ । ବେଦ ଓ ବ୍ରାହ୍ମଣ ଯେପରି ବ୍ରହ୍ମବାଣୀ ବୋଲି ସ୍ୱୀକୃତ ହୁଅନ୍ତି ସୂତ୍ରାଦି ସେପରି ସ୍ତରରେ ପରିଗଣିତ ହୁଅନ୍ତି ନାହିଁ ; ବରଂ ମନୁଷ୍ୟବାଣୀ ବୋଲି ପରିଗଣିତ । ବର୍ତ୍ତମାନ ତୁମ୍ଭେମାନେ ଅବଗତ ହୋଇ ପାରୁଥିବ ଯେ ବେଦରୁ ଯେ କେବଳ ପ୍ରାଥମିକ ଆର୍ଯ୍ୟମାନଙ୍କର ଇତିହାସ ଜଣା ପଡ଼ଇ ଏମନ୍ତ ନୁହେଁ ବରଂ ତହିଁରୁ ସେମାନଙ୍କର ସଭ୍ୟତା, ଧର୍ମ, ରୀତି, ନୀତି ମଧ୍ୟ ଜଣା ପଡ଼ଇ । ସେହି ପରି ବ୍ରାହ୍ମଣ ଓ ତତ୍ପରବର୍ତ୍ତୀ ପଦ୍ୟ ଗ୍ରନ୍ଥମାନଙ୍କରୁ ଆର୍ଯ୍ୟମାନେ ପରେ ଯେଉଁ ଉନ୍ନତି ଲାଭ କରିଥିଲେ ତାହା ଅବଗତ ହୋଇପାରୁଁ ।

ଆର୍ଯ୍ୟମାନେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରି ଜାତିରେ ବିଭକ୍ତ ହୋଇଥିବା ଗୋଟିଏ ମହାନ୍ ପରିବର୍ତ୍ତନ ଅଟେ । ଇନ୍ଦ୍ର ଭାରତକୁ ଇନ୍ଦ୍ର କାର୍ଯ୍ୟ କରିବାକୁ ହୋଇଥିଲେହେଁ ଏକାବେଳେ ଆର୍ଯ୍ୟମାନଙ୍କ ମଧ୍ୟରେ ଜାତି ଭେଦ ନ ଥିଲା । ଗୃହସ୍ୱାମୀ ଏକାକୀହିଁ ପୁରୋହିତ, ସୈନିକ ଓ କୃଷକର କାର୍ଯ୍ୟ କରୁଥିଲେ । ଏହି ପ୍ରଥା ମଧ୍ୟ ରହିତ ହୋଇଗଲା ; ଓ ତତ୍ପରବର୍ତ୍ତୀରେ ଅନ୍ୟ ଗୋଟିଏ ବିଶେଷ ବିଧି ପ୍ରଚଳିତ ହେଲା । ଏହି ବିଧି ଅନୁସାରେ ଧର୍ମ-କାର୍ଯ୍ୟ ବ୍ରାହ୍ମଣମାନଙ୍କ ପାଇଁ, ଯୁଦ୍ଧ-କାର୍ଯ୍ୟ କ୍ଷତ୍ରିୟ-ମାନଙ୍କ ପାଇଁ, କୃଷି-କାର୍ଯ୍ୟ ବୈଶ୍ୟମାନଙ୍କ ପାଇଁ ଏବଂ ଦାସ-କାର୍ଯ୍ୟମାନ ଶୂଦ୍ରମାନଙ୍କ ପାଇଁ ସଂରକ୍ଷିତ ହେଲା । ଏବମ୍ପ୍ରକାର ଜାତିଭେଦରୁ କେବଳ ବ୍ରାହ୍ମଣମାନେହିଁ ଶ୍ରେଷ୍ଠତା ପ୍ରାପ୍ତ ହେଲେ ଏବଂ ତାହା ଅଦ୍ୟାବଧି ଚଳି ଆସୁଅଛି । ବ୍ରାହ୍ମଣିକ ଯୁଗର ପ୍ରାରମ୍ଭରେ ଭାରତବର୍ଷର ଅବସ୍ଥା କିପରି ଥିଲା, ବର୍ତ୍ତମାନ ଏହି ପାଠରେ ବର୍ଣ୍ଣିତ ହେବ ।

ବ୍ରାହ୍ମଣମାନେ କହନ୍ତି ସର୍ବ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କଠାରୁ ବ୍ରାହ୍ମଣାଦି ଜାତି ଚତୁଷ୍ଟୟ ନିର୍ଗତ ହୋଇଅଛି ; ବ୍ରାହ୍ମଣ ତାଙ୍କ ମୁଖରୁ, କ୍ଷତ୍ରିୟ ବାହୁତଳରୁ,

ବୈଶ୍ୟ ଉଦରରୁ ଓ ଶୂଦ୍ର ଚରଣରୁ ଉତ୍ପନ୍ନ । ବ୍ରାହ୍ମଣମାନଙ୍କର ଏହି ଉପଦେଶ ଏକ ପ୍ରକାର ସତ୍ୟ ଅଟେ ଏବଂ ଏହା କେବଳ କର୍ମମାନଙ୍କର କଳ୍ପନା ସ୍ୱରୂପ ଅଟେ । ପ୍ରକୃତରେ ସେମାନଙ୍କ ଉପଦେଶରେ ଏହି କଥା-ସାର ଥିଲା ଯେ ବ୍ରାହ୍ମଣମାନେ ବୁଦ୍ଧିମାନ, କ୍ଷତ୍ରିୟମାନେ ଶୂର, ବୈଶ୍ୟମାନେ ଖାଦ୍ୟ-ଉପାର୍ଜ୍ଜନକାରୀ ଓ ଶୂଦ୍ରମାନେ ଅର୍ଥ-ସେବକ ଥିଲେ । ବ୍ରାହ୍ମଣ-ମାନଙ୍କର ଜୀବନ ଚାରି ଶ୍ରେଣୀରେ ବିଭକ୍ତ ଥିଲା; (ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଏବଂ ସନ୍ନ୍ୟାସ) । ପ୍ରଥମ ବାଲ୍ୟ ଓ ପ୍ରାଗ୍ଗୃହସ୍ଥାଶ୍ରମ; ଏଥିରେ ଗୁରୁଙ୍କ ସେବା କରି ବେଦପାଠ କରିବାକୁ ହେଉଥିଲା ଏବଂ ତାହାଙ୍କଠାରୁ ଶିକ୍ଷା ଗ୍ରହଣ କରି ଈଶ୍ୱରଙ୍କ ସମ୍ବନ୍ଧୀ ମର୍ମ ଗ୍ରହଣ କରିବା ବ୍ରାହ୍ମଣମାନଙ୍କର କାର୍ଯ୍ୟ ଥିଲା । ୨ୟ ଗୃହସ୍ଥାଶ୍ରମ ଅର୍ଥାତ୍ ସ୍ତ୍ରୀସହ ନିବାସ ଓ ଗୃହସ୍ଥ କାର୍ଯ୍ୟ କରଣ । ୩ୟ ଗୃହସ୍ଥାଶ୍ରମ ପରିତ୍ୟାଗ ପୂର୍ବକ ଜଙ୍ଗଲରେ ଯୋଗୀରୂପେ ବାସ ଏବଂ ଚତୁର୍ଥ ସନ୍ନ୍ୟାସ ଅର୍ଥାତ୍ ସନ୍ନ୍ୟାସୀରୂପେ ବାସକରଣ ।

ବ୍ରାହ୍ମଣ ଯୁଗର ପ୍ରାରମ୍ଭରେ ଏବଂ ସେମାନଙ୍କର ଧର୍ମ ସୃଷ୍ଟି ଓ ବିକ୍ଷୁତ ହେବା ପୂର୍ବରେ ଭାରତ ଇତିହାସର ଗୋଟିଏ ବିଖ୍ୟାତ ଯୁଗଥିଲା । ଏହା ପ୍ରାୟ ପାଞ୍ଚଶତ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ହୋଇଥିଲା ଏବଂ ଏହି ସମସ୍ତ ମଧ୍ୟରେ ବେଦାନ୍ତ, ତତ୍ତ୍ୱଜ୍ଞାନ, ଜ୍ୟୋତିଷ, ବୈଦ୍ୟଶାସ୍ତ୍ର ଓ ସଙ୍ଗୀତ ଶାସ୍ତ୍ରର ପୁଷ୍ଟି ବିସ୍ତାର ହେଲା ଓ ଗୋଟିଏ ବୃହତ୍ ସାହିତ୍ୟ ମଧ୍ୟ ଉତ୍ପନ୍ନ ହେଲା ।

ବେଦାନ୍ତ ଧର୍ମଶାସ୍ତ୍ରରେ ବ୍ରାହ୍ମଣମାନେ ପ୍ରାଚୀନ ଆର୍ଯ୍ୟମାନଙ୍କର କାରଣ କଟେଶରୁ ଅପକୃଷ୍ଟ ହୋଇଥିବା ବିଶ୍ୱମାନ ସଂଶୋଧନ କଲେ । ସେମାନେ ଉତ୍ତମରୂପେ ନିର୍ଣ୍ଣିତ ହୋଇଥିଲେ ଯେ ପ୍ରାଥମିକ ସମସ୍ତ ତ୍ରୟସ୍ତ୍ରିଂଶ ଦେବତା ଗଡ଼ିକ ପ୍ରାକୃତିକ ଶକ୍ତି ସମୂହମାତ୍ର ଏବଂ ଏହାମଧ୍ୟ ଦୃଢବୋଧ କଲେ ଯେ ଅନ୍ୟ ଗୋଟିଏ ମହାପୁରୁଷ ଏମାନଙ୍କର କର୍ତ୍ତୃସ୍ୱରୂପ ଅଛନ୍ତି । ଏଣୁକରି ସେମାନେ ଏକେଶ୍ୱର ଉପାସନା କରିବାକୁ ସକ୍ଷମ ହେଲେ ଏବଂ ତାହାଙ୍କୁ ସେମାନେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏହି ତିନିରୂପରେ ମାନିଲେ; ଅର୍ଥାତ୍

ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନକର୍ତ୍ତା, ମହେଶ୍ୱର ନାଶକର୍ତ୍ତା ଓ ପୁନର୍ଜନ୍ମ ଦାତା । ହେଲେହେଁ ସାଧାରଣ ଅଶିକ୍ଷିତ ଲୋକମାନେ ଯେ ଏକେଶ୍ୱରଙ୍କୁ ଭକ୍ତି ଶିବାଦିରୂପରେ ପୂଜନା କରୁଥିଲେ ଏପରି ବିଷୟ କହିବା କେବଳ ଭ୍ରମାତ୍ମକ ଅଟେ । କାରଣ ସେମାନେ ପ୍ରକୃତରେ ଅନେକାନେକ ଦେବତାଙ୍କୁ ପୂଜା କରୁଥିଲେ ଏବଂ ଦିନକୁ ଦିନ ସ୍ଥାନୀୟ ଦେବତା ଓ ନୂତନ ଅବତାରମାନଙ୍କ ସଂଖ୍ୟା ବଢ଼ାଇ ଯାଉଥିଲେ । ତଥାପି ଏଥିରେ ବ୍ରାହ୍ମଣମାନଙ୍କ ବେଦାନ୍ତର ମହିମା କିଞ୍ଚିନ୍ମାତ୍ର ହ୍ରାସ ହୋଇ ନାହିଁ ।

ବ୍ରାହ୍ମଣମାନେ ତତ୍ତ୍ୱଜ୍ଞାନକୁ ଷଡ଼ଦର୍ଶନ ଅର୍ଥାତ୍ ଛଅ ଗୋଟି ବିଦ୍ୟା ଦର୍ଶନରେ ବିଭକ୍ତ କଲେ । ସେମାନେ ଖ୍ରୀଷ୍ଟ ପୂର୍ବ ୩୫୦ ଅବ୍ଦରେ ଗୋଟିଏ ସଂସ୍କୃତ ବ୍ୟାକରଣ ମଧ୍ୟ ରଚନା କଲେ ; ବୈଦିକ ଭାଷା ଛଡ଼ା ସଂସ୍କୃତ ନାମକ ଗୋଟିଏ ବିଶୁଦ୍ଧ ଭାଷାକୁ କାର୍ଯ୍ୟରେ ଲଗାଇଲେ । ମାତ୍ର ସାଧାରଣ ଲୋକମାନେ ପ୍ରାକୃତନାମକ ଅନ୍ୟ ଏକ ପ୍ରକାର ସରଳ ସଂସ୍କୃତ ବୋଲୁଥିଲେ । ଏହି ପ୍ରାକୃତ ଭାଷାରୁ ଉତ୍ତର ଭାରତବର୍ଷର ଧାବଶୀୟ ଭାଷାମାନ (ଏବଂ ଆମ୍ଭମାନଙ୍କର ଏହି ଓଡ଼ିଆ ଭାଷା ମଧ୍ୟ) ଉତ୍ପନ୍ନ ହୋଇଅଛି ।

ବ୍ରାହ୍ମଣମାନଙ୍କ ପୁସ୍ତକମାନ ସଂସ୍କୃତ ଭାଷାରେ ଲିଖିତ ହୋଇଥିଲା ଏବଂ ସେମାନେ କେବଳ ଧର୍ମକାର୍ଯ୍ୟମାନଙ୍କର ଅନୁଷ୍ଠାନ ସମୟରେ ଏହି ଭାଷାର ବ୍ୟବହାର କରୁଥିଲେ; ଏଣୁକରି ସଂସ୍କୃତ ଭାଷା ଶୀଘ୍ର ଅପ୍ରଚଳିତ ହୋଇଗଲା ।

ଜ୍ୟୋତିଷ ବିଦ୍ୟାରେ ବ୍ରାହ୍ମଣମାନେ ଇଉରୋପୀୟ ଜାତିମାନଙ୍କଠାରୁ ଶ୍ରେଷ୍ଠଥିଲେ । ପ୍ରାୟ ଦ୍ୱିସହସ୍ରାଧିକ ବର୍ଷ ପୂର୍ବରୁ ସେମାନେ ସୌର ବର୍ଷକୁ ସାଧାରଣ ମତରେ ଓ ବିଶୁଦ୍ଧ ଭାବରେ ୩୬୦ ଦିନରେ ବିଭକ୍ତ କରୁଥିଲେ । ଏତଦ୍ଭିନ୍ନ କେବଳ ପାଞ୍ଚ ଦିନର ପ୍ରଭେଦ ପଡ଼ୁଥିଲା । ଏଣୁକରି ସେମାନେ ପ୍ରତ୍ୟେକ ପଞ୍ଚମ ବର୍ଷକୁ ଅଧିବର୍ଷ ଜ୍ଞାନ କରି ପୂରଣ କଲେ ।

ବ୍ରାହ୍ମଣମାନେ ପଦାର୍ଥବିଜ୍ଞାନଠାରୁ ବୈଦ୍ୟ ବିଦ୍ୟାକୁ ଶ୍ରେଷ୍ଠତର ମଣୁଥିଲେ । ଏହା ଉପବେଦ ବା ପରବର୍ତ୍ତୀ ଈଶ୍ୱରବାଣୀ ବୋଲି କଥିତ । ଯେତେବେଳେ ସେମାନେ ଯଜ୍ଞ ସମୟରେ ଜୀବ ହତ୍ୟାକରି ନାନା ଦେବତାମାନଙ୍କ ନିକଟରେ ଅର୍ପଣ କରୁଥିଲେ, ସେତେବେଳେ ସେମାନଙ୍କୁ ପ୍ରାଣିଶରୀରର ଭିନ୍ନ ଅଂଶ ଅଧ୍ୟୟନ କରିବାକୁ ବିଶେଷ ସୁବିଧା ମିଳୁଥିଲା । ଏଥିରୁ ଜଣା ଯାଉଅଛି ଯେ ବ୍ରାହ୍ମଣମାନେ ଜୀବ ହତ୍ୟା କରିବାରେ ବା ମୃତ ଶରୀର ସ୍ପର୍ଶ କରିବାରେ ଘୃଣା କରୁ ନ ଥିଲେ ।

ହିନ୍ଦୁ ସଙ୍ଗୀତ ବିଦ୍ୟା ସମ୍ବନ୍ଧରେ କହିବାର ବକ୍ତବ୍ୟ ନାହିଁ । ମୁସଲମାନମାନଙ୍କ ସମୟରେ ଏହି ବିଦ୍ୟା ପ୍ରାୟ ନଷ୍ଟପ୍ରାପ୍ତ ହୋଇଥିଲା । ମାତ୍ର ସମ୍ପ୍ରତି ପୁଣି ତାହାର ଚର୍ଚ୍ଚା ବୃଦ୍ଧି ହୋଇଅଛି ।

ବ୍ରାହ୍ମଣ ଯୁଗର ସାହିତ୍ୟ, ରାମାୟଣ ଓ ମହାଭାରତ ନାମକ ଦୁଇଗୋଟି ମହାକାବ୍ୟଦ୍ୱାରା ପ୍ରସିଦ୍ଧ ହୋଇଅଛି; ଏହି ରାମାୟଣ ଓ ମହାଭାରତ ବିଷୟ ଅନେକ ଥର ଉଲ୍ଲେଖ ହୋଇଅଛି । ପୃଥିବୀ ମଧ୍ୟରେ ମହାଭାରତ ବୃହତ୍ତମ କାବ୍ୟ-ସମୂହ ଅଟେ । ଏଥିରେ ୨୨୦,୦୦୦ ଦୁଇଲକ୍ଷ କୋଡ଼ିଏ ହଜାର ପଂକ୍ତି ଅଛି । ଏବଂ ତହିଁରେ ହିନ୍ଦୁସ୍ଥାନର ବିଭିନ୍ନ ସମୟର କଥାମାନ ସନ୍ନିବିଷ୍ଟ ଅଛି; ତହିଁ ମଧ୍ୟରୁ କୌଣସି କୌଣସିଟା ବୈଦିକ ସମୟର ଏବଂ କୌଣସି କୌଣସିଟା ବହୁ ପରବର୍ତ୍ତୀ ସମୟର ଅଟେ । ଏହି କାବ୍ୟରେ ୩୦୦୦ ତିନି ହଜାର ବର୍ଷ ପୂର୍ବର ଘଟଣାମାନ ବର୍ଣ୍ଣିତ ହୋଇଅଛି । ତହିଁରେ ଦିଲ୍ଲୀ ନଗର ସମୀପରେ ଦୁଇଗୋଟି ରାଜବଂଶର ଯୁଦ୍ଧ ବିଷୟ ଲିଖିତ ହୋଇଅଛି । ରାଜା ପାଣ୍ଡୁ ସ୍ୱଭ୍ରାତାଙ୍କ ହସ୍ତରେ ନିଜ ରାଜ୍ୟ ସମର୍ପଣ କରି ଦେଇଥିଲେ । ପାଣ୍ଡୁଙ୍କର ପାଞ୍ଚଗୋଟି ପୁତ୍ର ହେଲେ; ସେମାନଙ୍କର ନାମ ପାଣ୍ଡବ ହେଲା । ପାଣ୍ଡୁଙ୍କ ଭ୍ରାତାଙ୍କର ଏକ ଶତ ପୁତ୍ର ଥିଲେ; ସେମାନେ କୌରବ ନାମରେ ବିଦିତ । ମହାଭାରତରେ ଏହି ପାଞ୍ଚ ପାଣ୍ଡବ ଓ ଶତ ସଂଖ୍ୟକ କୌରବଙ୍କର ଯୁଦ୍ଧ ବିଷୟ ଲିଖିତ ହୋଇ-

ଅଛି । ମହାଭାରତକୁ ମୁଖ୍ୟ କାବ୍ୟ ବୋଲିବାର କାରଣ ଏହି ଯେ ତହିଁରୁ ତିନି ସହସ୍ର ବର୍ଷ ପୂର୍ବର ଆର୍ଯ୍ୟମାନଙ୍କର ଜୀବନ ଚରିତ୍ର ଉତ୍ତମରୂପେ ଜଣାଯାଏ । ରାମାୟଣ ମହାଭାରତଠାରୁ କ୍ଷୁଦ୍ରତର କାବ୍ୟ ଅଟେ । ମାତ୍ର ଏଥିରେ ୪୮,୦୦୦ ପଂକ୍ତି ଥିବା ସ୍ଥଳେ ତାହାକୁ କ୍ଷୁଦ୍ର କାବ୍ୟ, ବୋଲାଯାଇ ନ ପାରେ । ମହାଭାରତରେ ଯେପରି ଦିଲ୍ଲୀଶ୍ୱରମାନଙ୍କର ବର୍ଣ୍ଣନ ଅଛି ସେହିପରି ରାମାୟଣରେ ଅଯୋଧ୍ୟା ରାଜାମାନଙ୍କର ବିଷୟ ବର୍ଣ୍ଣିତ ହୋଇଅଛି । ଏହି ଉଭୟ ଗ୍ରନ୍ଥ ପାଠ କଲେ ଜଣା ପଡ଼ଇ ଯେ ଆର୍ଯ୍ୟମାନେ ସେହି ସମୟରେ ପଞ୍ଜାବଠାରୁ ଗଙ୍ଗା ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲେ । ରାମାୟଣରେ ୧ ଶ୍ରୀ ରାମଚନ୍ଦ୍ରଙ୍କର ଜନ୍ମ, ୨ ସ୍ୱୟଂବରରେ ଶିବଧନୁର୍ଭଙ୍ଗ ଓ ରାମଚନ୍ଦ୍ରଙ୍କ ସହିତ ସୀତାଙ୍କ ବିବାହ, ୩ ତାହାଙ୍କର ଅଯୋଧ୍ୟା ଦେଶରୁ ନିର୍ଗମନ ଓ ବନବାସ, ୪ ଅରଣ୍ୟରେ ରାବଣଦ୍ୱାରା ଲଙ୍କାକୁ ସୀତାହରଣ ଓ ରାମଚନ୍ଦ୍ରଙ୍କର ସୀତାଙ୍କୁ ଅନୁସନ୍ଧାନ କରି ଲଙ୍କାରୁ ଅଯୋଧ୍ୟାକୁ ପୁନରାଗମନ ବିଷୟ ବର୍ଣ୍ଣିତ ହୋଇଅଛି । ମହାଭାରତ ପରି ରାମାୟଣକୁ ମଧ୍ୟ ଏଥିପାଇଁ ମୁଖ୍ୟ କାବ୍ୟ କହନ୍ତି ଯେ ସେଥିରୁ ରାମଚନ୍ଦ୍ରଙ୍କର ଲଙ୍କାକ୍ରମଣ ପ୍ରଭୃତି ଘଟଣାମାନଙ୍କରୁ ଆର୍ଯ୍ୟମାନଙ୍କର ଦକ୍ଷିଣରେ ବିସ୍ତାର ହେବା ବିଷୟ ପ୍ରମାଣୀକୃତ ହେଉଅଛି ।

ବର୍ତ୍ତମାନ ତୁମ୍ଭେମାନେ ଭାରତ ଇତିହାସରେ ବ୍ରାହ୍ମଣ ଯୁଗର ବିଷୟ ପାଠ କଲ । ପରବର୍ତ୍ତୀ ପାଠରେ ବୌଦ୍ଧମତର ବର୍ଣ୍ଣନ କରାଯିବ । ଏହି ଧର୍ମରୁ ଏକ ସମୟରେ ବ୍ରାହ୍ମଣ ଧର୍ମରେ ବାଧା ପହଞ୍ଚିବାର ଭୟ ହୋଇଥିଲା ; ମାତ୍ର ତାହା ବ୍ରାହ୍ମଣ ଧର୍ମରେ କେବେହେଁ ବ୍ୟାଘାତ ଘଟାଇ ପାରିଲା ନାହିଁ ।

## ପାଠ ୭୨ ।

## ବୌଦ୍ଧ ଧର୍ମ ।

ତୁମ୍ଭେମାନେ ପୂର୍ବୋକ୍ତ ପାଠର ଶେଷରେ ପଢ଼ିଅଛ ଯେ ବ୍ରାହ୍ମଣ ଧର୍ମ ମଧ୍ୟରେ ବୌଦ୍ଧ ଧର୍ମ ପ୍ରବେଶ କରିବାରୁ ମହାନ୍ ବିଶୃଙ୍ଖଳା ଘଟିଥିଲା । ବର୍ତ୍ତମାନ ବୁଦ୍ଧ ଦେବ କିଏ ଥିଲେ ଓ ସେ କେଉଁ ଧର୍ମ ସଂସ୍ଥାପନ କରିଥିଲେ ତାହା ତୁମ୍ଭମାନଙ୍କର ଜାଣିବା ଉଚିତ ।

ଖ୍ରୀଷ୍ଟ ଜନ୍ମର ଷଷ୍ଠ ଶତାବ୍ଦୀର ପୂର୍ବରେ ଶୁଦ୍ଧୋଦନ କପିଳବସ୍ତୁ ନାମ୍ନୀ ନଗରୀର ରାଜା ଥିଲେ । ଉକ୍ତ ନଗରୀ କାଶୀରୁ ଏକଶତ ମାଇଲ ଉତ୍ତରରେ ଅବସ୍ଥିତ । ସେହି ନଗରୀରୁ ତୁଷାରାବୃତ ହିମାଳୟ ପର୍ବତ ଦୃଷ୍ଟିଗୋଚର ହୁଏ । ଏହି ରାଜାଙ୍କର ପୁତ୍ରର ନାମ ଗୌତମ ଥିଲା । ଗୌତମ ଶୈଶବାବସ୍ଥାରୁ ନିଜ ସହଚରମାନଙ୍କ ସଙ୍ଗରେ କ୍ରୀଡ଼ା କୌତୁକରେ ଆସକ୍ତ ନ ଥାଇ ଅହରହ ଧ୍ୟାନମଗ୍ନ ରହୁଥିଲେ । ସେ ଯେଉଁପରି ଯୌବନାବସ୍ଥାରେ ପଦାର୍ପଣ କଲେ ସେହିପରି ତାହାଙ୍କର ବାଲ୍ୟକାଳୀନ ଧର୍ମଭାବ ହ୍ରାସ ହେବାକୁ ଲାଗିଲା; ଏବଂ ଯୌବନକାଳୀନ କ୍ରୀଡ଼ା ଓ ବ୍ୟାୟାମାଦି ଶାରୀରିକ ଚେଷ୍ଟାରେ ମନୋନିବେଶ କରିବାରୁ ତହିଁରେ ପ୍ରବୀଣତା ଲାଭ କରି ନିଜର ସୁଖ୍ୟାତି ବିସ୍ତାର କଲେ ଓ ଅନ୍ୟାନ୍ୟ ଭୂପାଳଗଣଙ୍କୁ ଶସ୍ତ୍ର-ବିଦ୍ୟାରେ ପରାସ୍ତ କରି ଏକ ରୂପବତୀ କନ୍ୟାର ପାଣିଗ୍ରହଣ କଲେ । ସେ ପ୍ରାୟ ଦଶ ବର୍ଷ ପର୍ଯ୍ୟନ୍ତ ନିଜ ସ୍ତ୍ରୀ ସଙ୍ଗରେ ଗୃହସ୍ଥାଶ୍ରମରେ ବାସ କରି କାଳକ୍ରମରେ ଗୋଟିଏ ପୁତ୍ର ସନ୍ତାନ ଲାଭ କଲେ । ବର୍ତ୍ତମାନ ତାହାଙ୍କର ସେହି ପୂର୍ବ ଧର୍ମଭାବ ବାଲ୍ୟାବସ୍ଥାରୁ ଅଙ୍କୁରିତ ହୋଇ ଆସି ଥିବାରୁ ଓ ସଦାବେଳେ ତାଙ୍କ ମନରେ ନ୍ୟୂନାଧିକ ପରିମାଣରେ ଜାଗ୍ରତ ଥିବାରୁ ବର୍ତ୍ତମାନ ବିଲକ୍ଷଣ ବୃଦ୍ଧତର ହେବାକୁ ଲାଗିଲା । ତେଣୁକରି ଗୌତମ ନିଜର ସ୍ତ୍ରୀ, ନବ ପ୍ରସୂତ ବାଳକ, ଧନ

ସମସ୍ତଙ୍କ ଓ ସ୍ତ୍ରୀ-ପୁତ୍ରାଦି ପରିତ୍ୟାଗ ପୂର୍ବକ ଯୋଗିବେଶ ଧାରଣ କରି ଘୋର ଅରଣ୍ୟାନୀ ମଧ୍ୟରେ ପ୍ରବେଶ କଲେ ଓ ତପସ୍ୟାଚରଣରେ ପ୍ରବୃତ୍ତ ହେଲେ । ଏହାଙ୍କୁ ମହାତ୍ୟାଗ କୋଲନ୍ତି । ସେ ଛଅ ବର୍ଷ ପର୍ଯ୍ୟନ୍ତ ଗୟା ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟରେ କଠିନ ତପସ୍ୟା ସାଧନ କରିଥିଲେ । ଏଠାରେ ଗୋଟିଏ ପ୍ରସିଦ୍ଧ ବୌଦ୍ଧ ମନ୍ଦିର ଅଦ୍ୟାବଧି ବିଦ୍ୟ-ମାନ ଅଛି । ତପସ୍ୟା ସାଧନରେ ଶରୀର ଦୁର୍ବଳ ହୋଇ ଯିବାରୁ ଦିନ-କରେ ତାହାଙ୍କର ଶିରୋଘୂର୍ଣ୍ଣନ ହେଲା । କିଛିକାଳ ପରେ ଚେତନା ଲାଭ କରି ସେ କହିଲେ କି ଆମ୍ଭଙ୍କୁ ମୁକ୍ତି ପଥ ମିଳିଅଛି । ବୌଦ୍ଧ ମତାନୁ-ମୋଦିତ ମୁକ୍ତିପଥ, ମୂର୍ଖଭାବଲମ୍ବନ ପୂର୍ବକ ଯୋଗାଭ୍ୟାସ କଲେ ପ୍ରାପ୍ତ ହୁଏ ନାହିଁ; ମାତ୍ର ସଦାଚରଣରେ ଏବଂ ଜନସାଧାରଣଙ୍କୁ ଏହି ନୂତନ ଧର୍ମ ଉପଦେଶ ଦେବାରେହିଁ ପ୍ରାପ୍ତ ହୋଇପାରେ । ତେଣୁକରି ଗୌତମ ଜଙ୍ଗଲରେ ଅବସ୍ଥାନ ଓ ତପଶ୍ଚରଣ ପରିତ୍ୟାଗ ପୂର୍ବକ ଲୋକମାନଙ୍କୁ ନିଜମତ ଶିକ୍ଷା ଦେବାକୁ ଲାଗିଲେ । ସେହି ଦିନଠାରୁ ସେ ଗୌତମ ନାମରେ ଅଭିହିତ ନ ହୋଇ ବୁଦ୍ଧ ଅର୍ଥାତ୍ ବୁଦ୍ଧିମାନ ବୋଲି ପ୍ରଖ୍ୟାତ ହେଲେ ।

ବୁଦ୍ଧଦେବ କାଶୀ ନିକଟରେ ପ୍ରକାଶ୍ୟରୂପରେ ଲୋକମାନଙ୍କୁ ଶିକ୍ଷା ଦେବାକୁ ଆରମ୍ଭ କଲେ । ବ୍ରାହ୍ମଣମାନଙ୍କପରି ତାହାଙ୍କର ଶିକ୍ଷା କେବଳ ଗୋଟିଏ ଜାତି ପ୍ରତି ଲକ୍ଷ୍ୟ ନ ଥିଲା; ସେ ସମସ୍ତ ଲୋକମାନଙ୍କୁ ଶିକ୍ଷା ଦାନ କରୁଥିଲେ । ପ୍ରାରମ୍ଭରେ ଯେଉଁ ଲୋକମାନେ ତାହାଙ୍କର ଧର୍ମରେ ଦୀକ୍ଷିତ ହୋଇଥିଲେ ସେମାନେ ସାଧାରଣତଃ ଦୀନହୀନ ଲୋକଥିଲେ ଓ ସେମାନଙ୍କ ମଧ୍ୟରେ ଅନେକ ଦୁଃଖୀ ସ୍ତ୍ରୀ ମଧ୍ୟ ଥିଲେ । ବର୍ଷ ମଧ୍ୟରେ ସେ ଆଠ ମାସ ପର୍ଯ୍ୟନ୍ତ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ, ଧର୍ମୋପଦେଶ ଦାନ କରୁ ଭ୍ରମଣ କରୁଥିଲେ । ବର୍ଷା ଋତୁମାସ ମଧ୍ୟରେ କୌଣସି ଏକ ସ୍ଥାନରେ ଅବସ୍ଥାନ କରୁଥିଲେ । ସେଠାରେ ମଧ୍ୟ ଲୋକମାନଙ୍କର ବିଶେଷ ଜନତା ହୋଇ ଯାଉଥିଲା । ଅଳ୍ପ ସମୟ ମଧ୍ୟରେ ତାହାଙ୍କ ଧର୍ମରେ ଅନେକ

ଶିଷ୍ୟ ଦୀକ୍ଷିତ ହୋଇଥିଲେ ଓ ଅନେକେ ତାହାଙ୍କ ଧର୍ମରେ ବିଶ୍ୱାସ ସ୍ଥାପନ କରିବାକୁ ଲାଗିଲେ । ସେମାନଙ୍କୁ ମଧ୍ୟ ଏହି ଉପଦେଶ ଦେଲେ କି ତୁମ୍ଭେମାନେ ଅମ୍ଭପରି ଦେଶ ଦେଶାନ୍ତରରେ ଭ୍ରମଣ କରି ଲୋକ-ମାନଙ୍କୁ ଉପଦେଶ ପ୍ରଦାନ କର । ଏହିରୂପେ ତାଙ୍କର ମତ ଶୀଘ୍ର ଦୂରଦୂର ଦେଶମାନଙ୍କରେ ବିସ୍ତୃତ ହୋଇଗଲା । ସେ ଏହି ପ୍ରକାରରେ ଜୀବନ ଯାପନ କରି ଅଶୀତି ବର୍ଷ ବୟଃକ୍ରମ କାଳରେ ଗୋଟିଏ ଶାଲ୍ମଳୀ ବୃକ୍ଷ ତଳରେ କାଳପ୍ରାପ୍ତ ହେଲେ । ଏହି ବୃକ୍ଷ ତଳରେ ସେ ସବୁଦିନେ ବାସ କରୁଥିଲେ । ତାହାଙ୍କ ଉପଦେଶାନୁସାରେ ସେ ନିର୍ବାଣ ଦଶା ପ୍ରାପ୍ତ ହୋଇଲେ ।

ବୌଦ୍ଧଧର୍ମ, ହିନ୍ଦୁସ୍ଥାନର ଧର୍ମମାନଙ୍କ ମଧ୍ୟରେ ବ୍ରାହ୍ମଣ ଧର୍ମ ଉପରେ ଆଧିପତ୍ୟ ସଂସ୍ଥାପନ କରିବାପାଇଁ ପ୍ରାୟ ଏକ ହଜାର ବର୍ଷରୁ ଅଧିକ କାଳ ପର୍ଯ୍ୟନ୍ତ ପ୍ରତିଦ୍ୱନ୍ଦୀ ହୋଇଥିଲା । ପରିଶେଷରେ ବୌଦ୍ଧମତର ପରା-ଜୟ ହେଲା । ବର୍ତ୍ତମାନ ହିନ୍ଦୁସ୍ଥାନରେ ପ୍ରାୟ ଦେଡ ଲକ୍ଷ ବୌଦ୍ଧ ଧର୍ମା-ବଲମ୍ବୀ ଲୋକ ଦେଖାଯିବା କଠିନ । ପ୍ରକୃତ କହିବାକୁ ଗଲେ, ଯେଉଁ ଭାରତବର୍ଷରେ ଏହି ଧର୍ମ ପ୍ରଚଳିତ ହୋଇଥିଲା, ସେହି ଦେଶରୁ ଏହାର ମୂଳ ସମୂଳରେ ଉତ୍ପାଟିତ ହେଲା । ମାତ୍ର ଏହି ଧର୍ମ ଅନ୍ୟାନ୍ୟ ଦେଶରେ ଯେତେଦୂର ଉନ୍ନତି ଲାଭ କରିଅଛି, ଭାରତବର୍ଷରେ, ବୌଦ୍ଧଧର୍ମ ଅଭ୍ୟୁଦୟ ସୋପାନରେ ଆସୀନ ଥିଲାବେଳେ ସୁଦ୍ଧା ସେତେଦୂର-ଉନ୍ନତି ଲଭି ନାହିଁ । ଗଣନାଦ୍ୱାରା ଦେଖା ଯାଇଅଛି ଯେ ଆଜି କାଲି ପଞ୍ଚାଶ କୋଟି ମନୁଷ୍ୟ ବୌଦ୍ଧଧର୍ମାବଲମ୍ବୀ ଅଛନ୍ତି । ଏହି ସଂଖ୍ୟାଟି ହିନ୍ଦୁ ଲୋକ ସଂଖ୍ୟାର ଦୁଇଗୁଣ ଓ ସମସ୍ତ ପୃଥିବୀସ୍ଥ ଲୋକ ସଂଖ୍ୟାର ⅓ ଅଂଶ ଅଟେ । ଖ୍ରୀଷ୍ଟୀୟ ଓ ମୁସଲମାନ ଧର୍ମ ସଙ୍ଗରେ ଏହି ଧର୍ମକୁ ମିଶାଇଲେ ପୃଥିବୀ ମଧ୍ୟରେ ତିନିଗୋଟି ପ୍ରଧାନ ଧର୍ମ ପ୍ରଚଳିତ ହୋଇଅଛି । ମାତ୍ର ପ୍ରତ୍ୟେକ ମତର ଅବଲମ୍ବନକାରୀମାନଙ୍କର ସଂଖ୍ୟା ବିଚାର କରି ଦେଖିଲେ ଜଣାଯାଏ

ଯେ ପ୍ରଥମୋକ୍ତ ଉଭୟ ସମ୍ପ୍ରଦାୟ ଭୁକ୍ତ ଲୋକ ସଂଖ୍ୟାଠାରୁ ବୌଦ୍ଧ-ମତାବଲମ୍ବୀମାନଙ୍କ ସଂଖ୍ୟା ଅଧିକ ଅଟେ ।

ଉଲ୍ଲିଖିତ ଅବସ୍ଥା ପଠନ କରି ବିଚାର କଲେ ଆମ୍ଭମାନଙ୍କ ହୃଦୟରେ ସ୍ୱଭାବତଃ ଏହି ପ୍ରଶ୍ନ ହେବ କି ଏପରି ଜଣେ ସାମାନ୍ୟ ଲୋକର ଉପଦେଶରୁ କିପରି ଏଡ଼େ ବଡ଼ ଧର୍ମ ପ୍ରଚଳିତ ହେଲା? ଓ ସେହି ଧର୍ମର କି କି ବିଶେଷତ୍ୱ ଓ ଆଦେଶ ଅଛି? ଏହି ଉଭୟ ପ୍ରଶ୍ନର ଉତ୍ତର ଗୋଟିଏ୨ କରି ପରେ ପର୍ଯ୍ୟାଲୋଚନା କରାଯିବ ।

ସମସ୍ତଙ୍କୁ ବିଦିତ ଅଛି ଯେ, ଧର୍ମସମ୍ବନ୍ଧୀୟ ଶିକ୍ଷା ହେଉ ବା ନ ହେଉ ଯଦି କୌଣସି ଶିକ୍ଷାରେ ଅଧିକ ସଂଖ୍ୟକ ଶିଷ୍ୟସଙ୍ଘ ଉପସ୍ଥିତ ହୁଅନ୍ତି, ତେବେ ଏହା ଅବଶ୍ୟ ବୁଦ୍ଧିବୋଧ କରିବାକୁ ହେବ କି ଉପରୋକ୍ତ ଶିକ୍ଷା ସେମାନଙ୍କ ଇଚ୍ଛାନୁରୂପ ହୋଇଅଛି ଓ ସେ ଶିକ୍ଷାରେ ଏପରି କିଛି କଥା ଅଛି ଯାହା କି ସେମାନେ ଇଚ୍ଛା କରୁଅଛନ୍ତି ଓ ଯାହାକି ସେମାନେ ବିଶେଷତଃ ଅନେକକାଳରୁ ଆଶା କରୁଥିଲେ ।

ଭୂମି ଯେପର୍ଯ୍ୟନ୍ତ ହଳଦ୍ୱାରା କର୍ଷିତ ନ ହୁଏ ବା ତହିଁରେ ଜଳଦାନ କରା ନ ଯାଏ ସେ ପର୍ଯ୍ୟନ୍ତ ତହିଁରେ ବପନ କଲେ ବୀଜ ଅଙ୍କୁରିତ ହୁଏ ନାହିଁ ଓ ବୃକ୍ଷ ଉଦ୍ଭବ ରୂପେ ଉଠଇ ନାହିଁ । ଭୂମି ସ୍ୱଭାବତଃ ବୀଜର ଅନୁକୂଳ ନ ହେଲେ ଫଳବତୀ ହୁଅଇ ନାହିଁ । ସେହିପରି ମନୁଷ୍ୟର ହୃଦୟ ସ୍ୱଭାବତଃ ଶିକ୍ଷା ଗ୍ରହଣ ତତ୍ପର ନ ହେଲେ ବା ପ୍ରଥମରୁ ଶ୍ରୋତାମାନଙ୍କର ହୃଦୟକୁ ଶିକ୍ଷା ଗ୍ରହଣୋପଯୋଗୀ କରା ନ ଗଲେ ଉପଦେଶ ସେମାନଙ୍କ ହୃଦୟପଟରେ ପ୍ରବେଶ କରି ନ ପାରେ । ଖ୍ରୀଷ୍ଟ ଜନ୍ମର ୬୦୦ ବର୍ଷ ପୂର୍ବେ ଲୋକମାନଙ୍କର ମନ ସ୍ୱଭାବତଃ ବୌଦ୍ଧଧର୍ମ ଶିକ୍ଷା ଗ୍ରହଣ କରିବାର ଅନୁକୂଳ ଥିଲା ।

ବ୍ରାହ୍ମଣମାନଙ୍କ ଧର୍ମରେ ଅନୁଷ୍ଠାନ ବିଷୟମାନ ଥିଲା । ମାତ୍ର ସାଧାରଣ ଲୋକମାନଙ୍କୁ ତାହା ଶିକ୍ଷା ଦିଆଯାଉ ନ ଥିଲା । ସେମାନଙ୍କ ଉପଦେଶ

କେବଳ ଏକ ଜାତିର ହିତ ଲକ୍ଷ୍ୟ କରି ଯାଉଥିଲା । ତହିଁର ନିୟମ ଗୁଡ଼ିକ ବ୍ରାହ୍ମଣଙ୍କ ପ୍ରତିପାଳନ ପାଇଁ ଥିଲା ; ମାତ୍ର ସାଧାରଣର ଅନୁବର୍ତ୍ତୀ ହେବାକୁ ନୁହେ । ବୁଦ୍ଧଦେବ ଓ ତାଙ୍କ ଶିଷ୍ୟଗଣର ଶିକ୍ଷା ତହିଁରୁ ଭିନ୍ନ ଥିଲା । ଏହାଙ୍କ ଶିକ୍ଷା ଉଚ୍ଚ, ନୀଚ, ଜାତିନିର୍ବିଶେଷ ସମସ୍ତ ଲୋକଙ୍କ ପାଇଁ ହୋଇଥିଲା । ଏହି ଧର୍ମର ଉଦ୍ଦେଶ୍ୟ ଏହି ଯେ, କେବଳ ସଦାଚରଣ ଅବଲମ୍ବନ କଲେ ମୋକ୍ଷପଦ ଲାଭ ହେବ ; ମାତ୍ର ଯଜ୍ଞାଦି କର୍ମ। ସାଂସାରିକ ବ୍ରାହ୍ମଣୀୟ ପଥ ଅନୁସରଣ କଲେ ପ୍ରାପ୍ତ ହେବ ନାହିଁ । ଏହି ଧର୍ମ ଏହି ସବୁ କାରଣ ହେତୁରୁ ଏକ ଜାତୀୟ ଲୋକଙ୍କୁ ମାନିବାର ସୁଯୋଗ ହୋଇ ପାରିଲା ନାହିଁ ; ବରଂ ସମସ୍ତ ଜାତୀୟ ଲୋକମାନଙ୍କୁ ଅବଲମ୍ବନ କରି-ବାକୁ ପଡ଼ିଲା । ତହିଁରେ ପୂଜକମାନଙ୍କର କେବଳ ସ୍ୱାର୍ଥସାଧନର କଥା ଉଲ୍ଲେଖ ହୋଇନାହିଁ । ସମସ୍ତ ଲୋକମାନଙ୍କର କର୍ତ୍ତବ୍ୟ କର୍ମ ଏବଂ ସେମାନଙ୍କର ନିତ୍ୟ ନୈମିତ୍ତିକ କ୍ରିୟାନୁଷ୍ଠାନର ନିୟମ ଗୁଡ଼ିକ ଉଲ୍ଲେଖ କରି ଯାଇଅଛି । ପୂର୍ବୋକ୍ତ ବିଷୟମାନଙ୍କରୁ ସହଜରେ ଅନୁମିତ ହେବ ଯେ କିପରି ଏହି ଧର୍ମ, ସମସ୍ତ ଲୋକମାନଙ୍କ ମଧ୍ୟରେ ବିସ୍ତାରିତ ହୋଇ-ଗଲା ।

ବୁଦ୍ଧଦେବଙ୍କ ଶିକ୍ଷାନୁସାରେ କର୍ମରୁ ସୁଖ-ଦୁଃଖ ପ୍ରାପ୍ତ ହୁଏ । ସେ କହନ୍ତି କି ପୂର୍ବ ଜନ୍ମରେ ଦୁଷ୍କର୍ମ କରିଥିଲେ ଏହି ଜନ୍ମରେ ଦୁଃଖ ଲାଭ ହୁଏ । ଯଦି ଆମ୍ଭେମାନେ ଏହି ସଂସାରରେ ସୁଖ ଭୋଗ କରୁଁ ତେବେ ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ କି ପୂର୍ବ ଜନ୍ମକୃତ ଶୁଭକାର୍ଯ୍ୟ ହେତୁରୁ ଏପରି ଫଳମାନ ଘଟିଅଛି । ମରଣାନ୍ତେ ଲୋକମାନେ ସେମାନଙ୍କର ସ୍ୱୀୟ ଅନୁଷ୍ଠିତ କାର୍ଯ୍ୟକଳାପର ଫଳସ୍ୱରୂପ ଭଲମନ୍ଦ ଜନ୍ମ ଲାଭ କରନ୍ତି । ସଦାଚାରୀ ମନୁଷ୍ୟର ପୂର୍ବ ଜନ୍ମର ଦୁଃଖରେ ନ ପଡ଼ିବା ଓ ମରଣାନ୍ତେ ପୁନର୍ଜନ୍ମ ନ ହେବା ବାଞ୍ଛନୀୟ ଅଟେ । ବୌଦ୍ଧ ପଣ୍ଡିତମାନେ, ମରଣାନ୍ତେ ପୁନର୍ଜନ୍ମ ନ ହେବାକୁ ପ୍ରଧାନ ନିର୍ବାଣ ଦଶା ସହିତରେ ତୁଳନା କରନ୍ତି । ଏତଦ୍ଭିନ୍ନ-

କର୍ଣ୍ଣରେ ସମୁଦ୍ର ସହିତ ନଦୀର ସମ୍ମିଳନ ଓ ତାହାର କାଳ ନାଶ ସହିତ ଏହାର ତୁଳନା କଲେ ବରଂ ଭଲ ହୁଏ । ଯେପରି ସମୁଦ୍ର ସହିତ ମିଳିତ ହେଲେ ନଦୀର ନାମ ନଷ୍ଟ ହୋଇଥାଏ, ସେହିପରି ଉତ୍ତମ ସଦାତ୍ମା ଲୋକମାନଙ୍କର ଆତ୍ମା ନିତ୍ୟ ପରମାତ୍ମାରେ ପ୍ରବେଶ କରେ ଓ ତହିଁର ଗମନାଗମନ ଲୋପପ୍ରାପ୍ତ ହୁଏ । ଏହାକୁ ନିର୍ବାଣ କହନ୍ତି । ଏହା ଲଭିବାକୁ ସମସ୍ତଙ୍କର ସର୍ବତୋଭାବରେ ଚେଷ୍ଟା କରିବାର ବିଧେୟ ।

ସମୁଦାୟ ଧର୍ମରୁ ବୌଦ୍ଧଧର୍ମ ଅଧିକ ଉପଦେଶଗର୍ଭ ଧର୍ମ ଅଟେ । ବୌଦ୍ଧ ଧର୍ମୋପଦେଶକମାନେ, ସେମାନଙ୍କୁ ଯେଉଁ ଯେଉଁ ଦେଶମାନ ଜଣାଥିଲା ସେହି ସେହି ଦେଶମାନଙ୍କରେ ଭ୍ରମଣ କରି ଶିକ୍ଷା ଦେଉଥିଲେ ; ମାତ୍ର ତୁଚ୍ଛତା ବା ବଳାତ୍କାର ପୂର୍ବକ ଧର୍ମ ପ୍ରଚାର କରିବାକୁ ପ୍ରବୃତ୍ତ ନ ଥିଲେ । ଏହା ସେମାନଙ୍କ ଧର୍ମର ଗୋଟିଏ ବଡ଼ ପ୍ରଶଂସାର କଥା । ଏହି ଧର୍ମରେ ପୂର୍ବୋକ୍ତ ଧର୍ମମାନଙ୍କ ପରି ଧର୍ମୋନ୍ମାଦ ବା ଚିତ୍ତଚାଞ୍ଚଲ୍ୟ ଦେଖାଯାଏ ନାହିଁ । ବୌଦ୍ଧମତର ଶିକ୍ଷାର୍ଥୀ, ଖ୍ରୀଷ୍ଟ ଧର୍ମର ପରି ସାମୟିକ ସଭା ସଂସ୍ଥାପିତ ହେଉଥିଲା । ତହିଁରେ ଉପଦେଶ ଗୁଡ଼ିକର ସମାଲୋଚନା କରାଯାଇ ସଦସ୍ୟଙ୍କ ଶିକ୍ଷାର ଉନ୍ନତି ପ୍ରତିପାଦିତ ହେଉଥିଲା । ଏପ୍ରକାର ସଭାରେ ଅବଧାରିତ ଓ ବିବେଚିତ ହୋଇ ବୌଦ୍ଧମତ ଗୁଡ଼ିକ ସର୍ବଦା ପବିତ୍ର ହୋଇ ରହିଲା । ତହିଁର ଗୋଟିଏ ମହାସଭା ବୁଦ୍ଧଦେବଙ୍କ ମୃତ୍ୟୁର ପାଞ୍ଚବର୍ଷ ପରେ ଖ୍ରୀଷ୍ଟ ଜନ୍ମର ୫୪୩ ବର୍ଷ ପୂର୍ବେ, ସଂସ୍ଥାପିତ ହୋଇଥିଲା ଓ ଅନ୍ୟଟି ୪୪୩ ବର୍ଷ ପୂର୍ବେ । ଉତ୍ତରପୃଷ୍ଠୀ ମଗଧ ବା ବିହାର ଦେଶର ସୁବିଖ୍ୟାତ ଓ ବୁଦ୍ଧିମାନ ଅଶୋକ-ରାଜା, ଖ୍ରୀଷ୍ଟ ଜନ୍ମର ୨୪୪ ବର୍ଷ ପୂର୍ବେ ସଂସ୍ଥାପନ କରିଥିଲେ । ଅଶୋକ ମହାରାଜା ବୌଦ୍ଧଧର୍ମର ଗୋଟିଏ ପ୍ରଧାନ ସ୍ତମ୍ଭ ଥିଲେ । ସେ ଉକ୍ତ ଧର୍ମର ଶିକ୍ଷା ଦେବା ନିମନ୍ତେ ଦୂରଦୂର ଦେଶକୁ ଉପଦେଶକ ପ୍ରେରଣ କରୁଥିଲେ । ଅଦ୍ୟପର୍ଯ୍ୟନ୍ତ ଅଶୋକ ମହାରାଜାଙ୍କର ଉପଦେଶ, ଏହି ପ୍ରଦେଶ ଓ ମଗଧ ଦେଶରେ, ସ୍ତମ୍ଭ ପର୍ବତ ଓ ପ୍ରସ୍ତରମାନଙ୍କରେ ଖୋଦିତ ହୋଇ

ସ୍ୱୀକାର ପ୍ରାପ୍ତ ହୁଏ । ଏପରି କଥିତ ଅଛି କି ଅଶୋକ ମହାରାଜା ୮୪୦୦୦ ବୌଦ୍ଧଧର୍ମର ସ୍ତୂପମାନଙ୍କୁ ସ୍ଥାପନ କରୁଥିଲେ । ଏହି କାରଣରୁ ମଗଧ-ଦେଶର ନାମ ବିହାର ହେଲା ; ଏହାର ଅର୍ଥ ମଠର ଦେଶ ଅଟେ । ଉତ୍ତର ପଶ୍ଚିମ ହିନ୍ଦୁସ୍ଥାନରେ ସନ ୪୦ ଖ୍ରୀଷ୍ଟାବ୍ଦରେ ସିଦ୍ଧିଆ ଜାତିର ରାଜା କନିଷ୍କ, ଚତୁର୍ଥ ଓ ଶେଷ ସମିତି ସଂସ୍ଥାପନ କରିଥିଲେ । ସେ ସେମାନଙ୍କର ଧର୍ମପୁସ୍ତକ ସଂଶୋଧନ କରାଇଲେ । ଏହି ଧର୍ମଗ୍ରନ୍ଥ ଗୁଡ଼ିକ ଉତ୍ତର ତୁର୍କିସ୍ଥାନ ଓ ଚୀନ ଦେଶରେ ଏପର୍ଯ୍ୟନ୍ତ ପ୍ରଚଳିତ ଅଛି । ଏପରି କଥିତ ଅଛି କି ବ୍ରାହ୍ମଣମାନଙ୍କ ଧର୍ମର ପ୍ରାଧାନ୍ୟ ହେତୁରୁ ବୌଦ୍ଧଧର୍ମ ହିନ୍ଦୁସ୍ଥାନରେ ଚଳି ପାରିଲା ନାହିଁ ; ମାତ୍ର ବୌଦ୍ଧମତ ବ୍ରାହ୍ମଣଧର୍ମରେ ବଡ଼ ବଦଳା ଘଟାଇ-ଥିଲା । ଏଣୁ ବ୍ରାହ୍ମଣମାନଙ୍କୁ ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କର ନବମ ଅବତାର ବୋଲି ବିଶ୍ୱାସ କରିବାକୁ ପଡ଼ିଲା । ହିନ୍ଦୁସ୍ଥାନରେ ଏପର୍ଯ୍ୟନ୍ତ ଏପରି ଗୋଟିଏ ସମ୍ପ୍ରଦାୟ ବର୍ତ୍ତମାନ ଅଛି କି ଯହିଁରେ ଏହି ଦୁଇ ଧର୍ମର ଅନେକ ସାର କଥା ଦେଖାଯାଏ । ଏହି ସମ୍ପ୍ରଦାୟ ଜୈନନାମରେ ଅଭିହିତ । ବୌଦ୍ଧମତାବଲମ୍ବୀମାନଙ୍କ ପରି ସେମାନଙ୍କର ମଧ୍ୟ ବିଶ୍ୱାସ ଅଛି କି ମୋକ୍ଷ କର୍ମର ଅଧୀନ ଅଟେ ଓ ସେମାନେ ବୌଦ୍ଧମାନଙ୍କ ପରି ଜୀବମାନଙ୍କୁ କ୍ଲେଶ ଦେବା ଅଧର୍ମ ବୋଲି ଜ୍ଞାନ କରନ୍ତି । ସେମାନେ ଜୀବମାନଙ୍କ ହିତାର୍ଥେ ଔଷଧାଳୟ ସଂସ୍ଥାପନ କରିଥିଲେ ଏବଂ ତହିଁ ସବୁ ପଶ୍ଚିମାଞ୍ଚଳରେ ଅଦ୍ୟାବଧି ଦେଖାଯାଏ । ଜୀବମାନଙ୍କ ପ୍ରତି ଦୟା, ଏବଂ ଯେଉଁ ବ୍ରାହ୍ମଣ-ପ୍ରଭୃତି ହିନ୍ଦୁମାନେ ମୂକ ଜନ୍ତୁମାନଙ୍କ ଉପରେ ନିର୍ଦ୍ଦୟତା ପ୍ରକାଶ କରିବାର ଉଦାହରଣ ସ୍ଥଳ ହୋଇଅଛନ୍ତି ସେହି ହିନ୍ଦୁମାନଙ୍କର କାର୍ଯ୍ୟର ପ୍ରତିବାଦ ଅଥବା ସେମାନଙ୍କ ଧର୍ମର ପ୍ରଶଂସାର ବିଷୟ ଅଟେ ।